# ଆଲୋଚନା ପ୍ରସଙ୍ଗ

## ପ୍ରଥମ ଖଣ୍ଡ

ସତ୍‌ସଙ୍ଗ ପବ୍‌ଲିଶିଂ ହାଉସ

# ଆଲୋଚନା-ପ୍ରସଙ୍ଗ

ପ୍ରଥମ ଖଣ୍ଡ

ସଙ୍କଳୟିତା :—**ଶ୍ରୀ ପ୍ରଫୁଲ୍ଲ କୁମାର ଦାସ,** ଏମ୍.ଏ.

ଅନୁବାଦକ—**ଶ୍ରୀ ଯତୀନ୍ଦ୍ର ନାଥ ମହାନ୍ତି,** ଏମ୍.ଏ.

ପ୍ରକାଶକ :
ଡ: ଅନିନ୍ଦ୍ୟଦ୍ୟୁତି ଚକ୍ରବର୍ତ୍ତୀ
ସତ୍‌ସଙ୍ଗ ପବ୍‌ଲିଶିଂ ହାଉସ୍
ପୋ : ସତ୍‌ସଙ୍ଗ, ଦେଓଘର,
ଝାଡ଼ଖଣ୍ଡ

© ପ୍ରକାଶକଙ୍କ କର୍ତ୍ତୃକ ସର୍ବସ୍ୱତ୍ୱ ସଂରକ୍ଷିତ

ପ୍ରଥମ ପ୍ରକାଶ : ମାର୍ଚ୍ଚ ପହିଲା, ୧୯୮୦
ଚତୁର୍ଥ ପ୍ରକାଶ : ମାର୍ଚ୍ଚ, ୨୦୧୭

ମୁଦ୍ରାକର :
ନବପ୍ରେସ ପ୍ରାଇଭେଟ ଲିମିଟେଡ୍
୬୬ ଗ୍ରେ ଷ୍ଟ୍ରିଟ୍, କୋଲକାତା-୭୦୦ ୦୦୬

ମୂଲ୍ୟ – ଷାଠିଏ ଟଙ୍କା ମାତ୍ର

Alochana-Prasanga, Part-I
Conversation with Sree Sree Thakur Anukulchandra,
4th Edition, March 2017

Price : ₹ 60.00

# ପ୍ରଥମ ସଂସ୍କରଣର ଭୂମିକା

୧୯୩୯ ମସିହା ମେ' ମାସ ୭ ତାରିଖ ଦିନ ଆଶ୍ରମରେ ଆସି ସ୍ଥାୟୀଭାବରେ ଯୋଗଦାନ କଲି। ପୂଜ୍ୟପାଦ କେଷ୍ଟଦାଙ୍କ ପାଖରେ ରହି ତାଙ୍କ ନିର୍ଦ୍ଦେଶାନୁଯାୟୀ କାମ କରିବାକୁ ଶ୍ରୀଶ୍ରୀଠାକୁର ମୋତେ କହିଲେ। ଏଥିପାଇଁ ନାନା କାମରେ ବ୍ୟସ୍ତ ରହିବାକୁ ହେଉଥିଲା। ମଝିରେ ମଝିରେ ଯେତେବେଳେ ଅବକାଶ ପାଉଥିଲି ଶ୍ରୀଶ୍ରୀଠାକୁରଙ୍କ ପାଖରେ ଯାଇ ବସୁଥିଲି। ଆର୍ତ୍ତ, ଜିଜ୍ଞାସୁ, ଅର୍ଥାର୍ଥୀ ଓ ଜ୍ଞାନୀଙ୍କର ଗହଳି ସେଠାରେ ଲାଗି ରହିଥାଏ। ଶ୍ରୀଶ୍ରୀଠାକୁର ତାଙ୍କର ଧାରଣ-ପାଳନ-ପୋଷଣର ଉଦଗ୍ର ସମ୍ବେଗ ସହକାରେ ଅତନ୍ଦ୍ରଭାବରେ, ପ୍ରତ୍ୟେକଟି ମଣିଷକୁ ତା'ର ବୈଶିଷ୍ଟ୍ୟାନୁଯାୟୀ, ବାକ୍ୟ, ବ୍ୟବହାର, ଆଳାପ, ଆଲୋଚନା, ସେବା, ସାହଚର୍ଯ୍ୟ, ପ୍ରେରଣା, ପ୍ରୋତ୍ସାହନ, ଦାନ, ଦାକ୍ଷିଣ୍ୟ ଦ୍ୱାରା ପ୍ରତ୍ୟେକର ଅନ୍ତର୍ନିହିତ ଦେବତ୍ୱକୁ ଉଦ୍‌ବୋଧନ ପୂର୍ବକ ନିତ୍ୟ ପରିପୂରଣ କରି ଚାଲିଛନ୍ତି। ଏହି ନିତ୍ୟ ଶ୍ରୀଲୀଳା ଏକ ପରମ ଉପଭୋଗ୍ୟ ଘଟଣା। ମୁଁ ମଧ୍ୟ ମୋପରି ଉପଭୋଗ କରୁଥିଲି। ସବୁ ଜିନିଷର ତାତ୍ପର୍ଯ୍ୟ କ'ଣ ବୁଝୁଥିଲି ? ତେବେ ନିଶାପରି ଲାଗୁଥିଲା, ତେଣୁ ବାରମ୍ବାର ତାଙ୍କ ପାଖକୁ ଛୁଟି ଯାଉଥିଲି। ତନୁ ମନ ପ୍ରାଣ ପବିତ୍ର ଓ ପରିପୁଷ୍ଟ ହୋଇ ଉଠୁଥିଲା। ଏହିପରି ଭାବରେ ଦିନ କଟୁଥିଲା। ଏହି ସମୟରେ ଦିନେ ପୂଜ୍ୟପାଦ କେଷ୍ଟଦା କହିଲେ, 'ପ୍ରଫୁଲ୍ଲ! ଶ୍ରୀଶ୍ରୀଠାକୁରଙ୍କର ପାଖକୁ ଯାଇଁ ପ୍ରତିଦିନ ଯାହା ଦେଖୁଛ, ଶୁଣୁଛ—ଲେଖି ରଖ, ପରେ ଏହା ବିଶେଷ କାମରେ ଲାଗିବ।' ସେଇଦିନୁ ଗତ୍ୱିଗାଚାର୍ଯ୍ୟଙ୍କ ସେ ନିର୍ଦ୍ଦେଶ ଯଥାସମ୍ଭବ ପାଳନ କରିବାକୁ ଚେଷ୍ଟା କରିଛି। ଏହାଦ୍ୱାରା ଉପକୃତ ହୋଇଛି ମୁଁ ନିଜେ।

ସଂଗୃହୀତ ଆଳାପ-ଆଲୋଚନାର କିୟଦଂଶ ଏହି ପୁସ୍ତକରେ କ୍ରମାଗତ ଭାବରେ ପ୍ରକାଶିତ ହୋଇଛି। ଏଗୁଡ଼ିକ ସବୁ ସତ୍‌ସଙ୍ଗର ମୁଖପତ୍ର 'ଆଲୋଚନା' ପତ୍ରିକାରେ ବିଭିନ୍ନ ସମୟରେ ପ୍ରକାଶିତ ହୋଇଛି। ପ୍ରକାଶିତ ହେବା ପୂର୍ବରୁ ସେଗୁଡ଼ିକ ସାଧାରଣତଃ ଶ୍ରୀଶ୍ରୀଠାକୁରଙ୍କ ପାଖରେ ପଢ଼ି ଶୁଣା ହୋଇଛି ଏବଂ ତାଙ୍କର ନିର୍ଦ୍ଦେଶାନୁଯାୟୀ ଆବଶ୍ୟକୀୟ ପରିବର୍ତ୍ତନ, ପରିବର୍ଦ୍ଧନ ଓ ପୁନର୍ବିନ୍ୟାସ କରାଯାଇଛି। କହିବା ବାହୁଲ୍ୟ ଯେ ପ୍ରଥମେ ପ୍ରଥମେ ସବୁକଥା ଅବିକଳ ଟିପି ପାରିନାହିଁ। ପୁଣି ଏଇସବୁ ଆଳାପ-ଆଲୋଚନା ମଧ୍ୟରୁ ଅନେକ ଜିନିଷ ଏକାନ୍ତ ବ୍ୟକ୍ତିଗତ ହୋଇଥିବାରୁ ସେଗୁଡ଼ିକୁ ବାଦ୍ ଦିଆଯାଇଛି। ପୃଷ୍ଠ ଭୂମିକା ଅନେକ କ୍ଷେତ୍ରରେ ସୁସ୍ପଷ୍ଟ କରିବା ସମ୍ଭବ ହୋଇନାହିଁ, କାରଣ ବ୍ୟକ୍ତି ବିଶେଷଙ୍କ ସମସ୍ୟା ଓ ପ୍ରୟୋଜନକୁ ଅନୁଧାବନ କରି ସେ ନିଜେ ନିଜଆଡୁ ଅନେକ ସମୟରେ ଅନେକ ସମସ୍ୟାର

ସମାଧାନ ଦେଇ ଥା'ନ୍ତି । କଥାବାର୍ତ୍ତା ମଝିରେ ଶ୍ରୀଶ୍ରୀଠାକୁରଙ୍କ ସାନ୍ନିଧ୍ୟରେ ଆଗନ୍ତୁକଙ୍କ ବହୁ ବିଷୟ ଓ ଘଟଣାର ଅବତାରଣା ହୋଇଛି, ସେ ସମସ୍ତ ଅନେକକିଛି ଲିପିବଦ୍ଧ କରାଯାଇନାହିଁ । ସ୍ଥାନ, କାଳ, ପରିବେଶ ପରିପ୍ରେକ୍ଷିରେ ତତ୍କାଳୀନ ବାସ୍ତବ ଚିତ୍ର ଆଙ୍କିବାରେ ମୁଁ ସମର୍ଥ ହୋଇପାରି ନାହିଁ । ତା ଛଡ଼ା ଶ୍ରୀଶ୍ରୀଠାକୁରଙ୍କର ଅନବଦ୍ୟ, ସୁନ୍ଦର ଲୀଳାୟିତ ଆକାର ଇଙ୍ଗିତ, ଭାବଭଙ୍ଗୀ, ଚାହାଣି, ଚଳନ, ଢଙ୍ଗ-ରଙ୍ଗ, ଭାବ-ବ୍ୟଞ୍ଜନା ଇତ୍ୟାଦି ପ୍ରତିମୁହୂର୍ତ୍ତରେ ମଣିଷର ଜୀବନ ଓ ଚେତନାରେ ଯେ କି ଅଘଟନ ଘଟାଏ, ଗୂଢ଼ ପରିବର୍ତ୍ତନ ଆଣେ, କି ଅମୋଘ ପ୍ରଭାବ ବିସ୍ତାର କରେ, ତା'ର ମଧ୍ୟ ଜୀବନ୍ତ ଅଭିବ୍ୟକ୍ତି ଦେବାପାଇଁ ମୁଁ ଅସମର୍ଥ ହୋଇଛି । ଏପରି କି ତାଙ୍କର ଦିବ୍ୟସ୍ପର୍ଶର ଆଭାସ ପର୍ଯ୍ୟନ୍ତ ମୁଁ ଦେଇ ପାରିନାହିଁ । କେବଳ କେତେକ କଥା ଚୟନ କରି ରଖିଛି ମାତ୍ର । ଏଥିରୁ ତାଙ୍କର ସଙ୍ଗ-ସୁଖର ସ୍ୱାଦ ମିଳିବ ନାହିଁ ତଥାପି ଏଗୁଡ଼ିକ ତାଙ୍କରି କଥା ଏବଂ ବାସ୍ତବ ବହୁବିଧ ସମସ୍ୟାର ସମାଧାନରେ ସମୁଜ୍ଜ୍ୱଳ । କଥାସବୁ ତାଙ୍କରି ଶ୍ରୀମୁଖରୁ ଯେଉଁମାନେ ଶୁଣିଛନ୍ତି, ସେମାନେ ଭାଗ୍ୟବାନ୍ କିନ୍ତୁ ପୁସ୍ତକ ମାଧ୍ୟମରେ ଯେଉଁମାନେ ପାଇବେ, ସେମାନେ ମଧ୍ୟ ଯାତ୍ରା ପଥରେ ଅଭିନବ ଅମୃତ ସଙ୍କେତ ଲାଭ କରି ଧନ୍ୟ ହୋଇ ଉଠିବେ, ସେ ବିଷୟରେ କୌଣସି ସନ୍ଦେହ ନାହିଁ ।

ତାଙ୍କର ପ୍ରତ୍ୟେକଟି କଥା ହେଲା ଅଭିଜ୍ଞତାର କଥା ଓ କରିବାର କଥା । ଆମେ ଯଦି ତାଙ୍କର ନିର୍ଦ୍ଦେଶାନୁଯାୟୀ ସେଗୁଡ଼ିକୁ ବାସ୍ତବ ଭାବରେ ପାଳନ କରି ଆନନ୍ଦରେ ସମୁଜ୍ଜ୍ୱଳ ହୋଇ ଉଠିପାରୁ, ତେବେ ଏହି ଦୀନ'ର ଏଇ ପ୍ରଚେଷ୍ଟା ସାର୍ଥକ ହେବ । ଇତି—

ସତ୍‌ସଙ୍ଗ, ଦେଓଘର
ଫାଲଗୁନ ୧୦, ୧୩୭୪

ଶ୍ରୀ ପ୍ରଫୁଲ୍ଲ କୁମାର ଦାସ

# ନିବେଦନ

ସତ୍‌ସଙ୍ଗ ପବ୍ଲିଶିଂ ହାଉସ (ଦେଓଘର) କର୍ତ୍ତୃକ ପ୍ରକାଶିତ ଯୁଗ ପୁରୁଷୋତ୍ତମ ପରମପ୍ରେମମୟ ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ରଙ୍କର ଶ୍ରୀମୁଖ ନିଃସୃତ ବାଣୀ ଓ ଆଲୋଚନାଗ୍ରନ୍ଥ ଗୁଡ଼ିକ ମୁଖ୍ୟତଃ ବଙ୍ଗଳା ଭାଷାରେହିଁ ସଂକଳିତ । ଏଗୁଡ଼ିକର ବ୍ୟାପକ ପ୍ରଚାର ଓ ପ୍ରସାରକଳ୍ପେ ବିଭିନ୍ନ ଆଞ୍ଚଳିକ ଭାରତୀୟ ଭାଷା ତଥା ଇଂରାଜୀ ଭାଷାରେ ଅନୁବାଦ କରାଇବା ସତ୍‌ସଙ୍ଗର ପ୍ରଧାନ ଆଚାର୍ଯ୍ୟ ପୂଜ୍ୟପାଦ ବଡ଼ଦାଙ୍କର ଏକ ଦୀର୍ଘ-ପୋଷିତ ଶୁଭ ଅଭିଳାଷ । ସତ୍‌ସଙ୍ଗ ଆଶ୍ରମ (ଦେଓଘର)ରେ ରହୁଥିବା ବିଭିନ୍ନ ରାଜ୍ୟର ଉତ୍ସର୍ଗୀକୃତ କର୍ମୀଙ୍କ ଦ୍ୱାରା ସେ ଏହା କରାଇବା ପାଇଁ ଚାହାନ୍ତି । କାରଣ ପରମପୁରୁଷଙ୍କ ପ୍ରଦତ୍ତ ମହାନ ସାରସ୍ୱତ-ସମ୍ଭାରର ଚର୍ଚ୍ଚା ଓ ଆଲୋଚନା ପାଇଁ ତାଙ୍କରି ପୁଣ୍ୟ ଲୀଳାକ୍ଷେତ୍ରହିଁ ନାନାଦିଗରୁ ଅନୁକୂଳ ଏବଂ ପୂଜ୍ୟପାଦ ପ୍ରଧାନ ଆଚାର୍ଯ୍ୟଦେବ ଓ ସତ୍‌ସଙ୍ଗର ଆଡ଼ମିନିଷ୍ଟ୍ରେଟର ପୂଜନୀୟ ଅଶୋକଦାଙ୍କର ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ପ୍ରୟୋଜନୀୟ ଉପଦେଶ ମଧ୍ୟ ଏଠାରେ ଅପେକ୍ଷାକୃତ ସୁଲଭ ।

ମୁଁ ଆନୁଷ୍ଠାନିକ ଭାବରେ କେନ୍ଦ୍ରୀୟକର୍ମୀ ନହେଲେ ମଧ୍ୟ ପୂଜ୍ୟପାଦ ବଡ଼ଦା ଦୟାପରବଶ ହୋଇ ମୋତେ 'ଆଲୋଚନା-ପ୍ରସଙ୍ଗେ' ଗ୍ରନ୍ଥ ଓଡ଼ିଆନୁବାଦ କରିବା ପାଇଁ ବିଶେଷ ନିର୍ଦ୍ଦେଶ ଦେଇଥିଲେ । ବିନୟର ସହିତ ଉଲ୍ଲେଖ କରିବାକୁ ଚାହେଁ ଯେ ମୁଁ ସାହିତ୍ୟିକ, ଲେଖକ ବା ଅନୁବାଦକ ପଦବାଚ୍ୟ ନୁହେଁ । ଅନୁବାଦ ସାହିତ୍ୟରେ ମଧ୍ୟ ମୌଳିକତା, ସୃଜନଶୀଳତା ଓ ପ୍ରକାଶଭଙ୍ଗୀର କଳାତ୍ମକତା ଅନସ୍ୱୀକାର୍ଯ୍ୟ । ଅନୁବାଦକ-ସୁଲଭ ଏହିସବୁ ସୂକ୍ଷ୍ମ ଗୁଣସକଳ ମୋଭଳି ଜଣେ ତଥାକଥିତ ଅନୁବାଦକର ଆଦୌ ନାହିଁ । ବିଶ୍ୱର ଏକ ସର୍ବଶ୍ରେଷ୍ଠ ମୌଳିକ ତଥା ସୃଜନଶୀଳ ସାହିତ୍ୟ ଅନୁବାଦ କରିବା ମୋ ପକ୍ଷେ କେବଳ ଧୃଷ୍ଟତା ବୋଲି କୁହାଯାଇ ପାରେ । ବିଶେଷତଃ ଯୁଗ-ପୁରୁଷୋତ୍ତମଙ୍କର ସାହିତ୍ୟକୁ ଅନୁବାଦ କରିବା ପାଇଁ ଯେଉଁ କଠୋର ତପଶ୍ଚର୍ଯ୍ୟା ଓ ସୂକ୍ଷ୍ମ ଅନ୍ତର୍ଦୃଷ୍ଟି ଆବଶ୍ୟକ ତାହା ମୋପରି ଜଣେ ତଥାକଥିତ ଅନୁବାଦକର ଆଦୌ ନାହିଁ । କାରଣ ଏହି ମହତ୍ ଗ୍ରନ୍ଥାନୁବାଦ କାଳରେ ବଙ୍ଗଳା ଓ ଓଡ଼ିଆ ଭାଷାରେ ମୋର ଜ୍ଞାନର ଅପରିପକ୍ୱତାର ସୁସ୍ପଷ୍ଟ ପରିଚୟ ମୁଁ ପାଇ ପାରିଛି । ଅଯୋଗ୍ୟକୁ ଯୋଗ୍ୟ କରିବା ଓ ଯୋଗ୍ୟକୁ ସୁଯୋଗ୍ୟ କରିବାର ପରମ୍ପରା ଶ୍ରୀଶ୍ରୀଠାକୁରଙ୍କ ପରି ପୂଜ୍ୟପାଦ ବଡ଼ଦା ମଧ୍ୟ ଅବ୍ୟାହତ ରଖିଛନ୍ତି । ତେଣୁ ସେହି ପରମକାରୁଣିକ ପରମପିତାଙ୍କ ଦୟା ଓ ପୂଜ୍ୟପାଦ ପ୍ରଧାନ ଆଚାର୍ଯ୍ୟଦେବଙ୍କ ଉର୍ଜ୍ଜୀ ପ୍ରେରଣା ପ୍ରୋତ୍ସାହନରେ ଏହି ସେବକ ଏତାଦୃଶ ମହତ୍‌କାର୍ଯ୍ୟ ସମ୍ପାଦନ କରିବାକୁ ଦୁଃସାହସ କରିଛି ।

ଏହି ଗ୍ରନ୍ଥାନୁବାଦ କାଳରେ ପରମପ୍ରେମମୟ ଶ୍ରୀଶ୍ରୀଠାକୁରଙ୍କର ମାତୃଭୂମି ପାବନାରେ ପ୍ରଚଳିତ କେତେକ ଗ୍ରାମ୍ୟ ପ୍ରବଚନ ଓ କଥିତ କେତେକ ଦେଶଜ ଶବ୍ଦର ଅର୍ଥ ମୁଁ ଶ୍ରଦ୍ଧେୟ ଶ୍ରୀ ଅସିତ ବରଣ ହାଲଦାର ଓ ଗ୍ରନ୍ଥର ମୂଳ ସଂକଳୟିତା ମାନନୀୟ ଶ୍ରୀ ପ୍ରଫୁଲ୍ଲ କୁମାର

ଦାସଙ୍କଠାରୁ ବୁଝି ଓଡ଼ିଆନୁବାଦ କରିଛି। ସେମାନଙ୍କର ଏହି ସହାୟତା ପାଇଁ ମୁଁ କୃତଜ୍ଞ। ସହକର୍ମୀ ତଥା ସତୀର୍ଥ ଶ୍ରୀ ବିନାୟକ ମହାପାତ୍ର (ଡାକ୍ତର) ଅନୁଦିତ ପାଣ୍ଡୁଲିପିଟି ଆମୂଳଚୂଳ ପାଠ କରି ପ୍ରୟୋଜନୀୟ ପରାମର୍ଶ ଦେଇଛନ୍ତି। ଅନୁଜପ୍ରତିମ ଶ୍ରୀମାନ ଅକ୍ଷୟ କୁମାର ମିଶ୍ର ବହୁ ଆୟାସ ସ୍ୱୀକାର କରି ଏହାର ପ୍ରୁଫ ସଂଶୋଧନ କରିବା ସଙ୍ଗେ ସଙ୍ଗେ ବିଷୟ-ସୂଚୀ ମଧ୍ୟ ପ୍ରଣୟନ କରି ଦେଇଛନ୍ତି। ଶ୍ରୀମାନ କୈଳାଶ ଚନ୍ଦ୍ର ତ୍ରିପାଠୀ ଏହାର ମୁଦ୍ରଣ କାର୍ଯ୍ୟ ତତ୍ପରତାର ସହିତ ସମ୍ପାଦନ କରିଛନ୍ତି। ସେମାନଙ୍କର ସର୍ବାଙ୍ଗୀନ କଲ୍ୟାଣ ପାଇଁ ମୁଁ ପରମପିତାଙ୍କ ଶ୍ରୀଚରଣରେ ଏକାନ୍ତ ପ୍ରାର୍ଥନା କରୁଅଛି।

ଏଠାରେ ଆହୁରି ମଧ୍ୟ ଉଲ୍ଲେଖଯୋଗ୍ୟ ଯେ ପାବନା ଅଞ୍ଚଳର କେତେକ ବୃକ୍ଷଲତା, ପଶୁପକ୍ଷୀ, ଫଳ-ମୂଳ ଓ ବ୍ୟବହୃତ ଦ୍ରବ୍ୟାଦି ସମ୍ପର୍କରେ ମୋର ପ୍ରତ୍ୟକ୍ଷ ଅଭିଜ୍ଞତା ନଥିବାରୁ ଏବଂ ସେଗୁଡ଼ିକୁ ଓଡ଼ିଆରେ କ'ଣ କୁହାଯାଏ ଜଣା ନ ଥିବାରୁ, ବିହିତ ଓଡ଼ିଆ ପ୍ରତିଶବ୍ଦ ନ ପାଇଁ ସ୍ଥଳବିଶେଷରେ ଆନୁମାନିକତାର ଆଶ୍ରୟ ନେଇଛି ଏବଂ କେତେକ ସ୍ଥଳରେ ମୂଳ ଶବ୍ଦକୁ ଅବିକଳ ରଖି ଦେଇଛି। ଏଇ ଅନୁବାଦ ଗ୍ରନ୍ଥରେ ଅନୁବାଦଗତ, ଭାଷାଗତ ଓ ମୁଦ୍ରଣଗତ ଯାହା ପ୍ରମାଦ ରହିଛି ତାହା ଯୁଗପତ୍ ମୋର ଅଜ୍ଞତାପ୍ରସୂତ ଓ ଅନିଚ୍ଛାକୃତ। ସୁଧୀ ପାଠକବର୍ଗ ଦୟାପୂର୍ବକ ଏଗୁଡ଼ିକୁ ଦର୍ଶାଇଲେ ମୁଁ ଅନୁଗୃହୀତ ହେବା ସଙ୍ଗେ ସଙ୍ଗେ ପରବର୍ତ୍ତୀ ସଂସ୍କରଣରେ ସେଗୁଡ଼ିକୁ ପରିସଂସ୍କୃତ କରିବା ପାଇଁ ପ୍ରୟାସୀ ହେବି।

ପରିଶେଷରେ ଏହାର ପ୍ରକାଶକ ପୂଜ୍ୟପାଦ ପ୍ରଧାନ-ଆଚାର୍ଯ୍ୟଦେବ ଶ୍ରୀଶ୍ରୀବଡ଼ଦାଙ୍କର ଶ୍ରୀଚରଣ କମଳରେ ମୋର ଶତକୋଟି ପ୍ରଣାମ। ଇତି—

ସତ୍‌ସଙ୍ଗ, ଦେଓଘର
ଦୋଳପୂର୍ଣ୍ଣିମା, ଫାଲ୍‌ଗୁନ, ୧୭, ୧୩୮୬

ଶ୍ରୀ ଯତୀନ୍ଦ୍ର ନାଥ ମହାନ୍ତି
ଅନୁବାଦକ

# ପ୍ରକାଶକଙ୍କ ନିବେଦନ

'ଆଲୋଚନା-ପ୍ରସଙ୍ଗ' ପ୍ରଥମ ଖଣ୍ଡର ତୃତୀୟ ସଂସ୍କରଣ ପ୍ରକାଶିତ ହେଲା। ଏହା ଅଫ୍‌ସେଟ୍ ପ୍ରେସ୍‌ରେ ମୁଦ୍ରିତ ହୋଇଛି। ଅଧିକ ସୁଖ-ପାଠ୍ୟ ହେବ ବୋଲି ଆମେ ଆଶାକରୁ। ପ୍ରଥମ ସଂସ୍କରଣର ଓଡ଼ିଆ ଅନୁବାଦକ ଶ୍ରୀ ଯତୀନ୍ଦ୍ର ନାଥ ମହାନ୍ତି, ଏହି ସଂସ୍କରଣରେ ପ୍ରୟୋଜନୀୟ ସଂଶୋଧନାଦି କରି ଦେଇଛନ୍ତି। ଓଡ଼ିଶାରେ ସତ୍‌ସଙ୍ଗର ଭାବାଦର୍ଶ ବ୍ୟାପକ ଭାବରେ ପ୍ରସାର ଲାଭ କରୁଛି। 'ଆଲୋଚନା-ପ୍ରସଙ୍ଗ'ର ଏକାଧିକ ସଂସ୍କରଣ ପ୍ରକାଶିତ ହେବା ଏକ ଶୁଭସୂଚନା। ଆମେ ଆଶାକରୁଛୁ ଯେ ପୂର୍ବ ସଂସ୍କରଣପରି ଏହି ସଂସ୍କରଣ ମଧ୍ୟ ବିପୁଳ ଜନାଦୃତ ହେବ। ଏହି ସଂସ୍କରଣରେ ଯଦି ମୁଦ୍ରଣଗତ ଓ ଅନ୍ୟାନ୍ୟ ତ୍ରୁଟି ପରିଲକ୍ଷିତ ହୁଏ, ତେବେ ସହୃଦୟ ପାଠକଗଣଙ୍କୁ ଆମର ଦୃଷ୍ଟି ଆକର୍ଷଣ କରିବା ପାଇଁ ନିବେଦନ। ପରବର୍ତ୍ତୀ ସଂସ୍କରଣରେ ସେଗୁଡ଼ିକ ପ୍ରତି ଯଥୋଚିତ ଦୃଷ୍ଟି ଦିଆଯିବ। ତାଙ୍କରି ଇଚ୍ଛାହିଁ ପୂର୍ଣ୍ଣ ହେଉ। 'ବନ୍ଦେ ପୁରୁଷୋତ୍ତମମ୍'।

ସତ୍‌ସଙ୍ଗ, ଦେଓଘର
ତା ୧୫/୪/୧୯୯୪

# ଚତୁର୍ଥ ସଂସ୍କରଣର ଭୂମିକା

ଆଲୋଚନା - ପ୍ରସଙ୍ଗ ପ୍ରଥମ ଖଣ୍ଡର ଚତୁର୍ଥ ସଂସ୍କରଣ ପ୍ରକାଶିତ ହେଲା। ଅସ୍ତି-ବୃଦ୍ଧିକାମୀ ସମସ୍ତ ମନୁଷ୍ୟଙ୍କ ନିକଟରେ ଏଇ ଗ୍ରନ୍ଥ ପୂର୍ବଭଳି ଅମୂଲ୍ୟ ପାଥେୟ ହୋଇଉଠୁ – ଏହା ଆମର ପ୍ରାର୍ଥନା। ବନ୍ଦେପୁରୁଷୋତ୍ତମମ୍।

ଡ: ଅନିନ୍ଦ୍ୟଦ୍ୟୁତି ଚକ୍ରବର୍ତ୍ତୀ

ସତ୍‌ସଙ୍ଗ, ଦେଓଘର
ମାର୍ଚ୍ଚ, ୨୦୧୭

# ବିଷୟ-ସୂଚୀ

ଅଦ୍ରୋହୀ ବ୍ୟକ୍ତି ୫୨, ଅଧିକ ଭୋଜନର ଫଳ ୬୭, ଅନୁଭୂତିର ଚରମରେ ଇଷ୍ଟମୂର୍ତ୍ତି ୧୭୮, ଅନୁଲୋମ ବିବାହ ୩୭, ୭୫, ୭୮, ଅବତାର ୧୮୬, ଅଭିମାନ ୧୨୬, ଅର୍ଥନୈତିକ ସମାଧାନ ୧୯୭, ଅଶୌଚ ପାଳନ ୩୧, ଅଶ୍ୱମେଧ ଯଜ୍ଞ ୩।

ଆତ୍ମକେନ୍ଦ୍ରିକତା ୧୫୫, ଆତ୍ମାର ଜନ୍ମଗ୍ରହଣ ୧୬୦, ଆତ୍ମାର ବିବର୍ତ୍ତନ ଓ ଅଧୋଗତି ୧୫୧, ଆଦର୍ଶନିଷ୍ଠ ଚରିତ୍ର ୧୭, ଆର୍ଯ୍ୟସଭ୍ୟତା ୨, ୩୬, ୧୯୨, ଆଶ୍ରମକର୍ମୀରେ ପ୍ରୟୋଜନୀୟ ମଣିଷ ୪, ୨୭, ୬୦, ୧୯୪।

ଇଷ୍ଟପ୍ରତି ଆକର୍ଷଣ ଓ ଜଡ଼ତ୍ୱର କ୍ରିୟା ୧୧୭, ୧୨୩, ୧୫୦, ୧୫୫, ୧୮୦, ୧୮୭, ୨୦୧, ଇଷ୍ଟ ଥିବା ଓ ନଥିବାର ଫଳ ୧୪୧, ୧୯୦, ଇଷ୍ଟପ୍ରାଣତା ୩୫, ୪୧, ୫୪, ୯୫, ୧୧୨, ୧୧୫, ୨୧୦, ଇଷ୍ଟପ୍ରାଣା ନାରୀ ୪୪, ଇଷ୍ଟବିହୀନ କୃତିତ୍ୱ ୧୯୧, ଇଷ୍ଟଭୃତି ୪୦, ୮୪, ୧୨୦, ଇଷ୍ଟଭୃତି ପାଳନର ଫଳ ୪୯, ୬୫, ୧୮୦, ୧୮୩, ଇଷ୍ଟସ୍ୱାର୍ଥ ଓ ଇଷ୍ଟପ୍ରତିଷ୍ଠା ୨୬, ୧୮୧, ଇଷ୍ଟାର୍ଥେ ଭିକ୍ଷା ୪୨, ୧୨୨।

ଈଶ୍ୱରଙ୍କ ସ୍ୱରୂପ (ପାତଞ୍ଜଳ) ୯୪।

ଉଦ୍‌ମୁଖୀନତା ୧୧୫, ଉପନୟନ ୩୨।

ଋଣ କରିବା ପ୍ରସଙ୍ଗରେ ୯, ଋତ୍ୱିକ୍‌ମାନଙ୍କର ଦୈବୀଚଳନ ୪୬, ୧୫୯, ଋତ୍ୱିକର ପୋଷାକ ୧୪।

ଐତିହ୍ୟର ଗୁରୁତ୍ୱ ୫୯।

କର୍ମକ୍ଷେତ୍ରରେ ଉନ୍ନତି ୧୦୦, କର୍ମଫଳ ୬୫, କର୍ମବିହୀନ ନାମଧ୍ୟାନ କରିବାର ଫଳ ୧୧୬, କର୍ମହୀନ ସହିତ ନର୍କଗାମୀ କରେ କାହିଁକି ? ୧୧୧, କର୍ମୀମାନଙ୍କୁ କିପରି ହେବାକୁ ହେବ ? ୯୬, ୧୦୩, ୧୦୫, ୧୦୭, ୧୧୮, ୧୨୪, ୧୮୨, ୧୯୩, ୧୯୪, ୨୦୨, କର୍ମୀ-ବିୟୋଗ ୯୩, କର୍ମୀ-ସଂଗ୍ରହ ୯୦, କର୍ମରେ ସଫଳତା ଲାଭର ଉପାୟ ୧୯୫, ୨୦୦, କୃତଘ୍ନତା ୧୭୦, 'କୌନ୍ତେୟ ପ୍ରତିଜାନୀହି ନ ମେ ଭକ୍ତଃ ପ୍ରଣଶ୍ୟତି'ର ତାତ୍ପର୍ଯ୍ୟ ୧୫୦।

ଖରାପ ଐତିହ୍ୟଯୁକ୍ତ ଜାତକର ରକ୍ଷାର ଉପାୟ ୬୧।

ଗବେଷଣା ସମ୍ପର୍କରେ ୨୩, ଗୁରୁ ୧୭୯, ଗୁରୁଗ୍ରହଣର ପ୍ରୟୋଜନୀୟତା ୨୯, ଗୁରୁ ନିର୍ବାଚନ ୩୫, ୭୮।

ଜାତିସ୍ମରତା ୧୪, ୨୦, ୫୭, ଜାତୀୟ ଉନ୍ନତି ୫୮, 'ଜୀବନିତ୍ୟ କୃଷ୍ଣଦାସ'ର ଅର୍ଥ ୧୭୭।

ତପୋବନ ବିଦ୍ୟାଳୟ ୫୫, ୬୨, ୮୦, ୧୦୯, ତାଙ୍କର ଇଚ୍ଛା କିପରି ୧୬୭, ତ୍ରିକାଳଜ୍ଞ ୧୭୭।

ଦାମ୍ପତ୍ୟଜୀବନରେ ପୁରୁଷର ଲକ୍ଷଣୀୟ ୪୩, ଦାମ୍ପତ୍ୟଜୀବନରେ ସ୍ତ୍ରୀର ଦାୟିତ୍ୱ ୫୩, ଦାରିଦ୍ର୍ୟବ୍ୟାଧି ୭୧, ୧୫୩, ଦାରିଦ୍ର୍ୟବ୍ୟାଧି ନିରସନର ଉପାୟ ୮୪, ୧୫୩, ଦାସ୍ୟଭାବ ୧୧୩, ଦୁର୍ବଳତା ୧୫୧, ଦେଶସେବା ୩୪, ୫୮, ଦୈବ ୯୨, ଦୋଷୀର ସଂଶୋଧନର ଉପାୟ ୯୦।

ଧର୍ମ ୭୩, ୧୭୨, ୧୯୫, ଧର୍ମଦାନ ୧୦୮, ୧୭୨, ୧୮୩, ୨୧୧, ଧର୍ମ-ସମ୍ପ୍ରଦାୟର ବିଭିନ୍ନତା ୨୦୮, ଧର୍ମାନ୍ତର ଗ୍ରହଣ ୪୦, ଧ୍ୟାନ ୮୦, ଧ୍ୟେୟ ୪୨।

ନାମ ଓ ନାମୀ ୧୨୭, ୧୮୨, ନାମଦ୍ୱାରା ରୋଗ ନିରାମୟ ୧୨୮, ନାରୀମାନଙ୍କ ଯାଜନ ୩୮, ନାରୀର ସ୍ୱାମୀ-କରଣ ୬, ନାରୀ-ପୁରୁଷ ବାଟେ-ଘାଟେ ୩୨, ନାରୀ ପୁରୁଷର ଯୌନସମ୍ବନ୍ଧ ୨୨, ନାରୀଶିକ୍ଷା ୧୪୬, ନିୟନ୍ତ୍ରଣ, ସାମଞ୍ଜସ୍ୟ ଓ ସମାଧାନର ସ୍ୱରୂପ ୪୫, ନେତା ୮୧।

ପରବର୍ତ୍ତୀଙ୍କଠାରେ ପୂର୍ବତନ ଜାଗ୍ରତ ୧୦୦, ୧୨୦, ୧୭୪, ୧୮୬, ପାପର ଭୟ ୧୭୪, ପାବକ ପୁରୁଷ ୧୮୬, ୧୯୨, ପାବନା ତ୍ୟାଗର ଇଚ୍ଛା ୧୦୭, ପାରସ୍ପରିକତା ଓ ତାର ଫଳ ୧୪୪, ୧୫୩, ପୁନର୍ଜନ୍ମ ୬୮, ପୁରୁଷର ନାରୀମୁଖୀନତା ୬, ପୁରୁଷୋତ୍ତମ ୧୭୨, ୧୯୬, ପ୍ରତିଲୋମ ୫, ୫୯, ୭୮, ୨୧୨, ପ୍ରତିଶୋଧ ଗ୍ରହଣର ନୀତି ୧୬୨, ପ୍ରବୃତ୍ତିପରାୟଣ ମଣିଷକୁ ନିୟନ୍ତ୍ରଣ କରିବାର ଉପାୟ ୧୪୩, ୨୧୦, ପ୍ରାୟଶ୍ଚିତ୍ତ ୩୧, ୩୭।

ବର୍ଣ୍ଣାଶ୍ରମ କଥା ୨୪, ୨୭, ୩୧, ୮୬, ୯୮, ୧୮୮, ବାସୁଦେବ ୧୨୫, ବିବାହ ୫୯, ୧୪୭, ବିଶ୍ୱରୂପ ଓ ବିଷ୍ଣୁରୂପ ୨୧୪, ବିଶ୍ୱଶାନ୍ତିର ପଥ ୯୮, ବିଶ୍ୱାସଘାତକର ଲକ୍ଷଣ ୧୬୨, ବିଷପ୍ରୟୋଗ ୬୮, ବୁଦ୍ଧଦେବ ୧୦, ୧୧୪, ବୃତ୍ତି ୩୩, ୧୧୯, ୧୩୩, ୧୭୧, ୧୭୪, ୧୯୭, ବେଦାଭ୍ୟାସ କ'ଣ ? ୫୭, ବୈଶିଷ୍ଟ୍ୟମୋକ୍ଷଣୀ ବକ୍ତୃତା ୧୬୪, ବ୍ୟବସାୟ ୧୨, ବ୍ୟାକୁଳତା ୧୬୭, ବିଶ୍ୱବିଦ୍ୟାଳୟ ୪୮।

ଭକ୍ତ ୧୬୬, ଭଗବତ୍‌ପ୍ରାପ୍ତି ୧୩୧, ଭଗବାନ ୩୦, ୨୧୨, ଭଣ୍ଡ ୧୧୨, ଭାଗ୍ୟ ଗଠନ ୨୮, ୯୨, ଭଲପାଇବା ୬୭, ୧୦୦, ୧୧୬, ୧୨୫, ଭୃଗୁ ୬୮।

ମହାପୁରୁଷ ଓ ତାଙ୍କ ସାଙ୍ଗୋପାଙ୍ଗ ୧୩୯, ମଣିଷର ପ୍ରଧାନ ଚାହିଦା ୨୦୮, ମୀରାବାଈ ୧୮୭, ମୁଣ୍ଡନ ୩୧।

ଯଜନ-ଯାଜନ-ଇଷ୍ଟଭୃତି ୭୯, ଯାଜନ ୩୭, ୪୧, ୮୭, ୧୨୦, ୧୨୩, ୧୫୮, ୧୭୨, ୨୦୭, ୨୦୮, ୨୧୦, ୨୧୩, ଯୌନବିଜ୍ଞାନ ଶିକ୍ଷାଦାନର ପଥ ୧୬୬, ରାଷ୍ଟ୍ର ଗଠନ ୧୯୧, ରୋଗଶୋକ, ଅଭାବ-ଅଭିଯୋଗ ନିରାକରଣର ଉପାୟ ୧୪୫, ରୋଗ ସମ୍ପର୍କରେ ୬୫, ୧୧୧।

ଲୋକବ୍ୟବହାର ୮୨।

ଶଙ୍ଖ-ଚକ୍ର-ଗଦା-ପଦ୍ମଧାରୀ କଥାର ତାତ୍ପର୍ଯ୍ୟ ୮୯, ଶାଣ୍ଡିଲ୍ୟ ବିଶ୍ୱବିଦ୍ୟାଳୟ ୪୧, ଶିକ୍ଷାକ୍ଷେତ୍ରରେ instinct ବୁଝିବାର ଉପାୟ ୧୩୪, ଶିକ୍ଷାଦାନର ସହଜ ଉପାୟ ୧୨୮, ଶିକ୍ଷାପ୍ରସଙ୍ଗରେ ୬୨, ୬୪, ୧୦୧, ୧୧୫, ୧୨୪, ୧୨୬, ୧୪୦, ୧୫୫, ଶିକ୍ଷା—ଦେବାର ସମସ୍ୟା ସମାଧାନରେ ୧୩୫, ଶିକ୍ଷାରେ ସନ୍ଧିତ୍ସା ୧୪୨, ଶିବାଜୀ ୨୪, ୨୧୦, ଶ୍ରୀକୃଷ୍ଣ ୧୭୨,

'ଶ୍ରୀନାଥେ ଜାନକୀନାଥେ ଅଭେଦଃ—' କଥାର ତାତ୍ପର୍ଯ୍ୟ ୧୩୩, ଶ୍ରୀରାମକୃଷ୍ଣଦେବ ୧, ୮, ୪୫, ୧୧୪, ୧୧୭, ୧୨୦, ୨୧୩, ଶ୍ରୀଶ୍ରୀଠାକୁର-ପ୍ରଦତ୍ତ ଛଡ଼ା ୫୩, ଶ୍ରୀଶ୍ରୀଠାକୁରଙ୍କ ମାତୃଭକ୍ତି ୫୬, ଶ୍ରୀଶ୍ରୀଠାକୁରଙ୍କର ଲୋକକଲ୍ୟାଣୀ ପ୍ରଚେଷ୍ଟା ୩୯, ୪୬, ୪୮, ୫୨, ୫୪, ୫୮, ୫୯, ୬୯, ୭୯, ୯୬, ୧୦୪, ୧୮୪, ୨୦୪, ଶ୍ରୀଶ୍ରୀଠାକୁରଙ୍କର ସାକ୍ଷ୍ୟ ଦାନ ୭୨-୭୭, ଶ୍ରୀଶ୍ରୀଠାକୁରଙ୍କର ସାଧନ ଜୀବନ ୮, ୪୨, ୧୦୬।

ସଂହତି ୧୨୭, ୧୫୮, ୧୯୨, ୨୦୦, ସଦାଚାର ୩୨, ୩୬, ୯୮, ୧୪୫, ସନ୍ତାନର ଚରିତ୍ର ଗଠନର ଉପାୟ ୩୯, ୫୨, ୮୯, ୧୧୦, ୧୧୩, ସନ୍ତାନର ଜୀବନ-ଗଠନରେ ମା ୧୫୪, ସନ୍ନ୍ୟାସୀ ୭୪, ସମାଧି ୪୪, ୧୯୭, ସର୍ବଜ୍ଞତ୍ୱବୀଜ ୫୨, ୯୪, ୧୭୬, ସାଧନପଥ ୮୦, ୧୯୦, ସାଧନାରଭିରି ୮, ୧୮୦, ସାଧୁ ୨୭, ୭୭, ୧୨୫, ସାଧୁସଙ୍ଗ ୧୧୪, ସାବଧାନବାଣୀ ୧୯୩, ସୁରତ ୧୧୩, ସୁସଙ୍ଗତ ବ୍ୟକ୍ତିତ୍ୱ ଲାଭରେ ୯୮, ସୃଷ୍ଟି ୧୭୪, ୧୮୨, ସ୍ୱସ୍ତ୍ୟୟନୀ ୩, ୩୮, ୪୬, ୪୯, ୭୯, ୧୦୨, ୧୦୮, ସ୍ୱସ୍ତ୍ୟୟନୀ କବଚ ୧୭, ସ୍ୱାଧୀନତା ୧୪୮, ସ୍ୱାମୀଭକ୍ତି ୧୧, ସ୍ୱୀୟ ଅନୁଭୂତି ସମ୍ପର୍କରେ ଶ୍ରୀଶ୍ରୀଠାକୁରଙ୍କ ଉକ୍ତି ୧୬, ୧୯, ସ୍ୱୀୟ ପୂର୍ବତନ ସମ୍ପର୍କରେ ଶ୍ରୀଶ୍ରୀଠାକୁରଙ୍କ ଉକ୍ତି ୧୫, ୬୪, ସ୍ୱୀୟ ବାଣୀ ସମ୍ପର୍କରେ ଶ୍ରୀଶ୍ରୀଠାକୁର ୫୫, ୫୬, ୬୩।

ହଜରତ ରସୁଲ ୧୦, ୪୮, ହସ୍ତରେଖା ବିଚାର ୪, ହିଟଲର ୨୪, ହୀନମନ୍ୟତା ୧, ୧୬୯, ୧୮୪।

Concentration ୧୧୬, Conviction ୨୦୬, Distorted and damaged libido ୩୩, ୮୮, ୨୧୨, Ecto-plasmic body ୧୫, ୯୧, Fatigue-layer ଅତିକ୍ରମ କରିବାର କୌଶଳ ୧୯୯, Genius ଅନୁସରଣୀୟ ନୁହେଁ ୧୨୦, Guiding complex ୨୦୯, Heredity ଓ environment ୧୭୧, Inferiority complex ୧, ୧୬୯, Libido ୧୧୩, Predestination ଓ free will ୧୬୮, 'Resist no evil' ମାନେ ୧୨୩।

---

# ଆଲୋଚନା-ପ୍ରସଙ୍ଗ

## ଜ୍ୟୈଷ୍ଠ ୩୨, ଗୁରୁବାର, ୧୩୪୬ (ଇଂ ୧୫/୬/୩୯)

ଏବେ କିଛିଦିନ ହେଲା ଖୁବ୍ ଗରମ ପଡ଼ୁଛି। ମଧ୍ୟାହ୍ନରେ ଆଶ୍ରମ ସଂଲଗ୍ନ ବାଲୁଚର ଉତ୍ତପ୍ତ ହୋଇ ଆଶ୍ରମ ସମ୍ମୁଖସ୍ଥ ବାୟୁମଣ୍ଡଳକୁ ନିଆଁ କରିଦେଉଛି—ବେଳ ଗଡ଼ିଗଲେ ଅବସ୍ଥାଟା ଧୀରେ ଧୀରେ ସହନୀୟ ହୋଇଉଠେ।

ଆଜି ଉପରବେଳା ଶ୍ରୀଶ୍ରୀଠାକୁର ৺ କିଶୋରୀ ଭାଇଙ୍କ ଘରପାଖ ବାବ୍‌ଲା ଗଛତଳେ କାଠ ଘରେ (Philanthropy Office ରେ) ଆସର ଜମାଇଛନ୍ତି—ଚାହୁଁ ଚାହୁଁ ଲୋକଗହଳି ହୋଇଗଲା—ଆଳାପ-ଆଲୋଚନା ଜମାଟ ବାନ୍ଧିବାକୁ ଲାଗିଲା—ହେମ ଭାଇ (ଦେ) ଶ୍ରୀଶ୍ରୀଠାକୁରଙ୍କୁ ହିଟଲରଙ୍କ ଆତ୍ମଜୀବନୀ କଥା କହୁଥିଲେ— ଶ୍ରୀଶ୍ରୀଠାକୁର ଏହି ଆତ୍ମଜୀବନ କାହାଣୀର ଗୋଟିଏ ଜାଗାରେ ଦାଗ ମାରିବାକୁ କହିଲେ— ଉକ୍ତ ଜାଗାରେ ହିଟଲର କହିଛନ୍ତି, Upstart (ହଠାତ୍ ବଡ଼ଲୋକ) ଯେଉଁମାନେ, ସେମାନେ ହୀନ ଅବସ୍ଥାର ଲୋକଙ୍କ ସଙ୍ଗେ ମିଶି ପାରନ୍ତି ନାହିଁ, ଭୟ କରନ୍ତି, କାଳେ ସେମାନଙ୍କର ପୂର୍ବାବସ୍ଥାର ଆଭାସ ଲୋକେ ପାଇଯିବେ ଏବଂ ସେମାନଙ୍କର ସମ୍ମାନ କମିଯିବ। ଶ୍ରୀଶ୍ରୀଠାକୁର ଏଇକଥା ଶୁଣି କହିଲେ—"କିନ୍ତୁ ପ୍ରକୃତ ବଡ଼ଲୋକ ଯିଏ ତା'ର ଏପରି ହୁଏନାହିଁ।" ହିଟଲର ମଧ୍ୟ ଠିକ୍ ଅନୁରୂପ କଥା ଲେଖିଛନ୍ତି ବୋଲି ହେମ ଭାଇ ହିଟଲରଙ୍କ ଜୀବନୀରୁ ପ୍ରାସଙ୍ଗିକ ଅଂଶ ଉଦ୍ଧାର କରି ଦେଖାଇଲେ।

ଶ୍ରୀଶ୍ରୀଠାକୁର କହିଲେ—ଏଇ inferiority complex (ହୀନମନ୍ୟତାବୋଧ) ଟା ଦୂର ହୋଇଗଲେ ସେମାନେ କିନ୍ତୁ ଖୁବ୍ ବଡ଼ ହୋଇ ଉଠିବେ। ପ୍ରସଙ୍ଗକ୍ରମେ ପୁଣି ଶ୍ରୀଶ୍ରୀଠାକୁର କହିଲେ—ବାହାରୁ ଦେଖି ଆମେ ଗରିବ ଲୋକଙ୍କର problem (ସମସ୍ୟା) ବୋଲି ଯାହା ଭାବୁ ତାହା କିନ୍ତୁ ପ୍ରକୃତ problem (ସମସ୍ୟା) ନୁହେଁ। ସେମାନଙ୍କ ସଙ୍ଗେ ଏକାଠି ଚଳିଲେ ବୁଝାଯାଏ ସେମାନଙ୍କର ଅସୁବିଧା କ'ଣ, କେଉଁଠି ଏବଂ ତା'ର ପ୍ରତିକାର କ'ଣ? ସାଧାରଣତଃ ମଣିଷର ଯାବତୀୟ ଦୁର୍ଭୋଗ ପଛରେ ଥାଏ କେତେଗୁଡ଼ିଏ ଚରିତ୍ରଗତ ତ୍ରୁଟି—ସେଗୁଡ଼ିକର ନିରାକରଣ ନ କଲେ ଦୁର୍ଭୋଗ ଦୂର ହୁଏ ନାହିଁ।

ଶ୍ରୀଶ୍ରୀଠାକୁର ନିଜେ କିପରି କୁଲିଦଳରେ ମିଶି, କୁଲି ସାଜି, କୁଲିକାମ କରି ସେମାନଙ୍କର ଦୁଃଖ ଦୁର୍ଦ୍ଦଶା ସହିତ ପରିଚିତ ହୋଇଥିଲେ, ସେଇ କଥା କହିଲେ।

ପ୍ରସଙ୍ଗକ୍ରମେ ଶ୍ରୀରାମକୃଷ୍ଣଦେବଙ୍କର କଥା ଉଲ୍ଲେଖ କଲେ—ରାମକୃଷ୍ଣଦେବ ଯେ କ'ଣ ଦେଇଗଲେ, ତାହା କେହି ବୁଝିଲେ ନାହିଁ। ଅନେକ ତାଙ୍କୁ ନକଲ କରିବାକୁ ଚେଷ୍ଟା କରନ୍ତି କିନ୍ତୁ ନକଲ କଲେ କ'ଣ ତାଙ୍କ ପରି ହୋଇପାରେ?

କାଳୀ ଭାଇ (ସେନ) ଜଣକ ବିଷୟ ଉଠାଇ କହିଲେ ଯେ ଉକ୍ତ ଲୋକ ହାବଭାବ,

ଭଙ୍ଗୀରେ ଶ୍ରୀରାମକୃଷ୍ଣଦେବଙ୍କୁ ଅନୁକରଣ କରୁଥିଲେ। ଶ୍ରୀଶ୍ରୀଠାକୁର କହିଲେ—Admiration (ଶ୍ରଦ୍ଧା) ଥିଲେ ମଣିଷ ବଡ଼େ ନଚେତ୍ ସେପରି କରିବା ଅନେକ ସମୟରେ ବିପଜ୍ଜନକ। ବୈଶିଷ୍ଟ୍ୟକୁ ବିସର୍ଜ୍ଜନ କରି, ହୀନତ୍ୱବୋଧ ତାଡ଼ନାରେ, କୃତ୍ରିମ ଚାଲିଚଳନ ଭଲନୁହେଁ। ତଦ୍ୱାରା ମଣିଷ ଆତ୍ମପ୍ରତାରଣା-ପଥରେ ଆଗେଇ ଚାଲେ। ଏଇ ପ୍ରସଙ୍ଗରେ ଶିଶୁପାଳ କଥା ମଧ୍ୟ ଆଲୋଚନା ହେଲା।

ପ୍ରଫୁଲ୍ଲ—ଏଇଥିପାଇଁ କ'ଣ କୁହାଯାଇଛି ''ସ୍ୱଧର୍ମେ ନିଧନଂ ଶ୍ରେୟଃ, ପରଧର୍ମୋ ଭୟାବହଃ'' ?

ଶ୍ରୀଶ୍ରୀଠାକୁର—ହଁ!

ତପ୍ରେ ଆର୍ଯ୍ୟ ସଭ୍ୟତା କଥା ଉଠିଲା, ଶ୍ରୀଶ୍ରୀଠାକୁର କହିଲେ—ଆର୍ଯ୍ୟମାନଙ୍କର ଯେ କି ଅମୂଲ୍ୟ ସମ୍ପଦ ଥିଲା ତାହା କଳ୍ପନା ମଧ୍ୟ କରାଯାଇ ପାରେନାହିଁ। Cabinet formed (ମନ୍ତ୍ରୀ ପରିଷଦ ଗଠିତ) ହେଉଥିଲା ବିପ୍ର, କ୍ଷତ୍ରିୟ, ବୈଶ୍ୟ ବର୍ଣ୍ଣର ପ୍ରଧାନମାନଙ୍କୁ ନେଇ। ପ୍ରଧାନମାନଙ୍କ ଭିତରେ ପ୍ରଧାନ ପୁଣି ସେମାନଙ୍କ ମଧ୍ୟରେ ପ୍ରଧାନ, ଏହିପରି ଭାବରେ ଏକ ସୁନ୍ଦର gradation (ପର୍ଯ୍ୟାୟ) ଥିଲା। ଯିଏ ଯେତେ ବେଶିଙ୍କୁ ପୂରଣ କରି ପାରୁଥିଲା ସେ ସେତେବଡ଼ ପ୍ରଧାନ ବୋଲି ବିବେଚିତ ହେଉଥିଲା। ସର୍ବଦା ଉପଯୁକ୍ତ ଲୋକହିଁ ପ୍ରଧାନମନ୍ତ୍ରୀ ହେଉଥିଲେ। ଉପଯୁକ୍ତ ଲୋକ ନିର୍ବାଚନ ସଂକ୍ରାନ୍ତରେ କୌଣସି ଗଣ୍ଡଗୋଳ ହେଉନଥିଲା—ଅନ୍ୟ ଦେଶ ଭାରତବର୍ଷକୁ ଆକ୍ରମଣ କରିବାକୁ ସାହସ ମଧ୍ୟ କରି ପାରୁ ନ ଥିଲେ। ସମଗ୍ର ଜାତି ଦୃଢ଼ଭାବରେ compact (ସଂହତ) ସଂଗଠିତ ହୋଇଥିଲା। ଅନୁଲୋମ ବିବାହ ବ୍ୟବସ୍ଥା ପ୍ରଚଳିତ ଥିବାରୁ ସମଗ୍ର ଜାତିଟା ଯେପରି ଦାନାବାନ୍ଧି ରହିଥିଲା ଏବଂ ଏହାଦ୍ୱାରା evolution (କ୍ରମୋନ୍ନତି)ର ସୁବିଧା ହେଉଥିଲା—ପାଞ୍ଚ, ସାତ ଓ ଚଉଦ ପୁରୁଷ ଧରି ଯଥାକ୍ରମେ କ୍ଷତ୍ରିୟ, ବୈଶ୍ୟ ଓ ଶୂଦ୍ରଙ୍କ ଭିତରେ ଯାହାଠାରେ Brahmanical instinct (ବ୍ରାହ୍ମଣ୍ୟ ସଂସ୍କାର) ପରିଲକ୍ଷିତ ହେଉଥିଲା—ସେମାନଙ୍କୁ ବିପ୍ର କରି ଦିଆଯାଉଥିଲା—ଉନ୍ନତିର ପଥ ସବୁ ଦିଗରୁ ମୁକ୍ତ ଥିଲା। ଆଗକାଳରେ ଟଙ୍କାଦ୍ୱାରା କାହାରି ସାମାଜିକ position ସ୍ଥିର କରାଯାଉ ନ ଥିଲା। କାହାର ହୁଏତ ୫୦ ଲକ୍ଷ ଟଙ୍କା ଅଛି, କିନ୍ତୁ କିଏ ହୁଏତ ପାଞ୍ଚଟଙ୍କାରେ ସଂସାର ନିର୍ବାହ କରୁଛି—ଅଥଚ instinct (ସହଜାତ ସଂସ୍କାର) ବଡ଼—ସେହିଁ ବଡ଼ ବୋଲି ଗଣ୍ୟ ହେଉଥିଲା। Instinct, habit, behaviour, activity (ସଂସ୍କାର, ଅଭ୍ୟାସ, ବ୍ୟବହାର ଓ କର୍ମ)—ଏଇଗୁଡ଼ିକହିଁ ଥିଲା ମାପକାଠି। Learning (ଲେଖାପଢ଼ା)କୁ କେବେହେଲେ ଶିକ୍ଷା ବୋଲି କୁହାଯାଉ ନଥିଲା। କୌଣସି ପାଣ୍ଡିତ୍ୟ ଚରିତ୍ରଗତ ନ ହେଲେ ତାକୁ ମୂଲ୍ୟ ଦିଆ ଯାଉ ନ ଥିଲା। ଜ୍ଞାନ ଓ ଗୁଣ ଯେପରି ଜନ୍ମଗତ ସଂସ୍କାର ଓ ସଂପଦରେ ପରିଣତ ହୁଏ, ସେଥିପ୍ରତି ସବୁବେଳେ ଦୃଷ୍ଟି ଦିଆ ଯାଉଥିଲା। ବର୍ଣ୍ଣାଶ୍ରମ ଧର୍ମ ଏପରି ସୂକ୍ଷ୍ମ, ଉନ୍ନତ ଓ ବିଜ୍ଞାନ-ଭିତ୍ତିକ ବିଷୟ



ଯେ ଅଧିକାଂଶ ଏହାର ଅନ୍ତର୍ନିହିତ ତଥ୍ୟ ବୁଝି ନ ପାରି ଏହାକୁ ବୈଷମ୍ୟମୂଳକ ବୋଲି ମନେକରନ୍ତି—ଏହାଠାରୁ ବଡ଼ ଭୁଲ ଆଉ ନାହିଁ। ବିଜ୍ଞାନ-ସମ୍ମତ ବର୍ଣ୍ଣାଶ୍ରମ ଧର୍ମକୁ ବିପର୍ଯ୍ୟସ୍ତ କରିବା ଉଦ୍ଦେଶ୍ୟରେ generous pose (ଉଦାରତା ଭଙ୍ଗୀ) ନେଇ inferior (ଦୁର୍ବଳ)କୁ ଉତ୍କ୍ଷିପ୍ତ କରନ୍ତି ଯେଉଁମାନେ ସେମାନେ କିନ୍ତୁ ସମାଜର ମହାଶତ୍ରୁ। ଶଂଭୁକର movement (ଆନ୍ଦୋଳନ)ଟା ବର୍ଣ୍ଣାଶ୍ରମ-ଧର୍ମ ବିରୁଦ୍ଧରେ ଗୋଟାଏ passionate raid (ପ୍ରବୃତ୍ତି-ପ୍ରରୋଚିତ ଅଭିଯାନ) ଛଡ଼ା ଆଉ କିଛିନୁହଁ। ସେଥିପାଇଁ ଶ୍ରୀରାମଚନ୍ଦ୍ର ଶଂଭୁକ ପ୍ରତି ଏତେ କଠୋର ହୋଇଥିଲେ।

ଅଶ୍ୱମେଧ ଯଜ୍ଞ ବିଷୟ ଉଠିବାରୁ ଶ୍ରୀଶ୍ରୀଠାକୁର କହିଲେ—ଯଜ୍ଞ ସମୟରେ ବହୁଲୋକ ଏକତ୍ର ସମବେତ ହୁଅନ୍ତି—ସେଥିପାଇଁ ଘିଅ ପୋଡ଼ାଯାଉଥିଲା, atmosphere (ବାତାବରଣ)ଟା ionised (ପରିଶୋଧିତ) ହେଉଥିଲା, ଏବଂ ତାହା ସ୍ୱାସ୍ଥ୍ୟପକ୍ଷେ ଖୁବ୍ ଭଲ। ଯଜ୍ଞ-ଧୂମକୁ inhale (ଆଘ୍ରାଣ) କଲେ ଆୟୁ ବୃଦ୍ଧିପାଏ। ଯଜ୍ଞରେ ହୋତା, ଉଦ୍‌ଗାତା, ବ୍ରହ୍ମା ଇତ୍ୟାଦି ରହୁଥିଲେ—ସେ ସବୁ କେତେକଟା demonstration (ପ୍ରଦର୍ଶନ) ପରି ଥିଲା। ଉଦ୍‌ଗାତାଗଣ ସ୍ଲୋଗାନ ଦେଇ ବୁଲୁଥିଲେ, ସେଇ ସ୍ଲୋଗାନଗୁଡ଼ିକ ଲୋକଙ୍କ ମନ ଭିତରେ ଗୁନ୍ଥି ହୋଇଯାଉଥିଲା। Principles (ନୀତିଗୁଡ଼ିକ) ସ୍ଲୋଗାନ ଆକାରରେ ଜନ ସାଧାରଣଙ୍କ କାନରେ ବାରମ୍ବାର ନ ପୂରାଇଲେ ସେମାନେ ତାହା ଗ୍ରହଣ କରି ପାରୁ ନଥିଲେ।

ଜଣେ ଭାଇ ବିଦାୟ ନେବାକୁ ଆସିଥିଲେ—ସେ ଫେରିଯିବେ—ଶ୍ରୀଶ୍ରୀଠାକୁର ତାଙ୍କୁ ସ୍ୱସ୍ତ୍ୟୟନୀର ପାଞ୍ଚଟି ନୀତି ନିଖୁଣ ଭାବରେ ପାଳନ କରିବାକୁ କହିଦେଲେ—ତତ୍ ସଙ୍ଗେ ସଙ୍ଗେ ଆହୁରି ମଧ୍ୟ କହିଲେ ଯେ—ସ୍ୱସ୍ତ୍ୟୟନୀ ପାଳନ କରିବା ଅର୍ଥ ଯୁଗପତ୍ ପାଞ୍ଚଟି ନୀତି ସକ୍ରିୟଭାବରେ ମାନି ଚଳିବା—ତଦ୍ୱାରା ଉନ୍ନତି ଅନିବାର୍ଯ୍ୟ ହୋଇଉଠେ। ଉକ୍ତ ଭାଇ ଜଣକ ଚାଲିଯିବା ପରେ ଶ୍ରୀଶ୍ରୀଠାକୁର ପୂର୍ବପ୍ରସଙ୍ଗ ଉଲ୍ଲେଖ କରି କହିଲେ—ମୋର ମନେହୁଏ ଅଶ୍ୱମେଧ ଯଜ୍ଞରେ ଅଶ୍ୱକୁ ବଳିଦିଆ ଯାଉ ନଥିଲା—ବରଂ ଐକ୍ୟ ଓ ମିଳନର ପ୍ରତୀକ ରୂପେ ଅଶ୍ୱକୁ nurture ଓ nourish (ପାଳନ ଓ ପୋଷଣ) କରାଯାଉଥିଲା—ମେଧ୍ ଧାତୁର ଅର୍ଥ ମିଳିତ ହେବା। ଅଶ୍ୱକୁ ସମାଦର ପୂର୍ବକ ଅଶ୍ୱପ୍ରେରକ ରାଜାଙ୍କର supremacy with due regards accept (ରାଜାଙ୍କର ପ୍ରଭୁତ୍ୱ ଯଥୋଚିତ ସମ୍ମାନର ସହିତ ସ୍ୱୀକାର) କରାଯାଉଥିଲା—ସମସ୍ତେ ଯେ ରାଜାଙ୍କର ଅନୁଗାମୀ ଏବଂ ରାଜାଙ୍କ ସଙ୍ଗେ ଐକ୍ୟ ଓ ମିଳନକାମୀ—ଏହାହିଁ ବୁଝାଯାଉଥିଲା।

## ପହିଲା ଆଷାଢ଼, ଶୁକ୍ରବାର, ୧୩୪୬ (ଇଂ ୧୬/୬/୩୯)

ଶ୍ରୀଶ୍ରୀଠାକୁର ବନ୍ଧ କଡ଼ରେ ପାଣିକଳ ପାଖରେ ଚାଳଘରେ ଖଟ ଉପରେ ତକିଆରେ

ଖରାବେଳ ଶୋଇଛନ୍ତି—ଚତୁର୍ଭୁଜ ଭାଇ (ଉପାଧ୍ୟାୟ) ଆସି ପ୍ରଣାମ କଲେ।

ଶ୍ରୀଶ୍ରୀଠାକୁର ସ୍ନେହ-କୋମଳ କଣ୍ଠରେ କହିଲେ—ଚତୁର୍ଭୁଜ, ଏଥର ଲାଗିପଡ଼ ଜୋରରେ। ପରେ ପରେ ପୁଣି ପଚାରିଲେ—ତୁମର କେହି ଭାଇ ନା କ'ଣ ସିଲଂରେ ଥାଏ ପରା? ଶୁଣିଛି ସେ ବଙ୍ଗଳା ଜାଣେ। ତାକୁ ଯଦି ଆଣିପାର, କେତେକ ଗୋପାଳଙ୍କୁ ନେଇଆସ, smithy (କମାରକାମ) ଜାଣିଥିବା କେତେକ ଲୋକ ଯଦି ଆଣିପାର, ତାହେଲେ workshop (କାରଖାନା)ଟା ଜୋରରେ ଚାଲୁ କରାଯାଇ ପାରିବ। ଲେଦ କାମ, ଢଳାଇ କାମ, ଝଳାଇ କାମ, ଇଲେକ୍ଟ୍ରୋପ୍ଲେଟିଂ ଜାଣିଥିବା ଲୋକ ମିଳିଲେ workshop (କାରଖାନା)ରୁ ହିଁ ସେମାନଙ୍କର ଖର୍ଚ୍ଚ ବେଶ୍ ଉଠିଯିବ। Military man (ସାମରିକ ବିଭାଗର ଲୋକ) ଯଦି ଆଣି ପାରନ୍ତ ଖୁବ୍ ଭଲ ହୁଅନ୍ତା—ସେମାନେ military training' (ସାମରିକ ଶିକ୍ଷା) ଦିଅନ୍ତେ— ତୁମମାନଙ୍କର ଗୋଟାଏ religious fort (ଧର୍ମୀୟ ଦୁର୍ଗ) ପରି ହୁଅନ୍ତା, ତୁମେମାନେ ଅସମୟରେ କେତେଲୋକଙ୍କୁ ଆଶ୍ରୟ ଦେଇ ପାରନ୍ତ।

ତା'ପରେ palmistry, astrology, spiritualism (ହସ୍ତରେଖା, ଜ୍ୟୋତିଷ ଓ ଆଧ୍ୟାତ୍ମିକତତ୍ତ୍ୱ) ପ୍ରସଙ୍ଗ ଆଲୋଚନା ହେଉଥିଲା।

ଏସବୁର ତାତ୍ପର୍ଯ୍ୟ ସମ୍ବନ୍ଧରେ ଶ୍ରୀଶ୍ରୀଠାକୁର କହିଲେ—Urge (ଆଗ୍ରହ) ହେତୁ ଆମର brain (ମସ୍ତିଷ୍କ)ରେ tension (ଚାପ) ହୁଏ, ଏବଂ ସେହି କାରଣରୁ ଆମର ହାତରେ ରେଖା ସୃଷ୍ଟିହୁଏ, କପାଳରେ ମଧ୍ୟ ରେଖା ପଡ଼େ। ଆମେହିଁ ଭବିଷ୍ୟତ ସୃଷ୍ଟି କରୁ। ଆମେ ହୁଏତ ବୁଝିପାରୁ ନାହିଁ ଆମେ କ'ଣ ତିଆରି କରିଛୁ କିନ୍ତୁ ହାତ ଦେଖିଲେ ତାର ପରିଚୟ ମିଳେ। ଜନ୍ମକୁଣ୍ଡ ଦେଖି ଜଣଙ୍କର ସାରାଜୀବନର କଥା predict (ଭବିଷ୍ୟଦ୍‌ବାଣୀ) କରାଯାଇ ପାରେ। ତାର କାରଣ ହେଲା, କେଉଁ କେଉଁ ବୃତ୍ତି ତାକୁ rule (ନିୟନ୍ତ୍ରଣ) କରୁଛି, ଜନ୍ମକୁଣ୍ଡର ଗ୍ରହ ସମାବେଶ ଦେଖି ତାହା ଜାଣିଲେ ସେଇସବୁ ବୃତ୍ତି ନିୟନ୍ତ୍ରିତ ହୋଇ ତାର ଜୀବନଟା କିପରି ଆକାର ଧାରଣ କରିବ ତାହା ବୁଝାଯାଏ; ଗୋଟିଏ ଗାଡ଼ିର ଚକାର ପରିଧି ଯଦି ଜଣାଯାଏ ତାହେଲେ କେତେଥର ଘୂରି କେତେଦୂର ଯିବ, କହିହେବ ହୁଏ। ଯେଉଁମାନେ ବୃତ୍ତିର ଅଧୀନ, ସେମାନଙ୍କ ସମ୍ବନ୍ଧରେ କିନ୍ତୁ ସଠିକ ବୁଝାଯାଇ ପାରିବ ନାହିଁ। ସେମାନେ କୌଣସି ଏକ ଅବସ୍ଥାରେ ପଡ଼ି କିପରି react (ପ୍ରତିକ୍ରିୟା) କରିବେ, ତାହା ସେମାନଙ୍କର ନିଜ ଉପରେ ନିର୍ଭର କରେ। ମୋ ସମ୍ବନ୍ଧରେ ଭୃଗୁ ଲେଖୁଛନ୍ତି ଯେ କେବେ କ'ଣ ହୋଇପାରେ ତାହା କହିହେବ ନାହିଁ। ଇଷ୍ଟ ଦ୍ୱାରା ପରିଚାଳିତ ହେଉଥିବା ଲୋକ ସମ୍ବନ୍ଧରେ ଏଇ କଥା ପ୍ରଯୁଜ୍ୟ। ଇଷ୍ଟ ଉପରେ ଏକାନ୍ତ ଅନୁରକ୍ତି ଥିଲେ ମଣିଷ ଜାତକ ଏଡ଼ାଇ ଦେଇ ପାରେ ମଧ୍ୟ। ଯତୀନ୍ ଭାଇ (√ ଯତୀନ୍ଦ୍ର ନାଥ ଆଚାର୍ଯ୍ୟ ଚୌଧୁରୀ) ଯଦି ମୋ କଥା ଶୁଣିଥାନ୍ତା—ଏବଂ ସେଦିନ ଯାଇ ନ ଥାନ୍ତା, ତା



ହେଲେ ଏପରି ଭାବରେ ତା'ର ମୃତ୍ୟୁ ହୋଇ ନ ଥା'ନ୍ତା।

* * *

ତପୋବନ ଛାତ୍ରାବାସର ଗୋଟିଏ ପିଲା ଖୁବ୍ ଅସୁସ୍ଥ, ସେଥିପାଇଁ ଶ୍ରୀଶ୍ରୀଠାକୁର ଖୁବ୍ ଉଦ୍‌ବିଗ୍ନ। ବାରମ୍ବାର ତାର ଖବର ନେଉଛନ୍ତି।

ଅପରବେଳା ଶ୍ରୀଶ୍ରୀଠାକୁର କହୁଥିଲେ—ପ୍ରତିଲୋମଜ ସନ୍ତାନ କଦାପି ଭଲ ହୋଇ ପାରେ ନା। ସେମାନଙ୍କ ଭିତରେ treachery (ବିଶ୍ୱାସଘାତକତା) ରହିବହିଁ ରହିବ। ଉଚ୍ଚବର୍ଣ୍ଣର ଝିଅ ନିମ୍ନବର୍ଣ୍ଣର ପୁଅ ସଙ୍ଗେ ବିବାହ କଲେ husband (ସ୍ୱାମୀ) ପ୍ରତି regard (ଶ୍ରଦ୍ଧା) କଦାପି ରହି ପାରେ ନା—ବହୁ ଗଣ୍ଡଗୋଳ ସୃଷ୍ଟି ହୁଏ। ଏପରି କି ଶୁଣାଯାଏ ଯେ ସ୍ୱାମୀ ପ୍ରତି ବିରକ୍ତିବଶତଃ ସନ୍ତାନକୁ ମା 'କୁତା କା ବଚ୍ଚା' ପର୍ଯ୍ୟନ୍ତ କହିଥାଏ। Acquisition (ଅର୍ଜନ) ଓ instinct (ସଂସ୍କାର) ମଧ୍ୟରେ ଢେର ତଫାତ୍। ନିଉଟନ ଥିଲେ mathematician by instinct (ସଂସ୍କାରସିଦ୍ଧ ଗଣିତଜ୍ଞ)। ତାଙ୍କଠାରୁ ଅଧିକ ଭଲ mathematics (ଗଣିତ) ଜାଣିଥିବା ଲୋକ ହୁଏତ ଥାଇ ପାରନ୍ତି—କିନ୍ତୁ ସେମାନଙ୍କ ଭିତରେ mathematics (ଗଣିତ) ହୁଏତ instinct (ସହଜାତ ସଂସ୍କାରର) ସ୍ଥାନ ଗ୍ରହଣ କରିନାହିଁ। Instinct (ସହଜାତ ସଂସ୍କାର) କିପରି—ଯେପରି heart beat କରେ (ହୃତ୍‌ପିଣ୍ଡ ସ୍ପନ୍ଦିତ ହୁଏ), କାନ ଶୁଣେ, ନାକ ନିଃଶ୍ୱାସ ନିଏ, ପାଦ ଚାଲେ। ଗୋଟାଏ ଉଚ୍ଚ ବଂଶର ପିଲା ହୁଏତ ଅନୁଶୀଳନ ଅଭାବରୁ ଗୋଟାଏ ବନବୃକ୍ଷ ହୋଇପାରେ, କିନ୍ତୁ ତା ଭିତରେ instinct (ସହଜାତ ସଂସ୍କାର) ସବୁ ଠିକ୍ ଥାଏ। ଯେଉଁଠାରେ instinct (ସହଜାତ ସଂସ୍କାର)ର ଗଣ୍ଡଗୋଳ ହୋଇଛି ସେଠାରେ ବୁଝିବାକୁ ହେବ ଯେ ବଂଶରେ ପ୍ରତିଲୋମ ସଂଶ୍ରବ ପ୍ରବେଶ କରିଛି ବା ବିବାହ ବିଧିର ଅପଳାପ ହୋଇଛି। Corruption (ଭ୍ରଷ୍ଟାଚାର) ଯୋଗୁଁ ଅନେକ ସମୟରେ ଭଦ୍ରଘରେ ମଧ୍ୟ ପ୍ରତିଲୋମ ସନ୍ତାନ ଜନ୍ମ ହୋଇଥାଏ, ଏପରି ମଧ୍ୟ ଅସମ୍ଭବ ନୁହେଁ ଯେ ବ୍ରାହ୍ମଣୀ ଗର୍ଭରେ ଶୂଦ୍ରର ଔରସ ଜାତ ସନ୍ତାନ ବ୍ରାହ୍ମଣ ସନ୍ତାନ ରୂପେ ସମାଜରେ ପରିଚିତ ହେଉଛି।

ପୁଣି କହିଲେ—ମଣିଷ ଗୋଟାଏ ଶୁଣିବାକୁ ଯାଇ ଆଉ ଗୋଟାଏ ଶୁଣିବସେ, ଅନେକ ସମୟରେ ଏହାର କାରଣ ହେଲା complex (ବୃତ୍ତି)। ଏସବୁରୁ ତାର ଚରିତ୍ର ବୁଝାଯାଏ। ମଣିଷ ଯେ କ'ଣ ଓ କିପରି, ତାହା ସେ ନିଜେହିଁ କହି ଦେଇଥାଏ ଏବଂ ତାର ଏଇ complex (ବୃତ୍ତି)କୁ ଅନୁଶୀଳନ କରି କୌଣସି ସିଦ୍ଧାନ୍ତରେ ପହଞ୍ଚି ଅନ୍ୟ କେହି ଯଦି କିଛି କହିଦିଏ ତାକୁ ସେ ଅନ୍ତର୍ଯ୍ୟାମୀ ବୋଲି ମନେକରେ। କିନ୍ତୁ ପ୍ରକୃତ କଥା ତାହାନୁହେଁ, କାରଣ ସମ୍ବନ୍ଧରୁହିଁ ସବୁଜିନିଷ ବାହାର କରାଯାଏ—ସେ ଭଲକଥା ଶୁଣି ମଧ୍ୟ ଅନ୍ୟପ୍ରକାରଟା ନ ଶୁଣି ଠିକ୍ ଏଇ ରକମ ଶୁଣିଲା କାହିଁକି?

## ଆଶ୍ୱିନ ୧୬, ମଙ୍ଗଳବାର, ୧୩୪୬ (ଇଂ ୩/୧୦/୩୯)

ଶ୍ରୀଶ୍ରୀଠାକୁର ଆଜି ଖୁବ୍ ଭୋରରୁ ଉଠିଲେ। ଉଠିବା ମାତ୍ରେ 'ନିଭୃତ ନବାସରେ' ପାଇଖାନା ଗଲେ। ଆଜିକାଲି ଶ୍ରୀଶ୍ରୀଠାକୁର ପ୍ରତିଦିନ ସକାଳେ 'ନିଭୃତ ନିବାସରେ' ବହୁ ସମୟ ରହନ୍ତି, ଆଜିମଧ୍ୟ ସେହପରି ଅନେକ ସମୟ ଥିଲେ। ବାହାରକୁ ଆସି କେଷ୍ଟଭାଇଙ୍କୁ ଗୋଟିଏ motto (ବାଣୀ) ଦେଲେ। ସ୍ନାନ ସମୟରେ ପ୍ରଫୁଲ୍ଲ ପାଖରେ ଥିଲା। ସ୍ନାନ ସମାପନାନ୍ତେ ତାଦ୍ୱାରା ମଧ୍ୟ ଗୋଟିଏ motto (ବାଣୀ) ଲେଖାଇଲେ। ଶ୍ରୀଶ୍ରୀଠାକୁରଙ୍କ ମନ ସର୍ବଦା କାରଣମୁଖୀ। କୌଣସି ବିଷୟକୁ ଲକ୍ଷ୍ୟ କରିବା ମାତ୍ରେ ତାହାର ଅନ୍ତର୍ନିହିତ ନିତ୍ୟ ସତ୍ୟଟି ତାଙ୍କ ନିକଟରେ ଉଦ୍ଭାସିତ ହୋଇଉଠେ ଏବଂ ତାକୁ ସେ ଲିପିବଦ୍ଧ କରି ଦିଅନ୍ତି—ଅନେକ ବାଣୀ ଓ ଛଡ଼ାର ଉତ୍ପତ୍ତି ଏହିପରି ଭାବରେ ହୋଇଛି।

ସ୍ନାନ ପରେ ତକିଆ ଉପରେ ଭରାଦେଇ ମନୁସଂହିତା ପଢୁଥିଲେ ଶ୍ରୀଶ୍ରୀଠାକୁର। ଷଷ୍ଠ ଅଧ୍ୟାୟର ୩୬ ନମ୍ବର ଶ୍ଲୋକଟି ବିଶେଷଭାବରେ ପଢ଼ି ଶୁଣାଇଲେ।

ଶ୍ରୀଶ୍ରୀଠାକୁର ମନୁସଂହିତାର ଦ୍ୱିତୀୟ ଅଧ୍ୟାୟର ୨୮ ନମ୍ବର ଶ୍ଲୋକଟି ମୁଖସ୍ଥ କରିବାକୁ କହିଲେ। ଏହି ଦୁଇଟି ଶ୍ଲୋକରେ ଆଦର୍ଶ-ସମ୍ମତ ବିବାହ-ସଂସ୍କାରର ପବିତ୍ରତା ଓ ପ୍ରୟୋଜନୀୟତା ବିଷୟ ଉଲ୍ଲେଖ ଅଛି।

ଶ୍ରୀଶ୍ରୀଠାକୁର ଆଜି ରାତ୍ରିରେ offer (ବରଣ କରିବା) ଦେବା ସମ୍ବନ୍ଧରେ କହିଲେ—offer (ବରଣ) ପିଲାଖେଳ କଥା ନୁହେଁ। ଅପରିଣତ ବୟସରେ ଯଦି କୌଣସି ଝିଅ offer (ବରଣ) ଦିଏ, ତାହା consider (ବିବେଚନା) କରିବା ଯୋଗ୍ୟ ନୁହେଁ। ମିଳାମିଶା ଫଳରେ ଯେଉଁ ଆକର୍ଷଣ ଆଣେ ତାହା କିନ୍ତୁ ଠିକ୍ ନୁହେଁ, offer (ବରଣ ବିଷୟ)ରେ ବାପ ମା'ଙ୍କର ମତ ଥିବା ଉଚିତ୍। ଯେଉଁ ପୁରୁଷ offer (ବରଣ କରିବା) ପାଇଁ ପ୍ରରୋଚନା ଦିଏ, ସେ କିନ୍ତୁ ଆଦୌ ଯୋଗ୍ୟ ପୁରୁଷ ନୁହେଁ।

## ଆଶ୍ୱିନ ୧୭, ବୁଧବାର, ୧୩୪୬ (ଇଂ ୪/୧୦/୩୯)

ଶ୍ରୀଶ୍ରୀଠାକୁର ସକାଳେ ବନ୍ଧ ପାଖରେ ଚାଳଘରେ ନିରୋଳାରେ ବସିଥିଲେ— ଜଣେ ଭାଇ ଆସି ତାଙ୍କର ଦୁର୍ବଳତା କଥା ବ୍ୟକ୍ତ କଲେ।

ଶ୍ରୀଶ୍ରୀଠାକୁର ପୌରୁଷ-ଦୃପ୍ତ ଭଙ୍ଗିରେ କହିଲେ—ପୁରୁଷତ୍ୱର ଅବମାନନା ମୁଁ ସହ୍ୟ କରି ପାରେ ନା, ବହୁତ କଷ୍ଟ ହୁଏ। ସେ କେଉଁ ପୁରୁଷରେ ଗଣ୍ୟ ଯେ ଗୋଟିଏ ଝିଅ ପ୍ରତି କାମଲୋଲୁପତାବଶତଃ ଜୀବନ ବଳି ଦେବାକୁ ଚାହେଁ? ମଣିଷ ଥରେ ଆଘାତ ଖାଇ ଯଦି ସାବଧାନ୍ ନ ହୁଏ, ତା'ପାଇଁ ଆଉ କ'ଣ କରାଯାଇପାରେ?

ଭଦ୍ରଲୋକଟି କହିଲେ—ପାରୁନାହିଁ ଯେ!



ଶ୍ରୀଶ୍ରୀଠାକୁର ଉତ୍ତେଜିତ କଣ୍ଠରେ କହିଲେ—ଉଣ୍ଡାମି କରୁଛୁ କାହିଁକି? ପାରୁନା ମାନେ? ନ ପାରିବାର କଥା ବସି ବସି ଭାବୁଛୁ—ସେଇଥିପାଇଁ ପାରୁନୁ। ପାରିବାକୁ ଚାହୁଁନୁ—ତେଣୁ ପାରୁନୁ। ସେସବୁ ଉଣ୍ଡାମି ଜାଣି ଚତୁରା ବୁଦ୍ଧି ଛାଡ଼ି ଦେ—ବଞ୍ଚିବାକୁ ଚାହୁଁତ ଠିକ୍ ବାଟରେ ଚାଲ। ତୁ ଝିଅମାନଙ୍କ ପାଖରେ ଲାଞ୍ଛିତ ହେଉ— ତୋତେ ଲଜ୍ଜା ଲାଗେ ନା? ଝିଅମାନେ ଯଦି ପୁରୁଷକୁ ଭଲପାଇ କୃତକୃତାର୍ଥ ବୋଧ ନ କରନ୍ତି—ତାହେଲେ ହେଲା କ'ଣ? ଝିଅଙ୍କ ପଛରେ ଗୋଡ଼ାଉଥିବା ପୁରୁଷଙ୍କୁ ଝିଅମାନେ ଘୃଣାହିଁ କରନ୍ତି—ସେ ଝିଅ ଯେତେ ହୀନ ହେଉନା କାହିଁକି। ଗୋଟିଏ ଝିଅର ଅଭାବକୁ ଆଉ ଜଣଙ୍କ ଦ୍ୱାରା ପୂରଣ କରିବାକୁ ଚାହିଁଲେ distortion (ବିକୃତି) ହୋଇଥାଏ। ତାହା ଏକଦମ୍ ବଦ୍ଧମୂଳ ହୋଇଯାଏ, ଅର୍ଥାତ୍ perverted sexuality grow କରେ (ବିକୃତ ଯୌନ ଆକୃତି ଜନ୍ମାଏ)—ସାବଧାନ୍।

ପରେ କଥା ପ୍ରସଙ୍ଗରେ ଜଣେ ମା'କୁ ଶ୍ରୀଶ୍ରୀଠାକୁର କହିଲେ—ମା ହେବା ଅତ୍ୟନ୍ତ କଷ୍ଟକର। ରାମପ୍ରସାଦଙ୍କ ଗାନରେ ଅଛି—

''ମା ହେବା କି ସହଜ କଥା
ପ୍ରସବ କଲେହିଁ ହୁଏନା ମାତା!''

'ବଜ୍ରାଦପି କଠୋରାଣି ମୃଦୁନି କୁସୁମାଦପି' ହେବାକୁ ହେବ— ତା ନହେଲେ ପିଲାମାନେ ମା'ଙ୍କୁ ପାଇ ମଧ୍ୟ ପାଇବେ ନାହିଁ। ଅର୍ଥାତ୍ ସେପରି ମା ଥିବା ନଥିବା ସମାନ।

## ଆଶ୍ୱିନ ୧୮, ଗୁରୁବାର, ୧୩୪୬ (ଇଂ ୫/୧୦/୩୯)

ଶ୍ରୀଶ୍ରୀଠାକୁର ସକାଳେ କେତୋଟି ବାଣୀ ଦେଲେ। ଦି'ପହରେ ଓଲ୍ଡ ଟେଷ୍ଟାମେଣ୍ଟରେ ବର୍ଣ୍ଣିତ ନାରୀଜାତିର ସୃଷ୍ଟି ସମ୍ବନ୍ଧରେ ଗଳ୍ପ କରୁଥିଲେ—ଶ୍ରୀଶ୍ରୀଠାକୁରଙ୍କ ଗଳ୍ପଗୁଡ଼ିକ ଏତେ ଜୀବନ୍ତ ଓ ସରସ, କଥାଗୁଡ଼ିକ ଏପରି ପ୍ରାଣବନ୍ତ ଯେ, ତାଙ୍କ ଶ୍ରୀମୁଖରୁ କିଛି ଶୁଣିଲେ ମନେହୁଏ ସତେ ଯେପରି ତାହା ପ୍ରତ୍ୟକ୍ଷ ଦେଖାଯାଉଛି।

ସନ୍ଧ୍ୟାରେ ବନ୍ଧ ପାଖରେ ଗୋପାଳ ଭାଇଙ୍କ (ମୁଖୋପାଧ୍ୟାୟ) ସଙ୍ଗେ ଆଲୋଚନା ଚାଲିଥିଲା।

ଶ୍ରୀଶ୍ରୀଠାକୁର କହିଲେ—ମନୁସଂହିତା ଯେ ମୂଳରୁ ସୃଷ୍ଟିତତ୍ତ୍ୱ ଦେଇ ଆରମ୍ଭ କରିଛନ୍ତି, ଏହାର ଗୋଟାଏ କାରଣ ଅଛି। ଏହାଦ୍ୱାରା ପାରମ୍ପର୍ଯ୍ୟାନୁଯାୟୀ ସବୁକିଛି ଯଥାଯଥ ଭାବରେ ବୁଝାଯାଏ। 'ଚଲାର ସାଥୀ'ରେ ମଧ୍ୟ ସୃଜନପ୍ରଗତି ଦେଇ ଆରମ୍ଭ ହୋଇଛି, ଅବଶ୍ୟ ଏହା ଖୁବ୍ ଭାବିଚିନ୍ତି, ଦେଖି ଶୁଣି କରାଯାଇ ନାହିଁ—ଆପେ ଆପେ ଏପରି ହୋଇଯାଇଛି। ପୁରାପୁରି ମୂଳରୁ ନ ଜାଣିଲେ କେବଳ ଉପରଠାଉରିଆ ଭାବରେ ଜାଣିଲେ ଆମର ବୋଧ

ପକ୍କା ହୁଏ ନାହିଁ। ଆମର ଋଷିଗଣ ଯେ କେତେବଡ଼ ବୈଜ୍ଞାନିକ ତାହା କେହି ଭାବନ୍ତି ନାହିଁ। ମହାଦେବଙ୍କ ପରି ମହାସାଧକ କେତେ ଔଷଧର formula (ସୂତ୍ର) ଦେଇଥିଲେ। ସାଧୁପୁରୁଷଙ୍କ ସମ୍ବନ୍ଧରେ ଆଜିକାଲି ଧାରଣାହିଁ ବଦଳି ଯାଇଛି—କିନ୍ତୁ ପ୍ରକୃତ ସାଧୁମାନେ ଥିଲେ—ଖୁବ୍ active ଓ practical (ସକ୍ରିୟ ଓ ବାସ୍ତବବାଦୀ), ସେମାନେ କେତେପ୍ରକାରେ ସମାଜର serve (ସେବା) କରୁଥିଲେ।

କଥା ପ୍ରସଙ୍ଗରେ କହିଲେ—ଅବତାର ମହାପୁରୁଷଙ୍କ କଥା କୁହାଯାଏ, କିନ୍ତୁ ରାମକୃଷ୍ଣ ଠାକୁରଙ୍କ ପରି ଏପରି ଜଣେ normal man (ସହଜ ମଣିଷ) କୁ ଆଉ ଦେଖିନାହିଁ।

ରାତ୍ରିରେ ସାଧନ ଭଜନ କଥା ଉଠିବାରୁ ଶ୍ରୀଶ୍ରୀଠାକୁର କହିଲେ—Normal life (ସ୍ୱାଭାବିକ ଜୀବନ) ନ ହେଲେ ସୁବିଧା ହୁଏ ନାହିଁ। ଏକପ୍ରକାର ଅଛି— got-up life (କୃତ୍ରିମ ଜୀବନ) ତାହା ପାରି ଉଠେ ନା। କସରତ କରି ମୁଁ କେବେ କଛି କରିନାହିଁ, ଯେତେବେଳେ ଯାହା ଭଲ ଲାଗୁଥିଲା କରୁଥିଲି। ମୁଁ ତ ସରକାର ସାହେବଙ୍କୁ ଦେଖିନାହିଁ, ତେଣୁ ମା'ହିଁ ମୋ ପାଖରେ ସବୁକିଛି ଥିଲେ। ଯାହା କରୁଥିଲି ମା'ଙ୍କଠାରୁ ବାହାଦୁରି ପାଇବା ପାଇଁ କରୁଥିଲି। ସଉକ ହେଲା—ରାତି ଦିପହରେ ବସି ନାମ କରିବାକୁ ଲାଗିଲି। ଏବଂ ଖୁବ୍ କ୍ଷିପ୍ରତାର ସଙ୍ଗେ କାମ କରିବାର ଗୋଟାଏ ଝୁଙ୍କ ଥିଲା। ବାଇଶ ମିନିଟରେ ଖୋକ୍‌ସାରୁ ତିନିମାଇଲ ପାଦରେ ଚାଲିଯାଇଛି। Activity (କର୍ମ ପରାୟଣତା) ଆମର ଖୁବ୍ ବଢ଼ି ଯାଇଥିଲା। କାମ ଖୁବ୍ ଭଲ ଲାଗୁଥିଲା। କୀର୍ତ୍ତନ-ଫିର୍ତ୍ତନ କରୁଥିଲି—Trance (ସମାଧି) ସମୟରେ consciousness (ବାହ୍ୟ ଚେତନା) ରହୁ ନଥିଲା। ତେଣୁ ସେ ଜିନିଷକୁ ବେଶୀ ଗୁରୁତ୍ୱ ଦିଏ ନାହିଁ, ଅନ୍ୟ ସବୁବେଳେ conscious (ସଚେତନ) ରହୁଥିଲି। ଦିନେ ଗୋଟାଏ ଥର୍ମୋମିଟର ହାତରେ ଧରୁ ଧରୁ ତାପମାତ୍ରା ୧୧୦° ଉଠିଗଲା—ଦେହରେ ପାଣି ପଡ଼ିଲେ ବାଷ୍ପ ହୋଇ ଯାଉଥିଲା, ଏହିପରି ସବୁ ହେଉଥିଲା। ଅନୁଭୂତି ସମ୍ବନ୍ଧରେ ଯାହାସବୁ dictate କରିଛି (ମୁହଁରୁ ଡାକିଛି)—ତଦ୍‌ଜାତୀୟ ବୋଧସବୁ ହେଉଥିଲା।

ଲୋକେ ଭଗବାନ ଅର୍ଥହିଁ ବୁଝନ୍ତି ନାହିଁ, କିଂଭୂତ କିମାକାର ଧାରଣା ନେଇ ଥାନ୍ତି—କ'ଣ ସବୁ ଯେ କରନ୍ତି, ତେଣୁ କିଛି ହୁଏ ନାହିଁ। ଯେଉଁମାନେ ମହାପୁରୁଷ ସଂସର୍ଗ ଲାଭ କରନ୍ତି—ସେମାନେ ପ୍ରକୃତରେ ଧନ୍ୟ ହୋଇଯାନ୍ତି—ଶତ ସାଧନା କରି ଯାହା ବୁଝା ଯାଏନାହିଁ, ତାଙ୍କ ସଙ୍ଗଲାଭ କଲେ normally (ସହଜ ଭାବରେ) ତାହା ବୁଝାଯାଏ, ଦେଖାଯାଏ,—ଏବଂ normal (ସହଜ) ନ ହେଲେ କିନ୍ତୁ ଠିକ୍ ଠିକ୍ ହୁଏ ନାହିଁ। ତେବେ କେବଳ ମହାପୁରୁଷଙ୍କ ପାଖରେ ରହିଲେ ହେବ ନାହିଁ ଅନୁରାଗର ସଙ୍ଗେ ତାଙ୍କୁ ଅନୁସରଣ କରିବା ଉଚିତ।

### ଆଶ୍ୱିନ ୧୯, ଶୁକ୍ରବାର, ୧୩୪୬ (ଇଂ ୬/୧୦/୩୯)

ଅକ୍ଷିଣର ସୌର କରୋଦ୍ଭାସିତ ସୁନ୍ଦର ପ୍ରଭାତ—ଆଶ୍ରମ ପ୍ରାଙ୍ଗଣରେ ବାବଲାଗଛ



ତଳେ ଗୋଟିଏ ବେଞ୍ଚ ଉପରେ ବସିଛନ୍ତି ଶ୍ରୀଶ୍ରୀଠାକୁର। ଶ୍ରୀମୂର୍ତ୍ତିରେ ଫୁଟି ଉଠିଛି ମଧୁର ହସ, ଚକ୍ଷୁରେ ଯେପରି କେଉଁ ସୁଦୂରର ସ୍ୱପ୍ନ—ପରମ ସ୍ନେହଭରେ ସମବେତ ଭକ୍ତବୃନ୍ଦଙ୍କ ସଙ୍ଗେ ବାକ୍ୟାଳାପ କରୁଛନ୍ତି—ସେମାନଙ୍କର ବ୍ୟକ୍ତିଗତ ସୁବିଧା ଅସୁବିଧା କଥା ଶୁଣି ଯାହାର ଯାହା ପ୍ରୟୋଜନ, ସେହିପରି ବ୍ୟବସ୍ଥା କରି ଦେଉଛନ୍ତି। ସାଧନ-ଭଜନ ସମ୍ବନ୍ଧରେ କଥା ଉଠିଲା।

ଶ୍ରୀଶ୍ରୀଠାକୁର କହିଲେ—Inferiority Complex (ହୀନମନ୍ୟତା)ରୁ ସାଧନା ଆରମ୍ଭ କଲେ ସବୁ ପଣ୍ଡ ହୁଏ—ମୁଁ ସାଧକ ଏହି consciousness (ଦୋଷ) ଆସିଲେ ସର୍ବନାଶ! ଅନେକ ସମୟରେ ଏହି ସବୁ ସାଧକ ନିଜର ଶକ୍ତିମତ୍ତାର ବାହାଦୁରି କରନ୍ତି, କିନ୍ତୁ ଇଷ୍ଟାନୁରାଗ ନ ଥିଲେ କିଛି ବି ହେଲା ନାହିଁ—ଇଷ୍ଟଙ୍କର ଝୁଙ୍କରେ ଯିଏ ଯାହା କରେ ତାହାହିଁ ହୁଏ normal (ସହଜ ସ୍ୱାଭାବିକ); ନଚେତ୍ ଲକ୍ଷ ସାଧନା କଲେ ବି ଚରିତ୍ରରେ ତାହା ଗୁନ୍ଥି ହୁଏ ନାହିଁ, ସତ୍ତାକୁ ସ୍ପର୍ଶ କରେ ନାହିଁ।

ସନ୍ଧ୍ୟାରେ ଜଣେ ଭାଇ ଆସି ତାଙ୍କର ଅଭାବ-ଅସୁବିଧା ଓ ଋଣର କଥା କହିଲେ।

ତା'ର ଉତ୍ତରରେ ଶ୍ରୀଶ୍ରୀଠାକୁର କହିଲେ—ମୋର ଗୋଟାଏ ପ୍ରକୃତି ସମସ୍ତଙ୍କୁ ମୁଁ ବୋଲି ମନେକରେ। କାହାରି ଅସୁବିଧା ଦେଖିଲେ ପ୍ରଥମେହିଁ ମୋର ମନେ ହୁଏ—ମୁଁ ସେଇ ଅବସ୍ଥାରେ ପଡ଼ିଲେ ମୋତେ କିପରି ଲାଗନ୍ତା। ଅନ୍ୟର ଅଭାବକୁ ନିଜର ଅଭାବ ବୋଲି ମନେହୁଏ—ନିଜର ସ୍ୱାର୍ଥ ଅଛି ବୋଲି ତେଣୁ ତାକୁ ଦୂର କରିବାକୁ ଚେଷ୍ଟା କରେ। ଏହିପରି ଭାବରେ ଭଲପାଇ ସେବା ଦେଇ, ମଣିଷକୁ ଆପଣାର କରି ନେବାକୁ ହୁଏ।

ପରେ କହିଲେ—ମୁଁ ସାଧାରଣତଃ ଋଣ କରେ ନାହିଁ, ଦରକାର ହେଲେ ମାଗି ନିଏ, ତେବେ ତାକୁ ଫେରାଇ ଦେବାର ପ୍ରବଳ ଇଚ୍ଛାଥାଏ, ଏବଂ ଦେଇ ଦେବାଟାହିଁ ମୋର interest (ସ୍ୱାର୍ଥ) ବୋଲି ମନେକରେ। ଋଣ ନ କରିବାହିଁ ଭଲ। ଋଣ କରି ସମୟାନୁସାରେ ଯଦି ପରିଶୋଧ ନ କରାଯାଏ ତାହା ଖୁବ୍ ଖରାପ—ଏବଂ ମୁଁ ନିଜେ ଯାହାକୁ ଯାହା ଦିଏ ତାହା ଫେରି ପାଇବାର ଆଶାରେ ଦିଏ ନାହିଁ। ତେଣୁ କହେ ମଣିଷକୁ ଆପଣାର କରିନେଇ ପାରିଲେ ଆଉ ଭାବନା କ'ଣ ?

ଏହି କେତୋଟି କଥା ଭିତରେ ଭାଇଟି ନିଜ ସମସ୍ୟାର ସମାଧାନ ପାଇ ପରମ ପୁଲକିତ ଅନ୍ତରରେ ଉଠି ଚାଲିଗଲେ।

### ଆଶ୍ୱିନ ୨୦, ଶନିବାର, ୧୩୪୬ (ଇଂ ୭/୧୦/୩୯)

କଥା ପ୍ରସଙ୍ଗରେ ଶ୍ରୀଶ୍ରୀଠାକୁର କହିଲେ—ଆଜି ପାଇଖାନାରେ ବସି ଅନେକ କଥା ମନକୁ ଆସୁଥିଲା—ବର୍ତ୍ତମାନ ସବୁ ଭୁଲିଯାଇଛି। କିଏ ଯେପରି କାନରେ ଟକ୍‌ଟକ୍ କରି

କହି ଦେଉଥିଲା, ପାଇଖାନାକୁ ଗଲେ ଅନେକ ସମୟରେ ଏହିପରି ହୋଇଥାଏ ।

ମହାପୁରୁଷ ପ୍ରସଙ୍ଗ ପଡ଼ିଲା । ପୂର୍ବବର୍ତ୍ତୀଙ୍କୁ ପରିପୂରଣ କରିବା କଥା ପଡ଼ିବାରୁ ଶ୍ରଦ୍ଧେୟ କେଷ୍ଟ ଭାଇ (ଭଟ୍ଟାଚାର୍ଯ୍ୟ) କହିଲେ—ଠାକୁର ରାମକୃଷ୍ଣଦେବଙ୍କ ଭିତରେ ଏହା ଖୁବ୍ distinct and prominent (ପରିଷ୍କାର ଓ ପ୍ରବଳ) ଦେଖାଯାଏ । ମୋର ମନେହୁଏ, ବୁଦ୍ଧଦେବଙ୍କ ଭିତରେ ଏହି ଦିଗଟା ସ୍ପଷ୍ଟ ନ ଥିଲା, ତେଣୁ ବୁଦ୍ଧଦେବ ଆସ୍ତେ ଆସ୍ତେ ବାଦ୍ ପଡ଼ିଗଲେ, ବୌଦ୍ଧଧର୍ମର ପ୍ରଭାବ କମିଗଲା ।

ଶ୍ରୀଶ୍ରୀଠାକୁର—ବାଦ୍ ପଡ଼ିବାର କଥା ତ ନୁହେଁ ! ବୁଦ୍ଧଦେବ ଓ ହଜରତ ମହମ୍ମଦ ଇତ୍ୟାଦିଙ୍କ ବିରୁଦ୍ଧରେ ଯେଉଁ blasphemy (ଅପବାଦ) ଚାଲିଛି ତା'ର ନିରାକରଣ କରିବାକୁ ହେବ । ବୁଦ୍ଧଦେବଙ୍କ ନିଜସ୍ୱ ଲିଖିତ କୌଣସି ବହି ନାହିଁ ? ସେଥିରୁ draw (ଉଦ୍ଧାର) କରିବାକୁ ହେବ । ଶୁଣିଛି ବୁଦ୍ଧଦେବ ବର୍ଣ୍ଣଧର୍ମ ମାନୁଥିଲେ, 'ଆର୍ଯ୍ୟ ସତ୍ୟ', 'ଆର୍ଯ୍ୟ ସତ୍ୟ' ବୋଲି ସେ ଏତେ କହିଛନ୍ତି—Aryan culture (ଆର୍ଯ୍ୟକୃଷ୍ଟି) ଉପରେ ତାଙ୍କର ସବୁ କିଛି based (ପ୍ରତିଷ୍ଠିତ) ।

କେଷ୍ଟ ଭାଇ—ଧମ୍ମପଦ ତ ବୁଦ୍ଧଦେବଙ୍କ ଲିଖିତ, ସେଥିରୁ ନଜିର ଦେଖାଇବା ତ କଷ୍ଟକର ! ବର୍ଣ୍ଣଭେଦକୁ ସେ ମାନୁଥିଲେ ବୋଲି କିଛି ପ୍ରମାଣ ମିଳୁନାହିଁ, ତେବେ ତା'ର ବିରୁଦ୍ଧରେ କିଛି ମଧ୍ୟ ସେଥିରେ ମିଳୁନାହିଁ ।

ଶ୍ରୀଶ୍ରୀଠାକୁର—ସେଥିରେ ବି ଗୋଟାଏ ଅଡୁଆ ଅଛି—ହୁଏତ ବିଶିଷ୍ଟ କେତେକ ବ୍ୟକ୍ତି ବିଶେଷଙ୍କ ଉଦ୍ଦେଶ୍ୟରେ ତାଙ୍କର ଉକ୍ତି ଲିପିବଦ୍ଧ ହୋଇଛି ତହିଁରୁ ପ୍ରତ୍ୟେକଟି ବିଷୟରେ ତାଙ୍କର ମତାମତ ବୁଝାଯାଏ ନାହିଁ ।

ଉପରବେଳା ବନ୍ଧ ପାଖରେ ଖଣ୍ଡେ ଚୌକିରେ ଶ୍ରୀଶ୍ରୀଠାକୁର ବସିଛନ୍ତି—ବିନତି-ପ୍ରାର୍ଥନା ପରେ ଆଶ୍ରମର ଅନେକ ଭାଇ ଓ ମା'ମାନେ ସମବେତ ହୋଇଛନ୍ତି । କେଷ୍ଟ ଭାଇ (ଭଟ୍ଟାଚାର୍ଯ୍ୟ), ପ୍ୟାରୀ ଭାଇ (ନନ୍ଦୀ), ପ୍ରଫୁଲ୍ଲ, କାଳିଦାସୀ ମା ପ୍ରଭୃତି ଆଗରୁ ଉପସ୍ଥିତ ଥିଲେ । ଜଣେ ମୌଲବୀ ସାହେବ ଆସିଲେ, ତାଙ୍କ ସଙ୍ଗେ ଇସ୍‌ଲାମ ସମ୍ପର୍କରେ କଥା ଉଠିଲା ।

ଶ୍ରୀଶ୍ରୀଠାକୁର—କୋରାନ ଏପରି ଜିନିଷ—ରସୁଲ କେତେ ପରିଷ୍କାର ଭାବରେ ସବୁକଥା କହି ଯାଇଛନ୍ତି । କାହାରି ସହିତ କୌଣସି ବିରୋଧ ନାହିଁ, ଅଥଚ ମୁସଲମାନ ପରି ମୁସଲମାନଟିଏ ମୁଁ ଦେଖିଲି ନାହିଁ । ମୁସଲମାନ ବା ଇସଲାମ ପନ୍ଥୀ ହେବାକୁ ହେଲେ କାହାର hereditary culture (ବଂଶାନୁକ୍ରମିକ) କୁ ଅସ୍ୱୀକାର କରିବାକୁ ହେବ ବୋଲି କେବେ କେଉଁଠି ରସୁଲ କ'ଣ କହିଛନ୍ତି ? ପୂର୍ବବର୍ତ୍ତୀଙ୍କୁ betray (ବିଶ୍ୱାସଘାତକତା) କରି ଯାହାକୁ accept (ଗ୍ରହଣ) କରିବାକୁ ଯାଉ ପ୍ରକୃତ ପକ୍ଷେ ତାହାକୁହିଁ betray (ବିଶ୍ୱାସଘାତକ) କରା ହୁଏ ନାହିଁ କି ? ମୁଁ ଇଚ୍ଛା କଲେ ତ ଏଇ ଅବସ୍ଥାରେହିଁ ଇସଲାମର



ସେବକ ହୋଇ ପାରେ—ପ୍ରତ୍ୟେକ ପ୍ରତ୍ୟେକ ଅବସ୍ଥାରେ ପାରନ୍ତି—ଏବଂ ତାହା ଉଚିତ୍
ମଧ୍ୟ, କିନ୍ତୁ conversion (ଧର୍ମାନ୍ତର) ର କଥା ରସୁଲଙ୍କ ଭିତରେ ନାହିଁ, ବରଂ ସେ
ପୂର୍ବବର୍ତ୍ତୀଙ୍କୁ ଅନେକ ସମ୍ମାନ ଦେଇଛନ୍ତି । ରସୁଲଙ୍କ କଥା ଯେଉଁମାନେ ଅମାନ୍ୟ କରନ୍ତି
ସେମାନେ କ'ଣ କାଫେର ନୁହଁନ୍ତି ? ହାଦୀସରେ ପରବର୍ତ୍ତୀଙ୍କର କଥା ମଧ୍ୟ ଅଛି । ଏପରି
କି ଏହା ମଧ୍ୟ ଅଛି ଯେ—ସେ ଯଦି ହାବସୀମାନଙ୍କର କ୍ରୀତଦାସ ହୁଅନ୍ତି—ତେବେ ବି
ତାଙ୍କୁ ଗ୍ରହଣ କରିବେ । ଆଉ ଏଇ ଯେ ଖତମ-ନା ଖାତେମର ବ୍ୟାଖ୍ୟାର କ'ଣ ଗଣ୍ଡଗୋଳ
ଅଛି ? ପରବର୍ତ୍ତୀଙ୍କର କଥା ଯେତେବେଳେ ଅଛି ସେତେବେଳେ ରସୁଲଙ୍କୁ ସବୁ ଖତମ ଅର୍ଥାତ୍
ଶେଷ—ଏକଥା ତ କହିବା ଠିକ୍ ହୁଏ ନାହିଁ, ବରଂ continuity (କ୍ରମାଗତି) ଯେପରି
ବ୍ୟାହତ ନ ହୁଏ, ଏହି ପ୍ରକାର ବ୍ୟାଖ୍ୟା କରିବା ସମୀଚୀନ । ଅବଶ୍ୟ ପରବର୍ତ୍ତୀ ଯେତେବେଳେ
ଆସନ୍ତି ପୂର୍ବବର୍ତ୍ତୀ ଖତମ ହିଁ ହୁଅନ୍ତି । କାରଣ ସେ ତ ପୂର୍ବବର୍ତ୍ତୀଙ୍କର ରୂପ ନେଇ ଆସନ୍ତି
ନାହିଁ । ତେବେ ଏହା ଠିକ୍ ଯେ ସେଇ ଗୋଟିଏ ପ୍ରେରଣା ବିଭିନ୍ନ ଭାବରେ ଆତ୍ମପ୍ରକାଶ
କରିଥାନ୍ତି—ଗୋଟିଏ ମୂର୍ତ୍ତିରେ ଆସନ୍ତି ନାହିଁ । କିନ୍ତୁ ଯିଏ ଆସନ୍ତି ସେ ତାଙ୍କରି continua-
tion (ପରବର୍ତ୍ତୀ), ତାଙ୍କୁହିଁ base (ଭିତ୍ତି) କରି ସେଇ ପ୍ରେରଣାରହିଁ further fulfilment
(ଅଧିକ ପରିପୂରକ) ।

ମୌଲବୀ ସାହେବ ପ୍ରତ୍ୟେକଟି କଥାକୁ ଅନୁମୋଦନ କଲେ ଏବଂ କୋରାନରୁ ପ୍ରାସଙ୍ଗିକ ଶ୍ଳୋଗାନ ଉଦ୍ଧାର ପୂର୍ବକ ଶ୍ରୀଶ୍ରୀଠାକୁରଙ୍କ କଥାକୁ ସମର୍ଥନ କରିବାକୁ ଲାଗିଲେ । ପରବର୍ତ୍ତୀଙ୍କ କଥା ଯେ ଇସଲାମରେ ଅଛି ତାହା ସେ ମୁକ୍ତ କଣ୍ଠରେ ସ୍ୱୀକାର କରିଥିଲେ ।

## ଆଶ୍ୱିନ ୨୧, ରବିବାର, ୧୩୪୬ (ଇଂ ୮/୧୦/୩୯)

ସକାଳେ ଶ୍ରୀଶ୍ରୀଠାକୁର ଖୁବ୍ ମଉଜିଆ ଗଳ୍ପ କରୁଥିଲେ—ଯେତେବେଳେ ସ୍ୱାମୀ
ମରିଯାଏ ସ୍ତ୍ରୀ ସୁର କରି ଏହି କଥା କହି କାନ୍ଦେ—ତୁମେ ମୋତେ କ'ଣ କରି ଦେଇ
ଗଲ ହେ, ପିଲାଛୁଆ ନେଇ ମୁଁ କୁଆଡ଼େ ଯିବି ଇତ୍ୟାଦି । ଏଠାରେ ସ୍ୱାମୀ ଅପେକ୍ଷା ସ୍ୱାମୀଙ୍କର
ଟଙ୍କାପଇସା ପ୍ରତି ଭଲପାଇବା ବେଶୀ । କିନ୍ତୁ ସାଧାରଣତଃ ସ୍ତ୍ରୀ ମରିଗଲେ ପୁରୁଷ
କହେ—ମୋର ଆଉ କେହି ନାହିଁ, ମୋତେ ଏକାବେଳକେ ଏକୁଟିଆ କରି ଦେଇ ଗଲା ।
ତେଣୁ ମନେହୁଏ ପୁରୁଷଙ୍କ sincerity (ଆନ୍ତରିକତା) ବେଶୀ । ଝିଅମାନେ ଅଳ୍ପଦିନ ଭିତରେ
ପିଲାଛୁଆ, ଘରସଂସାର ନେଇ ବେଶ୍ ଥା'ନ୍ତି—ସବୁ ଭୁଲି ଯା'ନ୍ତି । ଅବଶ୍ୟ ସବୁଠାରେ
ଯେ ଏହିପରି ହୁଏ ତା କହୁନାହିଁ ।

ପ୍ରକୃତ ସ୍ୱାମୀଭକ୍ତି ସମ୍ବନ୍ଧରେ କଥା ପଡ଼ିବାରୁ ଶ୍ରୀଶ୍ରୀଠାକୁର କହିଲେ—ଏପରି ଝିଅ ଖୁବ୍ କମ୍ ଦେଖାଯା'ନ୍ତି ଯେଉଁମାନେ କି ସ୍ୱାମୀଙ୍କ ମୁହଁକୁ ଚାହିଁ ତାଙ୍କ ସଙ୍ଗେ ଯାଇ ଗଛମୂଳରେ

ରହିବାକୁ ପ୍ରସ୍ତୁତ—ଯେଉଁମାନେ କି ନିଜର ଛାତି ପତାଇ ସ୍ୱାମୀର ସମସ୍ତ ଦୁଃଖ କଷ୍ଟ ଢାଙ୍କି ଦେଇ ପାରନ୍ତି। ସେପରି ଝିଅ ଯଦି କେହି ଥାଏ ତେବେ ସେ ନିଶ୍ଚୟ ଏ ଦେଶର ନୁହେଁ ସ୍ୱର୍ଗ ନା କ'ଣ କହନ୍ତି, ସେଇ ରାଜ୍ୟର ମଣିଷ ସେ!

କାରଖାନାର ସୁଧୀର ଭାଇଙ୍କୁ ଶ୍ରୀଶ୍ରୀଠାକୁର କୌଣସି ଏକ ବିଶେଷ କାର୍ଯ୍ୟର ଦାୟିତ୍ୱ ଦେଇଛନ୍ତି। ସୁଧୀର ଭାଇ ମଧ୍ୟ ନିରନ୍ତର ସେଇ କାର୍ଯ୍ୟରେ ଲାଗିଛନ୍ତି। ଶ୍ରୀଶ୍ରୀଠାକୁର ସାରାଦିନ ୪/୫ ଥର ଲୋକ ପଠାଉଛନ୍ତି ଏବଂ ଉପରବେଳା ନିଜେ ଆସି କାମ ପାଖରେ ବସିଛନ୍ତି। ମଝିରେ ମଝିରେ ଉତ୍ସାହପୂର୍ଣ୍ଣ କଥା କହୁଛନ୍ତି।

## ଆଶ୍ୱିନ ୨୨, ସୋମବାର, ୧୩୪୬ (ଇଂ ୯/୧୦/୩୯)

ସନ୍ଧ୍ୟାବେଳେ ଶ୍ରୀଶ୍ରୀଠାକୁର ବନ୍ଧ ପାଖରେ ଚୌକିରେ ବସିଥିଲେ—ପାଖରେ ମଧ୍ୟ ଅନେକ ଲୋକ ବସିଥିଲେ। କଲିକତାର ଜଣେ ବ୍ୟବସାୟୀ ଭଦ୍ରଲୋକ ପଚାରିଲେ—କିପରି ବ୍ୟବସାୟ କଲେ ସଫଳତା ଲାଭ କରାଯାଏ?

ଶ୍ରୀଶ୍ରୀଠାକୁର—ଯଜନ, ଯାଜନ, ଇଷ୍ଟଭୃତି ମଣିଷ ମାତ୍ରେହିଁ ପ୍ରଧାନ କରଣୀୟ—ନିଜେ ସାଧନା କରିବାକୁ ହେବ, ସଙ୍ଗେ ସଙ୍ଗେ ପାରିପାର୍ଶ୍ୱିକକୁ ବୁଝାଇବାକୁ ହେବ, ଏବଂ ଇଷ୍ଟଭରଣ ମାଧ୍ୟମରେ ନିଜର ସମସ୍ତ ଶକ୍ତି ଇଷ୍ଟଙ୍କଠାରେ କେନ୍ଦ୍ରୀଭୂତ କରି ସତ୍ତାକୁ ଅଟୁଟ କରି ତୋଳିବାକୁ ହେବ। ପାରିପାର୍ଶ୍ୱିକକୁ ବାଦ୍‌ଦେଇ ମଣିଷ ଚଳି ପାରେ ନାହିଁ, ତେଣୁ ପାରିପାର୍ଶ୍ୱିକର ସେବାରେ ମଣିଷର ସ୍ୱାର୍ଥ ନିହିତ। ପ୍ରତ୍ୟେକ ବିଷୟରେ ଯାଜନ ଓ ସେବା ପ୍ରୟୋଜନୀୟ। ମନେ କରନ୍ତୁ, ଆପଣଙ୍କର ସାଇକଲ ଦୋକାନ ଅଛି। ଆପଣ ଚିନ୍ତା କରିବାକୁ ଲାଗିଲେ, କିପରି ଭାବରେ ଆପଣ ପ୍ରତ୍ୟେକଙ୍କୁ ଗୋଟିଏ ଲେଖାଏଁ ସାଇକଲ ଦେଇ ପାରିବେ। ହୁଏତ ଅନେକ ସୁବିଧା କରି by instalment (କିସ୍ତିୱାରି) ଟଙ୍କା ଦେଇ ଗୋଟିଏ ଗରିବ ଲୋକକୁ ମଧ୍ୟ ଆପଣ ସାଇକଲ ଯୋଗାଇଦେବାର ବ୍ୟବସ୍ଥା କଲେ—ସଙ୍ଗେ ସଙ୍ଗେ ତା ନିକଟରେ ଯାଜନ କଲେ—ସାଇକଲ ଦ୍ୱାରା ତା'ର କେତେ ସୁବିଧା ହୋଇପାରେ। ସେ ସାଇକଲଟି କିଣିଲା—ସାଇକଲର advantage (ସୁବିଧା) ପାଇଲା। ସେତେବେଳେ ସେ ପ୍ରାଣଖୋଲି ଆପଣଙ୍କୁ ଧନ୍ୟବାଦ ଦେବ—ଅମୁକ ମୋର ଅବସ୍ଥା ବିବେଚନା କରି ସୁବିଧାରେ ମୋତେ ଖଣ୍ଡେ ସାଇକଲ ଯୋଗାଇ ଦେଇଛି। ଏହିପରି ଭାବରେ ସୁବିଧା କରି ନ ଦେଇଥିଲେ ମୋର ହୁଏତ ସାଇକଲ କିଣା ହୋଇ ପାରି ନ ଥା'ନ୍ତା। ମୋର କେତେ ଯେ ସୁବିଧା ହୋଇଛି! ତା କଥା ଶୁଣି ଅନେକେ ଆପଣଙ୍କ ଦୋକାନକୁ ଆସିବାକୁ ଲାଗିଲେ। ଏହିପରି ଭାବରେ ଆପଣଙ୍କର ବ୍ୟବସାୟ ବଢ଼ିବାକୁ ଲାଗିଲା। ତା ନ କରି ଆପଣ ଯଦି ତାକୁ ଠକି ବେଶୀ ଲାଭ ପ୍ରତି ନଜର ଦେଇଥାନ୍ତେ,—ତାହେଲେ



ପରେ ସେ ବୁଝିପାରି ଲୋକଙ୍କ ପାଖରେ କହି ବୁଲିଥାନ୍ତା—ଲୋକଟା ଦୁଆଚୋର, ତା ଦୋକାନକୁ କେହି ଯାଅନାହିଁ। ଆପଣଙ୍କର ଯଦି ଏକହଜାର ଗ୍ରାହକ ଥା'ନ୍ତି ଏବଂ ପ୍ରତ୍ୟେକଙ୍କ ପାଖରୁ ଯଦି ସାମାନ୍ୟ ଲାଭ ମଧ୍ୟ ଆପଣ ପା'ନ୍ତି, ଏବଂ ସେଇ ଲାଭ ମଧ୍ୟ ଯଦି ଆପଣ କହି ବୋଲି ନିଅନ୍ତି, ତାହା ଏକଶତ ଗ୍ରାହକଙ୍କଠାରୁ ବେଶୀ ଲାଭ କରିବା ଅପେକ୍ଷା ଅଧିକ ଲାଭଜନକ ନୁହେଁ କି? ଏବଂ ବ୍ୟବସାୟ କଥାଟା ଆସିଛି— ବି+ଅବ+ସୋ-ଧାତୁରୁ, ଅର୍ଥାତ୍ ଯାହା ବିନାଶରୁ ବିଶେଷ ଭାବରେ ରକ୍ଷା କରେ। କିନ୍ତୁ ଯାହା ବି କରିବାକୁ ଯାଅ ନା କାହିଁକି ମୂଳରେ ଥିବା ଦରକାର ଗୁରୁଭକ୍ତି ତାହେଲେ ପ୍ରବୃତ୍ତି ହାତମୁଠାରେ ଥାଏ, ସେବା ମନୋଭାବ ପ୍ରଖର ହୋଇଉଠେ, ଏବଂ କାମ ହୁଏ ନିଖୁଣ। ଏହି ଗୁରୁଭକ୍ତି ଯୋଗୁଁହିଁ ମଣିଷ ମଙ୍ଗଳର ଅଧିକାରୀ ହୋଇ ଉଠେ। ସେଇଥିପାଇଁ ଗୁରୁଙ୍କୁ ଇଷ୍ଟ କୁହାଯାଏ। ଇଷ୍ଟ ମାନେ ମଙ୍ଗଳ, ଅର୍ଥାତ୍ ଗୁରୁଙ୍କୁ ଅନୁସରଣ କରିଲେହିଁ ମଙ୍ଗଳ ଆସେ। ଏବଂ ଏହି ଅନୁସରଣର ପନ୍ଥାହିଁ ହେଉଛି—ଯଜନ, ଯାଜନ, ଇଷ୍ଟଭୃତି।

## ଆଶ୍ୱିନ ୨୪, ବୁଧବାର ୧୩୪୬ (ଇଂ ୧୧/୧୦/୩୯)

ଶ୍ରୀଶ୍ରୀଠାକୁର ବନ୍ଧ ପାଖରେ ଟାଲଘରେ ବସିଛନ୍ତି—ଜଣେ ନେପାଳୀ ମା ଆସି ଶ୍ରୀଶ୍ରୀଠାକୁରଙ୍କୁ କହିଲେ—ଆମକୁ ଘର (ଅତିଥିଶାଳା) ଛାଡ଼ି ଦେବାକୁ କହୁଛନ୍ତି, ମୁଁ ଏବେ କୁଆଡ଼େ ଯିବି?

ଶ୍ରୀଶ୍ରୀଠାକୁର ସହାସ୍ୟ ବଦନରେ ଉତ୍ତର ଦେଲେ—ଏବେ ବହୁତ ଲୋକ ଆସିବେ ଯେ,—ଏଠାରେ ତୋର ରହିବାକୁ ଅସୁବିଧା ହେବ, ତୁ ଗୋଟିଏ କିଛି ବ୍ୟବସ୍ଥା କରିନେ।

ମା'-ଟି ନଛୋଡ଼ବନ୍ଧା ହୋଇ କହିଲେ—ମୁଁ କେଉଁଠି କ'ଣ କରିବି ଆପଣ ମୋ ପାଇଁ ବ୍ୟବସ୍ଥା କରିଦିଅନ୍ତୁ।

ଶ୍ରୀଶ୍ରୀଠାକୁର—ତୁ ନିଜେ ପାରିବୁ, ତୁ ଖୁବ୍ ଭଲ ପାରୁ, ତୁ ଯାହା ପାରିବୁ ଆଉ କେହି ତାହା ପାରିବେ ନାହିଁ, ଖୋଜି ବାହାର କରି ପକା।

ଶ୍ରୀଶ୍ରୀଠାକୁରଙ୍କର କହିବାର ଭଙ୍ଗୀଟା ଏପରି ହୋଇଥିଲା ଯେ-ସେ ମା'ଟି ଏକ ଦୃଢ଼ ପ୍ରତ୍ୟୟ ନେଇ ଚାଲିଗଲେ—ସତେ ଯେପରି ତାଙ୍କଦ୍ୱାରା ସବୁ କିଛି ସମ୍ଭବ।

ସୁରେନ ଭାଇ (ଭୌମିକ) ନାମକ ଜଣେ ଭଦ୍ରଲୋକ Jaundice (ହଳଦିଆ କାମଳ) ରେ ଭୋଗି ଭୋଗି ଅସ୍ଥି ଚର୍ମ ସାର ହୋଇଛନ୍ତି। ଗତ କେତେଦିନ ଧରି ଆଶ୍ରମରେ ରହି ଚିକିତ୍ସିତ ହେଉଛନ୍ତି। ସେ ପାଖକୁ ଆସୁ ଆସୁ ଶ୍ରୀଶ୍ରୀଠାକୁର ଉଲ୍ଲସିତ ହୋଇ କହିଲେ—ଆରେ! ତୁ ତ ଭଲ ହୋଇ ଯାଇଛୁ, ଆଗ ଅପେକ୍ଷା ଆଖିର ହଳଦିଆ ଅଂଶ ଅନେକ ପରିମାଣରେ କମି ଯାଇଛି।

ଉପସ୍ଥିତ ସମସ୍ତଙ୍କୁ ପଚାରିଲେ—କ'ଣ କହୁଛ, ଅନେକଟା ଭଲ ନା ?

ସମସ୍ତ କହିଲେ—ହଁ।

ଦେଖୁ ଦେଖୁ ଅନେକଙ୍କ ସାମନାରେ ସେ ଯେପରି ଫୁର୍ତ୍ତି ହୋଇ ଉଠିଲେ। ଭକ୍ତ ଭାଇଙ୍କର ପେଟରୁ ନାନା ରକମ ପୋକ ପଡ଼େ—ତେଣୁ ପାଇଖାନାରେ ରୀତିମତ କିରୋସିନି ତେଲ ପକାଇବାକୁ କହିଲେ ଶ୍ରୀଶ୍ରୀଠାକୁର, ଯେପରିକି ଉଡ଼ାପୋକ ଗୁଡ଼ିକ ଅନ୍ୟକୁ ଆକ୍ରମଣ ନ କରିପାରନ୍ତି।

ଅଭିଜାତ ବୋଧ ସମ୍ପର୍କରେ ଶ୍ରୀଶ୍ରୀଠାକୁର କହିଲେ—ଆମର ଭରଦ୍ୱାଜ ବଡ଼ Physicist ବା Chemist (ପଦାର୍ଥବିଦ୍ ବା ରସାୟନବିଦ୍) ହୋଇ ପାରନ୍ତି— ସେ ପ୍ରଧାନତଃ ଋତ୍ୱିକ୍—ସେଇ ground (ଭିତ୍ତିଭୂମି) ଉପରେ ଛିଡ଼ାହୋଇ ସେ ସବୁ ଯାହାକିଛି ହୋଇଛନ୍ତି। ସେ ଯାହାକିଛି ହୁଅନ୍ତୁ ନା କାହିଁକି ତାଙ୍କର ଉଷ୍ଣୀଷ ଓ ମେଖଳାକୁ କିନ୍ତୁ ଛାଡ଼ି ନାହାଁନ୍ତି। ଋତ୍ୱିକ୍‌ର ପୋଷାକଟା ବଡ଼ ପବିତ୍ର—ସାଧା ସଫେଦ୍ ଧୋତି ଓ ପଂଜାବୀ ପିନ୍ଧି ଯେତେବେଳେ ଜଣେ ଲୋକ ଛିଡ଼ା ହୋଇଥାଏ— ଯେପରି ସାକ୍ଷାତ୍ ଦେବତା ପରି ମନେହୁଏ।

## ଆଶ୍ୱିନ ୨୫, ଗୁରୁବାର, ୧୩୪୬ (ଇଂ ୧୨/୧୦/୩୯)

ଜାତିସ୍ମର ବିଷୟରେ ତଥ୍ୟ ସଂଗ୍ରହ କରି ଶ୍ରଦ୍ଧେୟ ସୁଶୀଳ ଭାଇ (ବସୁ) ଆଜି ଆଶ୍ରମକୁ ଫେରିଆସିଛନ୍ତି। ସୁଶୀଳ ଭାଇ ସମସ୍ତ ଘଟଣା ବିସ୍ତାରିତ ଭାବରେ ଶ୍ରୀଶ୍ରୀଠାକୁରଙ୍କୁ କହୁଛନ୍ତି। ସବୁ ଘଟଣା ଶୁଣି ଶ୍ରୀଶ୍ରୀଠାକୁର ଆନନ୍ଦରେ ଅଧୀର ହୋଇ ପଡ଼ିଛନ୍ତି।

କଥା ପ୍ରସଙ୍ଗରେ ସୁଶୀଳ ଭାଇ କହିଲେ—ଦୁଇ ଜଣ ଜାତିସ୍ମରଙ୍କର କୋଷ୍ଠୀ ଦେଖିଲି—ସେମାନେ ଯେଉଁ ଦଶାରେ ମରିଛନ୍ତି, ଠିକ୍ ସେଇ ଦଶାରେ ଜନ୍ମଗ୍ରହଣ କରିଛନ୍ତି।

ଶ୍ରୀଶ୍ରୀଠାକୁର ଓ ଗୋପାଳ ଭାଇ (ମୁଖୋପାଧ୍ୟାୟ) ଉଲ୍ଲାସ ସହକାରେ କହି ଉଠିଲେ—ସତେ ତ, ଆମେ ଆଗରୁ ଯାହା ଅନୁମାନ କରୁଥିଲୁ ତାହାହିଁ ତ ହୋଇଛି !

ଶ୍ରୀଶ୍ରୀଠାକୁର—ଗୋପାଳ ! ଦେଖିଲୁ ଦେଖିଲୁ ଭଲରୂପେ—ଅନେକ ଆଗରୁ ତ ତୋତେ ଏଇ କଥା କହିଥିଲି।

ଶ୍ରୀଶ୍ରୀଠାକୁର କହି ଚାଲିଲେ—ସବୁ ତ ହେଲା କିନ୍ତୁ ଅସଲ କଥା ତ ବୁଝାଗଲା ନାହିଁ। କିପରି ଏହା ସମ୍ଭବ ହୁଏ ତାହାହିଁ ଅସଲ କଥା। ଦୁନିଆରେ ଏହାହିଁ ତ problem (ସମସ୍ୟା), ଏତେ ବଡ଼ problem (ସମସ୍ୟା) ଆଉ କିଛି ନାହିଁ—ଏବଂ ଏହା ଯେପରି ଏକ ଅସାଧାରଣ କିଛି ବୋଲି ତ ମନେ ହୁଏନାହିଁ। ସୂତ୍ରଟା ଯଦି କୌଣସି ପ୍ରକାରେ ବାହାର କରାଯାଏ—ତେବେ ତ କାମ ହାସଲ ହୋଇଗଲା। ଏହା ହୋଇଗଲେ ମଣିଷର ସବୁ



ହୋଇଯାଏ—ଯାହା ମିଳିନାହିଁ ତା ପାଇଁ ଆଉ ଚିନ୍ତାର କାରଣ ନାହିଁ, conscious entity (ଚେତନ ସତ୍ତା) ତ ରହିଲା, beyond କୁ invade କରିବା (ଅପ୍ରାପ୍ତକୁ ପାଇବା) ସେପରି କଠିନ କିଛି ନୁହେଁ।

ସୁଶୀଳ ଭାଇଙ୍କୁ କହିଲେ—ଆପଣ କାଲିଠାରୁ ସବୁ ଜାଗାକୁ ଚିଠି ଲେଖିବା ଆରମ୍ଭ କରି ଦିଅନ୍ତୁ। Buddhist Meditation (ବୌଦ୍ଧମତରେ ଧ୍ୟାନର ପଦ୍ଧତି) ବହିଟା ସନ୍ଧାନ କରନ୍ତୁ (ଏହି ବହିରେ ପୂର୍ବଜନ୍ମର ସ୍ମୃତି ଉଦ୍ରିକ୍ତ କରିବାର ପନ୍ଥା ନିର୍ଦ୍ଦେଶିତ ହୋଇଛି)।

ସୁଶୀଳ ଭାଇ ଜଣେ ସାଧୁଙ୍କ କଥା କହିଲେ— ସେ ଗଛର ପତ୍ର ଖାଇ ଜୀବନ-ଧାରଣ କରନ୍ତି।

ଶ୍ରୀଶ୍ରୀଠାକୁର—ଆମେ ତ ଖାଇବା ପାଇଁ କେତେ ବାଡ଼ିଆବାଡ଼ି ହୋଇଯାଉଛୁ, ଅଥଚ ଏତେ ସହଜରେ ଏ ସମସ୍ୟାର ସମାଧାନ ହୋଇଯାଉଛି।

ଶ୍ରୀଶ୍ରୀଠାକୁର ଯେପରି ଆଜି ମତୁଆଳ ହୋଇ ଯାଇଛନ୍ତି—ବାରମ୍ବାର ସୁଶୀଳ ଭାଇଙ୍କୁ ଡାକୁଛନ୍ତି—ଗୋଟିଏ କଥା ବାରମ୍ବାର ଶୁଣୁଛନ୍ତି—ସମସ୍ତଙ୍କୁ ଡାକି ଶୁଣାଉଛନ୍ତି।

ସନ୍ଧ୍ୟାବେଳେ ସୁଶୀଳ ଭାଇ ପାପ୍‌ପାଜୀଙ୍କର ମୃତ୍ୟୁ ପରେ ନରଦେହରେ ପୁନରାବିର୍ଭାବର ବୃତ୍ତାନ୍ତ ବର୍ଣ୍ଣନା କରୁଥିଲେ।

ଶ୍ରୀଶ୍ରୀଠାକୁର—ତା'ହେଲେ ଅତିବାହିକ ଦେହ ଛଡ଼ା ଆଉ କିଛି ନୁହେଁ।

ପ୍ରଫୁଲ୍ଲ—ଆପଣଙ୍କର କୁଆଡ଼େ ପୂର୍ବଜନ୍ମର ବୃତ୍ତାନ୍ତ ମନେ ଅଛି ?

ଶ୍ରୀଶ୍ରୀଠାକୁର—କେ ଜାଣେ, ତାହା କଳ୍ପନା କି ନା ବୁଝି ପାରେ ନା। ତେବେ ଯେପରି ସ୍ପଷ୍ଟ ମନେହୁଏ, ମୁଁ ଓ କର୍ତ୍ତାମା ନଦୀରେ ଗୋଟିଏ ନୌକାରେ ବାହାରିଛୁ—ଚାରିଆଡ଼େ କେତେ କଇଁଛ। କର୍ତ୍ତାମାକୁ ଏକଥା ପଚାରିଛି—କର୍ତ୍ତାମା ମୋ କଥାକୁ ଉଡ଼ାଇ ଦେଇଛନ୍ତି। ମୋର ମନେପଡ଼େ ଏଇ ସମୟରେ ପାହାଡ଼ର ପାଦଦେଶରେ ଥିଲି—ଗୋଟିଏ ପଥର ଉପରେ ମୁଁ ବସୁଥିଲି, ସାମନାରେ ପୂର୍ବ ଦିଗକୁ ବହି ଯାଉଥିବା ଛୋଟ ନଦୀଟିଏ, ସେଠାରେ ଲାଲ-ଲାଲ ସୁନ୍ଦର ରାସ୍ତା, ମୋର ଗୋଟିଏ ସ୍ତ୍ରୀ ଥିଲା, ସେ ମୋତେ ଖୁବ୍ ଭଲ ପାଉଥିଲା, ବର୍ତ୍ତମାନ ଗଲେ ସେ ଯେପରି ମୋତେ ଏବେ ବି ଚିହ୍ନେ। * * * ଏଇ ଜନ୍ମର କଥା ମନେପଡ଼େ, ଗୋଟିଏ ଘରେ ଭୂମିଷ୍ଠ ହୋଇଥିଲି, ସେଠାରେ ମିଟିମିଟି କରି ଆଲୋକ ଜଳୁଥିଲା—ମା' କହୁଥିଲେ ଠିକ୍ ଏଇପରି କୁଆଡ଼େ ହୋଇଥିଲା। ମୁଁ କେତେ କ'ଣ ବୋଧ କରେ, ସବୁ real (ସତ୍ୟ) ମନେହୁଏ—ଅଚାନକ କେତେକଥା ମନରେ ଆସେ, ଆଗେ କହୁ ନ ଥିଲି, ବର୍ତ୍ତମାନ ଗୋଟାଏ ଦୁଇଟା କହୁଛି।

Ecto-plasmic body (କାରଣ ଶରୀର) ସମ୍ବନ୍ଧରେ କଥା ପଡ଼ିଲା।

ଶ୍ରୀଶ୍ରୀଠାକୁର—Germ-plasm (ଜନନ-କୋଷ) ରୁ ତ body (ଶରୀର), ତା'ର beyond (ଅତୀତ) ରେ ଯେଉଁ body (ଦେହ) ତାହାହିଁ ectoplasmic body

(କାରଣ ଶରୀର)। Gaseous (ଗ୍ୟାସ) ଜିନିଷଟା ଯେତେବେଳେ liquid (ତରଳ) ହୁଏ, steam (ବାଷ୍ପ) ଯେତେବେଳେ condensed (ଘନୀଭୂତ) ହୋଇ vapour (ଜଳକଣା) ରୂପେ ଆସେ, ସେତେବେଳେ ଆମେ form (ଆକାର) ଟା ଦେଖିବାକୁ ପାଉ। Ecto-plasmic body (କାରଣ ଦେହ) ଟା ମଧ୍ୟ ସେଇପରି ଖୁବ୍ fine matter (ସୂକ୍ଷ୍ମ ପଦାର୍ଥ) ର composition (ସମ୍ମିଶ୍ରଣ) ଛଡ଼ା ଆଉ କିଛି ନୁହେଁ।

ପ୍ରଫୁଲ୍ଲ—ଶ୍ରୀଶ୍ରୀଠାକୁର ରାମକୃଷ୍ଣଦେବଙ୍କର ତିରୋଧାନ ପରେ ମଧ୍ୟ ସ୍ୱାମୀଜୀ ତ ତାଙ୍କୁ ବହୁବାର ଦେଖିଛନ୍ତି।

ଶ୍ରୀଶ୍ରୀଠାକୁର—ସ୍ୱାମୀଜୀ ହୁଏତ ଦେଖି ପାରନ୍ତି, ଆଉ ଜଣେ ହୁଏତ ଦେଖି ପାରେ—କିନ୍ତୁ environment ର (ପରିବେଶର) ସମସ୍ତେ ଯଦି ସ୍ୱାଭାବିକ ଭାବରେ ନ ଦେଖି ପାରନ୍ତି—ତାହେଲେ ହେଲା କ'ଣ ? ମୋର ପ୍ରକୃତିଟା ଏପରି ଯେ, concrete (ବାସ୍ତବ) ନହେଲେ ମୋତେ କିଛି ଭଲ ଲାଗେନାହିଁ। କୌଣସି instrument (ଯନ୍ତ୍ର) ସାହାଯ୍ୟରେ ହେଉ ବା ଅନ୍ୟ କୌଣସି ଭାବରେ ହେଉ environment-ର (ପାରିପାର୍ଶ୍ୱିକର) ସମସ୍ତେ ମିଳିତ ଭାବରେ ଯଦି ବୋଧ ନ କରି ପାରନ୍ତି—ତାହେଲେ ମୋତେ ଖୁସି ଲାଗେ ନାହିଁ। ତେଣୁ, ମୋ କଥାଗୁଡ଼ିକ ମଧ୍ୟରେ Philosophy, Art, Religion—ସବୁ କିଛି Science ରେ merge କରିଯାଇଛି (ଦର୍ଶନ, କଳା, ଧର୍ମ ସବୁ କିଛି ବିଜ୍ଞାନ ସହିତ ମିଳିତ ହୋଇଅଛି)।

ଶ୍ରୀଶ୍ରୀଠାକୁର ଅମର ଭାଇଙ୍କୁ (ଘୋଷ) ଗ୍ରାମର ଜଣେ ଭଦ୍ରବ୍ୟକ୍ତିଙ୍କ ଘରେ ମହଣେ ଚାଉଳ ସଂଗ୍ରହ କରି, ଦେଇ ଆସିବାକୁ କହିଲେ—ଚାଉଳଟା ଯେପରି ଭଲ ଚାଉଳ ହୁଏ।

ଶ୍ରୀଶ୍ରୀଠାକୁରଙ୍କୁ ବିଶେଷ ଏକ vision (ଦର୍ଶନ) ସମ୍ବନ୍ଧରେ ପ୍ରଶ୍ନ କରାଯିବାରୁ ସେ କହିଲେ—ମୁଁ ଦିନେ କାଶୀପୁର ରାସ୍ତା ଦେଇ ଆସୁଛି—ଦେଖୁଛି, ଚାରିଦିଗ ଜ୍ୟୋତିରେ ଉଦ୍ଭାସିତ ହୋଇଉଠିଛି, ଚତୁର୍ଦ୍ଦିଗରେ ସବୁ ଦେବଦେବୀଗଣ ଗାନ କରୁଛନ୍ତି—ଗାନର ଦୁଇଟି line (ଧାଡ଼ି) ଆଗେ ମୋର ମନେଥିଲା। ଅନେକବାର କହିଛି ମଧ୍ୟ—ବର୍ତ୍ତମାନ କେବଳ 'ସ୍ୱାଗତମ୍' ବୋଲି ଗୋଟିଏ ପଦ ମନେପଡ଼େ। ରାସ୍ତା ଦେଇ ଚାଲୁ ଚାଲୁ ଦିନେ ଗୋଟାଏ ବେତବଣ ଭିତରେ ପଶି ଯାଇଥିଲି—କୌଣସି ଖିଆଲ ନଥିଲା। ଚାଲିଛି ତ ଚାଲିଛି—ବାଟ-ଘାଟ ନଦେଖି ସିଧା ସିଧା ଚାଲୁଥିଲି—କିଏ କହିଦେଲେ ଚେତନା ଆସୁଥିଲା—ଏବେ ବି ଅନେକ ସମୟରେ ମନେହୁଏ ମୁଁ ଯେପରି ଗୋଟାଏ ଗଛ ପାଲଟି ଯାଇଛି।

ଘୋଡ଼ା ପିଠିରେ ଚାବୁକ ମାରୁ ମାରୁ ଶ୍ରୀଶ୍ରୀଠାକୁରଙ୍କ ପିଠିରେ ଦାଗ ବସିଯାଇଥିଲା, ଏହାର କାରଣ ପଚାରିବାରୁ କହିଲେ—ଜଣେ ଝୁଣ୍ଟି ପଡ଼ିବାର ଦେଖିଲେ ଆମେ ଯେପରି କଷ୍ଟ ଅନୁଭବ କରୁ—ଏହା ମଧ୍ୟ ଠିକ୍ ସେଇ ପ୍ରକାରର। Feeling (ବୋଧ)ଟା ଏତେ



strong (ତୀକ୍ଷ୍ଣ) ଯେ without physical stimulus nerve irritated ହୁଏ (ଶାରୀରିକ ଉତ୍ତେଜନା ନଥାଇ ମଧ୍ୟ ସ୍ନାୟୁ ଉତ୍ତେଜିତ ହୁଏ), ଉଦାହରଣ ସ୍ୱରୂପ night pollution (ସ୍ୱପ୍ନଦୋଷ)—ମନେହୁଏ ଯେପରି sexual intercourse (ଯୌନସଂଶ୍ରବ) ହେଉଛି, କିନ୍ତୁ ପ୍ରକୃତରେ ତା ହୁଏନା, କିନ୍ତୁ semen discharged (ବୀର୍ଯ୍ୟପାତ) ହୁଏ।

ଯେଉଁମାନେ ଖୁବ୍ ନିଷ୍ଠାର ସହିତ ସ୍ୱସ୍ତ୍ୟୟନୀ ପାଳନ କରନ୍ତି, ସେମାନେ ଯଦି ସ୍ୱସ୍ତ୍ୟୟନୀର ଫୁଲ ଇତ୍ୟାଦି କବଚ କରି ଲଗାନ୍ତି ଏହା କୁଆଡ଼େ ଫଳପ୍ରଦ ହୋଇଥାଏ।

ଶ୍ରୀଶ୍ରୀଠାକୁର ଏ ସମ୍ପର୍କରେ କହିଲେ—ବୋଧହୁଏ ଗୋଟାଏ vital push (ଜୀବନୀୟ ଉଦ୍ଦୀପନା) ଦେଇ ପାରନ୍ତି ସେମାନେ।

## ଆଶ୍ୱିନ ୨୬, ଶୁକ୍ରବାର, ୧୩୪୬ (ଇଂ ୧୩/୧୦/୩୯)

ସକାଳେ ଶ୍ରୀଶ୍ରୀଠାକୁର ମାତୃମନ୍ଦିର ପଛରେ, ଆଶ୍ରମ ପ୍ରାଙ୍ଗଣରେ, ବାବଲାଗଛ ତଳେ ବେଞ୍ଚ ଉପରେ ଆସି ବସିଛନ୍ତି। ଜଣଜଣ ହୋଇ ଲୋକ ଜୁଟ୍ତ ହେଲେ।

ଶ୍ରୀଶ୍ରୀଠାକୁର ଜଣେ ଭାଇଙ୍କୁ କାମ-ଧନ୍ଦା ବିଷୟ ପଚାରୁଥିଲେ। ଉକ୍ତ ଭାଇଟି କହିଲେ—ସହକର୍ମୀଙ୍କର ଉଦାସୀନତା ଓ ଗଫଲତି ଯୋଗୁଁ ଆଶାନୁରୂପ କାମ ହେଉନାହିଁ।

ସେଇ ପ୍ରସଙ୍ଗରେ ଶ୍ରୀଶ୍ରୀଠାକୁର ଲଳିତ-ଗମ୍ଭୀର ଭଙ୍ଗୀରେ କହିବାକୁ ଲାଗିଲେ—ଆମେ ଯଦି principle (ଆଦର୍ଶ) ରେ strong (ଦୃଢ଼) ହେଉ—ତାହେଲେ ଆମକୁ ପାରିପାର୍ଶ୍ୱିକ ପାଖରେ yield (ବଶ୍ୟତାସ୍ୱୀକାର) କରିବାକୁ ହେବ ନାହିଁ, ଏବଂ ପାରିପାର୍ଶ୍ୱିକ ଆମ ପାଖରେ yield (ବଶ୍ୟତାସ୍ୱୀକାର) କରିବ। ଆମର ଯଦି ଏପରି ଝୁଙ୍କ ଥାଏ ଯେ, ଆମର ଯାହା କରିବା କଥା ତାହା ନିଶ୍ଚୟ କରିବୁ, ଏବଂ ପ୍ରକୃତରେ ଯଦି ସେହିପରି କରୁ, ଏବଂ ଏଥିପାଇଁ ଯଦି ପାରିପାର୍ଶ୍ୱିକଙ୍କୁ ସଙ୍ଗରେ ନେବାକୁ ହୁଏ, ତେବେ ପାରିପାର୍ଶ୍ୱିକର ସମସ୍ତେ ଉଦ୍‌ବୁଦ୍ଧ ହୋଇ ଉଠନ୍ତି—ଯେଉଁମାନେ ଏହା ଚାହାନ୍ତି ନାହିଁ ସେମାନେ ଆପଣା ଛାଏଁ ଖସି ପଡ଼ିବେ। ମୁଁ ଓ ବୀରୁ ଭାଇ (ରାୟ) ଦିନେ ଏକ ସଙ୍ଗେ ଯାଉଥିଲୁ, ବୀରୁ ଭାଇ କିଛି ଦୂର ଯାଇଁ tired (କ୍ଲାନ୍ତ) ହୋଇ ବସି ପଡ଼ିଲା—ମୁଁ ତା ପାଇଁ wait (ଅପେକ୍ଷା) ନକରି ସିଧା ଆଗେଇ ଚାଲିଲି। ବୀରୁ ଭାଇ ମଧ୍ୟ ଉପାୟାନ୍ତର ନ ଦେଖି ପୁଣି ଚାଲିବାକୁ ଲାଗିଲା। ତେଣୁ ଆଳସ୍ୟ ବା ଗଫଲତିକୁ ପ୍ରଶ୍ରୟ ଦେବା କଥା ନୁହେଁ। ମଜାକଥା ଯେ ମଣିଷର ଇଚ୍ଛାକୃତ ତ୍ରୁଟି ଅବଶ୍ୟଭାବରେ ଭୁଲତ୍ରୁଟିକୁହିଁ ଡାକି ଆଣେ। କିଏ କୁଆଡେ ଯିବ କୌଣସି କାମରେ—ଘଟଣାଚକ୍ରରେ ହୁଏତ ମଘାଦିନହିଁ ଯାତ୍ରା କରିବାକୁ ହେଲା—ମଘା ପୂର୍ବରୁ ଓ ପରେ ଯାତ୍ରା କରିବାକୁ ସୁବିଧା ଥିଲେ ମଧ୍ୟ ତାହା ସମ୍ଭବ

ହୋଇ ଉଠିଲା ନାହିଁ—ଉକ୍ତ ଦିନ ଯାଇଁ ଅନେକ ବାଧା-ବିପତ୍ତି ପରେ ହୁଏତ କାର୍ଯ୍ୟ ହାସଲ ହେଲା । ଏପରି ଦେଖିଲେ ବୁଝିବାକୁ ହେବ ଯେ, ତା'ର principle (ଆଦର୍ଶ) ମୁଖୀ motor sensory co-ordination (ବୋଧ ଓ କାର୍ଯ୍ୟକାରୀ ସ୍ନାୟୁର ସଂଗତି) ମଧ୍ୟରେ କିଛି ନା କିଛି ଗଣ୍ଡଗୋଳ ଅଛି—ହୁଏତ immediate motor sensory co-ordination (ତ୍ୱରିତ ସଂଗତି) ନାହିଁ, ପାରିପାର୍ଶ୍ୱିକର influence (ପ୍ରଭାବ) ହୁଏତ original intention then and there fulfil (ମୂଳ ଉଦ୍ଦେଶ୍ୟକୁ ତତ୍‌କ୍ଷଣାତ୍ ପୂରଣ) କରିବାକୁ ଦେଉନାହିଁ, ମୂଳରୁ ଗୋଟାଏ intention (ଅଭିପ୍ରାୟ) ବ୍ୟାହତ ହେବାରୁ brain (ମସ୍ତିଷ୍କ) ରେ ଗୋଟିଏ blundering twist (ଭୁଲର ବାଙ୍କ) ପଡ଼ି—ପରେ ଗୋଟାଏ intention (ଅଭିପ୍ରାୟ) ମାଫିକ କାମ କରିବା ସମୟରେ ସେଇ twist (ବାଙ୍କ) ଟାହିଁ ଭୁଲ ଓ ବିପର୍ଯ୍ୟୟ ସୃଷ୍ଟି କରିଥାଏ ।

ତେବେ କାର୍ଯ୍ୟସାଧନ ପଥରେ ବାଧା ବିଘ୍ନ ଥିଲେ ମଧ୍ୟ ଘାବଡ଼େଇବା ଉଚିତ୍ ନୁହେଁ । ଥରେ କୁଷ୍ଟିଆର D.S.P. (ଡ଼ି.ଏସ୍.ପି.) ମୋତେ ଡାକି ନେଇ କହିଲେ ତୁମର ଏଠାକୁ ନାନାପ୍ରକାର ଲୋକଙ୍କୁ ଆସିବାକୁ ମୁଁ ଅନୁମତି ଦେଇ ପାରିବି ନାହିଁ । ନାନାପ୍ରକାର ଭୟ ଦେଖାଇଲେ । କିନ୍ତୁ ମୁଁ କହିଲି—ମୁଁ କାହାକୁ ମନା କରିପାରିବି ନାହିଁ, ଏବଂ ଆପଣଙ୍କର ମଧ୍ୟ ଏପରି କଥା କହିବା ଉଚିତ୍ ନୁହେଁ । ପରେ ସେ ନିଜେ ଦୁଇବେଳା ଆସୁଥିଲେ । ଦୁଇବେଳା ନ ହେଲେ ବି ବେଳାଏ ତ ନିଶ୍ଚୟ । ଏହିପରି ହୋଇଥାଏ ।

ଆଗେ ଯେତେବେଳେ ଆମେ କଥାବାର୍ତ୍ତା ହେଉଥିଲୁ ; ଆଳାପ ଆଲୋଚନା କରୁଥିଲୁ, କେତେ spy (ଗୁପ୍ତଚର) ଆସୁଥିଲେ । ସବୁ ଟିପିଟାପି ନେଉଥିଲେ । ଗୋଟାଏ ବାକ୍ସ ତିଆରି କରିଥିଲି, steamer ର passenger (ଷ୍ଟିମାର ଯାତ୍ରୀ)ଙ୍କ ପାଖରୁ ଭିକ୍ଷା କରାଯାଉଥିଲା—ସେଇ ଟଙ୍କାରେ କେତେ ଜଣଙ୍କୁ ସାହାଯ୍ୟ କରୁଥିଲି— କେତେ spy (ଗୁପ୍ତଚର)ଙ୍କୁ ମଧ୍ୟ ସେମାନଙ୍କ ବିପଦ ଆପଦରେ ସାହାଯ୍ୟ କରିଛି—ସେଇମାନେ ପୁଣି ମୋ ପଛରେ ଲାଗୁଥିଲେ, ମୁଁ ସବୁ ବୁଝୁଥିଲି ତଥାପି ଦେଉଥିଲି ।

ପ୍ରଫୁଲ୍ଲ—ତଦ୍ୱାରା ତ ସେମାନଙ୍କର କ୍ଷତି କରାଯାଉଥିଲା ।

ଶ୍ରୀଶ୍ରୀଠାକୁର—ମୁଁ ଭାବୁଥିଲି, ସେମାନଙ୍କୁ ଯଦି ନଦେଖେ—ସେମାନେ ବଞ୍ଚିବେ ନାହିଁ । ରୋଗୀ ଯେ କୁପଥ୍ୟ କରେ, ସେ କ'ଣ ଜାଣିବୁଝି କରେ—ରୋଗ ତାକୁ କରାଏ । ସେମାନଙ୍କର ଅବସ୍ଥା ସେହିପରି । ମୁଁ ଭାବୁଥିଲି—ସେମାନେ ଆଗ ବଞ୍ଚି ରହନ୍ତୁ, ବଞ୍ଚିଥିଲେ ଆସ୍ତେ ଆସ୍ତେ correction (ସଂଶୋଧନ) ହେବ, ବାଟ ତ ଖୋଲା ରହିବ—ଯଦି ସାବାଡ଼ ହୋଇଯାନ୍ତି, ତାହେଲେ କୌଣସି ଆଶାହିଁ ତ ରହିବ ନାହିଁ ।

ତପୋବନର ଶୈଳମାକୁ ଦେଖି ଶ୍ରୀଶ୍ରୀଠାକୁର ସହାସ୍ୟେ ଜିଜ୍ଞାସା କଲେ— କିରେ—କି ଖବର ?



ଶୈଳମା—ଭଲ ।

ଶ୍ରୀଶ୍ରୀଠାକୁର—ଆଜିକାଲି ବଡ଼ ଏକ ଡେକିଚିରେ ଡେକିଚିଏ ଭାତ ଖାଇ ପାରୁଛୁ ?

ଶୈଳମା—ତା ବୋଧହୁଏ ପାରିବି, ତେବେ କଷ୍ଟ ହେବ ।

ଶ୍ରୀଶ୍ରୀଠାକୁର—ତୁ ଏଇ ବୁଢ଼ୀ ବୟସରେ ଯାହା ପାରୁ, ଅନେକ ଟୋକା ତା ପାରନ୍ତି ନାହିଁ ।

ଶୈଳମା—ସେ ଆପଣଙ୍କ ଦୟା (କହି ହସିବାକୁ ଲାଗିଲେ)

ଶୈଳମାଙ୍କର ବିମର୍ଷ ମୁଖମଣ୍ଡଳ ଆନନ୍ଦରେ ଉଜ୍ଜ୍ୱଳ ହୋଇ ଉଠିଲା ।

ଏହାପରେ ଦେବଦେବୀ ସମ୍ବନ୍ଧରେ କଥା ପଡ଼ିଲା—ଶ୍ରୀଶ୍ରୀଠାକୁର ଶ୍ରୀକୃଷ୍ଣ ସମ୍ବନ୍ଧରେ କହୁଥିଲି—ମୁଁ ଯେତେବେଳେ ବସି ବସି ନାମ କରୁଥିଲି, କୃଷ୍ଣଠାକୁର ଆସି ବଂଶୀ ବଜାଉଥିଲେ—ଏକାବେଳକେ କାନ enehantingly (ମୋହନ ଭଙ୍ଗିରେ) ଅତଡ଼ା ପକାଇ ଦେଉଥିଲେ । ଶ୍ରୀକୃଷ୍ଣଙ୍କୁ ଦେଖୁଥିଲି ମୋର ସମବୟସ୍କ—ତେବେ କିନ୍ତୁ କଳା ନୁହଁନ୍ତି—ଦୁବ ଘାସକୁ କିଛିଦିନ ଢାଙ୍କି ରଖିଲେ ତାର ରଙ୍ଗ ଯେପରି ହୋଇଯାଏ ଅନେକାଂଶରେ ସେଇପରି । ମା-କାଳୀଙ୍କୁ ଅନେକଥର ଦେଖିଛି, ଦେଖିଲା ମାତ୍ରେ ମୋର ମା ପରି ମନେ ହେଉଥିଲା । ମୋର ମାଠାରୁ କୌଣସି ତଫାତ୍ ଦେଖୁନଥିଲି—ସେଥିପାଇଁ ବୋଧହୁଏ ମୋର ମା ଉପରେ ଏତେ ଆକର୍ଷଣ ବଢ଼ିଯାଇଥିଲା । ଥରେ ଦକ୍ଷିଣେଶ୍ୱର ଯାଇଥିଲି—ଖୁବ୍ ଶୋଷ କରୁଥିଲା । ଜଣେ, ଅନ୍ୟମାନଙ୍କୁ ପାଣି ଦେଲା ମୋତେ ଦେଲାନାହିଁ—ମୋର ଖୁବ୍ ରାଗ ଓ ଦୁଃଖ ହେଲା । ରାମକୃଷ୍ଣଦେବଙ୍କ ଘରଆଡ଼େ ଗଲି—ଯାଇଁ ଦେଖିଲି ଖୁବ୍ ପରିଚିତ ମନେହେଲା, ଅବଶ୍ୟ ସେସବୁ କିଛି ନୁହଁ, ଆଗରୁ ଶୁଣିଥିଲି ବୋଲି ଏପରି ହୋଇପାରେ, ତାପରେ ମୁଁ ପଞ୍ଚବଟୀ ତଳେ ଯାଇଁ ଶୋଇପଡ଼ିଲି—ଦେଖିଲି ମା'-କାଳୀ ଆସୁଛନ୍ତି । କଳା ତେବେ ଅତ୍ୟନ୍ତ soothing (ସ୍ନିଗ୍ଧ) ରୂପ, ସେ ପାଖକୁ ଆସି ମୋ ମୁଣ୍ଡଟି ଉଠାଇ ତାଙ୍କ ଆଣ୍ଠୁ ଉପରେ ରଖିଲେ—ତାଙ୍କର ସ୍ପର୍ଶରେ ମୁଁ କିପରି ଗୋଟାଏ ହୋଇଗଲି—ତାଙ୍କ କଥାର ପ୍ରତିବାଦ କରି ପାରିଲି ନାହିଁ—ଯାହା କହନ୍ତି ତାହାହିଁ କରେ । ସେ ଆଦର କରି କହିଲେ ତୁ ସମସ୍ତଙ୍କ ସାମନାରେ ଖାଇବାକୁ ମାଗିଲେ ମୁଁ କ'ଣ ଦେଇ ପାରିବି ? ସୁନାଟା ପରା, ଏଇସବୁ ଖା । ଦେଖିଲି ସୁନାପରି ଝଲସୁଥିବା ଥାଳୀରେ ଲୁଚି ଓ ବର୍ଫିପରି ସନ୍ଦେଶ ଇତ୍ୟାଦି—ଖୁଆଇ ଦେଲେ । ଖାଇଲି, ଖାଇ ବଡ଼ ତୃପ୍ତି ପାଇଲି । ପାଣି ଇତ୍ୟାଦି ପିଆପିଇ କଲି, କିଏ ଆସି ମୋତେ ଡାକିଲା, ନିଦ ଭାଙ୍ଗିଗଲା, ଦେଖିଲି ଭୋକ, ଶୋଷ, ଆଉ ନାହିଁ । ରାତି ଦଶଟା ପର୍ଯ୍ୟନ୍ତ କେତେ ଚାଲିଲି, ତଥାପି ଭୋକ ହେଲା ନାହିଁ—ଶୁଣିଥିଲି ଏସବୁ କଥା କାହାକୁ କହିବା ଉଚିତ୍ ନୁହଁ, ତେଣୁ ସେତେବେଳେ କାହାକୁ କହି ନାହିଁ ।

କଥା ଚାଲିଛି । ଶ୍ରୀଶ୍ରୀଠାକୁର କଥା ମଝିରେ ମଝିରେ ତମାଖୁ, ଗୁଆ ମାଗି ପାଟିରେ

ପକାଉଛନ୍ତି, ପାଣି ମାଗି ପିଉଛନ୍ତି। ଆଉରି ଲୋକ ଆସି ଜୁଟୁ ହେଉଛନ୍ତି—ସମସ୍ତେ ସେଇ ଆନନ୍ଦ ମଧୁର ବଚନ ସୁଧାପାନରେ ବିଭୋର।

ଇତିମଧ୍ୟରେ ସୁଶୀଳ ଭାଇ (ବସୁ) ଆସିଲେ। ଜାତିସ୍ମର ସମ୍ପର୍କରେ ସେ କହିଲେ—ଜାତିସ୍ମରତ୍ୱ ଯଦି ଜାଗେ ତେବେ ତ ଦୁଃଖ ହେବ! ଅନେକ କ୍ଷେତ୍ରରେ ପର ଜୀବନରେ ମିଳିତ ହେବାର ସମ୍ଭାବନା ଖୁବ୍ କମ୍ ଥାଏ—ଶାନ୍ତି ନାମକ ଝିଅଟିର ପୂର୍ବ ଜୀବନର ସ୍ୱାମୀ ଥିଲେ ବ୍ରାହ୍ମଣ, ଏଥରକ ଶାନ୍ତି କାୟସ୍ଥ।

ଶ୍ରୀଶ୍ରୀଠାକୁର—ଅସୁବିଧା ହେଉଛି ସମାଜ ବ୍ୟବସ୍ଥା ଯୋଗୁଁ; ତା ନହେଲେ ଅସୁବିଧା ହେବା କଥା ତ ନୁହେଁ। ଯେଉଁ କେତୋଟି ଝିଅଙ୍କ କଥା ଜଣାଯାଇଛି, ପ୍ରାୟ ସମସ୍ତେ ତ ଅନୁଲୋମ ହୋଇଛନ୍ତି—ଏବଂ ନିମ୍ନବର୍ଣ୍ଣ କିମ୍ବା ସବର୍ଣ୍ଣ ନହୋଇ ଝିଅ ଯଦି ଉଚ୍ଚବର୍ଣ୍ଣର ହୋଇଥାଏ ଏବଂ ତାର ଯଦି ସ୍ୱାମୀ ସ୍ମୃତି ଜଳଜଳ ଥାଏ ତେବେ ତାର ବିବାହ କରିବା ଉଚିତ୍ ନୁହେଁ।

ଏହାପରେ ଶ୍ରୀଶ୍ରୀଠାକୁର ସ୍ନାନ କରିବାକୁ ଗଲେ—ସ୍ନାନ ପୂର୍ବରୁ ହରିପଦ ଭାଇ ଭଲଭାବରେ ତେଲ ମାଲିସ୍ କରିଦେଇଥିଲେ। ଚୌବାଚାରେ ପ୍ରବେଶ କରି ସ୍ନାନ କରୁ କରୁ କହିଲେ—ସୁଶୀଳ ଭାଇ! ଜାତିସ୍ମରତାର secret (ରହସ୍ୟ) ଟା ବାହାର କରି ସମସ୍ତଙ୍କୁ ଜଣାଇ ଦିଅନ୍ତୁ—କହନ୍ତୁ, 'ପାଇଛି ଅମୃତ, ଲଭିଅଛି ପଥ'। ମୁଁ ନିଜେ ଅନେକ ଦେଖିଛି—କୃଷ୍ଣଠାକୁର ଫାକୁର ଇତ୍ୟାଦି, କେଉଁଥିରେ ମୁଁ ସନ୍ତୁଷ୍ଟ ହୋଇପାରିନାହିଁ—ଏଇ ଯେପରି ମୁଁ ଅଛି, ମୋତେ ଜଣେ' ଦେଖୁଛି—ଆଉ ଜଣେ ଦେଖୁନାହିଁ, ଏପରି ନୁହଁ—ଯେପରି ସମସ୍ତେ ଦେଖୁଛନ୍ତି—ମୁଁ ଯେପରି ଇଚ୍ଛା କରୁଛି, ସେମାନେ ଯେ ସେହିପରି କରୁଛନ୍ତି ତାହା ନୁହେଁ—ଯେ କୌଣସି ବିଷୟ ଏହିପରି ସର୍ବସାଧାରଣ ବୋଧଗମ୍ୟ ଓ ବାସ୍ତବ ନହେଲେ ମୋର ତୃପ୍ତି ଆସେ ନାହିଁ। ତାହା କାହାରି ବ୍ୟକ୍ତିଗତ ସାଧନା-ଲବ୍ଧ ଶକ୍ତି ଉପରେ ନିର୍ଭର କରିବ ନାହିଁ—ତା ହେବ ଗୋଟାଏ normal phenomenon (ସ୍ୱାଭାବିକ ବ୍ୟାପାର); ଆଉ ଏଇ ଯେ ଜାତିସ୍ମରମାନେ ଜନ୍ମିଛନ୍ତି, ଏମାନେ ଖୁବ୍ ସାଧାରଣ ପରିବାରରେହିଁ ଜନ୍ମିଛନ୍ତି— ଏଥିପାଇଁ ଯେ ଖୁବ୍ ସାଧନା ଦରକାର ହୁଏ ତା ମଧ୍ୟ ମନେ ହେଉନାହିଁ—କ'ଣ ଗୋଟାଏ କାରଣ ଅଛି ତାହା ଆବିଷ୍କାର କରି ପାରିଲେହିଁ ଘରେ ଘରେ ପ୍ରତିଲୋକ ପକ୍ଷେ ଏହା ସମ୍ଭବ।

ଗୋପାଳ ଭାଇ—ସୁଶୀଳ ଭାଇ କହୁଥିଲେ, ଜଣଙ୍କର ଜାତିସ୍ମରତ୍ୱ ନଥିଲା, ଅସୁସ୍ଥ ହେବା ପରେ ଜାତିସ୍ମରତ୍ୱ ଜାଗିଉଠିଲା—ଏ ତ ଭାରି ମଜାର କଥା! ତାହେଲେ electricity (ବିଦ୍ୟୁତ୍) ବିନା ଅନ୍ୟ କୌଣସି stimulus or shock (ଧକ୍କା) ଦେଇ brain (ମସ୍ତିଷ୍କ) କୁ ନୂତନ ରୂପେ arrangement ଓ adjustment (ସମାବେଶ ଓ ନିୟନ୍ତ୍ରଣ) କରି ଯାହା latent (ସୁପ୍ତ) ଥିଲା ତାକୁ ତ potent (ସକ୍ରିୟ) କରାଯାଇ



ପାରେ—ସେପରି ହେଲେ ତ ଆମେ ଏଇ ଜୀବନରେ ଜାତିସ୍ମରତ୍ୱ ଲାଭ କରି ପାରୁ।

ଶ୍ରୀଶ୍ରୀଠାକୁର ଉଲ୍ଲାସର ସହିତ କହିଲେ—ଅସମ୍ଭବ କିଛି ନୁହେଁ। ଯେପରି ହେଉ କାମ ହାସଲ ହେଲେ ହେଲା।

## ଆଶ୍ୱିନ ୨୭, ଶନିବାର, ୧୩୪୬ (ଇଂ ୧୪/୧୦/୩୯)

ସୂର୍ଯ୍ୟ ଅସ୍ତମିତ ହୋଇଛି ପଦ୍ମାର ଅପର ପାର୍ଶ୍ୱସ୍ଥ ଆକାଶ ବକ୍ଷରେ—ଶରତର ସନ୍ଧ୍ୟା ତା'ର ସ୍ନିଗ୍ଧ ଛାୟା ବିସ୍ତାର କରି ଦେଇଛି ଆଶ୍ରମ-ଅଙ୍ଗନରେ—ଶ୍ରୀଶ୍ରୀଠାକୁର ବନ୍ଧ ପାଖରେ ତମ୍ବୁ ତଳେ ଲୋକମାନଙ୍କ ସଙ୍ଗେ କଥାବାର୍ତ୍ତା ହେଉଛନ୍ତି। ଏଇ ସମୟରେ କଣା'ମାଙ୍କ ପାଇଁ ରୋଷାଇ ସରଞ୍ଜାମ ସବୁ କିଣି ଆଣିଛନ୍ତି ହରେନ୍ ଭାଇ (ଭଦ୍ର)—ଶ୍ରୀଶ୍ରୀଠାକୁର କାହାଦ୍ୱାରା କଣା'ମା କୁ ଡକାଇବେ ଭାବୁଛନ୍ତି—ସମସ୍ତଙ୍କ ସାମନାରେ ଦାନ ଗ୍ରହଣ କରିବାକୁ ସେ ଲଜ୍ଜା ବୋଧ କରିବେ, ତା ଶ୍ରୀଶ୍ରୀଠାକୁର ବୁଝି ପାରିଛନ୍ତି—ସେ ଯେପରି ଲଜ୍ଜା ଓ ସଙ୍କୋଚ ମଧ୍ୟରେ ନ ପଡ଼ନ୍ତି ତାହାହିଁ ଶ୍ରୀଶ୍ରୀଠାକୁର ଭାବୁଛନ୍ତି। ଶେଷରେ ଯଜ୍ଞେଶ୍ୱର (ଝା)ଙ୍କୁ ଦେଇ ଡକାଇ ପଠାଇଲେ।

ରାତିରେ ପୁଣି ବୀରେନ୍ ଭାଇ (ଭଟ୍ଟାଚାର୍ଯ୍ୟ)ଙ୍କୁ ଅନୁରୋଧ କରୁଛନ୍ତି—ବୀରେନ୍ ଭାଇ! ଆପଣ କଣାର ଔଷଧପତ୍ର ଓ ପଥ୍ୟାପଥ୍ୟର ଦାୟିତ୍ୱ ନେବେ କି? ପ୍ରତ୍ୟହ ସେରେ ଲେଖାଏଁ କ୍ଷୀର ଖୁଆଇବେ। (ହାତ ଦେଖାଇ), ଏଇପରି ମୋଟା-ସୋଟା କରିଦେବା ଦରକାର। ପାରିବେ ନାହିଁ ବୀରେନ୍ ଭାଇ?

ବୀରେନ୍ ଭାଇ କହିଲେ—ଆଜ୍ଞା!

ଶ୍ରୀଶ୍ରୀଠାକୁର ଆମର ରାଜଭିକ୍ଷୁ। ବିଶ୍ୱକଲ୍ୟାଣ ପାଇଁ ସେ ଭିକ୍ଷା କରି ବୁଲନ୍ତି। ଯେଉଁମାନଙ୍କ ପାଇଁ ଭିକ୍ଷା କରନ୍ତି କେବଳ ସେଇମାନଙ୍କର କଲ୍ୟାଣ ସାଧନ ତାଙ୍କର ଲକ୍ଷ୍ୟ ନୁହେଁ, ଯେଉଁମାନଙ୍କଠାରୁ ଭିକ୍ଷା ଗ୍ରହଣ କରନ୍ତି ସେମାନଙ୍କର ମଧ୍ୟ ମଙ୍ଗଳ ସାଧନ କରିଥାନ୍ତି। ତାଙ୍କର ଖୁଣ୍ଟିନାଟି ସକଳ କର୍ମ ସମସ୍ତଙ୍କର ସର୍ବତୋମୁଖୀ କଲ୍ୟାଣର ଆବାହକ। ଆମେ ଗୋଟାଏ ଦିଗ ସଜାଡ଼ିବାକୁ ଯାଇଁ ଦଶଟା ଦିଗ ବିଗାଡ଼ି ପକାଉ—ଆମର ଦୃଷ୍ଟି ସଂକୀର୍ଣ୍ଣ—ସମସ୍ତଦିଗ ଆମ ସାମନାରେ ଫୁଟି ଉଠେନାହିଁ। ତେଣୁ ସ-ଇଷ୍ଟ ପାରିପାର୍ଶ୍ୱିକ ସମଗ୍ର ଜୀବନ ସୁବିନ୍ୟସ୍ତ ହୋଇଉଠେ ନା, ଶତ ଚେଷ୍ଟା ନିରର୍ଥକ ହୋଇଯାଏ—କିନ୍ତୁ ଶ୍ରୀଶ୍ରୀଠାକୁରଙ୍କର ଚିନ୍ତା, କଳ୍ପନା, ଆହାର, ନିଦ୍ରା, ଶୋଇବା, ବସିବା, ଠିଆହେବା, ଚାଲିବା, କଥା, ଚାହାଣି, ହସ, ଖୁସି, ଭାବଭଙ୍ଗୀ—ଯାବତୀୟ ଯାହାକିଛି ନିୟନ୍ତ୍ରଣ-ସାମଞ୍ଜସ୍ୟ-ସମାଧାନମୁଖର—ତେଣୁ ତାହା ସାର୍ଥକ ଓ ଅବ୍ୟର୍ଥ।

## ଆଶ୍ୱିନ ୨୮, ରବିବାର, ୧୩୪୬ (ଇଂ ୧୫/୧୦/୩୯)

ଶ୍ରୀଶ୍ରୀଠାକୁର ଉପରବେଳା ବନ୍ଧ ପାଖରେ ତମ୍ବୁତଳେ ବସିଛନ୍ତି। କଲିକତାର କେତେଜଣ ଭାଇ ଆସିଛନ୍ତି। ସେମାନଙ୍କ ମଧ୍ୟରୁ ଜଣେ ପାରିପାର୍ଶ୍ୱିକର ସହାନୁଭୂତିହୀନତା ସମ୍ବନ୍ଧରେ କଥା ଉଠାଇଲେ।

ଶ୍ରୀଶ୍ରୀଠାକୁର—ଅନ୍ୟ କ'ଣ କଲା ନ କଲା, ତୁ ତା ଦେଖିବାକୁ ଯିବୁ କାହିଁକି ? ତୁ ଭାବିବୁ, ତୁ କ'ଣ କରିଛୁ ନ କରିଛୁ। ତୋର ଏତେ ଟିକିଏ ଅସୁବିଧାରେ ଯଦି ଲକ୍ଷ ଲୋକଙ୍କର ମୁଣ୍ଡ ନ ବଥାଇଲା ତାହେଲେ ତୁ କି ମଣିଷରେ ? ତୁ ଯଦି ମଣିଷ ପାଖରେ ସେଇପରି ନିତ୍ୟ ପ୍ରୟୋଜନୀୟ ହୋଇ ଉଠିପାରୁ—ମଣିଷ ବାପା ବାପା କହି ନିଜ ଗରଜରେ ତୋ ପାଖକୁ ଛୁଟି ଆସିବ। ତୁ ସାମାନ୍ୟ ଆଢ଼େଇ ଛିଡ଼ାହେଲେ,—ଅସମର୍ଥ ହେଲେ, ଲକ୍ଷ ଲକ୍ଷ ମଣିଷଙ୍କ ପେଟର ଭାତ ଓଲଟ ପାଲଟ ହୋଇଯିବ, ଆଖିରୁ ନିଦ ଉଭେଇ ଯିବ। ଏସବୁ ନକରି ପାରିପାର୍ଶ୍ୱିକର ସେବା ଦାବୀକରିବା ତୋର ସମୀଚୀନ ନୁହେଁ। ପାରିପାର୍ଶ୍ୱିକକୁ ରଖିଛୁ କାହିଁକି ? ସେବା ଓ ସାହାଯ୍ୟ କରି, ତୁ ହୋଇଉଠିବୁ, ଲକ୍ଷ ଲୋକର କ୍ଷୁଧାର ଅନ୍ନ, ତୃଷ୍ଣାର ଜଳ, ବିଳାସର ସାମଗ୍ରୀ, ପ୍ରେମ ଓ ପ୍ରୀତିର ଚେତନା।

ପ୍ରଫୁଲ୍ଲ—ଅନେକ ଲୋକ ଏତେ self-sufficient (ସ୍ୱୟଂସମ୍ପୂର୍ଣ୍ଣ), ସେମାନଙ୍କର ଅର୍ଥ ସାମର୍ଥ୍ୟ ଏତେ ଅଛି ଯେ ସେମାନେ ଅନ୍ୟର ସେବାର ଧାର ଧାରନ୍ତି ନାହିଁ—ସେମାନଙ୍କ ପାଖ ମାଡ଼ିବା ତ କଷ୍ଟକର, ସେମାନଙ୍କ ସମ୍ବନ୍ଧରେ କ'ଣ କରଣୀୟ ?

ଶ୍ରୀଶ୍ରୀଠାକୁର—ତୋର ସେବା ମନୋଭାବ ଏତେ keen (ତୀବ୍ର) ହେବା ଦରକାର ଯେ, ସେ-ଯଦି ତାର ଘର ଚାରିପାଖରେ ଦଶହାତ ପାଚିରୀ ଉଠାଏ, ତୁ ତାକୁ ଭେଦ କରି molecular fromରେ (ଅଣୁରୂପରେ) ତା ପାଖରେ ଯାଇଁ ହାଜର ହୋଇପାରୁ। ଅନ୍ୟ କିଏ କ'ଣ କଲା—ଦେଖିବୁ ନାହିଁ, ନିଜ ଆଡ଼େ ଚାହିଁବୁ। ଏବଂ ମନେରଖିବୁ ଯେତେ ସବୁ ବାଣୀ, ନିୟମକାନୁନ—ତା ଅନ୍ୟପାଇଁ ନୁହେଁ, ତୋରି ପାଇଁ—ତେଣୁ ନିଜକୁ ଆଗେ ଠିକ୍ କରିବୁ।

ଜଣେ ଭାଇ ଚୋରି ନ କରିଥିଲେ ମଧ୍ୟ ପରିସ୍ଥିତିର ଚାପରେ ପଡ଼ି ମୁକ୍ତି ପାଇବା ପାଇଁ କହିଥିଲା ସେ ଚୋରି କରିଛି ବୋଲି—ସେଇ ପ୍ରସଙ୍ଗରେ ଶ୍ରୀଶ୍ରୀଠାକୁର ତାକୁ କହିଲେ—ତୁ ଚୋରି କରିନାହୁଁ ଅଥଚ ସମସ୍ତଙ୍କ ଭୟରେ ଚୋରି କରିଛୁ ବୋଲି ସ୍ୱୀକାର କରିଥିଲୁ—ଏହା ଭଲ ନୁହେଁ, ଏହି କାରଣରୁ ଅନେକ ସମୟରେ principle betray (ଆଦର୍ଶଙ୍କ ପ୍ରତି ବିଶ୍ୱାସଘାତକତା) କରିବାର tendency (ଭାବ) ଆସେ। ତେବେ ଦେଖିବୁ ତୋର ଗୋଟାଏ କାମ ପାଇଁ ଯଦି ଆଉ ଜଣଙ୍କର ଉପକାର ହେଉଥାଏ, ତାହେଲେ କରିପାରୁ—ତୁ ସହିପାରୁ ଆଉ ଜଣେ ସହିପାରେ ନା, ସେପରି ଅବସ୍ଥାରେ ତାହା ଚଳନୀୟ।



ରାତିରେ ଶ୍ରୀଶ୍ରୀଠାକୁର କହୁଥିଲେ—Animal life (ପଶୁଜୀବନ) ରେ ମଧ୍ୟ ଆମେ ଦେଖିବାକୁ ପାଉ, female (ସ୍ତ୍ରୀ) male (ପୁରୁଷ) କୁ woo (ଆମନ୍ତ୍ରଣ) କରେ—ସାଧାରଣ ଭାବରେ ହୁଏତ male (ପୁରୁଷ) indifferent (ଉଦାସୀନ) ଥାଏ, କିନ୍ତୁ female (ସ୍ତ୍ରୀ) ଗରମ ହେବା ମାତ୍ରେ male (ପୁରୁଷ) ପାଗଳ ପରି ହୋଇଯାଏ। ମଣିଷ କ୍ଷେତ୍ରରେ female (ସ୍ତ୍ରୀ) woo (ଆମନ୍ତ୍ରଣ) ନ କରୁଣୁ ଯଦି male sexually engaged (ପୁରୁଷ ଯୌନସମ୍ପର୍କରେ ଲିପ୍ତ) ହେବାକୁ ଚାହେଁ, female (ସ୍ତ୍ରୀ) ତାହା ପସନ୍ଦ କରେନା, ଅନ୍ତରେ ଅନ୍ତରେ repel (ପ୍ରତ୍ୟାଖ୍ୟାନ) କରେ। ପୁରୁଷକୁ ଅଶ୍ରଦ୍ଧା କରେ, ଭାବେ—'ସେଇଥିପାଇଁ ତୁମେ ନସର ପସର ହେଉଛ'। ଏହାଦ୍ୱାରା ପୁରୁଷ ଓ ନାରୀ ଉଭୟହିଁ mentally and physically deteriorate (ଶାରୀରିକ ଓ ମାନସିକ ଅଧୋଗମନ) କରିଥା'ନ୍ତି—ସନ୍ତାନାଦି ମଧ୍ୟ vitally weak (ପ୍ରାଣ ସମ୍ପଦରେ ଦୁର୍ବଳ) ହୁଅନ୍ତି—ଏବଂ ଏପରି ସଙ୍ଗମ କ୍ଷେତ୍ରରେ ପ୍ରାୟ ପୁଅ ନହୋଇ ଝିଅ ହୋଇଥା'ନ୍ତି—ଅବଶ୍ୟ ଏହା ମୋର ମତ। Male must be worshipped from the side of the female. (ପୁରୁଷ ଝିଅମାନଙ୍କ ଦ୍ୱାରା ପୂଜିତ ହେବା ଉଚିତ)।

ବୈଜ୍ଞାନିକ ଗବେଷଣା ସମ୍ପର୍କରେ କଥା ପ୍ରସଙ୍ଗରେ ଶ୍ରୀଶ୍ରୀଠାକୁର କହିଲେ—ପ୍ରେଷ୍ଠପ୍ରାଣତା ନଥିଲେ research (ଗବେଷଣା) ହୁଏ ନା। Research (ଗବେଷଣା) କରିବାକୁ ଗଲେ ବିଶେଷ କେତେଗୁଡ଼ିଏ ଚାରିତ୍ରିକ ଗୁଣ ପ୍ରୟୋଜନ। ପ୍ରେଷ୍ଠ ପ୍ରାଣତା ଭିତର ଦେଇ ସେଗୁଡ଼ିକ ଉଦ୍ଭବ ହୋଇଥାଏ। ଏବଂ ଗୋଟିଏ ଜାଗାରେ ଯଥାଯଥଭାବରେ research (ଗବେଷଣା) ଓ ତତ୍‌ସମ୍ବନ୍ଧୀୟ ଯାଜନ ଚାଲିଲେ ସେଇ research (ଗବେଷଣା) ଫଳରେ ଯେଉଁ fine delicate instrument (ସୂକ୍ଷ୍ମ ଯନ୍ତ୍ର) ବାହାରେ ତାହା use (ବ୍ୟବହାର) କରୁ କରୁ ମଧ୍ୟ ମଣିଷର ଉନ୍ନତି ହୁଏ—ଜଣେ ଲୋକ ଯଦି ଦଶବର୍ଷ ଧରି microscope use (ମାଇକ୍ରୋସ୍କୋପ ବ୍ୟବହାର) କରେ, ତା'ର ଚକ୍ଷୁର sensitiveness (ଶକ୍ତି) ମଧ୍ୟ keen (ତୀବ୍ର) ହୋଇଉଠେ।

## ଆଶ୍ୱିନ ୨୯, ସୋମବାର, ୧୩୪୬ (ଇଂ ୧୬/୧୦/୩୯)

ପାରିପାର୍ଶ୍ୱିକର ସେବାର ଦ୍ୱାହି ଦେଇ ଆମେ ଯେ ଅନେକ ସମୟରେ ବାପ ମା, ବା ଗୁରୁଜନ ଓ ପରିବାର ପ୍ରତି କର୍ତ୍ତବ୍ୟରେ ତ୍ରୁଟି କରୁ, ସେ ସମ୍ପର୍କରେ ଆଜି ଉପରବେଳା ଶ୍ରୀଶ୍ରୀଠାକୁର କହୁଥିଲେ—ପରିବାରର କିମ୍ବା most immediate environment (ନିକଟତମ ପରିବେଶ)—ଯେଉଁଠାରେ ମଣିଷର ଅନ୍ନ ସଂସ୍ଥାନ ହୁଏ, ସେମାନଙ୍କର ସେବା ନକରି ବାହାରର ସେବା କରିବାକୁ ଗଲେ—ସେ ସେବା ନିରର୍ଥକ ହୋଇଥାଏ। ପ୍ରଥମତଃ

ସେମାନଙ୍କର ସେବା କରିବା ଦରକାର—ଅବଶ୍ୟ ସେମାନଙ୍କର ସେବାକୁ ସେତିକିବେଳେ ignore (ଉପେକ୍ଷା) କରାଯାଏ ଯେତେବେଳେ କି ନା ଇଷ୍ଟକାମ କରୁ କରୁ ସମୟ ମିଳେ ନାହିଁ। କିନ୍ତୁ ସମୟ ସୁବିଧା ଥିଲେ ମଧ୍ୟ ଇଷ୍ଟକାର୍ଯ୍ୟର ଦ୍ୱାହି ଦେଇ କର୍ତ୍ତବ୍ୟ ଓ ଦାୟିତ୍ୱ ଏଡ଼ାଇ ଦେବା ଠିକ୍ ନୁହେଁ।

ଏହାପରେ ଭୂପେଶ ଭାଇ (ଦତ୍ତ) ଗୋଟିଏ ମୋଟରର କ୍ୟାଟାଲଗ ଦେଖାଇବାକୁ ଆଣିଲେ।

ଶ୍ରୀଶ୍ରୀଠାକୁର ଚଷମା ପିନ୍ଧି କ୍ୟାଟାଲଗର ପୃଷ୍ଠା ଓଲଟାଇ ଦେଖୁ ଦେଖୁ କହିଲେ—ମୋ ମସ୍ତିଷ୍କରେ ମଧ୍ୟ ଅନେକ ସୁନ୍ଦର ସୁନ୍ଦର ମଡ଼େଲ ଆସେ, କହିବି ବା କାହାକୁ, କରିବ ବା କିଏ ?

## ଆଶ୍ୱିନ ୩୦, ମଙ୍ଗଳବାର, ୧୩୪୬ (ଇଂ ୧୭/୧୦/୩୯)

ପ୍ରାତଃକାଳରେ ଶ୍ରୀଶ୍ରୀଠାକୁର ବନ୍ଧ ପାଖରେ ତାଳଘରେ ଖଟରେ ବସିଥିଲେ—Students' organisation (ଛାତ୍ର ସଂଗଠନ) କିପରି ହେବା ଉଚିତ, ସେଇ ସମ୍ବନ୍ଧରେ ଯତୀନ୍ ଭାଇ (ଦାସ) ପଚାରିଲେ।

ଶ୍ରୀଶ୍ରୀଠାକୁର—କାମ କରୁ କରୁ ଯେତେବେଳେ ଯାହା ପ୍ରୟୋଜନ ହୁଏ ତାର ସମାଧାନ କରିବା ଭଲ—ଏହାଦ୍ୱାରା ଜବର ଜିନିଷ ହୁଏ।

ହିଟଲର-ମୁସୋଲିନୀଙ୍କ କଥା ପଡ଼ିଲା।

ଶ୍ରୀଶ୍ରୀଠାକୁର—ଗୁରୁ ନଥିଲେ ମଣିଷର balance (ସମତା) ଠିକ୍ ରହେ ନାହିଁ। ଶିବାଜୀ ରାଜା ହୋଇ ମଧ୍ୟ ରାମଦାସଙ୍କୁ ରାଜ୍ୟ ଦେଇ ନିଜେ ପ୍ରତିନିଧି ହିସାବରେ ରାଜତ୍ୱ କରୁଥିଲେ। ରାମଦାସଙ୍କୁ ସେ ଅତ୍ୟନ୍ତ ଭୟ କରୁଥିଲେ। ଏ ଭୟଟା କିନ୍ତୁ ଭଲପାଇବାର ଅମୋଘ ଆକର୍ଷଣ ବଶତଃ। କେତେ ବିପଦରେ ପଡ଼ି ମଧ୍ୟ ସେ ଠିକ୍ ରହି ପାରିଥିଲେ—ତାଙ୍କ ଦେହରେ ଟିକେ ଆଞ୍ଚ ବି ଲାଗିନାହିଁ। ମୁସୋଲିନୀ ଇଚ୍ଛା କଲେ ରାଜାଙ୍କୁ ଅସ୍ୱୀକାର କରି ପାରିଥାନ୍ତେ କିନ୍ତୁ ତାହା ସେ କଲେ ନାହିଁ।

ହିଟଲର ପ୍ରସଙ୍ଗରେ କହିଲେ—କେବଳ ମାତୃ ଭକ୍ତିରେ ସବୁ ହୁଏ ନାହିଁ—fulfilling (ପରିପୂରକ) ଜଣେ ଥିବା ଦରକାର। ମଣିଷଟା ଯେତେ ସାମାନ୍ୟ ବା ନଗଣ୍ୟ ହେଉନା କାହିଁକି, କିନ୍ତୁ ଇଷ୍ଟପ୍ରତି ଯଦି ତାର ଟାଣ ଥାଏ ସେ ବଡ଼ ହେବହିଁ ହେବ। ଆଜି ଜଣେ ଲୋକକୁ ଦେଖୁଛ ସେ ଜୁଳୁ ଜୁଳୁ କରି ଚାହୁଁଛି—ଆଗାମୀ ପରଦିନ ଯେ ସେ କେତେ ବଡ଼ ହୋଇ ଉଠିବ ତାହା କ'ଣ ତୁମେ କହି ପାରିବ ? ମୂଳ ସମ୍ବଳ ଟିକକ ତାର ଥିଲେ ଉନ୍ନତି ଅବଶ୍ୟମ୍ଭାବୀ—ଏଇ ଅନୁରାଗହିଁ ତାକୁ ଯୋଗ୍ୟତାରେ ଦିଗ୍‌ବିଜୟୀ



କରିତୋଳେ।

କଥା ପ୍ରସଙ୍ଗରେ ଶମ୍ବୁକର କଥା ଉଠିଲା—ଶ୍ରୀଶ୍ରୀଠାକୁର କହିଲେ—ଶମ୍ବୁକ ବର୍ଣ୍ଣାଶ୍ରମ ଭାଙ୍ଗିଦେଉଥିଲା, ସମାଜରେ ବିଶୃଙ୍ଖଳା ସୃଷ୍ଟି କରୁଥିଲା। ବ୍ରାହ୍ମଣତ୍ୱ ଆମର ପ୍ରତ୍ୟେକଙ୍କର ଆଦର୍ଶ ସତ କିନ୍ତୁ ତାହା ଆମର ବର୍ଣ୍ଣୋଚିତ କର୍ତ୍ତବ୍ୟକୁ ଅବହେଳା କରି ନୁହେଁ। Instinct (ସହଜାତ ସଂସ୍କାର) ଅନୁଯାୟୀ କର୍ମ କରି ତାରି ଭିତର ଦେଇ ବ୍ରାହ୍ମଣତ୍ୱକୁ evolve (ଉନ୍ନିତ) କରାଇବାକୁ ହେବ। ଆମର ଜନକ କ୍ଷତ୍ରିୟ କର୍ମ ଛାଡ଼ି ଦେଇ ନଥିଲେ। ଜଣେ ଯଦି ବୈଶ୍ୟ ହୋଇଥାଏ, ବୈଶ୍ୟର ସହଜାତ କର୍ମ ignore (ଉପେକ୍ଷା) କରି ସେ ବ୍ରାହ୍ମଣତ୍ୱ ଅର୍ଜନ କରି ପାରେ ନାହିଁ। ଏବଂ ତାହା ଯଦି ସେ କରିବାକୁ ଯାଏ ତେବେ ସମାଜର କ୍ଷୟ ଆରମ୍ଭ ହୋଇଯିବ। 'ଯେ ବୈଶ୍ୟର କର୍ମ କରି ଜାଣେ ନା—ସେ ପୁଣି ବ୍ରାହ୍ମଣତ୍ୱର ଅଧିକାରୀ ହେବ କିପରି ? ଯେ ଯାହାକରୁ ତାର hereditary instinct (ଜନ୍ମଗତ ସଂସ୍କାର) ଭିତ୍ତିକରି କରିବ—ତାହେଲେ ସମାଜ ଠିକ୍ ରହିବ। କ୍ଷତ୍ରିୟ-ବୈଶ୍ୟଙ୍କ ମଧ୍ୟରେ ଯେଉଁ ପ୍ରତିଲୋମ୍ବ କରାଯାଉଛି—ସେମାନେ ମଧ୍ୟ କାମ କରିବେ ଠିକ୍ ଏଇ ଭାବରେ। ଆର୍ଯ୍ୟମାନେ acquisition (ଅର୍ଜିତ ବିଦ୍ୟା) ଅପେକ୍ଷା instinct (ସହଜାତ ସଂସ୍କାର) କୁ ଅଧିକ ପ୍ରାଧାନ୍ୟ ଦିଅନ୍ତି। Instinct (ସଂସ୍କାର) ହେଲା automatic (ସ୍ୱତଃ)—ଯେପରି ଆମର heart (ହୃଦୟ), ଆଜିକାଲି ସ୍ୱତଃ ଚାଲେ, ଏକ ସମୟରେ ହୁଏତ ଏପରି ଭାବରେ ଚାଲୁ ନ ଥିଲା, ସେତେବେଳେ ହୁଏତ ପ୍ରଚେଷ୍ଟା କରାଯାଇ ଚାଲୁ କରାହେଉଥିଲା, ଆଜିକାଲି attention (ମନୋଯୋଗ) ଦିଆ ହେଉ ବା ନ ହେଉ heart (ହୃଦ୍‌ସ୍ପନ୍ଦନ) ଚାଲେ। ଏଇ ପ୍ରକାର automatic (ସ୍ୱତଃ) ଯେଉଁ ଗୁଣ ତାହାହିଁ ହେଉଛି, instinct (ସଂସ୍କାର)। ପୁରୁଷ ପୁରୁଷାନୁକ୍ରମିକ ଧରି ଚାଲୁ ଚାଲୁ ଗୋଟାଏ ଜିନିଷ instinct (ସଂସ୍କାର) ରେ ପର୍ଯ୍ୟବସିତ ହୁଏ। ଉଜିରପୁର କମାରମାନେ ଏବେ ମଧ୍ୟ ହାତରେ ଯେଉଁ temper (ପାଣି) ଦିଅନ୍ତି ତା'ର ତୁଳନା ନାହିଁ—ସେମାନେ ବୁଆଡ଼େ ପିସ୍ତଲ ମଧ୍ୟ ତିଆରି କରି ପାରନ୍ତି। Instinct (ସହଜାତ ସଂସ୍କାର) ହଜାର ବର୍ଷରେ ମଧ୍ୟ ମରିଯାଏ ନାହିଁ। ବିପ୍ର, କ୍ଷତ୍ରିୟ, ବୈଶ୍ୟହିଁ ଦ୍ୱିଜ, ଏବଂ ଆର୍ଯ୍ୟକୃଷ୍ଟିରେ initiated aborigines ମାନେ (ଦୀକ୍ଷିତ ଅନାର୍ଯ୍ୟଗଣ) ଶୂଦ୍ର। ସେମାନେ ବାସ୍ତବ ଭାବରେ କାମ କରୁଥିଲେ—practice (ଅନୁଶୀଳନ) ବାଦଦେଇ ସେମାନଙ୍କୁ theoretical training (ତାତ୍ତ୍ୱିକ ଶିକ୍ଷା) ଦିଆ ଯାଉ ନ ଥିଲା। ମସ୍ତିଷ୍କ ତ ପୋଖତ ହୋଇନାହିଁ, କ'ଣ ବୁଝିବାକୁ ଯାଇ କ'ଣ ବୁଝିବେ, ଗଣ୍ଡଗୋଳ କରି ପକାଇବେ, ତା'ର ତ ଠିକ୍ ନାହିଁ। ତେଣୁ ଏଇ ବ୍ୟବସ୍ଥା।....ଇଷ୍ଟ ଓ କୃଷ୍ଟିର ଭିତ୍ତିଉପରେ ଆଜି ବି ଯଦି ଆମେ ଦଳବାନ୍ଧି ଛିଡ଼ା ହୋଇପାରୁ—କ'ଣ ଯେ କରିଦେଇ ପାରିବା ତା'ର ଇୟତ୍ତା ନାହିଁ। ଆମ ରକ୍ତରେ ସବୁ କିଛି ଅଛି—କେବଳ ଦରକାର ତା'ର ଉପଯୁକ୍ତ ପୋଷକତା। ଅନୁଲୋମ ଅସବର୍ଣ୍ଣ ବିବାହ ଓ ଏକାଦର୍ଶ ଗ୍ରହଣ—ଏହି ଦୁଇଟି

ହେଲା ସମାଜର cementing factor (ସଂହତିର ଉପାଦାନ)। ପୁଣି ତାକୁ ଜାଗ୍ରତ କରି ଦେବାକୁ ହେବ। ଜଣକର ନିନ୍ଦାକରି ଆଉ ଜଣକର ପ୍ରତିଷ୍ଠା କରିବାକୁ ଯାଇ ଆମେ ଯେ କି ଭୁଲ କରିଛୁ— ସେଇଥିପାଇଁ ତ ଜାତିଟା ହୋଇଛି disintegrated into lumbs (ଟୁକୁରା-ଟୁକୁରା ବିଚ୍ଛିନ୍ନ)। ପୂର୍ବତନ-ପରିପୂରକ ବର୍ତ୍ତମାନକୁ କେନ୍ଦ୍ରକରି ଯଜନ, ଯାଜନ, ଇଷ୍ଟଭୃତି ଉପରେ ଠିଆହେବାକୁ ହେବ। ନିଜେ ନିଜେ କରିବେ ଓ ଅନ୍ୟକୁ ମଧ୍ୟ କରାଇବେ—ଏହି ଯାଜନ, ଯାଜନ ଦ୍ୱାରା ଯେ କ'ଣ କରାଯାଇ ପାରେ ! ଏକହଜାର ଋତ୍ୱିକ୍ ଯଦି ଆଜି ବଙ୍ଗଦେଶର ଗ୍ରାମେ ଗ୍ରାମେ ଯାଜନବ୍ରତୀ ହୁଅନ୍ତି,—ତା'ପରେ ଗୋଟିଏ ଗୋଟିଏ ଦଳ ଗୋଟିଏ ଗୋଟିଏ province (ପ୍ରଦେଶ) କୁ ବାହାରିଯାଆନ୍ତି, ଜାତିଟା ଗଢ଼ି ତୋଳିବାକୁ କେତେଦିନ ଲାଗିବ ?

ଆମର ଦୀପଙ୍କର—ଏଇ ତ ବ୍ରଜଯୋଗିନୀ ଘର, ବାଙ୍ଗାଲ (ପୂର୍ବବଙ୍ଗୀୟ), ଯାଜନ ଦ୍ୱାରା ସେ କ'ଣ ନକଲେ ? ବଙ୍ଗାଳୀ ଜାତି ଭିତରେ ଖାଣ୍ଟି Aryans (ଆର୍ଯ୍ୟ) ଅଛନ୍ତି—ଅନ୍ୟ ପ୍ରାନ୍ତରେ ଯେତେବେଳେ ଅତ୍ୟାଚାର ଆରମ୍ଭ ହୋଇଯାଇଥିଲା ସେତେବେଳେ ସେମାନେ ଏପାଖକୁ ଚାଲି ଆସିଥିଲେ। ଏମାନଙ୍କର ରକ୍ତ, ଏମାନଙ୍କର ଜୀବନ ଯା' ତା କଥା ନୁହେଁ। ଆମେ ତ ଜାଣୁ ନାହିଁ ଆମର ନିଜର କ'ଣ ଥିଲା ! କେଷ୍ଟ ଭାଇ ଯେଉଁ ସବୁ ତଥ୍ୟ ଯୋଗାଡ଼ କରିଛନ୍ତି, ତାହା ଶୁଣିଲେ ତ ଅବାକ୍ ହେବାକୁ ହୁଏ। ଏ ଜାତି ଯଦି ଏକୀଭୂତ ହୋଇଯାଏ ତେବେ ଏହାକୁ ପାରିବା କଷ୍ଟକର।

ଚନ୍ଦନନଗରର କେଷ୍ଟ ଭାଇ ପଚାରୁଥିଲେ ତାଙ୍କର ବ୍ୟକ୍ତିଗତ ଜୀବନର କଥା।

ଶ୍ରୀଶ୍ରୀଠାକୁର—କ'ଣ କରିବାକୁ ହେବ ତା'ତ ଠିକ୍ ଅଛି। ବର୍ତ୍ତମାନ କଥା ହେଲା ଯେ କୌଣସି ଉପାୟରେ ଶତ୍ରୁକୁ ବଧ କରିବା।

ପ୍ରଫୁଲ୍ଲ—ଠିକ୍ ଅଛି କହିଲେ ତ ଆପଣ ଇଷ୍ଟସ୍ୱାର୍ଥ ଏବଂ ଇଷ୍ଟପ୍ରତିଷ୍ଠାର କଥାହିଁ କହୁଛନ୍ତି !

ଶ୍ରୀଶ୍ରୀଠାକୁର—ହଁ, ତାହାହିଁ ହେଲା ଭବସାଗରର compass (ଦିଗ ନିର୍ଣ୍ଣୟ ଯନ୍ତ୍ର), କ'ଣ କରିବାକୁ ହେବ, ଏହାରି ଦ୍ୱାରାହିଁ ମାପି ମାପି ଠିକ୍ କରିବାକୁ ହେବ—ତା ଛଡ଼ା ଆଉ କଥା ନାହିଁ—ଗୋଟାଏ ଯେପରି North pole (ଉତ୍ତର ମେରୁ) ଆଉ ଗୋଟାଏ ଯେପରି South pole (ଦକ୍ଷିଣ ମେରୁ)। କେବଳ ଇଷ୍ଟସ୍ୱାର୍ଥ ଦେଖିଲେ ହେବ ନାହିଁ। ତୁମେ ହୁଏତ ଦଶଲକ୍ଷ ଟଙ୍କା ଚୋରି କରି ଇଷ୍ଟସ୍ୱାର୍ଥ ସିଦ୍ଧ କରିପାର—କିନ୍ତୁ ସେପରି କଲେ ଲୋକେ କହିବେ ଯେ—ଅମୁକ ଚୋରର ଗୁରୁ—ତଦ୍ୱାରା ହୁଏତ ଇଷ୍ଟସ୍ୱାର୍ଥ ସାଧନ ହୋଇପାରେ, କିନ୍ତୁ ଇଷ୍ଟପ୍ରତିଷ୍ଠା ହୋଇପାରେ ନା—ଏହି ଦିଗ ପ୍ରତି ନଜର ରଖିବାକୁ ହେବ। ଏପରିକି ଆପାତ ଦୃଷ୍ଟିରେ କୌଣସି ଗର୍ହିତ କର୍ମ କରି ମଧ୍ୟ ଯଦି ଇଷ୍ଟସ୍ୱାର୍ଥପ୍ରତିଷ୍ଠା ଦୁଇଦିଗକୁ ଅକ୍ଷୁଣ୍ଣ ରଖାଯାଇପାରେ ତେବେ ତଦ୍ୱାରା ମଙ୍ଗଳର ଅଧିକାରୀ ହୋଇ ଉଠାଯାଏ। ପାପ



ହେଲା ତାହା, ଯାହା ପାଳନରୁ ପତିତ କରେ—ଏହା ଛଡ଼ା ପାପର ଅନ୍ୟ କୌଣସି ଅର୍ଥ ନାହିଁ। ତାପରେ କହିଲେ—କେଷ୍ଟ ଭାଇ ଯଦି ଠିକ୍ କରନ୍ତି ଯେ, ପାଞ୍ଚଶହ ଲୋକଙ୍କୁ ସେ କୌଣସି ମତେ ପଡ଼ିବାକୁ ଦେବେ ନାହିଁ—ସେମାନଙ୍କର ଉନ୍ନତି ପାଇଁ ଯଦି ଆପ୍ରାଣ ଚେଷ୍ଟା କରନ୍ତି, ସର୍ବତୋଭାବରେ ସେମାନଙ୍କୁ ସେବା ଦିଅନ୍ତି ; ଏବଂ ଏଇ ପାଞ୍ଚଶହ ଲୋକ ଯଦି କେଷ୍ଟ ଭାଇଙ୍କ ପାଇଁ ଗୋଟାଏ ଗୋଟାଏ ନିଃଶ୍ୱାସ ପକାନ୍ତି ସେଇଥିରେହିଁ କେଷ୍ଟ ଭାଇଙ୍କର ଭଣ୍ଡାର ଭର୍ତ୍ତି ହୋଇଯିବ, ତାଙ୍କର ନିଜର ଚାହିଦା ମେଣ୍ଟାଇ ଆଉ କେତେଜଣଙ୍କୁ ମଧ୍ୟ ପାଳନ କରିପାରିବେ।

ପ୍ରଫୁଲ୍ଲ—ଚତୁରାଶ୍ରମ ଭିତର ଦେଇ ଯେଉଁ normal (ସହଜ) ସନ୍ନ୍ୟାସ ଅଛି, ତା ଛଡ଼ା କ'ଣ ସନ୍ନ୍ୟାସ ଗ୍ରହଣ କରିବା ଠିକ୍ ?

ଶ୍ରୀଶ୍ରୀଠାକୁର—ସାଧୁ ସେଇ, ଯେ ସବୁ ନିଷ୍ପନ୍ନ କରିପାରେ—ସାଧୁ କଥାଟା ଆସିଛି ସାଧ୍ ଧାତୁରୁ। Responsibility (ଦାୟିତ୍ୱ) ଯିଏ ନିଏ ନା, କର୍ତ୍ତବ୍ୟ ଯେ କରେ ନା, ସେ ପୁଣି କି ପ୍ରକାର ସାଧୁ ? ସତ୍‌ରେ ଯା'ର ମନ ନ୍ୟସ୍ତ ରହେ ତାର କର୍ମ ଓ ଦାୟିତ୍ୱ ତ ବଢ଼ି ବଢ଼ି ଚାଲେ। ମୋର ମନେହୁଏ ମଣିଷ ଚତୁରାଶ୍ରମ ଭିତର ଦେଇ ନଗଲେ ତା'ର ସର୍ବାଙ୍ଗୀନ ବିକାଶ ହୁଏ ନାହିଁ।

ଶ୍ରୀଶ୍ରୀଠାକୁର, ଗୋପାଳ ଭାଇ (ମୁଖୋପାଧ୍ୟାୟ)ଙ୍କୁ ଡ଼ାକିବାକୁ କହିଲେ। ଗୋପାଳ ଭାଇ ଆସିବାରୁ ତାଙ୍କୁ କେତୋଟି ପ୍ରୟୋଜନୀୟ କର୍ମର କଥା କହିଲେ।

ଶ୍ରୀଶ୍ରୀଠାକୁର କଥା ପ୍ରସଙ୍ଗରେ କହିଲେ—ଆର୍ଯ୍ୟମାନଙ୍କର କ'ଣ ଥିଲା ତାହା ଆମର ଦୃଷ୍ଟିଗୋଚର ହୋଇନାହିଁ, ତେଣୁ ବୁଝିପାରୁ ନା। ସେଇ ରୂପ ଯଦି ପୁଣି ଫୁଟିଉଠେ—ତେବେହିଁ ସେମାନଙ୍କର ମର୍ଯ୍ୟାଦା ବୁଝିପାରିବା। ବର୍ଣ୍ଣୋଚିତ ସମୀଚୀନ ଗୁଣ ବିକଶିତ ହୋଇଥିବା ଏପରି ବିପ୍ର, କ୍ଷତ୍ରିୟ, ବୈଶ୍ୟ ଆଜିକାଲି କମ୍ ଦେଖିବାକୁ ମିଳନ୍ତି। ବୈଶ୍ୟମାନେ ଯଦି ଠିକ୍ ରହିଥାନ୍ତେ ତା'ହେଲେ କ'ଣ ଆମର ଏ ଦୁର୍ଦ୍ଦଶା ହୋଇଥାନ୍ତା ? ବୈଶ୍ୟମାନେ ଯେତେବେଳେ ଇଷ୍ଟକୃଷ୍ଟିକୁ ଭୁଲିଯାଇ ବିଦେଶୀ ଶ୍ୱଶୁରଙ୍କ ସଙ୍ଗେ ଯୋଗଦେଲେ—ସେଇ ସମୟରୁହିଁ ଜାତିର ସର୍ବନାଶ ଆରମ୍ଭ ହେଲା। ବୈଶ୍ୟମାନେ ବିଦେଶରେ ବାଣିଜ୍ୟ କରୁଥିଲେ, ସେଇସବୁ ଦେଶର ଝିଅଙ୍କୁ ବିବାହ କରି ଘରକୁ ଆଣୁଥିଲେ, ସେମାନଙ୍କ ସନ୍ତାନ-ସନ୍ତତି ପୁଣି ବିପ୍ର, କ୍ଷତ୍ରିୟ ଓ ବୈଶ୍ୟମାନେ ବିବାହ କରୁଥିଲେ। ଯେତେଦିନ ପର୍ଯ୍ୟନ୍ତ ବୈଶ୍ୟମାନେ ଇଷ୍ଟକୃଷ୍ଟି ଅନୁଯାୟୀ ଚଳୁଥିଲେ—ସେତେଦିନ ଯାଏ କୌଣସି ଅସୁବିଧା ହୋଇ ନଥିଲା, କିନ୍ତୁ ଧନମଦ-ମତ୍ତତାରେ ଯେବେଠାରୁ ତାହା ସେମାନେ ବିସର୍ଜନ ଦେଲେ, ସେଇଦିନଠାରୁ ବିପର୍ଯ୍ୟୟ ଆରମ୍ଭ ହେଲା।

କେଷ୍ଟ ଭାଇଙ୍କୁ ଦୁଇଜଣ mechanic (କାରିଗର) ଖୋଜିବାକୁ କହିଲେ, ଯେଉଁମାନେ ଢଳାଇ କାମ, ଲେଦ କାମ ଅନ୍ୟାନ୍ୟ କାମ ଜାଣନ୍ତି। ଶ୍ରୀଶ୍ରୀଠାକୁର ଆକ୍ଷେପ

କରିବାକୁ ଲାଗିଲେ—ଆମର ଏଠାରେ ଲୋକର ଅଭାବ, ଯଥାସ୍ଥାନରେ ଉପଯୁକ୍ତ ଲୋକ ମିଳିଥିଲେ କ'ଣ ଯେ କରିଥାନ୍ତି ! ଲୋକ ଅଭାବରୁ laboratory (ଗବେଷଣାଗାର) ର instrument (ଯନ୍ତ୍ରପାତି) ଗୁଡ଼ିକ ନଷ୍ଟ ହୋଇଯାଉଛି। କାରଖାନାରେ ଉପଯୁକ୍ତ ଲୋକ ମିଳିଲେ ହଜାର ଲୋକଙ୍କର ପେଟପାଇଁ ଭାତ ବ୍ୟବସ୍ଥା ହୋଇପାରିବ। ଆଉ, ଏପରି ଲୋକ ଦରକାର ଯିଏ ଦରମା ନେବ ନାହିଁ, କିନ୍ତୁ ସମସ୍ତ କାମର ଦାୟିତ୍ୱ ନେବ, ସବୁ worker (କର୍ମୀ)ଙ୍କୁ maintain (ଭରଣ-ପୋଷଣ) କରିବ ଏବଂ ନିଜେ minimum (ନ୍ୟୂନତମ) ଯାହା ଦରକାର ତାହାହିଁ ନେଇ ଖୁସିରେ ରହିବ। ଏଠାକୁ ଆସିଲେ ବାହାରର କେହି ହୁଏତ ଦରମାର ଲୋଭ ଦେଖାଇ ତାକୁ ଭୁଲାଇ ନେବାକୁ ଚେଷ୍ଟା କରିବ, ସେ ଯେପରି ସେଥିରେ ନ ଭୁଲେ। Institution (ପ୍ରତିଷ୍ଠାନ) ଗଢ଼ି ତୋଳିବା ମୁଖ୍ୟ ନ ହୋଇ ଯଦି ଟଙ୍କା ମୁଖ୍ୟ ହୁଏ ଯେତେ ବଡ଼ expert (ଦକ୍ଷ) ହେଉ ନା କାହିଁକି, successful (କୃତକାର୍ଯ୍ୟ) ହେବା ଦୁରୂହ। ତା'ପରେ cool temperament (ଥଣ୍ଡା ମସ୍ତିଷ୍କ) ହେବା ଦରକାର, ଏଠାରେ ନାନା ପ୍ରକୃତିର ଲୋକ ଅଛନ୍ତି, ଅନେକେ ହୁଏତ ତାକୁ ଅତିଷ୍ଠ କରିବେ, ତେଣୁ ସେ-ସବୁକୁ ହଜମ କରି ପାରିଉଠିଲା ଭଳି ଶକ୍ତି ଦରକାର, ନ ହେଲେ ବିପଦ।

## ପହିଲା କାର୍ତ୍ତିକ, ବୁଧବାର, ୧୩୪୬ (ଇଂ ୧୮/୧୦/୩୯)

ଶ୍ରୀଶ୍ରୀଠାକୁର ଉପରବେଳା, ବନ୍ଧପାଖରେ ଖଟରେ ବସିଛନ୍ତି। ଅନେକେ ଉପସ୍ଥିତ ଅଛନ୍ତି। ସତ୍ୟ ଭାଇ (ଦେ) ରୋଗରୁ ଉଠିଛନ୍ତି, ଭାତ ଖାଇବାକୁ ପ୍ରବଳ ଇଚ୍ଛା ହେଉଛି। ଶ୍ରୀଶ୍ରୀଠାକୁରଙ୍କୁ କହିଲେ—ମୋତେ ଖୁବ୍ ଭୋକ ହେଉଛି, ଯାହା ପଥ୍ୟ ବ୍ୟବସ୍ଥା କରିଛନ୍ତି, ତା ଖାଇ ହେଉ ନାହିଁ।

ଶ୍ରୀଶ୍ରୀଠାକୁର ବୁଝିଲେ ସତ୍ୟ ଭାଇ ପ୍ରକାରାନ୍ତରେ ଭାତ ଖାଇବାର ଅନୁମତି ଚାହୁଁଛନ୍ତି, କିନ୍ତୁ ତାଙ୍କୁ ପ୍ରତିନିବୃତ୍ତ କରିବାକୁ ହେବ। ଉତ୍ସାହ ଦେଇ କହିଲେ—କ୍ଷୁଧା ତ ରାଜା ! କ୍ଷୁଧାହିଁ ତ ଲକ୍ଷ୍ମୀ, ଖାଇବା ଅପେକ୍ଷା କ୍ଷୁଧା ଭଲ—କ୍ଷୁଧାହିଁ ତ ଖାଏ, କ୍ଷୁଧା ହେଉ, ଯେତେବେଳେ ଦେଖିବୁ—ମୁହଁରେ ଗନ୍ଧ ନାହିଁ, ସେତେବେଳେ ତୋର ଭାତ ଖାଇବାର ସମୟ ହୋଇଛି ବୁଝିବୁ।

ସନ୍ଧ୍ୟାବେଳେ ଜଣେ ଭଦ୍ରଲୋକ ନାନା ପ୍ରଶ୍ନ ପଚାରୁଥିଲେ—ଆମେ ଯେତେ ଯାହା କରୁନା କାହିଁକି, luck (ଭାଗ୍ୟ) ଉପରେ ସବୁ ନିର୍ଭର କରେ। ଜଣେ କେତେ ଖଟି ଖଟି ମଧ୍ୟ ପାରୁନାହିଁ, ଅନ୍ୟ ଜଣେ ଅଳ୍ପ ଚେଷ୍ଟାରେହିଁ successful (କୃତକାର୍ଯ୍ୟ) ହୋଇ ଯାଉଛି।

ଶ୍ରୀଶ୍ରୀଠାକୁର—Luck (ଭାଗ୍ୟ) କିନ୍ତୁ କରିବା ଉପରେ ନିର୍ଭର କରେ। ଯିଏ



ପାରୁନାହିଁ ବୁଝିବାକୁ ହେବ ଯେ ତା'ର କରିବାରେ ଗଣ୍ଡଗୋଳ ଅଛି। ଅଦୃଷ୍ଟ ମାନେ ଆମର ଯେଉଁ କର୍ମଫଳ ପାରିପାର୍ଶ୍ୱିକ ଭିତରେ ଖେଳେଇ ହୋଇ ରହିଛି। Principle (ଆଦର୍ଶ) ନ ଥିଲେ କର୍ମଗୁଡ଼ିକ ମଧ୍ୟରେ ବିନ୍ୟାସ ଆସେ ନାହିଁ, ଶୃଙ୍ଖଳା ଫୁଟିଉଠେ ନାହିଁ, individuality (ବ୍ୟକ୍ତିତ୍ୱ) ହିଁ grow କରେ (ବଢ଼େ) ନାହିଁ, personality (ବ୍ୟକ୍ତିତ୍ୱ) integrated (ସଂହତ) ହୁଏ ନାହିଁ, ବୃତ୍ତିହିଁ ତାକୁ guide (ଚାଳିତ) କରେ। ବୃତ୍ତିଗୁଡ଼ିକ ଗୋଲାକାର—ତେଣୁ ସେମାନଙ୍କୁ ବୃତ୍ତି କୁହାଯାଏ, ମଣିଷ ବୃତ୍ତି ବାହାରେ ଆଉ କିଛି ଦେଖି ପାରେ ନାହିଁ। ତାହାହିଁ (ବୃତ୍ତି) ହୁଏ ତା'ର universe (ବିଶ୍ୱ), ଗୋଟାଏ (ବୃତ୍ତି) ସଙ୍ଗେ ଆଉ ଗୋଟାକର କୌଣସି ସମ୍ପର୍କ ନାହିଁ। ଯେତେବେଳେ ଯେଉଁ ବୃତ୍ତି ମଧ୍ୟରେ ପଡ଼େ, ପୁରାପୁରି ପଡ଼ିଯାଏ। କେତେଜଣ ତ କେତେ ଖଟନ୍ତି କିନ୍ତୁ ଦେଖୁଦେଖୁ ଜଣେ ଚାଷୀର ପୁଅ ହୁଏତ minister (ମନ୍ତ୍ରୀ) ହୋଇଗଲା—ତା ହେଲା। କିପରି ? ସେଇ ଟାଣ। ଟାଣ ହିଁ ସବୁ। ପୃଥିବୀରେ ଏପରି ଲୋକ ଦେଖିବାକୁ ପାଇବେ ନାହିଁ ତା ନୁହେଁ, ଖୁବ୍ କମ୍ ଲୋକ ଦେଖିବାକୁ ପାଇବେ, ଯେଉଁମାନେ କି ବଡ଼ ହୋଇ ଉଠିଛନ୍ତି ଅଥଚ କୌଣସି superior beloved (ପ୍ରେଷ୍ଠ) ପ୍ରତି active attachment (ସକ୍ରିୟ ଅନୁରାଗ) ନାହିଁ। ଆମେ history (ଇତିହାସ) ପଢ଼ୁ, କିନ୍ତୁ ଗୋଟାଏ life (ଜୀବନ)ର glowing point (ଦୀପନ-କ୍ଷେତ୍ର) ଆମ ଆଖିରେ ପଡ଼େ ନାହିଁ—ତା'ହେଲେ ଦେଖି ପାରନ୍ତୁ ଯେ ଶ୍ରେୟ ଅନୁରାଗ ଛଡ଼ା କେହି ବଡ଼ ହୋଇ ନାହାଁନ୍ତି।

ଭଦ୍ରଲୋକ—ଆମେ ଜଣକ ଉପରେ depend (ନିର୍ଭର) କରିବା କାହିଁକି ? ଆମେ ନିଜେ ତ ପାରିବା।

ଶ୍ରୀଶ୍ରୀଠାକୁର—ମଣିଷର existence (ଅସ୍ତିତ୍ୱ) ଯେ depend (ନିର୍ଭର) କରେ ଅନ୍ୟ ଉପରେ। ମୁଁ କିଛିଦିନ ସୋଽହଂ, ସୋଽହଂ କରୁଥିଲି—ତାହା ମଣିଷ ଧାତୁରେ ଖାପ ଖାଏ ନାହିଁ—ତଦ୍ୱାରା ସବୁଜିନିଷ ନିଜ ଉପରେ recoil (ପ୍ରତ୍ୟାବର୍ତ୍ତନ) କରେ। ମୁଁ ସୋଽହଂ ସେତିକିବେଳେ କହିପାରେ—ଯେତେବେଳେ ଅନ୍ୟ ସମସ୍ତଙ୍କୁ ସେଇ ସୋଽହଂ ରୂପରେ ଦେଖିପାରେ—ତା ନହେଲେ ମୁଁ ସୋଽହଂ ଆଉ ସେ ଶଳାମାନେ କିଛି ନୁହଁନ୍ତି—ଏପରି ବୋଧ ଥିଲେ ଉନ୍ନତି ହୁଏ ନାହିଁ। ମୁଁ ବୁଝେ 'ତୁହଂ'—ତୁମେ ବୋଲି ଜଣେ ଯଦି ଥା'ନ୍ତି ତାଙ୍କୁ fulfil (ପୂରଣ) କରିବାର urge (ଆକୂତି) ଯୋଗୁଁ tension (ଟାଣ) ଯଦି ଥାଏ, ତହିଁରୁହିଁ ଆମର sensitiveness (ସମ୍ବେଦନଶୀଳତା) ଓ receptivity (ଗ୍ରହଣକ୍ଷମତା) grow କରେ (ବଢ଼େ), ଫଳରେ ଆମେ ବଡ଼ ହୋଇପାରୁ— ନଚେତ୍ ସବୁକିଛି ନିଜ ଉପରେ recoil (ପ୍ରତ୍ୟାବର୍ତ୍ତନ) କରେ। ମୋଟକଥା ମଣିଷ ଭିତରେ ଅଛି libido ବା ସୁରତ। ମୁଁ ଇଂରାଜୀ ଜାଣେ ନାହିଁ, ମୂର୍ଖ ଲୋକ, ତେବେ ମଧ୍ୟ ଇଂରାଜୀ କହେ—ଏଇ ସୁରତ ଚାହେଁ ଯୁକ୍ତ ହେବାକୁ, ଏଇ ସୁରତ, ମା, ବାପା, ଗୁରୁ ଇତ୍ୟାଦିରେ

ଠିକ୍‌ଭାବରେ ଯୁକ୍ତ ହେବା ଫଳରେ ଯେଉଁ ମଣିଷ active (କର୍ମଠ) ହୋଇଉଠେ ତାର ଉନ୍ନତି ହେବହିଁ ହେବ। ଗୀତାରେ ଅଛି—"ନାସ୍ତି ବୁଦ୍ଧିରଯୁକ୍ତସ୍ୟ, ନଚାଯୁକ୍ତସ୍ୟ ଭାବନା, ନଚାଭାବୟତଃ ଶାନ୍ତିଃ ଅଶାନ୍ତସ୍ୟ କୁତଃ ସୁଖମ୍।" ଆଉ କ'ଣ ଅଛି ତ ? —ଯୋଗଃ କର୍ମସୁକୌଶଳମ୍। ତା ନୁହେଁ କି ? ଏହାହିଁ ହେଲା କଥା। ପୁଣି ଠାକୁର କଥାର ଅର୍ଥ ହେଲା—ସେ ଠୁକ୍‌କର ଅର୍ଥାତ୍ ଠକ୍‌କର ଦିଅନ୍ତି। ଆମର ବୃତ୍ତି ସଙ୍ଗେ ଏବଂ ତାଙ୍କ ସଙ୍ଗେ conflict (ସଂଘାତ) ଲାଗେ ; ଏଇ conflict (ସଂଘାତ) ଫଳରେ ଆସେ adjustment (ନିୟନ୍ତ୍ରଣ)।

ଭଦ୍ରଲୋକ—ହିଟଲର-ମୁସୋଲିନୀଙ୍କ ମାତୃଭକ୍ତି ତ ବୁଝାଯାଏ କିନ୍ତୁ ଗୁରୁଭକ୍ତି ତ ଦେଖୁନା।

ଶ୍ରୀଶ୍ରୀଠାକୁର—ସେହିପରି ଭାବରେ ମାତୃଭକ୍ତ ହେଲେ ତାର ଠେଲା ସମ୍ଭାଳିବା କଷ୍ଟକର—ତାପରେ ତ ଗୁରୁଭକ୍ତି। ଗୁରୁର ପ୍ରୟୋଜନ ଏଇଥିପାଇଁ ଯେ ସେସବୁ stage (ସ୍ତର) ରେ guide (ପରିଚାଳିତ) କରିପାରନ୍ତି, ଯାହା ଅନ୍ୟଦ୍ୱାରା ସମ୍ଭବ ନୁହେଁ—ଏବଂ ତାଙ୍କୁ ଭଲପାଇ, ଅନୁସରଣ କରି, ଆମେ ଦିନୁଦିନ ବଡ଼ ହୋଇଉଠୁ। ଗୁରୁଭକ୍ତି ବା ମାତୃଭକ୍ତି ଥିଲେ ଆପଣାଛାଏଁ motor sensory co-ordination (କର୍ମ ଓ ବୋଧସ୍ନାୟୁର ସଂଗତି) ଆସେ। ଏଇ ଆଦିତ୍ୟ (ମୁଖୋପାଧ୍ୟାୟ) କୁ ଦେଖିଲେହିଁ ବୁଝାଯାଏ।

ଶ୍ରୀକୃଷ୍ଣ ପ୍ରସଙ୍ଗରେ ଭଦ୍ରଲୋକ କହୁଥିଲେ—ତାଙ୍କୁ ଖୁବ୍ ଜୋର superman (ଅତିମାନବ) କୁହାଯାଇ ପାରେ, ଭଗବାନ କୁହାଯାଇ ପାରେନା, ହଜାର ହେଲେବି ତ ସେ ମଣିଷ।

ଶ୍ରୀଶ୍ରୀଠାକୁର—ମୁଁ କିନ୍ତୁ ମଣିଷକୁ ବାଦ୍‌ଦେଇ ଭଗବାନ ବୁଝେନାହିଁ—ସେପରି ଭଗବାନ ଯଦି ବା ଥା'ନ୍ତି ତାଙ୍କ ସହିତ ମୋର ସମ୍ପର୍କ କ'ଣ ? ସେ ତ ମୋତେ ଗୋଟାଏ ଖସାଲତୁ ପର୍ଯ୍ୟନ୍ତ ଦେଇ ପାରିବେ ନାହିଁ। ଭଗବାନ କହିଲେ ବୁଝେ ସେଇ ମଣିଷ, ଯାହା ଭିତରେ ଷଡ଼୍‌ଐଶ୍ୱର୍ଯ୍ୟ ଜାଗ୍ରତ। ରବୀନ୍ଦ୍ରନାଥଙ୍କୁ ବାଦ୍‌ଦେଇ ତାଙ୍କର କବିତ୍ୱ ବୁଝେନାହିଁ—ଆଗେ ମନରେ ଆସେ ରବୀନ୍ଦ୍ରନାଥଙ୍କ କଥା, ତାପରେ ତାଙ୍କ କବିତ୍ୱ। ଦୟା କହିଲେ ଦୟାବାନ୍ ଲୋକର କଥାହିଁ ମନରେ ଆସେ—ଦୟାବାନ୍ ଛଡ଼ା ଦୟା ଥାଏ କେଉଁଠି ? ତାଙ୍କୁ ବା ବୋଧ କରାଯାଏ କିପରି ?

ପୂଜା ଛୁଟି ହୋଇଯାଇଛି। ଆଜି ଷଷ୍ଠୀ । ବହୁଲୋକ ବାହାରୁ ଆସିଛନ୍ତି—ଆସୁଛନ୍ତି। ସୁଧା-ମା'ଙ୍କ ଉପରେ ଆନନ୍ଦବଜାରର ଦାୟିତ୍ୱ, ତାଙ୍କର ଦେହ ଭଲ ନାହିଁ। ଶ୍ରୀଶ୍ରୀଠାକୁରଙ୍କର କେତେ ଚିନ୍ତା—ଥରେ ଅମର ଭାଇଙ୍କୁ (ଘୋଷ), ଥରେ ଭୂଷଣ ଭାଇଙ୍କୁ (ଚକ୍ରବର୍ତ୍ତୀ), ଥରେ ଗୋପାଳ ଭାଇଙ୍କୁ (ମୁଖୋପାଧ୍ୟାୟ), ଥରେ ଯତୀନ୍ ଭାଇଙ୍କୁ (ଦାସ) ଖବର ନେବାକୁ କହୁଛନ୍ତି, ପୁଣି ଟଙ୍କା ଯୋଗାଡ଼ ଚେଷ୍ଟାରେ ମଧ୍ୟ ଲାଗିଛନ୍ତି।



ଭୂଷଣ ଭାଇ ଆସି କହିଲେ—ପରିବା ନିଅଣ୍ଟ ହେବ।

ଶ୍ରୀଶ୍ରୀଠାକୁର ଅସ୍ଥିର ହୋଇଉଠିଲେ, କହିବାକୁ ଲାଗିଲେ—ତାହେଲେ କେତେ ରାତିରେ ଖାଇବାକୁ ଦେବୁ! ଗାଡ଼ିରେ କେତେଜଣ ଆସିଛନ୍ତି, ସାରାଦିନ କିଛି ଖାଇନାହାଁନ୍ତି ଯେ!

ଏତେ ବ୍ୟସ୍ତତା ମଧ୍ୟରେ ପୁଣି ପ୍ୟାରୀ ଭାଇ (ନନ୍ଦୀ)ଙ୍କୁ ଡାକି କହୁଛନ୍ତି— ପ୍ୟାରୀ ! ବଡ଼ବୋଉକୁ (ଶ୍ରୀଶ୍ରୀବଡ଼ମା) ଗୋଟାଏ ବେଡ୍-ପିଲ ଦେବୁ କିନ୍ତୁ।

## କାର୍ତ୍ତିକ ୨, ଗୁରୁବାର, ୧୩୪୬ (ଇଂ ୧୯/୧୦/୩୯)

ସକାଳେ ପାବନା ଆଶ୍ରମରେ ବନ୍ଧ ପାଖରେ ଚାଳଘରେ ଶ୍ରୀଶ୍ରୀଠାକୁରଙ୍କ ସାମନାରେ ଘରଭର୍ତ୍ତି ଲୋକ ବସିଛନ୍ତି।

ଚନ୍ଦନନଗରର କେଷ୍ଟ ଭାଇ କହିଲେ—କେହି ମରିଗଲେ ଅଶୌଚର ବ୍ୟବସ୍ଥା କାହିଁକି କରାଯାଇଛି ? ବିଭିନ୍ନ ବର୍ଣ୍ଣରେ ଅଶୌଚ ପାଳନର ପାର୍ଥକ୍ୟର କାରଣ କ'ଣ ?

ଶ୍ରୀଶ୍ରୀଠାକୁର—ସାଧାରଣତଃ ମୃତ୍ୟୁପରେ ପ୍ରିୟଜନମାନେ ଖୁବ୍ depressed (ଅବସନ୍ନ) ହୋଇ ପଡ଼ନ୍ତି—ସେଇଥିପାଇଁହିଁ ଅଶୌଚ। ମନଟାକୁ recover (ସୁସ୍ଥ) କରିବାକୁ ଯେଉଁ ବର୍ଣ୍ଣର ଯେତେ ସମୟ ଦରକାର ହୁଏ—ସେଇ ବର୍ଣ୍ଣର ଅଶୌଚକାଳ ସେଇଭାବରେ ସ୍ଥିରୀକୃତ ହୋଇଛି।

କେଷ୍ଟ ଭାଇ—ମୁଣ୍ଡ ଲଣ୍ଡା କରାଯାଏ କାହିଁକି ?

ଶ୍ରୀଶ୍ରୀଠାକୁର—ମୁଣ୍ଡନର ଗୋଟାଏ physiological effect (ଶାରୀରିକ କ୍ରିୟା) ଅଛି। ହୁଏତ ultra-violet rays ଇତ୍ୟାଦି brain absorb (ମସ୍ତିଷ୍କ ଗ୍ରହଣ) କରିପାରେ।

କେଷ୍ଟ ଭାଇ—ପ୍ରାୟଶ୍ଚିତ୍ତର ବ୍ୟବସ୍ଥା କାହିଁକି ?

ଶ୍ରୀଶ୍ରୀଠାକୁର—ପ୍ରାୟଶ୍ଚିତ୍ତ ହେଉଛି ଗୋଟାଏ physio-psychical treatment (ଶାରୀର-ମାନସ ଚିକିତ୍ସା) ବିଶେଷ—କେତେକ ଜିନିଷ ଖାଇବାକୁ ହୁଏ, ତା'ର medicinal effect (ଭେଷଜ କ୍ରିୟା) ଅଛି, ଯେଉଁସବୁ nerve impaired (ସ୍ନାୟୁ କ୍ଷତିଗ୍ରସ୍ତ) ହୁଏ—ତାକୁ invigorate (ସତେଜ) କରେ, ଏବଂ ଏହାର ମୂଳକଥା ହେଲା ଚିତ୍ତଶୁଦ୍ଧି।

ଯତୀନ୍ ଭାଇ (ଦାସ)—ମୁଣ୍ଡନ ମାନେ କ'ଣ ?

ଶ୍ରୀଶ୍ରୀଠାକୁର—ମୁଣ୍ଡନ ମାନେ ଆତ୍ମସମର୍ପଣ। ମୁଣ୍ଡନ ମାନେ ମୁଣ୍ଡନ of the being (ସତ୍ତାର)। କଥା ପ୍ରସଙ୍ଗରେ କହିଲେ—ଆମେ ଆଜି ରୁଷିଆ ଜାପାନ କଥା ଶୁଣି

ଅବାକ୍ ହୋଇଯାଉଛୁ, ଦିନ ଥିଲା ଯେତେବେଳେ ସେମାନେ ଆମ କଥା ଶୁଣି ଅବାକ୍ ହୋଇଯାଉଥିଲେ। ବ୍ରାହ୍ମଣମାନେ ଗବେଷଣା କରୁଥିଲେ। ମାସ ମାସ ଧରି ଗବେଷଣା ଚାଲୁଥିଲା, ତତ୍କାଳୀନ ସମୟୋପଯୋଗୀ ନୂତନ ନୂତନ model of machine (ପ୍ରକାର ପ୍ରକାର ଯନ୍ତ୍ର) ବାହାରୁଥିଲା, laboratory (ଗବେଷଣାଗାର)ରେ ସେମାନେ କେତେ କ'ଣ ବାହାର କରୁଥିଲେ। ସେମାନଙ୍କର କାମ ଥିଲା ଋତ୍ୱିକ୍‌ଙ୍କ ପରି ; ତା'ପରେ କ୍ଷତ୍ରିୟମାନେ ଆଉ ଟିକିଏ grosser (ସ୍ଥୂଳ) କାମ କରୁଥିଲେ। କ୍ଷତରୁ ତ୍ରାଣ କରିବା ଥିଲା ସେମାନଙ୍କର କାମ, ବୈଶ୍ୟମାନେ ଅନ୍ନ ବ୍ୟବସ୍ଥା କରୁଥିଲେ। ଦ୍ୱିଜମାନେ ସଦାଚାରକୁ ଅଭ୍ୟାସରେ ପରିଣତ କରି ପକାଉଥିଲେ। ତାହାକୁହିଁ ସଦାଚାର କୁହାଯାଏ, ଯାହା ବଞ୍ଚାଇ ରଖେ—ଯେପରି ପରିସ୍ରା କରି ପାଣି ଘେନିବା, ପାଟିରେ ଆଙ୍ଗୁଠି ନପୁରାଇବା, ନାକ ସଫାକରି ହାତ ଧୋଇବା, ଇତ୍ୟାଦି—hygienic standpoint ରୁ (ସ୍ୱାସ୍ଥ୍ୟରକ୍ଷା ଦିଗରୁ) ଏସବୁ ଅବଶ୍ୟ ପ୍ରୟୋଜନ। ସଦାଚାର ଯେଉଁମାନେ ପାଳନ କରନ୍ତି ସେମାନେ ପୁଣି ଅନାଚାର ଦ୍ୱାରା ସହଜରେ ଆକ୍ରାନ୍ତ ହୋଇ ଉଠନ୍ତି। ସଦାଚାର ବିରୁଦ୍ଧ କୌଣସି ଜିନିଷ ସେମାନେ ସହ୍ୟ କରିପାରନ୍ତି ନାହିଁ।

ଉପନୟନ ସମ୍ପର୍କରେ କହିଲେ—ଉପନୟନ ମାନେ ଉପନୀତ ହେବା, ଗୁରୁଗୃହରେ ଉପନୀତ ହୋଇ ଉପନୟନ ଗ୍ରହଣ କରିବାକୁ ହେଉଥିଲା। ଉପନୟନ ହେଲା ଆମର ପୂର୍ବପୁରୁଷଙ୍କର ସ୍ୱୀକୃତି। ଉପନୟନ ଗ୍ରହଣ ନକଲେ, ଆମର ଯେ ଋଷି ମହାପୁରୁଷଙ୍କ ସହିତ କୌଣସି ସମ୍ପର୍କ ଥିଲା ତାହା ବୁଝାଯାଏ ନାହିଁ। ମୁସଲମାନ କର୍ମଚାରୀମାନେ ବେଶ୍ ନାମାଜ ପଢ଼ିବା ପାଇଁ ଛୁଟି ନିଅନ୍ତି, କିନ୍ତୁ ଆମ ହିନ୍ଦୁମାନଙ୍କର ସନ୍ଧ୍ୟା କରିବା ପାଇଁ ଛୁଟିର ବ୍ୟବସ୍ଥା ନାହିଁ—ଏହାତ ଆମରି ଦୋଷରୁ ହୋଇଛି, ଜଣେ ଭାଇ ଯଦି ସନ୍ଧ୍ୟା କରିବାପାଇଁ ଛୁଟି ଚାହିଁଲା, ଆଉ ଜଣେ କହିବ ତା'ର ଛୁଟି ଦରକାର ନାହିଁ ସେ କାମ କରିବ। କି ଯେ ଆମର ଅଧଃପତନ ! ଆମେ ଏକାଠି ହୋଇ ପାରିଲୁ ନାହିଁ। ଭଗବାନ ମୋ ସାମନାରେ ବହୁ ଦୃଷ୍ଟାନ୍ତ ରଖି ଦେଇଛନ୍ତି, ଥରେ ନାରାୟଣଗଞ୍ଜରୁ ଆସୁଛି, ସେଠାରେ ଗୋଟିଏ ମୁସଲମାନ ଝିଅର ଦେହର ଓଢ଼ଣା କି ବୋରଖା ଜଣେ କନେଷ୍ଟବଳ ଦେହରେ ଲାଗିଯାଇଥିଲା— ଆଉ ସେଇ କନେ ‹ବଳ ଉପରେ କି ମାଡ଼ ! କୋଡ଼ିଏ-ପଚିଶ ଜଣ ମିଶି ତାକୁ ଏକଦମ ଫୁଟବଲ କରିଦେଲେ। ମାରି ମାରି ଗୁଣ୍ଡା କରିଦେଲେ। ତାହା ପୁରାପୁରି ଇଂରେଜ ଅମଳ ଥିଲା, ବର୍ତ୍ତମାନ ପରି ଜଣେ ବି ଦେଶୀୟ ଲୋକ ମନ୍ତ୍ରୀ ହୋଇ ନଥିଲେ। ତା'ତ ଦେଖିଲି। ଆରଦିନ ସକାଳେ ଗୋୟାଲନ୍ଦରେ ଷ୍ଟିମରରୁ ଓହ୍ଲାଇଲା ବେଳେ ଦେଖିଲି, ଜଣେ ସବ୍‌ଡେପୁଟି ତା'ର ସ୍ତ୍ରୀକୁ ନେଇ ଆସୁଛି, ଏହି ସମୟରେ କିଏ ଜଣେ ଭଦ୍ର ସ୍ତ୍ରୀଲୋକର ଛାତିରେ ହାତମାରି ଦେଇଛି, ଏବଂ ସମସ୍ତେ କହୁଛନ୍ତି—ସ୍ତ୍ରୀକୁ ଯେପରି ମେମ୍ ସଜାଇ ସଙ୍ଗରେ ନେଇ ବୁଲୁଛି, ସେମିତି କରିବେ ନାହିଁ ! ବେଶ୍ କରିଛି। ମୁଁ ଭାବିବାକୁ ଲାଗିଲି—କେହି



ଯଦି ଅନ୍ୟାୟ କରିଥାଏ, ତା'ର କ'ଣ କ୍ଷମା ନାହିଁ। ତାକୁ କ'ଣ ଏହିପରି ଭାବରେ ଅପଦସ୍ଥ ହେବାକୁ ହେବ। ମୁଁ ଭଦ୍ରଲୋକର ପଛେ ପଛେ ଗଲି। କିଛି ଦୂର ଆସି ଏଇ ଭଦ୍ରଲୋକ ସ୍ତ୍ରୀକୁ ଗାଳି ଦେବାକୁ ଲାଗିଲେ— ତୁମେ ଏତେ ଲୋକଙ୍କ ମଧ୍ୟରେ ପାଟି କଲ କାହିଁକି ? କାହିଁ କି ପାଟି କଲ ? ଏଇତ ଆମର ଅବସ୍ଥା।

ଆଉ ଏକ ଘଟଣା ଦେଖିଥିଲି ପୋଡାଦହ ଷ୍ଟେସନରେ—ଗୋଟିଏ ସ୍ତ୍ରୀଲୋକ ପାଇଖାନା ଯାଇଛି—ଜଣେ ପୁରୁଷ ସେହିଆଡ଼େ ଚାଲିଲା—ଏବଂ ସ୍ତ୍ରୀଲୋକଟି ଘୁଞ୍ଚି ଘୁଞ୍ଚି ଏପରି ଜାଗାକୁ ଚାଲି ଯାଉଛି ଯେଉଁଠାରେ କି ପୁରୁଷ ଲୋକଟିର ସୁବିଧା ହେବ, ପରେ ଘଉଡ଼ାଇ ଦେବାରୁ ଲୋକଟି ପଡ଼ିଆ ମଧ୍ୟରେ ଦୌଡ଼ି ପଳାଇଲା। ଲୋକଟି ପଳାଇଯିବାର ଅଧଘଣ୍ଟାଯାଏ ସ୍ତ୍ରୀଲୋକଟି ଥରିବାକୁ ଲାଗିଲା। କିନ୍ତୁ ତା ପର ଦିନ ବ୍ୟାଣ୍ଡେଲରେ ଦେଖିଲି—କଚ୍ଛାମାରି ଶାଢ଼ୀ ପିନ୍ଧିଥିବା ଜଣେ ସ୍ତ୍ରୀଲୋକ—ବୋଧହୁଏ ମରାଠୀ ହେବ। ଗୋଟାଏ ପୁରୁଷ ଲୋକକୁ ଚପଲରେ ଚଟାପଟ ଚଟାପଟ ମାଡ଼ ଦେଉଛି—ପୁରୁଷଟା ଦୌଡ଼ି ପଳାଇଲା, କ'ଣ କାରଣ କେହି ବୁଝି ପାରିଲେ ନାହିଁ। ମୁହଁ ଧୋଇଲାବେଳେ ସ୍ତ୍ରୀଲୋକ ଉପରେ ପାଣି ପଡ଼ି ଯାଇଥିଲା—ଏଇ ବୋଧହୁଏ ଅପରାଧ। ଏଇ ମରାଠା ଜାତିଟା ଏକ ସମୟରେ ଆମରିପରି ଥିଲା। କିନ୍ତୁ ଶିବାଜୀ ଆସି ଏମାନଙ୍କୁ ଗଢ଼ିଦେଇ ଗଲେ।

ସନ୍ଧ୍ୟାରେ ଆଲୋଚନା ଚାଲିଛି।

ଶ୍ରୀଶ୍ରୀଠାକୁର—ଏକ ପ୍ରକାର ଲୋକ ଦେଖାଯାଏ ସେ ହୁଏତ କୌଣସି ଝିଅକୁ ଖୁବ୍ ଭଲ ପାଇଲା—କିନ୍ତୁ approach କରିବାର (ଆଗେଇବାର) ସାହସ ନାହିଁ, ଭୟ କରେ,—ଅଥଚ ମନେ ମନେ ତା'ର ଅଭାବ ବୋଧ କରେ, ଆକର୍ଷଣଟା ଛାଡ଼ିପାରେ ନାହିଁ—ଏବଂ ତା'ର ଅଭାବକୁ ଆଉ ଜଣକ ଦ୍ୱାରା ପୂରଣ କରିବାକୁ ଚାହେଁ—ଯାହାକୁ ସେ ଭଲ ପାଏନା, ଯାହା ସେ ପସନ୍ଦ କରେ ନା, ଦେଖାଇ ହୁଏ ସେ ଯେପରି ତାକୁ ଖୁବ୍ ଭଲପାଏ। ତା'ର ସବୁ ଏହିପରି ଓଲଟା, ସେଠାରେ ବାଧା ପାଇଲା ତ ପୁଣି ଗଲା ଅନ୍ୟତ୍ର। କାହାକୁ ହୁଏତ ମା, ଭଉଣୀ କହି ଭଲପାଇବାକୁ ଆରମ୍ଭ କଲା, ଖୁବ୍ ମିଶିଲା, ଭିତରେ ଭିତରେ ରହିଲା ଶଇତାନି—ଏଇପରି ଏମାନଙ୍କର libido (ସୁରତ) ପଇତା ପରି ଗଣ୍ଠି ପଡ଼ିଯାଏ, distorted (ବିକୃତ) ହୋଇପଡ଼େ। ଏ ଧରଣର ଲୋକ ସବୁ ଜିନିଷକୁ ଓଲଟା ବୁଝେ, କିଏ ହୁଏତ ତାକୁ କହିଲା ସେଠାରୁ କୁଦାମାର ନାହିଁ, ସେ ସହଜ ଭାବରେ କଥାଟାକୁ ବୁଝିବାକୁ ଚେଷ୍ଟା କରିବ ନାହିଁ, ଭାବି ନେବ ଯେ ତାକୁ ଅପମାନ ଦିଆଯାଉଛି। ଗୋଟାଏ ଜିନିଷ ହୁଏତ ତାକୁ ଖୁବ୍ ଭଲ ଲାଗିଛି—ସେ ତାକୁ ପସନ୍ଦ ନ କରିବାର ଭାବ ଦେଖାଇବ, vigorously oppose (ଜୋରସଙ୍ଗେ ପ୍ରତିବାଦ) କରୁଥିବ। ଏହିପରି ପ୍ରକୃତି ଯେଉଁମାନଙ୍କର ସେମାନଙ୍କୁ ସଂଶୋଧନ କରିବା କଷ୍ଟକର। ଏମାନେ gentlemanly pose (ଭଦ୍ରଲୋକର ଅଭିନୟ) କରି ଚଳନ୍ତି, ଖୁବ୍ mild (ନମ୍ର),

ମୋଲାୟମ, କାଇଦା କରି ଚଳନ୍ତି—ଅଥଚ insincerity (କପଟତା) ରେ ପୂର୍ଣ୍ଣ—ଏମାନଙ୍କୁ ଭଲ କରିବା ଖୁବ କଷ୍ଟକର। ଆଉ ଏକ ପ୍ରକାର ଅଛନ୍ତି damaged (ବିଧ୍ୱସ୍ତ), ଯେପରି କି ବିଲ୍ୱମଙ୍ଗଳ—ଏମାନେ ହୁଏତ କାହାପାଇଁ ଏକାବେଳକେ ଉନ୍ମାଦ ହୋଇ ଉଠନ୍ତି— ଆଉ କୌଣସି ଆଡ଼କୁ ନଜର ଦିଅନ୍ତି ନାହିଁ—debauched life lead (ବ୍ୟଭିଚାରୀ ଜୀବନ ଯାପନ) କରନ୍ତି—କିନ୍ତୁ ଗୋଟାଏ ନୌକାରେ ଯଦି କଣା ଥାଏ, ଉକ୍ତ କଣାରେ ଖିଲ ଦେଇଦେଲେ ନୌକାଟା ପୂର୍ବାବସ୍ଥାକୁ ଫେରି ଆସେ—ଆଗେ ଯେପରି ପାଞ୍ଚଶହ ମହଣ ମାଲ ବୋହି ପାରୁଥିଲା ପୁଣି ସେମିତି ବୋହିପାରେ— ଏମାନେ ସେଇପରି, ସେଇ ଫୁଟାଟାକୁ ଯଦି ଥରେ ଠିକ୍ କରି ଦିଆଯାଏ, Superior Beloved (ପ୍ରେଷ୍ଠ)ଙ୍କ ପ୍ରତି attached (ଅନୁରକ୍ତ) ହୁଅନ୍ତି, ତେବେ normal (ସହଜ) ମଣିଷ ହୋଇ ଛିଡ଼ା ହୋଇ ପାରନ୍ତି—ତେଣୁ damaged (ବିଧ୍ୱସ୍ତ ସୁରତ) ଅନେକ ଭଲ।

ଜଣେ ଲୋକ ଯେତେବେଳେ କହେ—ସଂସାର ନେଇ ପାରିଉଠୁନାହିଁ,—ଅଭାବ, ଅଭିଯୋଗ, ଦୁଃଖ, କଷ୍ଟ, ପିଲାଛୁଆ ଅବାଧ୍ୟ ଇତ୍ୟାଦି, ସେତେବେଳେ ବୁଝିବାକୁ ହେବ ଯେ ତାର କୌଣସି obsession (ଅଭିଭୂତି) ଅଛି, ସେଇ କାରଣରୁ ସବୁ ନିୟନ୍ତ୍ରଣ କରିପାରୁ ନାହିଁ। ଏହାକୁହିଁ କୁହାଯାଏ ମାୟା—ମାୟା ଆମକୁ ପରିମାପିତ କରିଦିଏ, ଜୀବନକୁ ସଂକୀର୍ଣ୍ଣ ଗଣ୍ଡି ଭିତରକୁ ନେଇଯାଏ, ଏହାହେଲା ବୃତ୍ତିର ଖେଳ— ବୃତ୍ତାକାର, ତେଣୁ କୁହାଯାଏ ବୃତ୍ତି, ବୃତ୍ତି ଭିତରେ ମଣିଷ ଯେତେବେଳେ ଥାଏ ସେତେବେଳେ ସେ ଚାଲିବାର ରାସ୍ତା ପାଏ ନାହିଁ। ପ୍ରକୃତରେ ଜରା-ମୃତ୍ୟୁ ଛଡ଼ା ଆଉ ଦୁଃଖ ନାହିଁ—ଅନ୍ୟ ଯାହାକିଛି ଜୀବନରେ ଆସେ—ତାହା ଆମକୁ କହେ—ଆମକୁ ଗ୍ରହଣ କର, ଆମକୁ ଲଗାଇ ତୁମ୍ଭେ ପୁଷ୍ଟି ସଂଗ୍ରହ କର। ସବୁକିଛି ଆସେ ଆମକୁ serve (ସେବା) କରିବା ପାଇଁ, ଆମର principle (ଆଦର୍ଶ) ଥିଲେ ସେଇମାନେହିଁ (ବୃତ୍ତି) ଖୋରାକ ହୋଇ ଉଠନ୍ତି—ଯାହା ଆସୁନା କାହିଁକି, ଆମେ ଘାବରେଇବା ନାହିଁ, ସେମାନଙ୍କୁ ଜୀବନବୃଦ୍ଧିର କାମରେ ନିୟୋଗ କରିପାରିବା।

ଜଣେ ଭାଇ ପରୋପକାର ଓ ଦେଶସେବା କଥା ଉଠାଇଲେ।

ଶ୍ରୀଶ୍ରୀଠାକୁର—ଭଲମନ୍ଦ ଯାହା କରନା କାହିଁକି, principle (ଆଦର୍ଶ) ନ ଥିଲେ କିଛି integrated (ସଂହତ) ହୁଏ ନାହିଁ। ସି. ଆର. ଦାସ ଯେତେବେଳେ ନେତା ହୋଇଗଲେ, ଜଣେ ବିଶିଷ୍ଟ ନେତାଙ୍କ ମନରେ ସେତେବେଳେ କ୍ଷୋଭ ଆସିଥିଲା, ସେ ମୋ ପାଖରେ ଆସି କହିଥିଲେ—ଦେଶପାଇଁ ମୁଁ ଏତେ କଲି କିନ୍ତୁ ଦେଶ ମୋତେ ଚାହିଁଲା ନାହିଁ। ମୁଁ କହିଲି—ତା'ତ ହେବାର କଥା। ଆପଣତ କାହାକୁ fulfil (ପୂରଣ) କରିବା ପାଇଁ ଏସବୁ କରି ନଥିଲେ। ପ୍ରଥମେ ସେ କଥାଟାକୁ ବୁଝିପାରି ନଥିଲେ। ପରେ ମୃତ୍ୟୁ ପୂର୍ବରୁ ବୁଝିଥିଲେ। ଆମେ ଯଦି କାହାର କିଛି ଉପକାର କରୁ ପ୍ରତ୍ୟାଶା ପୋଷଣ କରି—ତତ୍କ୍ଷଣାତ୍ ସେ rigid (କଠୋର) ହୋଇଯିବ—ଭାବିବ, ଓଃ ତୁମେ ତିନିପଇସା



ଦେଇଛ ପାଞ୍ଚପଇସା ପାଇବା ଲୋଭରେ, ସେସବୁ ଚାଲାକି ଖଟୁ ନାହିଁ। ଆତ୍ମସ୍ୱାର୍ଥ-ଆତ୍ମପ୍ରତିଷ୍ଠା ପାଇଁ କରିଲେ ଏହିପରି ହେବା ଅନିବାର୍ଯ୍ୟ, କିନ୍ତୁ ଇଷ୍ଟସ୍ୱାର୍ଥ ଓ ଇଷ୍ଟପ୍ରତିଷ୍ଠା ପାଇଁ କରିଲେ ଅନ୍ୟମାନେ ତୁମ ଇଷ୍ଟଙ୍କ ପ୍ରତି ଓ ତତ୍ ସଙ୍ଗେ ସଙ୍ଗେ ତୁମ ପ୍ରତି ଅନୁରକ୍ତ ହୋଇ ଉଠିବେହିଁ ଉଠିବେ। ତୁମେ ହୁଏତ କହିଲ—ଭାଇ ! ଯାହା ପାରିଲି ତୁମକୁ ଦେଲି, ତୁମଠାରୁ ଏହା ଆଉ ମୁଁ ଫେରସ୍ତ ଚାହେଁ ନା, ଭାଇ ମୋର ମଧ୍ୟ ଏଇ ଦଶା ହୋଇଥିଲା, ତାଙ୍କରି ଦୟାରେ ମୁଁ ବର୍ତ୍ତମାନ ସବୁ ବୁଝିଛି—ସାର୍ଥକ ହୋଇଛି। ଏହାଦ୍ୱାରା ମଣିଷ automatically grateful (ସ୍ୱତଃ କୃତଜ୍ଞ) ହୁଏ। ଏହିପରି ବ୍ୟବହାର ଦ୍ୱାରା କୌଣସି ଲୋକ ଯଦି ଭଲ ନହୁଏ—ତେବେ ବହୁଦିନ ଧରି ଇଷ୍ଟାନୁଗ ସେବା ଓ ଅନୁଧାବନ କଲେ ଠିକ୍ ହୋଇଯାଏ—ଯଦି ତା'ର ଜନ୍ମଗତ ବ୍ୟତ୍ୟୟ ନଥାଏ। ପ୍ରକୃତିର ନିୟମ ଏହିପରି। ତୁମେ ହୁଏତ ତୁମ ସ୍ତ୍ରୀ ବସାଇଥିବା ଡ଼ାଲିରେ ଫୁଟଣ ପକାଇ ଦେଉଛ, ମସଲା ବାଟି ଦେଉଛ, ପିଲାଛୁଆଙ୍କୁ ରଖୁଛ—ଅଥଚ ତୁମର ପୁରୁଷତ୍ୱ ନାହିଁ, ତୁମ ସ୍ତ୍ରୀ ତୁମ ମୁଣ୍ଡ ଉପରେ ଚଢ଼ି ବସିବ, ତୁମ ଉପରେ ଦୌରାତ୍ମ୍ୟ କରିବ, ତୁମ ପାଇଁ ଟିକିଏ ବି ଭାବିବ ନାହିଁ, ତୁମ କଥା ଶୁଣିବ ନାହିଁ। କିନ୍ତୁ ତୁମେ ଯଦି ତାକୁ କୁହ—ତୁମ ପରି କେତେ ଝିଅ ଅଛନ୍ତି, ତୁମେ ଯଦି ମୋର ବାପ ମା'ଙ୍କର ସେବା ନକର ତୁମେ ମୋର କେହି ନୁହଁ। ଦେଖିବ ତୁମ ସ୍ତ୍ରୀ ବଳେ ବଳେ ଠିକ୍ ରାସ୍ତାରେ ଚାଲିବ। ମଣିଷକୁ ବୃତ୍ତି ମାଫିକ୍ ସେବା ଦେଲେ ଉଭୟଙ୍କର ସର୍ବନାଶ ହୋଇଥାଏ। କିନ୍ତୁ ଶ୍ରେୟ କାହାକୁ fulfil (ପରିପୂରଣ) କରିବା ପାଇଁ ଯଦି ସେବା କରାଯାଏ, ସମସ୍ତେ ମଙ୍ଗଳର ଅଧିକାରୀ ହୋଇ ଉଠନ୍ତି।

ଯତୀନ୍ ଭାଇ—ଜଣକୁ ଦେଖି କିପରି ବୁଝିବାକୁ ହେବ ଯେ ସେ ମୋର ଗୁରୁ ହେବାପାଇଁ ଉପଯୁକ୍ତ କି ନୁହଁନ୍ତି ? ବିଶ୍ୱାସ ଆସିବ କିପରି ?

ଶ୍ରୀଶ୍ରୀଠାକୁର—ଦେଖିଲା ମାତ୍ରେହିଁ କ'ଣ ବୁଝାଯାଏ ? କେହି କେହି ପାରନ୍ତି ତେବେ ସଙ୍ଗ କଲେ ବୁଝାଯାଏ।

''ସଙ୍ଗାତ୍ ସଞ୍ଜାୟତେ ଶ୍ରଦ୍ଧା, ଶ୍ରଦ୍ଧାୟାଃ ଦୃଷ୍ଟିଶୁଦ୍ଧତା, ଦୃଷ୍ଟିଶୁଦ୍ଧେହିଁ ବିଶ୍ୱାସଃ, ବିଶ୍ୱାସାତ୍ ନିର୍ବିଚାରତା, ନିର୍ବିଚାରାତ୍ ଭବେତ୍ ପ୍ରେମ, ପ୍ରେମ୍ନାଣ୍ଟାତ୍ମସମର୍ପଣମ୍।''

ସଙ୍ଗ କଲେ ଶ୍ରଦ୍ଧା ଆସେ, ଶ୍ରଦ୍ଧା ଫଳରେ ଦୋଷ ଦର୍ଶନ ଦୂର ହୋଇଯାଏ। ଭଲଟାକୁ ମନ୍ଦ ବୋଲି ଦେଖିବାର ପ୍ରବୃତ୍ତି ନ ଥାଏ। ଆଉ ମନ୍ଦ ବୋଲି କିଛି ଦେଖିବାକୁହିଁ ମିଳେ ନାହିଁ। ତା'ପରେ ଆସେ ବିଶ୍ୱାସ, ବିଶ୍ୱାସ ଆସିଗଲେ ଆମେ ପ୍ରଶ୍ନଶୂନ୍ୟ ହୋଇଯାଉ। ତୃପ୍ତିରେ ମନ ପୂରିଉଠେ। ଏଥିରୁ ଆସେ ପ୍ରେମ, ଭଲପାଇବା, ଆକର୍ଷଣ। ଏବଂ ପ୍ରେମ ଆତ୍ମସମର୍ପଣରେ ପରିଣତ ହୁଏ—ପ୍ରିୟ ଛଡ଼ା ଆମେ ଆଉ କିଛି ବୁଝୁନା।

ଶ୍ରୀଶ୍ରୀଠାକୁର ହରେନ୍ ଭାଇ (ଭଦ୍ର)ଙ୍କୁ ଡାକି ଜଣେ ରୋଗୀ ପାଇଁ ଆଠଟା କମଳା ଆଣିବାକୁ ଦେଲେ।

ଇଷ୍ଟପ୍ରାଣତା ସମ୍ପର୍କରେ କଥା ଉଠିଲା—କହିଲେ—ଇଷ୍ଟପ୍ରାଣତା ତିନି ପ୍ରକାରର—ସବୁଠାରୁ ଭଲହେଲା passion-pervading attachment (ବୃତ୍ତିଭେଦୀ ଅନୁରାଗ)। ଯେଉଁ ବୃତ୍ତି ମୋର ଇଷ୍ଟଙ୍କୁ fulfil (ପରିପୂରଣ) କରେ ନାହିଁ ତା ସହିତ ମୋର କୌଣସି ସମ୍ପର୍କ ନାହିଁ। ଏବଂ ଯାହା କୌଣସି ନା କୌଣସି ପ୍ରକାରେ ଇଷ୍ଟଙ୍କୁ fulfil (ପରିପୂରଣ) କରେ ସେ ସମ୍ବନ୍ଧରେ ମୋର କୌଣସି ପ୍ରଶ୍ନହିଁ ନାହିଁ, ତା' ସହିତ ସମ୍ବନ୍ଧ କରିବିହିଁ କରିବି। ଆଉ ଏକ ପ୍ରକାର passion-compromising (ପ୍ରବୃତ୍ତି ସଙ୍ଗେ ସାଲିଶ କରିବା)। ମୋର complex (ପ୍ରବୃତ୍ତି) ସଙ୍ଗେ ଯେତେଟିକେ ଖାପ ଥାଏ, ଇଷ୍ଟଙ୍କୁ ସେତିକି follow (ଅନୁସରଣ) କରିବି—ଏବଂ ସବୁଠାରୁ ନିକୃଷ୍ଟ ହେଉଛି passionate (ପ୍ରବୃତ୍ତିମୁଖୀ)—ଏ କ୍ଷେତ୍ରରେ ଇଷ୍ଟଙ୍କୁ ମୋର ବୃତ୍ତିର fulfilment (ପୂରଣ) ପାଇଁ utilise (ବ୍ୟବହାର) କରେ—ଠାକୁର ! ମୁଁ ତୁମକୁ କେତେ ଭକ୍ତି କରେ, ଡାକେ, ଦିନରାତି କାନ୍ଦେ, ଠାକୁର, ଏଇ ଝିଅଟି ସଙ୍ଗେ ମୋର ବିବାହଟା ଯଦି କରାଇ ଦିଅ, ତା'ହେଲେ ତୁମେ ପ୍ରକୃତ ଠାକୁର, ତେବେ ତୁମକୁ ଭୋଗ ଦେବି, ଇତ୍ୟାଦି।

ଏହାପରେ କେଷ୍ଟ ଭାଇ (ଭଟ୍ଟାଚାର୍ଯ୍ୟ), ଭୋଲାନାଥ ଭାଇ (ସରକାର) ଇତ୍ୟାଦି ଆସିଗଲେ। ଆଜି ଦିନ ସାରା କେଷ୍ଟ ଭାଇଙ୍କ କଥା ବାରମ୍ବାର ପଚାରୁଥିଲେ, କେଷ୍ଟ ଭାଇ ଆସିଯିବାରୁ କି ସ୍ଫୂର୍ତ୍ତି, ମୁଁ ଭାବୁଥିଲି—ଆପଣ ହଜି ଗଲେ କି ? କେଷ୍ଟ ଭାଇ ଓ ଉପସ୍ଥିତ ସମସ୍ତେ ହସି ପକାଇଲେ। ଶ୍ରୀଶ୍ରୀଠାକୁର ମଧ୍ୟ ସଙ୍ଗେ ସଙ୍ଗେ ହସିବାକୁ ଲାଗିଲେ। ଭୋଲାନାଥ ଭାଇ ତାଙ୍କ ଗୋଡ଼ର ଦରଜ କଥା ଜଣାଇଲେ। ଶ୍ରୀଶ୍ରୀଠାକୁର ଆନନ୍ଦର ଆବେଗରେ କହିବାକୁ ଲାଗିଲେ—ଆପଣ ଏଇ ଛୋଟ ଗୋଡ଼ରେ ଯାହା କରି ଆସିଛନ୍ତି—ସେ ତ ଏକ ଅମାନୁଷୀ କାଣ୍ଡ, ମୁଁ ତ ଭାବି ମଧ୍ୟ ପାରୁ ନାହିଁ।

ଶ୍ରୀଶ୍ରୀଠାକୁରଙ୍କ ଶ୍ରୀମୁଖରୁ ଏହିପରି ପ୍ରାଣମତାଣିଆ କଥା ଶୁଣିଲେ ଦୁନିଆର ଦୁଃଖ କଷ୍ଟ ସବୁ ଭୁଲି ହୋଇଯାଏ—ଯେଉଁମାନେ ଶୁଣିଛନ୍ତି, ଯେଉଁମାନେ ଦେଖିଛନ୍ତି ତାଙ୍କୁ ସେଇମାନେହିଁ କେବଳ ବୋଧ କରି ପାରିବେ ଏହାର ମର୍ମ—ଶିରା ପ୍ରଶିରାରେ ଆନନ୍ଦର ଢେଉ ଖେଳିଯାଏ। ବିଶ୍ୱଗ୍ରାସୀ ବ୍ୟଗ୍ରତା ନେଇ ନିଖିଳର ରନ୍ଧ୍ରେ-ରନ୍ଧ୍ରେ ତାଙ୍କୁ ପ୍ରତିଷ୍ଠା କରିବାର ଉନ୍ମାଦ-ଆକାଙ୍କ୍ଷା ସେମାନଙ୍କୁ ଉଦ୍‌ବେଳିତ କରିତୋଳେ।

## କାର୍ତ୍ତିକ ୩, ଶୁକ୍ରବାର, ୧୩୪୬ (ଇଂ ୨୦/୧୦/୩୯)

ରାତ୍ରିବେଳା ଯତୀନ୍ ଭାଇ (ଦାସ), କେଷ୍ଟ ଭାଇ (ଚନ୍ଦନଗରର), ଅମର ଭାଇ (ଘୋଷ) ଇତ୍ୟାଦି ବସିଛନ୍ତି।

ଶ୍ରୀଶ୍ରୀଠାକୁର—ଆର୍ଯ୍ୟମାନଙ୍କର ପ୍ରତ୍ୟେକଟା ଜିନିଷ ଯେ କେତେ experiment



(ପରୀକ୍ଷାର)ର ଫଳ ଏବଂ ସେମାନେ ଯେ କେତେବଡ଼ scientific race (ବିଜ୍ଞାନବିତ୍ ଜାତି), ମୁଁ ଯେତେ ଭାବେ ସେତେ ଭକ୍ତିରେ ମୋର ମୁଣ୍ଡ ନଇଁପଡ଼େ।

ନାନାବିଧ ସଦାଚାର, ହୋମ ଇତ୍ୟାଦି କଥା କହିବାକୁ ଲାଗିଲେ—ପ୍ରତ୍ୟେକଟି ସଦାଚାରର hygienic effect (ସ୍ୱାସ୍ଥ୍ୟୋନ୍ନୟନକାରୀ ଫଳ) ଅଛି। ଅଜ୍ଞାତ କୁଳଶୀଳ କାହାରି ହାତରେ ଖାଇବା ଉଚିତ୍ ନୁହେଁ। ଶରୀର ପାଇଁ ଖାଇବା ପିଇବା ସମ୍ବନ୍ଧରେ ବିଶେଷ ସାବଧାନ ହେବା ଦରକାର। କାହାର ଯେ କି disease (ରୋଗ) ଅଛି ତା'ତ ଜଣା ନାହିଁ। ଜଣେ ହୁଏତ ନିଜେ immune (ସଂକ୍ରମଣମୁକ୍ତ) କିନ୍ତୁ ତା' ହାତରେ କିଛି ଖାଇବା ଫଳରେ ଆଉଜଣେ ହୁଏତ ସଂକ୍ରମିତ ହେଲା। ସ୍ୱପାକହିଁ ଶ୍ରେୟଃ। ଦୋକାନରେ ନ ଖାଇବା ଭଲ। ସଦାଚାରବିହୀନ ବିପ୍ର ହାତରେ ମଧ୍ୟ ଖାଇବା ଉଚିତ୍ ନୁହେଁ। ଅନ୍ୟର ବିଛଣାରେ ଶୋଇବା ଉଚିତ୍ ନୁହେଁ—ଅନ୍ୟ ସଙ୍ଗେ ଶୋଇବା ଠିକ୍ ନୁହେଁ। ଅନ୍ୟର ଲୁଗାପଟା ପିନ୍ଧିବା ଉଚିତ୍ ନୁହେଁ। ଗନେରିଆ ରୋଗୀର ଲୁଗାପଟା ପିନ୍ଧି ଗନେରିଆ ରୋଗ ଭୋଗ କରିବାର ଲୋକଙ୍କୁ ମୁଁ ଜାଣେ। ସେଥରକ ମେହେନ୍ତରଙ୍କ ସଙ୍ଗେ ଏକାଠି ଖାଇଲେ, କିନ୍ତୁ ତା ଫଳରେ କେତେ ଜଣ କେତେ disease carry (ରୋଗ ଗ୍ରହଣ) କରିଛନ୍ତି ତା'ର କିଛି ଠିକ୍ ଅଛି ? ପିଲାଦିନୁ ଭାଇ ଭାଇ ଏକ ସଙ୍ଗେ ଖାଇ ମଧ୍ୟ ଏକାଠି ରହି ପାରୁ ନାହାଁନ୍ତି, ଆଉ ଦିନେ ଦୁଇଦିନ ଏକାଠି ଖାଇଲେ ଯଦି ମିଳନ ହେଉଥାନ୍ତା ତା'ହେଲେ ତ ଆଉ କଥା ନଥିଲା।

ପ୍ରାୟଶ୍ଚିତ୍ତରେ ଗୋବର ଖା'ନ୍ତି, ଗୋବରରେ ଘର ଲିପାହୁଏ—ଆମେ ହୁଏତ ଭାବୁ ଏସବୁ ଅନର୍ଥକ ; କିନ୍ତୁ ଗୋବର ପରି ବାକ୍‌ଟେରିଆ-ବୀଜ ଖୁବ୍ କମ୍ ଅଛି—ଅର୍ଥାତ୍ ଗୋବର ଭିତରେ ଏପରି ଉପାଦାନ ଅଛି ଯାହା ବାକ୍‌ଟେରିଆ ଖାଇ ନଷ୍ଟ କରିଦିଏ।

ପ୍ରସଙ୍ଗକ୍ରମେ କହିଲେ—ଅନୁଲୋମ ବିବାହଟା ଭାରୀ ଚମତ୍କାର ଜିନିଷ।

ଯତୀନ୍ ଭାଇ—ଏବେ ଦୁଇ ତିନିଶହ ଅନୁଲୋମ ବିବାହ ଯଦି ହୋଇଯାଏ।

ଶ୍ରୀଶ୍ରୀଠାକୁର—ନା, ଏବେ ବେଶୀ ନୁହେଁ, ଆଉ କିଛି ଦୂର ଅଗ୍ରସର ହୋଇ କରିବା ଭଲ। ଏହାପରେ ଶ୍ରୀଶ୍ରୀଠାକୁର ଯତୀନ୍ ଭାଇଙ୍କୁ କେତୋଟି ଝିଅଙ୍କ ପାଇଁ ଭଲ ପାତ୍ର ଦେଖିବାକୁ କହିଲେ। ଯେଉଁଠାକୁ ଯିବେ ଲକ୍ଷ୍ୟ ରଖିବେ ଯେପରି—ବିବାହଗୁଡ଼ିକ ଠିକ୍ ରୂପେ ହୁଏ।

## କାର୍ତ୍ତିକ ୪, ଶନିବାର, ୧୩୪୬ (ଇଂ ୨୧/୧୦/୩୯)

ସକାଳେ ଶ୍ରୀଶ୍ରୀଠାକୁର ଶ୍ରୀଯୁକ୍ତ କ୍ଷେପୁ ଭାଇ (ପ୍ରଭାସ ଚନ୍ଦ୍ର ଚକ୍ରବର୍ତ୍ତୀ)ଙ୍କ ବାରଣ୍ଡାରେ ଖଣ୍ଡେ ବେଞ୍ଚରେ ବସିଛନ୍ତି—ପ୍ରଶାନ୍ତ ବଦନରେ। ବାବଲା ଗଛର ଫାଙ୍କ ବାଟେ ହେମନ୍ତର ସ୍ନିଗ୍ଧ କିରଣ ଆସି ଲୋଟି ପଡ଼ିଛି ଶ୍ରୀପାଦପଦ୍ମ ତଳେ, ଆଖପାଖରେ ବହୁ ମା ଓ ଭାଇମାନେ ଛିଡ଼ା ହୋଇଛନ୍ତି।

ଶ୍ରୀଶ୍ରୀଠାକୁର—ଯାଜନ ସମ୍ପର୍କରେ କହିଲେ—ଯାଜନ ହେଲା ଦୈନନ୍ଦିନ ଜୀବନ-ଯାତ୍ରାର ପଥ ବତାଇ ଦେଇ elate (ଉଦ୍ଦୀପ୍ତ) କରି actively ideal ରେ interested (ସକ୍ରିୟଭାବରେ ଆଦର୍ଶରେ ଅନୁରକ୍ତ) କରି ତୋଳିବା। ଠାକୁରଙ୍କ କଥା କହିବାକୁ ହେବ ଶେଷରେ। ମୂଳରୁ ଯଦି କହିବାକୁ ଆରମ୍ଭ କର 'ଠାକୁର ନହେଲେ କିଛି ହେବ ନାହିଁ—ତାହା ଆମ ପାଇଁ ସତ୍ୟ ହେଲେ କିନ୍ତୁ ତା ପାଖରେ କ'ଣ ? ଯାହା କରନା କାହିଁକି, ତା'ର problem (ସମସ୍ୟା)ରୁ ଯିବାକୁ ହେବ। ସେଇଠାରେ ଆଇଁ ଗୁଛି ଦେବାକୁ ହେବ, ତେବେ ମଜଭୁତ ହୁଏ। ଯେ ଯେଉଁଠାରେ ଯାହା ନେଇଅଛି ସେଇଠାରୁ ଆରମ୍ଭ କରିବାକୁ ହେବ। ତୁମ ପ୍ରତି interested (ଅନୁରକ୍ତ) ହେବା ସଙ୍ଗେ ସଙ୍ଗେ ତୁମର Ideal (ଆଦର୍ଶ) ପ୍ରତି interested (ଅନୁରକ୍ତ) ହେବ।

ମନ୍ମଥ ଭାଇ(ଦେ)—ନାରୀମାନଙ୍କ କ୍ଷେତ୍ରରେ କିପରି ?

ଶ୍ରୀଶ୍ରୀଠାକୁର—ନାରୀ ତ ଆଉ ପୁରୁଷ ନୁହେଁ। ତାଙ୍କୁ ନାରୀର ବୈଶିଷ୍ଟ୍ୟ ବଜାୟ ରଖି ଚଳିବାକୁ ହେବ। ନାରୀମାନେ ତ ଆଉ ଆପଣମାନଙ୍କ ପରି ଯେଉଁଠି ସେଠି ଯାଜନ କରିବାକୁ ବୁଲିପାରିବେ ନାହିଁ। ବିଧିସଂଗତ ଭାବରେ ପରିବାରର ସେବା ଶୁଶ୍ରୂଷା ଭିତର ଦେଇ ସେମାନଙ୍କର ସବୁକିଛି। ତା ନ କରି ତଥାକଥିତ ପ୍ରଗତିବାଦୀ ନାରୀଙ୍କ ପରି ଚାଲିଲେ—ସେମାନେ ବୈଶିଷ୍ଟ୍ୟ ହରାଇ ବସିବେ।

ଜଣେ ଭାଇ କହୁଥିଲେ—ସ୍ୱସ୍ତ୍ୟୟନୀ ବ୍ରତର ପ୍ରୟୋଜନୀୟତା ବୁଝୁଛି କିନ୍ତୁ ଗ୍ରହଣ କରି କିପରିଭାବରେ ଚଳାଇ ପାରିବି ସେଇକଥା ଭାବୁଛି।

ଶ୍ରୀଶ୍ରୀଠାକୁର—ଯେପରିଭାବରେ ଖାଇବା ପିଇବା ଚଳୁଛି—ସେଇପରି ଭାବରେ ହିଁ ସ୍ୱସ୍ତ୍ୟୟନୀ ଆରମ୍ଭ କରିଦେବାକୁ ହୁଏ, ଆରମ୍ଭ କରିଦେଇ ଭାବିବାକୁ ହୁଏ—କ'ଣ କରାଯିବ ନଯିବ। ତେବେ ଯାଇ ହୋଇପାରିବ।

## କାର୍ତ୍ତିକ ୨୮, ମଙ୍ଗଳବାର, ୧୩୪୬ (ଇଂ ୧୪/୧୧/୩୯)

ମଧ୍ୟାହ୍ନ ଭୋଜନ ପରେ ବିଛଣାରେ ଶୋଇ ଶ୍ରୀଶ୍ରୀଠାକୁର କେଷ୍ଟ ଭାଇ (ଭଟ୍ଟାଚାର୍ଯ୍ୟ)ଙ୍କୁ କହୁଛନ୍ତି—ମୋର ମନେହୁଏ, sperm (ଶୁକ୍ରକୀଟ) ଯେଉଁ ଅତିବାହିକ ଉପାଦାନ ଦ୍ୱାରା ଶରୀର ସୃଷ୍ଟି କରେ, ମୃତ୍ୟୁ ପରେ ମଧ୍ୟ ସେହି ଉପାଦାନ ହୁଏତ ରହିଯାଏ—ନଷ୍ଟ ହୁଏ ନାହିଁ, ଏବଂ ତାକୁହିଁ କୁହାଯାଏ ଲିଙ୍ଗଶରୀର। ତାହା ଏତେ ସୂକ୍ଷ୍ମ ଯେ ଅଗ୍ନିରେ ଦଗ୍ଧ ହୁଏ ନାହିଁ, ଏହାକୁହିଁ କୁହାଯାଏ ecto-plasmic body (ଅତିବାହିକ ସତ୍ତା)। ଯଦି ମଣିଷ କ୍ଷେତ୍ରରେ ଏହା ସତ୍ୟ ତେବେ ଗଛଲତା, ଲୁଗାପଟା, ଇଟା-କାଠ ସବୁ କ୍ଷେତ୍ରରେ ମଧ୍ୟ ଏହା ସତ୍ୟ ହୋଇପାରେ। ସେଥିପାଇଁ ମୋର ମନେହୁଏ ମୃତ୍ୟୁପରେ



ମଧ୍ୟ ମଣିଷ ଲୁଗାପଟା ପିନ୍ଧିପାରେ, ଇଚ୍ଛା କଲେ କିଛି ଖାଇପାରେ—ସେଇ ଅବସ୍ଥାରେ ଯେପରି ତାହା ସମ୍ଭବ। ଏହିପରି ମନେହୁଏ—ସତ କି ମିଛ ଜାଣେନା।

ସନ୍ଧ୍ୟାପରେ ଶ୍ରୀଶ୍ରୀଠାକୁର 'ମାତୃମନ୍ଦିର ପଛରେ ବଉଳ ଗଛ ତଳେ ବସି ସିଁଥିରୁ ଆସିଥିବା ଭବତାରଣ ଭାଇ (ବସୁ) ଙ୍କ ସଙ୍ଗେ ନାନା ବିଷୟ ଆଲୋଚନା କରୁଛନ୍ତି—କେଷ୍ଟ ଭାଇ (ଭଟ୍ଟାଚାର୍ଯ୍ୟ) ଓ କ୍ଷେପୁ ଭାଇ (ଚକ୍ରବର୍ତ୍ତୀ) ସେଠାରେ ବସିଛନ୍ତି। ଶ୍ରୀଶ୍ରୀଠାକୁର ପ୍ରଫୁଲ୍ଲଙ୍କୁ ଗୋଟାଏ ବାଣୀ ପଢ଼ି ଶୁଣାଇବାକୁ କହିଲେ—ସନ୍ତାନ-ସନ୍ତତିଙ୍କର ଚରିତ୍ରଗଠନ ସମ୍ପର୍କରେ ଗୋଟିଏ ବାଣୀ ପଢ଼ି ଶୁଣାଇ ଦିଆହେଲା।

ଶ୍ରୀଶ୍ରୀଠାକୁର ବୁଝାଇ କହିବାକୁ ଲାଗିଲେ—ବାପ ହୁଏତ ନିଜର ଗୁରୁଜନଙ୍କୁ ଦେଖାଇ ପୁଅକୁ କହୁଛି ପ୍ରଣାମ କରିବାକୁ, ଅଥଚ ନିଜେ ପ୍ରଣାମ କରୁନାହିଁ, ଏହା ବଡ଼ ଖରାପ। ନିଜେ ଆଗ ପ୍ରଣାମ କରି ପରେ ତାକୁ କହିବାକୁ ହୁଏ, ତାହେଲେ ଫଳ ଭଲ ହୁଏ। ତାପରେ ବାପ ହୁଏତ ସନ୍ତାନ ପାଖରେ ତା'ର ମା'ର ବିହିତ ପ୍ରଶଂସା କରେ ନାହିଁ, କିମ୍ବା ମା ହୁଏତ ବାପର ଗୁଣର କଥା କହେ ନାହିଁ ଏହାଦ୍ୱାରା ଖୁବ୍ କ୍ଷତିହୁଏ—regard (ଶ୍ରଦ୍ଧା) ବଢ଼େ ନାହିଁ। ଏବଂ ମା-ବାପ ଯଦି ପୁଅଝିଅଙ୍କ ସାମନାରେ ଝଗଡା ବିବାଦ କରନ୍ତି, ତାହେଲେ ଘୋର କୁଫଳ ଫଳିଥାଏ।

ଶ୍ରୀଶ୍ରୀଠାକୁର କହିବାକୁ ଲାଗିଲେ—ଏଇ ଯେ ଟଙ୍କା ପଇସା! ଏହାକୁ ମୁଁ ସେତେ ମୂଲ୍ୟବାନ୍ ମନେ କରେ ନାହିଁ, କେହି ଦେଲେ, କିଛି ପାଇଲି ବୋଲି ଯେ ଖୁବ୍ ଗୋଟାଏ ଖୁସି ହଏ ତା ନୁହେଁ, କିନ୍ତୁ ଯିଏ ଦେଉଛି, ଦେବାର urge (ଆକୂତି) ଟାହିଁ ତା' ପକ୍ଷେ ମଙ୍ଗଳଜନକ ଦେଖି ଭଲଲାଗେ। ଅବଶ୍ୟ କିଛି ପାଇଲେ ଭାବେ, ପାଞ୍ଚଜଣଙ୍କର ଅଭାବ ମୋଚନ କରିପାରିବି, ଯା'ର ଯାହା ଦରକାର ଦେଇଦିଏ, ଏହା ଉପରେ ମୋର ଲୋଭ ନାହିଁ, ଆକର୍ଷଣ ନାହିଁ,—ମୋର ସବୁଠାରୁ ବଡ଼ ଜିନିଷ ହେଉଛନ୍ତି ଆପଣମାନେ। ମୋର ଏପରି ସ୍ୱଭାବ ଯେ ଯଦି କିଏ ଟିକିଏ ଅସୁସ୍ଥ ହୋଇପଡ଼େ, ତା'ହେଲେ ମନେହୁଏ ମୋର ଯେପରି ମସ୍ତବଡ଼ କ୍ଷତି ହୋଇଗଲା, ମନ ଖରାପ ହୋଇଯାଏ, ପୁଣି ମଣିଷ ସହିତ ମୋର ସମ୍ବନ୍ଧ କେବଳ ସେମାନଙ୍କର ଦୁଃଖ-କଷ୍ଟକୁ ନେଇ—କେହି ତ ଆସି ଗୋଟାଏ ସୁ-ସମ୍ବାଦ କୃତାର୍ଥକର ସମ୍ବାଦ ଦିଅନ୍ତି ନାହିଁ, ଅସୁବିଧାରେ ପଡ଼ିଲେହିଁ ମୋ ପାଖକୁ ଆସନ୍ତି। ଜଣେ ହୁଏତ ପ୍ରାର୍ଥନା କରୁଛି—ଠାକୁର! ଲଟେରୀ ଟିକଟ କିଣିଛି, ପାଞ୍ଚହଜାରରୁ ବେଶୀ ଯାହା ପାଇବି ସବୁ ତୁମର। ପାଞ୍ଚହଜାରରୁ ବେଶୀ ଏକପଇସା ବି ମୁଁ ରଖିବି ନାହିଁ। ହୁଏତ ପଚାଶହଜାର ଟଙ୍କା ପାଇଲା। ସେତେବେଳେ ଆଉ ଦେଖା ମଧ୍ୟ ମିଳେ ନାହିଁ! ସେଇ ଟଙ୍କାପଇସା ଦ୍ୱାରା ନିଜର ସର୍ବନାଶ ଯେତେବେଳେ ହେବ, ସର୍ବସ୍ୱାନ୍ତ ଯେତେବେଳେ ହେବ ସେତେବେଳେ ହୁଏତ ମୋ ପାଖରେ ଆସି ଛିଡ଼ାହେବ। କିନ୍ତୁ ସେତେବେଳେ ତାକୁ ଦେଖି ଏପରି କହିପାରେନା—ତୁମେ ଯେପରି କରିଛ ସେଇପରି ହୋଇଛି। ସେ କଥା

ସେତେବେଳେ ମନେପଡ଼େ ନାହିଁ। ତାର କଷ୍ଟ ଦେଖି ବ୍ୟଥିତ ହୋଇପଡ଼େ। ତାକୁ ନଦେଖି ରହିପାରେ ନା, ତା'ର ଅବସ୍ଥା ଦେଖି ଭୁଲିଯାଏ।

## କାର୍ତ୍ତିକ ୨୯, ବୁଧବାର, ୧୩୪୬ (ଇଂ ୧୫/୧୧/୩୯)

ସ୍ଥାନ : ପାବନା, ସତ୍‌ସଙ୍ଗ ଆଶ୍ରମ। ଶ୍ରୀଶ୍ରୀଠାକୁରଙ୍କ ଆଶ୍ରିତ ସ୍ଥାନୀୟ ଜଣେ ଲୋକ ପ୍ରବୃତ୍ତି-ତାଡ଼ିତ ହୋଇ ସ୍ୱଧର୍ମ ଓ କୃଷ୍ଟି ତ୍ୟାଗ କରି ଧର୍ମାନ୍ତର ଗ୍ରହଣ କରିବ ବୋଲି ସ୍ଥିର କରିଛି। ଏହି ସମ୍ବାଦ ପାଇ ସେ ଘୋର ମର୍ମାହତ ହୋଇପଡ଼ିଛନ୍ତି। ଦି'ପହରେ ଖାଇବାକୁ ଯାଇଁ ଭାତ ଥାଳୀରେ ହାତ ଦେଇ ଉଠି ଆସିଛନ୍ତି। ଖାଇ ପାରି ନାହାନ୍ତି, ଶୋଇ ମଧ୍ୟ ପାରିନାହାଁନ୍ତି। ଲୋକଟିକୁ ଡାକି ତା ସହିତ ଏକାନ୍ତରେ କଥାବାର୍ତ୍ତା ହେଉଛନ୍ତି, ବୁଝାଉଛନ୍ତି—ପୂରୟମାଣ ଇଷ୍ଟ, କୃଷ୍ଟି, ବୈଶିଷ୍ଟ୍ୟ ଓ ପିତୃପୁରୁଷଙ୍କୁ ଅସ୍ୱୀକାର କରି ଯେଉଁ ଧର୍ମାନ୍ତର ଗ୍ରହଣ ତାହା କେତେଦୂର ସତ୍ତା ସମ୍ବର୍ଦ୍ଧନାର, ଅର୍ଥାତ୍ ବିରୋଧୀ। କାରଣ ଏହିପରିଭାବରେ ଯାହାକୁ ଗ୍ରହଣ କରାଯାଏ, ତା ଭିତରେ ତାଙ୍କ ପ୍ରତି ଶ୍ରଦ୍ଧାପୂର୍ଣ୍ଣ ଆଗ୍ରହ ତ ନଥାଏ, ବରଂ ଧର୍ମର ଦ୍ୱାହି ଦେଇ ନିଜର ଅପକର୍ମକୁ ସମର୍ଥନ କରିବାର ପ୍ରବୃତ୍ତି ପ୍ରଲୁବ୍ଧ ପ୍ରେରଣାହିଁ ଥାଏ ପ୍ରବଳ, ତଦ୍ୱାରା ତାଙ୍କୁ ଏବଂ ପ୍ରତି ପ୍ରତ୍ୟେକ ପ୍ରେରିତଙ୍କୁ ଅବମାନନାହିଁ କରାହୁଏ।

ଲୋକଟି ବୁଝିମଧ୍ୟ ବୁଝୁନାହିଁ, ସେଥିପାଇଁ ତାଙ୍କର ମନ ଖୁବ୍ ବିମର୍ଷ। ତାଙ୍କର ମୁଖମଣ୍ଡଳ ଆଡ଼େ ଚାହିଁ ହେଉନାହିଁ।

## କାର୍ତ୍ତିକ ୩୦, ଗୁରୁବାର, ୧୩୪୬ (ଇଂ ୧୬/୧୧/୩୯)

ସତ୍ୟ ଭାଇ (ଦେ) କହୁଥିଲେ—କଲିକତାରେ ଜଣେ ଭଦ୍ରଲୋକ ଶ୍ରୀଶ୍ରୀଠାକୁରଙ୍କର ନଳ କିଣା ହେବ ବୋଲି କହି ଅନେକଙ୍କୁ ଫାଙ୍କି ଦେଇ ସେମାନଙ୍କ ଇଷ୍ଟଭୃତି ଟଙ୍କା ନେଇଯାଇଛି।

ଶ୍ରୀଶ୍ରୀଠାକୁର—ଏମିତି ଦିଅନ୍ତି କାହିଁକି ? ଯେଉଁମାନେ ଦିଅନ୍ତି ସେଇମାନଙ୍କର ତ ଦୋଷ। ବିଶ୍ୱାସ କରିବା ଭଲ, କିନ୍ତୁ ବୋକା ହେବା ଠିକ୍ ନୁହେଁ। ପୁଣି, ଇଷ୍ଟଭୃତି ଟଙ୍କା ଯେ କେଉଁଠାକୁ ପଠାଇବାକୁ ହେବ—ମୁଁ ତ ସ୍ପଷ୍ଟ କରି ଲେଖି ଦେଇଛି, ଅନ୍ୟର ବିପରୀତ କଥା ମାନି ନିଅନ୍ତି କାହିଁକି ? ଏକଥା ମନେରଖ ଯେ, ଇଷ୍ଟାର୍ଘ୍ୟ ବରାବର ମୋର ଅର୍ଥାତ୍ ସତ୍‌ସଙ୍ଗ ଫିଲାନ୍‌ଥ୍ରପି ଅଫିସକୁ ପଠାଇବାକୁ ହେବ। ଏକଥା ସମସ୍ତେ ଜାଣିବା ଉଚିତ୍ ଯେ, ଆଲୁଅ ଜଳିଲେ ସେଠାକୁ ଯେପରି ପୋକ ଆସନ୍ତି, ସେହିପରି ଝିଟିପିଟି ମଧ୍ୟ ଆସନ୍ତି।



## ମାର୍ଗଶୀର ୨୧, ଗୁରୁବାର, ୧୩୪୬ (ଇଂ ୭/୧୨/୩୯)

ଶୀତ ପଡ଼ିଆସୁଛି, ଆଶ୍ରମ ପ୍ରାଙ୍ଗଣରେ ଖଟ୍ଟିଆ ବେଞ୍ଚ ଉପରେ ବସି ଶ୍ରୀଶ୍ରୀଠାକୁର ବହୁବଲ୍ଲଭ ଗୋସ୍ୱାମୀ ନାମକ ଜଣେ କୀର୍ତ୍ତନୀୟା ସଙ୍ଗେ ଆଳାପ କରୁଛନ୍ତି—''ସ୍ୱାତୀ ନକ୍ଷତ୍ରର ଜଳ, ପାତ୍ର ବିଶେଷେ ଫଳ !'' ଏକା libido (ସୁରତ) ଯାହା ଉପରେ ଯାଇଁ ପଡ଼େ, ଯେଉଁଠି set (ନ୍ୟସ୍ତ) ହୁଏ, ତାରି ଉପରେହିଁ ସବୁକିଛି ନିର୍ଭର କରେ। ତେଣୁ ସଦ୍‌ଗୁରୁ ଉପରେ libido (ସୁରତ) ଠିକ୍‌ଭାବରେ set ହୋଇଗଲେ (ବସିଗଲେ) ବାଜିମାତ୍ ହୋଇଗଲା। ଶ୍ରୀଶ୍ରୀଠାକୁର ଜଣେ ଭାଇଙ୍କୁ ଲକ୍ଷ୍ୟକରି କହିଲେ—ଆପଣଙ୍କର ଯେଉଁ ଖୁଣ୍ଟାଣିଆ କଥା ଯଦି ସେଇ ଇଷ୍ଟଙ୍କ ପାଇଁ ଲଗାଇବେ,—ତେବେ ଲୋକଙ୍କ କାନରେ ତାହା ମଧୁବର୍ଷଣ କରିଦେବ। ଜଣେ ହୁଏତ ଅବଶୋଷ କରି କାନ୍ଦୁଛି, ସେ ଯଦି ଇଷ୍ଟସ୍ୱାର୍ଥପ୍ରତିଷ୍ଠା ପରାୟଣ ହୋଇଉଠେ, ତା'ର କାନ୍ଦଣା ମଣିଷକୁ ଏକାବେଳକେ ଭସାଇ ଦେବ। କାମକ୍ରୋଧ କମାଇବା କିଛି ଦରକାର ନାହିଁ। କେବଳ ସେମାନଙ୍କୁ ଇଷ୍ଟମୁଖୀ ନିୟନ୍ତ୍ରଣ କରିବାକୁ ହେବ—କାମ, କ୍ରୋଧ ଇତ୍ୟାଦି ମରିଗଲେ କାହାଦ୍ୱାରା ଇଷ୍ଟକାମ କରିବେ ?

ଆଉ ଧର୍ମର ଗୋଟାଏ ଚିହ୍ନ ଅଛି—ପୂଜା ଅର୍ଚ୍ଚନା କରେ, ଭଗବାନଙ୍କୁ ଭଲପାଏ, ଅଥଚ ମୋର ଦକ୍ଷତା, କ୍ଷିପ୍ରତା ବଢ଼ୁନାହିଁ, ସପାରିପାର୍ଶ୍ୱିକ ମୁଁ ଉଜ୍ଜ୍ୱଳ ହୋଇ ଉଠୁନାହିଁ,—ଏହାଦ୍ୱାରା ବୁଝିବାକୁ ହେବ, ମୋର ଆଚରଣରେ ଗଣ୍ଡଗୋଳ ଅଛି। କେହି ଐଶ୍ୱର୍ଯ୍ୟ ଚାହୁଁ ବା ନ ଚାହୁଁ—ଇଷ୍ଟପ୍ରାଣ ହୋଇ ଚାଲିବା ବାଟରେ ଐଶ୍ୱର୍ଯ୍ୟ ତାକୁ ଆଲିଙ୍ଗନ କରିବହିଁ କରିବ।

ସେବାସମ୍ଭୂତ ପ୍ରକୃତ ଐଶ୍ୱର୍ଯ୍ୟ ହେଲା ଗୋଟାଏ ନିଦର୍ଶନ ଯେ, ସେ ଧର୍ମକୁ ଯଥାଯଥ ଆଚରଣ କରିଛି। ଏଇଥିପାଇଁ ଚୈତନ୍ୟଚରିତାମୃତରେ ଅଛି—''ଐଶ୍ୱର୍ଯ୍ୟ ଜ୍ଞାନରେ ସବୁ ଜଗତ ମିଶ୍ରିତ, ଐଶ୍ୱର୍ଯ୍ୟ-ଶିଥିଳ ପ୍ରେମେ ନାହିଁ ମୋର ପ୍ରୀତ।'' ତେବେ କୌଣସି ଗୋଟାଏ କିଛି ସ୍ତର, ବା ଅବସ୍ଥା, ବା ଆର୍ଥିକ ଉନ୍ନତି ଲାଭ କରିବା ଆକାଙ୍‌କ୍ଷାରେ ଯିଏ ଇଷ୍ଟଙ୍କୁ ଭଲପାଏ, ତାର କିଛି ହିଁ ହୁଏନାହିଁ—''ମୋକ୍ଷବାଞ୍ଛା କୈତବପ୍ରଧାନ''।

ମଣିଷ 'ଅନନ୍ୟଭାକ୍' ଅର୍ଥାତ୍ ଅନନ୍ୟ-ଭଜନଶୀଳ ହୋଇ ରିହନ୍ତି—ଇଷ୍ଟଙ୍କୁ ନେଇ 'ଅନନ୍ୟଭାକ୍' ହୋଇ ପାରିଲେହିଁ କାମ ଖତମ୍। ତାଙ୍କୁ ଭଲ ଲାଗିଗଲେ ସବୁକିଛି ତଳେଇଯାଏ, ଯାଜନରେ ସେଇ ତାଙ୍କରି ପାଇଁ ତାଙ୍କୁହିଁ ଭଲପାଇବା ଗଜାଏ।

ଯାଜନରେ brain (ମସ୍ତିଷ୍କ)ର ସବୁଗୁଡ଼ିକ sphere (ଦିଗ) active (ସକ୍ରିୟ) ହୋଇଉଠେ, କ୍ଷୁଦ୍ର କ୍ଷୁଦ୍ର ବାସନାର knot ଓ obsession (ଗଣ୍ଠି ଓ ଅଭିଭୂତି) ଗୁଡ଼ିକ ଭାଙ୍ଗିଯାଏ, ଯଦି ମଣିଷ ନିରାଶୀ ଇଷ୍ଟସ୍ୱାର୍ଥପ୍ରତିଷ୍ଠାପନ୍ନ ହୋଇ ଯାଜନର ଆନନ୍ଦପାଇଁ ହିଁ

ଯାଚନ କରିଚାଲେ।

ଅନେକ କଥା ପରେ ଶ୍ରୀଶ୍ରୀଠାକୁର କହିଲେ—ଆଗେ ଭରଦ୍ୱାଜ University (ବିଶ୍ୱବିଦ୍ୟାଳୟ), ବିଶିଷ୍ଠ University (ବିଶ୍ୱବିଦ୍ୟାଳୟ), ଶାଣ୍ଡିଲ୍ୟ University (ବିଶ୍ୱବିଦ୍ୟାଳୟ)—ଏଇପ୍ରକାର ସବୁ ଥିଲା। କୃଷ୍ଟିର ଜାଗରଣ ପାଇଁ ପୁଣି ସେ ସବୁକୁ ଗଢ଼ିତୋଳିବାକୁ ହେବ।

## ପୌଷ ୨୩, ସୋମବାର, ୧୩୪୬ (ଇଂ ୮/୧/୪୦)

କେଷ୍ଟ ଭାଇ (ଭଟ୍ଟାଚାର୍ଯ୍ୟ), ଗୋପାଳ ଭାଇ (ମୁଖୋପାଧ୍ୟାୟ) ଇତ୍ୟାଦି ଛିଡ଼ା ହୋଇଛନ୍ତି। ଶ୍ରୀଶ୍ରୀଠାକୁର ମୋଡ଼ିଆ ଉପରେ ବସିଛନ୍ତି, ହଠାତ୍ ଶ୍ରୀଶ୍ରୀଠାକୁରଙ୍କ ପଣ୍ଡିତ ମହାଶୟ ଆସିଲେ। ଶ୍ରୀଶ୍ରୀଠାକୁର ସସମ୍ଭ୍ରମେ ଉଠି ଛିଡ଼ାହୋଇ ଚୌକି ଆଣିବାକୁ କହିଲେ। ଗୋପାଳ ଭାଇ ଚୌକି ଆଣିଦେଲେ, ପଣ୍ଡିତ ମହାଶୟ ଚୌକିରେ ବସିବା ପରେ ଶ୍ରୀଶ୍ରୀଠାକୁର ବସିଲେ।

କଥା ପ୍ରସଙ୍ଗରେ ଶ୍ରୀଶ୍ରୀଠାକୁର କହିଲେ—ମୁଁ ଏକ ସମୟରେ ଖୁବ୍ ନାମଧ୍ୟାନ କରୁଥିଲି, କାମଧନ୍ଦା ଛାଡ଼ି କେବଳ ନାମଧ୍ୟାନ କିଛିଦିନ କରି କିପରି ନିଥର ହୋଇଗଲି—ଭଲମନ୍ଦ, ସୁଖ, ଦୁଃଖ, କୌଣସି sensation (ଭାବ)ହିଁ ଯେପରି feel (ବୋଧ) କରିପାରୁ ନଥିଲି, ପୂର୍ବର ସେଇ tremor of life (ଜୀବନର ସ୍ପନ୍ଦନ) ଚାଲିଗଲା, solid (ନିରାଟ) ହୋଇଉଠିଲି—ତାହା ଏକ ନର୍କ ଯନ୍ତ୍ରଣା, ତାପରେ ମୁଁ ନାମ ସଙ୍ଗେ ସଙ୍ଗେ କାମ ପ୍ରତି ମନଦେଲି, ପରେ ପରେ ସ୍ୱାଭାବିକ ଅବସ୍ଥା ଫେରି ଆସିଲା। ଯେଉଁସବୁ ପିଲା ଘରକାମ କରନ୍ତି ନାହିଁ କିମ୍ବା କୌଣସି ପ୍ରକାର motor activity (କର୍ମ)ରେ ଲିପ୍ତ ନ ଥା'ନ୍ତି ସେମାନଙ୍କର ମସ୍ତିଷ୍କର ଗ୍ରହଣ କରିବାର କ୍ଷମତା ଧୀରେ ଧୀରେ କମିଯାଏ। ଯେଉଁ ପିଲାମାନଙ୍କର ମା-ବାପଙ୍କୁ କିଛି ଦେବାପାଇଁ ଝୁଙ୍କ ଥାଏ ସେମାନେ ନିଶ୍ଚୟ ଭଲହେବେ। ଯେଉଁମାନେ ମା-ବାପାଙ୍କ ପାଇଁ, ପରିବାର ପାଇଁ କିଛି କରନ୍ତି ନାହିଁ ଅଥଚ ପଡ଼ିଶା ଲୋକଙ୍କ ପାଇଁ ଖଟୁଥାନ୍ତି, ବୁଝିବାକୁ ହେବ—ସେଠାରେ abnromality ପଶିଛି। ଏବଂ ସ୍ତ୍ରୀ ଲୋକଙ୍କ ପ୍ରତି ଉଲ୍ଲମ୍ଫୀ ଉତ୍କଟ ସହାନୁଭୂତି sexual throbbing (କାମସ୍ପନ୍ଦନ) ର ଏହା ପରିଚାୟକ।

ଶ୍ରୀଶ୍ରୀଠାକୁର ପ୍ରଫୁଲ୍ଲଙ୍କୁ ପଚାରିଲେ—କାଲି ସ୍ୱସ୍ତ୍ୟୟନୀ କରିଥିଲୁ ?

ପ୍ରଫୁଲ୍ଲ—ହଁ।

ଶ୍ରୀଶ୍ରୀଠାକୁର—ସେ ଭିକ୍ଷା କରିହିଁ ପାରେ ନାହିଁ।

କେଷ୍ଟ ଭାଇ—ଭିକ୍ଷାରେ ଅଷ୍ଟପାଶ କଟିଯାଏ।

ଶ୍ରୀଶ୍ରୀଠାକୁର—ସତ କଥା, ତାହାହିଁ ହୁଏ। ଇଷ୍ଟପାଇଁ ଭିକ୍ଷା ମଣିଷକୁ ଭିତରୁ ତିଆରି



କରେ। ଇଷ୍ଟାର୍ଥପାଇଁ ବିଧିମତ ଭିକ୍ଷା ମଣିଷକୁ ବଡ଼ କରିତୋଳେ, ବୃତ୍ତି-ସ୍ୱାର୍ଥ-ପ୍ରଲୁବ୍ଧ ଭିକ୍ଷା ପୁଣି ମଣିଷକୁ ନର୍କକୁ ଟାଣିନିଏ।

ସେଦିନ ପରେ ଏକ ସମୟରେ ଶ୍ରୀଶ୍ରୀଠାକୁର ସୁଶୀଲ ଭାଇ (ବସୁ)ଙ୍କୁ କହିଥିଲେ—ଯୁଗାବତାର ଛଡ଼ା ଅନ୍ୟ କେହି ଧ୍ୟେୟ ନୁହଁନ୍ତି। ଯୁଗାବତାରଙ୍କ ଅବର୍ତ୍ତମାନରେ ତାଙ୍କଠାରେ ଅଚ୍ୟୁତ-ଆନତି ସଂପନ୍ନ, ଛନ୍ଦାନୁବର୍ତ୍ତୀ, ଜୀବନ-ବୃଦ୍ଧିର ଆଚରଣ-ସିଦ୍ଧ ଔରସ ବଂଶଧର ଇଷ୍ଟପ୍ରତୀକ ସ୍ୱରୂପ ଥାଇ ପାରନ୍ତି। ପରବର୍ତ୍ତୀ ଆସିଗଲେ ସେତେବେଳେ ସେହିଁ ହେବେ ଧ୍ୟେୟ।

## ମାଘ ୧୩, ଶନିବାର, ୧୩୪୬ (ଇଂ ୨୭/୧/୪୦)

ସକାଳେ ଶ୍ରୀଶ୍ରୀଠାକୁର ବନ୍ଧପାଖରେ ଟାଳଘରର ବାରଣ୍ଡାରେ ମୋଡିଆ ଉପରେ ବସିଛନ୍ତି। କେଷ୍ଟ ଭାଇ (ଭଟ୍ଟାଚାର୍ଯ୍ୟ) କବିତାକାରରେ ଦିଆଯାଇଥିବା ଛଡ଼ା ଗୁଡ଼ିକ ପଢ଼ୁଛନ୍ତି। ପାଖରେ ଯୋଗେଶ ଭାଇ (ଚକ୍ରବର୍ତ୍ତୀ), ଯୋଗେନ ଭାଇ (ହାଲଦାର), ବୀରେନ୍ ଭାଇ (ଭଟ୍ଟାଚାର୍ଯ୍ୟ) ଇତ୍ୟାଦି ଅନେକ ଛିଡ଼ା ହୋଇଛନ୍ତି।

ଶ୍ରୀଶ୍ରୀଠାକୁର କଥା ପ୍ରସଙ୍ଗରେ କହିଲେ—ବିବାହ ପରେ ପୁରୁଷର ଉଚିତ୍ ସ୍ତ୍ରୀକୁ କହିଦେବା—ଦେଖ! ମୋର ବାପ, ମା, ଭାଇ ଭଉଣୀ ଇତ୍ୟାଦିଙ୍କର ସବୁ ପ୍ରକାର ସେବା କରିବାହିଁ ତୁମର କାମ—ଏହା ଛଡ଼ା ମୁଁ ନିଜେ କିଛି ଚାହେଁ ନାହିଁ। ନିଜ କାମ ନିଜେ କରି ନେବାହିଁ ଭଲ। ଆଉ ଯଦି ସ୍ତ୍ରୀ ପ୍ରତି ଦରଦ ବଶତଃ କୁହ—ସେ ଯେ ପାରୁନାହିଁ। ବାପ-ମା ଯେ କେମିତି ଲୋକ ଦେଖି ପାରୁନାହାଁନ୍ତି! ତା'ହେଲେ ସର୍ବନାଶ, ତୁମକୁ ମେଣ୍ଢା କରି ଦେବ। ଦେଖି ନାହଁ, କେତେ ବଳଦ ଅଛନ୍ତି—ସେମାନେ ସର୍ବଦା ସ୍ତ୍ରୀ ପାଇଁ ପରିବା କାଟିଦେବେ, ପିଲା ଛୁଆଙ୍କୁ ଖାଖେଇବେ, ତାକୁ ଖୁସି କରିବା ପାଇଁ ତା'ର ଫର୍ମାସ୍ ଅନୁସାରେ ଖଟୁଥିବେ। ସ୍ତ୍ରୀର ଟିକିଏ କାଶ ହେଲେ ସେ ହାତ, ଗୋଡ଼ ଲମ୍ବାଇ ଦେଇ—କହିବ ଗଲି! ଗଲି! ଗଲି! (ଶ୍ରୀଶ୍ରୀଠାକୁର ଏପରି ଭାବରେ ଭାବଭଙ୍ଗୀ କଲେ, ମୁଖମଣ୍ଡଳର ଏପରି ଅବସ୍ଥା ସତେ ଯେପରି ସେ ନିଜେ ସେଇପରି ଅବସ୍ଥାରେ ପଡ଼ିଯାଇଛନ୍ତି)। ସେତେବେଳେ ସ୍ୱାମୀ ଯଦି ହା ହୁତାଶ କରି ଦୌଡ଼ା ଦୌଡ଼ି କରୁଥିବ, ତାହେଲେ ସ୍ତ୍ରୀ ବୁଝିନିଏ ଯେ 'ଲୋକଟା ବେଶ୍ ଅକ୍ତିଆରକୁ ଆସି ଯାଇଛି'। ସେତେବେଳେ ବରଂ କହିବାକୁ ହେବ—'ଏଇପରି ବସି ରହିଲେ ତ ଚଳିବ ନାହିଁ, ମା ବାପାଙ୍କ ପାଇଁ ଅମୁକଟା କରିବାକୁ ହେବ, ସମୁକଟା କରିବାକୁ ହେବ'—ତା ପରେ ଦେଖିବ ସେ ଠିକ୍ ହୋଇ ଯିବ ଏବଂ ଭାବିବ, ଏ ତ ସୋଜା ଲୋକ ନୁହେଁ। ଏବଂ ପ୍ରକୃତରେ ଯଦି ସ୍ତ୍ରୀର ଗୁରୁତର କିଛି ହୋଇଥାଏ, ତେବେ ନିଜେ ବାପ, ମା'ଙ୍କର ସେବା କରିବା ଦରକାର। ଯଦି ଇଷ୍ଟ କାମରେ କୌଣସି ସ୍ତ୍ରୀ ବାଧା ଦିଏ,

ତା ସହିତ ବାଦାନୁବାଦ ନ କରି, ବୁଝାଇବାକୁ ଚେଷ୍ଟା ନ କରି, ନିଜେ ଅଟଳ ଭାବରେ ଚାଲିବାକୁ ହେବ—ତେବେ ସେ ଆସ୍ତେ ଆସ୍ତେ ବଳିପାଇଁ ଆସିଥିବା ମଇଁଷି ପରି flat (ଚିତ୍) ହୋଇ ପଡ଼େ। ମୁଁ ଯେତେ କଥାହିଁ କହେନା କାହିଁକି, ସାରକଥା ହେଲା ଇଷ୍ଟସ୍ୱାର୍ଥୀ ହୁଅ,—ଇଷ୍ଟସ୍ୱାର୍ଥୀ ହେଲେ ସବୁ ଗୋଳମାଳ ଠିକ୍ ହୋଇଯିବ। ମଣିଷ ସ୍ୱୀସ୍ୱାର୍ଥୀ ହୁଏ ସେଇଥି ପାଇଁ ଅର୍ଥ ସମସ୍ୟା, ରୋଗ, ମାମଲା-ମୋକଦ୍ଦମା, ଅଶାନ୍ତି ଏବଂ ଅନ୍ୟାନ୍ୟ ଯେତେ ସବୁ ବିଭ୍ରାଟ। 'ମୁଁ' ଯାହାର ସ୍ୱାର୍ଥ ହୁଏ, ମୋତେ ଯେ ଦିଏ, ମୋ ପାଇଁ ଯେ କରେ, ତା'ର ତ ଭଲ ହୁଏ, କିନ୍ତୁ ମଣିଷ ତ ତା ବୁଝେନା, ଅନେକଙ୍କର ମୋପାଖରୁ ନେବାପାଇଁ ହିଁ ଝୁଙ୍କ। ମୁଁ କ'ଣ କେତେ ଲକ୍ଷ ଟଙ୍କା ମଣିଷକୁ ଦେଇନାହିଁ? ଯେଉଁମାନେ ନେଇଛନ୍ତି ସେମାନଙ୍କର ଗୋଟାଏ ବି କିଛି ହୋଇନାହିଁ ବରଂ ଅବନତି ହୋଇଛି। ମୂଳଟା ଗୋଳ ହେଲେ ସବୁଟା ଗୋଳ ହୋଇଯାଏ, କାହିଁରେ ବି ସାମଞ୍ଜସ୍ୟ ରହେ ନାହିଁ। ଅନେକେ ସାରାଦିନ ଖଟନ୍ତି, ଆଉ ବକ୍ ବକ୍ ହେଉଥା'ନ୍ତି ଅଥଚ କାମ ସାରି ପାରନ୍ତି ନାହିଁ, ବୁଝିବାକୁ ହେବ ସେମାନଙ୍କର ଟାଣ (ଆକର୍ଷଣ) ରେ ଘାଟ୍ତି ଅଛି।

## ମାଘ ୧୪, ରବିବାର, ୧୩୪୬ (ଇଂ ୨୮/୧/୪୦)

ଆଜି ଉପରବେଳା ମା'ମାନେ ସବୁ ଋଣ୍ଡ ହୋଇଛନ୍ତି। ଶ୍ରୀଶ୍ରୀଠାକୁର ବିଛଣାରେ ବସିଛନ୍ତି ସହାସ୍ୟ ବଦନରେ—ସର୍ବାଙ୍ଗରେ ଆନନ୍ଦର ଦ୍ୟୁତି ଫୁଟି ଉଠୁଛି। ଶଙ୍ଖିନୀ, ହସ୍ତିନୀ, ପଦ୍ମିନୀ, ଚିତ୍ରୀଣୀ ଇତ୍ୟାଦି ବିଭିନ୍ନ ପ୍ରକାର ନାରୀଙ୍କ ବିଷୟ ଆଲୋଚନା ହେଉଛି। ଶ୍ରୀଶ୍ରୀଠାକୁର କହିଲେ—ଶଙ୍ଖିନୀ ହେଉ, ହସ୍ତିନୀ ହେଉ, ପଦ୍ମିନୀ ହେଉ, ଯୋଗିନୀ, ଭୋଗିନୀ, ଡାକିନୀ, ନାଗିନୀ ହେଉ, ଇଷ୍ଟପ୍ରାଣା ଯେଉଁନାରୀ ସେଇ ସମସ୍ତଙ୍କ ଭିତରେ ଶ୍ରେଷ୍ଠ।

ଜଣେ ମା ଖୁବ୍ ରୁଗ୍ଣା ଅଥଚ ଖାଇବା-ପିଇବା ବିଷୟରେ ଖୁବ୍ ଅସଂଯତ। ସେ କହିଲେ (ଭକ୍ତମା)—ମୁଁ ଇଚ୍ଛାକରି ଅପଥ୍ୟ କରୁନାହିଁ। ସେଇ ପ୍ରସଙ୍ଗରେ ଶ୍ରୀଶ୍ରୀଠାକୁର ତାଙ୍କ ସଙ୍ଗେ ରହସ୍ୟ କରିବାକୁ ଲାଗିଲେ।

ଶ୍ରୀଶ୍ରୀଠାକୁର—ହଁ ତାହାହିଁ ତ। ପ୍ରକୃତି କରାଏ କର୍ମ, ମୋର କିବା ଦୋଷ। ତେବେ ତୁ ଖାଇସାରି ଯେ ମା'ଲୋ ମା'ଲୋ ହେଉ। ଶ୍ରୀଶ୍ରୀଠାକୁର, ଏପରି ସ୍ୱରରେ ମା'ଲୋ, ମା'ଲୋ, କହିଲେ ଯେ, କାହାରି ପକ୍ଷରେ ହସ ସମ୍ବରଣ କରିବା ସମ୍ଭବ ହେଲା ନାହିଁ।

## ମାଘ ୧୫, ସୋମବାର, ୧୩୪୬ (ଇଂ ୨୯/୧/୪୦)

ସମୟ ପ୍ରାୟ ଦିନ ଦଶଟା ହେବ। ଶ୍ରୀଶ୍ରୀଠାକୁର ବାବଲା ଗଛତଳେ, ଫିଲାନଥ୍ରପି



ଅଫିସରେ ଆସି ବସିଛନ୍ତି, ପାଖରେ ଛିଡ଼ା ହୋଇଛନ୍ତି କେଷ୍ଟ ଭାଇ (ଭଟ୍ଟାଚାର୍ଯ୍ୟ)। ଜଣଙ୍କ ସହିତ ସମାଧି ବିଷୟ ଆଲୋଚନା କରୁଛନ୍ତି କେଷ୍ଟ ଭାଇ। ଶ୍ରୀଶ୍ରୀଠାକୁର ସେଇକଥା ଶୁଣି କହିଲେ—ସମାଧି ହେଲା integrated solution (ସଂହତ ସମାଧାନ) ପରେ ଯେଉଁ ଅବସ୍ଥା ହୁଏ ତାହାହିଁ। ମଣିଷ ମନେକରେ, ସମାଧି ହେଲେ ମଣିଷ ଆଚ୍ଛନ୍ନ ହୋଇପଡ଼େ, କିନ୍ତୁ ତାହା ନୁହେଁ। ଚିନ୍ତା କରୁ କରୁ କୌଣସି ପ୍ରଶ୍ନ ବା ସମସ୍ୟାର ସମ୍ପୂର୍ଣ୍ଣ ସମାଧାନ ହେଲେ, ଅର୍ଥାତ୍ ସମ୍ୟକ୍ ଧାରଣା ହେଲେ ମନେ ମନେ ଯେଉଁ ତୃପ୍ତି ବୋଧଟା ଜାଗେ, ଯେଉଁ ଆନନ୍ଦର ଆବେଗଟା ଆସେ, ସେଇ ଅନୁଭୂତିଟାହିଁ ସମାଧି। ସମାଧି ନାନାପ୍ରକାରେ ହୁଏ—ପ୍ରତ୍ୟେକଟା ଜିନିଷର ବିଭିନ୍ନ phase (ଦିଗ) ଅଛି ତ, ଗୋଟିଏ ବିଷୟର universe (ବିଶ୍ୱ) ର ସବୁ phase (ଦିଗ) ଯେତେବେଳେ ଉପଲବ୍ଧି ଭିତରେ ବୋଧ ଭିତରେ ଧରାପଡ଼େ ସେତେବେଳେହିଁ କ୍ଷଣିକ ସମାଧି ହୁଏ। ତେଣୁ କୁହାଯାଏ ସମାଧି ଭିତର ଦେଇ ଅନନ୍ତ ଜ୍ଞାନର ଭଣ୍ଡାର ଖୋଲିଯାଏ। କେବଳ intellectual solution (ବୌଦ୍ଧିକ ସମାଧାନ) ହେଲେ ତାକୁ ସମାଧି କୁହାଯାଏ ନାହିଁ, with sensation (ବୋଧରେ)ବୋଧ କରିବାକୁ ହେବ। ଏବଂ ସବୁ-ଜିନିଷ ଇଷ୍ଟରେ ସାର୍ଥକ ହେବା ଉଚିତ୍। ସମାଧି ସଙ୍ଗେ ସଙ୍ଗେ ଆସେ କର୍ମ। ଯେଉଁ solution (ସମାଧାନ) ମିଳିଗଲା ତାକୁ ସଙ୍ଗେ ସଙ୍ଗେ work out (ରୂପାୟିତ) କରାହୁଏ। ଆପଣ ଯେତେ ତୁଚ୍ଛାତିତୁଚ୍ଛ କାମ କରିଥା'ନ୍ତୁ ନା କାହିଁକି, ଯଦି ବେଶ୍ୟାଘରକୁ ଯାଇଥା'ନ୍ତି, କାହା ଉପରକୁ ରାଗରେ ପେନସିଲଟାଏ ଫୋପାଡ଼ିଥା'ନ୍ତି, କୋଳିଟାଏ କାହାଠାରୁ ଖାଇଥା'ନ୍ତି, ସବୁକିଛି ରହିଥିବ ଏବଂ with meaning (ଅର୍ଥ ସହ) ହାଜର ହେବ। ଆପଣଙ୍କ Universe (ବିଶ୍ୱ)ରେ ଯାହା ଅଛି, ଆପଣ ଆପଣଙ୍କ ପରି ସବୁ କିଛି ଜାଣିବାକୁ ହେବ—ଇଷ୍ଟସ୍ୱାର୍ଥପ୍ରତିଷ୍ଠା ପାଇଁ। ମଣିଷ ମାତ୍ରେହିଁ ତା ଭିତରେ ଅଛି ନିରତିଶୟ ସର୍ବଜ୍ଞତ୍ୱ ବୀଜ, ସେ ଯାହାର ସଂସ୍ପର୍ଶରେ ଆସୁ ନା କାହିଁକି ତା ସେ ଜାଣିପାରେ। ମୁଁ ଏତେ କଥା କହେ କିପରି—ସବୁ ତ realised facts (ଅନୁଭୂତ ତଥ୍ୟ) ଉପରେ based (ପ୍ରତିଷ୍ଠିତ) ଆଉ ଯେତେ ଭାବରେ ଯେତେ କଥାହିଁ ମୁଁ କହେନା—ମୁଁ କିନ୍ତୁ ଗୋଟିଏ କଥାହିଁ କହିଥାଏ। ରାମକୃଷ୍ଣଦେବ କହିଥିଲେ—''ବର୍ତ୍ତମାନ ସବୁଜ୍ଞାନ ଦେଉ ନାହିଁ''। ସେ closed (ଅପ୍ରକାଶିତ) ରଖିଥିଲେ କିଛି, କିନ୍ତୁ ମୁଁ ସବୁ disclose (ପ୍ରକାଶ) କରି ଦେଉଛି। ସବୁ ଯେ ପରିଷ୍କାର ରୂପେ ଦେଇଗଲି, ତା' ମଧ୍ୟ ମଣିଷ ଆପଣମାନଙ୍କ ପାଖକୁ ନ ଆସିଲେ ବୁଝିପାରିବେ ନାହିଁ। ଆପଣମାନେ ହେବେ କେତେ ମଣିଷଙ୍କର ଜୀବନଦାତା। ଆପଣମାନେ ଯେଉଁମାନେ ଅଚ୍ୟୁତ ନିଷ୍ଠା ଆନୁଗତ୍ୟ ସହକାରେ ମୋ ସଙ୍ଗେ actively (ସକ୍ରିୟ ଭାବରେ) କାମ କରିଛନ୍ତି, ସେମାନେ ହେଲେ **future Gurus and Saviours of humanity** (ମାନବ ଜାତିର ଭବିଷ୍ୟ ଗୁରୁ ଓ ଉଦ୍ଧାର କର୍ତ୍ତା)।

ନିୟନ୍ତ୍ରଣ, ସାମଞ୍ଜସ୍ୟ, ସମାଧାନ କ'ଣ ସେ ବିଷୟରେ ଶ୍ରୀଶ୍ରୀଠାକୁର କହିଲେ—ଧରନ୍ତୁ କଲିକତା ଘର କିଣିବା ପାଇଁ ଲକ୍ଷେ ପଚିଶହଜାର ଟଙ୍କା ଉଠାଇବାକୁ ହେବ। ଆପଣ ଭାବିଲେ ପାଞ୍ଚଶହ ଲୋକଙ୍କଠାରୁ ଟଙ୍କା ଉଠାଇବେ, ଏହା ହେଲା ନିୟନ୍ତ୍ରଣ ; ତାପରେ ଠିକ୍ କଲେ ପ୍ରତ୍ୟେକଙ୍କ ପାଖରୁ ୨୫୦ ଟଙ୍କା ଲେଖାଏଁ ନେବେ, ତାହେଲା ସାମଞ୍ଜସ୍ୟ ; ତାପରେ କିପରିଭାବରେ ଏଇ ଟଙ୍କା ସଂଗ୍ରହ କରିବେ ସେ ଉପାୟଟା ଆପଣ ଚିନ୍ତା କରି ଠିକ୍ କରିନେଲେ—ତାହା ହେଲା ଆପଣଙ୍କର ସମାଧାନ।

"ମାମୁପେତ୍ୟ ତୁ କୌନ୍ତେୟ ପୁନର୍ଜନ୍ମ ନ ବିଦ୍ୟତେ" ଗୀତାରୁ ଏହି ପ୍ରସଙ୍ଗରେ କହିଲେ—ସ୍ମୃତିବାହୀ ଚେତନା ଥିଲେ ମୃତ୍ୟୁ ମଧ୍ୟ ମୃତ୍ୟୁ ନୁହେଁ, ପୁନର୍ଜନ୍ମ ମଧ୍ୟ ପୁନର୍ଜନ୍ମ ନୁହେଁ।

ଅନ୍ୟାନ୍ୟ କଥାବାର୍ତ୍ତା ପରେ କେଷ୍ଟ ଭାଇ ଜଣଙ୍କର ବ୍ୟବସାୟ ଜୀବନର ଉନ୍ନତିର ଇତିବୃତ୍ତି ଶ୍ରୀଶ୍ରୀଠାକୁରଙ୍କୁ କହିଲେ। ଶ୍ରୀଶ୍ରୀଠାକୁର ଶୁଣି କହିଲେ—ସ୍ୱସ୍ତ୍ୟୟନୀର ଗୋଟିଏ principle (ନୀତି) ତା ଭିତରେ ଅଛି। ଯେ ଯେଉଁଠାରୁ evolve (ଉନ୍ନତି ହେଉ) କରୁ ନା କାହିଁକି, ଏହାକୁ ମାନିବାକୁ ହେବ। ସ୍ୱସ୍ତ୍ୟୟନୀର ପାଞ୍ଚଟି ନୀତି ଅଛେ ବହୁତେ ଯେଉଁମାନଙ୍କର ଚରିତ୍ରଗତ, ସେମାନଙ୍କର ଆଉ ଉନ୍ନତିର ଭାବନା କରିବାକୁ ହେବ ନାହିଁ।

## ମାଘ ୨୧, ରବିବାର, ୧୩୪୬ (ଇଂ ୪/୨/୪୦)

ଉପରବେଳା ଅନେକେ ଶ୍ରୀଶ୍ରୀଠାକୁରଙ୍କ ସାମନାରେ ଟାଳଘରେ ବସିଛନ୍ତି। ଶ୍ରୀଶ୍ରୀଠାକୁର ଜଣେ ଭାଇଙ୍କୁ ଲକ୍ଷ୍ୟ କରି କହିଲେ—ମୁଁ ତାକୁ କହୁଥିଲି ଯେ, ମୋର ଯାହା ଉପରେ ଝୁଁକ୍ ହୁଏ, ତାକୁ ମୋପରି କରି ନେଇ ନପାରିଲେ, ଶାନ୍ତି ପାଏ ନାହିଁ—ଗାଳିମନ୍ଦ କରି ମାରଧର କରି, ଯେପରି କରି ହେଉନା ତାକୁ ସେଇପରି ଦେଖିବାକୁ ଇଚ୍ଛା କରେ। ଏହା ଯେ ସହ୍ୟ କରି ପାରେନାହିଁ, ସେ କିନ୍ତୁ ଆଉ ପାରିଲା ନାହିଁ। ରାମଦାସ ସ୍ୱାମୀ ଶିବାଜୀଙ୍କ ଉପରେ କେତେ କଠୋର ଥିଲେ। ଶିବାଜୀ କିନ୍ତୁ ରାମଦାସଙ୍କ ଶାସନ ମୁଣ୍ଡନୁଆଇଁ ଗ୍ରହଣ କରୁଥିଲେ। ଏପରି ଜିଦ ଥିବା ଦରକାର ସମସ୍ତଙ୍କୁ ଇଷ୍ଟାନତ ନ କଲା ପର୍ଯ୍ୟନ୍ତ କ୍ଷାନ୍ତ ହେବି ନାହିଁ, ଏଥିପାଇଁ ଚରମ ଦୁଃଖ ହେଉ ବା ହେଉ ଉନ୍ନତିର ଉନ୍ନତ ଶିଖର ! ଟାଣ ଯାହାର ଯେତେ ନିର୍ଭୀକ, ସଂକଳ୍ପ ମଧ୍ୟ ତା'ର ସେତେ ପକ୍କା।

## ମାଘ ୨୨, ସୋମବାର, ୧୩୪୬ (ଇଂ ୫/୨/୪୦)

ସକାଳେ ବନ୍ଧ ପାଖରେ ଟାଳଘରେ, ଶ୍ରୀଶ୍ରୀଠାକୁର ସ୍ଫୂର୍ତ୍ତିଯୁକ୍ତ ହୋଇ ଆଳାପ-ଆଲୋଚନା କରୁଛନ୍ତି। କେଷ୍ଟ ଭାଇ (ଭଟ୍ଟାଚାର୍ଯ୍ୟ), ରାମ ଭାଇ (ବିଶ୍ୱାସ),



ହରିପଦ ଭାଇ (ସାହା), ଉମାପଦ ଭାଇ (ବାଗଚୀ), ଖଗେନ ଭାଇ (ସାହା) ଓ ପ୍ରଫୁଲ୍ଲ ଭାଇ ଇତ୍ୟାଦି ଶ୍ରୀଶ୍ରୀଠାକୁରଙ୍କ ଘରେ ଅଛନ୍ତି। ଶ୍ରୀଶ୍ରୀଠାକୁର କହିଲେ—ଋତ୍ୱିକ୍-ଅଧ୍ୱର୍ଯ୍ୟୁଙ୍କ ପକ୍ଷେ ମାସିକ ଦୁଇ ଚାରିଶହ ଟଙ୍କା ପ୍ରୀତି-ଅବଦାନ ପାଇବା କଠିନ କିଛି ନୁହେଁ। ଏପରି ହେବ ଯେ ଭଲ ଲୋକ ଯେତେ ସବୁ, ଏଠାକୁ ଚାଲି ଆସିବେ ସରକାରୀ ଚାକିରୀ ପାଇଁ ଲୋକ ମିଳିବେ ନାହିଁ। ଗୋଟାଏ ସବ୍ ଡେପୁଟି ଚାକିରୀଠାରୁ ଯାଜକର କାମ ସବୁଦିଗରୁ ଲାଭଜନକ। ପ୍ରତ୍ୟେକ ଋତ୍ୱିକ୍‌ଙ୍କ ସଙ୍ଗେ ପୁଣି ତାଙ୍କର staff (କର୍ମଚାରୀ) ଥିବେ, ଡାକ୍ତର ଥିବେ, Engineer (ଯନ୍ତ୍ରୀ) ଥିବେ, Agriculturist (କୃଷିବିଦ୍ୟାବିତ୍) ଥିବେ Scientist (ବୈଜ୍ଞାନିକ) ଥିବେ। ହୁଏତ ଗୋଟାଏ ଅଞ୍ଚଳରେ ବୃଷ୍ଟି ହେଉନାହିଁ, ସଙ୍ଗେ ସଙ୍ଗେ ଋତ୍ୱିକ୍‌ଙ୍କ ଚିନ୍ତାହେବ, ତାଙ୍କ ଦଳ research (ଗବେଷଣା) ଆରମ୍ଭ କରିଦେବେ। ଏମାନେ ସର୍ବତୋଭାବରେ service (ସେବା) ଦେବେ। ସ୍ୱରାଜ, ସ୍ୱରାଜ କରୁଛନ୍ତି ଏହିପରି ଭାବରେ ଚଳିଲେ movement (ଆନ୍ଦୋଳନ) ନ କରି ସ୍ୱରାଜ ଆସିଯିବ। କେଉଁଟା ଭଲ, କେଉଁଟା ସୁବିଧା ଜନକ, ଲୋକ ଆପଣାଛାଏଁ ବୁଝି ପାରିବେ। ସେତେବେଳେ ଜଣେ District Magistrate (ଜିଲ୍ଲା ଶାସନକର୍ତ୍ତା) କୌଣସି କାମ କରିବାକୁ ଗଲେ ଋତ୍ୱିକ୍ ମାନଙ୍କର ପରାମର୍ଶ ନ ନେଇ କିଛି କରି ପାରିବେ ନାହିଁ। ସେମାନେ ନିଜେଇ ବୁଝି ପାରିବେ ଯେ ସେମାନେ କେତେ କାର୍ଯ୍ୟାକ୍ଷମ ଓ ଏମାନେ କେତେ। ଲୋକେ ଆଉରି ବୁଝିବେ ଯେ—ନିଜେ କ୍ଷୀଣ ହୋଇ ଯେଉଁ movement (ଆନ୍ଦୋଳନ) କରାଯାଏ, ତା'ର କ'ଣ ଫଳ ଆଉ ଏହାର କ'ଣ ଫଳ। ଏଇ ସହଜ କଥାଟା ଅନେକେ ବୁଝନ୍ତି ନାହିଁ। ତେଣୁ ଦେଖନ୍ତୁ ଆର୍ଯ୍ୟ ପଦ୍ଧାଟା କ'ଣ ? ଏଇଥିପାଇଁ ଯଜନ, ଯାଜନ, ଇଷ୍ଟଭୃତିର କଥାଟା ଶାସ୍ତ୍ରରେ ଏତେ କରି କୁହାଯାଇଛି ! ଋତ୍ୱିକ୍-ଅଧ୍ୱର୍ଯ୍ୟୁ ଓ ଯାଜକର profession (ବୃତ୍ତି) ଠାରୁ honourable profession (ସମ୍ମାନୀୟ ବୃତ୍ତି) ଆଉ ହୋଇ ପାରେ ନା। ଏମାନଙ୍କର ପ୍ରତ୍ୟେକଟା ପଇସା ମଣିଷର ଅନ୍ତର-ଉଚ୍ଛଳା ଆବେଗରୁ ଆସିଥାଏ—ଏହା କେତେ ପବିତ୍ର, ଚାକିରୀ ପଇସା ସହିତ ଏହାର ତୁଳନା ହୁଏ ନା।

## ମାଘ ୨୪, ବୁଧବାର, ୧୩୪୬ (ଇଂ ୭/୨/୪୦)

ବନ୍ଧ ପାଖରେ ତାମ୍ବୁରେ ବସି ଶ୍ରୀଶ୍ରୀଠାକୁର ଜଣେ ମୌଲବୀ ସାହେବଙ୍କ ସଙ୍ଗେ ଉପରବେଳା ଆଳାପ-ଆଲୋଚନା କରୁଥିଲେ। ପୂର୍ବବର୍ତ୍ତୀ ଓ ପରବର୍ତ୍ତୀଙ୍କ କଥା ରସୁଲ କେତେକରି କହି ଯାଇଛନ୍ତି—ଏପରିକି କହିଛନ୍ତି ବୋଲି ଶୁଣିଛି, ଏତେ prophet (ପ୍ରେରିତ ପୁରୁଷ) ଆସିବେ ଯେ ସମସ୍ତଙ୍କର ନାମ ଦେବା ସମ୍ଭବ ନୁହେଁ। ଏହାମଧ୍ୟ କହିଛନ୍ତି—ଯେ ପ୍ରେରିତ ପୁରୁଷ ମଧ୍ୟରେ ପ୍ରଭେଦ କରେ ଏବଂ ଜଣକୁ ବଡ଼ ଜଣକୁ ଛୋଟ କରିବାକୁ

ଚେଷ୍ଟା କରେ ସେ ହେଉଛି କାଫେର। ବାପର ହୁଏତ ପାଞ୍ଚଟି ପୁଅ ଅଛନ୍ତି, ଜଣକୁ ବାପର ପୁଅ ବୋଲି ସ୍ୱୀକାର କଲ ଆଉ ଚାରି ଜଣକୁ କଲ ନାହିଁ ଏହାଦ୍ୱାରା ବାପାକୁହିଁ ଛୋଟ କରାଗଲା ନାହିଁ କି? ପୌତ୍ର ଭିତରେ ଯଦି ପିତାମହଙ୍କୁ ଦେଖି ନପାରିଲ ତାହେଲେ ପିତାମହଙ୍କୁହିଁ ଦେଖା ହୋଇ ନାହିଁ। ପୌତ୍ର ମଧ୍ୟରେ ପିତାମହ ଅଛନ୍ତି—ପରବର୍ତ୍ତୀଙ୍କ ମଧ୍ୟରେ ପୂର୍ବବର୍ତ୍ତୀ ବି ଅଛନ୍ତି। ଟିକା-ଟିପଣୀହିଁ ସର୍ବନାଶ କରେ, ସହଜ କଥାଟାକୁ ବୁଲାଇ ବଙ୍କା କରି ପକାଏ। ଅସଲ କଥାଟା ବୁଝାଯାଏ। ସେଠାରେ କିଛି ଅସଂଗତି ନାହିଁ। ବ୍ୟାଖ୍ୟାକାରଙ୍କ ବାହାଦୁରୀରେହିଁ ଗଣ୍ଡଗୋଳ ସୃଷ୍ଟି ହୁଏ। ଦଳେ ଅଛନ୍ତି ସେମାନେ ଖୋଦାକୁ ମାନନ୍ତି, କିନ୍ତୁ ରସୁଲଙ୍କୁ ମାନନ୍ତି ନାହିଁ—ଏପରି ଅସମ୍ଭବ କଥା ମଧ୍ୟ ପୁଣି ମଣିଷ କହନ୍ତି। ହଜରତ୍ ରସୁଲ, ହଜରତ୍ ଈଶା, ହଜରତ୍ ବୁଦ୍ଧଙ୍କ ମଧ୍ୟରେ ଅନେକେ ପୁଣି ପାର୍ଥକ୍ୟ ସୃଷ୍ଟି କରନ୍ତି—ଏହାଠାରୁ ଭୁଲ ଆଉ ନାହିଁ।

ରାତିରେ ଶ୍ରୀଶ୍ରୀଠାକୁର କହିଲେ—ବଙ୍ଗଳାରେ ଯେ' କେତେଟା division (ବିଭାଗ) ଅଛି ସେଇ କେତେଟା University (ବିଶ୍ୱ ବିଦ୍ୟାଳୟ) ହେବା ଦରକାର। ଜଣେ ଜଣେ ଋଷିଙ୍କ ନାମରେ ଗୋଟିଏ University (ବିଶ୍ୱ ବିଦ୍ୟାଳୟ) ହେବ! ସେମାନଙ୍କର (ସମ୍ପୃକ୍ତ ଋଷିଙ୍କର) work revive (କାର୍ଯ୍ୟ ପୁନରୁଦ୍ଧାର) କରିବା, ସେଇ ସମ୍ବନ୍ଧରେ research (ଗବେଷଣା) କରିବା—ସେମାନଙ୍କର idea popularise (ସାଧାରଣଙ୍କ ମଧ୍ୟରେ ପ୍ରଚାର) କରିବା ହେବ ତା'ର (ଉକ୍ତ ବିଶ୍ୱବିଦ୍ୟାଳୟର) ପ୍ରଧାନ ବୈଶିଷ୍ଟ୍ୟ—ଅନ୍ୟସବୁ ବିଷୟ ମଧ୍ୟ ପଢ଼ା ହେବ।

ଶ୍ରୀଶ୍ରୀଠାକୁର ଶୋଇବାକୁ ଯିବା ଆଗରୁ କହିଲେ—ଆଜି ଇଷ୍ଟଭୃତି ସମ୍ବନ୍ଧରେ ଆଠ-ଦଶଟା ଛଡ଼ା ଦେଇଛି।

ପ୍ରଫୁଲ୍ଲ—ଆପଣ ଯେଉଁ movement (ଆନ୍ଦୋଳନ) କରିବାକୁ ଚାହୁଁଛନ୍ତି—ଇଷ୍ଟଭୃତି ତା'ର ଗୋଟାଏ ପ୍ରଧାନ factor (ଉପାଦାନ)।

ଶ୍ରୀଶ୍ରୀଠାକୁର—ମହାଭାରତ ସମୟରେ ମଧ୍ୟ କୁଆଡ଼େ ଯାଜନ ଓ ଲୋକଶିକ୍ଷାର ବିଧିବଦ୍ଧ ବ୍ୟବସ୍ଥା ଥିଲା। ଶୁଣିଛି ଋତ୍ୱିକ୍, ଅଧ୍ୱର୍ଯ୍ୟୁଙ୍କ ଉଲ୍ଲେଖ ମହାଭାରତରେ ମଧ୍ୟ ଅଛି।

ପ୍ରଫୁଲ୍ଲ—ଆପଣଙ୍କ movement (ଆନ୍ଦୋଳନ) ସଙ୍ଗେ ଶ୍ରୀକୃଷ୍ଣଙ୍କର movement (ଆନ୍ଦୋଳନ) ର ସବୁ ଦିଗରୁ ସାଦୃଶ୍ୟ ଅଛି—ଯେପରି parallel movement (ସମାନ୍ତରାଳ ଆନ୍ଦୋଳନ), politics (ରାଜନୀତି) ର କଥା ପର୍ଯ୍ୟନ୍ତ ବାଦ୍ ଯାଇନାହିଁ।

ଶ୍ରୀଶ୍ରୀଠାକୁର—ସତେ ଏପରି ସାଦୃଶ୍ୟ ଅଛି ? ମୁଁ କିନ୍ତୁ ଇଚ୍ଛା କରି କାହିଁରେ ହାତ ଦେଇନାହିଁ, ସବୁ evolve (ଉଦ୍ଭିନ୍ନ) କରିଛି, କିପରି ଭାବରେ ହୋଇଯାଇଛି ତ।



## ଆଷାଢ଼ ୧୦, ସୋମବାର, ୧୩୪୭ (ଇଂ ୨୪/୬/୪୦)

କେଷ୍ଟ ଭାଇ (ଭଟ୍ଟାଚାର୍ଯ୍ୟ) ଏବଂ ଅନ୍ୟ ସମସ୍ତେ ସନ୍ଧ୍ୟାରେ ଶ୍ରୀଶ୍ରୀଠାକୁରଙ୍କ ପାଖରେ ବସି ଯୁଦ୍ଧ ବିଷୟ ଆଳାପ-ଆଲୋଚନା କରୁଛନ୍ତି। ଶ୍ରୀଶ୍ରୀଠାକୁର ବାହାରେ ଖଟ ଉପରେ ଅର୍ଦ୍ଧଶାୟିତ ଅବସ୍ଥାରେ ଅଛନ୍ତି। ଯାହା ଆରମ୍ଭ କରି ଦିଆଯାଇଛି, ଯଦି propagate (ପ୍ରଚାର) କରିବାର ସମୟ ଟିକକ ମିଳେ, ଇତିମଧ୍ୟରେ ଯଦି କିଛି ବିପର୍ଯ୍ୟୟ ନ ଘଟେ ତେବେ ଏହାହିଁ ହେବ world rescue (ପୃଥିବୀ ଉଦ୍ଧାରର ପଥ) ଏବଂ ଏହା ଖୁବ୍ normal (ସ୍ୱାଭାବିକ), Utopian (କାଳ୍ପନିକ) କିଛିନାହିଁ ଏହା ଭିତରେ। Bengal (ବଙ୍ଗଳା) ଯଦି ଗୋଟାଏ Unit ହୋଇ ଛିଡ଼ାହୁଏ, Bengal (ବଙ୍ଗଳା) ଯଦି ଠିକ୍ ହୁଏ, ତେବେ ସହଜରେ ଆଉ ସବୁ ହୋଇଯିବ। ଏକ ମୁହୂର୍ତ୍ତରେ ଭାରତ ଜଗତର ଗୁରୁ ହୋଇପାରେ।

ଏହାପରେ ଶ୍ରୀଶ୍ରୀଠାକୁର ତମାଖୁ ଖାଉ ଖାଉ କଥାବାର୍ତ୍ତା କରୁଛନ୍ତି—ଏଇ ସମୟରେ ଦୂରରୁ ଶ୍ରୀ ହେମ ଚୌଧୁରୀଙ୍କୁ ଦେଖିବା ମାତ୍ରେ ଆଶ୍ଚର୍ଯ୍ୟ ହୋଇ ନଳଟାକୁ ଥୋଇ ଦେଇ ଉଠି ଛିଡ଼ାହୋଇ ତାଙ୍କୁ ଭାଇ ବୋଲି ପରମ ସମାଦରେ ଅଭ୍ୟର୍ଥନା କରି ବସାଇଲେ। ସେ ଖଣ୍ଡେ ଚୌକିରେ ବସିବା ପରେ ନିଜେ ବସିଲେ।

## ଆଷାଢ଼ ୧୧, ମଙ୍ଗଳବାର, ୧୩୪୭ (ଇଂ ୨୫/୬/୪୦)

ସକାଳବେଳା ଶ୍ରୀଶ୍ରୀଠାକୁର ଛୋଟଘରେ ବସି କହୁଥିଲେ—ଇଷ୍ଟଭୃତି ଜିନିଷଟା ଆଗେ ଥିଲା, ସ୍ୱସ୍ତ୍ୟୟନୀଟା ମୁଁ ଠିକ୍ଠାକ୍ କରି ଦେଉଛି—ସ୍ୱସ୍ତ୍ୟୟନୀର form (ସ୍ୱରୂପ) ଟା ଦେଉଛି, ଏହା ସେ ଦିଗରୁ ନୂତନ, ଆଗେ ଥିଲେ ମଧ୍ୟ ବୁଝା ପଡୁ ନଥିଲା। ଇଷ୍ଟଭୃତି, ସ୍ୱସ୍ତ୍ୟୟନୀ ଯଦି କରାଯାଏ ତାହେଲେ ଦେଖ ଗୋଟାଏ ଦୁଇଟା ପୁରୁଷ ମଧ୍ୟରେ କ'ଣ ହୋଇପାରେ ! ଗୋଟାଏ ଦୁଇଟା ପୁରୁଷ ପରେ ବୁଝାଯିବ।

ଇଷ୍ଟଭୃତିରେ ପୁରୁଷକାର ଓ ଦୈବର ଯୋଜନ ହୁଏ—ଏହାର ଅର୍ଥ ଜାଣିବାକୁ ଚାହିଁବାରୁ, ଶ୍ରୀଶ୍ରୀଠାକୁର କହିଲେ—ପୁରୁଷକାର ହେଲା motor part (କାର୍ଯ୍ୟକାରୀ ଅଙ୍ଗ) ଏବଂ ଦୈବ ହେଲା sensory part (ଅନୁଭୂତିର ଅଙ୍ଗ)। ଇଷ୍ଟପାଇଁ କେତେକ କର୍ମ କଲେ—କର୍ମଗୁଡ଼ିକର ଯେଉଁ accumulated effect (ସଂଚିତ) ଫଳ ତାହା ଆମର ବୋଧରେ ଧରାପଡ଼େ—ଅର୍ଥାତ୍ କେତେକ ଅଜଣା ଜିନିଷ ଜାଣିହୁଏ ଏହା ଭିତରଦେଇ, ତାଫଳରେ ସେ ଜଣାନୁସାରେ ପରେ କାମ କରିବାକୁ ସୁବିଧା ହୁଏ। ଇଷ୍ଟାନୁଗ ବୋଧ, ଅଭ୍ୟାସ ଓ ପ୍ରେରଣା ତଦନୁଗ କର୍ମରେ ପ୍ରବୃତ୍ତ କରେ। ଏଇ ଭାବରେ ଚାଲେ।

ପ୍ରଶ୍ନ କରାହେଲା—ଯେ କୌଣସି କାମ କଲେ ତ ତାର effect (ଫଳ)

ଅଛି—କେବଳ ଇଷ୍ଟଭୃତି କାହିଁକି ?

ଶ୍ରୀଶ୍ରୀଠାକୁର—ଯେଉଁମାନଙ୍କର କୌଣସି principle (ଆଦର୍ଶ) ନାହିଁ—ସେମାନେ ବୁଝିପାରନ୍ତି ନାହିଁ, effect (ଫଳ) ଟା କାମରେ ଲଗାଇ ପାରନ୍ତି ନାହିଁ, ସେମାନଙ୍କର experience (ଅଭିଜ୍ଞତା) ହୁଏ ନାହିଁ। କାରଣ, ପ୍ରବୃତ୍ତି ସେମାନଙ୍କର ନାକରେ ଦଉଡ଼ିଦେଇ ଯେତେବେଳେ ଯେଉଁଭାବରେ ଚଳାଏ, ସେମାନେ ସେଇପରି ଚାଲିବାକୁ ବାଧ୍ୟ ହୁଅନ୍ତି। ବିଚାର-ବିଶ୍ଳେଷଣ କରି ସଭାପୋଷଣୀ ହେଲା ପରି ଚଳି ପାରନ୍ତି ନାହିଁ।

## ଆଷାଢ଼ ୧୨, ବୁଧବାର, ୧୩୪୭ (ଇଂ ୨୬/୬/୪୦)

ଶ୍ରୀଶ୍ରୀଠାକୁର ଉପରବେଳା Philanthropy Office (ସତ୍‌ସଙ୍ଗ ଅଫିସ)ରେ ଆସି ବସିଛନ୍ତି। କେତେଜଣ ମୁସଲମାନ ଭଦ୍ରଲୋକ town (ସହର)ରୁ ଆସିଛନ୍ତି। ସେମାନଙ୍କ ମଧ୍ୟରୁ ଜଣେ ପଚାରିଲେ, ଆପଣଙ୍କର claim (ଦାବୀ) କ'ଣ ? Jesus, Mohammed (ଯୀଶୁ, ମହମ୍ମଦ) ସମସ୍ତେ ତ ସେମାନଙ୍କର claim (ଦାବୀ) ଜଣାଇଥିଲେ, ଆପଣଙ୍କର କ'ଣ ସେପରି କିଛି claim (ଦାବୀ) ଅଛି ?

ଶ୍ରୀଶ୍ରୀଠାକୁର—ମୁଁ claim (ଦାବୀ) ବୁଝେନା—ସେ ଯାହା କୁହାନ୍ତି, କରାନ୍ତି ତାହାହିଁ କହେ, କରେ। ମୁଁ ହେଲି ଢୋଲର ବାଘୁଁ ପରି।

## ଆଷାଢ଼ ୧୮, ମଙ୍ଗଳବାର, ୧୩୪୭ (ଇଂ ୨/୭/୪୦)

ବରିଶାଲର ଅତୁଲ ଭାଇ (ଗୁହ), ଅକ୍ଷୟ ଭାଇ (ପୂତତୁଣ୍ଡ) ଇତ୍ୟାଦି ଏବଂ କେଷ୍ଟ ଭାଇ (ଭଟ୍ଟାଚାର୍ଯ୍ୟ) ଓ ଆଉ କେତେଜଣ ରାତ୍ରିରେ ଶ୍ରୀଶ୍ରୀଠାକୁରଙ୍କ ପାଖରେ ବସିଛନ୍ତି। ଶ୍ରୀଶ୍ରୀଠାକୁର ନାନାକଥା କହୁଛନ୍ତି—ପୁରୁଷର ଅନୁଲୋମ ଅସବର୍ଣ୍ଣ ବିବାହ ଓ ବହୁବିବାହ ଏକାନ୍ତ ଦରକାର। ବହୁ ବିବାହଠାରୁ ଆରମ୍ଭ କଲେ ନିକୃଷ୍ଟ ପୁରୁଷମାନେ ଆଉ ଝିଅ ପାଇବେ ନାହିଁ, ଫଳରେ ଅନ୍ୟ ସମାଜରୁ ଅନୁଲୋମ କ୍ରମରେ ଝିଅ ଆଣିବାକୁ ଚେଷ୍ଟା କରିବେ—ଏହାଦ୍ୱାରା ସମାଜ ପୁଷ୍ଟ ହେବ—ସମାଜର ଆତ୍ମୀକରଣ ଓ ଆପ୍ତିକରଣ କ୍ଷମତା ମଧ୍ୟ ବଢ଼ିଯିବ।

ଟିକିଏ ପରେ ପୁଣି କହିଲେ—ହଜରତ ଯୀଶୁ, ହଜରତ ମହମ୍ମଦ ଆମର ମଧ୍ୟ prophet (ପ୍ରେରିତ ପୁରୁଷ)। ଆର୍ଯ୍ୟଧାରା ଯଦି ଜୀବନ୍ତ ଥାନ୍ତା, ତା'ହେଲେ ହଜରତ ଯୀଶୁ ଓ ହଜରତ ମହମ୍ମଦ ଯଥାକ୍ରମେ ଏକାଦଶ ଓ ଦ୍ୱାଦଶ ଅବତାର ରୂପେ ପରିଗଣିତ ହୋଇଥାନ୍ତେ। Anti-Biblism (ବାଇବେଲ ବିରୋଧୀ), Anti-Quranism (କୋରାନ-ବିରୋଧୀ), Anti-Vedism (ବେଦ-ବିରୋଧୀ) ବିରୁଦ୍ଧରେ ଛିଡ଼ାହୋଇ



ତା'ର ନିରାକରଣ କରିବାକୁ ହେବ। ଶାକ୍ତ-ବିପ୍ର ଏବଂ ବୈଷ୍ଣବ-ବିପ୍ର ପରିବାରଙ୍କ ଭିତରେ ଯେପରି ବିବାହ ଇତ୍ୟାଦିର କୌଣସି ନିଷେଧ ନାହିଁ—ସୌର-ବିପ୍ର ଓ ଗାଣପତ୍ୟ-ବିପ୍ର ମଧ୍ୟରେ ଯେପରି ବିବାହ ହେଉଛି—ରସୁଲଭକ୍ତ-ବିପ୍ର, ବୁଦ୍ଧ-ଭକ୍ତ ବିପ୍ର, ଖ୍ରୀଷ୍ଟ-ଭକ୍ତ ବିପ୍ର ମଧ୍ୟରେ ସେହିପରି ବିଧିମାଫିକ୍ ବିବାହ ଇତ୍ୟାଦି ହୋଇପାରେ—ଏଥିରେ କୌଣସି ବାଧାନାହିଁ। କାରଣ, ସ୍ୱଧର୍ମ ଓ କୃଷ୍ଟିନିଷ୍ଠ ଥାଇ ଯେ କୌଣସି ପୂରୟମାଣ ମହାପୁରୁଷଙ୍କ ପ୍ରତି ଶ୍ରଦ୍ଧାନୀତି ସହକାରେ ଚଳିଲେ ତାହା ଧର୍ମର ପରିପନ୍ଥୀ ହୁଏ ନାହିଁ, ବରଂ ପାରିପୋଷକ ହୁଏ। ତେବେ ପ୍ରତ୍ୟେକଟି ବିବାହ ବିଷୟରେ ଖୁବ୍ ସତର୍କ ରହିବାକୁ ହେବ, ଯେପରିକି କୌଣସି ପ୍ରକାର ବ୍ୟତିକ୍ରମ ବା ପ୍ରତିଲୋମ ସଂଶ୍ରବ ନଘଟେ।

## ଆଷାଢ଼ ୧୯, ବୁଧବାର, ୧୩୪୭ (ଇଂ ୩/୭/୪୦)

ଅକ୍ଷୟ ଭାଇ (ପୂତତୁଣ୍ଡ), କେଷ୍ଟ ଭାଇ (ଭଟ୍ଟାଚାର୍ଯ୍ୟ) ଆଉରି ଅନେକେ ସକାଳେ ଶ୍ରୀଶ୍ରୀଠାକୁରଙ୍କ ଘରେ ବସିଛନ୍ତି।

ଶ୍ରୀଶ୍ରୀଠାକୁର—Organisation (ସଂଗଠନ) ପାଇଁ ଭଲ ଲୋକ ଦରକାର। Active (କର୍ମଠ), sincere (ନିଷ୍ଠାପର) ଏବଂ common-sense (ସାଧାରଣ ଜ୍ଞାନ) ବାଲା ଲୋକହିଁ organisation (ସଂଗଠନ) ପାଇଁ ଉପଯୁକ୍ତ। Organisation ର Instinct (ସଂସ୍କାର) ଆମ ମଧ୍ୟରେ ପ୍ରବେଶ କରିବା ଦରକାର—ଜଣେ ହୁଏତ ତୁମକୁ ଅଯଥା ଗାଳିଦେଲା—ସଙ୍ଗେ ସଙ୍ଗେ ଆଉ ଜଣେ ଯଦି ଆସି ତାକୁ ଧରେ, ତାକୁହିଁ କୁହାଯାଏ organisation (ସଂଗଠନ)। ପ୍ରତ୍ୟେକ ପ୍ରତ୍ୟେକଙ୍କ ପାଇଁ feel (ବୋଧ) କରିବେ, ପ୍ରତ୍ୟେକ ନିଜର କାମ କରିବେ, ପ୍ରତ୍ୟେକେ ପ୍ରତ୍ୟେକଙ୍କୁ help (ସାହାଯ୍ୟ) କରିବେ। ଏହା ବୁଝିବା ଉଚିତ୍ ଯେ, କେହି ଯଦି affected (ବ୍ୟାହତ) ହୁଏ, ସେ ନିଜେହିଁ ତଦ୍ୱାରା affected (ବ୍ୟାହତ) ହୋଇଛି। ସେ ତା'ର ସ୍ଥାନ ଛାଡ଼ିଦେଇ out of inferiority (ହୀନତ୍ୱ ପରବଶତା ଯୋଗୁଁ) ଅନ୍ୟ କାହାର କିଛି ହେଉ ଚାହିଁବ ନାହିଁ, ସଗୌରବେ ତା'ର ଦାୟିତ୍ୱ ସଂପାଦନ କରି ଅନ୍ୟ ସମସ୍ତଙ୍କର ସୁବିଧା କରି ଦେବ। ଆମର ଏଇ body system (ଶରୀର ବିଧାନ) ପରି ହେବା ଦରକାର—ଆଖି ଆଖି ହୋଇଥାଏ, ଆଖି କଦାପି କାନ ହେବାକୁ ଚାହେଁ ନାହିଁ, କାନ ମଧ୍ୟ ଆଖି ହେବାକୁ ଚାହେଁ ନାହିଁ—ତାହେଲେ ଗଣ୍ଡଗୋଳ ହୋଇଯିବ। ପ୍ରତ୍ୟେକଟା part (ଅଙ୍ଗ) ପ୍ରତ୍ୟେକଟା part (ଅଙ୍ଗ) କୁ help (ସାହାଯ୍ୟ) କରେ, ନିଜର କାମ କରିଯାଏ; ସେ ଜାଣେ ଯେ, ସେପରି ନହେଲେ ସମଗ୍ର ଶରୀର ସହ ସେ ନିଜେ ମଧ୍ୟ ଦୁର୍ବଳ ହୋଇଯିବ—ମରିଯିବ। ଏତେ automatic (ସ୍ୱତଃ) ହେବାକୁ ହେବ।

## ଆଷାଢ଼ ୨୮, ଶୁକ୍ରବାର, ୧୩୪୭ (ଇଂ ୧୨/୭/୪୦)

ଅରୁଣ (ଜୋୟାରଦାର) ଖୁବ୍ ଅନ୍ୟାୟ କରିବା ଯୋଗୁଁ ଶ୍ରୀଶ୍ରୀଠାକୁର ତାକୁ ବେଶ ଭଲ ଭାବରେ ମାଡ଼ ଦେଇଥିଲେ। ସମସ୍ତେ ଶ୍ରୀଶ୍ରୀଠାକୁରଙ୍କ ରାଗ ଦେଖି ଭୟଭୀତ ହୋଇ ଯାଇଥିଲେ। ସଙ୍ଗେ ସଙ୍ଗେ ଶ୍ରୀଶ୍ରୀଠାକୁରଙ୍କର ଶାନ୍ତ ଓ ସୌମ୍ୟଭାବ ଫେରି ଆସିଲା—ସେତେବେଳେ ତାଙ୍କୁ ଦେଖି, ବୁଝିବାର ଉପାୟ ନଥିଲା ଯେ କ୍ଷଣକ ପୂର୍ବରୁ ସେ ରୁଦ୍ରମୂର୍ତ୍ତି ଧାରଣ କରିଥିଲେ।

ରାଧାରମଣ ଭାଇ (ଜୋୟାରଦାର—ଅରୁଣର ବାପା) ଆସିଲେ, ଶ୍ରୀଶ୍ରୀଠାକୁର ବାରମ୍ଭାର କହିବାକୁ ଲାଗିଲେ—ମା-ବାପାଙ୍କ ଉପରେହିଁ ସବୁକିଛି ନିର୍ଭର କରେ। ଯେତେବେଳେ ଶାସନ କରିବା ଦରକାର ସେତେବେଳେ କରନ୍ତି ନାହିଁ। ଯେତେବେଳେ ନିଜର ଅସୁବିଧା ହୁଏ, ନିଜେ ବିରକ୍ତ ହୁଅନ୍ତି, ସେତେବେଳେ ସହ୍ୟକରି ନପାରି ରାଗବଶତଃ ଅଯଥା ଶାସନ କରନ୍ତି। ଆମେ ପିଲାଛୁଆଙ୍କର ମଙ୍ଗଳ ଚାହୁଁନା। ବାପ ଯଦି ପିଲାକୁ ଶାସନ କରେ ମା'ତାକୁ ଗାଳିଗୁଲଜ କରେ, ତାପରେ ପିଲାଙ୍କ ସାମନାରେ ହୁଏତ ବାପ ମାକୁ ମାରିବାକୁ ଯାଏ ଏବଂ ମା ବାପକୁ ଗାଳିଗୁଲଜ କରେ। ଏ ପ୍ରକାର ବାତାବରଣରେ କ'ଣ ପିଲାଛୁଆ ଭଲ ହୋଇ ପାରନ୍ତି ? ଭବିଷ୍ୟତ ମାଟି ହୋଇଯାଏ। ଲେଖାପଢ଼ା ହେଉ ବା ନହେଉ ପିଲାଙ୍କର ଅଭ୍ୟାସ, ବ୍ୟବହାର, ଝୁଙ୍କ ଠିକ୍ କରିଦେଇ ପାରିଲେହିଁ ହେଲା। ୪/୫ ବର୍ଷ ମଧ୍ୟରେହିଁ ଏହାଠିକ୍ କରିଦେବା ଦରକାର। ଯେତେବେଶୀ ବୟସ ହେବ ସେତେବେଶୀ ଅସୁବିଧା ହେବ। ୪/୫ ବର୍ଷ ବୟସରେ ନହେଲେ, ୮/୧୦ ବର୍ଷ ବୟସରେ, ତା ନହେଲେ ୧୧/୧୨ ବର୍ଷ ବୟସରେ ଠିକ୍ କରିଦେବାକୁ ହୁଏ। ଏହାପରେ ଆଉ ହୋଇଉଠେ ନା। Guardian (ଅଭିଭାବକ), ମା, ବାପ ଯଦି ପିଲାକୁ ତିଆରି କରି ନ ଦିଅନ୍ତି, କୌଣସି ମାଷ୍ଟର କିଛି କରି ପାରିବ ନାହିଁ।

ପରେ ସନ୍ଧ୍ୟାବେଳେ ଗୋଟିଏ ଛଡ଼ା ଦେଲେ—ଛଡ଼ାଟି ସେ ପିଲାଟି ପାଇଁ ଦେଇଛନ୍ତି ବୋଲି ମଧ୍ୟ କହିଥିଲେ। କିପରି ଭାବରେ ତାକୁ ମଣିଷ କରି ଗଢ଼ିବାକୁ ହେବ, ତା ମା-ବାପାଙ୍କ ସଙ୍ଗେ ସେଇ ବିଷୟରେ ଆଳାପ-ଆଲୋଚନା କରିବାକୁ ଲାଗିଲେ। ଏହାପରେ କେଷ୍ଟ ଭାଇଙ୍କ ଉପରେ ପିଲାଟିର ଦାୟିତ୍ୱ ଦେଲେ। ଆମକୁ ମଣିଷ କରି ଗଢ଼ିବା ପାଇଁ ତାଙ୍କର କେତେ ଯେ ଦରଦ, କେତେ ଯେ ଚିନ୍ତା।

ଜଣେ ଭଦ୍ରଲୋକ ଶ୍ରୀଶ୍ରୀଠାକୁରଙ୍କୁ କହିଥିଲେ—ଯେଉଁମାନେ ଠିକ୍ ଭାବରେ ଚଳନ୍ତି ନାହିଁ, ସେମାନଙ୍କୁ ଆପଣ ସ୍ଥାନ ଦିଅନ୍ତି କାହିଁକି ?

ଶ୍ରୀଶ୍ରୀଠାକୁର—ସେମାନେ ହେଲେ fallen sons (ହତଭାଗ୍ୟ ସନ୍ତାନ), ଏବଂ



ମୁଁ ହେଲି ସେମାନଙ୍କର foolish father (ବୋକାପିତା)। ଭାବେ, ଦିନେ ନା ଦିନେ ଯଦି ସେମାନେ ମଣିଷ ହେବେ, ଯଦି.ଫେରିଆସିବେ।

## ଆଷାଢ଼ ୨୯, ଶନିବାର, ୧୩୪୭ (ଇଂ ୧୩/୭/୪୦)

ଶ୍ରୀଶ୍ରୀଠାକୁରଙ୍କ ପାଖରେ କେଷ୍ଟ ଭାଇ, ଶ୍ରୀଶ୍ରୀଠାକୁରଙ୍କ କଥିତ କେତେଗୁଡ଼ିଏ ଛଡ଼ା ପଢୁଥିଲେ। ଶ୍ରୀଶ୍ରୀଠାକୁର ଗୋଟିଏ ଛଡ଼ାର ବ୍ୟାଖ୍ୟା ପ୍ରସଙ୍ଗରେ କହିଲେ—ଯିଏ ଅଦ୍ରୋହୀ ହୋଇ ପାରନ୍ତି ସେ ସହଜରେ ଶତ୍ରୁମାନଙ୍କ ମଧ୍ୟରେ ମିଳନ ଘଟାଇ ପାରନ୍ତି। ସର୍ବଜ୍ଞତ୍ୱବୀଜ ସଂପର୍କରେ ଆଲୋଚନା ପ୍ରସଙ୍ଗରେ କହିଲେ—ଅନୁସନ୍ଧିତ୍ସା ଫଳରେ ସର୍ବଜ୍ଞତ୍ୱବୀଜର ସ୍ୱଭାବଟା ଯାହା ଭିତରେ ଫୁଟିଉଠେ, ସେ ଯେ କୌଣସି ପରିସ୍ଥିତିକୁ ନିଜର favour ରେ (ଆୟତ୍ତରେ) ନେଇ ଆସିପାରେ। ଶ୍ରୀକୃଷ୍ଣଙ୍କ ଜୀବନରେ ଏହା ଖୁବ୍ ସ୍ପଷ୍ଟଭାବରେ ଦେଖିବାକୁ ମିଳୁଥିଲା—ତାଙ୍କର ସମସ୍ତ ଜୀବନଟା ଯେପରି ଗୋଟିକଯାକ ଭଗବାନ। ଏବଂ ସବୁ କିଛିର ଏହିପରି ଅନୁକୂଳ ନିୟନ୍ତ୍ରଣହିଁ organisation (ସଂଗଠନ)। କଥା ପ୍ରସଙ୍ଗରେ ଶ୍ରୀଶ୍ରୀଠାକୁର କହିଲେ—ଛଡ଼ା ଗୁଡ଼ିକର minimum conception (ନ୍ୟୁନତମ ବୋଧ) ଯଦି ପ୍ରତ୍ୟେକ ପରିବାରରେ ଥାଏ ଏବଂ ସେମାନେ କର୍ମଭିତର ଦେଇ ଯଦି ତାହା ଅନୁସରଣ କରିବାକୁ ଚେଷ୍ଟା କରନ୍ତି, ତେବେ ଆଉ କିଛି ଦରକାର ହୁଏ ନାହିଁ।

ସରୋଜିନୀମା (ଅରୁଣର ମା) ଶ୍ରୀଶ୍ରୀଠାକୁରଙ୍କୁ ପଚାରିଲେ, ଆମ ପୁଅ ସିନେମା ଦେଖିବାକୁ ଯିବାକୁ ଚାହୁଁଛି, କ'ଣ କରିବି ?

ଶ୍ରୀଶ୍ରୀଠାକୁର—ନା, ସିନେମା ଯାଇ କିଛି ଲାଭ ହେବନାହିଁ।

ତାର କିଛି ସମୟପରେ ଅରୁଣ ଆସିଲା। ତାକୁ ଦେଖି କହିଲେ—ଯେତେଦିନ ଯାଏ ଏଠାରେ ସିନେମା ଗଢ଼ି ନତୋଳି ପାରିବୁ, ସେତେଦିନ ଯାଏ ସିନେମା ଦେଖିବାକୁ ଯିବୁ ନାହିଁ—କେଷ୍ଟ ଭାଇ କିମ୍ବା ତୋର ମା ଯଦି ତୋତେ ସଙ୍ଗରେ ନେଇ ଯିବାକୁ ଚାହାନ୍ତି ଏବଂ ତୁ ନଗଲେ ସେମାନେ ଦୁଃଖିତ ହୁଅନ୍ତି, ତେବେ ଯିବୁ।

ଅରୁଣ ମଧ୍ୟ ଖୁସି ହୋଇ ରାଜି ହେଲା। ଶ୍ରୀଶ୍ରୀଠାକୁର କେଷ୍ଟ ଭାଇଙ୍କୁ କହିଲେ—ତାକୁ ସଦାଚାର ଗୁଡ଼ିକ ଶିଖାଇବେ, ସନ୍ଧ୍ୟାଟା ମଧ୍ୟ ଯେପରି ରୀତିମତ କରେ।

## ଆଷାଢ଼ ୩୧, ସୋମବାର, ୧୩୪୭ (ଇଂ ୧୫/୭/୪୦)

ଶ୍ରୀଶ୍ରୀଠାକୁର ଉପରବେଳା ବସି ସହାସ୍ୟ ବଦନରେ କହୁଥିଲେ—ଛଡ଼ା ଗୁଡ଼ିକର ଦିନେ କେତେ ଆଦର ହେବ, ସ୍କୁଲରେ ପଢ଼ା ହେବ, ଏହାର କେତେ ବ୍ୟାଖ୍ୟା ହେବ, ପୁଣି ଜନ୍ମଗ୍ରହଣ କଲେ ସେଗୁଡ଼ିକ ପଢ଼ିବାକୁ ହେବ, ହୁଏତ ବ୍ୟାଖ୍ୟା ବୁଝି ପାରିବି ନାହିଁ,

ମାଷ୍ଟରଙ୍କଠାରୁ ମାଡ଼ ଖାଇବାକୁ ହେବ—ସେଇଥିପାଇଁ କ'ଣ ଏଗୁଡ଼ିକ ଲେଖୁଛି !

କେଷ୍ଟ ଭାଇ ମନୁସଂହିତାରୁ ପଢ଼ି ଶୁଣାଉଥିଲେ ଶ୍ରୀଶ୍ରୀଠାକୁରଙ୍କୁ—''ସ୍ତ୍ରୀ ଆୟ-ବ୍ୟୟ ସମସ୍ତ ବିଷୟର ଦାୟିତ୍ୱ ଗ୍ରହଣ କରିବ।''

ଶ୍ରୀଶ୍ରୀଠାକୁର କହିଲେ—ସ୍ତ୍ରୀ ହେବା କ'ଣ ସହଜ କଥା, ସୁଧା (କେଷ୍ଟ ଭାଇଙ୍କ ପତ୍ନୀ) ଅନେକେଟା ହୋଇଛି। ରୁକ୍ମିଣୀର କଥା ଶୁଣିଛି, ସେ କୁଆଡ଼େ ଏପରିଭାବରେ ସବୁ ଠିକ୍‌କରି ରଖୁଥିଲା ଯେ, କେଷ୍ଟଠାକୁରଙ୍କର କିଛି ଅସୁବିଧା ହେଉ ନଥିଲା। Josephine (ଯୋଶେଫାଇନ୍-ନେପୋଲିୟନଙ୍କ ସ୍ତ୍ରୀ) ର କଥା ଶୁଣିଛି ସେ କୁଆଡ଼େ ଯୁଦ୍ଧ ପାଇଁ funds (ଅର୍ଥ) ମଧ୍ୟ collect (ସଂଗ୍ରହ) କରୁଥିଲା।

ପରେ କଥା ପ୍ରସଙ୍ଗରେ କେଷ୍ଟ ଭାଇ ପଚାରିଲେ—ଆପଣ ତ experience (ଅଭିଜ୍ଞତା) ରୁ ସବୁକଥା କହନ୍ତି, କିନ୍ତୁ ଏତେ କିପରି ମନେଥାଏ ?

ଶ୍ରୀଶ୍ରୀଠାକୁର–ମନେ କ'ଣ ଥାଏ, ମନେପଡ଼େ—line (ସୂତ୍ର) ବନ୍ଧା ହୋଇଛି, ଗୋଟାଏ ସଙ୍ଗେ ଆଉ ସବୁ ଆସି ଯୁଟିଯାଏ, ସବୁ ବୋଧକରା ହୋଇଥାଏ ତ, ଏ ତ fact (ମର୍ମକଥା)—ତେଣୁ ଏହାକୁ ବିଜ୍ଞାନ କୁହାଯାଏ। ଏହାର ଗୋଟାଏ କଥା ଗଣ୍ଡଗୋଳ ହୋଇଗଲେ ସବୁ ଗଣ୍ଡଗୋଳ ହୋଇଯିବ। ଯାହା ଯାହା ନେଇ ଗୋଟାଏ ଜିନିଷ ହୁଏ, ଅନ୍ୟାନ୍ୟ ସବୁଟା ସଙ୍ଗେ ସାମଞ୍ଜସ୍ୟ ରଖି ଏପରିକି ସମଗ୍ର mechanism (କଳ କୌଶଳ) ମଧ୍ୟ motto (ଛଡ଼ା) ଗୁଡ଼ିକରେ ଦିଆଯାଇଛି। ଏହା ସତ୍ତ୍ୱେ ଯେତେଦୂର ପାରେ ସରଳ କରିବାକୁ ଚେଷ୍ଟା କରିଛି ବରାବର।

ସନ୍ଧ୍ୟାବେଳେ ପ୍ରଫୁଲ୍ଲଙ୍କୁ ଡାକି କହିଲେ—ଦୁଇଟା ଜିନିଷ—Ideal (ଆଦର୍ଶ) ଓ Eugenics (ବିବାହ ବିଧି) ଠିକ୍ ଥିଲେ balance (ସମତା) ଠିକ୍ ରହେ।

ଟିକିଏ ପରେ ଗମ୍ଭୀର ଭାବରେ ଦୃଢ଼ ସ୍ୱରରେ କହିଲେ, ଦେଖ ଇଷ୍ଟସ୍ୱାର୍ଥ ପ୍ରତିଷ୍ଠାପର ହୋଇ ଯଜନ, ଯାଜନ, ଇଷ୍ଟଭୃତି କରିବାହିଁ ସବୁ, ଯେ ଯେତେ ବେଶି ସ୍ଫୁର୍ତ୍ତିର ସହିତ ଏହା କରେ 'ଏବଂ ଯାହାର ବୃତ୍ତି ଯେତେ ନିୟନ୍ତ୍ରିତ—ସେହିଁ ସେତେ ବଡ଼। ଯେଉଁମାନେ ବଡ଼ ହୋଇଛନ୍ତି ସେମାନେ କୌଣସି ନା କୌଣସି ପ୍ରକାରେ ଏହାହିଁ କରିଛନ୍ତି।

ଅନେକ ରାତିରେ ଜଣେ ଭାଇ ଶ୍ରୀଶ୍ରୀଠାକୁରଙ୍କ ପାଖରେ ଗୋଟିଏ ଅଭିଯୋଗ କରିବାକୁ ଆସିଥିଲେ। ସେଇ ଅଭିଯୋଗ ସହିତ ସଂପୃକ୍ତ କେତେଜଣ ଭାଇଙ୍କୁ ଶ୍ରୀଶ୍ରୀଠାକୁର ଡକାଇ ପଠାଇଲେ। ସେମାନେ ଆସିଲେ—ଅଭିଯୋକ୍ତାଙ୍କୁ ଶ୍ରୀଶ୍ରୀଠାକୁର କହିବାକୁ ଲାଗିଲେ—ଯେତେବେଳେ ଶୁଣିଲୁ ସେତେବେଳେ ସମୁଦାୟ ଘଟଣାଟି ଶୁଣିନେବା ଉଚିତ ଥିଲା। ସଙ୍ଗେ ସଙ୍ଗେ ମିଟ୍‌ମାଟ କରିଦେବା ଉଚିତ ଥିଲା। ତିନିମାସ ଧରି ତୁମ ମୁଣ୍ଡରେ ଏଇସବୁ କଥା ମହଜୁଦ ହୋଇ ମୁଣ୍ଡଟାକୁ ଗରମ କରି ଦେଇଛି, ମଣିଷର କଥା ବିଶ୍ୱାସ କରି କରି ତୁମର ବିଶ୍ୱାସ ସହଜ ହୋଇଯାଇଛି। ବର୍ତ୍ତମାନ ତୁମେ ସବୁ ବିଶ୍ୱାସ କରି ପାର !



କେହି ଯଦି କହେ ଯେ ମୁଁ ତୁମର ସର୍ବନାଶ କରିବାକୁ ଚାହୁଁଛି, ତା ମଧ୍ୟ ତୁମେ ବିଶ୍ୱାସ କରି ପାର, କିନ୍ତୁ ତୁମ ସମ୍ବନ୍ଧରେ ସେ କଥା କହିଲେ ମୁଁ ବିଶ୍ୱାସ କରି ପାରନ୍ତି ନାହିଁ।

ସଂଶ୍ଳିଷ୍ଟ ଜଣେ ଭାଇଙ୍କୁ କହିଲେ—ଅନ୍ୟଠାରୁ ଶୁଣି ତୁମେ ରାଗିଗଲ। କେତେ ବେକୁବ୍ ! ତୁମେ ବିନୀତଭାବରେ ତାକୁ ଯାଇଁ ସମସ୍ତ କଥା ଖୋଲି କହି ପାରିଲ ନାହିଁ ? ତା ନ କରି ଅଯଥା ଯା'-ତା ପାଖରେ ସ୍ପର୍ଦ୍ଧା ପ୍ରକାଶ କରିବାକୁ ଲାଗିଲ। ଏହାଦ୍ୱାରା ଭଲ କରିନାହଁ।

ଆଉଜଣଙ୍କୁ ଲକ୍ଷ୍ୟ କରି କହିଲେ—ଏମାନେ ଏପରି ହୋଇଛନ୍ତି ଯେ—ଜଣଙ୍କର କଥା ଆଉ ଜଣଙ୍କୁ ଏପରି ଭାବରେ କହିବେ ଯଦ୍ୱାରା କି ବିରୋଧ ଉପୁଜିବ। ପରସ୍ପର ମଧ୍ୟରେ ମେଳ ଯେପରି ହୁଏ ସେପରି କରିବାକୁ ଯିବେନାହିଁ—ଏହିପରିହିଁ ସଂହତି ନଷ୍ଟ ହୁଏ। ଅମେଳର ଅବସାନ କରି ମିଳନ ଘଟାଇବାହିଁ କୃତିତ୍ୱ। ସେଇ ମନୋଭାବ ଯଦି ନ ଥାଏ, ସମସ୍ତଙ୍କର କ୍ଷତି।

## ଶ୍ରାବଣ ୪, ଶନିବାର, ୧୩୪୭ (ଇଂ ୨୦/୭/୪୦)

ଶ୍ରୀଶ୍ରୀଠାକୁର ଶ୍ରୀଯୁକ୍ତ ଅନାଥ ଚୌଧୁରୀଙ୍କ ପାଇଁ ଆଜି ନିଜେ ଅର୍ଥ ସଂଗ୍ରହ କରିବାକୁ ବାହାରିଥିଲେ। ଟଙ୍କା ମାଗିବାର ସେ କି ଅପୂର୍ବ ଭଙ୍ଗୀ ! ସେ ମାଗିଲେ, ତାଙ୍କୁ ଦେଇ ଯେପରି ମଣିଷ କେତେ ତୃପ୍ତି ବୋଧ କରେ, ଶତ ଅସୁବିଧା ସତ୍ତ୍ୱେ ମଧ୍ୟ କେହି ନା ବୋଲି କହନ୍ତି ନାହିଁ, ଯେପରି ହେଉ କିଛି ଯୋଗାଡ଼ କରି ଦେବେ ନିଶ୍ଚୟ।

ଉପରବେଳା ହଠାତ୍ କହିଲେ—କେଷ୍ଟ ଭାଇଙ୍କ ପାଇଁ ଯଦି ବି.ଏ. ପାଶ କରିଥିବା assistant (ସହକାରୀ) ଯୋଗାଡ଼ କରିଦେଇ ତୁ ଆଉ ବୀରେନ ତପୋବନକୁ ଯାଅ, ତାହେଲେ ସଙ୍ଗେ ସଙ୍ଗେ ଆରମ୍ଭ କରିଦେଇ ପାରେ, Education (ଶିକ୍ଷା) କାହାକୁ କୁହାଯାଏ ଦେଖାଇ ଦିଅନ୍ତି। ତୁମେ ସବୁ research (ଗବେଷଣା) କରିବ—କେଷ୍ଟ ଭାଇ ମଝିରେ ମଝିରେ ଯିବେ—''ଶିକ୍ଷା ପ୍ରସଙ୍ଗେ'' ଖଣ୍ଡେ ବହି ବାହାରି ଯିବ।

ଏହାପରେ ଶ୍ରୀଶ୍ରୀଠାକୁର ଖବରକାଗଜ ପଢ଼ା ଶୁଣିଲେ।

## ଶ୍ରାବଣ ୬, ସୋମବାର, ୧୩୪୭ (ଇଂ ୨୨/୭/୪୦)

ରାତିରେ ଶ୍ରୀଶ୍ରୀଠାକୁର ଖାଇ ଆସିବା ପରେ ବନ୍ଧ ପାଖରେ ଅନେକ ଆଲୋଚନା ହେଲା। ମାଛ, ମାଂସ, ପିଆଜ, ରସୁଣ ଖାଇବାର ଅପକାରିତା ସମ୍ବନ୍ଧରେ ଅନେକ କଥା କହିଲେ।

ତା ପରେ କହିଲେ—ଇଂରାଜୀ ପ୍ରତି ସମସ୍ତଙ୍କର କିପରି ଗୋଟାଏ ଝୁଙ୍କ ରହିଛି।

'ନାନା ପ୍ରସଙ୍ଗେ' ଯଦି ଇଂରାଜୀରେ ପ୍ରକାଶିତ ହୁଅନ୍ତା ତା ହେଲେ ସମସ୍ତେ ବେଶି ପଢ଼ନ୍ତେ, ଆଲୋଚନା କରନ୍ତେ। ବଙ୍ଗଳାଭାଷାରେ ଯେଉଁସବୁ ବିଶ୍ଳେଷଣ କରି ଦିଆହୋଇଛି ତାହା ଯେପରି ଭଲ ଲାଗେନାହିଁ, ମୁଣ୍ଡରେ ପଶେନାହିଁ, ବୋଧଗୁଡ଼ିକ ମଧ୍ୟ ବଙ୍ଗଳାରେ ନ କରି ଯେପରି stimulus ପାଏନା। Stimulus ଇଂରାଜୀର ଶବ୍ଦରେହିଁ କହେ, ବଙ୍ଗଳା ଭାଷାରେ ଯେପରି stimulus ପାଏନା। Stimulus କହି ଦେଲି—ଉତ୍ତେଜନା ଶବ୍ଦ ବ୍ୟବହାର ନ କରି stimulus ଶବ୍ଦ ବ୍ୟବହାର କଲେ ମନ ଯେପରି ସମ୍ବେଦନଶୀଳ ହୋଇ ଉଠେ ; ବଙ୍ଗଳା ଭାଷାରେ ବୋଧ କରିବା ଓ ପ୍ରତିକ୍ରିୟା ପ୍ରକାଶ କରିବାରେ ଆମେ ଅଭ୍ୟସ୍ତ ହୋଇ ପାରିନାହୁଁ, ଏହାକୁହିଁ କୁହାଯାଏ cultural conquest (କୃଷ୍ଟିଗତ ପରାଭବ)।

କେଷ୍ଟ ଭାଇ କହିଲେ—ମୋର ମନେହୁଏ, ବଙ୍ଗଳା ଭାଷା ସେତେ developed (ପୁଷ୍ଟ) ହୋଇନାହିଁ, ଅନେକ ସୂକ୍ଷ୍ମ ଓ ବିଚାର ବୋଧ ଓ ଭାବର ଚର୍ଚ୍ଚା ବା ପରିଚୟ ବଙ୍ଗଳା ଭାଷାରେ ହୋଇନାହିଁ। 'ସୃଜନ ପ୍ରଗତି' କହିବାକୁ ଯାଇଁ ଆପଣଙ୍କୁ ଇଂରାଜୀରେ ଗୋଟିଏ ବି ଶବ୍ଦ coin (ଉଦ୍ଭାବିତ) କରିବାକୁ ହୋଇନାହିଁ, କିନ୍ତୁ ବଙ୍ଗଳାରେ କେତେ ଶବ୍ଦ coin (ଉଦ୍ଭାବନ) କରିବାକୁ ହୋଇଛି—ଅବଶ୍ୟ ବଙ୍ଗଳା ଭାଷାରେ ଯେଉଁଟା ଦେଇଛନ୍ତି ତାହାହିଁ ବେଶି accurate (ଯଥାର୍ଥ)। Stimulus କଥାଟାର ଯେତେଗୁଡ଼ିଏ facet ଓ phase (ଦିଗ) ଅଛି, 'ଉତ୍ତେଜନା' ଏହି ଶବ୍ଦର ସେତେଟା ନାହିଁ।

ପରେ ପରେ ଅନୁଭୂତି ବର୍ଣ୍ଣନା ଓ 'ସୃଜନ-ପ୍ରଗତି' ଇତ୍ୟାଦି ସମ୍ବନ୍ଧରେ କଥା ଉଠିଲା।

ଶ୍ରୀଶ୍ରୀଠାକୁର—ଯେତେଦୂର କୁହାଯାଇ ପାରେ ମୁଁ ତା କହିଛି, କିଛି ବାଦ୍ ରଖିନାହିଁ। ବର୍ତ୍ତମାନ ବୋଧହୁଏ ଆଉ ସେପରି କହି ପାରିବି ନାହିଁ। ଭାବେ, କିପରି ସେତେବେଳେ କହି ଦେଇଥିଲି। କେଷ୍ଟ ଭାଇ ତ କହନ୍ତି, Science and Religion blended (ବିଜ୍ଞାନ ଓ ଧର୍ମ ମିଶ୍ରିତ) ହୋଇଯାଇଛି—କୌଣସି ପାର୍ଥକ୍ୟ ନାହିଁ। ଏତେ କହିଲି, ବୋଧକଲି, କିନ୍ତୁ ମୋର ଯେ କିଛି ଗୋଟାଏ ହୋଇଗଲା ତା ମନେହୁଏ ନା, ମୁଁ ଯାହା ଥିଲି ତାହାହିଁ ଅଛି।

ପ୍ରଫୁଲ୍ଲ—ଆପଣଙ୍କୁ କ'ଣ କିଛି ନୂଆ ଲାଗେ ନାହିଁ? କିଛି ପାଇଲେ ବା ହେଲେ ବୋଲି ବୋଧ କରନ୍ତି ନାହିଁ?

ଶ୍ରୀଶ୍ରୀଠାକୁର—ନା, କିଛି ବି ନୁହେଁ, ଏକାପରି। କେଷ୍ଟ ଭାଇ, ଆପଣ ଯେ ଏମ୍.ଏ. ପାଶ କରିଛନ୍ତି, ତାଦ୍ୱାରା କିଛି ହୋଇଯାଇଛନ୍ତି ବୋଲି ମନେ କରନ୍ତି ?

କେଷ୍ଟ ଭାଇ—ନା।

ପ୍ରଫୁଲ୍ଲକୁ ପଚାରିଲେ—ତୋ'ର ?

ପ୍ରଫୁଲ୍ଲ—ନା, ତ।

ଶ୍ରୀଶ୍ରୀଠାକୁର—ସେହିପରି। ମୋତେ ଯଦି କେହି ବିଶେଷ ମର୍ଯ୍ୟାଦାସୂଚକ କିଛି



କହୁଥିଲା, ମୋର କିଛି ମନେ ହେଉନଥିଲା। ତେବେ ଭାବୁଥିଲି, ମା ସେ ସବୁ ଯେପରି ଶୁଣନ୍ତି। ମା'ଙ୍କୁ ଆଶ୍ଚର୍ଯ୍ୟ କରିଦେବା—ଏଇଥିଲା ମୋର ଧନ୍ଦା। ଏହାଛଡ଼ା କୌଣସି ଧନ୍ଦା ମୁଁ ଜୀବନରେ କରି ନାହିଁ। ମା ପୁଣି ମୋ ସାମନାରେ କିଛି କହୁ ନଥିଲେ। କ୍ଷେପାକୁ (ଶ୍ରୀଯୁକ୍ତ ପ୍ରଭାସଚନ୍ଦ୍ର ଚକ୍ରବର୍ତ୍ତୀ) ଡାକି ବାରମ୍ବାର ପଚାରୁଥିଲି—ମା'କଣ ମୋ ବିଷୟରେ କୁହାବୋଲା କରନ୍ତି କି ? କ୍ଷେପା କିନ୍ତୁ କହୁଥିଲା—ଧାନ ଚାଉଳ କଥା, ଜାଗା-ଜମି କଥା, ମୋ ବିଷୟରେ କିଛି କହୁ ନଥିଲା। ମା'ଙ୍କୁ ପଚାରି ମଧ୍ୟ ପାରେ ନାହିଁ, କିନ୍ତୁ ମନ ଭିତରେ ସବୁବେଳେ ଲୋଭ ହେଉଥିଲା, ମା ମୋ ବିଷୟରେ କ'ଣ କହୁଛନ୍ତି ଥରେ ହେଲେ କିପରି ଶୁଣନ୍ତି। ସାରାଦୁନିଆ ମୋର ପ୍ରଶଂସା କରୁ ସେଥିରେ ମୋର କିଛି ଯାଏ ଆସେ ନାହିଁ, ମୁଁ କେୟାର ମଧ୍ୟ କରେନାହିଁ, ମା'ଙ୍କର ଖୁସି ଛଡ଼ା କେଉଁଥିରେ ମୁଁ ଖୁସି ହୋଇ ପାରୁ ନଥିଲି, ମା'ଙ୍କଠାରୁ କିଛି ନ ପାଇଲେ ମନ କାହିଁରେ ଲାଗୁନଥିଲା। ପତ୍ରିକା ସବୁ ପ୍ରକାଶିତ ହୋଇଥିଲେ ମା'ଙ୍କୁ ଦେଇଥାନ୍ତି, ମା ପଢ଼ି କ'ଣ କହି ଥାନ୍ତେ, ମା'ଙ୍କଠାରୁ ବାହାବା ପାଇଲେହିଁ ହେଲା। ମା ଚାଲିଯାଇ ଜୀବନରେ କୌଣସି ସାର୍ଥକତା ନାହିଁ। ମା ଯିବା ପୂର୍ବରୁ କେବଳ କହିବାକୁ ଆରମ୍ଭ କରିଥିଲେ—ତୋଦ୍ୱାରା ମୋର ସବୁ ଆଶା ପୂର୍ଣ୍ଣ ହୋଇଛି। ଆଉ କିଛି ବାକୀ ନାହିଁ। ସେତେବେଳେ ମା'ଙ୍କର ଅବସ୍ଥା ଖରାପ ହୋଇ ଯାଇଥିଲା ତେଣୁ ମା'ଙ୍କର ଉକ୍ତ କଥାରେ ସେତେ ଆନନ୍ଦ ପାଇନଥିଲି।

ପ୍ରଫୁଲ—ମନର ଗଭୀରତାକୁ ଗଲେ ଆମେ ତ କିପରି benumbed (ଅବଶ) ହୋଇପଡ଼ୁ କାମଧନ୍ଦା କରି ପାରୁନା, ଦୁଇଟା ଏକ ସଙ୍ଗେ ଚାଲେ କିପରି ?

ଶ୍ରୀଶ୍ରୀଠାକୁର—ଏକ ସଙ୍ଗେ ତ ଚାଲେ, ମୁଁ ତାହାହିଁ କରିଛି ଏବଂ କରୁଛି ମଧ୍ୟ।

ପ୍ରସଙ୍ଗ କ୍ରମେ ଭାବବାଣୀ ଓ ଅନୁଭୂତି-ବର୍ଣ୍ଣନାର ତୁଳନା କରି କହିଲେ—ଏହି ଦୁଇଟି ମଧ୍ୟରେ ଅନୁଭୂତି-ବର୍ଣ୍ଣନା ହିଁ ଭଲ, ଏଥିରେ ବୋଧ ବେଶି ଓ ମୁଗ୍ଧଭାବ କମ୍ ଥାଏ, କିନ୍ତୁ ସମାଧି ଅବସ୍ଥାରେ ମୁଗ୍ଧଭାବ ବେଶି ଓ ବୋଧ କମ୍ ଥାଏ।

ଶ୍ରୀଶ୍ରୀଠାକୁର କେଷ୍ଟ ଭାଇଙ୍କୁ କହିଲେ—ମୋ କଥା ଦ୍ୱାରା ଯଦି ମଣିଷର ଜ୍ଞାନରାଜ୍ୟରେ କିଛି ଉନ୍ନତି ହେଉଥାଏ, ତେବେ ସେ କୃତିତ୍ୱ ଆପଣଙ୍କର, କାରଣ ଆପଣହିଁ ସବୁ କିଛି ମୋ ଭିତରୁ ଆଦାୟ କରିଛନ୍ତି।

'କଥା ପ୍ରସଙ୍ଗେ' ଶୀଘ୍ର ଛପାଇବା ପାଇଁ କେଷ୍ଟ ଭାଇଙ୍କୁ କହିଲେ।

କେଷ୍ଟ ଭାଇ ପଚାରିଲେ—ବେଦାଭ୍ୟାସ କାହାକୁ କୁହାଯିବ, ଏହା କ'ଣ କରିବାକୁ ହେବ ?

ଶ୍ରୀଶ୍ରୀଠାକୁର—ଏଇ ଯେପରି ଆପଣ ମନୁସଂହିତା ପଢ଼ିଛନ୍ତି, ମନୁସଂହିତାର ନୀତିଗୁଡ଼ିକ ବର୍ତ୍ତମାନ ଅବସ୍ଥାରେ ସମାଜରେ କିପରିଭାବରେ ପ୍ରୟୋଗ କରାଯିବ, ତାହା ଭାବୁଛନ୍ତି, କରୁଛନ୍ତି,—ଏହାକୁହିଁ କୁହାଯାଏ ବେଦାଭ୍ୟାସ। ବେଦାଭ୍ୟାସ ମାନେ କେବଳ

ଋଗ୍‌ବେଦ, ଯଜୁର୍ବେଦ ଇତ୍ୟାଦି ପଢ଼ିବା ନୁହେଁ। ବେଦ ମାନେ recorded experience (ଲିପିବଦ୍ଧ ଅଭିଜ୍ଞତା), ବେଦାଭ୍ୟାସ ମାନେ ସେଇ experience (ଅଭିଜ୍ଞତା)କୁ ଜାଣିନେଇ କାମରେ ଲଗାଇ ତାପରେ ମିଳାଇ ଦେଖିବା।

ପ୍ରଫୁଲ୍ଲ—ଜାତିସ୍ମରତା ଭିତରେ ଅଦ୍ରୋହର ସ୍ଥାନ କେଉଁଠି ?

ଶ୍ରୀଶ୍ରୀଠାକୁର—ଦ୍ରୋହଭାବ ଥିଲେ, ମନ obsessed (ଆବିଷ୍ଟ) ହୋଇଥାଏ, ନାନା ପ୍ରକାର ଭାବର ଉଦୟ ହୁଏ, ସବୁଗୁଡ଼ିକର expression (ଅଭିବ୍ୟକ୍ତି) ଦିଆଯାଇ ପାରେ ନା, repression (ନିରୋଧ) ହୁଏ—ଏହାଦ୍ୱାରା ଜାତିସ୍ମରତାର ବ୍ୟାଘାତ ସୃଷ୍ଟି ହୁଏ। .......ଯେଉଁମାନେ ମୋ ଉପରେ ଅତ୍ୟାଚାର ଉପରେ ଅତ୍ୟାଚାର କରିଛନ୍ତି, ସେମାନଙ୍କ କଥା ମନେ ଆସିଲେ ଭାବେ, ସେମାନଙ୍କ ଉପରେ ରାଗିଲେ ଯଦି ସେମାନଙ୍କର କିଛି କ୍ଷତି ହୁଏ, ଯଦି ମରିଯା'ନ୍ତି, ତେଣୁ ସ୍ୱତଃ ମନରେ ଆସେ—Let them enjoy their little days, their lowly bliss receive, Oh do not take lightly away the life—thou canst not give. (ସେମାନେ ସେମାନଙ୍କର ସ୍ୱଳ୍ପ ଦିନଗୁଡ଼ିକ ଉପଭୋଗ କରନ୍ତୁ। ସେମାନଙ୍କର ଅକିଞ୍ଚିତ୍କର ଆନନ୍ଦ ଉପଭୋଗ କରନ୍ତୁ। ଯେଉଁ ଜୀବନ ତୁମେ ଦେଇ ପାରିବ ନାହିଁ—ତାହା ଅତି ତୁଚ୍ଛ ଭାବରେ ତୁମେ ନଷ୍ଟ କର ନାହିଁ।)

ସେମାନଙ୍କ ଦରକାର ବେଳେ ସେମାନେ କିଛି ଚାହିଁଲେ, ଭାବେ—Thy necessity is greater than mine. (ତୁମ ପ୍ରୟୋଜନ ମୋ ଅପେକ୍ଷା ବଡ଼), ଯାହା ଚାହାନ୍ତି, ନଦେଇ ରହିପାରେ ନାହିଁ।

## ଶ୍ରାବଣ ୭, ମଙ୍ଗଳବାର, ୧୩୪୭ (ଇଂ ୨୩/୭/୪୦)

ଶ୍ରୀଶ୍ରୀଠାକୁର ଆଜି ସକାଳେ ବନବିହାରୀ ଭାଇ (ଘୋଷ)ଙ୍କୁ ଦୁଃଖ କରି କହୁଥିଲେ—ଜୟପୁର State ରେ କେତେ ପୁରୁଣା ପୋଥି ଅଛି, ଆୟୁର୍ବେଦ ସମ୍ବନ୍ଧରେ ଏପରି ଗ୍ରନ୍ଥ ଅଛି ଯାହା ଏ ପର୍ଯ୍ୟନ୍ତ published (ପ୍ରକାଶିତ) ହୋଇନାହିଁ। ରାଜା-ରାଜୁଡ଼ା ଲୋକ, ଇଚ୍ଛା କଲେହିଁ ସେମାନେ ଏଗୁଡ଼ିକ ପ୍ରକାଶ କରିଦେଇ ପାରନ୍ତି। ତଦ୍ଦ୍ୱାରା ମଣିଷର କେତେଯେ ଉପକାର ହୁଅନ୍ତା ! ଦେଶର ଅବସ୍ଥା ଯେ କ'ଣ ହୋଇଛି, ଲୋକେ କ'ଣ ତା ବୁଝୁଛନ୍ତି ?

ଉପରବେଳା ଶ୍ରୀଶ୍ରୀଠାକୁର କହୁଥିଲେ—ଆମ ଦେଶରେ ଯାହା population (ଲୋକସଂଖ୍ୟା), ସେଥିରେ ଇଣ୍ଡିଆରୁ ୫/୭ କୋଟି ଗଣସେବକ-ବାହିନୀ ସଂଗ୍ରହ କରି ପାରିଲେ ଭଲ ହୁଅନ୍ତା। ସେମାନେ ଦେଶର ସ୍ୱାସ୍ଥ୍ୟ, ଶିକ୍ଷା, କୃଷି ଓ ନିରାପତ୍ତା ପାଇଁ ଦାୟୀ ରହିବେ। ସେମାନେ ଯଦି ସବୁଦିଗରୁ ସୁଶିକ୍ଷିତ, ସଂହତ ଓ ସକ୍ରିୟ ହେବେ, ତାହେଲେ



ଭାରତର ଉନ୍ନତି ତ ନିଶ୍ଚୟ ହେବ, ସମସ୍ତେ ମଧ୍ୟ ଉପକୃତ ହେବେ।

ବନବିହାରୀ ଭାଇ କଥା ପ୍ରସଙ୍ଗରେ ପ୍ରଶ୍ନ କଲେ—ସୁଭାଷ ବୋଷ କର୍ପୋରେସନରେ ମୁସଲମାନଙ୍କ ସଙ୍ଗେ co-operation (ସହଯୋଗିତା) କରିବା ପାଇଁ ଯେଉଁ policy (କୌଶଳ) କରିଛନ୍ତି, ତାହା କ'ଣ ଭଲ ?

ଶ୍ରୀଶ୍ରୀଠାକୁର—Co-operation ତ ନିଶ୍ଚୟ ଭଲ, କିନ୍ତୁ principle (ଆଦର୍ଶ) କୁ ଯଦି ତା ପାଇଁ sacrifice (ବିସର୍ଜନ) କରିବାକୁ ହୁଏ, ତା ହେଲେ ଲାଭ ନାହିଁ। ଅବଶ୍ୟ ସୁଭାଷ ବାବୁଙ୍କ କ୍ଷେତ୍ରରେ ହୁଏତ ଏହା ପ୍ରଯୋଜ୍ୟ ନୁହେଁ। ତେବେ ତଥାକଥିତ ଉଦାର ନୈତିକତା ଦ୍ୱାରା କିଛି ହୁଏନାହିଁ, principle (ଉଦ୍ଦେଶ୍ୟ) ରେ ଯେଉଁମାନେ fanatic (ଅଚ୍ୟୁତ), ହୁଅନ୍ତି, ସେଇମାନେହିଁ କିଛି କରି ପାରନ୍ତି। ଆମେ ଅନେକ ସମୟରେ personal gain (ବ୍ୟକ୍ତିଗତ ଲାଭ) ପାଇଁ community (ସମ୍ପ୍ରଦାୟ) କୁ sacrifice (ବିସର୍ଜନ) କରୁ, କିନ୍ତୁ ଆଦର୍ଶରେ ଅନୁରାଗ ଥିଲେ ତାହା କରାଯାଏ ନାହିଁ। ମୁସଲମାନଙ୍କ ମଧ୍ୟରେ ପ୍ରତିଲୋମ ଇତ୍ୟାଦି ଥିଲେ ମଧ୍ୟ ସେମାନଙ୍କର ''ଲାୟ ଲାହେଲ୍ଲା....'' ଯୋଗୁଁ ସମାଜଟା କିଛି ପରିମାଣରେ integrated (ସଂହତ) ହୋଇ ଉଠିଛି। କିନ୍ତୁ ପୂରୟମାଣ ଆଦର୍ଶକୁ କେନ୍ଦ୍ର କରି ସଂହତ ହୋଇ ଉଠିବାର ବାଣୀ ସୃଷ୍ଟିର ପ୍ରଥମ ଲଗ୍ନରୁ ଋଷିଙ୍କ କଣ୍ଠରେ ଧ୍ୱନୀତ ହୋଇଥିଲେ ମଧ୍ୟ—ସେମାନଙ୍କର ସନ୍ତାନ ହୋଇ ଆମେ ତାହା ଜାଣୁନା, ମାନୁନା—ତେଣୁ ଯାହା ହେବାର ତାହା ହେଉଛି। ଏବଂ ସମାଜରେ ପ୍ରତିଲୋମ ଯାହା ଚାଲିଲାଣି, ସର୍ବନାଶ ଆଉ ଡେରି ନାହିଁ। ଜାତିକୁ ଧ୍ୱଂସ କରିବାକୁ ହେଲେ କେବଳ ମାତ୍ର ପ୍ରତିଲୋମ ପୁରାଇ ଦେଲେହିଁ ହେଲା। ଏବେଠାରୁ ତୁମ୍ଭମାନଙ୍କର ଯେଉଁ principle (ଆଦର୍ଶ ଓ ନୀତି) ଅଛି ତାହା ଯଦି ଜୋରରେ ପ୍ରଚାର କରି ପାର ତାହେଲେ ନିସ୍ତାର।

ବନବିହାରୀ ଭାଇ ନିଜେ ନିଜେ କହିଲେ—ତାହେଲେ ଆମ ନିଜକୁ ଖୁବ୍ fanatic (ଅଚ୍ୟୁତ) ହେବାକୁ ହେବ। ହିନ୍ଦୁ ବୋଲି କଥା ନୁହେଁ, ମୁସଲମାନ ବୋଲି କଥା ନୁହେଁ, ସମସ୍ତଙ୍କୁ ବାସ୍ତବ ଭାବରେ ଧର୍ମ ପରାୟଣ କରି ତୋଳିବାକୁ ହେବ।

ଶ୍ରୀଶ୍ରୀଠାକୁର ହସିଦେଇ କହିଲେ—ହଁ। ତାହାହିଁ ଠିକ୍ କହିଛୁ।

ଶ୍ରୀଶ୍ରୀଠାକୁର ସତୀଶ ଭାଇଙ୍କୁ ପଚାରିଲେ—Register ରେ ୨୫,୦୦୦ ସତ୍‌ସଙ୍ଗୀ ହୋଇ ନାହାଁନ୍ତି ?

ସତୀଶ ଭାଇ—ଅନେକ ବେଶି ହୋଇଛି।

ଶ୍ରୀଶ୍ରୀଠାକୁର—ତାହେଲେ ତ ଲକ୍ଷେ ଉପର ହୋଇଛି। ଏଗୁଡ଼ିକ ଯଦି organised (ସଂଗଠିତ) ହୁଅନ୍ତେ ତା ହେଲେ କେତେ ବିରାଟ କାମ ହୋଇ ଯା'ନ୍ତା। ଏମାନଙ୍କ ଚେଷ୍ଟାରେ ଅସତ୍ ଯାହା ନିରୁଦ୍ଧ ହୁଅନ୍ତା ସତ୍‌ର ଉଦ୍‌ବର୍ଦ୍ଧନ ହୁଅନ୍ତା, ସମସ୍ତଙ୍କର ବଞ୍ଚିବାର ପଥ ପରିଷ୍କାର ହୋଇଯାନ୍ତା।

ରାତିରେ ଶ୍ରୀଶ୍ରୀଠାକୁରଙ୍କର ଖାଇବାର ସମୟ ହୋଇ ଯାଇଛି କିନ୍ତୁ, ତଥାପି ସେ ଉଠୁନାହାନ୍ତି। ଉଠିବାପାଇଁ ବାରମ୍ବାର କହିବାରୁ କହିଲେ—ସେମାନେ ଟଙ୍କା ନେଇ ଆସନ୍ତୁ। (ଜଣେ ଶ୍ରୀଶ୍ରୀଠାକୁରଙ୍କଠାରୁ ୧୭୫ ଟଙ୍କା ଚାହିଥିଲା। ସେ ତାକୁ ୧୭୫ ଟଙ୍କା ସାହାଯ୍ୟ କରିବେ ବୋଲି ମନସ୍ଥ କରିଛନ୍ତି ଏବଂ ୭ ଜଣଙ୍କୁ ୨୫ ଟଙ୍କା ଲେଖାଏଁ ସଂଗ୍ରହ କରିବାକୁ କହିଛନ୍ତି)।

ମାୟା ମାଉସୀମା କହୁଛନ୍ତି—କେତେ ଡେରିରେ ସେମାନେ ଟଙ୍କା ନେଇ ଆସିବେ ତା'ର କ'ଣ କିଛି ଠିକ୍ ଅଛି ? ବରଂ ତୁମେ ଖାଇ ନିଅ।

ଶ୍ରୀଶ୍ରୀଠାକୁର—ମୁହଁରେ କିଛି ନ କହିଲେ ମଧ୍ୟ ମୁଁ ଭାବୁଛି, ଖାଇବା ଆଗରୁ ଦେବି। ତେଣୁ ନ ଦେଇ ଉଠିବି କିପରି ?

## ଶ୍ରାବଣ ୨୮, ମଙ୍ଗଳବାର, ୧୩୪୭ (ଇଂ ୧୩/୮/୪୦)

ଆଠ, ନ'ଅ ଦିନ ପୂର୍ବେ ଟ୍ରେନଦୁର୍ଘଟଣାରେ ସର୍ବଜନପ୍ରିୟ ଗୋପାଳ ଭାଇ (ଶ୍ୟାମାଚରଣ ମୁଖୋପାଧ୍ୟାୟ, ସତ୍‌ସଙ୍ଗର ସେକ୍ରେଟାରୀ ତଥା ଋତ୍ୱିଗାଚାର୍ଯ୍ୟ-ସଚିବ) ଏବଂ ଦୁର୍ଗା ଭାଇ (ଦୁର୍ଗାଚରଣ ସରକାର, ସତ୍‌ସଙ୍ଗର ବିଶିଷ୍ଟ କର୍ମୀ) ମୃତ୍ୟୁ ମୁଖରେ ପଡ଼ିଛନ୍ତି। ସେହି ଦୁଃସମ୍ବାଦ ପାଇବା ପରଠାରୁ ଶ୍ରୀଶ୍ରୀଠାକୁର ଦୁଃସହ ଶୋକ ଓ ଦୁଃଖରେ ଅଭିଭୂତ ହୋଇ ପଡ଼ିଛନ୍ତି। ତାଙ୍କର ଅବିଶ୍ରାନ୍ତ ଆର୍ତ୍ତକ୍ରନ୍ଦନ, କରୁଣ ବିଳାପ, ଓ ବୁକୁଫଟା ଆର୍ତ୍ତନାଦରେ ଆଶ୍ରମର ଗଗନ ପବନ ଭାରାକ୍ରାନ୍ତ ହୋଇ ପଡ଼ିଛି। ଶ୍ରାବଣରେ ଦୁର୍ଯୋଗ ସଙ୍ଗେ ଏକ ଗଭୀର ବିଷାଦର କଳାଛାୟା ଚତୁର୍ଦ୍ଦିଗ ଆଚ୍ଛନ୍ନ କରି ପକାଏ। ଦିନରାତି କାନ୍ଦି କାନ୍ଦି ଶ୍ରୀଶ୍ରୀଠାକୁରଙ୍କ ମୁଖମଣ୍ଡଳ ଫୁଲି ଉଠେ, କଣ୍ଠସ୍ୱର ଭାଙ୍ଗିଯାଏ। ତଥାପି କାନ୍ଦଣାର ବିରାମ ନାହିଁ। ଯିଏ ସମସ୍ତଙ୍କର ସାନ୍ତ୍ୱନାଦାୟକ ଥିଲେ ସେ ନିଜେ ଆଜି ଶୋକରେ ଅଧୀର, ତାଙ୍କୁ ସାନ୍ତ୍ୱନା ଦେବ କିଏ ? ତାଙ୍କର ଏଇ ଅବସ୍ଥା ସହ୍ୟ କରି ନପାରି ଅବଶେଷରେ ଗୋପାଳ ଭାଇଙ୍କ ମା ଓ ମାଉସୀମାନେ ଆସି କହିଲେ—ଗୋପାଳୀ। ଆମେ ଯେ ତୁମର ଏ ଅବସ୍ଥା ଆଖିରେ ଦେଖି ପାରୁନୁ। ଆମ ମୁହଁକୁ ଚାହିଁ ତୁମେ ଶାନ୍ତ ହୁଅ। କ'ଣ ଆଉ କରିବ ? ଭାଗ୍ୟରେ ଯାହା ଥିଲା ତା ହେଲା। ଏବେ ତୁମେ ସୁସ୍ଥ ନ ରହିଲେ କାହା ମୁହଁ ଚାହିଁ ଆମେ ବଞ୍ଚିବୁ ?

ସେମାନଙ୍କର ନିରନ୍ତର ପ୍ରବୋଧବାକ୍ୟ ଶୁଣି ଶୁଣି ଶ୍ରୀଶ୍ରୀଠାକୁର ଧୀରେ ଧୀରେ ଶାନ୍ତ ହେଲେ। ଆଜିକୁ ଦୁଇତିନିଦିନ ହେଲା ସ୍ୱାଭାବିକ ଭାବରେ କଥାବାର୍ତ୍ତା କରୁଛନ୍ତି। ଆଜି ସକାଳେ ତାମ୍ବୁରେ ବସିଛନ୍ତି। ସମ୍ମୁଖରେ ଦିଗନ୍ତ-ବିସ୍ତୃତ ଅବବାହିକାରେ ପଦ୍ମାରେ ଜଳ ଜମୁଛି। ମଝିରେ ମଝିରେ ଉଦାସ ଦୃଷ୍ଟିରେ ସେ ଆଡ଼କୁ ଚାହିଁ ଚାହିଁ ଦେଖୁଛନ୍ତି। ଏଇ



ସମୟରେ କେଷ୍ଟ ଭାଇ (ଭଟ୍ଟାଚାର୍ଯ୍ୟ) ଆସିଲେ। କେଷ୍ଟ ଭାଇ ମନୋବିଜ୍ଞାନ ସମ୍ବନ୍ଧରେ ଖଣ୍ଡେ ନୂଆ ବହି ପଢ଼ିଛନ୍ତି। ସେଇ ବିଷୟରେ ଗପ ଆରମ୍ଭ କଲେ।

ଶ୍ରୀଶ୍ରୀଠାକୁର ପ୍ରସଙ୍ଗକ୍ରମେ କହିଲେ—ଅତୀତକୁ ଆମେ ସବୁବେଳେ ବହନ କରି ଚାଲିଛୁ। ଅତୀତରେ ଭଲମନ୍ଦ କିଛି ଆମକୁ ଛାଡ଼େନାହିଁ। ଆପଣଙ୍କର ପିତୃପୁରୁଷ ବଂଶପରଂପରାକ୍ରମେ ଯେଉଁ ସବୁ ଆଚାର ଅନୁଷ୍ଠାନ ଓ କର୍ମ କରିଛନ୍ତି, ତା'ର ଭିତର ଦେଇ ଆପଣଙ୍କ ବଂଶରେ ବିଶେଷ କେତେ ଗୁଡ଼ିଏ instinctive trait (ସହଜାତ ଗୁଣ)ର ସୃଷ୍ଟି ହୋଇଛି। ସେଇ ସବୁର ଭିତ୍ତି ଉପରେ ଛିଡ଼ା ହୋଇଛନ୍ତି ଆପଣ। ଆପଣଙ୍କର ଏହି ଭିତ୍ତିକୁ ଯଦି ଆପଣ ignore (ଉପେକ୍ଷା) କରନ୍ତି, ତାହେଲେ nowhere (ସ୍ଥିତିହୀନ) ହୋଇଯିବେ। ତେଣୁ family tradition (ପାରିବାରିକ ଐତିହ୍ୟ) ରୁ deviated (ବିଚ୍ୟୁତ) ହେବା ଭଲନୁହେଁ।

କେଷ୍ଟ ଭାଇ—କାହାର family-tradition (ପାରିବାରିକ ଐତିହ୍ୟ) ଯଦି ଖରାପ ହୋଇଥାଏ ?

ଶ୍ରୀଶ୍ରୀଠାକୁର—ବାସ୍ତବକୁ ତ ଅସ୍ୱୀକାର କରିବା ବା ନିଶ୍ଚିହ୍ନ କରିଦେବା ସମ୍ଭବ ନୁହେଁ। ତେଣୁ ଭଲ-ମନ୍ଦ ଯାହା ଥାଉନା କାହିଁକି, ତାକୁହିଁ mould (ନିୟନ୍ତ୍ରଣ) କରିବାକୁ ହେବ towards being and becoming (ଜୀବନବୃଦ୍ଧିର ଦିଗରେ)। ଏଇଥିପାଇଁ ଦରକାର ହୁଏ Ideal (ଆଦର୍ଶ)। ଆଦର୍ଶର ସେବାରେ ଯାହା ଲଗାଯାଏ, ତାହା ଖରାପ ହେଲେ ମଧ୍ୟ ମହାଭଲ ହୋଇଉଠେ। ପୁଣି, ଆଦର୍ଶର ସେବାରେ ଯାହା ଲାଗନୋ, ଯାହା ନିଜର ଖିଆଲର ଖୋରାକ ଯୋଗାଇ ଚାଲେ, ତାହା ଭଲହେଲେ ମଧ୍ୟ ଅନର୍ଥର ସୃଷ୍ଟି କରିପାରେ। Surrender (ଆତ୍ମ-ସମର୍ପଣ)ର ଭିତର ଦେଇ କଦର୍ଯ୍ୟ ଯାହା ତାହା ସୁନ୍ଦର ହୋଇଉଠେ ଏବଂ ତା'ର ଅଭାବରେ ସୁନ୍ଦର ଯାହା ତାହା କୁତ୍ସିତ ହୋଇପଡ଼େ। ଜଣେ ପଣ୍ଡିତ ବ୍ୟକ୍ତି ଯଦି ତା'ର ପାଣ୍ଡିତ୍ୟ ଦ୍ୱାରା କାହାକୁ fulfil (ପରିପୂରଣ) ନ କରେ, ତା'ର ପାଣ୍ଡିତ୍ୟ ବିଧବାର ବିଳାସିତା ପରି ଅଶୋଭନୀୟ ଓ ପୀଡ଼ାଦାୟକ ହୋଇଉଠେ। ପୁଣି, ଜଣେ ମହାମୂର୍ଖ ହୋଇ ମଧ୍ୟ ଯଦି ପିତୃଭକ୍ତ, ମାତୃଭକ୍ତ ଓ ଗୁରୁଭକ୍ତ ହୋଇଥାଏ, ତାକୁ ଦେଖି ମଣିଷର ପ୍ରାଣ ପୁଲକିତ ହୋଇଉଠେ। ତାକୁ ଦେଖି ମନେହୁଏ, ସେ ଯେପରି ସମାଜ ଓ ସଂସାରର ଏକ ଶୋଭା। ଏଇ ପ୍ରଫୁଲ୍ଲ ଯଦି ମୋ ସକାଶେ ବିବାହ କରେ, ମୋ ପାଇଁ ସଂସାର କରେ, ମୁଁ ଯେପରି ଚାହେଁ ଠିକ୍ ସେଇପରି କରେ, ତାହେଲେ ତାହାହିଁ ହେବ ତା ପକ୍ଷେ ପ୍ରକୃତ ସନ୍ନ୍ୟାସ, ଏବଂ ତା ନକରି ନିଜ ଖୁସି ଅନୁସାରେ ଅବିବାହିତ ଜୀବନଯାପନ କଲେ ମଧ୍ୟ ତଦ୍ୱାରା ତା'ର knot (ଗ୍ରନ୍ଥି) ଭାଙ୍ଗିବ ନାହିଁ। ସେ ଯେତେ ଧର୍ମ କରୁଛି ବୋଲି ମନେ କରୁନା କାହିଁକି, କିଛି ଫାଇଦା ହେବ ନାହିଁ। ......ଗୋପାଳ କଥା ତ ଥାଉ। ମୋ ହାତ-ବାରିସି ପରି ଥିଲା, ମୋର ଇଙ୍ଗିତ ବୁଝି ଚାଲିବାକୁ ଚେଷ୍ଟା କରୁଥିଲା। ଯେପରି

ଥିଲା ବିଦ୍ୟା ସେପରି ଥିଲା ବୁଦ୍ଧି। ତକ୍ଷକ ପରି ତୋଖଡ଼ ଥିଲା। ମୋ ଆଖିର ଗୋଟାଏ ଇସାରା ଦେଖି ବୁଝିପାରୁଥିଲା, କ'ଣ ମୁଁ କହିବାକୁ ଚାହେଁ। ଆଉ ଦୁର୍ଗାଚରଣ କଥା ଭାବି ଦେଖନ୍ତୁ। ଆଗରୁ ଯେତେ ଅକର୍ମ କରିଥାଉନା କାହିଁକି, ପରେ ଖୁବ୍ ବଦଳି ଯାଇଥିଲା। ବି.ସି. ଚାଟାର୍ଜୀ, ଏସ୍.ଏନ୍. ମୋଦକଙ୍କ ପରି ଲୋକ ତାକୁ କେତେ ଖାତିର କରୁଥିଲେ। ସେ କିନ୍ତୁ ତୋଖଡ଼ ଯାଜନ କରୁଥିଲା। ତାପାଖରେ ଲୁଚାଛପା କିଛି ନଥିଲା। ନାଟକୀୟ ଭଙ୍ଗୀ ମଧ୍ୟ ବେଶ୍ ଜାଣିଥିଲା। ଏଇ ହସୁଛି ତ ଏଇ ଝରଝର କରି କାନ୍ଦି ପକାଇଲାଣି। ମଣିଷକୁ ଖୁବ୍ ମଜାଇ ପାରୁଥିଲା। ହରେନ୍ ବୋଷ ମଧ୍ୟ ଏଇ ଧରଣର ଥିଲା। ଏଇସବୁ କଥାବାର୍ତ୍ତା ପରେ ଶ୍ରୀଶ୍ରୀଠାକୁରଙ୍କ ପାଖରେ ଖବର କାଗଜ ପଢ଼ି ଶୁଣା ହେଲା।

ଏହାପରେ ଶ୍ରୀଶ୍ରୀଠାକୁର କେଷ୍ଟ ଭାଇଙ୍କୁ କହିଲେ—ଆପଣ ମାଉସୀମାନଙ୍କ ଉପରେ ସବୁବେଳେ ନଜର ରଖିବେ। ସୁଧା (କେଷ୍ଟ ଭାଇଙ୍କ ସ୍ତ୍ରୀ) ଯେପରି ଫୁଲ (ଦୁର୍ଗା ଭାଇଙ୍କ ସ୍ତ୍ରୀ) ର ଖୋଜ ଖବର ରଖେ। ରେଣୁ (ଗେପାଳ ଭାଇଙ୍କ ସ୍ତ୍ରୀ) ଓ ଫୁଲଙ୍କ ଆଡ଼େ ମୁଁ ଚାହିଁ ମଧ୍ୟ ପାରୁନାହିଁ। ଛାତି ଭିତର ଯେପରି କ'ଣ ହୋଇଯାଏ। ଏବେ ପରମପିତାଙ୍କ ଦୟାରେ ପିଲାପିଲିସବୁ ସେମାନଙ୍କୁ ଜାବୁଡ଼ି ଧରିଛନ୍ତି, ସେମାନେ ମଣିଷ ହୋଇଗଲେ ହେଲା।

ଏହା କହି ଦୀର୍ଘନିଃଶ୍ୱାସ ପକାଇ କାତର ସ୍ୱରରେ କହିଲେ—'ଦୟାଲ'! —କିଛି ସମୟ ପରେ ସ୍ନାନ କରିବାକୁ ଉଠିଲେ।

## ଭାଦ୍ରବ ୪, ମଙ୍ଗଳବାର, ୧୩୪୭ (ଇଂ ୨୦/୮/୪୦)

ଆଜି ଉପରବେଳା ଫକିରବାବୁ (ବାନାର୍ଜୀ—Rajsahi Division ର Inspector of schools) ଶ୍ରୀଶ୍ରୀଠାକୁରଙ୍କ ପାଖକୁ ଆସିଛନ୍ତି। ଶ୍ରୀଶ୍ରୀଠାକୁର ବନ୍ଧ ପାଖରେ ତାମ୍ବୁରେ ବସିଛନ୍ତି। ଶ୍ରୀଶ୍ରୀଠାକୁର ତାଙ୍କୁ ଅଭିଭାବକ-ସ୍ୱରରେ କହିଲେ—ଦେଖନ୍ତୁ, ଆପଣ ଏପରି ଏକ arrangement (ବ୍ୟବସ୍ଥା) କରି ଦିଅନ୍ତୁ ଯେପରି ଆମ ପିଲାମାନଙ୍କର କୌଣସି ଅସୁବିଧା ନହୁଏ, ଆଉ ଏପରି ଭାବରେ କରିବେ ଯେପରି ଆପଣଙ୍କ ପରେ ଆଉ କେହି ତାକୁ ବଦଳାଇ ଦେଇ ନ ପାରେ।

ଫକିରବାବୁ—ତା ଚେଷ୍ଟା କଲେ ଏଠାରେ ଗୋଟିଏ centre (କେନ୍ଦ୍ର) କରାଯାଇ ପାରିବ। ଆଉ, ତପୋବନ ପିଲାମାନଙ୍କ ସମ୍ବନ୍ଧରେ office (ଅଫିସ) ରେ impression (ଧାରଣା) ଏହି ଯେ, ଏଠାକାର ପିଲାମାନେ ଆଗେ ଅନ୍ୟ ସ୍କୁଲରେ ପଢ଼ି ତାହା ଗୋପନ ରଖନ୍ତି, ତେଣୁ ଖୁବ୍ scrutinise (ପୁଙ୍ଖାନୁପୁଙ୍ଖ ଯାଞ୍ଚ) କରାଯାଏ। Certificate (ସାର୍ଟିଫିକେଟ) ନେଇ ଆସିଲେ ତ ଗଣ୍ଡଗୋଳ ହୁଅନ୍ତା ନାହିଁ।

ଶ୍ରୀଶ୍ରୀଠାକୁର—Certificate (ସାର୍ଟିଫିକେଟ) ଆଣିଲେ ମଧ୍ୟ due time (ନିର୍ଦ୍ଧାରିତ ସମୟ) ପୂର୍ବରୁ ପରୀକ୍ଷା ଦେବାର ବ୍ୟବସ୍ଥା କରି ପାରିବେ ନାହିଁ?



ଫକିରବାବୁ—ହଁ, ତା ସମ୍ଭବ ହୋଇପାରେ—ଯଦି ଏଠାକାର shortened course (ସଂକ୍ଷିପ୍ତ ବିଧାନ) ର special method (ବିଶେଷ ପ୍ରଣାଳୀ) ସମ୍ବନ୍ଧରେ University (ବିଶ୍ୱବିଦ୍ୟାଳୟ) କୁ convince (ବିଶ୍ୱାସ) କରାଇ ଦିଆଯାଇ ପାରିବ। ଆମେ ହୁଏତ ଆସି ଦେଖିଲୁ ଏଠାରେ ଖୁବ୍ ଭଲ ପଢ଼ାହେଉଛି—କେବଳ ସେତିକି ଯଥେଷ୍ଟ ନୁହେଁ, system (ବ୍ୟବସ୍ଥା) ଟାକୁ satisfactorily (ସନ୍ତୋଷଜନକ ଭାବରେ) explain (ବ୍ୟାଖ୍ୟା) କରିବାକୁ ହେବ, and that must be convincing (ଏବଂ ତାହା ବିଶ୍ୱାସ ଉତ୍ପାଦନ କଲାପରି ହେବା ଦରକାର)।

ଶ୍ରୀଶ୍ରୀଠାକୁର—ଆଗେ ଯେତେବେଳେ ମୁଁ କେଷ୍ଟ ଭାଇ, ଗୋପାଳ, ପଞ୍ଚାନନ ଭାଇ, ବଙ୍କିମ ଇତ୍ୟାଦିଙ୍କୁ ନେଇ ଆରମ୍ଭ କରିଥିଲି, ସେତେବେଳେ କିନ୍ତୁ wonderful effect (ଆଶ୍ଚର୍ଯ୍ୟଜନକ ଫଳ) ଦେଖିଛି। କେତେଜଣ ତ ୩ ବର୍ଷ ଭିତରେ ପାଶ କରିଛନ୍ତି ଏବଂ ଏଇ ଯେଉଁମାନେ ପାଶ କରିଛନ୍ତି, ସେମାନଙ୍କର ଶିକ୍ଷାଟା third rate worth (ନିକୃଷ୍ଟ ଧରଣ)ର ନୁହେଁ। ଶିକ୍ଷାପଦ୍ଧତି ସମ୍ବନ୍ଧରେ ଯାହା କହିଛି ବା ଯାହା କରି ଦେଖିଛି, ସେତେବେଳେ ସେମାନେ କିଛି କିଛି ଲେଖି ରଖୁଥିଲେ, ସବୁଟା ଲେଖା ହୋଇନାହିଁ। ଏବେ ଦେଖୁଛି ଲେଖା ନଥିଲେ କିଛିଦିନ ପରେ ଜିନିଷଟା ମୁଣ୍ଡରେ ରୁହେ ନା। ତେଣୁ ଏଥର ମୁଁ ଠିକ୍ କରିଛି ଏମାନଙ୍କୁ (ପ୍ରଫୁଲ୍ଲକୁ ଦେଖାଇ) ନେଇ ଆଉ ଦୁଇଟି ବ୍ରାହ୍ମଣ M.A. ଯୋଗାଡ଼ କରି ନୂଆକରି ଆରମ୍ଭ କରିବି, ପ୍ରଶ୍ନୋତ୍ତର ଛଳରେ "ଶିକ୍ଷା-ପ୍ରସଙ୍ଗେ" ନାମକ ଖଣ୍ଡେ ବହି ହୋଇଯିବ। ସେଟା convincing (ବିଶ୍ୱାସ କଲା ଭଳି) ହେବ କି ନାହିଁ ଜାଣେ ନାହିଁ। କାରଣ, ମୁଁ ତ କହିବି ମୋ ପରି ମୋ ଭାଷାରେ। ମୋର experience (ଅଭିଜ୍ଞତା) ଗୁଡ଼ିକ ମୁଁ ବଖାଣି ଦେଇଯିବି। ଲେଖାପଢ଼ା ଜାଣେ ନାହିଁ, ମୂର୍ଖଲୋକ, ତେଣୁ ଜାଣେନା କ'ଣ ହେବ। ତେବେ ମୁଁ ଦେବି, ମୋର ଯାହାଅଛି—ଆପଣମାନଙ୍କୁ ସେଥିରୁ ଖୋଜି ବାହାର କରିବାକୁ ହେବ—ଆପଣମାନଙ୍କ ପ୍ରଣାଳୀ ସହିତ ମିଳାଇବାକୁ ଗଲେ ପାରିବି ନାହିଁ! ଏବେ ତ ଟିକିଏ କମିଯାଇଛି, ଆଗେ ମୁଁ ବି.ଏ. ପାଶ ଶୁଣିଲେହିଁ ଭୟଭୀତ ହୋଇ ଯାଉଥିଲି। ତେବେ ମୁଁ ଯାହା ଦେଇଛି, ସେସବୁ କେଷ୍ଟ ଭାଇଙ୍କ ପ୍ରରୋଚନାରେ। କେଷ୍ଟ ଭାଇ ଯେତେବେଳେ କହିଲେ—ଇଂରାଜୀରେ ବାଣୀ ଦେବାକୁ, ମୁଁ ତ ମନେ ମନେ ହସୁଥିଲି, ତାପରେ ଫାଜିଲାମି କରି କହିବାକୁ ଆରମ୍ଭ କଲି। ସେମାନେ କହିଲେ—ହେଉଛି ; ହେଉଛି ତ ହେଉଛି, ଜିଦି ଲାଗିଗଲା, ଯାହା ମନରେ ଆସେ କହିବାକୁ ଲାଗିଲି, ଯେପରି ମେଘଖଣ୍ଡମାନ ଭାସି ଭାସି ଯାଉଥିଲା ଆଉ ମୁଁ ତାକୁ ଧରି ଧରି ଛାଡ଼ି ଛାଡ଼ି ଦେଉଥିଲି। ହଠାତ୍ ଯଦି ଗୋଟାଏ word drop କରି (ଶବ୍ଦ ଧରିପାରୁ ନଥିଲେ) ଯାଉଥିଲା, ପରେ ପଚାରିଲେ ଆଉ କହିପାରୁ ନଥିଲି, ତାକୁ ନେଇ ସେମାନଙ୍କୁ ଘଣ୍ଟା ପରେ ଘଣ୍ଟା ମୁଣ୍ଡ

ଖଟାଇବାକୁ ହେଉଥିଲା । ତାପରେ ପୁଣି କେଷ୍ଟ ଭାଇ 'ଛଡ଼ା' (ନୀତିଶିକ୍ଷାମୂଳକ ବାଣୀ) ଚାହିଁଲେ । ମୁଁ କ'ଣ ତା କହିପାରେ ? ପିଲାଦିନେ ସମସ୍ତେ ଯେପରି ଲେଖନ୍ତି ମୁଁ ମଧ୍ୟ ସେଇପରି ଗୋଟାଏ ଦୁଇଟା କବିତା ଲେଖିଥିଲି । କିନ୍ତୁ ଛଡ଼ା କହିବା କ'ଣ ସମ୍ଭବ ? କେଷ୍ଟ ଭାଇଙ୍କ ପ୍ରରୋଚନାରେ କହିବାକୁ ଆରମ୍ଭ କଲି ଯେ କଲି । ଏମାନେ ଖୁବ୍ ପସନ୍ଦ କରନ୍ତି, ଆପଣ (ଫକିରବାବୁ) ଟିକିଏ ଦେଖନ୍ତୁ ତ ; ଶୁଣନ୍ତୁ ତ, ଏଇ ଯେ ଏସବୁ ମୁଁ କହୁଥିଲି, କରୁଥିଲି—ଏହା ପଛରେ ଗୋଟାଏ ଆନନ୍ଦ ଥିଲା, ମା ପାଖରୁ ବାହାଦୂରି ନେବାର ପ୍ରବଳ ଇଚ୍ଛା ଥିଲା । ଯାହା କରୁଥିଲି ଏଇ ଆଶାରେହିଁ କରୁଥିଲି—ମା ଶୁଣି କହିବେ, ବେଶ୍ ହୋଇଛି—ସେଇଥିଲା ମୋର ସାର୍ଥକତା, ମୋର ପୁରସ୍କାର । ମା ଚାଲି ଯାଇଛନ୍ତି, ବର୍ତ୍ତମାନ ଆଉ କୌଣସି ଆନନ୍ଦ ପାଏ ନାହିଁ ।

ଶ୍ରୀଶ୍ରୀଠାକୁର କେଷ୍ଟ ଭାଇ (ଭଟ୍ଟାଚାର୍ଯ୍ୟ) କୁ ଛଡ଼ାର ଖାତା ନେଇ ଆସିବାକୁ କହିଲେ ।

କେଷ୍ଟ ଭାଇ ଆଣିଲେ, ପଢ଼ା ଆରମ୍ଭ ହେଲା । ଗୋଟିଏ ପରେ ଗୋଟିଏ ଏହିପରି ଘଣ୍ଟାଏ ଧରି ନାନା ବିଷୟକ ବହୁ ଛଡ଼ା ପଢ଼ା ହେଲା ।

ଫକିରବାବୁ ତ ଅବାକ୍ ।

ଶ୍ରୀଶ୍ରୀଠାକୁର—ଏହାସବୁ କ'ଣ ଛାପିବା ଯୋଗ୍ୟ ହୋଇଛି ?

ଫକିରବାବୁ—କ'ଣ କହୁଛନ୍ତି ? ଏହା ତ ଛଡ଼ା ନୁହେଁ, ଯେ ଉନ୍ନତ ଧରଣର କାବ୍ୟ, କେତେଗୁଡ଼ିଏ ଜିନିଷ ତ ଖୁବ୍ ସୁନ୍ଦର ହୋଇଛି ।

ଛଡ଼ା ପଢ଼ାହେଲା ପରେ ଶ୍ରୀଶ୍ରୀଠାକୁର କହୁଛନ୍ତି—ଆମର ଏଠାରେ education (ଶିକ୍ଷା) ଟା ନିତାନ୍ତ domestic (ଘରୁଆ) ପରି ହୋଇଥାଏ । B.A., M.A. ପାଶ କରି ମଧ୍ୟ ଏଠାକାର ପୁଅ-ଝିଅମାନେ ବୁଝିପାରନ୍ତି ନାହିଁ ଯେ ସେମାନେ education (ଶିକ୍ଷିତ) ହୋଇଛନ୍ତି । ସେମାନଙ୍କ ଚାଲିଚଳନ, କଥା କହିବାର ଢଙ୍ଗ ସବୁ ଅତ୍ୟନ୍ତ ସାଧାରଣ ଘରୁଆ ପରି, ଆପଣଙ୍କୁ ହୁଏତ ଗିଲାସେ ପାଣି ଦେବେ ଠିକ୍ ସେଇ ଢଙ୍ଗରେ । ଥରେ କଲିକତାରୁ ଗୋଟିଏ matriculate (ମ୍ୟାଟ୍ରିକ୍‌ପାଶ କରିଥିବା) ଝିଅ ଆଶ୍ରମକୁ ଆସି ଦେଖେ ଯେ B.Sc. ପାଶ କରିଥିବା ଗୋଟିଏ ଝିଅ ମୂର୍ଖ ପଢ଼ାଗାଁର ଝିଅପରି ଅଣ୍ଟାରେ ଲୁଗାବାନ୍ଧି ହାଣ୍ଡି ଧୋଉଛି, ଲୁଗାରେ ତା'ର କଳା ଲାଗିଯାଇଛି । ତାକୁ ଦେଖି ସେ (ପୂର୍ବୋକ୍ତ ଝିଅଟି) କୌଣସି ପ୍ରକାରେ ବିଶ୍ୱାସ କରିପାରିଲା ନାହିଁ ଯେ, ସେ ଏତେ educated (ଶିକ୍ଷିତା) ବୋଲି ।

ଫକିରବାବୁ ଅତ୍ୟନ୍ତ-ଉତ୍ସାହ ଉଦ୍ଦୀପ୍ତ ହୋଇଉଠିଲେ । ଆଳାପ-ଆଲୋଚନାରେ ଆଉ କିଛି ସମୟ କଟିଗଲା । ତାପରେ ଫକିରବାବୁ ଶ୍ରୀଶ୍ରୀଠାକୁରଙ୍କୁ ପ୍ରଣାମ କରି ଉଠିଲେ । ଶ୍ରୀଶ୍ରୀଠାକୁର ତାଙ୍କୁ ପୁଣିଥରେ ଆସିବାକୁ କହିଲେ ।



## ଭାଦ୍ରବ ୫, ବୁଧବାର, ୧୩୪୭ (ଇଂ ୨୧/୮/୪୦)

ଦିପହରରେ ନିଦରୁ ଉଠି ଶ୍ରୀଶ୍ରୀଠାକୁର ସହାସ୍ୟ ବଦନରେ ତାମ୍ବୁରେ ବସିଛନ୍ତି, କେଷ୍ଟ ଭାଇ (ଭଟ୍ଟାଚାର୍ଯ୍ୟ)ଙ୍କ ସଙ୍ଗେ ନାନା ଗଳ୍ପ କରୁଛନ୍ତି ।

ଶ୍ରୀଶ୍ରୀଠାକୁର—କେତେକ କଥା ମନରେ ଆସେ, ତାକୁ ନିଛକ କଳ୍ପନା ବୋଲି କହିପାରେ ନାହିଁ । ସ୍ମୃତି ବୋଲି ମନେହୁଏ । ତା ନହେଲେ ପ୍ରତ୍ୟେକ ଥର ଏପ୍ରକାର ରୂପ ନେଇ ହାଜିର ହୁଅନ୍ତା କାହିଁକି ? Fact (ବାସ୍ତବ ଘଟଣା) ନ ହେଲେ ଏପରି ହେବ ନାହିଁ । ବେଶ୍ ମନେପଡ଼େ, ଏଇ ପାହାଡ଼, ତା ଭିତରେ ବିରାଟ ଖଣ୍ଡେ ପଥର, କେତେ ଲତା, ଫୁଲ ତା ଦେହରେ ମାଡ଼ିଛି, ପାଖରେ ପଶ୍ଚିମରୁ ପୂର୍ବକୁ ନଦୀ ବହି ଯାଉଛି, ନଦୀଟା ପ୍ରସାର ଅପେକ୍ଷା ଗଭୀର ବେଶି । ଆଉରି ମନେପଡ଼େ,—ବିରାଟ ଏକ ପଡ଼ିଆ horizon (ଦିଗନ୍ତ) ର ଆର ପାଖରେ, ଦୂରରେ ବହୁତ ଦୂରରେ—କୁଣ୍ଡିଆର ଜଳ ଠାରୁ ଆହୁରି ଦୂରରେ । ବିରାଟ ମନ୍ଦିରର ଚୂଡ଼ା, ସୁନାରେ ଛାଉଣି ହୋଇଛି । ମୁଁ ଯେପରି ଏଇସବୁ ଜାଗାରେ କେବେ କେବେ ରହିଥିଲି । ଟିକିଏ ପରେ ପ୍ୟାରୀ ଭାଇ ଗୋଟିଏ 'ଛଡ଼ା' ଆଣିଦେଲେ । ଛଡ଼ାଟାର ମର୍ମ ହେଲା ଯେ—କର୍ମଫଳ ଖଣ୍ଡନ ହେଉଛି କି ନାହିଁ ବୁଝିବାକୁ ହେବ ସତ୍‌କର୍ମରେ ଆମେ ବାସ୍ତବ ଭାବରେ ବ୍ୟାପୃତ ହୋଇ ଉଠୁଛୁ କି ନା । ଶ୍ରୀଶ୍ରୀଠାକୁର କହିଲେ—ଭଲ କାମ ଆରମ୍ଭ କରୁ କରୁ ଯେ ସଙ୍ଗେ ସଙ୍ଗେ ଭଲ ଫଳ ମିଳିଯିବ ସେମିତି କିଛି କଥା ନାହିଁ । ପୂର୍ବର ଖରାପ କାମର ଫଳ ଅବଶ୍ୟ ଦେଖାଦେବ । କର୍ମର effect (ଫଳ) ତ ଅଛି, ତାହା ରୁଦ୍ଧ ହେବନାହିଁ, କିନ୍ତୁ ତାକୁ ମଣିଷ ଏପରି ଭାବରେ manipulate (ନିୟନ୍ତ୍ରଣ) କରି ପାରିବ, utilise (ବ୍ୟବହାର) କରି ପାରିବ ତାହା ମଙ୍ଗଳ ଛଡ଼ା ଅମଙ୍ଗଳ ପ୍ରସବ ଆଦୌ କରିପାରିବ ନାହିଁ । ଖରାପଟା ଆସିବ, କିନ୍ତୁ ତାହା କ୍ଷତି କରି ପାରିବ ନାହିଁ । ଉଦାହରଣ ସ୍ୱରୂପ ନରେନ ଭାଇ (ମିତ୍ର), ତା'ର ହାତ ଗୋଡ଼ ପୋଡ଼ିଗଲା, ସେଇ ଅବସ୍ଥାରେ ମଧ୍ୟ ଏପରି pose (କାଇଦା) ନେଇ ଛିଡ଼ା ହୋଇଗଲା ଯେ enviornment (ପରିବେଶ) ମୁଗ୍ଧ ହୋଇଗଲା । ନିଜଦେହ କେତେ ପୋଡ଼ିଗଲା ସେଆଡ଼କୁ ଭ୍ରୂକ୍ଷେପ ନ କରି ସମସ୍ତଙ୍କୁ ଧରି ଧରି ନେଇଗଲା, ଏବଂ ସେଇ ଅବସ୍ଥାରେ ଯାଜନ ଆରମ୍ଭ କରିଦେଲା । ଏପରି ଅବହାଓଆ ସୃଷ୍ଟି କରିଦେଲା ଯେ ଯେଉଁମାନଙ୍କ ଦେହ କମ୍ ପୋଡ଼ିଯାଇଥିଲା, ସେମାନେ ନରେନ ଭାଇଙ୍କୁ ଦେଖି ନିଜର ଯନ୍ତ୍ରଣା କଥା ଭୁଲି ଗଲେ—ଭାବିଲେ, ସତେ ଯେପରି କିଛି ହୋଇନାହିଁ । ଏତେବଡ଼ ଗୋଟାଏ accident (ଦୁର୍ଘଟଣା) ଭିତର ଦେଇ environment (ପରିବେଶ) କୁ କିପରି ଯେ win (ଜୟ) କରି ପାରିଲା, ଏହା କମ୍ କଥା ନୁହେଁ, ଏହିପରି ସାଧାରଣତଃ ହୋଇଥାଏ ।

ରାଜସାହୀରୁ ଜଣେ ଭାଇ ଆସିଛନ୍ତି । ସେ ବେକାର ଅବସ୍ଥାରେ ଅଛନ୍ତି ବୋଲି

ଜଣାଇଲେ ।

ଶ୍ରୀଶ୍ରୀଠାକୁର—ମାସେ ନିଜେ ଉପାୟ କରି ଇଷ୍ଟଭୃତି କର୍ । ତା ପରେ ଠିକ୍ ରାସ୍ତା ପାଇବୁ ।

ସନ୍ଧ୍ୟାବେଳେ ଶ୍ରୀଶ୍ରୀଠାକୁର Philanthropy Office ରେ ବସି ନଫର ଭାଇ (ଘୋଷ) ର ସଙ୍ଗେ କଥାବାର୍ତ୍ତା ହେଉଥିଲେ—ରୋଗ-ବ୍ୟାଧି ଯେ ହୁଏ ତା'ର ମୂଳ କାରଣ ହେଉଛି କିଛି ନା କିଛି ବୃତ୍ତି, ମଣିଷ ସେଇ ବୃତ୍ତିର ବଶବର୍ତ୍ତୀ ହୋଇ ତଦନୁରୂପ ଚଳି ତାପରେ ପଡ଼େ ବେମାର । ତେଣୁ ସେଇ ମୂଳ କାରଣର ସନ୍ଧାନ ନ କରି, ସେଠାରେ ହାତ ନ ଦେଇ ଆଉ ଯେତେ ଜାଗାରେ ଅଣ୍ଡାଳିଲେ ମଧ୍ୟ, ଯେତେ ଔଷଧ ଖାଇଲେ ମଧ୍ୟ କାହିଁରେ କିଛି ହୁଏ ନାହିଁ । ଔଷଧଟା ରୋଗକୁ ଅଟକାଇ ଦେଇ ପାରେ ମାତ୍ର । ଠିକ୍ ଯେପରି ଦରକାର ହେଲେ ଜଣେ ଲୋକକୁ ବାନ୍ଧି ପକାଇ ଦିଆଯାଏ । କିନ୍ତୁ ଯେପର୍ଯ୍ୟନ୍ତ କାରଣକୁ ଦୂର କରାଯାଇ ନାହିଁ, ସେ ପର୍ଯ୍ୟନ୍ତ କିଛି ହୋଇନାହିଁ । ଥରେ ଔଷଧ ବନ୍ଦ କରିଦେଲେ ପୁଣି ଯେଉଁ କଥାକୁ ସେଇ କଥା । ଆଚରଣଟା ଠିକ୍ ହେଲେ ଅନେକ ରୋଗ ଛାଡ଼ିଯାଏ, ବେଶୀ ଔଷଧ ଖାଇବା ଦରକାର ହୁଏନାହିଁ—ତେବେ ଏକଦମ ଯେ ଦରକାର ହେବ ନାହିଁ, ତା କହୁନାହିଁ । ଔଷଧ body (ଶରୀର) କୁ fit (ଉପଯୁକ୍ତ) କରିବାରେ ସାହାଯ୍ୟ କରେ । ଚରକଙ୍କର ଏଇ ଜାତୀୟ କ'ଣ ଗୋଟାଏ ଶ୍ଳୋକ ଅଛି । ଅନେକ ଅଛନ୍ତି ଖାଇବା-ପିଇବା ବିଷୟରେ ସେମାନଙ୍କର ଏତେ ଲୋଭ ଯେ, ତାଙ୍କର ରୋଗପାଇଁ ଯଦି ତାଙ୍କୁ କିଛିଦିନ ଥାନକୁନି ଝୋଳ ଖାଇବାକୁ ଦିଆଯାଏ, ସେ ହୁଏତ ମୁଖମଣ୍ଡଳକୁ ବିକୃତ କରି ବିରକ୍ତିର ସଙ୍ଗେ କହିବେ—ଥା...ନ...କୁ...ନି ଥାନ-କୁନି ଥାନକୁନି (ଶ୍ରୀଶ୍ରୀଠାକୁର ଏପରି ବିଚିତ୍ର ଭଙ୍ଗୀରେ କହିଲେ ଯେ ସମସ୍ତେ ହସି ହସି ବେଦମ ହୋଇଗଲେ ।)—ଆଉ କିଛି ଆଖିକୁ ଦେଖା ଯାଉନାହିଁ ; ଯେତେସବୁ ଛୋଟଲୋକୀ କାରବାର । ମୁଁ ବାପାଙ୍କୁ ଆଗରୁ କହିଥିଲି, ତା ହେବନାହିଁ, ବାପାଙ୍କର କିନ୍ତୁ ସେଇକଥା ଛୋଟଲୋକ ଘରୁ ଝିଅ ଆଣିବେହିଁ ଆଣିବେ, ମୋ ଜୀବନଟାକୁ ଏକଦମ ବରବାଦ କରିଦେଲା । ଅବଶ୍ୟ, ପ୍ରକୃତରେ ହୁଏତ ତା'ର ପସନ୍ଦ ଅନୁସାରେ ଏ ବିବାହ ଠିକ୍ କରାଯାଇଛି । ସ୍ତ୍ରୀ ଯତ୍ନ ସହକାରେ ରୁଗ୍ଣ ସ୍ୱାମୀଙ୍କୁ ଉପଯୁକ୍ତ ପଥ୍ୟ ଦେବାକୁ ଗଲା । ସେ ହୁଏତ ରାଗି ତା ଉପରକୁ ପାଦର ଖଡମ ଫୋପାଡ଼ିଲେ ସ୍ତ୍ରୀଃ। ଅଣ୍ଟା ଆଣ୍ଠୁଡ଼ି ହୋଇଗଲା । ଲୋଭରେ ପଡ଼ି ମଣିଷ କ'ଣ ନ କରେ ତା'ର କିଛି ଠିକ୍ ନାହିଁ । ଆଉ, ମଣିଷ ଯେଉଁ ନିୟମପାଳନ କରେ ତା ମଧ୍ୟରେ ତାର ବୃତ୍ତିର ଖିଆଲଟି ବାଦ୍ ଦିଏ ନାହିଁ । ସେ ହୁଏତ ଥାନକୁନି ଝୋଳହିଁ ଖାଉଛି, ତା ସହିତ ଟିକେ ଲଙ୍କାମରିଚ ଗୋଳାଇ ଦେଉଛି । ହୁଏତ ଆଳୁଭର୍ତ୍ତା ଖାଉଛି, ସେଥିରେ ଦିଚାମଚ ଘିଅ ପକାଇ ଦେଉଛି, କହୁଛି—ତା ନହେଲେ କ'ଣ ଚଳିବ ! ଚୁଲା ଖାଇ ହେଉନାହିଁ । ଏହିପରି ଅନିୟମ କରି ମଧ୍ୟ ସେ ଭାବୁଛି, ସେ ଠିକ୍ ଠିକ୍ ଚାଲୁଛି । ମଣିଷ ତା'ର ବୃତ୍ତି ସମ୍ବନ୍ଧରେ କେତେ ଯେ



ବେହୋସ ଓ blind (ଅନ୍ଧ), ଏହିପରିଭାବରେ ଚଳିବ, କୌଣସି ଫଳ ପାଇବ ନାହିଁ, ଶେଷରେ ବିଜ୍ଞଙ୍କ ପରି ଅବଶୋଷ କରି କହିବ—ହଁ ! ହଁ ! ସବୁ ଦେଖିଛି, ସବୁ କରିଛି—କୋଉଥିରେ କିଛି ହେଲାନାହିଁ । କିଛି ଫଳ ହେଲା ନାହିଁ, ସବୁ ବାଜେ କଥା । ଏଇଥିପାଇଁ ଭଗବାନଙ୍କର ଅନ୍ୟ ଏକ ନାମ ବିଧି, ବିଧିକୁ ନମାନି କାହାରି ପକ୍ଷେ ପାରି ଉଠିବା ସମ୍ଭବ ନୁହେଁ । ମଣିଷ ପ୍ରବୃତ୍ତିର ବିଧିକୁହିଁ ମାନେ, କିନ୍ତୁ ଜୀବନର ବିଧିକୁ, ସୁଖର ବିଧିକୁ ମାନେ ନାହିଁ—ତେଣୁ ଦୁଃଖ ଅନିବାର୍ଯ୍ୟ ହୋଇଉଠେ । ତୁମର ଦେହ ଖରାପ ହୋଇଛି, ପଣସ ଖାଇବାକୁ ଇଚ୍ଛା ହେଲା, ଖାଇଲ ମଧ୍ୟ,—ଥରେ ପଣସ ଖାଇଦେଇ, ସାରାଜୀବନ ପଣସ ଖାଇବା ହୋଇଗଲା, ସେତେବେଳେ ନ ଖାଇଥିଲେ ଜୀବନସାରା କେତେ ପଣସ ଖାଇଥା'ନ୍ତ । ତେଣୁ ବୁଝି ବିଚାରି ଚାଲିବା ଦରକାର, ଭାବି ଦେଖିବାକୁ ହେବ—କେଉଁ ନିୟମରେ କେଉଁ କାଇଦାରେ, କିପରିଭାବରେ ଚାଲି ବୁଲି, ଖାଇ ପିଇ, କିପ୍ରକାର ଆଚରଣ କରି ତୁମେ ଭଲ ରହିପାର—ଆଉ ସେହିପରି ଭାବରେ ଚଳିବାକୁ ହେବ ।

ପାବନାର District Inspector of schools (ଜିଲ୍ଲା ସ୍କୁଲ ଇନ୍ସପେକ୍ଟର) ଆସିଛନ୍ତି । ସେ ପଚାରିଲେ—ଶରୀର ସୁସ୍ଥଥିଲେ ବେଶୀ ଖାଇଲେ ବି ଅନେକଙ୍କର କିଛି କ୍ଷତି ହୁଏନାହିଁ । ବେଶ୍ ସହ୍ୟ କରିପାରନ୍ତି ।

ଶ୍ରୀଶ୍ରୀଠାକୁର—ଯାହା ପ୍ରୟୋଜନ ତା ଅପେକ୍ଷା ବେଶି ଖାଇଲେ ତ ତାର ଚାପ ଆମର Stomach, Nerves, Heart (ପେଟ, ସ୍ନାୟୁ ଓ ହୃଦୟ) କୁ ବହନ କରିବାକୁ ହେବ । କିନ୍ତୁ ଆପଣ ମୁଁ ତ Sperm ଓ Ova ର product (ଶୁକ୍ର ଓ ଡିମ୍ବରୁ ଉତ୍ପତ୍ତି)—ଗୋଟାଏ limited energy (ସୀମିତ ଶକ୍ତି) ଦେଇ ଜନ୍ମିଛୁ ଏବଂ ତାହାହିଁ ନେଇ ବଞ୍ଚିଛୁ । ଏହି life potency (ଜୀବନୀ ଶକ୍ତି)କୁ ହିଁ କୁହାଯାଏ ଆୟୁ । ଏହି ଆୟୁକୁ ଯଦି ଅଯଥା ଅପବ୍ୟୟ କରୁ—ଏହା ତ ଶେଷ ହୋଇଯିବ, ଶରୀର ମଧ୍ୟ ଦୁର୍ବଳ ହେବ—ତା'ର ଆଭାସ ହୁଏତ ବହୁତ ଡେରିରେ ମିଳିପାରେ । ଉଦାହରଣ ସ୍ୱରୂପ ଶରୀର ଉପରେ ଅତ୍ୟାଚାର କରି ମଧ୍ୟ ଆପଣଙ୍କର ହୁଏତ ପଚାଶବର୍ଷ ବୟସରେ କିଛି କ୍ଷତି ହେଲା ନାହିଁ, କିନ୍ତୁ ଷାଠିଏ ବର୍ଷ ବୟସରେ ହୁଏତ ଆପଣ ଦେଖିବେ ଅଶିବର୍ଷର ବୁଢ଼ାପରି ଅକ୍ଷମ ହୋଇ ପଡ଼ିଛନ୍ତି । ଅନିୟମର effect (ଫଳ) ତ ପୁଣି ଭୋଗିବାକୁ ହେବ ।

ରାତି ଦି'ପହରେ, ଅନ୍ଦାଜ ଦୁଇଟା ଅଢ଼େଇଟା ସମୟ ହେବ, ଡରୁ-ମା ଆସି ପ୍ରଫୁଲ୍ଲକୁ ଡାକିଲେ—ଶ୍ରୀଶ୍ରୀଠାକୁର ଡାକୁଛନ୍ତି ।

ଶ୍ରୀଶ୍ରୀଠାକୁରଙ୍କ ପାଖକୁ ଯିବାରୁ ସେ କହିଲେ—ଏଇ ଛଡ଼ା (ନୀତିଶିକ୍ଷାମୂଳକ ବାଣୀ) ଟା କ'ଣ ରେ ? ଭଲପାଇବାର ଅଛି ଗୋଟାଏ ଛୋଟ ନିଶ୍ଚିତ ଲକ୍ଷଣ । ଛଡ଼ାର ଖାତା ଖୋଲାଇ ଉକ୍ତ ଛଡ଼ାଟା ବାହାର କରି କେଷ୍ଟ ଭାଇଙ୍କ ହାତରେ ଦିଆଗଲା । ସେ ତାହା ପଢ଼ି ଶୁଣାଇଲେ । ପଢ଼ାହେଲା ପରେ କାଳିଦାସୀ-ମା'ଙ୍କୁ ଡାକି କହିଲେ—ଶୁଣିଲୁ

କାଳିଦାସୀ ? ଛଡ଼ାଟିର ଅର୍ଥ ଏଇ ଯେ—ପ୍ରିୟକୁ ଦେଖିବା ପାଇଁ ହଜାର ଲୋକ ଥିଲେ ମଧ୍ୟ, ନିଜେ ନ ଦେଖିଲେ, ତତ୍ତ୍ୱାବଧାନ ନ କଲେ, ଉପଯୁକ୍ତ ବ୍ୟବହାର ଓ ବ୍ୟବସ୍ଥାସହ ପ୍ରିୟର ସକଳ ବିଷୟରେ ଯଥାଯଥଭାବରେ ବ୍ୟାପୃତ ନ ରହିଲେ ପ୍ରିୟବ୍ୟକ୍ତିର କୌଣସି ପ୍ରକାରେ ତୃପ୍ତି ଆସେନାହିଁ—ପ୍ରିୟ-ପରିଚର୍ଯ୍ୟାରେ ତା'ର ସେବାହସ୍ତ ସର୍ବଦା ଓ ସର୍ବତ୍ର ସକ୍ରିୟ ଥିବ।

ଶ୍ରୀଶ୍ରୀଠାକୁର ନିଜେ ନିଜେ କହୁଛନ୍ତି—ମୋର କିନ୍ତୁ ଆପଣମାନଙ୍କ ପାଇଁ ଏହିପରି ହୋଇଥାଏ ।,ଏତେ ଲୋକ ଥାଉ ଥାଉ ଗୋଟାଏ ଛୋଟ ପିଲା ମଧ୍ୟ ଚିତ୍କାର କରି ଦେଲେ ମୋର ଯେପରି କ'ଣ ହୋଇଯାଏ।

ଆଜି ରାତି ଏଗାରଟା ସାଢ଼େ-ଏଗାରଟା ସମୟରେ ସନ୍ଧାନ ମିଳିଲା ଯେ ଶ୍ରୀଶ୍ରୀଠାକୁରଙ୍କ ସୁପାରି (ଗୁଆ) ଡବାରେ କିଏ ବିଷ ରଖିଦେଇଛି। ସୁପାରି ଖାଇ ଶ୍ରୀଶ୍ରୀଠାକୁରଙ୍କ ଶରୀର ଅତ୍ୟଧିକ ଅସୁସ୍ଥ ହୋଇ ପଡ଼ିଛି। ଏପରି ଏକ ମାରାତ୍ମକ ଷଡ଼ଯନ୍ତ୍ର ହୋଇ ଯାଇଛି ଅଥଚ ଶ୍ରୀଶ୍ରୀଠାକୁର କିପରି ନିରୁଦ୍‌ବିଗ୍ନ ମନରେ ସ୍ୱାଭାବିକଭାବରେ ଗଳ୍ପ କରୁଛନ୍ତି।

## ଭାଦ୍ର ୭, ଶୁକ୍ରବାର, ୧୩୪୭ (ଇଂ ୨୩/୮/୪୦)

ଅନେକଦିନ ପରେ ସୁଶୀଳ ଭାଇ (ବସୁ) ବଙ୍ଗଜନନୀ କୋଳରେ ସେଇ ଆଶ୍ରମକୁ ଫେରି ଆସିଛନ୍ତି। ଭାଦ୍ରବର ଭରା ନଦୀ ସେତେବେଳେ କୂଳପ୍ଲାବିନୀ ହୋଇ ଆଶ୍ରମ ପାର୍ଶ୍ୱରେ କଳକଳତାନରେ ବହି ଯାଉଛି, ଆଶ୍ରମର ସମ୍ମୁଖରେ ଏକ ଅପୂର୍ବ ଦୃଶ୍ୟ। ଶ୍ରୀଶ୍ରୀଠାକୁର ସକାଳେ ବନ୍ଧ ପାଖରେ ଚାଳଘରଟିରେ ବସିଛନ୍ତି। ସୁଶୀଳ ଭାଇ ଆସି ଉପସ୍ଥିତ ହେଲେ। ସେ ନିକଟରେ ଭୃଗୁଙ୍କର କୋଷ୍ଠୀ ସଂଗ୍ରହରେ ବ୍ୟସ୍ତ ଥିଲେ। ସେଇସବୁ ବିଷୟରେ ନାନା ଗଳ୍ପ କରୁଛନ୍ତି।

ସୁଶୀଳ ଭାଇ—ଜୟପୁର, କାଶ୍ମୀର ଇତ୍ୟାଦି ରାଜ୍ୟରେ ଅନେକ ସୁନ୍ଦର-ସୁନ୍ଦର ପ୍ରାଚୀନ ଗ୍ରନ୍ଥାଦି ଅଛି, ସେଗୁଡ଼ିକ ଏପର୍ଯ୍ୟନ୍ତ ମଧ୍ୟ ଛପା ହୋଇନାହିଁ। ଜର୍ମାନୀ ଓ ଆମେରିକାରୁ ବହୁ ପଣ୍ଡିତ ବ୍ୟକ୍ତି ଆସି ସେଗୁଡ଼ିକ ଦେଖି, ନେବାପାଇଁ ଚେଷ୍ଟା କରିଛନ୍ତି, କିନ୍ତୁ ରାଜ୍ୟ ସରକାର ଅନୁମତି ଦେଇ ନାହାଁନ୍ତି।

ଶ୍ରୀଶ୍ରୀଠାକୁର—ଆମେ ଯେ କେତେ ଉନ୍ନତ ଥିଲୁ ତାହା ଭୃଗୁଙ୍କର ଏହି ଗୋଟିଏ ଘଟଣାରୁହିଁ ବୁଝାଯାଏ। ଆମେ ଯେତେ ଉପରକୁ ଉଠିଯାଇଥିଲୁ ସେମାନେ (ପାଶ୍ଚାତ୍ୟ ଦେଶ ସକଳ) ଏବେ ମଧ୍ୟ ସେଇ ସ୍ତରକୁ ଯାଇପାରି ନାହାନ୍ତି।

ଧାତୁର ରୂପାନ୍ତର ସମ୍ବନ୍ଧରେ ସୁଶୀଳ ଭାଇ ଆଲୋଚନା କରୁଥିଲେ।



ଶ୍ରୀଶ୍ରୀଠାକୁର—Principle (ନିୟମ) ଭଲଭାବରେ ନ ଜାଣିଲେ tackle (ପରିଚାଳନା) କରିବା କଷ୍ଟକର।

ପୁନର୍ଜନ୍ମ-ସମ୍ବନ୍ଧରେ କଥା ଉଠିଲା।

ଶ୍ରୀଶ୍ରୀଠାକୁର—ମୋର ମନେହୁଏ, ମଣିଷ ଯେଉଁ ଦଶାରେ ମରିଯାଏ ସେଇ ଦଶାରେ ଅର୍ଥାତ୍ ସେଇ ଗୋଚର ଫଳରେ ଜନ୍ମିଥାଏ। ଜଣକର ଜନ୍ମଲଗ୍ନରୁ ସେଇଟାକୁ revert (ଓଲଟାଇ) କରି ତା'ରି ପୂର୍ବଜନ୍ମ ଜଣାଯାଇ ପାରେ। କିନ୍ତୁ କେଉଁ point (ଜାଗା)ରୁ revert (ଓଲଟାଇ) କରିବାକୁ ହେବ, ତାହା ଠିକ୍ ଭାବରେ ବୁଝିବାକୁ ହେବ। ଗୋପାଳ ଥରେ ମୋତେ କହୁଥିଲା—"ଆପଣଙ୍କରଟା ଓଲଟାଇଲେ ରାମକୃଷ୍ଣଦେବଙ୍କ ଜୀବନ ହୋଇଯାଏ, ତାକୁ ଓଲଟାଇଲେ ବୁଦ୍ଧଦେବଙ୍କ ଜୀବନ ମିଳେ, ଇତ୍ୟାଦି।" ମୁଁ ତତ୍‌କ୍ଷଣାତ୍ ତାକୁ ନିଷେଧ କଲି—'ଏପରି ସବୁ କୁହାଯାଏ ନାହିଁ। ଅସଲ କଥା, ଲଗ୍ନଟା ଯେପରି ସୂର୍ଯ୍ୟଙ୍କ ପରିଭଠେ। ଗୋଟିଏ ସ୍ଥାନରେ ଅବିକଳ ଗୋଟିଏ ଲଗ୍ନରେ ଦୁଇଟି ବ୍ୟକ୍ତି ଜନ୍ମଗ୍ରହଣ କରିପାରନ୍ତି ନାହିଁ।

ସୁଶୀଳ ଭାଇ ଶ୍ରୀଶ୍ରୀଠାକୁରଙ୍କୁ ଜଣାଇଲେ ଯେ—ଜଣେ ଭଦ୍ରବ୍ୟକ୍ତି, ମରିଯିବା ପରେ ତାଙ୍କର ବନ୍ଧୁ ଓ ବନ୍ଧୁପତ୍ନୀ ତାଙ୍କରି (ମୃତବ୍ୟକ୍ତିଙ୍କର) ଚିନ୍ତା କରୁ କରୁ ପରସ୍ପର ମିଳିତ ହୋଇଥିଲେ, ଏବଂ ସେଇ ରାତ୍ରିରେହିଁ ଉକ୍ତ ବନ୍ଧୁପତ୍ନୀଙ୍କ ଗର୍ଭରେ ସେ (ମୃତବ୍ୟକ୍ତି) ସ୍ଥାନ ଲାଭ କରିଥିଲେ। ପରଜନ୍ମରେ ସେ ଜାତିସ୍ମର ହେବା ଯୋଗୁଁ ଏଇ ଘଟଣାଟି ସାବ୍ୟସ୍ତ ହୋଇଥିଲା।

ଶ୍ରୀଶ୍ରୀଠାକୁର—ଏପରି ହେବା ସମ୍ଭବ। ଏହିଁ କାରଣରୁ ଶାସ୍ତ୍ରରେ ଅଛି, ସ୍ୱାମୀ-ସ୍ତ୍ରୀ ଯେଉଁଠି ନିର୍ଜନରେ ଥା'ନ୍ତି, ସେଠାରେ ଯେପରି ଅନ୍ୟ କୌଣସି impulse (ଶବ୍ଦାଦି) ନ ହୁଏ, କାରଣ ତଦ୍ୱାରା ଗୋଟାଏ soul in ହେବାରେ (ଆତ୍ମା ଗର୍ଭରେ ସ୍ଥାନ ନେବାରେ) ବ୍ୟାଘାତ ସୃଷ୍ଟି ହୋଇପାରେ। ଏବଂ ସ୍ୱାମୀ-ସ୍ତ୍ରୀ ଯେଉଁଠାରେ ନିଭୃତରେ ଏକତ୍ର ଶୋଇଥା'ନ୍ତି ସେଠାକୁ ଅନ୍ୟ କେହି ଯିବା ପାପ ବୋଲି କୁହାଯାଇଛି।

ଏଇସବୁ କଥା ପରେ ଶ୍ରୀଶ୍ରୀଠାକୁର କଥା ପ୍ରସଙ୍ଗରେ ପ୍ରତିକୂଳ ପାରିପାର୍ଶ୍ୱିକର ଅତ୍ୟାଚାର ସମ୍ବନ୍ଧରେ ନାନାକଥା କହିଲେ।

ଶ୍ରୀଶ୍ରୀଠାକୁର—ମୁଁ ଲୋକଙ୍କର ଉପକାର କରିବାକୁ ଯାଇଁ ନିଜକୁ ଉଜାଡ଼ି ଦେଇଛି ଏବଂ ଲୋକେ ମଧ୍ୟ ମୋ ଉପରେ ଅତ୍ୟାଚାର କରିବାକୁ ନିଜକୁ ଉଜାଡ଼ି ଦେଇଛନ୍ତି। ମୁଁ ଏକ ସମୟରେ ମାସକୁ ୩୦୦୦ ଟଙ୍କା ଲେଖାଏଁ ବାହାର ଲୋକଙ୍କୁ ଦେଉଥିଲି, ଅଥଚ ମା ମୋଠାରୁ ମାସକୁ ୩୦୦ ଟଙ୍କା କରି ଚାହୁଁଥିଲେ, ମୁଁ ତା ମଧ୍ୟ ତାଙ୍କୁ ଦେଇପାରି ନାହିଁ। ଏହା ମୋ ମନରେ କମ୍ ଦୁଃଖ ଦେଇନାହିଁ। ଅଭାବର ତାଡ଼ନାର ଶେଷରେ ମା ଆପଣମାନଙ୍କ ପାଖରେ ହାତ ପାତିବାକୁ ବାଧ୍ୟ ହେଉଥିଲେ। ଏବଂ ମୁଁ ଯେଉଁମାନଙ୍କୁ ଦେଇଛି,

ସେମାନେ ତାହାକୁ ଦାନ ବୋଲି ନଭାବି, ଦାବୀ ବୋଲି ଧରି ନେଇଛନ୍ତି। ଲେଖି ଦେବାପାଇଁ କହିଲେ ସମସ୍ତେ ଚିଡ଼ି ଉଠୁଥିଲେ, ରାଗିଯାଉଥିଲେ। ମୁଁ କାହାକୁ କିଛି ନ କହି ମୋ କାମ ମୁଁ କରି ଯାଉଥିଲି। ମୋର ସେଥିରେ କିଛି ସ୍ୱାର୍ଥ ନଥିଲା କିନ୍ତୁ ଲେଖି ନଦେବା ଯୋଗୁଁ ଆଜି ଏଇପରି ଅବସ୍ଥା ହୋଇଛି। ମୋଠାରୁ ନେଇକରି ମୋ ଉପରେ ଯେଉଁମାନେ ଏପରି ଅକଥ୍ୟ ଅତ୍ୟାଚାର କରିଛନ୍ତି, ତଦ୍ୱାରା ଯଦି ସେମାନଙ୍କର କିଛିଟା ଭଲ ହୋଇଥାନ୍ତା, ତାହେଲେ ବି ମୁଁ କିଛି ସାନ୍ତ୍ୱନା ପାଇଥାନ୍ତି, କିନ୍ତୁ ଏତେକରି ସେମାନେ ନିଜରହିଁ ସବୁଠାରୁ ବେଶି କ୍ଷତି କରିଛନ୍ତି, ଏହାହିଁ ମୋର ଖୁବ୍ ଅବଶୋଷ। ** ଶେଷରେ ମୋ କଥା ଶୁଣୁ ନଥିଲେ। ମୁଁ ମଧ୍ୟ କିଛି କହିପାରୁ ନଥିଲି। ଜଣେ ଲୋକ ସେଥରକ ଉତ୍ସବରେ ଦୁଇ ତୋଳେଇ ସୁନା ଯୋଗାଡ଼ କରିଥିଲା, ମୁଁ କହିଲି ମୋଟର ଗାଡ଼ି ପାଇଁ ୪୦୦ ଟଙ୍କା ଦେବା ସକାଶେ, ତା ମଧ୍ୟ ଦେଲା ନାହିଁ।

କୃଷ୍ଣ ଦାସ ଜଣକ ପାଖରେ ଅପମାନିତ ହୋଇ, ମୋ ପାଖରେ ଆସି ଯେତେବେଳେ ପଡ଼ିଲା, ମୁଁ କହିଲି—ତୁ ଏଇପରିଭାବରେ ଚଳ, ଦେଖିବୁ, ବ୍ରାହ୍ମଣ-ମାନେ ମଧ୍ୟ ଆସି ତୋତେ ଭକ୍ତିକରିବେ। ମୋ କଥାନୁସାରେ ଚଳି ତାର ପ୍ରକୃତରେ ସେଇପରି ହେଲା। .... ଭାଇ ତାକୁ ସେଦିନ ପ୍ରଣାମ କରିବାକୁ ଯିବାରୁ ସେ ଦୌଡ଼ି ପଳାଇଲା, ଆଉରି କେତେ କ'ଣ ହେଲା। ଶେଷରେ ସହ୍ୟ କରିପାରିଲା ନାହିଁ। ମୁଣ୍ଡ ଖରାପ ହୋଇଗଲା। ଆଉ କେତେଜଣ ମଧ୍ୟ ତା ସଙ୍ଗେ ଜୁଟିଗଲେ।

ପ୍ରଫୁଲ୍ଲ—ଠାକୁରଙ୍କ ଟଙ୍କା ହେଉଛି public-money (ସାଧାରଣଙ୍କ ଟଙ୍କା)—ଏଇପ୍ରକାର ଏକ ଦୁଆ ଉଠିଛି। ତାହା ଶୁଣି ମୁଁ ଜଣକୁ ଧମକ ଦେଇ କହିଲି, ଆମର ଠାକୁରଙ୍କ ଟଙ୍କା ଯଦି public moeny (ସାଧାରଣଙ୍କ ଟଙ୍କା) ହୁଏ ତେବେ ଓକିଲ, ମୁକ୍ତାର, ଡାକ୍ତର, ପ୍ରଫେସର ଇତ୍ୟାଦିଙ୍କର ଟଙ୍କା public money (ସାଧାରଣ ଟଙ୍କା) କାହିଁକି ନହେବ ? ଏମାନେ ସମସ୍ତେ ସେବା ବିକ୍ରିକରି ଟଙ୍କା ନିଅନ୍ତି, କିନ୍ତୁ ଆମର ଠାକୁର ଲୋକଙ୍କୁ ଭଲ ପାଇ, ପ୍ରତ୍ୟାଶାରହିତ ହୋଇ ପ୍ରାଣପଣେ ସେମାନଙ୍କର ସେବା କରି ଯାଉଛନ୍ତି ସର୍ବତୋଭାବରେ, ତାଙ୍କର ସେଇ ଅକୁଣ୍ଠିତ ପ୍ରେମ-ପ୍ରୀତିପୂର୍ଣ୍ଣ ସେବାର ମୂଲ୍ୟ ଦିଆଯାଇ ପାରେନାହିଁ। ତଥାପି ମଣିଷ ତାଙ୍କୁ ଭଲପାଇ, ପ୍ରାଣର ଆବେଗରେ ଯତ୍‌କିଞ୍ଚିତ୍ ଅର୍ଘ୍ୟ ଦେଇ ଧନ୍ୟ ହେବାକୁ ଚାହେଁ, ଆତ୍ମପ୍ରସାଦ ଲାଭ କରିବାକୁ ଚାହେଁ। ତାହାହିଁ ତାଙ୍କର ଅର୍ଘ୍ୟ, ତାହାହିଁ ତାଙ୍କର ପ୍ରାପ୍ତି। ନିଜର ଚରିତ୍ର ଓ ଯୋଗ୍ୟତା ବଳରେ ଏହି ଯେଉଁ ସାତ୍ତ୍ୱିକ ଅର୍ଜନ—ତାହା ପୁଣି ହେଲା public money (ସାଧାରଣଙ୍କ ଟଙ୍କା), ଏବଂ ଦୁନିଆରେ ଅନ୍ୟ ସମସ୍ତଙ୍କର ଉପାର୍ଜନ ହେଲା ସେମାନଙ୍କର ନିଜସ୍ୱ। ଏଇକଥା ଶୁଣି ସେ ଏକଦମ ଚୁପ୍ ହୋଇଗଲା।

ଶ୍ରୀଶ୍ରୀଠାକୁର—ମୁଁ ବୁଝେ ମୁଁ ମୋର ଯାହାକିଛି ନେଇ ପରମପିତାଙ୍କର property



(ସମ୍ପଦ) ଏବଂ ପ୍ରତ୍ୟେକେ ମଧ୍ୟ ତାହାହିଁ।

ପୂର୍ବ କଥାର ସୂତ୍ରଧରି ଶ୍ରୀଶ୍ରୀଠାକୁର ହସି ହସି କହିଲେ—ଏପରି ଲୋକର କଥା ମୁଁ ଜାଣେ ଯେ ମୋତେ ବିଷ ଖୁଆଇ ପାରିଲେ ଖୁସି ହେବ। ମୁଁ ଭାବେ, କ'ଣ ଆଉ କରାଯିବ ? ଗୋପାଳ (ମୁଖାର୍ଜୀ), ଦୁର୍ଗାଚରଣ ([illegible]) ତ ଯାଇଛନ୍ତି ମୁଁ ମଧ୍ୟ ଯିବି। ପରମପିତାଙ୍କ ଦୟାରେ ତାଙ୍କ କାମ କିନ୍ତୁ ଚାଲୁଥିବ।

ଏଇସବୁ କଥା କହୁଛନ୍ତି, ଏଇ ସମୟରେ ଗ୍ରାମର ଜଣେ ମୁସଲମାନ ଭାଇ ଖୁବ୍ ସୁନ୍ଦର ଗୋଟିଏ ପ୍ରଜାପତି ଧରିଆଣି ଶ୍ରୀଶ୍ରୀଠାକୁରଙ୍କୁ ଦେଖାଇ କହିଲା—ଏହା ମୋର ଦେହରେ ଆସି ପଡ଼ିଛି।

ଶ୍ରୀଶ୍ରୀଠାକୁର—ବାଃ ? ବେଶ୍ ଚମତ୍କାର ତ ! ଖୁବ୍ ଭଲ ! ଦେହରେ ପଡ଼ିବା ସୌଭାଗ୍ୟର ଲକ୍ଷଣ, ତୋର ଭଲହେବ, ଯା' ତାକୁ ରଖିଦେ, ମାରିବୁ ନାହିଁ କିନ୍ତୁ।

ସେ ପ୍ରଜାପତିଟି ନେଇ ଖୁସି ମନରେ ଚାଲିଗଲା।

ପରେ ପରେ ଗୀତ ଗାଇ ଗାଇ ଜଣେ ଫକିର ଆସିଲା।

ଶ୍ରୀଶ୍ରୀଠାକୁର ତାକୁ ଦେଖି ତା'ରି [illegible] କହି ଉଠିଲେ—କାଲି ଦୁଆରେ ଯାଇଥିଲୁରେ, ଠିକ୍ ସମୟରେ ଆସିବାକୁ ହୁଏ। ତୁମେ ସବୁ ସୁବିଧା ବେଳେ ଆସିବାକୁ ଭୁଲିଯାଅ।

ଏକଥା ଶୁଣି ସେ ମହାଖୁସି, ପରେ ଆସିବ ବୋଲି କହି ସେଥର ପାଇଁ ବିଦାୟ ନେଇଗଲା।

ଉପରବେଳା ଶ୍ରୀଶ୍ରୀଠାକୁର ମାତୃମନ୍ଦିର ପଛରେ ବାବଲା ଗଛ ମୂଳରେ ବେଞ୍ଚ ଉପରେ ବସିଛନ୍ତି—ଖୁବ୍ ତୃପ୍ତ ଦେଖାଯାଉଥାନ୍ତି। ଅନେକେହିଁ ଉପସ୍ଥିତ ଥିଲେ। ଯତୀଶ ଭାଇ (କର) ଆଉ ଜଣେ ଭାଇଙ୍କର ସୁବିଧାବାଦୀ ସ୍ୱଭାବର କଥା କହୁଥିଲେ, ତାହା ଶୁଣି ଶ୍ରୀଶ୍ରୀଠାକୁର କହିଲେ—ଯାହାଠାରୁ ସେବାପାଇ ବଞ୍ଚୁଛୁ, ତା'ର ସୁବିଧା ଅପେକ୍ଷା ନିଜର ସୁବିଧାକୁ ବଡ଼ କରି ଦେଖିବାହିଁ pauperism (ଦାରିଦ୍ର୍ୟ ବ୍ୟାଧି)ର ଲକ୍ଷଣ। ଯେ ଏପରି କରେ, ତା'ର conception (ଧାରଣା) ଯେତେ ବି big (ବଡ଼) ହେଉନା କାହିଁକି ସେ pauper (ଦାରିଦ୍ର୍ୟ ବ୍ୟାଧିଗ୍ରସ୍ତ) ନିଶ୍ଚୟ।

ବୀରେନ ମୁହୁରୀ ଭାଇ—ମୁଁ ପନ୍ଦରଦିନ ତଳେ ଚିଠି ଦେଇଥିଲି—କିଛିଦିନ ହେଲା ଖୁବ୍ ଅଶାନ୍ତିରେ ଅଛି। ଆଜି ଆସିଛି, କାଲି ସକାଳୁ ପୁଣି ଚାଲିଯିବାକୁ ହେବ।

ଶ୍ରୀଶ୍ରୀଠାକୁର—ଅଶାନ୍ତିରେ ମନଟାକୁ ବେଶି ଉତାଳ ହେବାକୁ ଦେବା ଠିକ୍ ନୁହେଁ ମନକୁ ଟିକିଏ ଅଲଗା ରଖି ସାକ୍ଷୀସ୍ୱରୂପ ଦେଖିଯିବାକୁ ହେବ।

ବେଞ୍ଚର ପଛଆଡ଼େ ଯେଉଁ କାଠ ଉପରେ ଆଉଜି ଶ୍ରୀଶ୍ରୀଠାକୁର ବସିଥିଲେ, ତାକୁ ଦେଖାଇ କହିଲେ—ଏହାକୁ ଯଦି ଟାଣି ବାହାର କରିବାକୁ ଚାହେଁ, ତେବେ ଏହା ଉପରେ

ଉରାଦେଇ ତାହା କରାଯାଇ ପାରିବ ନାହିଁ, ଉଠି ଛିଡ଼ାହୋଇ ତାହା କରିବାକୁ ହେବ। ତେଣୁ କାହାକୁ control (ଅକ୍ତିଆର) ରେ ଆଣିବାକୁ ହେଲେ ତାଠାରୁ above (ଊର୍ଦ୍ଧ୍ୱ) ରେ ରହିବାକୁ ହେବ।

ତାପରେ କାଜଲ ଭାଇ ସମ୍ବନ୍ଧରେ କଥା ଉଠିଲା। କାଜଲ ପଟ୍‌କରି ହସିଦେଇ ମଣିଷକୁ ସହଜରେ ଆପଣାର କରି ନେଇପାରେ।

ଶ୍ରୀଶ୍ରୀଠାକୁର—ଏଇ ଆପଣାର କରି ନେବାର କ୍ଷମତା ହେଉଛି ବାହ୍ମଣିଆ ପ୍ରକୃତି।

ରାତିରେ ଶ୍ରୀଶ୍ରୀଠାକୁର ବାହାରେ ଖଟରେ ଶୋଇଛନ୍ତି। କେତେକ ଭାଇ ଓ ମା ଉପସ୍ଥିତ ଅଛନ୍ତି। ଦୂରରେ ଆଲୁଅପାଖରେ ଗୋଟିଏ କୁକୁର ଉଡ଼ାପୋକ ସବୁ ଧରୁଥିଲା। ପୁଣି ଉଡ଼ାପୋକଗୁଡ଼ିକ ଯେତେବେଳେ ତା' ଦେହରେ ଆସି ବସି ଯାଉଥିଲେ, ସେ ଚମକି ପଡ଼ି ଡେଇଁ ପଡୁଥିଲା। କେହି ତାହା ଲକ୍ଷ୍ୟ କରି ନାହାନ୍ତି। କିନ୍ତୁ ଏହି ଦୃଶ୍ୟ ଶ୍ରୀଶ୍ରୀଠାକୁରଙ୍କ ଦୃଷ୍ଟି ଏଡ଼ାଇ ନଥିଲା। ସେ ଦୂରରୁ ଦେଖୁଛନ୍ତି ଏବଂ ମୁରକି ମୁରକି ହସୁଛନ୍ତି। ହଠାତ୍ କହିଲେ—ଦେଖ ବିଚିତ୍ର ଜିନିଷ ! କୁକୁରଟା ପୋକ ଧରିବାକୁ ଯାଉଛି, ଅଥଚ ପୋକ ତା' ଦେହରେ ଲାଗିଲେ ଚମକି ପଡୁଛି !

ତାପରେ ଶ୍ରୀଶ୍ରୀଠାକୁର ରହସ୍ୟ କରି ସହାସ୍ୟବଦନରେ ଗଳ୍ପ କଲେ—ଥରେ ପଲେ ବିରାଡ଼ି ପ୍ୟାରୀ ବିରୁଦ୍ଧରେ conspiracy (ଷଡ଼ଯନ୍ତ୍ର) କରିଥିଲେ। ସେମାନେ ସବୁଦିନେ ତା ବିଛଣାରେ ମୁତି ଦେଇ ଯାଉଥିଲେ। ପ୍ୟାରୀ ସେମାନଙ୍କୁ ଖୁବ୍ ମାରୁଥିଲା, ସେମାନେ ପୁଣି ଦଳବାନ୍ଧି ଆସୁଥିଲେ। ତା life (ଜୀବନ) କୁ ଏକଦମ୍ miserable (ଶୋଚନୀୟ) କରି ଦେଇଥିଲେ।

ପ୍ରଫୁଲ୍ଲ—ସେମାନେ ବି ତ ପାରିପାର୍ଶ୍ୱିକ, ଏହି ପାରିପାର୍ଶ୍ୱିକଙ୍କୁ ପରିପୋଷଣ କରିବା ପାଇଁ ତ ଭୂତବଳିର ବ୍ୟବସ୍ଥା କରାଯାଇଛି।

ଶ୍ରୀଶ୍ରୀଠାକୁର—ହଁ।

ପ୍ରଫୁଲ୍ଲ—ଆଚ୍ଛା, ସେମାନେ କ'ଣ ଆମ ଭାଷା ବୁଝି ପାରନ୍ତି ?

ଶ୍ରୀଶ୍ରୀଠାକୁର—ତା ବୋଧହୁଏ ପାରନ୍ତି ନାହିଁ। ତେବେ ସେମାନଙ୍କ ଭାଷା ମଣିଷ ବୁଝିପାରେ। ତକ୍ଷଶୀଳାରେ ଏହା କୁଆଡ଼େ ଗୋଟାଏ subject (ଶିକ୍ଷଣୀୟ ବିଷୟ) ଥିଲା।

ଏହାପରେ ଶ୍ରୀଶ୍ରୀଠାକୁରଙ୍କ ପାଖରେ ଖବର କାଗଜ ପଢ଼ାହେଲା ଏବଂ ଯୁଦ୍ଧ ସମ୍ପର୍କରେ ଆଲୋଚନା ଚାଲିଲା।

## ଭାଦ୍ରବ ୧୯, ବୁଧବାର, ୧୩୪୭ (ଇଂ ୪/୯/୪୦)

ଆଜି ଶ୍ରୀଶ୍ରୀଠାକୁର ସାକ୍ଷ୍ୟ ଦେଲେ। କିପରି ସାକ୍ଷ୍ୟ ଦେବାକୁ ହେବ—ଶ୍ରୀଶ୍ରୀଠାକୁର



ଯେପରି ଚିନ୍ତିତ ହୋଇ ପଡ଼ିଛନ୍ତି। କୋର୍ଟ ଆସି ଜବାନବନ୍ଦୀ ନେବେ। ହାକିମ ଓ ଦୁଇପକ୍ଷର ଓକିଲ, ମୁକ୍ତାର ଆସିବା ଆଗରୁ ଶ୍ରୀଶ୍ରୀଠାକୁର କଳାକେନ୍ଦ୍ରର ଦକ୍ଷିଣ ପାର୍ଶ୍ୱର ଘରେ ଯାଇଁ ବିଶ୍ରାମ ନେଉଥିଲେ (କଳାକେନ୍ଦ୍ରର ମଝିରେ ଥିବା ଘରେ କୋର୍ଟ ବସିବ)। କିଛି ସମୟ ପରେ ପାବନାର ବିଖ୍ୟାତ ଓକିଲ ଶ୍ରୀ ରଣଜିତ୍ ଲାହିଡ଼ି ଓ ଆଶୁ ରାୟ ଆସିଲେ। ରଣଜିତ୍ ବାବୁଙ୍କୁ ଦେଖି ଶ୍ରୀଶ୍ରୀଠାକୁର ସମ୍ଭ୍ରମର ସହିତ ଉଠିପଡ଼ି, 'ଆସନ୍ତୁ ଭାଇ, ଆସନ୍ତୁ,' ବୋଲି ଅଭ୍ୟର୍ଥନା କଲେ। ରଣଜିତ୍‌ବାବୁ ଶ୍ରୀଶ୍ରୀଠାକୁରଙ୍କୁ ଚିନ୍ତିତ ଥିବାର ଦେଖି ଭରସା ଦେବାପାଇଁ କହିଲେ—ସାକ୍ଷ ଦେବା ସେପରି ବଡ଼ କଥା କିଛି ନୁହଁ, କେତେ ଅଶିକ୍ଷିତା ଝିଅପିଲା ମଧ୍ୟ କୋର୍ଟରେ ଯାଇ ଜମାନବନ୍ଦୀ ଦେଉଛନ୍ତି।

ଶ୍ରୀଶ୍ରୀଠାକୁର—ମୁଁ ସେମାନଙ୍କଠାରୁ ମଧ୍ୟ ହୀନ।

ଆଶୁବାବୁଙ୍କୁ ଲକ୍ଷ୍ୟ କରି ଶ୍ରୀଶ୍ରୀଠାକୁର କହିଲେ—ତୋତେ ଯଦି 'ତୁଇ' 'ତୁଇ' କହିଦିଏ ସେଥିରେ କିଛି ଦୋଷ ହେବ ନାହିଁ ତ ?

ଆଶୁବାବୁ—ନା, ତୁମର ଯାହା ଇଚ୍ଛା କୁହ, ଏବଂ ମୋ ସହିତ କଥା କହିବା ବିଶେଷ ଦରକାର ହେବ ନାହିଁ।

ହାକିମ, ଓକିଲ, ମୁକ୍ତାର ଆସିଲେ। ଘରର ଭିତର ଓ ବାହାର ଲୋକାରଣ୍ୟ ହୋଇ ଉଠିଛି।

ଶ୍ରୀଶ୍ରୀଠାକୁର ମଝିଘର ଖଟରେ ଅତି ବିନିତଭାବରେ ବସିଲେ। ଦେଖି ମନେ ହେଉଥିଲା ଯେପରି ବିନୟ ଓ ନିୟମାନୁବର୍ତ୍ତିତାର ମୂର୍ତ୍ତିମନ୍ତ ପ୍ରତୀକ। ସହଜ ଭାବରେ ବସି, ହାତ ଦୁଇଟି ଛନ୍ଦି ହାକିମଙ୍କ ଆଡ଼େ ଚାହିଁ ନିର୍ଦ୍ଦେଶକୁ ଅପେକ୍ଷା କରୁଥିଲେ। ପେଶକାର ଶପଥ ନେବାକୁ କହିଲେ। ପ୍ରଥମେ ପେଶକାର ପାଠ କଲେ। ଶ୍ରୀଶ୍ରୀଠାକୁର ଶ୍ରଦ୍ଧାଗମ୍ଭୀର ଚିତ୍ତରେ ମନ୍ତ୍ରୋଚ୍ଚାରଣ ପରି କଥାଗୁଡ଼ିକ ପୁନରାବୃତ୍ତି କଲେ।

ଭୋଳା ରାୟଙ୍କ ପକ୍ଷର ଓକିଲ ପରେଶବାବୁ (ଚୌଧୁରୀ) ଜେରା ଆରମ୍ଭ କଲେ। ପ୍ରଶ୍ନ ପରେ ପ୍ରଶ୍ନ ଚାଲିଲା। ଶ୍ରୀଶ୍ରୀଠାକୁର ଗୋଟି ଗୋଟି କରି ଉତ୍ତର ଦେଇ ଯାଉଥା'ନ୍ତି। ଉତ୍ତର ଗୁଡ଼ିକ ଯଥାଯଥ ସଂଯତ ଓ ପରିମିତ।

ଶ୍ରୀଶ୍ରୀଠାକୁରଙ୍କର କହିବାର ଭଙ୍ଗୀରୁ ମନେ ହେଉଥିଲା ସେ ପରେଶବାବୁଙ୍କୁ ଆପଣାର ଲୋକ ବିବେଚନା କରି ତାଙ୍କୁ (ପରେଶବାବୁଙ୍କୁ) ସତ୍ୟ ଉଦ୍‌ଘାଟନ ପାଇଁ ସାହାଯ୍ୟ କରିବାକୁ ଉନ୍ମୁଖ। ପ୍ରଶ୍ନୋତ୍ତରର ନମୁନା ଦିଆହେଲା।

ଓକିଲ—ଅନନ୍ତ ନାଥ ରାୟଙ୍କର କ'ଣ ଆଶ୍ରମରେ କୌଣସି ଦୋକାନ ଥିଲା ?

ଶ୍ରୀଶ୍ରୀଠାକୁର—ସତ୍‌ସଙ୍ଗର ଗୋଟିଏ ଦୋକାନ ଥିଲା, ଅନନ୍ତ ଦେଖାଦେଖି କରୁଥିଲା, ମୁଁ ପ୍ରଣାମୀ ଟଙ୍କା ପଇସା ଓ କିଛି ଟଙ୍କା ଯୋଗାଡ଼ କରି ଦୋକାନ କରି ଦେଇଥିଲି।

ଓକିଲ—ଆପଣଙ୍କର ପେଶା କ'ଣ ?

ଶ୍ରୀଶ୍ରୀଠାକୁର (ଯେପରି ଟିକିଏ ବିବ୍ରତ ହୋଇ)—ମୁଁ ତ ବରାବର ଏଇସବୁ ନେଇ ଅଛି।

ଓକିଲ—'ଏଇସବୁ' ମାନେ ?

ଶ୍ରୀଶ୍ରୀଠାକୁର—Religious work (ଧର୍ମକାର୍ଯ୍ୟ)।

ହାକିମ—ଆପଣ କ'ଣ ହିନ୍ଦୁ ବା ମୁସଲମାନ ଧର୍ମ ପରି କିଛି ଧର୍ମ ପ୍ରଚାର କରନ୍ତି, ନା sprituality (ଆଧ୍ୟାତ୍ମିକତା)ର culture (ଅନୁଶୀଳନ) କରନ୍ତି ?

ଶ୍ରୀଶ୍ରୀଠାକୁର—ଧର୍ମ କହିଲେ ମୁଁ କ'ଣ ବୁଝେ, ତାହା କହିପାରେ କି ?

ହାକିମ—ହଁ।

ଶ୍ରୀଶ୍ରୀଠାକୁର—ମଣିଷ ଯେତେବେଳେ ତା'ର ସବୁ କିଛି ନେଇ Ideal (ଆଦର୍ଶ) ରେ legared (ନିବଦ୍ଧ) ହୁଏ, ପାରିପାର୍ଶ୍ୱିକ ସହ ବଞ୍ଚିବାବଢ଼ିବା ପଥରେ ଚାଲେ, ସେତେବେଳେହିଁ ସେ ଯଥାର୍ଥ ଧର୍ମ ପାଳନ କରିଥାଏ।

ଓକିଲ—ଆପଣ କ'ଣ ସନ୍ନ୍ୟାସୀ ?

ଶ୍ରୀଶ୍ରୀଠାକୁର—ସନ୍ନ୍ୟାସୀ କହିଲେ ମୁଁ ବୁଝେ ଯିଏ ତା'ର ସମସ୍ତ ବୃତ୍ତି ପ୍ରବୃତ୍ତି ଓ ଶକ୍ତି ଦେଇ Ideal (ଆଦର୍ଶ) କୁ fulfil (ପରିପୂରଣ) କରିବାକୁ ଚେଷ୍ଟା କରେ।

ଓକିଲ—ଆପଣ କ'ଣ ଜମିଦାର ବା ଜୋତଦାର ?

ଶ୍ରୀଶ୍ରୀଠାକୁର—ମୁଁ ତ ନିଜକୁ ତା ଭାବେନାହିଁ, ମୁଁ ତ ନିଜକୁ ଜମିଦାର ବା ଜୋତଦାର ବୋଲି ମନେ ବି କରିପାରେ ନାହିଁ।

ଓକିଲ—ଆପଣ କ'ଣ ଟ୍ରଷ୍ଟି ?

ଶ୍ରୀଶ୍ରୀଠାକୁର—ଟ୍ରଷ୍ଟି କାହାକୁ କହନ୍ତି ମୁଁ ଜାଣିନାହିଁ, ମୁଁ ଯାହା କରେ ତାହା କରୁଛି। ତାହା ଯଦି trusteeship cover (ନ୍ୟାସତ୍ୱର ଅନ୍ତର୍ଗତ) କରୁଥାଏ ତାହେଲେ ମୁଁ trustee (ନ୍ୟାସୀ), ନହେଲେ ନୁହେଁ।

ଓକିଲ—(ଖଣ୍ଡିଏ କାଗଜ ଦେଖାଇ)—ଆପଣ କ'ଣ ଟ୍ରଷ୍ଟି ହିସାବରେ ଏଇ ଜିନିଷଟାକୁ sign (ଦସ୍ତଖତ) କରି ନାହାନ୍ତି ?

ଶ୍ରୀଶ୍ରୀଠାକୁର—Sign (ଦସ୍ତଖତ) କରିଛି କି ନାହିଁ ମନେନାହିଁ, ହୁଏ ତ କରିଥାଇ ପାରେ। ସେମାନେ ଆସି କହିଛନ୍ତି ବୋଲି କରିଛି, କି ହିସାବରେ ତା ଜାଣେନାହିଁ।

ଓକିଲ—ଆପଣ କ'ଣ ସତ୍‌ସଙ୍ଗର ପ୍ରେସିଡ଼େଣ୍ଟ ଥିଲେ ?

ଶ୍ରୀଶ୍ରୀଠାକୁର—ପ୍ରେସିଡ଼େଣ୍ଟ କି' କ'ଣ ତା ଜାଣେ ନା, ପ୍ରେସିଡ଼େଣ୍ଟ ବୋଧହୁଏ ମା' ହୋଇଥିଲେ। ତେବେ ଏକଥା ଠିକ୍ ଜାଣେ ଯେ—ସତ୍‌ସଙ୍ଗ ମୋଠାରୁ evolve (ଉଦ୍ଭୂତ) କରିଛି।

ହାକିମ—ଆପଣ ଯେ ସେଥର ୧୨୦୦ ଟଙ୍କା ସତ୍‌ସଙ୍ଗକୁ ଦେଲେ, କାହିଁକି ଦେଲେ ? କେଉଁ ସର୍ତ୍ତରେ ଦେଲେ ? ଆପଣ କ'ଣ ତାହା loan (କରଜ) ସ୍ୱରୂପ ଦେଇଥିଲେ ? ଆପଣ କ'ଣ ଫେରସ୍ତ ପାଇବାର ଆଶା ରଖି ନଥିଲେ ? କୌଣସି ସର୍ତ୍ତ ରଖି ନଥିଲେ ?



ଶ୍ରୀଶ୍ରୀଠାକୁର—ନା। ସେମାନେ ଆସି କହିଲେ ଯେ ୧୨୦୦ ଟଙ୍କା ଦରକାର, ମୁଁ ସମସ୍ତଙ୍କଠାରୁ ମାଗି-ଯାଚି ଯୋଗାଡ଼ କରି ଦେଇଥିଲି, କୌଣସି ପ୍ରତ୍ୟାଶା ମୋର ନଥିଲା। ସତ୍‌ସଙ୍ଗ ବଞ୍ଚିବ, ଏଇଥିଲା ମୋର ଏକମାତ୍ର ପ୍ରଲୋଭନ, ତାଛଡ଼ା ମୁଁ ଆଉ କିଛି ଚାହିଁ ନଥିଲି।

ଓକିଲ—ଆପଣ କ'ଣ ବିବାହ କରିଛନ୍ତି ?

ଶ୍ରୀଶ୍ରୀଠାକୁର—ହଁ।

ଓକିଲ—ଆପଣଙ୍କର କେତୋଟି ସ୍ତ୍ରୀ ?

ଶ୍ରୀଶ୍ରୀଠାକୁର—୬/୭ ଟି। ସବର୍ଣ୍ଣ ବ୍ୟତୀତ, ଅନୁଲୋମ ଅସବର୍ଣ୍ଣ ମତରେ ମଧ୍ୟ ମୁଁ ବିବାହ କରିଛି। ମୋର ବିଶ୍ୱାସ common Ideal (ଏକ ଆଦର୍ଶ) ଓ ଅନୁଲୋମ ବିବାହ ଏହି ଦୁଇଟା ଜିନିଷ ଜାତିକୁ integrated (ସଂହତ) କରି ରଖିବ। ତେଣୁ example set (ଦୃଷ୍ଟାନ୍ତ ରଖିବା) କରିବା ପାଇଁ ମୁଁ ଏହି ବିବାହ କରିଛି। ମୁଁ ନ କଲେ ତ ତାହା ପ୍ରଚାରିତ ହେବ ନାହିଁ। ମୁଁ ସ୍ଥଳବିଶେଷରେ ଯେଉଁଠାରେ ପ୍ରୟୋଜନ, ବହୁ ବିବାହକୁ ସମର୍ଥନ କରେ, କିନ୍ତୁ ତାହା ଅନୁଲୋମକ୍ରମିକ।

ହାକିମ—ଅନୁଲୋମ କ'ଣ ?—Inter-caste marriage (ବିଭିନ୍ନ ବର୍ଣ୍ଣ ମଧ୍ୟରେ ବିବାହ) ?

ଶ୍ରୀଶ୍ରୀଠାକୁର—ତଥାକଥିତ Inter-caste marriage ପ୍ରତିଲୋମ ମଧ୍ୟ ହୋଇପାରେ, ଅନୁଲୋମ କିନ୍ତୁ ତାହାନୁହେଁ। ଅନୁଲୋମରେ ପୁଅ ହେବ ଉଚ୍ଚ ବର୍ଣ୍ଣର ଓ ଝିଅ ହେବ ନିମ୍ନ ବର୍ଣ୍ଣର। ଉଚ୍ଚବର୍ଣ୍ଣର ଝିଅ ସହିତ ନିମ୍ନବର୍ଣ୍ଣର ପୁଅର କିନ୍ତୁ ବିବାହ ହୋଇ ପାରେନାହିଁ।

ପରେଶବାବୁ ବୁଝି-ସୁଝି ମଧ୍ୟ ନ ବୁଝିବାର ଛଳନା କରି, ଦୂରଭିସନ୍ଧିଭାବରେ ଶ୍ରୀଶ୍ରୀଠାକୁରଙ୍କର ଗୋଟିଏ 'ଛଡ଼ା'ର ନିଷ୍ଠୁର, କୁଟିଳ, ବିକୃତ ବ୍ୟାଖ୍ୟା କରି, ମୁହଁରେ ଶଇତାନୀ ହସର ରେଖା ଫୁଟାଇ ଏକ ଅବାନ୍ତର ପ୍ରଶ୍ନବାଣ ନିକ୍ଷେପ କଲେ—ଆପଣଙ୍କ ପ୍ରଚାରିତ ଧର୍ମର ଅପରିହାର୍ଯ୍ୟ ଅଙ୍ଗ ହେଲା ସୁନ୍ଦରୀ ସ୍ତ୍ରୀ ଏବଂ ଶାଳକ ଲାଭ କରିବା। କାରଣ ଆପଣ ତ କହିଛନ୍ତି—

" 'ନା' ସୁନ୍ଦରୀ ବଧୂ ଯା'ର
'ହୁଏନା' ଯା'ର ଶଳା,

ଅଲକ୍ଷ୍ମୀ ତା'ର ଘରେ ଯାଇଁ
ହୋଇଛି ଅଚଳା।''

ଓକିଲଙ୍କର ଏଇ ପ୍ରଶ୍ନ ଶୁଣି ସମବେତ ଦର୍ଶକବୃନ୍ଦ ଠୋ ଠୋ କରି ହସି ଉଠିଲେ। ଆମ ଭିତରୁ ଜଣେ କହିଲା—ସେ ବୋଧହୁଏ ଭୁଲି ଯାଇଛନ୍ତି ଯେ-'ନା' ଓ 'ହୁଏନା' ଶବ୍ଦ ଦୁଇଟି ଉଦ୍ଧୃତି ଚିହ୍ନ ମଧ୍ୟରେ ଅଛି। ହାକିମ ଟିକିଏ କଡ଼ା ସ୍ୱରରେ କହିଲେ—Unnecessary comments by onlookers amount to contempt of court. (ଦର୍ଶକଙ୍କର ଅପ୍ରୟୋଜନୀୟ ମନ୍ତବ୍ୟ କୋର୍ଟର ମର୍ଯ୍ୟାଦା ହାନିକର)। ଅନ୍ୟ ପକ୍ଷରେ ଶ୍ରୀଶ୍ରୀଠାକୁର ନିର୍ବିକାର ଓ ନିରୁଦ୍‌ବିଗ୍ନ ଚିତ୍ତରେ ନୀରବରେ ବସିଛନ୍ତି। ଥରୁଟିଏ ପରେଶବାବୁଙ୍କ ଆଡ଼େ କ୍ଷମା-ସୁନ୍ଦର-ଦୃଷ୍ଟିରେ ଚାହିଁ କରୁଣାର ହସଟିଏ ହସିଲେ। ରଣଜିତ୍‌ବାବୁ ତେଜୋଦୃପ୍ତ ଭଙ୍ଗୀରେ ହାକିମଙ୍କୁ କହିଲେ—ଆମର ମହାସମ୍ଭ୍ରାନ୍ତ ସାକ୍ଷୀଙ୍କର ଏହି ବାଣୀର ଗଭୀର ତାତ୍ପର୍ଯ୍ୟ ସୁସ୍ପଷ୍ଟ। ତାଙ୍କୁ ଏଇସବୁ ଅବାନ୍ତର ପ୍ରଶ୍ନ ପଚାରି ବିବ୍ରତ କରିବାର ଅଧିକାର ବିଜ୍ଞ ଆଇନଜ୍ଞଙ୍କର ଅଛି କି ନାହିଁ, ସେ ବିଷୟ ପ୍ରତି ମୁଁ ମାନନୀୟ ମହାଶୟ କୋର୍ଟଙ୍କ ଦୃଷ୍ଟି ଆକର୍ଷଣ କରୁଛି।

ହାକିମ ପରେଶବାବୁଙ୍କୁ କହିଲେ—You may ask other relevant questions. (ଆପଣ ଅନ୍ୟ ପ୍ରାସଙ୍ଗିକ ପ୍ରଶ୍ନ ପଚାରି ପାରନ୍ତି)।

ଏହିପରି ଭାବରେ ଆଉ କିଛି ସମୟ ଚାଲିଲା।

ସେତେବେଳେ ଶ୍ରୀଶ୍ରୀଠାକୁରଙ୍କ ଶରୀର ଅତ୍ୟନ୍ତ ଅସୁସ୍ଥ ହୋଇ ପଡ଼ିଥିଲା। ରକ୍ତଚାପ ଖୁବ୍ ବୃଦ୍ଧି ପାଇଥିଲା, ତଥାପି ଅପୂର୍ବ ଧୈର୍ଯ୍ୟର ସହକାରେ ଜେରାର ଉତ୍ତର ଦେଇ ଯାଉଥିଲେ। କେତେ ଅବାନ୍ତର ପ୍ରଶ୍ନ ପଚରା ଯାଉଥିଲା, ଅଥଚ ତାଙ୍କ ମୁଖମଣ୍ଡଳରେ ସାମାନ୍ୟ ବିରକ୍ତିର ଲକ୍ଷଣ ନ ଥିଲା। ଶାରୀରିକ କଷ୍ଟ ସତ୍ତ୍ୱେ ମଧ୍ୟ ପ୍ରସନ୍ନବଦନରେ କର୍ତ୍ତବ୍ୟ କରି ଯାଉଥିଲେ। ଶ୍ରୀଶ୍ରୀଠାକୁରଙ୍କର ଶରୀରର ଅବସ୍ଥା ଦେଖି ତାଙ୍କୁ ବିଶ୍ରାମ ନେବାକୁ କହି ହାକିମ କିଛି ସମୟ ପାଇଁ ବାହାରକୁ ଗଲେ। କିଛି ସମୟ ପରେ ପୁଣି ଜେରା ଆରମ୍ଭ ହେଲା।

ଶ୍ରୀଶ୍ରୀଠାକୁରଙ୍କୁ କଷ୍ଟ ହେଉଥିବାର ଲକ୍ଷ୍ୟ କରି ହାକିମ କହିଲେ—ଶୋଇ ପଡ଼ନ୍ତୁ। ହାକିମ କହିବା ମାତ୍ରେ ଶ୍ରୀଶ୍ରୀଠାକୁର ପଟ୍ କରି ଶୋଇ ପଡ଼ିଲେ। ହାକିମ କହିଲେ—'ଗୋଡ଼ ଲମ୍ବାଇ ଦିଅନ୍ତୁ'। ଶ୍ରୀଶ୍ରୀଠାକୁର ଗୋଡ଼ ଲମ୍ବାଇ ଦେଲେ। ଏଇ ଅବସ୍ଥାରେ ମଧ୍ୟ ପ୍ରଶ୍ନର ଜବାବ ଦେବାକୁ ଲାଗିଲେ। ଶ୍ରୀଶ୍ରୀଠାକୁରଙ୍କର ଶରୀରର ଅସୁସ୍ଥତା ଦେଖି ପରେଶବାବୁ ମଝିରେ ମଝିରେ କହୁଥିଲେ—'ତାହେଲେ ଆଜି ଥାଉ'। ଶ୍ରୀଶ୍ରୀଠାକୁର ଅନୁନୟ ହୋଇ କହିଲେ—'ନା! ମୁଁ ଯେପର୍ଯ୍ୟନ୍ତ ପାରୁଛି କହୁଛି, ଆପଣ ପ୍ରଶ୍ନ କରି ଯା'ନ୍ତୁ।' ଏହିପରି ଭାବରେ ଅପରାହ୍ଣ ୩ ଟାରୁ ରାତ୍ରି ୮ଟା ପର୍ଯ୍ୟନ୍ତ ୫ ଘଣ୍ଟା ରୋଗଯନ୍ତ୍ରଣାକ୍ଲିଷ୍ଟ ଅବସ୍ଥାରେ ଜମାନବନ୍ଦୀ ଦେଲେ। ଜବାବ ସୁଆଲ ମଧ୍ୟରେ ବେଳେ ବେଳେ କୌଣସି କୌଣସି ଅବାନ୍ତର



ପ୍ରଶ୍ନର ଉତ୍ତର ନ ଦେବା ପାଇଁ ହାକିମ ଶ୍ରୀଶ୍ରୀଠାକୁରଙ୍କୁ କହୁଥିଲେ। ଶ୍ରୀଶ୍ରୀଠାକୁର ସେଇ ଜାତୀୟ ପ୍ରଶ୍ନର ଉତ୍ତର କିଛି ନ ଦେଇ ନୀରବତା ଅବଲମ୍ବନ କରୁଥିଲେ।

ସବୁ ସରିଲା ପରେ, ହାକିମ ପଚାରିଲେ—ବର୍ତ୍ତମାନ କିପରି ଅନୁଭବ କରୁଛନ୍ତି? blood-pressure (ରକ୍ତଚାପ) କିଛି ନୁହଁ, ଏହା କେବଳ mental-pressure (ମାନସିକ ଚାପ), ମୁଁ ନିଜେ ମଧ୍ୟ ଭୁକ୍ତରୋଗୀ। That is no disease at all (ତା ଆଦୌ କୌଣସି ରୋଗ ନୁହେଁ)।

ଶ୍ରୀଶ୍ରୀଠାକୁର—ତଥାପି ଭଲଲାଗେ ନାହିଁ। ହଁ, ଆପଣ ପରା ଯୁଦ୍ଧରେ ଯୋଗ ଦେଇଥିଲେ?

ହାକିମ୍—ହଁ!

ଟିକିଏ ପରେ ପୁଣି ହାକିମ କହିଲେ—I have had two strokes (ମୋର ଦୁଇଟି ଷ୍ଟ୍ରୋକ ହୋଇଥିଲା), ସେଥିଯୋଗୁଁ ଭୟର କୌଣସି କାରଣ ନାହିଁ।

ଶ୍ରୀଶ୍ରୀଠାକୁର—ଆପଣଙ୍କ nerve (ସ୍ନାୟୁ) କେତେ strong (ଶକ୍ତିଶାଳୀ), ଆପଣ କମାଣ ଚଳାଉଥିଲେ, ଆଉ ଆମେ କମାଣର ଗୋଟିଏ ଶବ୍ଦ ଶୁଣୁ ଶୁଣୁ ବେହୋସ ହୋଇ ପଡ଼ିଯାଉ।

ହାକିମ, କ୍ୟାପଟେନ ଆର. ଏଲ୍. ମୁଖାର୍ଜୀ ଅତ୍ୟନ୍ତ ପ୍ରୀତ ହୋଇଥିଲେ।

## ଭାଦ୍ରବ ୨୨, ଶନିବାର, ୧୩୪୭ (ଇଂ ୭/୯/୪୦)

ଆଜି କଲିକତାରୁ ତପତି ଭାଇ (ମୁଖୋପାଧ୍ୟାୟ—ଜ୍ୟୋତିର୍ବିଦ) ଆସିଛନ୍ତି। ସନ୍ଧ୍ୟାବେଳେ ଶ୍ରୀଶ୍ରୀଠାକୁର ସହାସ୍ୟବଦନରେ ବାହାରେ ଖଟରେ ଶୋଇଛନ୍ତି। ସମ୍ମୁଖରେ ପଦ୍ମା, ଜଳ ପ୍ଲାବିତ ହୋଇଛି, ଆକାଶ ମେଘମୁକ୍ତ, ମୃଦୁମନ୍ଦ ସମୀରଣ ପ୍ରବାହିତ ହେଉଛି। ଅନେକ ଭାଇ ଓ ମା'ମାନେ ଶ୍ରୀଶ୍ରୀଠାକୁରଙ୍କ ଖଟ ପାଖରେ ବସିଛନ୍ତି। ତପତି ଭାଇଙ୍କ ସଙ୍ଗେ କଥା ଚାଲିଛି।

ତପତି ଭାଇ—ମୋର ଯେତେବେଳେ ଯାହା ଦରକାର, ତାହା କିପରି କିମିତି ଯୁଟି ଯାଉଛି। ଯେତେବେଳେ ଦୀକ୍ଷାର ଅତ୍ୟନ୍ତ ପ୍ରୟୋଜନ ବୋଧ କରୁଥିଲି—ଯେଉଁ ହାକିମଙ୍କ ପାଖକୁ ଗଲି କାର୍ଯ୍ୟୋପଲକ୍ଷେ ହଠାତ୍ ଯୋଗାଯୋଗ ହୋଇଥିଲା।

ଶ୍ରୀଶ୍ରୀଠାକୁର—ଦୀକ୍ଷା ବି ଖୁବ୍ ଜବର ଜାଗାରେ ହୋଇଛି।

କଥାପ୍ରସଙ୍ଗରେ ଶ୍ରୀଶ୍ରୀଠାକୁର କହିଲେ—ଆମ ଦେଶରେ ଅନେକ ଲୋକ ଅଛନ୍ତି honest, moralist (ସତ୍ ଓ ନୀତିପରାୟଣ), ସାଧୁରୂପେ ପରିଚିତ। କିନ୍ତୁ ସେମାନଙ୍କ ମଧ୍ୟରୁ ଅଧିକାଂଶ really dishonest (ପ୍ରକୃତରେ ଅସାଧୁ)—ସାଧୁର pose

(ଅଭିନୟ) କରି ଚାଲନ୍ତି। ସେମାନଙ୍କ ଅପେକ୍ଷା ଗୁଣ୍ଡା, ବଦମାସ, ଲୁଚା, ଦୁଆଚୋର ଢେର ଭଲ—ଯଦି ସେ ବାପ ମା, ଭାଇ-ଭଉଣୀ ଆତ୍ମୀୟ-ସ୍ୱଜନ, ଘର-ଦ୍ୱାର, ଟଙ୍କା-ପଇସା, ନାମ-ଯଶ, ମାଳ-ମଣ୍ଡଳା, ସୁଖ-ଦୁଃଖ,—ସବୁ passion (ପ୍ରବୃତ୍ତି)କୁ ଅତିକ୍ରମ କରେ ଏବଂ ଇଷ୍ଟାର୍ଥ ପ୍ରତିଷ୍ଠାହିଁ ତା ଜୀବନରେ ମୁଖ୍ୟ ହୋଇଉଠେ। ମୁହୂର୍ତ୍ତରେ ତା'ର ଯାହା ହେବ—ଶତ ଶତ ବର୍ଷ ଜପ କରି ମଧ୍ୟ ପୂର୍ବୋକ୍ତ ତଥାକଥିତ ସାଧୁମାନଙ୍କର ତାହା ହୋଇ ପାରିବ ନାହିଁ। ଦେଖି ନାହାନ୍ତି, ହନୁମାନକୁ—ସେ-ବେଟା ପୁଣି ବ୍ରାହ୍ମଣ ବେଶରେ ରାବଣ ଘରକୁ ପୂଜା କରିବାକୁ ଯାଇଛି ମୃତ୍ୟୁବାଣ ଚୋରି କରିବ ବୋଲି—ଦେଖି ମନେହୁଏ କେଡ଼େ ଶଇତାନ ! କିନ୍ତୁ ସବୁ କିଛି ତା'ର ପ୍ରିୟପରମଙ୍କ ପାଇଁ। ପୃଥିବୀ ଇତିହାସରେ ଏପରି ଆଉ ଜଣେ ବି ଦେଖାଯାଏ ନାହିଁ। ଏହାକୁହିଁ ଯେ କୁହାଯାଏ ଭକ୍ତ।

ତପତି ଭାଇ—ପ୍ରଭୁ! କହନ୍ତୁ ତ, ଏପରି ମୋର କାହିଁକି ହେଉଛି ? ସାହେବ ହୁଅନ୍ତୁ, ମୁସଲମାନ ହୁଅନ୍ତୁ, high official (ପଦସ୍ଥ କର୍ମଚାରୀ) ହୁଅନ୍ତୁ, ସମସ୍ତଙ୍କୁ ଭଲଲାଗେ, କିନ୍ତୁ average (ସାଧାରଣ) ବଙ୍ଗାଳୀ ଗ୍ରାହକ ଦେଖିଲା ମାତ୍ରେ ମୋର ଦେହ ଜଳିଉଠେ।

ଶ୍ରୀଶ୍ରୀଠାକୁର—ଦେହ ଜଳିଗଲେ ତ ଲାଭନାହିଁ, ତଦ୍ୱାରା ଆମେ ନିଜେହିଁ କ୍ଷତିଗ୍ରସ୍ତ ହୋଇଥାଉ, ତାକୁହିଁ ସୁନ୍ଦର କରିନେବାକୁ ହେବ। ଦେଖନ୍ତୁ, ବଙ୍ଗାଳୀ ପରି ପ୍ରାଣ ଆପଣ ଆଉ କେଉଁଠି ପାଇବେ ନାହିଁ। ଦୁଇଟି ଜାଗାରେ ଗଲତି ରହିଛି—ତାକୁ ଯଦି ଠିକ୍ କରି ନେଇ ପାରିବେ ତେବେ ହେବ। ପ୍ରଥମ ଦୋଷ ହେଲା—ପୂର୍ବବର୍ତ୍ତୀଙ୍କୁ ମାନୁନଥିବା ଏପରି ଲୋକଙ୍କୁ ଆମେ ଗୁରୁ ବୋଲି ମାନୁ—ତେଣୁ ବୈଷ୍ଣବ, ଶାକ୍ତ, ସୌର, ଶୈବ, ଗାଣପତ୍ୟ, ଏ-ମିଶନ, ସେ-ମଠ, ଅମୁକ ଆଶ୍ରମ, ତମୁକ ସଂଘ ଇତ୍ୟାଦି କେତେ ଯେ ଦଳର ଆବିର୍ଭାବ ହୋଇଛି—ଯେଉଁମାନେ କି ଏକ ସୂତ୍ରରେ ସଂହତ ନୁହଁନ୍ତି। ପ୍ରକୃତରେ ଗୁରୁ ଯିଏ, ତାଙ୍କ ଭିତରେ ପୂର୍ବବର୍ତ୍ତୀ ପ୍ରତ୍ୟେକଙ୍କୁ trace (ବାହାର) କରାଯିବ। ଠିକ୍ map (ମାନଚିତ୍ର) ଦେଖିଲାପରି, ଯେପରି—ଶ୍ରୀରାମକୃଷ୍ଣଙ୍କୁ ଦେଖିଲେ କୃଷ୍ଣ, ବୁଦ୍ଧ, ଯୀଶୁ, ମହମ୍ମଦ, ଗୌରାଙ୍ଗ ସମସ୍ତେ ଧରାପଡ଼ି ଯା'ନ୍ତି। ସମସ୍ତଙ୍କୁ ପରିଷ୍କାର ଭାବରେ ବୁଝିଲେ ତାଙ୍କ ଭିତରେ ସମସ୍ତଙ୍କର ଦେଖା ମିଳିବ। ଏହା ନ ହେଲେ ସେ ଗୁରୁ ହେବାର ଉପଯୁକ୍ତ ନୁହନ୍ତି। ଯୁଗପୁରୁଷୋତ୍ତମଙ୍କୁ କେନ୍ଦ୍ର କରି ସମନ୍ୱୟକାରୀ ସଂହତି ଅକ୍ଷୁଣ୍ଣ ରଖି ପାରିଲେ ହଜାର ପ୍ରକାର ମତାବଲମ୍ବୀ ଲୋକ ଥିଲେ ମଧ୍ୟ କିଛି ଯାଏ ଆସେ ନାହିଁ। ଆମ ଦେଶରେ ଶ୍ରୀକୃଷ୍ଣଙ୍କୁ ଓ ତଜ୍ଜାତୀୟ ମହାପୁରୁଷଙ୍କୁ ନ ମାନି, ଏପରି କି ଅସ୍ୱୀକାର ବା ଅପମାନ କରି ମଧ୍ୟ ଲୋକ ଗୁରୁଙ୍କ ଆସନରେ ବସି ପାରୁଛନ୍ତି, ଏହାଠାରୁ ଦୂରବସ୍ଥା କ'ଣ ହୋଇ ପାରେ ? ତାପରେ ଅନୁଲୋମ, ଅସବର୍ଣ୍ଣ ବିବାହ ବନ୍ଦ ହୋଇଯିବା ମଧ୍ୟ ଗୋଟାଏ ମସ୍ତବଡ଼ ଦୋଷ ହୋଇଛି। ଅନୁଲୋମ ବିବାହ ବ୍ୟତୀତ ବିଭିନ୍ନ ବର୍ଣ୍ଣ ମଧ୍ୟରେ ସଂହତି ଆଣିବା ଦୁରୂହ। ଏବଂ ପ୍ରତିଲୋମ ବିବାହକୁ ଯେନତେନ ପ୍ରକାରେଣ ବନ୍ଦ କରିବାକୁ ହେବ। ଏକା ବର୍ଣ୍ଣରେ ମଧ୍ୟ ବଡ଼ ବଂଶର ଝିଅ



ଯଦି ଛୋଟ ବଂଶର ପୁଅକୁ ବିବାହ କରେ ତା ମଧ୍ୟ ପ୍ରତିଲୋମ ହୋଇଯାଏ। ସଦ୍‌ବଂଶଜ ଓ ଅସଦ୍‌ବଂଶଜ ମଧ୍ୟରେ କେତେଗୁଡ଼ିଏ ଚରିତ୍ରଗତ ଲକ୍ଷଣ ଅଛି। ନୀଚ ବଂଶର ହୋଇ ମଧ୍ୟ ଜଣେ ସଦ୍‌ବଂଶଜ ଏବଂ ଉଚ୍ଚ ବଂଶର ହୋଇ ମଧ୍ୟ ଜଣେ ଅସଦ୍ ବଂଶଜ ହୋଇପାରେ। ଅସଦ୍‌ବଂଶଜର ପ୍ରଧାନ ଦୋଷ ହେଲା—ସେମାନେ କାହାକୁ ଶ୍ରଦ୍ଧା କରି ପାରନ୍ତି ନାହିଁ। ଟିକିଏ ଖିଆଲ କଲେହିଁ ଏସବୁ instinct (ସଂସ୍କାର) ବୁଝାଯାଏ। ତେଣୁ ଝିଅର ବିବାହ ଦେବାକୁ ଗଲାମାତ୍ରେହିଁ ଦେଖିବାକୁ ହେବ, ପୁଅ ଉଚ୍ଚ ସଦ୍‌ବଂଶଜ କି ନୁହେଁ—ଏହା ନହୋଇ ପ୍ରତିଲୋମ ହେଲେହିଁ ସର୍ବନାଶ। ପ୍ରତିଲୋମ ଏପରି ଜିନିଷ ଯେ ଯଦି କାହାର ସହିତ ଶତ୍ରୁତା ଥାଏ ଏବଂ ପ୍ରତିଶୋଧ ନେବାକୁ ଇଚ୍ଛା ଥାଏ, ତେବେ ସେଠାରେ କୌଣସି ପ୍ରକାରେ ପ୍ରତିଲୋମ ଅନୁପ୍ରବେଶ କରାଇ ଦେଲେ ନିଶ୍ଚିନ୍ତ। କାହାରି ସର୍ବନାଶ ଘଟାଇବାକୁ ଏହାଠାରୁ ସହଜ ସରଳ ପନ୍ଥା ଆଉ ନାହିଁ।

## ମାର୍ଗଶିର ୨, ରବିବାର, ୧୩୪୭ (ଇଂ ୧୭/୧୧/୪୦)

ଶ୍ରୀଶ୍ରୀଠାକୁର ସକାଳେ ଫିଲାନ୍‌ଥ୍ରପି ଅଫିସରେ ବସିଛନ୍ତି, ମୁଖମଣ୍ଡଳରେ ତାଙ୍କର ପ୍ରସନ୍ନ ହାସ୍ୟର ରେଖା, ନେତ୍ରରେ ସ୍ନିଗ୍ଧ ଦୀପ୍ତି, ଅନ୍ତରଙ୍ଗ-ଆତ୍ମୀୟତାର ସ୍ୱରରେ ଉପସ୍ଥିତ ଭାଇମାନଙ୍କ ସଙ୍ଗେ କଥାବାର୍ତ୍ତା କରୁଛନ୍ତି।

କଥାପ୍ରସଙ୍ଗରେ କହିଲେ—ଯଜନ, ଯାଜନ, ଇଷ୍ଟଭୃତି ପିଲାଦିନୁ ଅଭ୍ୟାସଗତ କରିପକାଇବାକୁ ହେବ, ସବୁ ଅଭ୍ୟାସର ବିଷୟ। ମଣିଷ କ'ଣ ସହଜରେ ଗଞ୍ଜେଇଖୋର ହୋଇଯାଏ ? କେତେ କଷ୍ଟକରି ଅଭ୍ୟାସ କରିବାକୁ ହୋଇଥାଏ। ଗଞ୍ଜେଇ ତ ଆଉ ମହୁପରି ଖାଇବାକୁ ମିଠା ଲାଗେନାହିଁ, ଗଞ୍ଜେଇ ଖାଇ ମୁଣ୍ଡବୁଲାଇ ପଡ଼ିଯାଏ, ତଥାପି ଖାଏ, ଏଇପରି ପଡ଼ିବାଟା ଭଲଲାଗେ—ଏହିପରିଭାବରେ ଅଭ୍ୟାସ କରିଥାଏ। ମଣିଷ ବଦ୍‌ଅଭ୍ୟାସକୁ କେତେ କଷ୍ଟ କରି ଆୟତ୍ତ କରୁଛି, ଅଥଚ ଯଜନ, ଯାଜନ, ଇଷ୍ଟଭୃତି ପରି ସଦଅଭ୍ୟାସକୁ ଆୟତ୍ତ କରିପାରୁ ନାହିଁ ? ଏହାକୁ ଅଭ୍ୟାସ କଲେ ପ୍ରତି ପଦକ୍ଷେପରେହିଁ ତ ଆନନ୍ଦ ମିଳିଥାଏ।

ଶ୍ରୀଶ୍ରୀଠାକୁର ରାତିରେ ଜଣେ ଭାଇକୁ କହୁଥିଲେ—ଯଜନ, ଯାଜନ, ଇଷ୍ଟଭୃତି ଅଳ୍ପଟିକିଏ କରୁଛୁ, ତା ବି ଠିକ୍‌ରୂପେ କରୁନାହୁଁ, ସେଇ ଠେଲାରେ କେତେ କାଣ୍ଡ କରିପାରୁଛୁ। ସ୍ୱସ୍ତ୍ୟୟନୀ ଯଦି କେହି ଠିକ୍‌ଭାବରେ କରେ ତା'ର instinct (ସହଜାତ ସଂସ୍କାର) ଭିତରେ ଯାହାସବୁ ଅଛି ଫୁଟି ଉଠିବହିଁ ଉଠିବ।

## ମାର୍ଗଶିର ୩, ସୋମବାର, ୧୩୪୭ (ଇଂ ୧୮/୧୧/୪୦)

ଶ୍ରୀଶ୍ରୀଠାକୁର ସକାଳେ ମାତୃମନ୍ଦିର ପଛରେ ବେଞ୍ଚରେ ବସିଥିଲେ। ଜଣେ ଭାଇ

ଇଷ୍ଟପ୍ରତିଷ୍ଠା ପାଇଁ ଖୁବ୍ ସୁବିଧା ହୁଏ।
କହିଲେ—ଅନେକ ଟଙ୍କା ଥିଲେ, ଇଷ୍ଟପ୍ରତିଷ୍ଠା ଲାଗିପଡ଼ି ଯଜନ, ଯାଜନ କଲେ, ଟଙ୍କା ଆପେ

ଶ୍ରୀଶ୍ରୀଠାକୁର—ତା ନୁହେଁ। ମଣିଷ ଲାଗିପଡ଼ି ଯଜନ, ଯାଜନ କଲେ, ଟଙ୍କା ଆପେ ... ମୋର କ'ଣ ଅଛି ? ମୁଁ ଅଛି ମାନେ, ଆପେ ଆସିଯିବ। ଏଇ ଯେ ମୋତେ ଦେଖୁଛ, ମୋର କ'ଣ ଅଛି ? ମୁଁ ଅଛି ମାନେ, ଏଇ ତୁମମାନଙ୍କୁ ନେଇ ଅଛି—ତୁମକୁ ଭଲପାଏ ତୁମେ ଯେପରି କେହି ପଡ଼ି ନଯାଅ, ତାହାହିଁ ଭାବୁଥାଏ, ଏଇଥିପାଇଁ ଅସ୍ଥିର ହୋଇ ଘୁରିବୁଲେ, ତୁମମାନଙ୍କ ପଛରେ ଲାଗି ରହିଥାଏ, ଯାହାର ଯେଉଁଥିରେ ମଙ୍ଗଳ ହେବ ବୋଲି ବୁଝେ ତାକୁ ତାହାହିଁ କରିବାକୁ କହିଥାଏ, ଯେ ଯେପରି ତାହା କରିପାରେ ତା'ର ଫନ୍ଦିଫିକର ମଧ୍ୟ ବତାଇଦିଏ, ଯା'କୁ ଦେଇ ଯା' କରାଇଲି, ତାକୁ ଦେଇ ଯା' ପାଇଁ ଆଉ ଗୋଟାଏ କାମ କରାଇଲି, ପ୍ରତ୍ୟେକଙ୍କୁ ପ୍ରତ୍ୟେକଙ୍କର ପରିପୋଷକ କରିବାକୁ ଚେଷ୍ଟା କରେ। ଏହାହିଁ ମୁଁ କରେ, ତୁମେସବୁ ତ ମୋର ସମ୍ପତ୍ତି। ଏଇ ଯେ ମୋତେ ଟଙ୍କା ଦିଅ, ଇଚ୍ଛା କରିହିଁ ତ ଦିଅ। ତୁମମାନଙ୍କର ମଧ୍ୟ ଏହିପରି ହେବ। ପିଲା ଚିରଦିନ ପିଲା ହୋଇ ରହନ୍ତି ନାହିଁ। ସେମାନଙ୍କର ଯେତେବେଳେ ପିଲା ହେବେ ସେମାନେ ହେବେ ବାପା। ତୁମେସବୁ ତ ଇଷ୍ଟକେନ୍ଦ୍ରିକତାକୁ ଭିତ୍ତିକରି ଏଇପରି କରିବ, ଏଇପରି ହେବ, ଭାବିବାର କ'ଣ ଅଛି ? ତୁମେ ସବୁ ବଡ଼ ନ ହୋଇ ଉଠିଲେ—ମୋର ସୁଖ କେଉଁଠି ?

ଧ୍ୟାନ ସମ୍ବନ୍ଧରେ କଥା ଉଠିଲା।

ଶ୍ରୀଶ୍ରୀଠାକୁର କହିଲେ—ଲୋକେ ଧ୍ୟାନ-ଧ୍ୟାନ କରନ୍ତି, ଅଥଚ ଧ୍ୟାନ କ'ଣ ବୁଝନ୍ତି ନାହିଁ, concentration (ଏକାଗ୍ରତା) ନହୋଇ, ହୁଏ fixation (ତ୍ରାଟକପରି)। ତଦ୍ୱାରା ମସ୍ତିଷ୍କରେ କ୍ରିୟା ନିଷ୍କ୍ରିୟ ହୋଇଯାଏ। ଧ୍ୟାନମାନେ ହେଲା ଅନୁରାଗମୁଖର ଇଷ୍ଟଚିନ୍ତନ ; ଇଷ୍ଟସ୍ୱାର୍ଥ ଓ ଇଷ୍ଟପ୍ରତିଷ୍ଠାର ପରିପୋଷକ କରି ଭିତରେ-ବାହାରେ ଯାହାକିଛି ଅଛି ତା'ର ନିୟନ୍ତ୍ରଣ, ସାମଞ୍ଜସ୍ୟ ଓ ସମାଧାନର ବୁଦ୍ଧିସ୍ଥିର କରିବା। ଏଇପରିଭାବରେ ଚିନ୍ତାକରି, ବୁଦ୍ଧି ସ୍ଥିରକରି କାର୍ଯ୍ୟତଃ ତାହା ନିଷ୍ପାଦନ କରିବା ଦରକାର। ସେଇପରି କଲେ ଧ୍ୟାନ ସାର୍ଥକ ହୁଏ ଏବଂ ତଦ୍ୱାରା ଚରିତ୍ରର ଇଷ୍ଟାନୁଗ ବିନ୍ୟାସ ମଧ୍ୟ ହୋଇଥାଏ।

## ପୌଷ ୧, ସୋମବାର, ୧୩୪୭ (ଇଂ ୧୬/୧୨/୪୦)

ଶୀତ ସକାଳ। ଆଶ୍ରମ କର୍ମମୁଖର। ପ୍ରେସ, ତପୋବନ, କେମିକାଲ ୱାର୍କସ, ୱାର୍କସପ, ଆନନ୍ଦବଜାର, ଡିସ୍‌ପେନସରୀ, ଫିଲାନ୍‌ଥ୍ରପି ଅଫିସ, ହୋସିଆରୀ, ଆର୍ଟ ଷ୍ଟୁଡ଼ିଓ—ସର୍ବତ୍ର କର୍ମୀଗଣ କର୍ମରତ। ମାତୃମନ୍ଦିରର ଦକ୍ଷିଣଦିଗରେ ଆଶ୍ରମପ୍ରାଙ୍ଗଣରେ ସ୍ଥାନୀୟ କେତେକ ପରିବା ବିକାଳୀ ପରିବାନେଇ ବସିଛନ୍ତି, ମା'ମାନେ ପରିବା କିଣୁଛନ୍ତି। ଆଶ୍ରମ ସମ୍ମୁଖରେ ଅର୍ଥାତ୍ ଦକ୍ଷିଣଦିଗରେ ଦିଗନ୍ତ-ବିସ୍ତୃତ ପଦ୍ମାର ଅବବାହିକା, ତା'ରି ମଝିରେ ଅଦୂରରେ ଖଣ୍ଡେ ଧାନ ଜମି। ଆକାଶ ନିର୍ମଳ ଉଦାର, ବେଳେ ବେଳେ ଦଳେ ଦଳେ



ପକ୍ଷୀ ସାଇଁକରି ଉଡ଼ିଯାଉଛନ୍ତି। ଉତ୍ତରଦିଗରେ ବାଉଁଶ ବଣ ଭିତରେ ମଝିରେ ମଝିରେ ନାନାପ୍ରକାର ପକ୍ଷୀ କଳରବ କରୁଛନ୍ତି। ବେଶ୍ ସୂର୍ଯ୍ୟ ଉଠିଛି, ଶ୍ରୀଶ୍ରୀଠାକୁର ମାତୃମନ୍ଦିର ପାଖରେ ଖରାକୁ ପିଠିକରି ବସି, ସହାସ୍ୟ ବଦନରେ ସ୍ନେହ-କୋମଳ ସ୍ୱରରେ କେଷ୍ଟଭାଇଙ୍କୁ (ଭଟ୍ଟାଚାର୍ଯ୍ୟ) କହୁଛନ୍ତି—ପ୍ରଫୁଲ୍ଲ (ଦାସ), ବୀରେନ (ମିତ୍ର) ପ୍ରଭୃତି ଯଦି ତପୋବନରେ successful (କୃତକାର୍ଯ୍ୟ) ହୁଅନ୍ତି, ସେମାନଙ୍କୁ ଆଉ କିଛି ଅଟକାଇ ପାରିବ ନାହିଁ। ବେଶ୍ ଭଲ ମାଲ କେତୋଟି ଯୁଟିଛନ୍ତି। ଏବଂ successful (କୃତକାର୍ଯ୍ୟ) ହେବା ଅର୍ଥ କେବଳ କେତେଟା ଘର ତିଆର କରି କେତେକ ପିଲାଙ୍କୁ ନେଇ ସ୍କୁଲ କରି ପକାଇବା ନୁହେଁ। ଗୋଟାଏ University (ବିଶ୍ୱବିଦ୍ୟାଳୟ) ତିଆରି କରିବାକୁ ହେବ। ଏପରିଭାବରେ କରିବାକୁ ହେବ ଯେପରି ତପୋବନ ନାମ ଶୁଣିଲେ ସାରାଭାରତ ମୁଣ୍ଡ ନୁଆଁଇବ—କେବଳ ଭାରତ କାହିଁକି ସମଗ୍ର ପୃଥିବୀରେ ଯେତେ ଦେଶ ଅଛନ୍ତି।

କେଷ୍ଟ ଭାଇ—ଶିକ୍ଷାର ଏହି ପ୍ରଥା ସର୍ବତ୍ର ଚାଲୁ କରିବାକୁ ହେବ, compromise (ଆପୋସରଫା) କଲେ ଚଳିବ ନାହିଁ।

ଶ୍ରୀଶ୍ରୀଠାକୁର—ସାମାନ୍ୟତମ compromise (ଆପୋସରଫା) ମଧ୍ୟ ନୁହେଁ।

କେଷ୍ଟ ଭାଇ—ପ୍ରଫୁଲ୍ଲ, ବୀରେନ ଯଦି ସେହିପରି ହୋଇଉଠନ୍ତି, ତେବେ ହୋଇଯିବ। Charge (ଦାୟିତ୍ୱ ଓ କ୍ଷମତା) କିନ୍ତୁ ସେମାନଙ୍କ ହାତରେ ରହିବା ଦରକାର।

ଶ୍ରୀଶ୍ରୀଠାକୁର—ମୁଁ ତ କହିଛି, କାହାକୁ ଦୂରେଇ ଦେଲେ ଚଳିବ ନାହିଁ, ସମସ୍ତଙ୍କୁ maintain (ପ୍ରତିପାଳନ) କରିବାକୁ ହେବ, ଏବଂ charge (ଦାୟିତ୍ୱ ଓ କ୍ଷମତା) କଥା ଆଗରୁ ଭାବିବା କ'ଣ ଦରକାର ? କରୁ କରୁ ଆସ୍ତେ ଆସ୍ତେ ତାହା ହାତକୁ ଆସେ। ଦାୟିତ୍ୱ ଯେ ନେଇ ଜାଣେ, ଭାର ଯେ ବୋହିପାରେ, କ୍ଷମତା ତା ହାତକୁ ଆପେ ଆପେ ଆସିଥାଏ।

ଡାକ୍ତର କାଳୀ ଭାଇ ଆସି କହିଲେ—ମେଡ଼ିକାଲ ଡାଇଜେଷ୍ଟରେ ବାତରୋଗର ଗୋଟାଏ ଭଲ ଔଷଧ କଥା ବାହାରିଛି।

ଶ୍ରୀଶ୍ରୀଠାକୁର—ପ୍ୟାରୀକୁ ମଧ୍ୟ ଦେଖା। ନୂଆ ଯାହାକିଛି ପାଇବୁ, ନିଜେ ମଧ୍ୟ ନୋଟ କରି ରଖିବୁ। ନିଜକୁ ଭଲରୂପେ ତିଆରି କର। ମେଡ଼ିକାଲ କଲେଜ ଫଲେଜ ଯଦି ହୋଇଯାଏ, ସବୁ ବିଦ୍ୟା କାମରେ ଲାଗିଯିବ।

## ପୌଷ ୩, ବୁଧବାର, ୧୩୪୭ (ଇଂ ୧୮/୧୨/୪୦)

ଶ୍ରୀଶ୍ରୀଠାକୁର ସକାଳେ ଆଶ୍ରମ ପ୍ରାଙ୍ଗଣରେ ପଶ୍ଚିମାସ୍ୟ ହୋଇ ଖଟ ଉପରେ ବସିଛନ୍ତି। କେଷ୍ଟ ଭାଇ (ଭଟ୍ଟାଚାର୍ଯ୍ୟ), ହରିପଦ ଭାଇ (ସାହା), ଧୀରେନ ଭାଇ (ଚୌଧୁରୀ) ଓ ପ୍ରଫୁଲ୍ଲ ପ୍ରଭୃତି ଅନେକେ ଉପସ୍ଥିତ। ଶ୍ରୀଶ୍ରୀଠାକୁର ଆଜି ଆନନ୍ଦରେ ମତୁଆରା ହୋଇ

କଥାବାର୍ତ୍ତା କରୁଛନ୍ତି, ଭକ୍ତବୃନ୍ଦ ବିଭୋର ହୋଇ ତାଙ୍କର ଶ୍ରୀମୁଖନିଃସୃତ କଥାମୃତ ପାନ କରୁଛନ୍ତି। ନେତା କିପରି ହେବା ଦରକାର ସେଇ ସମ୍ବନ୍ଧରେ କଥା ଉଠିଲା। ପ୍ରେମପୂର୍ଣ୍ଣ, ଲଳିତ ଭଙ୍ଗୀରେ, ପ୍ରାଣମତାଣିଆ, ଦରଦଭରା ସ୍ୱରରେ ସେ କହୁଛନ୍ତି—Leader (ନେତା) ର ମୁହଁରୁ ଏପରି କଥା ବାହାରିବ ଯେ "କାନର ଭିତର ଦେଇ ମରମେ ପଶିଲା, ଆକୁଳ କରିଲା ଗୋ ପରାଣ" ପରି ଲୋକ ବୋଧ କରିବେ। ମୁସୋଲିନୀଙ୍କର କଥା ଶୁଣିଛି—ଯେପରି sweet (ମଧୁର), soft (କୋମଳ), modest (ନମ୍ର) ସେହିପରି uncompromising (ସାଲିସହୀନ)। Leader (ନେତା)କୁ loyal (ଆନୁଗତ୍ୟ ସମ୍ପନ୍ନ), sweet (ମଧୁର), soft (କୋମଳ), sincere (ନିଷ୍କାପଟ), active (ସକ୍ରିୟ) ହେବାକୁ ହେବ। ତା'ର ଚେହେରା, ଚାହାଣି ଏପରି ହେବ ଯେ ଲୋକ enchanted (ମୁଗ୍ଧ) ହୋଇଯିବେ।

ଏହାପରେ ଶ୍ରୀଶ୍ରୀଠାକୁର ଧୀରେନ୍ ଭାଇ ସମ୍ବନ୍ଧରେ କହିଲେ—ମୁଁ ଭାବୁଛି, ତାକୁ ତା'ର ବଡ଼ବାପା ଘରୁ ଆଣି ଅନ୍ୟ ଜାଗାରେ ଖାଇବାର ବ୍ୟବସ୍ଥା କରିଦେବି, କିନ୍ତୁ ପୁଣି ଭାବେ, ସେଇଠାରେ ରହିଲେ ଭଲ। ଯେଉଁଠାରେ ପ୍ରତି ମୁହୂର୍ତ୍ତରେ opposition (ବାଧା), କୌଣସି କ୍ଷମା ନାହିଁ, ସହାନୁଭୂତି ନାହିଁ, ସେଇଠାରେ ରହି ଯଦି tone ଓ temper (ମନ-ମିଜାଜ) ଠିକ୍ ରଖି, principle (ଆଦର୍ଶ) କୁ ନେଇ ଚଳିପାରେ, ତେବେ ତା'ର ଭିତରଟା ଅନେକ ମଜଭୁତ ହୋଇଯିବ। ସକଳ ସାଧନାର ଏହାହିଁ ଉପଯୁକ୍ତ ସ୍ଥାନ। ଆଉ, difficulty (କଷ୍ଟ) ଭିତର ଦେଇ ନ ଯାଇ କେହି greatman (ବଡ଼ଲୋକ) ହୋଇ ନାହାଁନ୍ତି। ଉନ୍ନତି ମାନେହିଁ ଉଦ୍-ନତି, ଶ୍ରେୟନତି, ଏବଂ ତାହାକୁହିଁ କେନ୍ଦ୍ର କରି କୁଶଳ-କୌଶଳୀ ନିୟନ୍ତ୍ରଣରେ ସୁବ୍ୟବସ୍ଥିତିର ସହିତ, ଅନ୍ତରାୟକୁ ଅତିକ୍ରମ କରି ଆମେ ଯେତେ କୃତକାର୍ଯ୍ୟ ହୋଇ ପାରୁ—ଶ୍ରେୟ ଲାଭରେ, ସେତେହିଁ ଆମେ ଉନ୍ନତି ଲାଭ କରୁ। ଯେଉଁମାନଙ୍କର move for principle (ଆଦର୍ଶାନୁଗ ଚଳନ) ଅଛି, ସେମାନେ suffering (ଦୁଃଖ)ରେ ପଡ଼ି ସେଗୁଡ଼ିକୁ manipulate (ନିୟନ୍ତ୍ରଣ) କରି experience (ଅଭିଜ୍ଞତା)ର ଅଧିକାରୀ ହୋଇ ବଡ଼ ହୁଅନ୍ତି, ଏବଂ ଯେଉଁମାନଙ୍କର ତାହା ନାହିଁ ସେମାନେ ଦୁଃଖର ଚାପରେ ଭାଙ୍ଗି ପଡ଼ନ୍ତି।

ପ୍ରଫୁଲ୍ଲ—ମଣିଷର ସହ୍ୟ କରିବାର ତ ଗୋଟାଏ ସୀମା ଅଛି!

ଶ୍ରୀଶ୍ରୀଠାକୁର—ମଣିଷର fatigue layer (କ୍ଳାନ୍ତିର ସ୍ତର) break (ଅତିକ୍ରମ) କରି ଗଲେ ତା'ର ଯେଉଁ କର୍ମ କ୍ଷମତା ବଢ଼ିଯାଏ ତାହା ଦେଖି ଲୋକ ଅବାକ୍ ହୋଇଯାଏ,—ଅସାଧାରଣ ବୋଲି ଭାବେ। କିନ୍ତୁ ତା ପକ୍ଷେ ତାହା ସ୍ୱାଭାବିକ।

ବୃତ୍ତି ନିୟନ୍ତ୍ରଣ ସମ୍ବନ୍ଧରେ କଥା ଉଠିଲା। ଶ୍ରୀଶ୍ରୀଠାକୁର ନିଜର ଅଭିଜ୍ଞତାରୁ ରସଗୋଲା ଖାଇବାର ଲୋଭ, ପରପର ତିନିରାତି ସ୍ୱପ୍ନରେ ପରମାସୁନ୍ଦରୀର ଆକୁଳ ପ୍ରେମ ନିବେଦନ, 



ଏବଂ ସର୍ବଶେଷରେ ମା'ର ଆବିର୍ଭାବ ଏବଂ ତାଙ୍କ ଉପଦେଶାନୁଯାୟୀ ନାମ କରିବା ଫଳରେ ପ୍ରଲୋଭନ କବଳରୁ ମୁକ୍ତି ପାଇବା ବୃତ୍ତାନ୍ତ ସଂକ୍ଷେପରେ ଉଲ୍ଲେଖ କରି କହିଲେ—Clue (ସଙ୍କେତ) ଟା ପାଇଗଲି। ଦେଖିଲି ଅତ୍ୟନ୍ତ ସହଜ। ଝୁଙ୍କଟା ଯେତେବେଳେ ଚାପିଧରେ, ସେତିକି speed (ବେଗ)ରେ otherwise engaged (ଅନ୍ୟ କାମରେ ବ୍ୟାପୃତ) ହୋଇ ପଡ଼ିଲେ ସେ ସବୁ କଥା ଆଉ ମନେ ରହେନା, ଆପେ ଆପେ ନିଶାଟା କଟିଯାଏ।

ଏହାପରେ ଲୋକଙ୍କ ସହିତ କିପରି ବ୍ୟବହାର କରିବାକୁ ହେବ ସେଇ ସମ୍ବନ୍ଧରେ କଥା ଉଠିଲା।

ଶ୍ରୀଶ୍ରୀଠାକୁର—ପ୍ରତ୍ୟେକ ମଣିଷ ଚାହେଁ ଆପଣାର ଲୋକପରି ପ୍ରାଣସ୍ପର୍ଶୀ ବ୍ୟବହାର ପାଇବାକୁ। ତୁମର ବ୍ୟବହାର ଯଦି ବାହ୍ୟତଃ ରୂଢ଼ ମଧ୍ୟ ହୁଏ ଅଥଚ ତା ମଧ୍ୟରେ ଏଇ ଜିନିଷଟି ଥାଏ, ତାହେଲେ ମଣିଷ ତାକୁ ପସନ୍ଦ ଛଡ଼ା ଅପସନ୍ଦ କରି ପାରିବ ନାହିଁ। ମୁଁ ଡାକ୍ତରୀ କଲାବେଳେ ଥରେ ଜଣେ ମୁସଲମାନକୁ ଚିକିତ୍ସା କରିଥିଲି। ରୋଗ ଟିକିଏ ଉପଶମ ହେବାମାତ୍ରେ ତା ଘରୁ ଆଉ କେହି ଔଷଧ ନେବାକୁ ଆସିଲେ ନାହିଁ। ଏଣେ ମୋର ଦିନରାତି ଭାବନାର ଅନ୍ତ ନାହିଁ, ମନଟା ଛଟପଟ ହେଉଥାଏ, କିଏ ଜାଣେ କ'ଣ ହେଲା ଲୋକଟାର, କିପରି ଅଛି ଲୋକଟା! ତିନିଦିନ ପରେ ଯେତେବେଳେ ଔଷଧ ନେବାକୁ ଆସିଲା ମୁଁ ଖୁବ୍ ଗାଳି ଦେଲି। ଗାଳି ଶୁଣି ସେ କହିଲା—ବାବୁ, ଆପଣ ଯେ ଏତେ ଗାଳି ଦେଲେ, ଆଉ କେହି ହୋଇଥିଲେ ମୁଁ ତାକୁ ଅକ୍ଷତ ରଖି ନଥାନ୍ତି। କିନ୍ତୁ ଆପଣଙ୍କ କଥାଗୁଡ଼ିକଏ ମୋତେ ଏତେ ମିଠା ଲାଗୁଛି, ଇଚ୍ଛାହେଉଛି ଆପଣ ଆଉରି ଗାଳି ଦିଅନ୍ତେ, ମୁଁ ଶୁଣନ୍ତି। ମୁଁ ସେତେବେଳେ ଭାବୁଥିଲି, 'ଭଗବାନ ତା'ହେଲେ ଗାଳିଗୁଲଜ କରିବା ମୋତେ ଶିଖାଇଛନ୍ତି!' ତା'ଛଡ଼ା ମୁଁ କାହାକୁ ବେଶି କଡ଼ା କଥା କହି ପାରେ ନାହିଁ, ଯାହାକୁ ମୁଁ ଗାଳି ଦେଉଛି, ସେ ଯଦି ମରିଯାଏ ତେବେ ମୋର ତ ଦୁଃଖର ସୀମା ରହିବ ନାହିଁ—ଏଇ ଭୟଟା ଯେପରି ଭୂତପରି ମୋତେ ଗ୍ରାସ କରି ବସିଛି। ଅବଶ୍ୟ ଅସତ୍ ନିରୋଧ ପାଇଁ ଯେଉଁଠି ଯାହା ପ୍ରୟୋଜନ ସେଠାରେ ତାହା କରିବାକୁ ହେବ। ତେବେ uncompromising (ସାଲିସହୀନ) ହେବାକୁ ଗଲେ sweet (ମଧୁର) ହେବାରେ ଅସୁବିଧା ନାହିଁ, thrashing (ମାଡ଼) ଟା ଏପରି ଭାବରେ ଦେବାକୁ ହେବ ଯେପରି ଲୋକ elated (ଉଦ୍ଦୀପ୍ତ) ହୋଇଉଠେ।

ଏହାପରେ ଶ୍ରୀଶ୍ରୀଠାକୁର କେଉଁଠି କିପରି ଯାଜନ କାର୍ଯ୍ୟାଦି ଚାଲିଛି ତାହା କେଷ୍ଟ ଭାଇଙ୍କଠାରୁ ଶୁଣିବାକୁ ଲାଗିଲେ।

## ଫାଲ୍‌ଗୁନ ୨୮, ବୁଧବାର, ୧୩୪୭ (ଇଂ ୧୨/୩/୪୧)

ସକାଳେ ଶ୍ରୀଶ୍ରୀଠାକୁର ହାତ ମୁହଁ ଧୋଇ ନିଭୃତ-ନିବାସରେ ପୂର୍ବାସ୍ୟ ହୋଇ

ବସିଛନ୍ତି, ସମ୍ମୁଖରେ ବିସ୍ତାରିତ ଦିଗନ୍ତ, କେଉଁ ଦୂର-ଦୂରାନ୍ତରେ ଆକାଶର ଶେଷ ପ୍ରାନ୍ତରେ ଯେପରି ତାଙ୍କର ଦୃଷ୍ଟି ନିବଦ୍ଧ, ମୁଖମଣ୍ଡଳରେ ତାଙ୍କର ନିର୍ମଳ ପ୍ରଶାନ୍ତି, ହାବ-ଭାବ-ଭଙ୍ଗୀରେ ଗୋଟିଏ ସହଜ ବୈରାଗ୍ୟ, ସ୍ୱଚ୍ଛନ୍ଦ ନିର୍ଲିପ୍ତତା—ମହାଯୋଗେଶ୍ୱର ଯେପରି ଯୋଗରେ ବସିଛନ୍ତି। ନିରୋଳାରେ ଏକୁଟିଆ। ସତ୍ୟେନ ଭାଇ (ସାହିତ୍ୟ ଶାସ୍ତ୍ରୀ) ଓ ପ୍ରଫୁଲ୍ଲ ଆସି ଗୋଟିଏ କୋଣରେ ଚୁପ୍‌ଚାପ ବସିଲେ। କିଛି ସମୟ ଏହିପରି ଭାବରେ କଟିଲା ନୀରବ ନିସ୍ତବ୍ଧ। ତା ପରେ ଶ୍ରୀଶ୍ରୀଠାକୁର ତମାଖୁ ମାଗି ଖାଇଲେ, ତମାଖୁ ଖାଉ ଖାଉ ଆଳାପ ଆରମ୍ଭ ହେଲା। ସତ୍ୟେନ ଭାଇ ଇଷ୍ଟଭୃତି ସମ୍ବନ୍ଧରେ କଥା ଉଠାଇଲେ।

ଶ୍ରୀଶ୍ରୀଠାକୁର ଆବେଗଭରେ କହିଲେ—ଇଷ୍ଟଭୃତି କରିବାକୁ ଗଲେହିଁ ଯାଜନ ଇତ୍ୟାଦି ସବୁ ଆସିଯାଏ। ଖଟି ଖଟି ଯାହାଙ୍କୁ ପ୍ରୀତିର ସହିତ ଭରଣ କରାଯାଏ, ଚିନ୍ତା ଓ କଥାରେ ତାଙ୍କ କଥା ଆସିଯାଏ, ସେ ଆପଣାର ହୋଇଉଠନ୍ତି, ଅନ୍ତରରେ ବସା ବାନ୍ଧନ୍ତି। କେବଳ ଯେ ବ୍ରାହ୍ମଣ-ପଣ୍ଡିତ ଇଷ୍ଟଭୃତିର ବ୍ୟବସ୍ଥା କରିଛନ୍ତି ତା ନୁହେଁ କିନ୍ତୁ—ମୁସଲମାନ, ଖ୍ରୀଷ୍ଟାନ ଆଦି ସବୁ ସମାଜରେ ଏହା ଅଛି। ଜେମ୍‌ସ ମଧ୍ୟ ଏଇଜାତୀୟ କଥା କହିଛନ୍ତି, ତେବେ ଆମର ଇଷ୍ଟଭୃତି ବ୍ୟବସ୍ଥା ଭିତରେ ତପସ୍ୟାର ଭାବଟା ବେଶି ଅଛି। ''ଭବତୀ ଭିକ୍ଷାଂ ଦେହି' ବୋଲି ଉପନୟନସଂସ୍କାରଠାରୁ ଆରମ୍ଭ କରି ଆମରଣ ଦିନ ପରେ ଦିନ ଏହା ଚାଲିଛି। ଜଣକୁ କେନ୍ଦ୍ରକରି ଅନ୍ୟ ଯାହାକିଛି କରାଯାଏ, ସବୁଟା integrated (ସଂହତ) ହୋଇଉଠେ, ମୂଳରେ ୧ ଥିଲେ, ତାପରେ ଯେତେ ଶୂନ୍ୟ ବସାଅ ତାହା ସେତେ ବଢ଼ି ବଢ଼ି ଯିବ।

ସକାଳ ୯ଟା ସମୟରେ ଶ୍ରୀଶ୍ରୀଠାକୁର ମାତୃମନ୍ଦିର ବାରଣ୍ଡାରେ ବସିଛନ୍ତି। ବାହାରେ ଦୋଖଲ ପ୍ରାମାଣିକଙ୍କୁ ଦେଖି କହିଲେ—କି ପରାମାଣିକ ?

ଦୋଖଲ ସେହିଠାରେ ଛିଡ଼ାହୋଇ କଥା କହିବାକୁ ଲାଗିଲା।

ଶ୍ରୀଶ୍ରୀଠାକୁର (ସହାସ୍ୟେ)—ତୁମେ ଏପରି କର କାହିଁକି ? ପାଖକୁ ଆସ, ବସ, ତା ନହେଲେ କି କଥା କହିବାରେ ମଜା ଅଛି।

ଦୋଖଲ ହସି ହସି ପାଖରେ ଆସି ବସିଲା। ଶ୍ରୀଶ୍ରୀଠାକୁର ତା ସହିତ ପୁରୁଣା ଦିନର ଗଳ୍ପ-ଗୁଜବ କରିବାକୁ ଲାଗିଲେ।

## ଫାଲଗୁନ ୩୦, ଶୁକ୍ରବାର, ୧୩୪୭ (ଇଂ ୧୪/୩/୪୧)

ଶ୍ରୀଶ୍ରୀଠାକୁର ମାତୃମନ୍ଦିର ପଛରେ ବସିଛନ୍ତି। କେଷ୍ଟ ଭାଇ (ଭଟ୍ଟାଚାର୍ଯ୍ୟ) ଆସି ଛିଡ଼ାହେଲେ, ଆହୁରି ଅନେକେ ଥିଲେ। ଦାରିଦ୍ର୍ୟ ବ୍ୟାଧିଗ୍ରସ୍ତ ଯେଉଁମାନେ ସେମାନଙ୍କୁ କିପରି ଶୁଧାରିବାକୁ ହେବ, ଏଇ ବିଷୟରେ କଥା ଉଠିଲା। ଶ୍ରୀଶ୍ରୀଠାକୁର କହିଲେ—ସେମାନଙ୍କ



ପାଇଁ ଅଲଗା ଧରଣର ସ୍କୁଲ କରିବାକୁ ହେବ, ତା'ର ନାମ ଦେବାକୁ ହେବ Pauper Reformatory School (ଦାରିଦ୍ର୍ୟବ୍ୟାଧି-ସଂଶୋଧନୀ ଶିକ୍ଷାଗାର), ସେଠାରେ ସେମାନଙ୍କୁ ବାସ୍ତବ କାମ ଭିତରଦେଇ ଶିକ୍ଷିତ କରି ତୋଳିବାକୁ ହେବ। ଧରନ୍ତୁ, ୨୦୦ ବିଘା (୧ ଏକର=୩ ବିଘା) ଜମି ନିଆହେଲା, ସେଠାରେ କୃଷିଶିକ୍ଷାର ବ୍ୟବସ୍ଥା ହେଲା, ଛୋଟକାଟ କାରଖାନା ହେଲା, ଶିଳ୍ପସଂସ୍ଥା ହେଲା, ଲ୍ୟାବରେଟରୀ ହେଲା, ସେଠାରେ ସେମାନେ ନିଜ ହାତରେ କାମ କଲେ। ଏହିପରି ସ୍କୁଲର ଶିକ୍ଷକ ଖୁବ୍ ପକ୍କା ହେବା ଦରକାର—ସେମାନେ ହେବେ ଇଷ୍ଟପ୍ରାଣ, ଚରିତ୍ରବାନ୍, କର୍ମମୁଖର, ଆଶା-ଭରସା-ଉଦ୍ଦୀପନାମୟ ; ସେମାନେ ନିଜେ କାମ କରିବା ସଙ୍ଗେ ସଙ୍ଗେ ଛାତ୍ରମାନଙ୍କୁ କାମରେ ଅନୁରକ୍ତ କରିତୋଳିବେ elating thrash (ଉଦ୍ଦୀପନୀ ଧକ୍କା) ଦେଇ। Sham theorising (ଫାଁକା ତାତ୍ତ୍ୱିକତା)ର ଚର୍ଚ୍ଚା ହେବ ନାହିଁ। କାମଧନ୍ଦା କରିବେ, ତା ସଙ୍ଗେ ସଙ୍ଗେ କିଛି literation (ଆକ୍ଷରିକ ଜ୍ଞାନ)ର ବ୍ୟବସ୍ଥା ରହିବ, ନାନାରକମ information (ସଂବାଦ) ମଧ୍ୟ ସେମାନଙ୍କୁ supply (ସରବରାହ) କରିବାକୁ ହେବ, ତଦନୁପାତିକ library (ଗ୍ରନ୍ଥାଗାର) ରହିବ। ଶିକ୍ଷକ ଓ ଛାତ୍ର ଏକତ୍ର ରହିବେ ବୋର୍ଡିଂରେ। ପ୍ରାଥମିକ ଅବସ୍ଥାରେ ବାହାରର ଅନ୍ୟ pauper (ଦାରିଦ୍ର୍ୟବ୍ୟାଧିଗ୍ରସ୍ତ) ଙ୍କ ଆବହାଓୟାରୁ ସେମାନଙ୍କୁ ଦୂରରେ ରହିବାକୁ ହେବ। ସେମାନଙ୍କୁ ଏପରି ପରିବେଶ ମଧ୍ୟରେ ରଖିବାକୁ ହେବ ଯେପରି ସେମାନଙ୍କର self-confidence (ଆତ୍ମବିଶ୍ୱାସ) ଗଜେଇ ଉଠେ। ପାରିଲାପଣର ଆନନ୍ଦଟା ସେମାନଙ୍କ ମଧ୍ୟରେ ଫୁଟାଇ ତୋଳିବାକୁ ହେବ। ଏବଂ ଯାହାକିଛି ସେମାନେ କରିବେ ଲକ୍ଷ୍ୟ ରଖିବାକୁ ହେବ, ଯେପରି ସାଶ୍ରୟ ସୁନ୍ଦରଭାବରେ ନିଖୁଣରୂପେ କରନ୍ତି। ପ୍ରତ୍ୟେକେ ନିଜ କାମର full account maintain କରିବେ (ପୁରା ବିବରଣୀ ରଖିବେ) diary (ଦୈନନ୍ଦିନ ଟିପାଖାତା)ରେ। ପରସ୍ପର ମଧ୍ୟରେ ଗୋଟାଏ healthy competition (ଜୀବନୀୟ ପ୍ରତିଯୋଗିତା) ରହିବ। ପ୍ରତ୍ୟେକଙ୍କୁ due appreciation (ଯଥାଯୋଗ୍ୟ ପ୍ରଶଂସା) ଦେବାକୁ ହେବ। Normal economic use of time ଓ speed (ସମୟ ଓ କ୍ଷିପ୍ରଗତିର ସହଜ ସାଶ୍ରୟୀ ବ୍ୟବହାର)ରେ ସେମାନଙ୍କୁ ଅଭ୍ୟସ୍ତ କରି ତୋଳିବାକୁ ହେବ। ବୈଶିଷ୍ଟ୍ୟମାଫିକ labour ଓ output (ଶ୍ରମ ଓ ଉତ୍ପାଦନ) ଅନୁଯାୟୀ ପ୍ରତ୍ୟେକର earning (ଅର୍ଜନ) ହେବ। ସେମାନଙ୍କ ଭିତରେ ଏପରି ଝୁଙ୍କ ସୃଷ୍ଟି କରିଦେବାକୁ ହେବ ଯେପରି ସେମାନେ ନିଜର ଅର୍ଜନ ଉପରେ ଇଷ୍ଟଭରଣ, ଆଚାର୍ଯ୍ୟଭରଣ ଓ ଆତ୍ମପୋଷଣ କରିପାରନ୍ତି ଏବଂ ପରିବାର ଓ ପାରିପାର୍ଶ୍ୱିକଙ୍କୁ ମଧ୍ୟ କିଛି କିଛି ଦେଇପାରନ୍ତି, ଏହାକୁ compulsory (ବାଧ୍ୟତାମୂଳକ) କରିଦେବାକୁ ହେବ। କରିବା, ପାଇବା ଓ ଦେବାର ଆନନ୍ଦରେ ସେମାନଙ୍କୁ ମାତାଲ କରି ତୋଳିବାକୁ ହେବ। ନିତ୍ୟ ଇଷ୍ଟଙ୍କୁ ଅବଶ୍ୟ ଖୁଆଇବାକୁ ହେବ—ଏହାଥିଲା ଆର୍ଯ୍ୟପ୍ରଥା, ଏହାହିଁ ସମସ୍ତ

inferiority (ହୀନମନ୍ୟତା) ଓ pauperism (ଦାରିଦ୍ର୍ୟବ୍ୟାଧି)ର ମୂଳକୁ ମାରି attached (ଅନୁରକ୍ତ), active (କର୍ମଠ), energetic (ଉତ୍ସାହୋଦ୍ଦୀପ୍ତ) ଓ able (ଯୋଗ୍ୟ) କରି ତୋଳୁଥିଲା । ସେଥିପାଇଁ କୁହାଯାଏ, ଗୁରୁଙ୍କୁ କେବଳ ଦେବ, ଗୁରୁଙ୍କ ପାଖରୁ କିଛି ଅର୍ଥାଦି ନେବ ନାହିଁ, ଏପରିକି ନିଜର ଅଭାବ ଅସୁବିଧା କଥା ଏପରିଭାବରେ ଜଣାଇବ ମଧ୍ୟ ନାହିଁ ଯେପରି ତାଙ୍କର ସାହାଯ୍ୟ କରିବାର ଆଗ୍ରହ ହୋଇପାରେ । ଗତ୍ୟନ୍ତର ବିହୀନ ହୋଇ ଯଦିବା ତାଙ୍କୁ ଅଗତ୍ୟା କହିବାକୁ ହୁଏ ସେତିକିବେଳେ କହିବ ଯେତେବେଳେ ନିଜକୁ ସଂପୂର୍ଣ୍ଣ ଅପାରଗ ବୋଲି ମନେ କରିବ—ବାସ୍ତବଭାବରେ । କିନ୍ତୁ ତାଙ୍କର ପ୍ରତ୍ୟେକଟି ଚାହିଦା with every effort fulfil (ସର୍ବପ୍ରଚେଷ୍ଟା ଦ୍ୱାରା ପରିପୂରଣ) କରିବାକୁ ଚେଷ୍ଟା କରିବ ;—pauperism (ଦାରିଦ୍ର୍ୟବ୍ୟାଧି), inferiority (ହୀନମନ୍ୟତା), psychical and physical idleness (ମାନସିକ ଏବଂ ଶାରୀରିକ ଆଳସ୍ୟ) ଯେପରି ମାନବ-ଚରିତ୍ରରେ କାଣିଚାଏ ମଧ୍ୟ ପ୍ରବେଶ କରି ନପାରେ, ତାହାପାଇଁ ଏହା ଏକ cruel safe-guard (କଠୋର ରକ୍ଷା-କବଚ)। ଗୁରୁଙ୍କ ପାଖରୁ ସୁଯୋଗ, ସୁବିଧା, ସାହାଯ୍ୟ ନେବାର ମନୋଭାବ ଯେତେ ବଢ଼େ, ତାଙ୍କୁ ପରିପୂରଣ କରିବାର ଧନ୍ଦାଟା ସେତେ ଶିଥିଳ ହୋଇ ଆସେ । ଅଥଚ ତତ୍‌ପରିପୂରଣୀ ସକ୍ରିୟ ସଂବେଗଟାହିଁ ମଣିଷର ଉନ୍ନତି ଓ ଧୃତିଦ୍ୱର ନିୟାମକ ।

ରାତ୍ରିରେ ଶ୍ରୀଶ୍ରୀଠାକୁର ବନ୍ଧ ପାଖରେ ତାମ୍ବୁରେ ବସିଛନ୍ତି, ଦିଗନ୍ତ ବ୍ୟାପୀ ପଦ୍ମାର ଅବବାହିକାରେ ରାତ୍ରିର ସ୍ତବ୍ଧତା ଥମ ଥମ କରୁଛି, ଆଶ୍ରମ ଭୂମି କୋଳାହଳ-ଶୂନ୍ୟ, ଶାନ୍ତ, ଦିବସର କର୍ମବ୍ୟସ୍ତତା ପରେ ଅନେକେ ସ୍ୱ-ସ୍ୱ ଧ୍ୟାନମନ୍ଦିରରେ ଧ୍ୟାନରତ । ଅତିଥିଶାଳା ଇତ୍ୟାଦି କେତୋଟି ଜାଗାରେ ୨/୪ ଜଣ ପାଠ, ଆଲୋଚନା ଓ ଯାଜନରେ ବ୍ୟାପୃତ, ମଝିରେ ମଝିରେ ଦୂର ପଲ୍ଲୀ-ଅଞ୍ଚଳରୁ ଶିଆଳର ଡାକରେ ସମସ୍ତେ ସଚେତନ ହୋଇ ଉଠୁଛନ୍ତି । ଶ୍ରୀଶ୍ରୀଠାକୁରଙ୍କ ପାଖରେ ଅଳ୍ପ କେତେ ଜଣ ଥିଲେ, ଏହି ସମୟରେ ପାବନାର ମୁକ୍ତ୍ୟାର ଶ୍ରୀଯୁକ୍ତ କ୍ଷିତୀଶ ବିଶ୍ୱାସ ଆସିଲେ । ଧିରେ ଧିରେ ଆଳାପ ଜମି ଉଠିଲା । ଜନସେବା ସମ୍ବନ୍ଧରେ କଥା ଉଠିଲା ।

ଶ୍ରୀଶ୍ରୀଠାକୁର କହିଲେ—ମଣିଷର କାହାର କି ସମସ୍ୟା ତାହା ଯଥାଯଥ ଭାବରେ ଅନୁଧାବନ ନ କରି ଆମେ ଯଦି ନିଜର ଭାବକୁ ଅନ୍ୟ ଉପରେ ଆରୋପ କରି ତାର ସମାଧାନ କରିବାକୁ ଚାହୁଁ—ନିଜ ମାଫିକ, ତଦ୍ୱାରା ପ୍ରକୃତରେ କାହାର ଉପକାର କରାଯାଏ ନାହିଁ । କୁଲିମାନଙ୍କର ଖଟଣି ଦେଖି ମୋତେ ଅନେକ ସମୟରେ କଷ୍ଟ ଲାଗୁଥିଲା, ଭାବୁଥିଲି ସେମାନଙ୍କର କେତେ ଅସୁବିଧା ହେଉଛି । ତେଣୁ ମୁଁ ନିଜେ କିଛି ଦିନ ସେମାନଙ୍କ ସଙ୍ଗେ ମିଶି କୁଲିଗିରି କରିଛି । ଦେଖିଲି ସେମାନେ ପ୍ରଚୁର ଆୟ କରନ୍ତି—ବାବୁମାନଙ୍କ ଅପେକ୍ଷା ବେଶି ରୋଜଗାର କରନ୍ତି । ତା ଛଡ଼ା ସେମାନେ ବେଶ୍ ସୁଖୀ ; ମାର୍ଜିତ, ଉନ୍ନତଧରଣର



ଜୀବନଯାପନର hankering (ଚାହିଦା) ସେମାନଙ୍କର ନାହିଁ—ଖାଇପିଇ ଫୁର୍ତ୍ତିକରି, ସ୍ଥୂଳଭାବରେ ଜୀବନ କଟାଇ ଦେଇ ପାରିଲେ ସେମାନେ ଖୁସି । ସେମାନଙ୍କର ଯାହା problem (ସମସ୍ୟା) ବୋଲି ଆମେ ମନେକରୁ, ସେସବୁ ସେମାନଙ୍କର problem (ସମସ୍ୟା) କିନ୍ତୁ ନୁହେଁ । ଅଥଚ ଆମର କଳ୍ପିତ ଧାରଣାର ବଶବର୍ତ୍ତୀ ହୋଇ ଆମେ ସେମାନଙ୍କ ପାଇଁ କେତେ ହଇହଲ୍ଲା କରୁ, ଆନ୍ଦୋଳନ କରୁ । ଏତେ ଆନ୍ଦୋଳନ ଆମେ କରୁଛୁ କିନ୍ତୁ ମୂଳ ଆନ୍ଦୋଳନଟା ଆମେ କରୁନାହିଁ । ମୋର ମନେହୁଏ ବର୍ଣ୍ଣାଶ୍ରମଟାକୁ ଯଦି ଠିକ୍ ଭାବରେ ଚାଲୁ କରି ଦିଆଯାଏ ତେବେ ଅନେକ ଗଣ୍ଡଗୋଳର ଅବସାନ ହୋଇଯିବ । ବର୍ଣ୍ଣାଶ୍ରମ ମଧ୍ୟରେ unemployment (ବେକାର ସମସ୍ୟା) ବୋଲି କିଛି ନଥିଲା, ଏହି ବ୍ୟବସ୍ଥାରେ, ବୃତ୍ତିହରଣ ଥିଲା ମହାପାପ, ପ୍ରତ୍ୟେକ ସ୍ୱ-ସ୍ୱ ବର୍ଣ୍ଣୋଚିତ କର୍ମ କରୁଥିଲେ ଏବଂ ପ୍ରତ୍ୟେକ ପ୍ରତ୍ୟେକର ସହଯୋଗୀ ପରିପୂରକ ହେଉଥିଲେ । ଉଦରାନ୍ନ ପାଇଁ ବିପ୍ର, କ୍ଷତ୍ରିୟ, ବୈଶ୍ୟ ନିଜ ନିଜର ବର୍ଣ୍ଣ-ଅନୁଚିତ କାର୍ଯ୍ୟ କଲେ ପତିତ ହେଉଥିଲେ । ପଇସା ନ ନେଇ କଲେ ଦୋଷାବହ ହେଉ ନଥିଲା । ଅନ୍ୟକୁ help (ସାହାଯ୍ୟ) କରିବା ପାଇଁ ଯଦି ପଇସା ନିଆଯାଏ ତାହା ସେତେ ଦୋଷାବହ ବିବେଚିତ ହେଉ ନଥିଲା । କିନ୍ତୁ ପେଟର ତାଗିଦ୍‌ରେ ମଣିଷ ଯେତେବେଳେ ଭଲମନ୍ଦ ବିଚାର କରେ ନାହିଁ, ସମାଜର ଶୃଙ୍ଖଳା ମାନେନାହିଁ, ସେତେବେଳେ ସେ ସବୁ ହରାଇ ଥାଏ ।

## ଚୈତ୍ର ପହିଲା, ଶନିବାର, ୧୩୪୭ (ଇଂ ୧୫/୩/୪୧)

ଶ୍ରୀଶ୍ରୀଠାକୁର ସକାଳେ ତାମ୍ବୁରେ ବସିଛନ୍ତି । ଜଣ ଜଣ କରି ଅନେକେ ଆସି ପ୍ରଣାମ କରି ଯାଉଛନ୍ତି । ସୂର୍ଯ୍ୟୋଦୟ ତଥାପି ହୋଇନାହିଁ, ସ୍ନିଗ୍ଧ ବାୟୁ-ହିଲ୍ଲୋଳରେ ଆଶ୍ରମ ସମ୍ମୁଖସ୍ଥ ବକୁଳ ବୃକ୍ଷ ସବୁ ଈଷତ୍ ଆନ୍ଦୋଳିତ ହେଉଛନ୍ତି, ବାଉଁଶ ବଣ ଓ ଅଦୂରସ୍ଥ ବୁଦିବୁଦିକିଆ ଜଙ୍ଗଲରୁ ମଝିରେ ମଝିରେ ପକ୍ଷୀର କାକଳି ଶୁଣାଯାଉଛି । ଶ୍ରୀଶ୍ରୀଠାକୁର ତମାଖୁ ଖାଇ ଖାଇ ପ୍ରସନ୍ନ ବଦନରେ କଥାବାର୍ତ୍ତା କରୁଛନ୍ତି ।

ନିବାରଣ ଭାଇ (ବାଗଚୀ) ଆସି ପ୍ରଣାମ କରି ଯାଜନ କାର୍ଯ୍ୟ-ସମ୍ବନ୍ଧରେ କହିଲେ—ମୁଁ ଯଶୋହରର ସର୍ବତ୍ର ଘୁରି ଘୁରି କାମ କରୁଛି ଏବଂ ଦୀକ୍ଷା ମଧ୍ୟ ସର୍ବତ୍ର କିଛି କିଛି ହେଉଛି ।

ଶ୍ରୀଶ୍ରୀଠାକୁର—ନାନା ଜାଗାକୁ ଯିବା ମନ୍ଦ ନୁହେଁ, କିନ୍ତୁ ଗୋଟିଏ ଗୋଟିଏ ଜାଗାରେ concentrate (କେନ୍ଦ୍ରାୟିତ) ହୋଇ ପାଞ୍ଚଶହ କିମ୍ବା ହଜାରେ ସତ୍‌ସଙ୍ଗୀ consolidate (ସଙ୍ଘବଦ୍ଧ) କରିବା ଦରକାର । ସ୍ଥାନୀୟ କର୍ମୀ ସୃଷ୍ଟି କରିବା ଦରକାର । ସେଇ କର୍ମୀମାନଙ୍କ ସାହାଯ୍ୟରେ ପ୍ରତ୍ୟେକଟି ମଣିଷକୁ nurture (ପୋଷଣ) ଦେଇ ଯଜନ,

ଇଷ୍ଟଭୃତି-ପରାୟଣ କରି ତୋଳିବା ଦରକାର। ଏବଂ ଆଶ୍ରମକୁ ଖୁବ୍ ଲୋକ ପଠାଇବା ଦରକାର। ସମାଗ୍ରିକ ଭାବରେ ପରିବାର ଗୁଡ଼ିକ ଯେପରି ଦୀକ୍ଷିତ ହୋଇ ଉଠନ୍ତି ଏବଂ ଆବାଳ-ବୃଦ୍ଧ-ବନିତା ଇଷ୍ଟମୁଖୀ ଚଳନ ଓ ସଦାଚାରରେ ଅଭ୍ୟସ୍ତ ହୋଇ ଉଠନ୍ତି ସେଥିପ୍ରତି ଲକ୍ଷ୍ୟ ରଖିବାକୁ ହେବ। ସେମାନଙ୍କୁ ସବୁ ଦିଗରୁ ଉଚ୍ଛଳ କରି ତୋଳିବାକୁ ହେବ। କେତେଗୁଡ଼ିଏ ସ୍ୱଚ୍ଛଳ, ସକ୍ଷମ, ଶାନ୍ତିମୟ, ଇଷ୍ଟପ୍ରାଣ ପରିବାର ଯଦି ଗଢ଼ି ତୋଳିପାର ତେବେ ଉକ୍ତ ପରିବାରକୁ କେନ୍ଦ୍ର କରି ସେମାନଙ୍କ ପରିବେଶ ଓ ଆତ୍ମୀୟ ସ୍ୱଜନ ମଧ୍ୟରେ ତାହା ସଞ୍ଚାରିତ ହୋଇଯିବ। ଏବଂ ପାରସ୍ପରିକ ସେବା ବିନିମୟର ବ୍ୟବସ୍ଥା ଏପରି ଭାବରେ କରିବାକୁ ହେବ ଯେପରି ଗୋଟିଏ ବି ଲୋକ ଭୋକିଲା ନ ରହେ, ଗୋଟିଏ ବି ଲୋକ ପଡ଼ି ନ ଯାଏ। ଗୋଟିଏ ବି ଯଜମାନ ଯଦି ଜୀବନସଂଗ୍ରାମରେ ହଟିଯାଏ ଜାଣିବ ଯେପରି ତୁମେ ନିଜେହିଁ ହଟି ଯାଇଛ। ଦିନରାତି ମୁଣ୍ଡ ଖେଳାଇବାକୁ ହେବ—କିପରି ପାରସ୍ପରିକ ସାହାଯ୍ୟ ଓ ସେବାର ଭିତର ଦେଇ ପ୍ରତ୍ୟେକଟି ଲୋକକୁ ଛିଡ଼ା କରି ଦେଇପାର। ନିଜର ପିଲାଛୁଆଙ୍କ ପାଇଁ ଯେପରି ବୋଧ କର, ସେମାନଙ୍କ ପାଇଁ ମଧ୍ୟ ସେହିପରି active feeling (ସକ୍ରିୟ ବୋଧ) ଦରକାର, ତଦ୍ୱାରା ତୁମର ମୁଣ୍ଡରେ ବୁଦ୍ଧିର ସ୍ଫୁରଣ ହେବ, ଯୋଗ୍ୟତା ବଢ଼ିଯିବ। ଏଇ ଭାବରେ ଯଦି ଚଳ, ସବୁ ଏକାଠି ହୋଇ ଗୋଟାଏ ଶକ୍ତିରୂପେ ଛିଡ଼ାହେବ। ଏବଂ ଶ୍ରେଷ୍ଠଯାଜୀ ହେବା ଦରକାର!

ଏହାର କିଛି ସମୟ ପରେ ଅମୂଲ୍ୟ ଭାଇ (ଘୋଷ) ପ୍ରେସ୍‌ରୁ ଗୋଟିଏ ଜିନିଷ ଛପାଇ ଶ୍ରୀଶ୍ରୀଠାକୁରଙ୍କୁ ଦେଖାଇବାକୁ ନେଇ ଆସିଲେ। ଶ୍ରୀଶ୍ରୀଠାକୁର ତାହା ନିଜ ହାତରେ ନେଇ ଭଲକରି ଦେଖି କହିଲେ—ବେଶ୍ ହୋଇଛି। ଆହୁରି ଭଲ ଟାଇପ୍ ଆଣ! ତୁମର ଏହି ପ୍ରେସ୍‌କୁ ଏ ଦେଶର ସର୍ବଶ୍ରେଷ୍ଠ ପ୍ରେସ୍ କରିବା ଦରକାର। ଭଲ ମେସିନର ସନ୍ଧାନ ରଖିବୁ।

## ଚୈତ୍ର ୪, ମଙ୍ଗଳବାର, ୧୩୪୭ (ଇଂ ୧୮/୩/୪୧)

ଶ୍ରୀଶ୍ରୀଠାକୁର ରାତ୍ରିରେ ଭୋଜନ ପରେ ବନ୍ଧ ପାଖରେ ତାମ୍ବୁରେ ବସି ଖୁସି ମନରେ ଗଳ୍ପ କରୁଥିଲେ। ବୀରେନ୍ ଭାଇ (ମିତ୍ର), ପ୍ୟାରୀ ଭାଇ (ନନ୍ଦୀ), ଅମର ଭାଇ (ଘୋଷ), ପ୍ରଫୁଲ୍ଲ ଏବଂ ମା'ମାନଙ୍କ ମଧ୍ୟରେ କାଳିଦାସୀମା, କାଳିଷଷ୍ଠୀମା, ସରୋଜିନୀମା, ଗୌହାଟୀର ମା, ମାନଦାମା (ପ୍ରଫୁଲ୍ଲର ମାତା) ପ୍ରଭୃତି ଅନେକେ ଥିଲେ। Distorted libido (ବିକୃତ ସୁରତ) ସମ୍ବନ୍ଧରେ କଥା ଉଠିଲା।

ଶ୍ରୀଶ୍ରୀଠାକୁର—Distorted (ବିକୃତ) ମାନଙ୍କର ଚାଲିଚଳନ୍ ସବୁ ସମୟରେ ହୁଏ ଓଲଟା। ଯାହାକୁ ଯେ ପସନ୍ଦ କରେ, ବାହାରକୁ ଦେଖାଇବା ପାଇଁ ଜୋରରେ କହି କହି ବୁଲିବ ଯେ ତାକୁ ସେ ଆଦୌ ପସନ୍ଦ କରେ ନାହିଁ ବୋଲି, ପୁଣି ଯାହାକୁ ହୁଏତ ସେ ପସନ୍ଦ କରେ ନାହିଁ ତାକୁ ଖୁବ୍ ଆଦର ଯତ୍ନ କରିବାର ଭଙ୍ଗୀ ଦେଖାଏ। ସେ ହୁଏତ କାହାକୁ ଚୁମ୍ବନ ଦେବାକୁ ଚାହେଁ, କିନ୍ତୁ ନିଜେ ଚୁମ୍ବନ ଦେବ ନାହିଁ, ଅନ୍ୟଦ୍ୱାରା ଦିଆଇବ, ନିଜେ ଦେଲେ କାଳେ ଲୋକେ ତା'ର ମନୋଗତ ଇଚ୍ଛା ଜାଣି ପକାଇବେ। ସେମାନେ ଜଣଙ୍କର ଅଭାବ ଅନ୍ୟଦ୍ୱାରା ପୂରଣ କରିବାକୁ ଚାହାନ୍ତି, ପର-ପର ବିଭିନ୍ନ ଲୋକ ପଛରେ ଏହିପରି ଛୁଟନ୍ତି, ତେଣୁ ଶାନ୍ତି ପାଆନ୍ତି ନାହିଁ। Distorted (ବିକୃତ) ମାନଙ୍କୁ tackle (ପରିଚାଳନା) କରିବାକୁ ଗଲେ, sexual plane (ଯୌନସ୍ତର) ରେ ବନ୍ଧୁହେବାକୁ ହେବ ଅବଶ୍ୟ ନିଜେ ଖୁବ୍ ଊର୍ଦ୍ଧ୍ୱରେ ରହି। ଖୁବ୍ ସାବଧାନ ହୋଇ ଚଳିବାକୁ ହେବ, ନଚେତ୍ ତା'ର impulse carry (ସମ୍ବେଗ ବହନ) କରୁ କରୁ ନିଜେ ବିଗିଡ଼ି ଯିବାର ଆଶଙ୍କା ଅଛି। ଅଟୁଟ ଓ କଠୋର ଇଷ୍ଟପ୍ରାଣ ଯେଉଁମାନେ, sex (ଯୌନଜୀବନ) ଉପରେ complete mastery (ପୂର୍ଣ୍ଣ ଆଧିପତ୍ୟ) ଯେଉଁମାନଙ୍କର ଅଛି, ସେହିମାନେହିଁ ଏହା ପାରନ୍ତି। ତା' ଛଡ଼ା, ଏ ସମ୍ବନ୍ଧରେ ଦରକାର ବହୁ subtle psychological operation (ସୂକ୍ଷ୍ମ ମନୋବୈଜ୍ଞାନିକ ପ୍ରକ୍ରିୟା)। ତେଣୁ ଯେ ସେ ଏବିଷୟରେ ହସ୍ତକ୍ଷେପ ନ କରିବାହିଁ ଭଲ। ଏବଂ ଏପରି ଜଣେ ଜଣେ ଲୋକଙ୍କ ପଛରେ ଅସମ୍ଭବ ଖଟଣି ମଧ୍ୟ ଦରକାର ହୁଏ। ଏତେ ଧୈର୍ଯ୍ୟ, ସହ୍ୟ, ଅଧ୍ୟବସାୟ ଖୁବ୍ କମ୍ ଲୋକଙ୍କର ଅଛି।

ଶ୍ରୀଶ୍ରୀଠାକୁର ଅନ୍ତରଙ୍ଗ ଭଙ୍ଗୀରେ ସ୍ନେହବ୍ୟାକୁଳ କଣ୍ଠରେ କହିଲେ—ଦେଖ, ତୁମ୍ଭମାନଙ୍କୁ ଗୋଟିଏ କଥା କହୁଛି, ଛୁଆପିଲାଙ୍କର କୌଣସି ଝୁଙ୍କ ଜୋର କରି ଭାଙ୍ଗି ଦେବ ନାହିଁ। ତଦ୍ୱାରା ତାକୁ ହୁଏତ ନିବୃତ୍ତ କରିଦେଇ ପାର, କିନ୍ତୁ distortion (ବିକୃତ)ର ସୂତ୍ରପାତ ହୋଇଥାଏ। ତେଣୁ, ମନ୍ଦ ଝୁଙ୍କ ହେଲେ ମଧ୍ୟ କାଇଦା କରି ମୋଡ଼ ଘୁରାଇ ଦେବାକୁ ହେବ। ମଣିଷର ଝୁଙ୍କ ମଧ୍ୟରେ ଜଡ଼ିତ ଥାଏ ତା'ର ସମ୍ବେଗ। ତାକୁ ଆଘାତ ଦେଇ ଭାଙ୍ଗିଦେଲେ ସେ ହତଭମ୍ବ ହୋଇଉଠେ, ଦିଗଭ୍ରାନ୍ତ ହୋଇଯାଏ, କିନ୍ତୁ 'ହଁ' 'ନା', ଭଲମନ୍ଦ, ପସନ୍ଦ ଅପସନ୍ଦର ଗୋଟାଏ ସହଜ ସୁସ୍ଥ ଜୀବନୀୟ ବିନ୍ୟାସ ହୁଏ ନା ତା ଭିତରେ। 'ହଁ' 'ନା' idea (ଧାରଣା) ଦୁଇବର୍ଷ ମଧ୍ୟରେହିଁ ଅଭ୍ୟସ୍ତ କରିଦେବାକୁ ହେବ। କୌଣସି ବିଷୟରେ 'ନା' ବୋଲି ନ କହି କାହିଁକି 'ନା' ତାହା ତା'ର ମସ୍ତିଷ୍କରେ ସେ ବୁଝିଲାଭଳି କାଇଦା କରି ଧରାଇ ଦେବାକୁ ହେବ with right pose and expression (ଯଥାଯଥ ଭଙ୍ଗୀ ଓ ବ୍ୟଞ୍ଜନା ସହ)।

ପ୍ରଫୁଲ୍ଲ—ପ୍ରତ୍ୟେକଟି ବିଷୟରେ ଆପଣ ଯାହା ଯାହା କରିବାକୁ କହୁଛନ୍ତି ତାହା କରିବା କିନ୍ତୁ କଷ୍ଟକର।

ଶ୍ରୀଶ୍ରୀଠାକୁର—କଷ୍ଟକର କିଛି ନୁହେଁ। ଭିତରେ ଅନିଚ୍ଛାଥିଲେ ବା ଅନ୍ୟ ରକମ ଇଚ୍ଛାଥିଲେ କଷ୍ଟକର ମନେହୁଏ। ଇଷ୍ଟସ୍ୱାର୍ଥ-ପ୍ରତିଷ୍ଠା ଯାହାକୁ ନିଶାପରି ଗ୍ରାସ କରେ, ତା'ର

କଷ୍ଟବୋଧ ନ ଥାଏ। କଥା ତ ଗୋଟାଏ—ତାଙ୍କରି ସୁଖହିଁ ମୋର ସୁଖ, ତାଙ୍କରି ସ୍ୱାର୍ଥହିଁ ମୋର ସ୍ୱାର୍ଥ। ମଣିଷ ନିଜର ସୁଖ-ସ୍ୱାଚ୍ଛନ୍ଦ୍ୟ ଓ ସ୍ୱାର୍ଥ ପାଇଁ ଯେପରି କରେ, ଇଷ୍ଟପାଇଁ ସେହିପରି କରିବ—ଏତ ହାତୀ-ଘୋଡ଼ା କିଛି ନୁହଁ; ଆଉ ଏହା ଭିତରେ ତତ୍ତ୍ୱର ବିଷୟ କିଛି ନାହିଁ। ଏଇ ଝୁଙ୍କଟା ଆସିଗଲେ ମଣିଷ ସବୁପାରେ, ଆଉ ତା'ର କଷ୍ଟବୋଧ ନ ଥାଏ। ମୁଁ ଯେ କେତେ ସୁଖୀ, trouble (କଷ୍ଟ) ସବୁ trouble (କଷ୍ଟ) ମନେହୁଏ ନାହିଁ। କରିବାକୁ ହେବ—ଏଇ ନିଶା ଦରକାର।

ଶଙ୍ଖ-ଚକ୍ର-ଗଦା-ପଦ୍ମଧାରୀ କଥାର ତାତ୍ପର୍ଯ୍ୟ ସମ୍ବନ୍ଧରେ କଥା ଉଠିଲା। ଶ୍ରୀଶ୍ରୀଠାକୁର ବୀରେନ ଭାଇ ପ୍ରଭୃତିଙ୍କ ପାଖରୁ ଶଙ୍ଖ, ଚକ୍ର, ଗଦା, ପଦ୍ମ ପ୍ରଭୃତି ଶବ୍ଦ ଗୁଡ଼ିକର ଅର୍ଥ ଜିଜ୍ଞାସା କଲେ। ସେମାନେ ଗୋଟି ଗୋଟି କରି ଶବ୍ଦ ଗୁଡ଼ିକର ଅର୍ଥ କହିଲେ।

ଶ୍ରୀଶ୍ରୀଠାକୁର କହିଲେ—ତା ହେଲେ ତ ହୋଇଗଲା, ଦମନ, ପୀଡ଼ନ ଓ କଥନ-ବିନ୍ୟାସ ଦ୍ୱାରା ମଣିଷକୁ ସଞ୍ଚାଳିତ କରି ଧୈର୍ଯ୍ୟର ସହିତ ପ୍ରାପ୍ତିକୁ ଯିଏ ସଂଘଟିତ କରାନ୍ତି, ସେହିଁ ଶଙ୍ଖ-ଚକ୍ର-ଗଦା-ପଦ୍ମଧାରୀ।

ଏଇସବୁ କଥାବାର୍ତ୍ତା ଚାଲିଛି, ଏଇ ସମୟରେ କିଶୋରୀଦା'ଙ୍କ ଘରର ବାରଣ୍ଡାରେ ଜଣେ ଭାଇ ଖଞ୍ଜଣି ବଜାଇ ଆକୁଳ ସ୍ୱରରେ ଗାଉଛନ୍ତି—

''ତୁମେ ହେ ଦୀନବନ୍ଧୁ, ପାର କର ଭବସିନ୍ଧୁ
ଅକୂଳେ ପକାଅ ନା ମୋତେ।''

ଗୀତଟି ଶୁଣୁ ଶୁଣୁ ଶ୍ରୀଶ୍ରୀଠାକୁର ଯେପରି ଆନମନା ହୋଇଗଲେ। ଦୃଷ୍ଟିରେ ତାଙ୍କର ରହସ୍ୟଘନ ଅତଳସ୍ପର୍ଶୀ ତନ୍ମୟତା, ମୁଖମଣ୍ଡଳରେ ଏକ ଅପୂର୍ବ ଦିବ୍ୟ ଭାବାବେଶ।

## ଚୈତ୍ର ୭, ଗୁରୁବାର, ୧୩୪୭ (ଇଂ ୨୦/୩/୪୧)

ଶ୍ରୀଶ୍ରୀଠାକୁର ସକାଳେ ନିଭୃତ-ନିବାସରେ କେଷ୍ଟ ଭାଇ (ଭଟ୍ଟାଚାର୍ଯ୍ୟ), ଶରତ ଭାଇ (ହାଲଦାର), ଅବିନାଶ ଭାଇ (ଭଟ୍ଟାଚାର୍ଯ୍ୟ), ନିବାରଣ ଭାଇ (ବାଗଚୀ) ପ୍ରମୁଖଙ୍କ ସଙ୍ଗେ ଆନନ୍ଦ ଉଦ୍ଦୀପ୍ତ ଭଙ୍ଗୀରେ କଥାବାର୍ତ୍ତା କରୁଛନ୍ତି। କଣ୍ଠସ୍ୱର ଓ ଚାହାଣିରେ ତାଙ୍କର ଯେପରି ଯାଦୁ—ତାଙ୍କର ଅପାର ବିଶ୍ୱାସ ଓ ଆଶାବାଦିତା ମୁହୂର୍ତ୍ତକ ଭିତରେ ମଣିଷ ମଧ୍ୟରେ ସଞ୍ଚାରିତ ହୋଇଯାଏ।

ଯୁଦ୍ଧବିଗ୍ରହ ଓ ତଜ୍ଜନିତ ନାନା ଅସୁବିଧା ବିଷୟରେ କଥା ଉଠିଲା।

ଶ୍ରୀଶ୍ରୀଠାକୁର—ଯୁଦ୍ଧବିଗ୍ରହ ଯା ହେଉଛି ତା'ର ଯାହାକିଛି result (ଫଳ) ହେଉ ନା କାହିଁକି, ପରମପିତାଙ୍କ ଦୟାରେ ଆପଣମାନଙ୍କର ସୁବିଧାହିଁ ହେବ। କରିବା ପାଇଁ କହୁଛି, ଉପଯୁକ୍ତକର୍ମୀ ସଂଗ୍ରହ କରିବା ପାଇଁ କହୁଛି, ଆଉରି ଭଲ କର୍ମୀ ପାଇଲେ ଆପଣମାନେ



ଆଉରି କେତେ କ'ଣ କରି ପାରନ୍ତେ। ଭଲ ଭଲ କର୍ମୀ ଯୋଗାଡ଼ କରିବା ଛଡ଼ା ଅନ୍ୟ ବାଟ ନାହିଁ। ଆପଣମାନେ ବା କେତେ ଜଣ, କେଉଁ ଦିଗ ସମ୍ଭାଳିବେ ? ଯେପରି ସମୟ ଆସୁଛି ସାରା ଦୁନିଆର ଲୋକଙ୍କ ପାଇଁ ଆଉ କୌଣସି ବାଟ ମିଳିବ ନାହିଁ। ପରମପିତାଙ୍କର ଏହି ମହା-ଅବଦାନ ପାଇଁ ସମସ୍ତେ ତୃଷିତ ହୋଇ ଉଠିବେ। ଦେଖିବେ, ଆପଣମାନଙ୍କର ଅପ୍ରସ୍ତୁତି ଯୋଗୁଁ ସେଦିନ ଯେପରି କେହି ବଞ୍ଚିତ ନ ହୁଅନ୍ତି।

କୌଣସି ଲୋକର ଅନୁପସ୍ଥିତିରେ ତା'ର ଚାଲିଚଳନର ଅସଙ୍ଗତି ସମ୍ବନ୍ଧରେ ଆମ ନିଜ ନିଜ ମଧ୍ୟରେ ତୀବ୍ର ଆଲୋଚନା ହେଉଥିଲା। ସେଇ ଆଲୋଚନା ଶୁଣି ଶ୍ରୀଶ୍ରୀଠାକୁର ହଠାତ୍ ବାଧା ଦେଇ କହିଲେ—ଏହିପରି ଆଲୋଚନା କଲେ ମନର ଅବସ୍ଥା ଏପରି ହେବ ଯେ, ତାକୁ ଆଉ tolerate (ସହ୍ୟ) କରି ପାରିବୁ ନାହିଁ, toleration (ସହ୍ୟଶକ୍ତି) ନ ଥିଲେ tackle (ନିୟନ୍ତ୍ରଣ) କରି ପାରିବୁ ନାହିଁ, ତା'ର କେବଳ ଦୋଷହିଁ ଦେଖିବୁ, morale (ନୀତିବୋଧ) ଖରାପ ହୋଇଯିବ। ତାହା ବୋଲି ଏପରି ମନେ କରିବୁ ନାହିଁ ଯେ, ମୁଁ ତା'ର ପ୍ରକୃତ ଦୋଷଟାକୁ ସଂଶୋଧନ କରିବାକୁ ନିଷେଧ କରୁଛି। ତାହା ଢେର କରିବୁ। ତାହା ନ କଲେ ତ ତା ସହିତ ଶତ୍ରୁତା କରାହେବ। ତେବେ ତାହା ସମ୍ବନ୍ଧରେ ଏପରି ଭାବରେ ସମାଲୋଚନା କରିବା ବା ମନୋଭାବ ପୋଷଣ କରିବା ଭଲନୁହଁ, ଏପରି କରିବା ଦ୍ୱାରା ତା ପ୍ରତି ମନ ବିରୂପ ହୋଇଉଠେ, ସହାନୁଭୂତି ଲୋପ ପାଏ। ଦୋଷଟାକୁ ଘୃଣା କର କିନ୍ତୁ ଦୋଷୀକୁ ଘୃଣା କଲେ ତାକୁ ସୁଧାରି ପାରିବ ନାହିଁ। ଦୋଷ ଦୁଷ୍ଟ ଯେଉଁମାନେ, ତୁମର ଭଲପାଇବା ସେମାନଙ୍କର ସବୁଠାରୁ ବେଶି ପ୍ରୟୋଜନ, କାରଣ ତୁମର ଭଲପାଇବା ବିନିମୟରେ ସେମାନେ ତୁମକୁ ଯେତେ ଭଲପାଇ ଶିଖିବେ, ଶ୍ରଦ୍ଧା କରି ଶିଖିବେ ସେତେହିଁ ସେମାନଙ୍କର କଲ୍ୟାଣ—ଅବଶ୍ୟ ତୁମେ ଯଦି ଇଷ୍ଟାନୁଗ ହୋଇ ଚଳ।

କ୍ଷେତ୍ରମା ଆସିଲେ କଲିକତାରୁ। ଶ୍ରୀଶ୍ରୀଠାକୁର ତାଙ୍କୁ ଦେଖି ଖୁବ୍ ଖୁସିହୋଇ, ସହାସ୍ୟେ ଉଲ୍ଲାସର ସହିତ କହି ଉଠିଲେ—କିରେ, କେତେବେଳେ ଆସିଲୁ ? ତୋ ଶରୀର ତ ଖୁବ୍ ଭଲ ହୋଇ ଯାଇଛି। କେତେବଡ଼ ଚିଢ଼ମର ହୋଇଥିଲା, ଦେଖେଁ ?

ଶ୍ରୀଶ୍ରୀଠାକୁର ମଝିରେ ମଝିରେ ତମାଖୁ ଖାଉଛନ୍ତି ଏବଂ ପ୍ରସନ୍ନ ହସ ହସି ସମସ୍ତଙ୍କ ମୁଖମଣ୍ଡଳ ଆଡ଼େ ଚାହିଁ ସେମାନଙ୍କର ଅନ୍ତରକୁ ଯେପରି ପରିପ୍ଲାବିତ କରି ଦେଉଛନ୍ତି। ଏହାପରେ ectoplasmic body (ଲିଙ୍ଗ ଶରୀର) ସମ୍ବନ୍ଧରେ ଆଲୋଚନା ଆରମ୍ଭ ହେଲା।

ପ୍ରଫୁଲ୍ଲ—ଗୋଟାଏ ମଣିଷ ଯେତେବେଳେ ଜନ୍ମ ହୁଏ, ସେତେବେଳେ ତା'ର ପୂର୍ବଜନ୍ମର ectoplasmic body (ଲିଙ୍ଗ ଶରୀର) ଟାର ଅବସ୍ଥା କ'ଣ ହୁଏ ? ଶୁଣିଛି, ତାହା ଯେଉଁଠି ସଙ୍ଗତି ପାଏ ସେଠାରେ ଆସି ରୂପ ପରିଗ୍ରହ କରେ। ତାହା ତ ଗୋଟାଏ ଶରୀର, ଆଉ ପିତାମାତାଙ୍କଠାରୁ ଆମେ ପାଉ ଆଉ ଗୋଟାଏ ଶରୀର। ଏହି ଦୁଇ ଶରୀରର

ସାମଞ୍ଜସ୍ୟ ଖୋଜି ପାଏ ନାହିଁ। ପୁଣି, ଉକ୍ତ ଶରୀରଟା ଏଇ ଶରୀର ବା ପିତାମାତାଙ୍କ ଶରୀରରେ ପ୍ରବେଶ କରେ କେତେବେଳେ, କିପରି ଭାବରେ—ଏହା ମଧ୍ୟ ଏକ ସମସ୍ୟା, ଏବଂ ପ୍ରବେଶ କରେ ବା କିପରି ?

ଶ୍ରୀଶ୍ରୀଠାକୁର—ଆମେ ଯେଉଁ ଭାବ ବା ଭାବ-ଦେହ ectoplasmic body ନେଇ off (ବିଗତ) ହୋଇ ଯାଉ, ସେଇ ଭାବ ବା ଭାବ-ଦେହର tuning (ସଙ୍ଗତି) ଯେଉଁ ଦମ୍ପତିଙ୍କର ମିଳନ ସମୟରେ ସୃଷ୍ଟି ହୁଏ, ସେଇଠାରେହିଁ ଆମର ଅର୍ଥାତ୍ ସେଇ ଭାବ ବା ଭାବ-ଦେହର ପୁନରାବିର୍ଭାବ ହୋଇଥାଏ। ଭାବ-ଦେହଟା ଏତେ ସୂକ୍ଷ୍ମ ଯେ ସେ ଯେ-କୌଣସି ସ୍ଥାନରେ ଯେ-କୌଣସି ମୁହୂର୍ତ୍ତରେ ପ୍ରବେଶ କରି ପାରେ, ତଦ୍ୱାରା ତା'ର କିଛି ଅସୁବିଧା ହୁଏ ନାହିଁ। ଏବଂ ପ୍ରକୃତ ପକ୍ଷରେ ଭାବ-ଦେହ ଓ ପିତାମାତାଙ୍କଠାରୁ ପ୍ରାପ୍ତ ଦେହ ଯେ ଅଲଗା ତା କିନ୍ତୁ ନୁହଁ, ପିତାମାତାଙ୍କଠାରୁ ପ୍ରାପ୍ତ ଦେହ ହେଉଛି ଏହି ଭାବ-ଦେହର ଜୈବୀରୂପାୟନ ମାତ୍ର। ତୁମେ ଏବଂ ତୁମର ଫଟୋ ଯେପରି ଅଲଗା ଅଲଗା ଦୁଇଟି ମଣିଷ ନୁହଁନ୍ତି, ଏହା ମଧ୍ୟ ସେହିପରି। ଭାବ-ଦେହ ତଥା ପିତାମାତାଙ୍କର gene (ଜିନି) ରେ ଆମେ ଯେପରି ବୀଜାକାରରେ ଥାଉ ଏବଂ ତାହାହିଁ ଯେପରି ବୈଧୀ ବିଧାନ ଭିତରେ ଫୁଟିଉଠେ। .....ଯାହା କହ, ମଣିଷର ଅମୃତତ୍ୱ ଲାଭ ନହେଲେ କିଛିହିଁ ହେଲାନାହିଁ। ଅମୃତତ୍ୱ-ଅମୃତତ୍ୱ କହୁ, ତା'ର ମୂଳକଥା ହେଲା ସ୍ମୃତିବାହୀ ଚେତନା। ଆମର ଜ୍ଞାନଟା ଯଦି environment (ପାରିପାର୍ଶ୍ୱିକ) ରେ conscious indentification (ଚେତନ ସନାକ୍ତକରଣ) ନ ପାଏ, ତେବେ ତା'ର ସାର୍ଥକତା କ'ଣ ? ତେବେ ଏକା ଏକା ସ୍ମୃତି ବାହୀ ଚେତନା ଲାଭ କରି ଆନନ୍ଦ ନାହିଁ, ଯଦି ଅନେକଙ୍କର ହୁଏ ତେବେ 'ବୋଧୟନ୍ତ ପରସ୍ପରଂ' ହୋଇ ଆନନ୍ଦ କରାଯାଏ।....

ଗୋଟାଏ ଗୋଟାଏ ଜନ୍ତୁକୁ ଦେଖି କୌଣସି ଲୋକର କଥା, ପୁଣି କୌଣସି କୌଣସି ଲୋକଙ୍କୁ ଦେଖି ଗୋଟାଏ ଗୋଟାଏ ଜନ୍ତୁର କଥା ପଟ୍‌କରି ମନେ ପଡ଼ିଯାଏ। ମୁଁ ଭାବେ ଏସବୁ କଣ, ତେବେ ମୁଁ ତ ଆଉ ପାଗଳ ନୁହେଁ।

ଶରତ ଭାଇ destiny (ଭାଗ୍ୟ), ଦୈବ ଇତ୍ୟାଦି ସମ୍ବନ୍ଧରେ କଥା ଉଠାଇଲେ। ଶ୍ରୀଶ୍ରୀଠାକୁର ଅଭିଧାନରୁ destiny ର ଧାତୁଗତ ଅର୍ଥ ଦେଖିବାକୁ କହିଲେ।

ଶ୍ରୀଶ୍ରୀଠାକୁର—ଯାହା ଉପରେ ବା ଯାହାକୁ ନେଇ ଆମର ସ୍ଥିତି, ଅବସ୍ଥାନ ବା ଯାହାକିଛି ଆମେ ହୋଇଉଠିଛୁ ତାହାହିଁ ଆମର ଭାଗ୍ୟର ନିୟାମକ। ଅର୍ଥାତ୍, ଆମର ଭଜନା ଯେପରି ଭାଗ୍ୟ ମଧ୍ୟ ସେହିପରି। ମଣିଷର ଅନୁରାଗ ଓ ସେବା ଯାହାକୁ ଆଶ୍ରୟ କରି ଯେଉଁ ପଥବାହୀ ଯେପରି ଚାଲିବ, ତା'ର ଭାଗ୍ୟ ମଧ୍ୟ ହୋଇ ଉଠିବ ସେହିପରି।

ଆଉ, ଦୈବ କଥାଟା ଆସିଛି ଦିବ୍-ଧାତୁରୁ, ତାର ମାନେ ପ୍ରକାଶ। ଯେ ଚରିତ୍ର, ଚଳନ ଓ ବୁଦ୍ଧି ଆମ ମଧ୍ୟରେ ପ୍ରକାଶିତ, ପ୍ରକଟ ଓ ଦୀପ୍ତ, ଆମର କର୍ମ ମଧ୍ୟ ହୁଏ



ସେହିପରି, ବ୍ୟବହାର ମଧ୍ୟ ହୁଏ ସେହିପରି, ପ୍ରାପ୍ତି ମଧ୍ୟ ହୁଏ ତଦନୁରୂପ, ବିଧିର ବିଧାନରେ, ପାରିପାର୍ଶ୍ୱିକର ଭିତର ଦେଇ। ମଣିଷ ଏଇ ସହଜ କଥାଗୁଡ଼ାକ ବୁଝେ ନାହିଁ, ନ କରି ପାଇବାର ମନୋଭାବ ହେତୁ କେତେ malpsychology (ବିକୃତ ମନୋବିଜ୍ଞାନ) ଅବତାରଣା କରେ।

## ଚୈତ୍ର ୮, ଶନିବାର, ୧୩୪୭ (ଇଂ ୨୨/୩/୪୧)

ଶ୍ରୀଶ୍ରୀଠାକୁର ସକାଳେ ନିଭୃତ-ନିବାସରେ ବସିଛନ୍ତି। ନିଭୃତ ନିବାସଟି ଯେପରି ଗୋଟିଏ ଘର ଭିତରେ ଘର, ତିନି ପାଖରେ ଝରକା ନଥିବା ନିବୁଜ କାନ୍ଥ ଦିଆ ହୋଇଛି, ସାମନାପଟରେ ଦକ୍ଷିଣଦିଗଟା ଖୋଲା। ଘରଟିର ଉପରେ କୁଞ୍ଜଲତାଦି ମାଡ଼ିଛି, ଘର ମଝିରେ ଗୋଟିଏ ତାସ୍ପୁ, ତା ଉପରେ ବିଛଣା ପଡ଼ିଛି, ପାଖରେ ଗୋଟିଏ ର୍‍ୟାକ୍‌ରେ କେତେକ ବହିପତ୍ର, ତା' ପାଖକୁ ଘଡ଼ି, କଲମ, ଖାତା ଇତ୍ୟାଦି। ଶ୍ରୀଶ୍ରୀଠାକୁର ସେଠାରେ ଦକ୍ଷିଣାସ୍ୟ ହୋଇ ବସନ୍ତି। ସାମନାରେ ବିରାଟ ପଡ଼ିଆ ଓ ନଦୀର-ଅବବାହିକା, ୮/୧୦ ମାଇଲ ଅର୍ଥାତ୍ କୁଷ୍ଟିଆ ପର୍ଯ୍ୟନ୍ତ ଫାଙ୍କା ଦେଖାଯାଏ। ଅଦୂରରେ ପଡ଼ିଆ ମଝିରେ ଗୋଟାଏ ବିରାଟ ଜଳାଶ୍ରୟ, ନିଭୃତ-ନିବାସର ୫୦/୬୦ ହାତ ଦୂରରେ ଲଗାଲଗି ଗୋଟା କେତେକ ବଣ ଝାଉଁ ଗଛ, କେତେ ଜାତିର ପକ୍ଷୀ ଦଳଦଳ ହୋଇ ଉଡ଼ିଆସି ସେଠାରେ ବସନ୍ତି, ପୁଣି କଳରବ କରି ଉଡ଼ିଯା'ନ୍ତି। ପଡ଼ିଆରେ କୃଷକମାନେ ଚାଷବାସ କରନ୍ତି, ମନଫୁଲାଣିଆ ଗୀତ ଗାଇ ଗାଇ ସୁନାର ଫସଲ ନେଇ ସେମାନେ ଘରକୁ ଯା'ନ୍ତି। ଆକାଶର ଛାଇ-ଆଲୁଅ, ଖରା-ବାଦଲ, ଜ୍ୟୋତ୍ସ୍ନା-ଅନ୍ଧକାର, ଦିଗ୍‌ବଳୟରେ ନାନା ବର୍ଣ୍ଣର ଲୀଳା ଏଠାରୁ ପୁରାମାତ୍ରାରେ ଉପଭୋଗ କରାଯାଏ। ବର୍ଷାକାଳରେ ପଦ୍ମାର ଜଳ ଯେତେବେଳେ ଫୁଲି ଫୁଲି ଆଶ୍ରମର ପାଦଦେଶ ପର୍ଯ୍ୟନ୍ତ ମାଡ଼ିଆସେ ତାକୁ ଧୌତ କରିବା ପାଇଁ, ସେତେବେଳେ ଏ ଘରର ଆକର୍ଷଣ ଆହୁରି ସୁନିବିଡ଼ ହୋଇଉଠେ। ଚତୁର୍ଦ୍ଦିଗ ଜଳାର୍ଣ୍ଣବ, ମାଝି ଓ ନାବିକମାନେ ପାଲ ଟେକିଦେଇ ମନଫୁଲାଣିଆ ଗୀତ ଗାଇ ଦଳ ଦଳ ହୋଇ ନୌକା ବାହି ନିଅନ୍ତି, କେଉଟମାନେ ଡ଼ଙ୍ଗାରେ ମାଛ ଧରନ୍ତି, ଆଉ କ୍ରମାଗତ ନଦୀର ଢେଉ ସବୁ ବନ୍ଧରେ ପିଟି ହେଉଥାଏ, ଏବଂ ଏଇ ଶବ୍ଦସବୁ ଯେପରି ମନକୁ ସବୁଆଡ଼ୁ ଟାଣି ନେଇଯାଏ ଦୂରକୁ—ଅତିଦୂରକୁ, ଅନ୍ତରର ଅନ୍ତଃପୁରକୁ, ପ୍ରିୟତମଙ୍କର ସୋହାଗଭରା ମଣିମୟ ମନ୍ଦିରକୁ। ଏଇ ନିଭୃତ ନିବାସରେ ବସି ଶ୍ରୀଶ୍ରୀଠାକୁର କେଷ୍ଟ ଭାଇ (ଭଟ୍ଟାଚାର୍ଯ୍ୟ)ଙ୍କୁ କହୁଛନ୍ତି—ଯେଉଁଠି ଯାହାର ପ୍ରୟୋଜନ ସେଠାରେ ତାକୁ ଦେଇ କାମ କରାଇବେ। ଏକ ଜାଗାରେ ହୁଏତ ପ୍ରଫୁଲ୍ଲ, ବୀରେନ୍‌ର ଦରକାର ହେଲା, ଆଉ ଏକ ଜାଗାରେ ହୁଏତ ବ୍ରଜେନ ଭାଇଙ୍କର ଦରକାର ହେଲା—ଯେତେବେଳେ ଯେଉଁଠି ଯାହାକୁ ଦେଇ ହୁଏ। ଲୋକମାନଙ୍କୁ

ଠିକ୍ ଠିକ୍ ଭାବରେ ଲଗାଇ ପାରିଲେ ଅଳ୍ପ ଲୋକରେ ଢେର ବେଶି କାମ ହୁଏ। ପ୍ରତ୍ୟେକଙ୍କୁ ଯଥା ସ୍ଥାନରେ ଲଗାଇ, ଯୋଗ୍ୟତାରେ ଉଦ୍‌ବର୍ଦ୍ଧିତ କରିତୋଳିବା ଏବଂ ପାରସ୍ପରିକ ଯୋଗସୂତ୍ର ସୃଷ୍ଟିକରି ପରସ୍ପରକୁ ପରସ୍ପରର ସହାୟକ କରିତୋଳିବା,—ଏହାହିଁ organisation (ସଂଗଠନ)। ମୁଁ ଯେ ଏତେ କାଣ୍ଡ କରିଥିଲି—ମୋର hand (କର୍ମୀ) ଥିଲେ ମାତ୍ର କିଶୋରୀ ଓ ମହାରାଜ, ପରେ ଆସିଲା ଗୋସାଇଁ। ଏମାନଙ୍କୁ ସବୁ ଶିଖାଇ ଦେଉଥିଲି, ତାହାହିଁ ଏମାନେ ଗଳ୍ପ କରୁଥିଲେ। କେଉଁଠି କ'ଣ କରିବାକୁ ହେବ, କହିବାକୁ ହେବ ସବୁ କହି ଦେଉଥିଲି, ସେହିପରି ସେମାନେ ଚଳିବାକୁ କହିବାକୁ ଚେଷ୍ଟା କରୁଥିଲେ, ଏହା ଫଳରେ ସେତେବେଳେ ତ କମ୍ କାମ ହୋଇନାହିଁ। ଏମାନେ ଯେ ଖୁବ୍ ପଣ୍ଡିତ ବା ବିଦ୍ୱାନ ତା ତ ନୁହେଁ। ତେବେ ସେମାନଙ୍କର ତ୍ରୁଟି ବିଚ୍ୟୁତି, ଯାହା ଥାଉନା କାହିଁକି କର୍ମୋନ୍ମୁଖୀ ଥିଲେ ସର୍ବଦା। ସେମାନେ ସେତେବେଳେ ନିଶାଖୋର ପରି ଚଳୁଥିଲେ, ଏହି କାମ ନେଇ ମାତାଲ ହୋଇ ପଡୁଥିଲେ। ଏହିପରି କର୍ମୀ ନହେଲେ କର୍ମ ମଧ୍ୟ ସମ୍ଭବ ନୁହେଁ। ସେ ଯେ କିପରି ଦିନ ଚାଲିଯାଇଛି! ପୁଣି ଥରେ ତାର ଜାଗରଣ କରନ୍ତୁ। ଗୋଟାଏ ଛୋଟ nucleus (କେନ୍ଦ୍ର) ହେଲେ ଦେଖିବେ, ତାହାହିଁ ଚାରିଆଡ଼େ ବିଛାଡ଼ି ହୋଇ ପଡ଼ିବ।

ଶ୍ରୀଶ୍ରୀଠାକୁର ନିଭୃତ-ନିବାସରୁ ବାହାରି ତାମ୍ବୁରେ ବସିଲେ। ଧୀରେ ଧୀରେ ଲୋକମାନେ ଆସିବାକୁ ଲାଗିଲେ, ପର ପର ତିନିଜଣ ଭାଇ ଆସିଲେ, ଜଣଙ୍କର ଦେହ ଖରାପ, ଜଣଙ୍କର ଅର୍ଥାଭାବ ଓ ଆଉ ଜଣଙ୍କର ସହକର୍ମୀ ସଙ୍ଗେ ମନୋମାଳିନ୍ୟ। ଶ୍ରୀଶ୍ରୀଠାକୁର ପ୍ରତ୍ୟେକଙ୍କୁ ଯଥାଯୋଗ୍ୟ ସମାଧାନ ଓ ବ୍ୟବସ୍ଥା କରିଦେଇ ଉଦ୍ଦୀପ୍ତ କରିଦେଲେ। ସହକର୍ମୀ ବିଷୟରେ ଯିଏ ଅଭିଯୋଗ କରିଥିଲେ ତାଙ୍କୁ ଶ୍ରୀଶ୍ରୀଠାକୁର କହିଲେ—ପ୍ରତ୍ୟେକର ଗୋଟାଏ ସ୍ୱତନ୍ତ୍ର ସ୍ୱଭାବ ଅଛି, ଏହି ସ୍ୱଭାବଟା ବୁଝି, ଯେଉଁ ଯେଉଁ ଜାଗାରେ ଆଘାତ କଲେ ତାକୁ କଷ୍ଟ ହୁଏ ସେଇ ସେଇ ଜାଗାକୁ ଏଡ଼ାଇ ଦେଇ ଚାଲିଲେ ଠିକ୍ ହୋଇଯାଏ।

ଏହାପରେ କେଷ୍ଟ ଭାଇ ଆସି ସର୍ବଜ୍ଞତ୍ୱବୀଜ ସମ୍ବନ୍ଧରେ କଥା ଉଠାଇଲେ।

ଶ୍ରୀଶ୍ରୀଠାକୁର—ସର୍ବଜ୍ଞତ୍ୱବୀଜ ଅର୍ଥ ଏହା ନୁହେଁ ଯେ Materia Medica (ମେଟେରିଆ ମେଡ଼ିକା—ହୋମିଓପ୍ୟାଥି ଚିକିତ୍ସା ବହି) ଖଣ୍ଡିକ ତା'ର ମୁଖସ୍ଥ। ସର୍ବଜ୍ଞତ୍ୱବୀଜର ତାତ୍ପର୍ଯ୍ୟ ହେଲା—ତାହା ଯଦି ଥାଏ, ମଣିଷ ଯେ-କୌଣସି situation (ଅବସ୍ଥା) ବା affair (ସମସ୍ୟା) ରେ ପଡୁନା କାହିଁକି, ସେଠାରେ ବିହିତ ସମାଧାନ ବା ବୈଧୀ କରଣୀୟ କ'ଣ ତାହା ସେ ବୁଝିପାରେ, କହିପାରେ। ଗୋଟିଏ ସତ୍ୟହିଁ ନାନା ରୂପରେ ଲୀଳାୟିତ ହୋଇଉଠିଛି ନାନା ବୈଶିଷ୍ଟ୍ୟରେ, ଏହାର ମୂଳ mechanism (କୌଶଳ) ଯେ ଉପଲବ୍ଧି କରେ ତା'ରି ମଧ୍ୟରେ ହିଁ ସର୍ବଜ୍ଞତ୍ୱର ସମ୍ଭାବନା ଫୁଟିଉଠେ। ସେଇଥିପାଇଁ ସର୍ବଜ୍ଞତ୍ୱ କୁହା ନ ଯାଇ, ସର୍ବଜ୍ଞତ୍ୱବୀଜ କୁହାଯାଇଛି। ବୀଜ କଥାଟାର ଗୋଟାଏ



ବିଶେଷ ସାର୍ଥକତା ଅଛି।

ପାତଞ୍ଜଳରେ ଆଉ ଗୋଟିଏ ଶ୍ଳୋକ ଅଛି—'କ୍ଲେଶକର୍ମବିପାକାଶୟୈରପରାମୃଷ୍ଟଃ ପୁରୁଷବିଶେଷ ଈଶ୍ୱରଃ।' ତା'ର ଅର୍ଥ ଏହା ନୁହେଁ ଯେ ସେ ଅର୍ଥାତ୍ ଅବତାର କଳ୍ପ ପୁରୁଷ କ୍ଲେଶ ବୋଧ କରନ୍ତି ନାହିଁ। ସେ ବୋଧ କରନ୍ତି ସବୁ କିନ୍ତୁ ସେଥିରେ ଅଭିଭୂତ ହୁଅନ୍ତି ନାହିଁ, unbalanced (ସାମ୍ୟହରା) ହୁଅନ୍ତି ନାହିଁ। ଅନେକେ କହିଥାନ୍ତି ସେ ସୁଖରେ ସୁଖୀ ହୁଅନ୍ତି ନାହିଁ, ଦୁଃଖରେ କଷ୍ଟ ପାଆନ୍ତି ନାହିଁ, ସବୁ ତାଙ୍କ ନିକଟରେ ଅଭିନୟ—ଏହା କିନ୍ତୁ ଏକ ଅସ୍ୱାଭାବିକ ଧାରଣା। ଅନେକେ ଏଇ ଧାରଣାର ବଶବର୍ତ୍ତୀ ହୋଇ ତାଙ୍କ ପ୍ରତି cruel indifference (ନିଷ୍ଠୁର ଔଦାସୀନ୍ୟ) ନେଇ ଚଳନ୍ତି, ଏହା ଯେ କେତେ ପରିମାଣରେ ସର୍ବନାଶର କାରଣ ତାହା କଥାରେ କହି ଶେଷ କରାଯାଏ ନାହିଁ। କଥା ହେଲା, ସେ ଆମରି ପରି ସୁଖ-ଦୁଃଖ ବୋଧ କରନ୍ତି, ତାଙ୍କର ମନ ଓ ଇନ୍ଦ୍ରିୟସକଳ ତୀକ୍ଷ୍ଣ ଓ ତାଜା ହୋଇଥିବାରୁ ସେ ସମ୍ଭବତଃ ଆମଠାରୁ ଆହରି ବେଶିକରି ବୋଧ କରନ୍ତି। ସେ ଖାଆନ୍ତି, ପିଅନ୍ତି, ବୁଲନ୍ତି। ତାଙ୍କର ଶରୀର ଅସୁସ୍ଥ ମଧ୍ୟ ହୁଏ, ମନ ବି ଖରାପ ହୁଏ। କିନ୍ତୁ ଏସବୁ ସତ୍ତ୍ୱେ ମଧ୍ୟ ସେ ଏହାଛଡ଼ା ଅନେକ କିଛି ; ଏବଂ ସ୍ୱୀୟ ସତ୍ତାର ଚେତନା ହରାଇ ସେ କଦାପି ଆତ୍ମହରା ହୁଅନ୍ତି ନାହିଁ। ମୁଁ ହସେ, କାନ୍ଦେ, ଯାହା କରେ ବା କାହିଁକି—ମୁଁ ଯେ ଶିବଚନ୍ଦ୍ର ଚକ୍ରବର୍ତ୍ତୀଙ୍କ ପୁଅ, ଏକଥା କେବେ ଭୁଲି ପାରିବି କି?

ଏହାପରେ sexology (ଯୌନ-ବିଜ୍ଞାନ) ସମ୍ବନ୍ଧରେ କଥା ଉଠିଲା। ଶ୍ରୀଶ୍ରୀଠାକୁର ସ୍ମିତହାସ୍ୟ ଖେଳାଇ କହିଲେ—Sexology ସମ୍ବନ୍ଧରେ ମୁଁ ଯେତେ କଥା କହିଛି, ବାତ୍ସାୟନଙ୍କ ପରି ନହେଲେ ମଧ୍ୟ ତାଙ୍କର ପିଲା ପରି ହେବ ନିଶ୍ଚୟ।

କେଷ୍ଟ ଭାଇ ଚାଣକ୍ୟଙ୍କର ମାତୃଭକ୍ତି ସମ୍ବନ୍ଧରେ କହିଲେ—ଗଳ୍ପ ଅଛି, ଜଣେ ଜ୍ୟୋତିଷ ଥରେ ଆସି ଚାଣକ୍ୟଙ୍କର ମା'ଙ୍କୁ କହିଥିଲେ ଯେ ଚାଣକ୍ୟଙ୍କର ଛାମୁଦାନ୍ତ ଖୁବ୍ ବଡ଼, ଏହା ଏକ ପରମ ସୁଲକ୍ଷଣ, ସେ ଦିନେ ରାଜା ହେବେ। ଚାଣକ୍ୟ ସେତେବେଳେ ଘରେ ନଥିଲେ। ପରେ ଯେତେବେଳେ ସେ ଘରକୁ ଫେରି ଆସିଲେ ମା କୃତ୍ରିମ ଅଭିମାନଭରା ସ୍ୱରରେ କହିଲେ—ଜ୍ୟୋତିଷ କହିଛନ୍ତି ତୋର ଛାମୁଦାନ୍ତ ଯେପରି ବଡ଼ ବଡ଼ ହୋଇଛି, ତୁ ରାଜା ହେବୁ, ଆଉ ରାଜା ହେଲେ ତ ମୋତେ ଭୁଲିଯିବୁ, ସେତେବେଳେ କ'ଣ ଆଉ ମୋ କଥା ମନେ ରହିବ? ଚାଣକ୍ୟ ସେ କଥା ଶୁଣି ସଙ୍ଗେ ସଙ୍ଗେ ଯାଇଁ ଚିମୁଟା ସାହାଯ୍ୟରେ ଗଜା ଦାନ୍ତ ଗୁଡ଼ିକ ଉପାଡ଼ି ପକାଇଲେ। ସେ ଭାବିଲେ ଉକ୍ତ ଦାନ୍ତଥିଲେ ସେ ଯଦି ରାଜା ହେବେ ଏବଂ ରାଜା ହେଲେ ମାଙ୍କୁ ଭୁଲିଯିବାକୁ ହେବ, ଏହା ସେ ବରଦାସ୍ତ କରିପାରିବେ ନାହିଁ। ତେଣୁ ଉକ୍ତ ଦାନ୍ତ ରଖି ଲାଭ କ'ଣ?

ଶ୍ରୀଶ୍ରୀଠାକୁର—ଏହାହିଁ ହେଲା ଖାଣ୍ଟି କଥା। ତୁମର ଏପରି କୌଣସି ପ୍ରବୃତ୍ତି ବା ପସନ୍ଦ ରହିବା ଉଚିତ ନୁହେଁ, ଯାହା ତୁମର ପ୍ରେଷ୍ଠ (ପରମଇଷ୍ଟ)ଙ୍କ କାମରେ ଲାଗିବ ନାହିଁ,

ଏବଂ ଯାହାକୁ ତୁମେ quickly (ଦ୍ରୁତଗତିରେ), easily (ସହଜରେ) ଓ willingly sacrifice (ସ୍ୱେଚ୍ଛାକୃତଭାବରେ ତ୍ୟାଗ) କରିଦେଇ ନ ପାରିବ ତୁମର ପ୍ରିୟପରମଙ୍କ ପାଇଁ। ଏହାହିଁ ଇଷ୍ଟସ୍ୱାର୍ଥପ୍ରତିଷ୍ଠାପନତା—ସର୍ବତ୍ର ସେଇ ଏକକଥା, ତା ଛଡ଼ା ଆଉ କଥା ନାହିଁ। ଗୀତାରେ ଯେ ଏତେ କଥା ତା'ର ସାର କଥାହିଁ ଏହା।

ଶ୍ରୀଶ୍ରୀଠାକୁର ଚକ୍ରପାଣି ଭାଇ (ଦାସ)ଙ୍କୁ ଶୀଘ୍ର ଚାଲି ଆସି ତପୋବନକୁ ଗୋଟିଏ ବିଶ୍ୱବିଦ୍ୟାଳୟରେ ପରିଣତ କରିବା ପାଇଁ ଚେଷ୍ଟା କରିବାକୁ କହିଲେ। ନିବାରଣ ଭାଇ (ଦତ୍ତ) ଙ୍କୁ କହିଲେ—ନିବାରଣ ଭାଇ! ଆପଣ with every urge and energy (ଆବେଗ ଓ ଉତ୍ସାହ ସହକାରେ) କ୍ଷିତୀଶ ଭାଇଙ୍କୁ (ସାନ୍ୟାଲ) assist (ସାହାଯ୍ୟ) କରନ୍ତୁ।

ନିବାରଣ ଭାଇ—ମୁଁ କ'ଣ ପାରିବି ?

ଶ୍ରୀଶ୍ରୀଠାକୁର—ହଁ! କାହିଁକି ନ ପାରିବେ ? ଖୁବ୍ ପାରିବେ। ଆପଣ ଟଙ୍କା collection (ସଂଗ୍ରହ) କରନ୍ତୁ, କୋଠାଘର ତୋଳି ଦିଅନ୍ତୁ।

ନିବାରଣ ଭାଇ—ଆପଣଙ୍କର ଆଶୀର୍ବାଦ ଥିଲେ ପାରିବି।

ଶ୍ରୀଶ୍ରୀଠାକୁର—ଆଶୀର୍ବାଦ କ'ଣ ? ଏହାହିଁ ତ ମୋର ପ୍ରାଣର କ୍ଷୁଧା।

ଶ୍ରୀଶ୍ରୀଠାକୁର ଆହେଦଙ୍କୁ କହିଲେ—ମୋତେ କେତେଟା ଭଲ କଦଳୀ ପୁଆ ଜୋଗାଡ଼ କରିଦେଇ ପାରିବୁ ?

ଆହେଦ—ଦେଇ ପାରିବି।

ଶ୍ରୀଶ୍ରୀଠାକୁର—ତା ହେଲେ ଦେ। ମୁଁ କେତେଜଣଙ୍କ ବଗିଚାରେ କଦଳୀଗଛ ଲଗାଇବାକୁ କହିଛି। ସେମାନେ ନିଜେ ନିଜେ ଜୋଗାଡ଼ କରିବେ କି ନ କରିବେ କ'ଣ ଠିକ୍ ଅଛି ? ଅନ୍ତତଃ ଜୋଗାଡ଼ କରିଦେଲେ ଯଦି ଲଗାନ୍ତି।

## ଚୈତ୍ର ୧୧, ମଙ୍ଗଳବାର, ୧୩୪୭ (ଇଂ ୨୫/୩/୪୧)

ଶ୍ରୀଶ୍ରୀଠାକୁର ସକାଳେ ନିଭୃତ-ନିବାସରେ (ପାବନା କେନ୍ଦ୍ର ସତ୍‌ସଙ୍ଗ) କେଷ୍ଟ ଭାଇ (ଭଟ୍ଟାଚାର୍ଯ୍ୟ), ସତ୍ୟେନ ଭାଇ (ସାହିତ୍ୟଶାସ୍ତ୍ରୀ) ପ୍ରମୁଖଙ୍କ ସଙ୍ଗେ ନାନା କଥା ଆଲୋଚନା କରୁଥିଲେ। ଆହାର ସମ୍ପର୍କରେ ଶ୍ରୀଶ୍ରୀଠାକୁର କହିଲେ—ମା ଯେ ଭାତକୁ ଦଳି ବାଟୁଳା ବାଟୁଳା କରି ଆପଣମାନଙ୍କ ହାତରେ ଦେଉଥିଲେ, ଏତେ କମ୍ ଖାଇ ମଧ୍ୟ ଆପଣମାନେ ବେଶ୍ ଥିଲେ, କେତେ କାମ କରି ପାରୁଥିଲେ। ଆଗପରି କାମ ଆଜିକାଲି ତ ଆଉ ହେଉନାହିଁ। ସେତେବେଳେ ରାତିରେ କାମର ବେଗ ବଢ଼ୁଥିଲା। ସନ୍ଧ୍ୟା ପୂର୍ବରୁ ସବୁ ଆଲୁଅ ଜଳା ହେଉଥିଲା। ଆଲୁଅ ଲଗାଇ ସାରାରାତି କାମ ଚାଲୁଥିଲା। ସେତେବେଳେ ଆପଣମାନଙ୍କର ଦିନରାତି ଜ୍ଞାନ ନଥିଲା, ଭୂତପରି ଖଟୁଥିଲେ, ଖାଇବା ବୋଲି ତ ଥିଲା ଏୟା। ତେଣୁ



ମନେହୁଏ, ମନରେ ଯଦି ଇଷ୍ଟଙ୍କ ପାଇଁ ନିଶା ଲାଗିଯାଏ, ସମ୍ବେଗ ଥାଏ, ତେବେ ଅତି ଅଳ୍ପ ଆହାରରେ ମଧ୍ୟ ମଣିଷ ଚଳିଯାଏ, ଏବଂ ସେଇଥିରେ ମଧ୍ୟ ସେ ସୁସ୍ଥ ଓ କର୍ମଠ ଥାଏ। ଆଉ, ଏଇ ନିଶାର ଯଦି ହ୍ରାସ ହୁଏ, ଭୋଗ ପ୍ରତି ମନ ଯଦିଯାଏ, ଭୋଗର ଉପକରଣ ଯେତେ ବଢ଼ୁ ନା କାହିଁକି, କିଛି ଦେହରେ ଲାଗିବ ନାହିଁ, ଏହା ପ୍ରକୃତ ପୁଷ୍ଟି ସରବରାହ କରେ ନାହିଁ, ବରଂ ଆଳସ୍ୟ, ଅବସାଦ, ରୋଗବ୍ୟାଧିହିଁ ବଢ଼ି ବଢ଼ି ଚାଲେ। ଯେଉଁମାନେ ଯେତେ ପ୍ରତ୍ୟାଶାହୀନ, ସୁନିଷ୍ଠ ଓ କର୍ମପାଗଳ, ସେଇମାନେହିଁ ସେତେ ସୁଖୀ ହୁଅନ୍ତି। ଯେଉଁମାନଙ୍କର ପ୍ରତ୍ୟାଶା ନାହିଁ, ସେମାନେ ସାମାନ୍ୟ ପାଇଲେ ମଧ୍ୟ ସେଥିରେ ମହାଖୁସି ହୋଇ ଉଠନ୍ତି, ନ ପାଇଲେ ମଧ୍ୟ ସେମାନଙ୍କର ଅବଶୋଷ ନଥାଏ। କିନ୍ତୁ ପ୍ରତ୍ୟାଶାପୀଡ଼ିତ ଯେଉଁମାନେ, ସେମାନେ କାହିଁରେ ବି ସନ୍ତୁଷ୍ଟ ହୋଇ ପାରନ୍ତି ନାହିଁ, ତେଣୁ ସେମାନେ ଆଉ ସୁଖ ପା'ନ୍ତି ନାହିଁ।

ପାଇବାର ପ୍ରତ୍ୟାଶା ପୋଷଣ କରିବା ଅପେକ୍ଷା ଦେବାର ଆକାଂକ୍ଷା ରଖିବା ବରଂ ଭଲ। ତଦ୍ୱାରା ମଣିଷର ଯୋଗ୍ୟତା ବଢ଼େ, ପାଇବାଟା ବରଂ ସହଜ ହୋଇ ଆସେ। ଆଗେ ପରସ୍ପର ପରସ୍ପରକୁ ସେବା ଦେବାର ଆଗ୍ରହରେ ଘୂରୁଥିଲେ। ଜଣକର ଲୁଗା ମଇଳା ହୋଇଗଲା, କେଉଁ ଫାଙ୍କରେ ଯାଇଁ ଆଉ ଜଣେ ତା'ର ଅଗୋଚରରେ ତା'ର ଲୁଗାଟା କାଚି ଦେଇ ଆସୁଥିଲା ଯେ ସେ ଟେର ବି ପାଉ ନଥିଲା। ଆଶ୍ରମ ଯାତ୍ରୀ ଷ୍ଟିମର ଘାଟରେ କେହି ଆସି ଓହ୍ଲାଇଲେ ତାଙ୍କର ମାଲପତ୍ର ନେଇ ଆସିବା ପାଇଁ ସତ୍‌ସଙ୍ଗୀଙ୍କ ମଧ୍ୟରେ ପ୍ରବଳ ପ୍ରତିଯୋଗିତା ହୋଇ ଯାଉଥିଲା। କାହାର ଦେହ ଅସୁସ୍ଥ ହେଲେ ଏତେ ଲୋକ ଆସୁଥିଲେ ଯେ ଭିଡ଼ ବନ୍ଦ କରିବା ପାଇଁ ନୋଟିସ୍ ଦେବାକୁ ହେଉଥିଲା। ମୁଁ ସେତେବେଳେ କାହାରିଠାରୁ ସେବା ନେଉ ନଥିଲି। ବରଂ ନିଜ ହାତରେ ସମସ୍ତଙ୍କ ପାଇଁ ଯେତେଟିକେ ପାରେ କରୁଥିଲି। କିନ୍ତୁ ଅନେକେ ସେବା କରିବାର ଆଗ୍ରହ ନେଇ ଘୂରୁଥିଲେ, ସେମାନେ କୌଣସି ସୁଯୋଗ ନପାଇଲେ କ୍ଷୁଣ୍ଣ ହେଉଥିଲେ, କନ୍ଦାକଟା କରୁଥିଲେ, ତେଣୁ ଅନିଚ୍ଛା ସତ୍ତ୍ୱେ ବେଳେବେଳେ ପ୍ରଶ୍ରୟ ଦେବାକୁ ପଡ଼ିଛି, ପରେ ପୁଣି ଦେହ ଖରାପ ହେଲା, ଅନ୍ୟର ସେବା ନେବାପାଇଁ ବାଧ୍ୟ ହେଲି, ସେଇଦିନୁ କ'ଣ ହୋଇଗଲା। ଅନ୍ୟଠାରୁ ସେବା ନେବାର ଯେ ମୋର ପ୍ରୟୋଜନ ଅଛି ତାହା ମୁଁ ଆଗେ ବୁଝି ମଧ୍ୟ ପାରୁ ନଥିଲି।

ଶ୍ରୀଶ୍ରୀଠାକୁର ଦୀପ୍ତ ଆବେଗରେ କହିବାକୁ ଲାଗିଲେ—ଅସଲ କଥା ତୁମେ କେତେଜଣ ଠିକ୍ ହୋଇଗଲେ ହେଲା। Conviction (ପ୍ରତ୍ୟୟ) ହିଁ ବଡ଼ ଜିନିଷ, ଏବଂ ଏହା କଠିନ କିଛି ନୁହେଁ। ଏଇ ମୁହୂର୍ତ୍ତରେ morality (ନୈତିକତା) ର ମୋଡ଼ଟା ବୁଲାଇ ଦେବାକୁ ହେବ, Yes (ହଁ) ବୋଲି କହିବାକୁ ହେବ, ଏବଂ ଚାଲିଚଳନ, କଥା କାଇଦା ତଦନୁଯାୟୀ କରିବା, suffering (ଦୁଃଖ କଷ୍ଟ) ପାଇଁ ପ୍ରସ୍ତୁତ ହେବା,—ଏତକ ହୋଇଗଲେ ହେଲା। ଏପରି conviction (ପ୍ରତ୍ୟୟ) ଥିବା ଦରକାର ଯେ ଦେହଟାକୁ

ଖଣ୍ଡ ଖଣ୍ଡ କରି କାଟିଦେଲେ ପ୍ରତ୍ୟେକଟି ଖଣ୍ଡ କହୁଥିବ, 'ଆୟନଲ ହକ୍, ଆୟନଲ ହକ୍'।

ତାଙ୍କର ଚକ୍ଷୁଦ୍ୱୟ ଯେପରି ଜଳୁଥିଲା। ମୁଖମଣ୍ଡଳରେ ଆନନ୍ଦର ଦିବ୍ୟଜ୍ୟୋତି କଣ୍ଠସ୍ୱରରେ ତୀବ୍ର ପ୍ରେରଣାର ତଡ଼ିତ୍ ଦୀପ୍ତି। ସେ ଅପୂର୍ବ ଭଙ୍ଗୀରେ କହି ଚାଲିଛନ୍ତି—ଅବତାର କଥା ଇତ୍ୟାଦି ମୋତେ ଭଲ ଲାଗେ ନାହିଁ। ମୋତେ ଅବତାର କହିବା ସେଇଦିନ ସାଜିବ, ଯେଉଁଦିନ ତୁମେ ପ୍ରତ୍ୟେକେ ଅବତାର ହୋଇ ଉଠିବ—ଏକାବେଳେକେ ମସ୍ତକର କେଶାଗ୍ରଠାରୁ ପଦପ୍ରାନ୍ତ'ର ନଖାଗ୍ର ପର୍ଯ୍ୟନ୍ତ। ରାମକୃଷ୍ଣ-ଠାକୁର, ଚୈତନ୍ୟଦେବ ପ୍ରଭୃତିଙ୍କୁ ଯେ ଲୋକେ ଅବତାର କହନ୍ତି, ମୋର ମନେହୁଏ ତଦ୍ୱାରା ଯେପରି ସେମାନଙ୍କୁ taunt (ଥଟ୍ଟା) କରାଯାଏ। ନିଜେ ସେମାନଙ୍କର ସ୍ୱାର୍ଥପ୍ରତିଷ୍ଠା ପାଇଁ କିଛି ନ କରି, ସେମାନଙ୍କର ଈପ୍ସିତ ପଥରେ ନ ଚାଲି ବରଂ ଓଲଟା ପଥରେ ଚାଲି, ଖାଲି ମୁହଁରେ ଅବତାର ଅବତାର କହିବା ଅର୍ଥ କ'ଣ ? ଅବତାର କଥାଟା ଯେପରି ଆଜି-କାଲି ହୋଇ ଯାଇଛି ରସଗୋଲା ପରି—ଅତି ଶସ୍ତା, ମର୍ଯ୍ୟାଦା କମି ଯାଇଛି। ଆଗକାର ରସଗୋଲା ତ ଖାଇନାହଁ। ସେଥିପାଇଁ ମୁଁ ଅବତାର କଥା use (ବ୍ୟବହାର) ନ କରି କହିଛି ପ୍ରିୟପରମ। ସେଥିରେ ଯେପରି ବେଶି ଆତ୍ମୀୟତାବୋଧ ରହିଛି। କେହି ଯଦି meeting (ସଭା)ରେ ଛିଡ଼ା ହୋଇ ଇଷ୍ଟ-ସମ୍ବନ୍ଧରେ ସେଇପରି ଭାବରେ କହେ—"ତୁମେ ମୋର ! ତୁମେ ମୋର ! ତୁମେ ମୋର।" ସେ ହଜାର ହଜାର ପ୍ରାଣକୁ ସ୍ପର୍ଶ କରି ଆକୁଳ କରି ଦେଇ ପାରେ।

ଶ୍ରୀଶ୍ରୀଠାକୁର କଥାପ୍ରସଙ୍ଗରେ କହିଲେ—ଯେ କୌଣସି ଧର୍ମାବଲମ୍ବୀ ହେଉ ନା କାହିଁକି, ତା'ର ବଂଶରେ ଯଦି ପ୍ରତିଲୋମ ସମ୍ମିଶ୍ରଣ ନ ହୋଇଥାଏ, ତେବେ ତା'ର ବଂଶାନୁକ୍ରମିକ ଜୀବିକା, ଅଭ୍ୟାସ, ଆଚାର, ବ୍ୟବହାର ଅନୁଯାୟୀ ତାର ବର୍ଣ୍ଣ ନିରୂପଣ କରି, ବର୍ଣ୍ଣାଶ୍ରମ ବିଧି ଅନୁଯାୟୀ ତାକୁ ପରିଚାଳିତ କରା ଯାଇପାରେ। ବର୍ଣ୍ଣାଶ୍ରମ ଗୋଟାଏ ବୈଜ୍ଞାନିକ ବିଷୟ; ଏହା ସାର୍ବଜନୀନ। ସହଜାତ ସଂସ୍କାର-ଅନୁପାତିକ ସମାଜର ବୃତ୍ତି-ନିର୍ବାଚନ, ଶ୍ରେଣୀ-ବିନ୍ୟାସ ଏବଂ ବୈଧୀ ବିବାହ ଭିତର ଦେଇ ବଂଶାନୁକ୍ରମିକ ବୈଶିଷ୍ଟ୍ୟଗୁଡ଼ିକୁ ଧାରାବାହିକ ଭାବରେ ଅକ୍ଷୁଣ୍ଣ ରଖି ବଂଶପରମ୍ପରାକ୍ରମେ ପ୍ରଗତିପନ୍ନ କରି ତୋଳିବା ହେଉଛି ଏହାର ମୂଳକଥା। ପୃଥିବୀର ପ୍ରତ୍ୟେକଟି ସମାଜକୁ ସେମାନଙ୍କର ବୈଶିଷ୍ଟ୍ୟକୁ ସର୍ବତୋଭାବରେ ପରିପୂରଣ କରି ଯଦି ଏହିପରି ବିଧିବଦ୍ଧ ଭାବରେ ସଜାଇ ଦିଆଯାଏ ତେବେ ବିହିତ ଅନୁଲୋମ କ୍ରମେ ପାରସ୍ପରିକ ପରିଣୟ ନିବନ୍ଧ ମଧ୍ୟ ସୃଷ୍ଟି କରାଯାଇ ପାରେ। ପୂରୟମାଣ ଏକ ଆଦର୍ଶ ଓ ଅନୁଲୋମ ବିବାହ ଯେପରି ଗୋଟାଏ ଜାତିକୁ ଏକୀଭୂତ କରିତୋଳେ, ସେହିପରି ଭାବରେ ସାରା ବିଶ୍ୱକୁ ମଧ୍ୟ ସଂହତ ଓ ଐକ୍ୟବଦ୍ଧ କରି ତୋଳିପାରେ—ପାରସ୍ପରିକ ବୈଶିଷ୍ଟ୍ୟାନୁଗ ସଂହତିକୁ ଭିତ୍ତି କରି। ପରମପିତାଙ୍କ ଦୟାରେ ବିଶ୍ୱ ଶାନ୍ତିର ଏଇ ଯେଉଁ ସୂତ୍ର ବାହାରିଛି, ଏକଦମ ଚରମ ଅବ୍ୟର୍ଥ ସୂତ୍ର, ଏବେଠାରୁ ଏହାକୁ ତୁମେମାନେ ମୁଣ୍ଡରେ ପୂରାଇ କରିଲେହିଁ ହେଲା।



## ଚୈତ୍ର ୧୨, ବୁଧବାର, ୧୩୪୭ (ଇଂ ୨୬/୩/୪୧)

ପ୍ରଫୁଲ୍ଲ (ଦାସ)ର ଘରେ ବାହାରୁ ଜଣେ ସତ୍‌ସଙ୍ଗୀ ଭାଇ ପରିବାରବର୍ଗ ସହ ଆସି ଉଠିଛନ୍ତି। ଏହି ଆଗନ୍ତୁକ ଜଣେ ଟି.ବି. ରୋଗୀ। ତେଣୁ ଶ୍ରୀଶ୍ରୀଠାକୁର ଉପରବେଳା ପ୍ରଫୁଲ୍ଲକୁ ଘର ଭିତରକୁ ଡାକିନେଇ କହିଲେ—ତୋ'ର୍ ପାଇଁ ମୋର କେତେ ଚିନ୍ତା। ତୁମେସବୁ ଯଦି ସାବଧାନ ନହୁଅ ମୋର ଉଦ୍‌ବେଗର ସୀମା ରହିବ ନାହିଁ, ତୁମ୍ଭମାନଙ୍କ ପାଇଁ ଆତଙ୍କରେ ଦିନ କାଟୁଛି। ସଦାଚାର ସମ୍ବନ୍ଧରେ ଖୁବ୍ ହୁସିଆର ହେବାକୁ ହୁଏ, ନଚେତ୍ କେଉଁଠି କ'ଣ infection (ସଂକ୍ରମଣ) ପ୍ରବେଶ କରିବ, ତା'ର କ'ଣ ଠିକଣା ଅଛି ? ତାକୁ (ଭୁଗଣ ଭାଇଟିକୁ) ମଧ୍ୟ ବୁଝାଇ କହିବୁ ଯେପରି ସେ ସମସ୍ତଙ୍କ ସହିତ ନ ମିଶେ—ସ୍ତ୍ରୀ, ପିଲାଛୁଆଙ୍କଠାରୁ ଦୂରରେ ରହେ। ତାକୁ କହିବୁ—ତୁମେ ତ ଔଷଧ ଖାଉଛ ଭଲ ହୋଇଯିବ, କିନ୍ତୁ ଅନ୍ୟ କେହି ଯଦି ପରେ affected (ଆକ୍ରାନ୍ତ) ହୁଏ, ତାହେଲେ ସମସ୍ତଙ୍କର ସର୍ବନାଶ। ଯେପରି କହିଲେ ସେ ମନରେ କଷ୍ଟ ନପାଏ, ସେହିପରି ବୁଝାଇ କହିବୁ।

ଶ୍ରୀଶ୍ରୀବଡ଼ମା ସେଠାରେ ଥିଲେ, ସେ ମଧ୍ୟ ବୁଝାଇ କହିଲେ—କିପରି କହିବାକୁ ହେବ।

## ଚୈତ୍ର ୧୩, ଗୁରୁବାର, ୧୩୪୭ (ଇଂ ୨୭/୩/୪୧)

ଶ୍ରୀଶ୍ରୀଠାକୁର ଆଜି ସକାଳେ ନିଭୃତ ନିବାସରେ କହୁଥିଲେ—ଅର୍ଜନ-ଦକ୍ଷତା, ସାଶ୍ରୟୀ-ସ୍ୱଭାବ ଓ ସମସ୍ତ ବିଷୟରେ ସୌନ୍ଦର୍ଯ୍ୟବୋଧ ଯେଉଁମାନଙ୍କର ଆୟତ୍ତ ମଧ୍ୟରେ ନାହିଁ ସେମାନେ ଯେ କେବଳ ଅକୃତକାର୍ଯ୍ୟ ହୁଅନ୍ତି ତା ନୁହେଁ, ସେମାନଙ୍କର ଚରିତ୍ର ଓ ବ୍ୟକ୍ତିତ୍ୱ ମଧ୍ୟ ସ୍ଫୁରିତ ହୋଇପାରେ ନାହିଁ। ଅର୍ଜନ-ପଟୁତ୍ୱ ମାନେ କାର୍ଯ୍ୟ ହାସଲ କରିବାର କୌଶଳ, ଯେଉଁମାନେ ଏକ ଉଦ୍ଦେଶ୍ୟରେ ଗୋଟାଏ କାମରେ ହାତଦେଇ ଅଧାବାଟ ଯାଇଁ ବିଭ୍ରାନ୍ତ ହୋଇ, ବିରତ ହୋଇ ବା ଲଭ୍ୟବସ୍ତୁ ଲାଭ ନ କରି ଅନ୍ୟଆଡ଼େ ମନ ଦିଅନ୍ତି, ସେମାନଙ୍କର distortion (ବିକୃତି)ର ସମ୍ଭାବନା ଥାଏ। ସାଶ୍ରୟୀ ଯେଉଁମାନେ ନୁହଁନ୍ତି, ସେମାନଙ୍କର pauper (ଦାରିଦ୍ର୍ୟବ୍ୟାଧି) ହେବାର ସମ୍ଭାବନା ଖୁବ୍ ଥାଏ, ଅଯଥା ବ୍ୟୟବାହୁଲ୍ୟ ଓ ଅପଚୟ ସେମାନଙ୍କର ସ୍ୱଭାବଗତ ହୋଇଥାଏ ; ଲାଭଜନକ ପରିଚାଳନା ସେମାନେ ଭୁଲିଯା'ନ୍ତି। ଏହି ଲକ୍ଷ୍ମୀଛଡ଼ା ସ୍ୱଭାବ ଫଳରେ ମାନସିକ ଓ ସମ୍ପଦଗତ ଦୈନ୍ୟ ସେମାନଙ୍କୁ ଘୋଟିଯାଏ। ସାଶ୍ରୟୀ ହେବାକୁ ଗଲେ କେତେ ପରିମାଣରେ ମସ୍ତିଷ୍କ, ବୁଦ୍ଧି, ବିବେଚନା ଓ ନିୟନ୍ତ୍ରଣ କୌଶଳ ଖଟାଇବାକୁ ହୁଏ, ଯଦ୍ୱାରା ମଣିଷ ସମୃଦ୍ଧ ହୋଇଉଠେ, କିନ୍ତୁ ଯେଉଁମାନେ ଅବହେଳାରେ ଅନେକ କିଛି ନଷ୍ଟ କରି ଦିଅନ୍ତି ସେମାନଙ୍କର ବୁଦ୍ଧିବୃତ୍ତି,

ଶକ୍ତି ସାମର୍ଥ୍ୟ ମଧ୍ୟ ସେଇ ପରିମାଣରେ କ୍ଷୁଣ୍ଣ ଓ ଦୁର୍ବଳ ହୋଇପଡ଼େ। ଏବଂ, ସୁନ୍ଦରର sense (ବୋଧ) ଯାହାର ନାହିଁ ସେମାନଙ୍କର clumsy ଓ disintegrated (ଗୋଳମାଳିଆ ଓ ଅସଂହତ) ହେବାର ସମ୍ଭାବନା ଥାଏ। ସୌନ୍ଦର୍ଯ୍ୟ ମଧ୍ୟରେ ଅଛି ଗୋଟାଏ ମମତା ଓ ସଙ୍ଗତିବୋଧ, ତେଣୁ ତାହା ସଭା ନିକଟରେ ଆଦରଣୀୟ। ଯାହା କରୁ ଯାହା ଭାବୁ, ଯାହା କହୁ—ତାହା ଯଦି ସଭା ନିକଟରେ ଆଦୃତ ନହୁଏ ଅର୍ଥାତ୍ ତଦ୍ଦ୍ୱାରା ମୋର ଏବଂ ଅନ୍ୟର ସଭା ତୃପ୍ତ ଓ ନନ୍ଦିତ ନହୁଏ—କରିବା, କହିବା, ଚଳିବାରେ ଯଦି ବିଶୃଙ୍ଖଳା, ଅସଙ୍ଗତି ଓ ଅସାମଞ୍ଜସ୍ୟ ଅଭ୍ୟାସଗତ ହୋଇଉଠେ, ଫଳତଃ ବ୍ୟକ୍ତିତ୍ୱ ମଧ୍ୟ କ୍ରମଶଃ ବିଶୃଙ୍ଖଳ ଓ ବିଶ୍ଳିଷ୍ଟ ହୋଇପଡ଼େ, ସାମଗ୍ରିକଭାବରେ ସଙ୍ଗତି ରକ୍ଷା କରି ଶକ୍ତିଶାଳୀ ଅଖଣ୍ଡ ବ୍ୟକ୍ତିତ୍ୱ ଗଢ଼ିଉଠି ପାରେ ନାହିଁ।

କେଷ୍ଟ ଭାଇଙ୍କ ଗୋଟିଏ ପ୍ରଶ୍ନର ଉତ୍ତରରେ ଶ୍ରୀଶ୍ରୀଠାକୁର ଗୋଟାଏ ଲେଖା ଦେଲେ। ପରେ କହିଲେ—ସତ୍ୟେନ୍‌କୁ ଯାହା ଦେଇଥିଲି, ତାହାଠାରୁ ଏହା ଏକଦମ୍ ତଫାତ୍—ତେଣୁ ଦେଖି ମନେହୁଏ, ଏ ସବୁ କ'ଣ ବସ୍ତୁସାପେକ୍ଷ। (ଅର୍ଥାତ୍ ପ୍ରଶ୍ନକର୍ତ୍ତାଙ୍କ ବ୍ୟକ୍ତିତ୍ୱର ବିକିରଣ ଅନୁସାରେ ତାଙ୍କର ଭାଷା ଓ ଭଙ୍ଗୀ ହୁଏତ ପ୍ରଭାବିତ ହୋଇଥାଏ)।

## ଚୈତ୍ର ୧୬, ଶନିବାର, ୧୩୪୭ (ଇଂ ୩୦/୩/୪୧)

ବେଳା ପ୍ରାୟ ନ'ଟା, ଶ୍ରୀଶ୍ରୀଠାକୁର ବନ୍ଧ ପାଖରେ ତାମ୍ବୁରେ ବସି ସମସ୍ତଙ୍କ ସହିତ ସହାସ୍ୟ ବଦନରେ ଆଳାପ-ଆଲୋଚନା କରୁଛନ୍ତି। ଖରା ବେଶ୍ ଟାଣ ହୋଇ ଆସିଥିଲେ ମଧ୍ୟ ଶିରି ଶିରି ପବନ ବହୁଥିବାରୁ ଉତ୍ତାପ ବାଧୁ ନଥିଲା। କାରଖାନା, ହୋସିୟାରୀ, କାର୍ଡବୋର୍ଡ କନସର୍ଣ୍ଣ, ଡ଼ିସ୍‌ପେନସାରୀ, ଫିଲାନ୍‌ଥ୍ରପି ଅଫିସ, ଅତିଥିଶାଳା, ଋତ୍ୱିଗାଚାର୍ଯ୍ୟ-ଭବନ, କଳାକେନ୍ଦ୍ର, କୃଷିକ୍ଷେତ୍ର, କୁଟୀର-ଶିଳ୍ପ-କେନ୍ଦ୍ର ଇତ୍ୟାଦି ସର୍ବତ୍ର ପୁରାଦମ୍‌ରେ କାର୍ଯ୍ୟକର୍ମ ଚାଲିଛି। ବାହାରୁ ଜଣେ ଭଦ୍ରଲୋକ ଆଶ୍ରମ ବୁଲିବାକୁ ଆସିଲେ। ତାଙ୍କୁ ଆଶ୍ରମର ବିଭିନ୍ନ କର୍ମ ପ୍ରତିଷ୍ଠାନ ସବୁ ଦେଖାଇ ଦିଆହେଲା। ସେ ସେସବୁ ଦେଖି ଶୁଣି ପରେ ଶ୍ରୀଶ୍ରୀଠାକୁରଙ୍କ ପାଖକୁ ଗଲେ। ଭଦ୍ରଲୋକ ଶ୍ରୀଶ୍ରୀଠାକୁରଙ୍କ ପାଖରେ ପହଞ୍ଚିଲା ମାତ୍ରେ ସେ ତାଙ୍କୁ ସ୍ନେହ-ସମ୍ଭାଷଣରେ ବସିବା ପାଇଁ କହିଲେ। ସେ ପ୍ରଣାମ କରି ବସିଲେ। ପ୍ରାଥମିକ ପରିଚୟାଦି ବିନିମୟ ପରେ ସେ ପଚାରିଲେ—ଧରନ୍ତୁ ଶ୍ରୀଶ୍ରୀରାମକୃଷ୍ଣଦେବଙ୍କୁ ମୋତେ ଖୁବ୍ ଭଲଲାଗେ। ସେ ଆଜି ନାହାନ୍ତି। ବର୍ତ୍ତମାନ ତାଙ୍କୁ କିପରି ଭାବରେ ଲାଭ କରାଯାଇ ପାରିବ ?

ଶ୍ରୀଶ୍ରୀଠାକୁର—ପରବର୍ତ୍ତୀଙ୍କୁ ବାଦ୍‌ଦେଇ ପୂର୍ବତନଙ୍କୁ ଧରା ଯାଏ ନାହିଁ। ଶ୍ରୀରାମଚନ୍ଦ୍ରଙ୍କୁ ଯଦି କେହି ଭକ୍ତିକରେ, ଏବଂ ସେ ଯଦି ଶ୍ରୀକୃଷ୍ଣଙ୍କର ସମସାମୟିକ ହୋଇ



ଥାଏ, ତେବେ ତାଙ୍କୁ ଶ୍ରୀକୃଷ୍ଣଙ୍କ ମଧ୍ୟରେହିଁ ଶ୍ରୀରାମଚନ୍ଦ୍ରଙ୍କୁ ପାଇବାକୁ ହେବ, ନହେଲେ ପାଇ ପାରିବ ନାହିଁ। ପରବର୍ତ୍ତୀ ପୂରୟମାଣ ମହାପୁରୁଷଙ୍କର ଆବିର୍ଭାବର ପୂର୍ବ ପର୍ଯ୍ୟନ୍ତ ପୂର୍ବତନଙ୍କ ପ୍ରତି ଅନୁରାଗୀ ଆଚାର୍ଯ୍ୟଙ୍କର ଶରଣାପନ୍ନ ହେବାକୁ ହୁଏ।

ସେ ନିଜର ଚାକିରୀ ସମ୍ବନ୍ଧରେ କହିଲେ—ମୁଁ ଖୋସାମତ କରି ପାରୁ ନାହିଁ, ତେଣୁ ମୋର ଚାକିରୀରେ ଉନ୍ନତି ହେଉନାହିଁ।

ଶ୍ରୀଶ୍ରୀଠାକୁର ତାଙ୍କୁ ଖୁବ୍ ଦରଦଭରା କଣ୍ଠରେ ବୁଝାଇ କହିଲେ—ଖୋସାମତ କାହିଁକି କରିବାକୁ ଯିବ ? ତେବେ ପ୍ରଶଂସା କରିବାକୁ ହେବ। ପ୍ରତ୍ୟେକର ବୈଶିଷ୍ଟ୍ୟ ବୁଝି ମନୋଜ୍ଞ ବ୍ୟବହାରରେ ସମସ୍ତଙ୍କୁ ମୁଗ୍ଧ କରି ସେମାନଙ୍କର ହୃଦୟ ଜୟ କରିବାକୁ ହେବ। ପ୍ରତ୍ୟେକର ବାସ୍ତବ ଗୁଣ ସବୁ ଦେଖିବାକୁ ହେବ, ସେଗୁଡ଼ିକୁ ତାରିଫ କରିବାକୁ ହେବ, ତଦ୍ଦ୍ୱାରା ନିଜରହିଁ ଉନ୍ନତି ହୋଇଥାଏ। ଏବଂ ପ୍ରତ୍ୟେକର ବୈଶିଷ୍ଟ୍ୟ ବୁଝି ମନୋଜ୍ଞ ବ୍ୟବହାରରେ ସମସ୍ତଙ୍କୁ ମୁଗ୍ଧ କରି ସେମାନଙ୍କର ହୃଦୟ ଜୟ କରିବାକୁ ହେବ। ସେତେବେଳେ ପ୍ରୟୋଜନ ମାଫିକ ତୁମେ ସେମାନଙ୍କୁ ସଂଶୋଧନ ମଧ୍ୟ କରିପାରିବ। ଆଉ, ଏହିପରି ଭାବରେ ଯଦି ଚଳ ତେବେ ମଣିଷଙ୍କୁ ତୁମେ ତୁମ ଆଦର୍ଶରେ ଅନୁପ୍ରାଣିତ କରି ତୋଳିପାରିବ। ଏହାଦ୍ୱାରା ମଣିଷ ସହଜରେ ତୁମଠାରେ ସ୍ୱାର୍ଥାନ୍ୱିତ ହୋଇ ତୁମର ଶ୍ରୀବୃଦ୍ଧିରେ ସହାୟକ ହେବେ। ତୁମେ ସମ୍ମାନ ଓ ଖ୍ୟାତି ଲାଭ କରିବ, ସୁଖୀ ହେବ,—ତୁମର ପାରିପାର୍ଶ୍ୱିକ ସହିତ ସମ୍ପ୍ରୀତି ବଢ଼ିଯିବ।

ଭଦ୍ରଲୋକ ଶ୍ରୀଶ୍ରୀଠାକୁରଙ୍କ କଥାଶୁଣି ଖୁବ୍ ଉଦ୍ଦୀପ୍ତ ହୋଇ ଉଠିଲେ, ତାଙ୍କର ମୁଖମଣ୍ଡଳ ଆନନ୍ଦରେ ଉଦ୍ଭାସିତ ହୋଇ ଉଠିଲା, ସେ ଯେପରି ଗୋଟାଏ ରାସ୍ତା ପାଇଗଲେ।

ଏଇସବୁ କଥାବାର୍ତ୍ତା ପରେ ସତ୍ୟେନ୍ ଭାଇ ତାଙ୍କର ସଦ୍ୟଲିଖିତ ଏକ କବିତା ଶ୍ରୀଶ୍ରୀଠାକୁରଙ୍କୁ ପଢ଼ି ଶୁଣାଇଲେ। ଶ୍ରୀଶ୍ରୀଠାକୁର ଯେ କେତେ ବଡ଼ ପ୍ରେମିକ ଏବଂ ମଣିଷ ଯେ କାହିଁକି ତାଙ୍କ ଚାରିପାଖରେ ଘେରିଥାନ୍ତି—ତାହାହିଁ କବିତାର ବିଷୟବସ୍ତୁ।

ଶ୍ରୀଶ୍ରୀଠାକୁର କବିତାଟି ଶୁଣି କହିଲେ—ଦେଖ ! ମଣିଷ ନିଜ ତରଫରୁ କାହାପାଇଁ କିଛି ଯଦି କରେ ତେବେ ନିଜକୁ ତାହା ଖୁବ୍ ମଧୁର ଲାଗେ। ନହେଲେ ଭଲ ପାଇବା କୌଣସି ନଦୀ ବା ସୁନ୍ଦର ପ୍ରାକୃତିକ ଦୃଶ୍ୟକୁ ଭଲପାଇବା ପରି ହୋଇଥାଏ, ସେମାନଙ୍କ ପାଇଁ କିଛି କରିବାକୁ ହୁଏ ନାହିଁ, ତେଣୁ ଭଲ ପାଇବାର ପ୍ରକୃତ sensation (ବୋଧ) ନଥାଏ, ଏବଂ ଜୀବନର ଅମାରାତିରେ ଉକ୍ତ ଭଲପାଇବାର ଚେତନା ତାଙ୍କୁ କୌଣସି ଉସାହ ବା ପ୍ରେରଣା ଯୋଗାଏ ନାହିଁ, ସେତେବେଳେ ତାହା କର୍ପୂରପରି ଉଡ଼ିଯାଇଥାଏ। ଅଥଚ ସ୍ତ୍ରୀକୁ ଭଲପାଇବାକୁ ଯାଇ ଦେଖ, ଦିନରାତି ତୁମେ ଧଇଁସଇଁ ହୋଇ ଏହା ଜୋଗାଡ଼ କରୁଛ, ତାହା ଆଣି ଦେଉଛ, ତା ପାଇଁ constable (କନ୍‌ଷ୍ଟେବଲ) ହୋଇଯାଇଛ କହିଲେ ଅତ୍ୟୁକ୍ତି ହେବନାହିଁ, କେତେ ଭାବୁଛ, ଖଟୁଛ, ତେଣୁ ତାହା feel (ବୋଧ) କରାଯାଏ, real (ବାସ୍ତବ) ହୁଏ।

ଯଶୋହରର ଜଣେ ଭାଇ ସ୍ଥାନୀୟ କେତେଜଣ ମୁସଲମାନଙ୍କ ଦୁର୍ବ୍ୟବହାର କଥା କହିଲେ। ତାହା ଶୁଣି ଶ୍ରୀଶ୍ରୀଠାକୁର ବିଶେଷ ଜୋରଦେଇ କହିଲେ—ଯେଉଁଥିରେ ଇସଲାମର ଅପ୍ରତିଷ୍ଠା ହୁଏ, ସେପରି କିଛି କରିବାକୁ ମଣିଷକୁ ସୁଯୋଗ ଦେବା ତୁମର ଉଚିତ ନୁହେଁ।

## ଚୈତ୍ର ୧୯, ବୁଧବାର, ୧୩୪୭ (ଇଂ ୨/୪/୪୧)

ଶ୍ରୀଶ୍ରୀଠାକୁର ରାତିରେ ସୁଧାଂଶୁ ଭାଇ (ମୈତ୍ର)ଙ୍କୁ କହିଲେ—Physical chemistry ଟା ଭଲକରି ପଢ଼, basic principle (ମୂଳନୀତି)ଟା ଠିକ୍ ଠିକ୍ ବୁଝିବା ଦରକାର। କେବଳ ବହି ପଢ଼ି କେହି original research (ମୌଳିକ ଗବେଷଣା) କରିପାରନ୍ତି ନାହିଁ, inquisitive urge (ଅନୁସନ୍ଧିତ୍ସୁ ସଂବେଗ) ଦରକାର to fulfil purpose to the principle (ଆଦର୍ଶାନୁଗ ଉଦ୍ଦେଶ୍ୟ ପୂରଣ ପାଇଁ), ତାହାକୁ ଭିତ୍ତିକରି ପଢ଼ିବାକୁ ହୁଏ, ବାସ୍ତବଭାବରେ କରିବାକୁ ହେବ, ଏବଂ ଏହିପରି ଭାବରେ ସୂତ୍ରଟା ହସ୍ତଗତ ହୋଇଥାଏ।

ତାପରେ ଶ୍ରୀଶ୍ରୀଠାକୁର ପ୍ରଫୁଲ୍ଲଙ୍କୁ କହିଲେ—ଶାସ୍ତ୍ର, ବିଜ୍ଞାନ, ସାହିତ୍ୟ, ଇତିହାସ, ଦର୍ଶନ, ରାଜନୀତି, ପୂର୍ବତନ ମହାପୁରୁଷଙ୍କ ଗ୍ରନ୍ଥାଦି ଯାବତୀୟ ଯାହାକିଛି ଭଲକରି ପଢ଼ିବୁ, ଏବଂ ଏ ସବୁଥିରୁ ନିଜର ଭାବଧାରାକୁ ସମର୍ଥନ କରୁଥିବା ଯାହାକିଛି ପାଇବୁ, ସେଗୁଡ଼ିକୁ ସଂଗ୍ରହ କରିବାକୁ ଚେଷ୍ଟା କରିବୁ। ନିଜର ମୌଳିକ ଭିତ୍ତିଟା ଠିକ୍ ଥିଲେ, ପଢ଼ିବା ଓ ବୁଝିବାଟା ଠିକ୍ ଠିକ୍ ହୋଇଥାଏ, ଏବଂ ସେଇ ପଢ଼ାଟାକୁ କାମରେ ଲଗାଯାଇପାରେ। ନଚେତ୍ ଲକ୍ଷେ ପଢ଼ିଲେ ମଧ୍ୟ ହଜମ ହୁଏ ନା।

## ଚୈତ୍ର ୨୦, ଗୁରୁବାର ୧୩୪୭ (ଇଂ ୩/୪/୪୧)

ଆଗାମୀ ଋତ୍ୱିକ୍-ଅଧିବେଶନ ନିକଟ ହୋଇ ଆସୁଛି। ବାଳକ-ବାଳିକାଙ୍କ ଆବୃତ୍ତି ସଙ୍ଗୀତାଦି ହେବ। ଅପରାହ୍ଣରେ ଆଶ୍ରମରେ ଏଇସବୁର ଖୁବ୍ ଜୋରରେ ଅଭ୍ୟାସ କରାଯାଉଛି। ଶ୍ରୀଶ୍ରୀଠାକୁର ମାତୃମନ୍ଦିର ପଛରେ ବକୁଳ ବୃକ୍ଷ ତଳେ ଗୋଟିଏ ବେଞ୍ଚରେ ବସିଛନ୍ତି, ଆଶ୍ରମର ଭାଇ ଓ ମା'ମାନେ ବିନତି-ପ୍ରାର୍ଥନା ପରେ ସେଠାରେ ଆସି ସମବେତ ହୋଇଛନ୍ତି। ଶ୍ରୀଶ୍ରୀଠାକୁର ପ୍ରସନ୍ନ ବଦନରେ ଲଳିତ ମଧୁର ଭଙ୍ଗୀରେ ସମସ୍ତଙ୍କର ଖୋଜଖବର ନେଉଛନ୍ତି, ଯାହାର ଯେଉଁ ପ୍ରଶ୍ନ ତା'ର ଉତ୍ତର ଦେଉଛନ୍ତି। କଥା ପ୍ରସଙ୍ଗରେ ସ୍ୱସ୍ତ୍ୟୟନୀ କଥା ଉଠିଲା,—ମନୁସଂହିତାରେ 'ଇଦଂ ସ୍ୱସ୍ତ୍ୟୟନଂ' ବୋଲି ଗୋଟିଏ କଥା ଅଛି ; ଶ୍ରୀଶ୍ରୀଠାକୁର ତାହା ବାହାର କରିବାକୁ କହିଲେ। ବାହାର କରି ଦେଖାଇବା ପରେ ଶ୍ରୀଶ୍ରୀଠାକୁର କହିଲେ—ସମସ୍ତ ମନୁସଂହିତାର ବାରଟି ଅଧ୍ୟାୟରେ ଯାହା ଅଛି, ସ୍ୱସ୍ତ୍ୟୟନୀର ପାଞ୍ଚଟି ନୀତି ମଧ୍ୟରେ ତାହା ରହିଛି।



ତାପରେ ନିବାରଣ ଭାଇ (ଦତ୍ତ) ଆସିଲେ। ମନୁସଂହିତା ଓ James ଙ୍କ habit chapter (ଅଭ୍ୟାସ ଅଧ୍ୟାୟ)ରୁ ସ୍ୱସ୍ତ୍ୟୟନୀ ସମ୍ପର୍କୀୟ କଥାଗୁଡ଼ିକ ପଢ଼ି ଶୁଣାଇବାକୁ ତାଙ୍କୁ ଶ୍ରୀଶ୍ରୀଠାକୁର କହିଲେ। ପଢ଼ି ଶୁଣାହେଲା। ଶୁଣି ସେ କହିଲେ—ବର୍ତ୍ତମାନ ବୁଝିଲି, କାହିଁକି ନିତ୍ୟ କରିବା ପ୍ରୟୋଜନ।

ଶ୍ରୀଶ୍ରୀଠାକୁର ତାଙ୍କୁ କହିଲେ—ଆପଣ ଯେତେବର୍ଷ ଚାକିରୀ କଲେଣି, ସେତିକି ବର୍ଷ ଯଦି ସ୍ୱସ୍ତ୍ୟୟନୀ ଠିକ୍ ଠିକ୍ ଭାବରେ କରିଥାନ୍ତେ, ତାହେଲେ ଗୋଟିଏ ଜମିଦାରୀ କରି ସାରନ୍ତେଣି। ସ୍ୱସ୍ତ୍ୟୟନୀ କହିଲେ କେବଳ ଅର୍ଘ୍ୟ ନିବେଦନ କରି ରଖିବା କଥା ନୁହେଁ, ସ୍ୱସ୍ତ୍ୟୟନୀର ଯେଉଁ ପାଞ୍ଚଟି ନୀତିର କଥା କହିଛି, ସେ ସବୁଗୁଡ଼ିକ ନିଷ୍ଠା ସହକାରେ ପାଳନ କରିବା ଦରକାର। ତା'ହେଲେ ସ୍ୱସ୍ତ୍ୟୟନୀ ପୂର୍ଣ୍ଣାଙ୍ଗ ହୁଏ। ଯେ ଯାହା ହେଉନା କାହିଁକି, ଏହି ସ୍ୱସ୍ତ୍ୟୟନୀ ବ୍ରତ ଯଦି କେହି ଭଲଭାବରେ ପାଳନ କରେ, ସେ ବଡ଼ ହେବହିଁ ହେବ। ଯେତେ ବ୍ୟାପକଭାବରେ, ଯେତେ ବେଶି ଲୋକଙ୍କ ମଧ୍ୟରେ ଏହା ଖେଳାଇ ଦେଇ ପାରିବେ, ସେତେହିଁ ଜାତିର ମଙ୍ଗଳ। ଅର୍ଥନୈତିକ ମୁକ୍ତି, ଜାତିର ଉନ୍ନତି, ରାଷ୍ଟ୍ରୀୟ ସ୍ୱାଧୀନତା ଯାହା କିଛି ଚାହାନ୍ତୁ ନା କାହିଁକି, ପ୍ରଥମେ ଲକ୍ଷ ଲକ୍ଷ ବ୍ୟଷ୍ଟି ଜୀବନରେ ଏହି ସ୍ୱସ୍ତ୍ୟୟନୀ ଅଭ୍ୟାସଗତ କରି ତୋଳନ୍ତୁ। ତେବେ ଯାଇଁ ସମଗ୍ର ଜାତିଟା ସଜଖ ହୋଇ ଛିଡ଼ା ହୋଇପାରିବ।

* * *

ପ୍ରଥମେ ଏଠାକାର ପ୍ରୟୋଜନ ପାଇଁ ଲୋକଙ୍କଠାରୁ ଟଙ୍କା ନେବାକୁ ହେଉଥିଲା, ପରେ ଭାବିଲି, ଯେଉଁମାନେ ଟଙ୍କା ଦେଉଛନ୍ତି ଏଇ ଦେବା ଭିତରଦେଇ କିପରି ସେମାନଙ୍କର ଉନ୍ନତିର ପଥ ଖୋଲିବ, ସେତିକିବେଳେ ସ୍ୱସ୍ତ୍ୟୟନୀ ବ୍ରତ appear କଲା (ଆବିର୍ଭୂତ ହେଲା) ସାମଗ୍ରିକ ଭାବରେ। ଏହା ଯେପରି ପରମପିତାଙ୍କର ପରମ ଅବଦାନ।

ଏହାପରେ ଶ୍ରୀଶ୍ରୀଠାକୁର ଗୋଟିଏ 'ଛଡ଼ା' ଦେଲେ।

## ଚୈତ୍ର ୨୧, ଶୁକ୍ରବାର, ୧୩୪୭ (ଇଂ ୪/୪/୪୧)

ଶ୍ରୀଶ୍ରୀଠାକୁର ସକାଳୁ ନିଭୃତ ନିବାସରେ ଅଛନ୍ତି। ହରିପଦ ଭାଇ (ସାହା), ପ୍ରଫୁଲ୍ଲ ପ୍ରଭୃତି ଅଛନ୍ତି।

ପ୍ରଫୁଲ୍ଲ—ମୋର ମା କହନ୍ତି, ଇଷ୍ଟକାମ ବଡ଼ ସୁନ୍ଦର କାମ, ଅବଶ୍ୟ ଯଦି ନିଜର ଟଙ୍କା ଥାଏ, ପେଟର ଚିନ୍ତା ନଥାଏ, କାହାପାଖରେ ହାତ ପାତିବାକୁ ନହୁଏ, ନିଜ ପକେଟରୁ ଇଷ୍ଟଙ୍କୁ ଓ ଅନ୍ୟଙ୍କୁ ଦେବାର ସୁବିଧା ଥାଏ।

ଶ୍ରୀଶ୍ରୀଠାକୁର—ସେପରି ଅବସ୍ଥା ଥିଲେ ଯେ ଭଲହେବ ତା ମନେହୁଏ ନାହିଁ। ଏଇ ଯେ daily effort (ନିତ୍ୟ ଚେଷ୍ଟା) କରିବାକୁ ହେଉଛି, ଏହାହିଁ ଭଲ, ଏହାଦ୍ୱାରା ମଣିଷ

କର୍ମତତ୍ପର ଥାଏ। ଅତନ୍ଦ୍ର ପ୍ରଚେଷ୍ଟା ଯଦି ନଥାଏ ତା ହେଲେ ମଣିଷ କ୍ଷୀଣ ହୋଇଯାଏ। ଏଇ ଯେ ଯୋଗାଡ଼ ଯନ୍ତ କରି ଚଳାଇ ନେବାକୁ ଚେଷ୍ଟା କରୁଛ, ଏହାଦ୍ୱାରା ତୁମର କର୍ମଶକ୍ତି ଅନେକ ପରିମାଣରେ ବୃଦ୍ଧି ପାଉଛି, ମଣିଷ ସହିତ ନାନାଭାବରେ ସକ୍ରିୟ ପ୍ରୀତି ଓ ସେବାର ସମ୍ପର୍କ ବଜାୟ ରଖି ଚଳିବାକୁ ହେଉଛି—ଏଥିରେ ତୁମରହିଁ କଲ୍ୟାଣ।

ଏହାପରେ ସତ୍ୟେନ ଭାଇ (ସାହିତ୍ୟଶାସ୍ତ୍ରୀ) ଆସିବାରୁ ଶ୍ରୀଶ୍ରୀଠାକୁର କହିଲେ—ମୁଁ ତାକୁ କହିଛି (ସତ୍ୟେନ ଭାଇକୁ)—ତୁ ଟଙ୍କା ଛୁଇଁବୁ ନାହିଁ, ଅଫିସରୁ ଯାହା ପଠାଇବା କଥା ସେମାନେ ପଠାଇଦେବେ, ଏବଂ ମୁଁ ଏକ ପଇସା ମଧ୍ୟ ଦେବି ନାହିଁ। ତାହା କହିବା ସତ୍ତ୍ୱେ ମଧ୍ୟ ପାଞ୍ଚଟଙ୍କା ସେଦିନ ନେଲା। ସେପରି କରିବା ଦ୍ୱାରା ଯେ ନିଜ ହାତରେ ବିଷ ଖାଇବା ପରି ହେଲା ତା ବୁଝିଲା ନାହିଁ।

ସତ୍ୟେନ ଭାଇ—ବିଭ୍ରାଟରେ ପଡ଼ିଗଲି।

ଶ୍ରୀଶ୍ରୀଠାକୁର—ଦି'ଦିନ ଉପାସ ରହିବା କିମ୍ବା ଛିଣ୍ଡାଜାମା ପିନ୍ଧିରହିବା ବା ଚିରା ବିଛଣାରେ ଶୋଇବା ଏଇ ଜାତୀୟ ଅଭାବ-ଅଭିଯୋଗ ଆଦୌ ବିଭ୍ରାଟଜନକ ନୁହେଁ। ମୁଁ ଏପରି ତାଗିଦ କରି କହିବା ସତ୍ତ୍ୱେ ମଧ୍ୟ ଏଇ ନେବାଟାହିଁ ହେଲା ବିଭ୍ରାଟ।

## ବୈଶାଖ ୧୩, ଶନିବାର, ୧୩୪୮ (ଇଂ ୨୬/୪/୪୧)

ଆଜି ଅପରାହ୍ଣରେ ଝଡ଼ ପରେ ଶ୍ରୀଶ୍ରୀଠାକୁର ବୁଲିବାକୁ ବାହାରିଛନ୍ତି, ସଙ୍ଗରେ କେଷ୍ଟ ଭାଇ (ଭଟ୍ଟାଚାର୍ଯ୍ୟ), ଉମା ଭାଇ (ବାଗଚୀ), ସତୀଶ ଭାଇ (ଦାସ) ପ୍ରମୁଖ ଅନେକେ ଅଛନ୍ତି। ଟିକିଏ ଅଗ୍ରସର ହୋଇ ଶ୍ରୀଶ୍ରୀଠାକୁର ଦେଖିଲେ—ବଡ଼ଦାଙ୍କ ଘର ପାଖରେ ଗୋଟାଏ ବେଲଗଛ ପଡ଼ିଯାଇଛି। ତାହା ଦେଖି ବ୍ୟଥିତ ହୋଇ କହିଲେ—ଏଇ ବେଲଗଛ ସଙ୍ଗେ ଅନେକ ସ୍ମୃତି ଜଡ଼ିତ ଅଛି। ଆଗେ ଦୁର୍ଗାପୂଜାର ଉଦ୍‌ବୋଧନ ହେଉଥିଲା ଏଇ ବେଲଗଛ ମୂଳରେ, ମୋର ଆଈ ଗଛଟାକୁ ପୋତିଥିଲେ।

କେଷ୍ଟ ଭାଇଙ୍କ ଆଡ଼େ ଚାହିଁ କରୁଣ ଭାବରେ କହିଲେ—ମୋର ମମତାକୁ ମୁଁ ପାରୁ ନାହିଁ। ମନେହୁଏ ଯେପରି ମୁଁ ସବୁ ଜିନିଷର ସଙ୍ଗେ ଜଡ଼ିତ ହୋଇ ରହିଛି। ଏତକ କହିଦେଇ ଥମ କରି ଛିଡ଼ା ହୋଇଗଲେ। ତାଙ୍କର ମୁଖମଣ୍ଡଳରେ ଗୋଟାଏ ତୀବ୍ର ଆର୍ତ୍ତି ଓ ବ୍ୟାକୁଳତାର ଭାବ ଫୁଟି ଉଠିଲା। ସେ ଦୃଶ୍ୟ ଦେଖି ସମସ୍ତେ ଅଭିଭୂତ ହୋଇ ପଡ଼ିଲେ।

## ଜ୍ୟୈଷ୍ଠ ୨୧, ବୁଧବାର, ୧୩୪୮ (ଇଂ ୪/୬/୪୧)

ଶ୍ରୀଶ୍ରୀଠାକୁର ଚୁନୀ ଭାଇ (ରାୟଚୌଧୁରୀ), ବୀରେନ୍ ଭାଇ (ମିତ୍ର) ପ୍ରମୁଖଙ୍କୁ କହିଲେ—ଆନାଟମି, ଫିଜିଓଲୋଜି, ଫିଜିକ୍ସ, କେମିଷ୍ଟ୍ରୀ, ବାଇଓଲୋଜି, ଜିଓଲୋଜି,



ଇକନମିକ୍ସ, ହିଷ୍ଟ୍ରି, ପଲିଟିକ୍ସ୍ , ଫିଲୋସଫି, ଶାସ୍ତ୍ରଗ୍ରନ୍ଥ—ଇତ୍ୟାଦି ପଢ଼ି ପକାଅ। ନିଜ ହାତରେ ନାନାରକମ କାମ କରିବାକୁ ଶିଖ। କୌଣସି ଦିଗରୁ ଯେପରି ଅଭାବ କିଛି ନରହେ। ତେବେ ଦେଖିବୁ ମଣିଷର କେତେ ଉପକାରରେ ଲାଗି ପାରିବୁ।

## ଆଷାଢ଼ ୬, ଶୁକ୍ରବାର, ୧୩୪୮ (ଇଂ ୨୦/୬/୪୧)

ସନ୍ଧ୍ୟାରେ ଶ୍ରୀଶ୍ରୀଠାକୁର ବନ୍ଧ ପାଖରେ ଚୌକିରେ ବସି ଆନନ୍ଦରେ ଗଳ୍ପ ଗୁଜବ କରୁଛନ୍ତି। ମା' ମାନଙ୍କୁ ରନ୍ଧା-ବଢ଼ା, ଖାଇବା-ପିଇବା ଓ ପିଲା-ଛୁଆଙ୍କୁ ମଣିଷ କରିବା ଇତ୍ୟାଦି ସମ୍ବନ୍ଧରେ ଗଳ୍ପଛଳରେ ନାନା କଥା କହିଲେ। ତାପରେ ରାଜେନ ଭାଇ (ମଜୁମଦାର), କିରଣ ଭାଇ (ମୁଖାର୍ଜୀ), ଚୁନୀ ଭାଇ (ରାୟଚୌଧୁରୀ), ବୀରେନ ଭାଇ (ମିତ୍ର) ପ୍ରମୁଖଙ୍କୁ କର୍ମୀର ଲକ୍ଷଣ ସମ୍ବନ୍ଧରେ କହିଲେ—କେବଳ qualification (ଗୁଣ) ଥିଲେ ହେବ ନାହିଁ, adjusted (ନିୟନ୍ତ୍ରିତ) କି ନା ଦେଖିବାକୁ ହେବ। ସାଶ୍ରୟୀ, ସୁନ୍ଦର, ଅର୍ଜନପଟୁ ଯଦି ନ ହୁଏ, ତେବେ ସେ underman (ଅପମାନବ)। ଆଉ, ଦେଖିବାକୁ ହେବ, ମଣିଷ principle (ଆଦର୍ଶ) ପାଇଁ ତା'ର ଯେ କୌଣସି ବୃତ୍ତିକୁ sacrifice (ତ୍ୟାଗ) କରି ପାରେ କି ନା, ଏବଂ ପାରିଲେବି ମାନସିକ କଷ୍ଟ ହୁଏ କି ନା। କେବଳ କଥା ଦେଖିଲେ ଚଳିବ ନାହିଁ, ଦେଖିବାକୁ ହେବ ଚରିତ୍ର—ବିଚରଣ, activity (କର୍ମ)। ରଦ୍ଧ ରଦ୍ଧକୁ ଚିହ୍ନେ, ଗଞ୍ଜାଖୋରକୁ କହିବାକୁ ହୁଏ ନାହିଁ କିଏ ଗଞ୍ଜାଖୋର—ଗଞ୍ଜେଇ ଖାଇବା habit (ଅଭ୍ୟାସ) ଯାହାର character (ଚରିତ୍ର)ରେ set (ବସା) କରି ନାହିଁ, ସେ କିନ୍ତୁ ପାରେ ନାହିଁ। ଗୋଟାଏ ଲୋକର ତମାଖୁ ସଜାଇବା ଦେଖି ଠିକ୍ ବୁଝାଯାଏ ସେ କିପରି ଲୋକ। ଅର୍ଜନଦକ୍ଷତା ଗୋଟିଏ ମସ୍ତବଡ଼ text (ପରୀକ୍ଷା), ଗଣ୍ଡିଧନ ଯେ ସେ ଦେଇ ପାରନ୍ତି, ସଂଗ୍ରହ କରି ଦେଲେ କିମ୍ବତ ବୁଝାଏ—କେତେ ସମୟ ମଧ୍ୟରେ ଦେଲା, କିପରି ଭାବରେ ଆଣିଲା, ଠକାଠକି କଲା କି ନାହିଁ, ଯେ ଦେଲା ସେ ଖୁସି ହୋଇ ଦେଲା କି ନାହିଁ—ଏଥିରେହିଁ ଯୋଗ୍ୟତା ଧରା ପଡ଼େ। ମଣିଷ ପାଖରୁ ଏପରି ଭାବରେ ନେବାକୁ ହେବ, ଯେପରି ସେ ଦେଇ ତୃପ୍ତିପାଏ—ମନଟା କିଣି ନେବାକୁ ହେବ। ମୁଁ ଯଦି କାହାଉପରେ ପ୍ରତିଶୋଧ ମଧ୍ୟ ନେବାକୁ ଚାହେଁ, ତେବେ ଭାବେ, କିପରି ଭାବରେ ତାକୁ ଜୟ କରିବାକୁ ହେବ। ମୋର ଜଣେ ଖେଳସାଥୀ ମୋ ପ୍ରତି ଅଯଥା ବିଦ୍ୱେଷପରାୟଣ ହୋଇ ଉଠିଥିଲା, ସେ ସର୍ବତ୍ର ମୋ ବିରୁଦ୍ଧରେ ନିନ୍ଦା କରୁଥିଲା, ସବୁ ଜାଣି ମଧ୍ୟ ପ୍ରତ୍ୟକ୍ଷ ଓ ପରୋକ୍ଷରେ ମୁଁ ତା'ର ପ୍ରଶଂସା କରୁଥିଲି, ତା ସହିତ ଦେଖା ହେଲେ ସଶ୍ରଦ୍ଧ ପ୍ରୀତିପୂର୍ଣ୍ଣ ବ୍ୟବହାର କରୁଥିଲି, ପ୍ରକୃତରେ ତା ପ୍ରତି ମୋର କୌଣସି ବିରୁଦ୍ଧଭାବ ନଥିଲା, କିନ୍ତୁ ମନେ ମନେ ମୋର ଜିଦି ଥିଲା, ଯେପରି ହେଉ ତାକୁ ଆପଣାର କରିବି ହିଁ କରିବି। ବାର ବର୍ଷ ଧରି ତାକୁ ଏଇପରି

ଭାବରେ pursue (ଅନୁସରଣ) କରିଥିଲି, ପରେ ସେ ନିଜେହିଁ ଅନୁତପ୍ତ ହୋଇ ଦିନେ ମୋ ପାଖରେ ଆସି କାନ୍ଦି ପକାଇଲା, କହିଲା—ଭାଇ! ତୁମେ ଯେ କେତେ ମହତ୍, ଆଉ ମୁଁ ଯେ କେତେ ହୀନ ତାହା ଏତେଦିନ ପରେ ବୁଝି ପାରିଛି। ତୁମେ ମୋତେ କ୍ଷମା କର। ମୁଁ ଆଉ ସେ ପୁରୁଣା କଥା ଆଲୋଚନା କରିବାକୁ ପ୍ରଶ୍ରୟ ମଧ୍ୟ ଦେଲି ନାହିଁ।

## ଆଷାଢ଼ ୨୩, ସୋମବାର, ୧୩୪୮ (ଇଂ ୭/୭/୪୧)

ଶ୍ରୀଶ୍ରୀଠାକୁର ସକାଳେ ବନ୍ଧ ପାଖରେ ତାମ୍ବୁରେ ବସିଛନ୍ତି। ଧୀରେନ୍ ଭାଇ (ଚକ୍ରବର୍ତ୍ତୀ) ଶ୍ରୀଶ୍ରୀଠାକୁରଙ୍କ ପାଖରେ ବସିଛନ୍ତି। ତାଙ୍କ ସାନ୍ନିଧ୍ୟ ପାଇ ମୁଖମଣ୍ଡଳରେ ଗଭୀର ସ୍ୱସ୍ତିର ଚିହ୍ନ ଫୁଟି ଉଠିଛି। ଶ୍ରୀଶ୍ରୀଠାକୁର କେତେଟା ଛଡ଼ା ପଢ଼ିବାକୁ କହିଲେ। ଗୋଟିଏ ଛଡ଼ା ପଢ଼ିଲା ପରେ ବୁଝାଇ କହିଲେ—ମନ ଖରାପ ହେଲେ ଚିନ୍ତାର କୌଣସି କାରଣ ନାହିଁ, ମନ ଯେଉଁଆଡ଼େ ଥାଉ ନା କାହିଁକି, କଥା ଓ କର୍ମର ନିୟନ୍ତ୍ରଣ ସଙ୍ଗେ ସଙ୍ଗେ ମନର ଅବସ୍ଥା ବଦଳିଯିବାକୁ ବାଧ୍ୟ, ଏକ ନିମିଷରେ ଏହା ସମ୍ଭବ, ଏହାତ ଆମ ହାତର କଥା। ତା'ପରେ ଆଉ ଏକ 'ଛଡ଼ା' ପଢ଼ାହେଲା—

''କାମ-ଆବେଶେ ସ୍ତ୍ରୀ-ପୁରୁଷେ
ଯେପରି କରନ୍ତି ଉପଭୋଗ,
ଇଷ୍ଟ କାମରେ ବାସ୍ତବଭାବେ
ସେପରି ହେଲେ ହୁଅଇ ଯୋଗ।''

ପଢ଼ାହେଲା ପରେ ଶ୍ରୀଶ୍ରୀଠାକୁର କହିଲେ—ଇଷ୍ଟକାମ କରିବାକୁ ଯାଇଁ ଯଦି କଷ୍ଟବୋଧ ହୁଏ, ବୁଝିବାକୁ ହେବ କୌଣସି passion (ପ୍ରବୃତ୍ତି) unwilling (ଅନିଚ୍ଛୁକ) ଅଛି, uninterested (ଅନନ୍ୱିତ) ଅଛି—ପ୍ରକୃତ ଯୋଗ ହୋଇନାହିଁ; ଏହା ପ୍ରକୃତରେ କାମର ନିଶାପରି ଲାଗେ, କାମଚକ୍ଷୁ ସୃଷ୍ଟିହୁଏ। ଇଞ୍ଜିନଟା, ଗୋଟାଏ ବିଶିଷ୍ଟ ସ୍ଥାନରେ ଥିବା ଗଛ ଇତ୍ୟାଦି ଓ ଚତୁର୍ଦ୍ଦିଗରେ ସମସ୍ତ ଜିନିଷକୁ ଲୋଲୁପ ଦୃଷ୍ଟିରେ ଉପଭୋଗ କରୁଥିଲି। ମା ଚାଲିଗଲା ପରେ ସବୁ ଯେପରି ଝମ୍ କରି ସ୍ତିମିତ ହୋଇଗଲା। ଆଗେ ଯେ କେତେ ଭଲ ଲାଗୁଥିଲା, ଏବେ ଆନନ୍ଦରେ ଥାଇ ସୁଦ୍ଧା ମା'ର ବ୍ୟଥାକୁ ଭୁଲି ପାରୁନାହିଁ। ଜୀବନରେ ଜଣେ ବୈଷ୍ଣବୀ ଓ ଜଣେ ସାଧୁଙ୍କୁ ଦେଖିଛି, ଏପରି ଆଉ କେବେ ଦେଖି ନାହିଁ। ବୈଷ୍ଣବୀ ମୋତେ 'ସେ' 'ସେ' କହୁଥିଲା, ଅତ୍ୟନ୍ତ ଆଦର କରୁଥିଲା, ମଝିରେ ମଝିରେ ଭାବାବେଶ ହେଉଥିଲା ତା'ର, ଯାତ୍ରା-ଥିଏଟରର ଅଭିନୟ ପରି ନୁହେଁ, ଏକାବେଳକେ ସହଜ, ସୁନ୍ଦର, ସ୍ୱାଭାବିକ। ଭକ୍ତି, ବିରହ, ବ୍ୟାକୁଳତାର ଏକ ଅନୁପମ ଅଭିବ୍ୟକ୍ତି ଦେଖିଛି ତା ଭିତରେ। ସେ ମୌଖିକ ଉପଦେଶ କାହାକୁ କିଛି ଦେଉ ନଥିଲା, କିନ୍ତୁ ତା'ର ଜୀବନ-ଯାତ୍ରାଟାହିଁ



ଥିଲା ଉପଦେଶ। ଲୋକ ସମକ୍ଷରେ ପ୍ରକାଶ୍ୟରେ ଗଛତଳରେ ସେ ଏପରି ଭାବରେ ଆତ୍ମବିଶ୍ଲେଷଣ କରୁଥିଲା ଯେ, ତାଠାରୁ ଅନେକ କିଛି ଶିକ୍ଷାଲାଭ କରାଯାଉଥିଲା। ସେ ଯେତେବେଳେ କାନ୍ଦୁଥିଲା, ଶହେ ଲୋକ କାନ୍ଦି ପକାଉଥିଲେ, ସେ ହସିଲେ ସମସ୍ତେ ହସୁଥିଲେ, ସେ ଛୁଟିଲେ ତା ପଛରେ ଅନେକ ଲୋକ ଛୁଟି ଯାଉଥିଲେ, ହୁଏତ କିଛିବାଟ ଦୌଡ଼ି ଯାଇ ଗୋଟାଏ ଗଛକୁ ଧରି ଲୁଚକାଳି ଖେଳୁଥିଲା, ସତେ ଯେପରି ଯାହାକୁ ସେ ଖୋଜୁଥିଲା ତାକୁ ଦେଖି ପକାଇଛି, ମୁଖମଣ୍ଡଳରେ କିପରି ଏକ ଚକିତ ଆଗ୍ରହ-ଆବେଗ। କେଉଁଦିନ ଯଦି ମୁଁ ଖାଇବା ଆଗରୁ ସେ ଖାଇବସେ ଏବଂ ଜାଣିପାରେ ମୁଁ ଖାଇ ନାହିଁ ତେବେ ସଙ୍ଗେ ସଙ୍ଗେ ଉଠି ପଡୁଥିଲା। ସାଧୁଟି ମୋତେ କିଛି ନଖୁଆଇ ନିଜେ ଖାଉ ନଥିଲା କି କାହାକୁ ଖାଇବାକୁ ଦେଉ ନଥିଲା। ଲୋକେ ତାକୁ ପଇସା ଦେଲେ, ନିଜର ପ୍ରୟୋଜନ ମାପିକ ପଇସାଏ ଦିପଇସା ନେଇ ବାକୀସବୁ ପକାଇ ଦେଇ ଯାଉଥିଲା, ପରେ ପିଲାମାନେ ତାହା ଗୋଟାଇ ନେଉଥିଲେ। ଗଲାଦିନ ଏପରିଭାବରେ ମୋତେ ଚାହିଁ ଦେଇଗଲା, ମୋର ହୃଦୟଟା ଯେପରି ଦ୍ରବୀଭୂତ ହୋଇଗଲା, କହିଲା—ହେ ପିଲା ! ପୁଣି ଦେଖା ହେବ।

## କାର୍ତ୍ତିକ ୨୫, ସୋମବାର, ୧୩୪୮ (ଇଂ ୧୦/୧୧/୪୧)

ଶ୍ରୀଶ୍ରୀଠାକୁର ପଦ୍ମାର ବନ୍ଧ ପାଖରେ ମୋଡ଼ିଆ ଉପରେ ବସିଛନ୍ତି। ସମୟ ପ୍ରାୟ ନ'ଟା ହେବ। ପାଖରେ ଅନେକେ ଅଛନ୍ତି।

ପ୍ରଫୁଲ୍ଲ—ଶୁଣୁଛୁ, ଆପଣ ବାହାରକୁ ଚାଲିଯିବେ, ସମସ୍ତେ ସେଥିପାଇଁ ଚିନ୍ତିତ।

ଶ୍ରୀଶ୍ରୀଠାକୁର—ଯାଇପାରେ, ବଙ୍କିମ ସବୁ ଠିକ୍ ଠାକ୍ କଲେ ହେଲା।

ପ୍ରଫୁଲ୍ଲ—ଆପଣଙ୍କର କଣ ଏ ସ୍ଥାନ ଛାଡ଼ିଦେଇ ଚାଲିଯିବାକୁ ଇଚ୍ଛାହୁଏ ?

ଶ୍ରୀଶ୍ରୀଠାକୁର—ଚତୁର୍ଦ୍ଦିଗରେ ଯେପରି ଲୋକଙ୍କୁ ସବୁ ଦେଖୁଛି, ଯାହାସବୁ ଶୁଣୁଛି, ମନେହୁଏ ଅନ୍ୟତ୍ର ଚାଲିଗଲେ ଭଲ, ନଚେତ୍ ଇଚ୍ଛା ହୁଏନାହିଁ ଯିବାକୁ।

ପ୍ରଫୁଲ୍ଲ—ଆପଣ ଯେଉଁଠାକୁ ଯା'ନ୍ତୁ ନା, ଲୋକ ଗହଳି ତ ହେବ, ଲୋକଙ୍କୁ ଛାଡ଼ି ଆପଣ ଯିବେ କୁଆଡ଼େ ?

ଶ୍ରୀଶ୍ରୀଠାକୁର—ତେବେ ମନେହୁଏ ସାନ୍ତାଳମାନେ ବୋଧହୁଏ ଅପେକ୍ଷାକୃତ normal (ସହଜ), ସେମାନଙ୍କ ସହିତ ରହିବି। ବଙ୍ଗଳାର ଯାହା ଅବସ୍ଥା ଅକ୍ଲାନ୍ତ ପରିଶ୍ରମ ଦରକାର। ତିନିଶହ whole time worker (ନିୟତ କର୍ମୀ) ଓ ଚାରିଟା touring batch (ଭ୍ରାମ୍ୟମାଣ ଦଳ) ଯଦି ଦୀର୍ଘ ଦିନଧରି ଖଟନ୍ତି, ତେବେ integrated (ଯୁକ୍ତ) ହୋଇ ପାରନ୍ତି, consolidation (ସଂହତି) ତ ପରର କଥା। ***

ଅପରାହ୍ନରେ ଶ୍ରୀଶ୍ରୀଠାକୁର ବୁଲିବାକୁ ବାହାରିଲେ, ସଙ୍ଗରେ କେଷ୍ଟ ଭାଇ,

(ଭଟ୍ଟାଚାର୍ଯ୍ୟ) ବିମଳ ଭାଇ (ମୁଖୋପାଧ୍ୟାୟ) ପ୍ରଭୃତି। ଶ୍ରୀଶ୍ରୀଠାକୁର କହିବାକୁ ଲାଗିଲେ—ଆଶ୍ରମର ଚେହେରା ଏପରି କରିଦେବାକୁ ହେବ ଯେପରି ଲୋକ ତାହା ଦେଖିଶୁଣି charmed (ମୁଗ୍ଧ) ହୋଇଯିବ। ଏପରିଭାବରେ ମୁଗ୍ଧ ହୋଇଯିବ ଯେ ପାଟିରୁ କଥା ବାହାରିବ ନାହିଁ। ଏବଂ ଆପଣମାନେ ତା ପାରିବେ କାରଣ ଆପଣମାନଙ୍କର ଅନେକ ସାଧନା ଅଛି।

ବିମଳ ଭାଇ—ଆମେ ଆମ way (ବାଟ)ରେ ସବୁପାରୁ, କିନ୍ତୁ ଅନ୍ୟର way (ବାଟ) ରେ ଚାଲିଲେ ମୁସ୍କିଲ।

ଶ୍ରୀଶ୍ରୀଠାକୁର—ହଁ, ଆପଣମାନଙ୍କ way (ରାସ୍ତା) ରେ ହିଁ ତ ହେବ। ତେବେ with every solution of all other ways (ଅନ୍ୟ ସମସ୍ତଙ୍କର ପନ୍ଥାର ସମାଧାନ ସହିତ), ସେହି solution (ସମାଧାନ) ଦେବାକୁ ଯାଇଁ ଆପଣମାନଙ୍କର ସତ୍‌ସଙ୍ଗ ଆନ୍ଦୋଳନର ସୃଷ୍ଟି—ତେଣୁ ତାହା ଆପଣମାନଙ୍କର ଜନ୍ମଗତ ଅଧିକାର। ଚୋର ହେଉ, ବଦମାସ ହେଉ, ପାଜୀ ହେଉ, ଜୁଆଚୋର ହେଉ, କିଛି ଯାଏ ଆସେ ନାହିଁ, ଯଦି ଏସବୁ ଭିତର ଦେଇ 'ମୋର' interest (ସ୍ୱାର୍ଥ) fulfil (ପରିପୂରଣ) କରେ—ଏକମାତ୍ର fascination (ଆକର୍ଷଣ) ହୋଇଉଠେ 'ମୁଁ'। ସେତେବେଳେ ଆପଣ ଓ ମୋ ଭିତରେ barrier (ଅନ୍ତରାଳ) କିଛି ନଥିବ, ମୁଁ ଏଠାରେ, ଆପଣ ଦିଲ୍ଲୀରେ ଥାଇ ମଧ୍ୟ ଯେଉଁ କଥା କହିବେ ସେ ମୋରି କଥା ଯଦିଓ ଭାଷା ଅଲଗା ହୋଇପାରେ। ବିଷୟ ତ ଖୁବ୍ ସାମାନ୍ୟ—ଶାସ୍ତ୍ର-ଫାସ୍ତ୍ର ଯେଉଁଠି ଯାହା କୁହାଯାଇଛି, ଦୁନିଆଁରେ ଯେଉଁଠି ମଣିଷ ବଡ଼ ହୋଇଛି, ଫେଣା-ଫେଣି କରି ଯେତେକଥା କୁହା ଯାଉନା କାହିଁକି ସେ ସବୁ ଏଇ ସ୍ୱସ୍ତ୍ୟୟନୀର ୫ଟି principle (ନୀତି) ମଧ୍ୟରେ ରହିଛି। ଅର୍ଥାତ୍ (୧) ଶ୍ରୀବିଗ୍ରହର ମନ୍ଦିର ଭାବି ଶରୀରକୁ ସୁସ୍ଥ ଓ ସହନପଟୁ କରି ରଖିବାକୁ ହେବ। (୨) ସଚ୍ଚିନ୍ତାଗୁଡ଼ିକୁ ବିହିତ କ୍ରମରେ କାର୍ଯ୍ୟକାରୀ କରିବାକୁ ହେବ। (୩) ପ୍ରବୃତ୍ତିର ଝୁଙ୍କକୁ ଇଷ୍ଟସ୍ୱାର୍ଥପ୍ରତିଷ୍ଠା ଦିଗରେ ମୋଡ଼ ଘୁରାଇ ଦେବାକୁ ହେବ। (୪) ପଡ଼ା-ପଡ଼ୋଶୀଙ୍କ ବଞ୍ଚିବା-ବଢ଼ିବାକୁ ନିଜର ସ୍ୱାର୍ଥ ବୋଲି ଭାବି ଯାଜନ-ସେବାରେ ସେମାନଙ୍କୁ ପୁଷ୍ଟ କରି ତୋଳିବାକୁ ହେବ। (୫) ନିଜର ଅର୍ଜନଦକ୍ଷତାକୁ ବୃଦ୍ଧିକରି ନିତ୍ୟ ଯଥାଶକ୍ତି ଇଷ୍ଟାର୍ଘ୍ୟ ନିବେଦନ କରି ଚଳିବାକୁ ହେବ। ଏ ସମ୍ବନ୍ଧରେ ଅନ୍ୟାନ୍ୟ କରଣୀୟ ତ ଆପଣମାନଙ୍କୁ ଜଣା ଅଛି। ମନୁସଂହିତାରେ ଅଛି—'ଇଦଂ ସ୍ୱସ୍ତ୍ୟୟନଂ' ବୋଲି। ଗୀତାରେ ଅଛି—'ମନ୍ମନା ଭବ ମଦ୍‌ଭକ୍ତ ମଦ୍‌ଯାଜୀ ମାଂ ନମସ୍କୁରୁ—ମାମେବୈଷ୍ୟସି ସତ୍ୟଂ ତେ ପ୍ରତିଜାନେ ପ୍ରିୟୋଽସି ମେ।' ଏହି ନୀତି କେତୋଟି ଅଭ୍ୟାସରେ ଗୁନ୍ଥି ପକାଇଲେ ଆଉ ପାରିବ କିଏ ? ପଦ୍ମପାଦ ପରି ପ୍ରତି ପଦକ୍ଷେପରେ ପଦ୍ମଫୁଲ ଫୁଟୁଥିବ—ଦେଖି ଦେଖି ପିଲାଛୁଆ ଶିଖିବେ।

କଥା ପ୍ରସଙ୍ଗରେ କହିଲେ—ଗୋଟାଏ ଗୋଟାଏ ମଣିଷକୁ ସମର୍ଥ କରିତୋଳିବା



ପାଇଁ ଅନେକ ଖଟିବାକୁ ହୁଏ। ଜଣକୁ ଖାଇବାକୁ ଦେବା ଯଥେଷ୍ଟ ନୁହେଁ, ଧର୍ମଦାନ ହେଉଛି ଶ୍ରେଷ୍ଠ ଦାନ ; ତାକୁ ଏପରି କରି ତୋଳିବାକୁ ହେବ ଯେପରି ସେ ନିଜେ ଖାଇବାକୁ ପାଏ ଏବଂ ଆଉ ଦଶଜଣଙ୍କୁ ଖୁଆଇବାକୁ ସମର୍ଥ ହୁଏ। ଧର ତାକୁ ୨ ଟଙ୍କା ଦେଲ—ସେ କୋବି କିଣି ବଜାରରେ ବିକ୍ରିକଲା, ବିକ୍ରି କରି ସବୁ ଆଣି ତୁମକୁ ଦେଲା, ଧର ଲାଭ ହେଲା ଆଠଣା, ତୁମେ ସେଥିରୁ ଚାରିଅଣା ରଖି ଦେଲ ଲାଭାଂଶ ସ୍ୱରୂପ, ଅବଶିଷ୍ଟ ଲାଭାଂଶ ସେ ସଂସାର ପାଇଁ ଖର୍ଚ୍ଚ କଲା,—ଏହିପରି ଭାବରେ କେତେଦିନ ପରେ ଦୁଇଟଙ୍କା ଜମିଲା, ଚାରିଟଙ୍କାରେ ବ୍ୟବସାୟ ଚାଲିଲା—ଏହିପରି ଭାବରେ ବଢ଼ିବାକୁ ଲାଗିଲା। କିଛିଦିନ ପରେ ତା ହାତରେ ଏକଟଙ୍କା ଦେଇ ଛାଡ଼ିଦେଇ ଦେଖିବାକୁ ହେବ—ସେ ଫେରସ୍ତ ଦେଉଛି କି ନାହିଁ। ସେତେବେଳେ ବୁଝାଯାଏ ମଣିଷଟି କିପରି। ସବୁବେଳେ ପଛେ ପଛେ ରହିବା ଦରକାର। ଯଦି ଫାଙ୍କି ଦିଏ—ତାର ପେଟ ତ ଅଛି, ଭୋକ ତ ଅଛି, ସେଇ ଜ୍ୱାଳାରେ ଅଭାବରେ ପଡ଼ି ଦିନେ ପୁଣି ନିଶ୍ଚୟ ଆସି ହାଜର ହେବ, ସେତେବେଳେ ତାକୁ ବୁଝାଇ ଦେବାକୁ ହେବ—କରି ପାଇବାଟା କେତେ ସହଜ ଓ ସ୍ୱାଭାବିକ, ସେ ଯାହା କରିଛି ତାଠାରୁ ମଧ୍ୟ ସୁବିଧାଜନକ। ପ୍ରାପ୍ତି କରାଇ ଦେଇ ପ୍ରାପ୍ତିର ପଥ ଧରାଇ ଦେବାକୁ ହେବ। ନ କଲେ ତ ବୁଝି ପାରେ ନାହିଁ। ଏତେ କରି ଯାହାର କିଛି ନ ହୁଏ ବୁଝିବାକୁ ହେବ ଜନ୍ମଗତ ଦୁର୍ବଳତା ଅଛି। ଅନେକ ଲୋକ ହୁଏତ ବରବାଦ ହୋଇଯିବେ।

ରାସ୍ତାରେ ଯାହା ସଙ୍ଗେ ଦେଖାହେଲା, ଶ୍ରୀଶ୍ରୀଠାକୁର ତା ପାଖରୁ ନାନା ଖବର ନେଲେ। କଥା କହୁ କହୁ କାଶୀପୁର ରାସ୍ତାରେ ଚାଲିବାକୁ ଲାଗିଲେ।

ପ୍ରଫୁଲ୍ଲ—ଅନ୍ତତଃ ପେଟପୋଷିବା ପାଇଁ ତ ମଣିଷକୁ କେତେକ ନୀତି ମାନି ଚଳିବାକୁ ହେବ—କିନ୍ତୁ କେତେ ଲୋକ ଅଛନ୍ତି ସେମାନେ ଆଜୀବନ ଧପ୍‌ପାବାଜୀ କରି କଟାନ୍ତି।

ଶ୍ରୀଶ୍ରୀଠାକୁର—ପାରିପାର୍ଶ୍ୱିକ ସେମାନଙ୍କୁ ଉଚିତ ଶିକ୍ଷା ଦେଇଥାଏ, ଫାଙ୍କି ମାରିବାର ପଥ ମଧ୍ୟ ରୁଦ୍ଧ ହୋଇ ଆସେ, ଭିତରେ weakness (ଦୁର୍ବଳତା) ଯୋଗୁଁ ଭୟ ଥାଏ।

ମୋର ଇଚ୍ଛାଥିଲା ତପୋବନରେ practical (ବାସ୍ତବ) କାମକୁ ଭିତ୍ତିକରି ଶିକ୍ଷା ଦିଆଯିବ। ହୁଏତ କୃଷିକାର୍ଯ୍ୟ ହେଲା, ସେଇ ସମ୍ପର୍କୀୟ ଯାହା ଯାହା ଶିକ୍ଷାହେଲା, theory (ତତ୍ତ୍ୱ) ବିଷୟରୁ ବିଷୟାନ୍ତରକୁ ନେଇ ଯିବ, ଗୋଟାଏ ସହିତ ଆଉ ଗୋଟାକର ସମ୍ପର୍କ ଦେଖାଇବ, ତେବେ ଏହି practice (ବାସ୍ତବ ଶିକ୍ଷା) କୁ ଭିତ୍ତି କରିହିଁ ଅଗ୍ରସର ହେବାକୁ ହେବ। ଆରମ୍ଭ କରାଯାଇଥିଲା ସେଇପରି—ଏବଂ ଯେତେ ଟିକିଏ ହୋଇଥିଲା ତାହା ଥିଲା ବାସ୍ତବ।

ପ୍ରଫୁଲ୍ଲ—କିନ୍ତୁ disappear କଲା (ନଷ୍ଟ ହୋଇଗଲା) କାହିଁକି ?

ଶ୍ରୀଶ୍ରୀଠାକୁର—ହାତକୁ ସୁସ୍ଥ ରହିବାକୁ ହେଲେ ମୁହଁବାଟେ ଖାଇବାକୁ ହେବ। ପାଟିକୁ ଖାଦ୍ୟ ନେବା ବନ୍ଦ କରିଦେଇ ଯଦି କେବଳ ହାତରେ ତେଲ ମାଲିସ କରାଯାଏ, ହାତ

ମଧ୍ୟ ସୁସ୍ଥ ରହିବ ନାହିଁ। ଗୋଟାଏ ଶରୀରର vital current off (ଜୀବନୀଶକ୍ତି ଅପକୃତ) ହୋଇଗଲେ ତାକୁ କୁହାଯାଏ ମୃତଦେହ—ଦେହ ଅଛି କିନ୍ତୁ ଜୀବନ ନାହିଁ। Ideal (ଆଦର୍ଶ) ହେଲେ ସେଇ life (ଜୀବନ) ଯାହାଙ୍କ ଉପରେ ସବୁ ଗଢ଼ିଉଠିଛି, ତାଙ୍କ ଛଡ଼ା ଅନ୍ୟ କିଛି prominent (ପ୍ରଧାନ) ହେଲେ ଏହିପରି ହୋଇଥାଏ। ଏବଂ କର୍ମୀ ସବୁ ଯିଏ ଥିଲେ ସେମାନେ ଅନ୍ୟର ଚାପରେ ousted (ଉଚ୍ଛେଦ) ହେବାକୁ ଲାଗିଲେ। ସେଥିରେ କମ୍ କ୍ଷତି ହୋଇନାହିଁ।

ପ୍ରଫୁଲ୍ଲ—ସେ ousted (ଉଚ୍ଛେଦ) ହୋଇଗଲେ, ତାଙ୍କରହିଁ ତ disqualification (ଅଯୋଗ୍ୟତା)।

ଶ୍ରୀଶ୍ରୀଠାକୁର—ତଥାପି ତ ସେମାନେ ନିଜର ସ୍ୱତନ୍ତ୍ର ସତ୍ତା ବଜାୟ ରଖିଛନ୍ତି—body cell (ଦେହ କୋଷ) ଆଉ ତ bacteria (ବୀଜାଣୁ) ହୋଇ ଯାଇ ନାହିଁ।

ପ୍ରଫୁଲ୍ଲ—India (ଭାରତ) ର ଅନ୍ୟାନ୍ୟ province (ପ୍ରଦେଶ) ତୁଳନାରେ ବଙ୍ଗଳାର degeneration (ଅବନତି) କ'ଣ ସବୁଠାରୁ ବେଶି ହୋଇଛି ?

ଶ୍ରୀଶ୍ରୀଠାକୁର—ବଙ୍ଗଳାରେ ଅଛୁ, ତେଣୁ ବଙ୍ଗଳାଟାକୁ ଆମେ ଦେଖୁଛୁ—ଏବଂ degeneration (ଅବନତି) ମାନେ, ଏମାନେ disintegrated (ବିଚ୍ଛିନ୍ନ), ଏମାନଙ୍କର ideal or principle (ଆଦର୍ଶ ଓ ନୀତି) ବୋଲି କିଛି ନାହିଁ, ego (ଅହଂ) ହିଁ ସବୁ। Integration ଓ consolidation (ଆଦର୍ଶନିଷ୍ଠା ଓ ସଂହତି) ଆଣି ପାରିଲେହିଁ ହେଲା, ଆଉ ସବୁ ତ ଅଛି।

ଅନ୍ୟାନ୍ୟ କଥା ଉଠିଲା। କଥା ପ୍ରସଙ୍ଗରେ ଶ୍ରୀଶ୍ରୀଠାକୁର କହିଲେ—ନିଜେ ଆଚରଣ ନ କରି ପିଲାଛୁଆଙ୍କୁ ଉପଦେଶ ଦେବାପରି ଦୁର୍ବୁଦ୍ଧି ଆଉ ନାହିଁ। ମା ହୁଏତ ପିଲା ସାମନାରେ ବାପକୁ ଅସମ୍ମାନସୂଚକ କଥା କହୁଛି, ବାପ ମା'କୁ ମାରୁଛି,—ସେଠାରେ ପିଲା ଯେ ଖରାପ ହେବେ, ଏଥିରେ ସନ୍ଦେହ ନାହିଁ। ବାପ ପୁଅକୁ କହୁଛି ସତ୍ୟ କହିବାକୁ, କିନ୍ତୁ ନିଜେ ସ୍ତ୍ରୀ ପାଖରେ ମିଥ୍ୟା କହୁଛି, ପୁଅ ଏହା ସହିତ adjust (ଖାପ ଖୁଆଇ) କରି ପାରେ ନାହିଁ, ମସ୍ତିଷ୍କରେ ଗୋଟାଏ fissure (ଫାଟ) ପଡ଼ିଯାଏ। ତୁମ ପିଲାଛୁଆଙ୍କୁ ଦେଖି ବୁଝାଯିବ ତୁମେ କିପରି ଲୋକ। ପିଲାଛୁଆ ତୁମର defect ଓ merit (ଦୋଷ ଓ ଗୁଣ) ସବୁ ଗ୍ରହଣ କରନ୍ତି। Sexual intercourse (ଯୌନ-ମିଳନ) ହୁଏତ କରିବାକୁ ଚାହୁଁଛ—କିନ୍ତୁ ଅନିୟନ୍ତ୍ରିତଭାବରେ ହେଲେ ତା'ର risk (ବିପଦ) ଯେ କେତେ, କେବେ ଚିନ୍ତା କରିଛ ? ତୁମର ସନ୍ତାନ ହୁଏତ like a street dog (ରାସ୍ତାର କୁକୁର ପରି) ଘୁରିବ, ସେ କିନ୍ତୁ ତୁମ ଛଡ଼ା ଆଉ କେହି ନୁହଁ, ତୁମେ କ'ଣ ତୁମର ଏହି ପରିଣତି ଚାହଁ ? ନିଜେ ଆଚରଣ ସିଦ୍ଧ ହେବା ଛଡ଼ା ମଣିଷକୁ ଭଲ କରିବାର ଅନ୍ୟ ପଥ ନାହିଁ—ଶାଶୁ ଯଦି ବୋହୂକୁ ମଣିଷ କରିବାକୁ ଚାହେଁ, ତାକୁ ନିଜେ ପ୍ରଥମେ ହେବାକୁ ହେବ। ମା ହେବା ପୂର୍ବରୁ କୌଣସି



ଝିଅ ଯଦି ସ୍ୱାମୀ, ଶାଶୁ, ଶ୍ୱଶୁର, ଦେବର, ନଣନ୍ଦ, ଜା ଇତ୍ୟାଦିଙ୍କୁ ଲକ୍ଷ୍ୟ କରି ପ୍ରୟୋଜନ ବୁଝି, ତଦନୁପାତିକ କଥାବାର୍ତ୍ତା, ସେବା ବ୍ୟବହାର କରେ ତେବେ ଆସ୍ତେ ଆସ୍ତେ ତା'ର ଏପରି intuition develop (ଅନ୍ତର୍ଦୃଷ୍ଟି ବିକାଶ) କରିବ ଯେ ସେ ଛୋଟ ଶିଶୁର nurture (ପୋଷଣ) ଯେତେବେଳେ ଯେପରି ପ୍ରୟୋଜନ ଦେଇ ପାରିବ। ଅନ୍ଦାଜ କରୁ କରୁ intuition (ଅନ୍ତର୍ଦୃଷ୍ଟି) grow କରେ (ଗଜାଏ)। ସେତେବେଳେ ଗୋଟାଏ ଲୋକକୁ ଦେଖିଲା ମାତ୍ରେ ବୁଝି ପାରିବ ଯେ ହୁଏତ ସେ ଅକର୍ମ କରି ଆସିଛି। ସେତେବେଳେ ତାହାକୁ କେଉଁକଥା, କେଉଁ ସମୟରେ କିପରି ଭାବରେ କହିଲେ କି effect (ଫଳ) ହେବ ଏବଂ ସେ effect (ପ୍ରଭାବ) କେତେ ସମୟ ରହିବ, ସବୁ ବୁଝାଯାଏ।

## କାର୍ତ୍ତିକ ୨୭, ବୁଧବାର, ୧୩୪୮ (ଇଂ ୧୨/୧୧/୪୧)

ସ୍ନିଗ୍ଧ-ଶାନ୍ତ, ଉଜ୍ଜ୍ୱଳ ହେମନ୍ତର ପ୍ରଭାବ। ଅଳ୍ପ ଅଳ୍ପ ଶୀତ ପଡ଼ିଆସୁଛି, ବେଶ୍ ଖରା ପଡ଼ିଲାଣି—ଖରା ଖୁବ୍ ଭଲ ଲାଗୁଛି। ସମୟ ପ୍ରାୟ ନ'ଟା ହେବ, ଶ୍ରୀଶ୍ରୀଠାକୁର ପ୍ରସନ୍ନ ଚିତ୍ତରେ ତାମ୍ବୁରେ ବସିଛନ୍ତି। ପାଖରେ ଯେଉଁମାନେ ଅଛନ୍ତି, ସ୍ନେହପୂର୍ଣ୍ଣ ଭାବରେ ସେମାନଙ୍କ ସହିତ ଆଳାପ ଆଲୋଚନା କରୁଛନ୍ତି, ଖୋଜ ଖବର ନେଉଛନ୍ତି। ଜଣକ ଘରେ ମ୍ୟାଲେରିଆ ଜ୍ୱରର ସମ୍ବାଦ ପାଇ ଶ୍ରୀଶ୍ରୀଠାକୁର ବ୍ୟସ୍ତ-ସମସ୍ତ ହୋଇ ତତ୍‌କ୍ଷଣାତ୍ ପ୍ୟାରୀଭାଇଙ୍କୁ ସେଠାକୁ ପଠାଇ ଦେଇ, କହିଲେ—ଭଲକରି ଦେଖିଶୁଣି ଦରକାର ହେଲେ ଇଞ୍ଜେକ୍‌ସନ ଦେଇଦିଅ, ଟଙ୍କା ଦରକାର ହେଲେ ମୋତେ କହିବ, ଏବଂ ଚାରିଆଡ଼େ ଯେପରି ମ୍ୟାଲେରିଆ ହେଉଛି, ସେଥିପାଇଁ ବେଶ୍ କିଛି ଭଲ କୁଇନାଇନ ଓ ଯାଟେବ୍ରିନ ଯୋଗାଡ଼ କରିବା ଦରକାର, ଏକ୍ଷଣି ଘୁରିଆସ, ଦେଖେ କ'ଣ କରାଯାଇ ପାରିବ।

ଯେଉଁମାନେ ଉପସ୍ଥିତ ଥିଲେ, ଶ୍ରୀଶ୍ରୀଠାକୁର ସେମାନଙ୍କୁ ପଇ-ପଇ କରି କହିଦେଲେ ଠିକ୍ ରୂପେ ମଶାରି ଟାଙ୍ଗିବାକୁ, ମଶାରିକୁ ବିଛଣା ତଳେ ଭଲଭାବରେ ଗୁଞ୍ଜି ଦେବାକୁ, ଯେପରି ମଶା ପଶି ନପାରନ୍ତି। ମଶାରି ପକାଇବା ସମୟରେ ସାବଧାନରେ ପକାଇବାକୁ, ସପ୍ତାହରେ ଗୋଟିଏ ଅଧେ କୁଇନାଇନ ଖାଇବାକୁ, ଏବଂ ଘରର ଚାରିପାଖ ପରିଷ୍କାର ପରିଚ୍ଛନ୍ନ ରଖିବାକୁ ଏବଂ ଅନ୍ୟମାନଙ୍କୁ ମଧ୍ୟ ଏହିପରି କରାଇବାକୁ।

ଏହାପରେ ପ୍ରଫୁଲ୍ଲ ଜିଜ୍ଞାସା କଲା—କର୍ମହୀନ ସଚ୍ଚିନ୍ତା ନର୍କଗାମୀ କରେ କାହିଁକି ? ସଚ୍ଚିନ୍ତା ଟିକକର ତ ଲାଭ ଅଛି ?

ଶ୍ରୀଶ୍ରୀଠାକୁର—ନରକ ମାନେ କ'ଣ ତା ଜାଣିଛୁ ତ ?

ପ୍ରଫୁଲ୍ଲ—'ବୁଦ୍ଧିରେ ଯା ହାନି ଆଣେ, ଟାଣି ନିଏ ତା ନରକ ଆଡ଼େ'।

ଶ୍ରୀଶ୍ରୀଠାକୁର—ହଁ, ସେପରି କରିବା ଦ୍ୱାରା ସଚ୍ଚିନ୍ତାର ଗୋଟାଏ ବିଳାସ ମଣିଷକୁ

ଗ୍ରାସ କରିବସେ, ଯାହା ଜୀବନର କୌଣସି କାମରେ ଲାଗେ ନାହିଁ, ଏବଂ ତାହାହିଁ ନରକ।

ପ୍ରଫୁଲ୍ଲ—ମୁଣ୍ଡରେ ଠିକ୍ ପଶୁନାହିଁ, ତାହା ନରକ କାହିଁକି ?

ଶ୍ରୀଶ୍ରୀଠାକୁର—Habit ରେ set କରି ନାହିଁ (ଅଭ୍ୟାସରେ ଆୟତ୍ତ ହୋଇ ନାହିଁ) ତେଣୁ ବୁଝିବାକୁ ଅସୁବିଧା ହେଉଛି। କଥାଟା କ'ଣ କି, ଯେଉଁ ସୋରିଷକୁ ଲଗାଇ ଭୂତ ଛଡ଼ାଇବାକୁ ହେବ, ସେଇ ସୋରିଷକୁ ତ ଭୂତ ଗ୍ରାସ କରିଛି। ଯେଉଁ ସଚ୍ଚିନ୍ତା ମଣିଷକୁ କଲ୍ୟାଣଜନକ କର୍ମରେ ନିଯୁକ୍ତ କରେ, ତାହାହିଁ ତା ନିକଟରେ ଗୋଟାଏ pose (ଅଭିନୟ) ନେଇ ଛିଡ଼ାହୁଏ, ବାହାରକୁ ସାଧୁତାର ଢଙ୍ଗ ଦେଖାଇ ମିଠା ମିଠା ଭଲ କଥା କହେ—ଭିତରେ ଥାଏ active (ସକ୍ରିୟ) ଦୁଷ୍ଟବୁଦ୍ଧି, ସେଇ purpose (ମତଲବ)ରେ ତାହାକୁ utilise (ବ୍ୟବହାର) କରେ, ଗୋଟାଏ cheat (ଜୁଆଚୋର) ହୋଇଉଠେ। ଏପରି ଲୋକ ଦେଖି ନାହୁଁ ?

ପ୍ରଫୁଲ୍ଲ—ତା'ହେଲେ ଏହାତ ଗୋଟାଏ ବିକୃତି।

ଶ୍ରୀଶ୍ରୀଠାକୁର—ହଁ, ରୀତିମତ ବିକୃତି।

## କାର୍ତ୍ତିକ ୨୮, ଗୁରୁବାର, ୧୩୪୮ (ଇଂ ୧୩/୧୧/୪୧)

ଶ୍ରୀଶ୍ରୀଠାକୁର ସକାଳେ ତାମ୍ବୁରେ ବିଛଣା ଉପରେ ବସି, ଈଷଦା ଭାଇ (ବିଶ୍ୱାସ), ବିଂମଳ ଭାଇ (ମୁଖୋପାଧ୍ୟାୟ), ଇନ୍ଦୁଭାଇ (ବସୁ)ଙ୍କ ଆଡ଼େ ଚାହିଁ କହୁଥିଲେ—ଇଷ୍ଟସ୍ୱାର୍ଥପ୍ରତିଷ୍ଠା ପ୍ରତି interest (ଆଗ୍ରହ) ଆସିଲେ, ସେତେବେଳେ ଦୁଇଜଣ ଦେଖା ହେଲା ମାତ୍ରେ କଥା ଉଠିବ—କିପରି consolidation (ସଂହତି) ଅଣାଯିବ, କେଉଁଠି କ'ଣ କରାଯିବ, ଇତ୍ୟାଦି। କୌଣସି ବୃତ୍ତି ସେତେବେଳେ prominent (ପ୍ରଧାନ) ହୋଇଉଠି ପାରେ ନାହିଁ। ଆପଣ ଯଦି ବୁଝନ୍ତି, କେଉଁ ଜାଗାରେ sexually inclined (ଯୌନ-ଆନତି) ହେଲେ ଆପଣଙ୍କର ପିଲାଟା ଦୁର୍ବଳ ହୋଇଯିବ ସେତେବେଳେ ଯେପରି କୌଣସି ପ୍ରକାରେ ତାକୁ ସେଠାରେ ପ୍ରଶ୍ରୟ ଦେଇପାରନ୍ତି ନାହିଁ, ଏହା ମଧ୍ୟ ସେହିପରି, ଏପରି ନୁହେଁ ଯେ ପ୍ରବୃତ୍ତିଟା ଆଦୌ ରହିବ ନାହିଁ, ତାହା ପୁରାମାତ୍ରାରେ ଥାଏ, କିନ୍ତୁ ଆପଣ ତା'ର ଅଧୀନ ନୁହଁନ୍ତି—ବରଂ ଆପଣଙ୍କର principle ଓ purpose (ଆଦର୍ଶ ଓ ଉଦ୍ଦେଶ୍ୟ) କୁ fulfill (ପରିପୂରଣ) କରିବା ପାଇଁ ତାକୁ ନାନାଭାବରେ କାମରେ ଲଗାନ୍ତି।

ପ୍ରଫୁଲ୍ଲକୁ କେତେଟା 'ଛଡ଼ା' ପଢ଼ିବାକୁ କହିଲେ। ପଢ଼ା ହେବା ସଙ୍ଗେ ସଙ୍ଗେ ସେଇ ବିଷୟରେ ଆଲୋଚନା ଚାଲିଲା—ଅନେକେ ହୁଏତ କହନ୍ତି, ମୁଁ ଧର୍ମ, କୃଷ୍ଟି ସେ ସବୁ କିଛି ବୁଝେ ନାହିଁ, ମୁଁ ବୁଝେ people in general ର interest (ଜନ-ସ୍ୱାର୍ଥ),



ସାଧାରଣ ଲୋକ ଏପରିଭାବରେ suffer (କଷ୍ଟଭୋଗ) କରୁଛନ୍ତି ଇତ୍ୟାଦି କହି ଉଦାରତାର ଭଙ୍ଗୀ ଦେଖାଇ ଲୋକଙ୍କୁ ହାତ କରିବାର ଚେଷ୍ଟା କରନ୍ତି। ଏମାନେ ଖୁବ୍ dangerous (ସାଂଘାତିକ)—ନାନା କାଇଦା କରି ଇଷ୍ଟସ୍ୱାର୍ଥକୁ ବାଧା ଦିଅନ୍ତି। ଆଉରି ଦଳେ ଅଛନ୍ତି ଶ୍ରୀକୃଷ୍ଣଙ୍କ କଥା ଉଠିଲେହିଁ ସେମାନେ କହିବେ, ସେ 'ଅଯୋନିସମ୍ଭବ' ସେ ସବୁ ପାରନ୍ତି, ଆମେ ଦୀନ-ହୀନ ଜୀବ ଆମର କିଛି କରିବାର ଶକ୍ତି କାହିଁ ? ଭଗବାନ ଆମଦ୍ୱାରା କରାଇ ନେଉ ନାହାଁନ୍ତି—ତେଣୁ ହେଉ ନାହିଁ। ଅଥଚ ଏମାନେ ନିଜକୁ ଭକ୍ତ ବୋଲି ପରିଚୟ ଦିଅନ୍ତି ; ଏପରି କହି ମଣିଷର ଅଣ୍ଟା ମୋଡ଼ି ଦିଅନ୍ତି, ମଣିଷର normal evolution (ସ୍ୱାଭାବିକ ଉତ୍କର୍ଷ)ର ପଥକୁ ଏହିପରିଭାବରେ ଯେଉଁମାନେ ବିପନ୍ନ କରନ୍ତି ସେମାନଙ୍କଠାରୁ ଗୁଣ୍ଡା-ବଦମାସ ଢ଼େର ଭଲ। ଏମାନେ ସମାଜର ଯେ କି ସର୍ବନାଶ କରନ୍ତି ତା'ର ତୁଳନା ନାହିଁ। ଚୈତନ୍ୟ-ଚରିତାମୃତରେ ତେଣୁ ଅଛି—"ଆମାକେ ଈଶ୍ୱର ଭାବେ, ଆପନାକେ ହୀନ, ତାର ପ୍ରେମେ କଭୁ ଆମି ନା ହଇ ଅଧୀନ।"

ବିମଳ ଭାଇ—ତେବେ ଦାସ୍ୟ-ଭାବଟା କ'ଣ ?

ଶ୍ରୀଶ୍ରୀଠାକୁର—ଦାସ୍ୟ କଥାଟା ଆସିଛି ଦାସ ଧାତୁରୁ, ଅର୍ଥାତ୍ ଦାନ। ଜଣକୁ ତୁମର ସବୁକିଛି ଦେଇ ଅଥଚ ତା'ର ସ୍ୱଭାବ କିଛିଟା ତୁମ ଭିତରେ ଫୁଟିବ ନାହିଁ ? ତୁମ ଛାତ୍ର ତୁମକୁ ଖୁବ୍ ଭଲପାଏ, ଗଡୁ ଗାମୁଛା ବଢ଼ାଇ ଦିଏ, ଅଥଚ ପଢ଼ାଶୁଣା କରେ ନାହିଁ, ଏହା କ'ଣ ସମ୍ଭବ ? ତଳେଇ ଦେଖିଲେ ବୁଝି ପାରିବେ—ତା'ର ମୂଳ ଅର୍ଥାତ୍ ଆକର୍ଷଣ ଅନ୍ୟତ୍ର, ତାହା ନବୁଝି ତାକୁ ଯଦି ମାଡ଼ମାରିବା ଆରମ୍ଭ କରି ଦିଅନ୍ତି, କିଛି ହେବନାହିଁ। ପିଲାଛୁଆ ଯେ ପାନ ବିଡ଼ି ଖାଇବା ଶିଖନ୍ତି, ତା ମଧ୍ୟ ବିଶେଷ ଏକ ଅବସ୍ଥାରେ ପଡ଼ି, sex-topics (ଯୌନ-ଆଲୋଚନା) ର ଆଡ୍ଡାରେ ପଡ଼ି, ଏଇ ପାଲ୍ଲାରେ ପ୍ରାୟ ଏଇସବୁ ହୋଇଥାଏ। Cinema (ସିନେମା) ଦେଖିବାର ନିଶା ମଧ୍ୟ ଅନେକ ସମୟରେ ଏଇଥିରୁ ହୋଇଥାଏ।

ଇନ୍ଦୁ ଭାଇ—ଏତେ ଛୋଟ ବୟସରେ କ'ଣ ବୁଝନ୍ତି ?

ଶ୍ରୀଶ୍ରୀଠାକୁର—ବୁଝନ୍ତି ନାହିଁ ମାନେ! ତାହାକୁ ଭିତ୍ତି କରିହିଁ ତ ଜନ୍ମ ହୋଇଛି। ଦୁଇବର୍ଷର ଶିଶୁ ହୁଏତ ଶୋଇଛି, ବାପ-ମା ଚୁମ୍ବନ ଖାଉଛନ୍ତି, ପିଲା ମିଟମିଟ କରି ଚାହିଁ ଦେଖୁଛି, ତା କାମ ସରିଗଲା ସେଇଠି। ତେଣୁ ପିଲାଛୁଆ ବଡ଼ ହେଉ ହେଉ ନିଜକୁ ଅଲଗା ରଖିବାକୁ ହେବ। ସେମାନଙ୍କର libido (ସୁରତ)କୁ right channel ରେ direct (ଠିକ୍ ପଥରେ ପରିଚାଳିତ) କରିବା ଦରକାର। ଟର୍ଚ୍ଚଲାଇଟରେ ଯଦି ପାଞ୍ଚପ୍ରକାର କାଚଥାଏ, ତେବେ ଭିତରୁ ଏକାପ୍ରକାର light (ଆଲୋକ) ଯେଉଁ କାଚ ଭିତର ଦେଇ pass (ଚାଳିତ) କରାଇବେ, ସେଇ ରଙ୍ଗ ଦେଖାଯିବ। Libido (ସୁରତ) ମଧ୍ୟ ଏହିପରି। ଯେଉଁ ରଙ୍ଗରେ ରଙ୍ଗେଇବେ ସେଇ ରଙ୍ଗରେ ରଙ୍ଗୀନ୍ ହୋଇ ଉଠିବ। ଦରଦପୂର୍ଣ୍ଣ ହୃଦୟର ଆକର୍ଷଣ ହେଲା ଅସଲ କଥା—ଯାହା ଉପରେ ଏହି ଆକର୍ଷଣ ମଣିଷ ସେହିପରି ହେବ। ଦୁର୍ଦ୍ଦାନ୍ତ ଯୁବକ

ଶିବାଜୀ ରାମଦାସଙ୍କୁ ପାଇ ହୋଇ ଉଠିଲା emperor (ସମ୍ରାଟ)।

ବିମଳ ଭାଇ—Libido (ସୁରତ) ଟା କ'ଣ ?

ଶ୍ରୀଶ୍ରୀଠାକୁର—ଯେଉଁ cohesive force (ସଂଯୋଜନୀ ଶକ୍ତି) ଯୋଗୁଁ sperm ଓ ovum (ଶୁକ୍ର ଓ ଡିମ୍ବ) fertilised (ମିଳନ) ହୋଇ zygote form (ଜୀବନକୋଷ ଗଠନ) କରି cell-division (କୋଷ-ବିଭାଜନ) ହେଉ ହେଉ ମଣିଷ ହୋଇଉଠେ—ତା'ର underlying magnetic current (ଅନ୍ତର୍ନିହିତ ଚୁମ୍ବକୀୟ ତରଙ୍ଗ) ହିଁ ହେଲା libido—ଏହାକୁ କୁହାଯାଏ tendency towards unification (ମିଳନର ଝୁଙ୍କ), ଏହା ଅଭ୍ୟାସ, ବ୍ୟବହାର, ଝୁଙ୍କ ଭିତର ଦେଇ ଆତ୍ମପ୍ରକାଶ କରେ, ଏବଂ ଏହି libido ଚାହେଁ integration (ଯୋଗ)।

ହିଟଲର, ମୁସୋଲିନୀ, ଅଶୋକ ଇତ୍ୟାଦିଙ୍କ କଥା ଉଠିଲା, ଶ୍ରୀଶ୍ରୀଠାକୁର କହିଲେ—ଅଶୋକଙ୍କ ପରି କେହି ନୁହଁନ୍ତି। ବୁଦ୍ଧଦେବଙ୍କ ପ୍ରତି ଭକ୍ତି ତାଙ୍କୁ ଏତେ ବଡ଼ କରି ତୋଳିଛି।

ଜଣେ ପ୍ରଶ୍ନ କଲେ—ବୁଦ୍ଧଦେବଙ୍କୁ ଜୀବିତ ଅବସ୍ଥାରେ ତ ସେ ପାଇ ନଥିଲେ ?

ଶ୍ରୀଶ୍ରୀଠାକୁର—ଉପଗୁପ୍ତଙ୍କ ମାଧ୍ୟମରେହିଁ ସେ ବୁଦ୍ଧଦେବଙ୍କୁ ବୋଧ କରିଥିଲେ। ଯେପରି ରାମକୃଷ୍ଣଠାକୁରଙ୍କ ସମୟରେ କୃଷ୍ଣଠାକୁରଙ୍କୁ ବୁଝିବାକୁ ହେଲେ ରାମକୃଷ୍ଣ ଠାକୁରଙ୍କ ମାଧ୍ୟମ ବ୍ୟତୀତ ବୁଝିବାର ଉପାୟ ନାହିଁ।

ଇନ୍ଦୁଭାଇ—ଅନେକେ ତ କେବଳ ବିବେକାନନ୍ଦଙ୍କୁ ମାନନ୍ତି, ରାମକୃଷ୍ଣଦେବଙ୍କୁ ମାନନ୍ତି ନାହିଁ।

ଶ୍ରୀଶ୍ରୀଠାକୁର—ବିବେକାନନ୍ଦଙ୍କୁ ମଧ୍ୟ ମାନନ୍ତି ନାହିଁ, ସେ ମାନନ୍ତି ନିଜର ପ୍ରବୃତ୍ତିକୁ ; ନିଜର କୌଣସି ପ୍ରବୃତ୍ତିର support (ସମର୍ଥନ)ରେ ବିବେକାନନ୍ଦଙ୍କୁutilise (ବ୍ୟବହାର) କରନ୍ତି।

* * * *

ପ୍ରଫୁଲ୍ଲ—ସାଧୁସଙ୍ଗ ବଳରେ କୁଆଡ଼େ ସବୁ ହୋଇଯାଏ ? ସାଧୁସଙ୍ଗ କହିଲେ କ'ଣ ବୁଝାଏ ?

ଶ୍ରୀଶ୍ରୀଠାକୁର—ପ୍ରଥମ କଥା, ସାଧୁ ମାନେ practical man (ବ୍ୟାବହାରିକ ବୋଧ-ସିଦ୍ଧ ମଣିଷ) ଏବଂ ସଙ୍ଗ ଆସିଛି ସନଜ୍-ଧାତୁରୁ, ସନଜ୍ ଧାତୁର ଅର୍ଥ ଆସକ୍ତ ହେବା। ସାଧୁଠାରେ ଆସକ୍ତ ହେବାକୁ ଗଲେ ଯାହା ଯାହା କରିବାକୁ ହୁଏ ତାହା— ତାହା କରିବାହିଁ ସାଧୁସଙ୍ଗ କରିବା। ତୁମେ ମୋ ପାଖରେ ବସି କଥା ଶୁଣିବାକୁ ଭଲପାଉଛ, ଅଥଚ ପଚାଶଟା ଟଙ୍କା ମାଗିଲେ ବା ପାଞ୍ଚହଜାର ଲୋକ ଆଣିବାକୁ କହିଲେ, ସେ କାମ ଭଲ ଲାଗୁନାହିଁ—ତାହା କିନ୍ତୁ ସାଧୁସଙ୍ଗ ନୁହେଁ, ବରଂ ସେତେବେଳେ ଏହିକାମ କରିବାହିଁ



ସାଧୁସଙ୍ଗ କରିବା।

ଜଣେ ଭାଇ ଆଉ ଜଣେ ଭାଇଙ୍କ ବିରୁଦ୍ଧରେ ଅଭିଯୋଗ କରି ଶ୍ରୀଶ୍ରୀଠାକୁରଙ୍କ ନିକଟରେ କହୁଥିଲେ—Reference (ପୂର୍ବାପର) ନ ଜଣାଇ ମଝିରୁ ଗୋଟାଏ କଥା ଟାଣିଆଣି ଅମୁକ ଖୁବ୍ fanaticism (ଅତିନୈଷ୍ଠିକତା) ଦେଖାନ୍ତି ଇତ୍ୟାଦି।

ଶ୍ରୀଶ୍ରୀଠାକୁର—ସମସ୍ତଙ୍କ ଭିତରେ ଗଣ୍ଠି ଅଛି—ବିଶେଷ ବିଶେଷ ସଂଘାତରେ ଗୋଟିଏ ଗୋଟିଏ ଭାବ ଜାଗିଉଠେ, ଆତ୍ମପ୍ରକାଶ କରେ—ଭିତରର ଗଣ୍ଠିସବୁ ଏହିପରିଭାବରେ ଖୋଲେ। ଦ୍ୱନ୍ଦ୍ୱ ହୁଏ, ବିଚାର ଆସେ, କିଏ ହୁଏତ ଛିଟିକି ଯାଏ, କିନ୍ତୁ ଟାଣ ଥିଲେ ଫେରି ଆସିବାକୁହିଁ ହୁଏ, ଆସ୍ତେ ଆସ୍ତେ adjust (ସମାଞ୍ଜସ୍ୟ) କରିନିଏ।

ଧୂର୍ଜଟି ଭାଇ—ଶୁଣା ନାହିଁ, ବୁଝା ନାହିଁ, କଥାରେ କଥାରେ କେବଳ ଠାକୁରଙ୍କ ନିନ୍ଦା କରିଛି—ମୁଣ୍ଡକୁ ଖାଇବି, ଯୋତା ମାରିବି ଇତ୍ୟାଦି।

ଶ୍ରୀଶ୍ରୀଠାକୁର—ସେ ତ ଭିନ୍ନ କଥା, ଠାକୁରଙ୍କର କେଶ ହଲିଗଲେ ଯଦି ପ୍ରକୃତରେ ଏତେ କାଣ୍ଡ ହେଉଥାନ୍ତା, ତେବେ ତ ଗୋଟାଏ ବିରାଟ ଶକ୍ତିର ଅଭ୍ୟୁଦୟ ହୋଇ ସାରନ୍ତାଣି, ତା'ର ତ ଅନ୍ୟ ଏକ ଦିଗ ଅଛି।

## କାର୍ତ୍ତିକ ୨୯, ଶୁକ୍ରବାର, ୧୩୪୮ (ଇଂ ୧୪/୧୧/୪୧)

ଆଜିକାଲି ତପୋବନର ଶିକ୍ଷକଗଣ ଅନେକ ସମୟରେ ଶ୍ରୀଶ୍ରୀଠାକୁରଙ୍କ ପାଖକୁ ଆସୁଛନ୍ତି, ଆଜି ମଧ୍ୟ ଉପରବେଳା ସମସ୍ତେ ଆସିଛନ୍ତି। ଶ୍ରୀଶ୍ରୀଠାକୁର ମାତୃମନ୍ଦିର ପଛରେ ଆଶ୍ରମ-ପ୍ରାଙ୍ଗଣରେ ବଉଳ ଗଛତଳେ ବେଞ୍ଚ ଉପରେ ବସି ସହାସ୍ୟ ବଦନରେ କହୁଛନ୍ତି—ଆମେ ଯେ ଭାବରେ ଆରମ୍ଭ କରିଥିଲୁ, continuity (କ୍ରମାଗତ) ବଜାୟ ରହିଥିଲେ ଇତି ମଧ୍ୟରେ ଆମର University (ବିଶ୍ୱବିଦ୍ୟାଳୟ) ଗଢ଼ି ଉଠନ୍ତାଣି।

ବିମଳ ଭାଇ (ମୁଖାର୍ଜୀ)—ଆମେ ଦୁଇ ନାବରେ ଗୋଡ଼ ଦେଇଛୁ।

ଶ୍ରୀଶ୍ରୀଠାକୁର—ସେପରି କାହିଁକି ହେବ ? ଆପଣମାନେ ତ University କୁ fulfil (ପରିପୂରଣ) କରିଛନ୍ତି। ଏବଂ, practical education (ବ୍ୟାବହାରିକ ଶିକ୍ଷା) ଦେବାକୁ ଯାଇଁ ବନ୍ଧାରେ ଯେପରି ଲଘୁକ୍ରିୟା ନ ହୁଏ। Smithy (କମାରକାମ) ଶିଖାଇବାକୁ ଯାଇଁ ୨୦୦ ଟଙ୍କାର anvil (ଶାଳ) ନ ହେଲେ ହେବ ନାହିଁ, ଏପରି ଯେପରି ନ ହୁଏ। ତଦ୍ୱାରା ମଣିଷ ତଥାକଥିତ ବିଲାତରେ training (ଶିକ୍ଷା) ପାଇଥିବା ଲୋକ ପରି ଅକର୍ମା ହୋଇଯାଏ। ସବୁବେଳେ ଅଭିଯୋଗ—ଏହା ନାହିଁ, ତାହା ନାହିଁ, କିପରି କାମହେବ ଇତ୍ୟାଦି। ବିଶେଷ କିଛି ନାହିଁ, ତା'ରି ମଧ୍ୟରେ ହୁଏତ ଖଟି, ପରିଶ୍ରମ କରି ବୁଦ୍ଧିଖଟାଇ କାମ ଆଗେଇ ନେଇ ଯାଉଛନ୍ତି। Teacher (ଶିକ୍ଷକ) ଙ୍କ ମଧ୍ୟରେ fanatically

attached to the Ideal (ଅଚ୍ୟୁତ ଆଦର୍ଶନିଷ୍ଠ) ନୁହଁନ୍ତି, ଏହିପରି ଜଣେ ମଧ୍ୟ ଯଦି ଥାନ୍ତି—ତାହେଲେ କାମ ପଣ୍ଡ ହୋଇଯିବ।

ନରେଶ ଭାଇ ନାମକ ଜଣେ ଆସିଛନ୍ତି। ସେ ଭଲ ଗୀତ ଗାଇ ପାରନ୍ତି। ସନ୍ଧ୍ୟାବେଳେ ସେ ଶ୍ରୀଶ୍ରୀଠାକୁର ଓ ଶ୍ରୀଶ୍ରୀବଡ଼ମାଙ୍କୁ କେତୋଟି ଗୀତ ଗାଇ ଶୁଣାଇଲେ।

## ମାର୍ଗଶିର ପହିଲା, ରବିବାର, ୧୩୪୮ (ଇଂ ୧୬/୧୧/୪୧)

ସମ୍ମୁଖରେ ଦିଗନ୍ତ ବିସ୍ତୃତ ପଦ୍ମାର ଅବବାହିକା, ତା'ରି ପାଖରେ ବନ୍ଧ ନିକଟରେ ରାତ୍ରିରେ ଏକ ତାମ୍ବୁରେ ଶ୍ରୀଶ୍ରୀଠାକୁର ଶୁଅନ୍ତି। ନିଦରୁ ଉଠୁ ନଉଠୁଣୁ ଶ୍ରୀଶ୍ରୀଠାକୁରଙ୍କ ପାଖରେ ଆଜିକାଲି ଭୋରରୁ ସାଧାରଣତଃ ଇନ୍ଦୁଭାଇ (ବସୁ), ବିମଳ ଭାଇ (ମୁଖାର୍ଜୀ), ଋଷଦାଭାଇ (ବଶ୍ୱାସ), ପଞ୍ଚାନନ ଭାଇ (ମିତ୍ର), ସୁବୋଧ ଭାଇ (ସାହା), ଧୂର୍ଜଟିଭାଇ (ନିୟୋଗୀ), ବୀରେନ ଭାଇ (ଭଟ୍ଟାଚାର୍ଯ୍ୟ), ପ୍ୟାରୀ ଭାଇ (ନନ୍ଦୀ), କ୍ଷିତୀଶ ଭାଇ (ସାନ୍ୟାଲ), ରାଜେନ ଭାଇ (ମଜୁମଦାର), ଯତୀନ ଭାଇ (ଦାସ), ପ୍ରଫୁଲ୍ଲ ଏବଂ ଆଉ ଅନେକ ଭାଇ ଏବଂ ମା' ମାନଙ୍କ ମଧ୍ୟରେ ସରୋଜିନୀମା, କାଳିଦାସୀ ମା, ମାନଦା ମା (ପ୍ରଫୁଲ୍ଲର ମା) ପ୍ରଭୃତି ଅନେକେ ଉପସ୍ଥିତ ହୁଅନ୍ତି। ପ୍ୟାରୀ ଭାଇ ମଝିରେ ମଝିରେ ଶ୍ରୀଶ୍ରୀଠାକୁରଙ୍କୁ ତମାଖୁ ସଜାଇ ଦିଅନ୍ତି, ୪ଟା ୩୦ ମି: କିମ୍ବା ୫ଟାରୁ ୭ ଟା ପର୍ଯ୍ୟନ୍ତ ଆଲୋଚନା ଚାଲେ। ଆଜି ଭୋରରୁ ତପୋବନର ଶିକ୍ଷକ ମାନେ ଜମା ହୋଇଛନ୍ତି।

ଶ୍ରୀଶ୍ରୀଠାକୁର—ମଣିଷ ଯାହାକିଛି କରେ ତାର centre (କେନ୍ଦ୍ର) ରେ ଥାଏ କିନ୍ତୁ ଜଣେ। ଗୋଟାଏ ଘର କରିଛ, ବାହାର ଲୋକଙ୍କ ପାଖରେ ହୁଏତ କହୁଛ— ଏଇଟା ଠାକୁର ଘର, ଏଇଟା ଅମୁକ ଘର, କିନ୍ତୁ plan (ପରିକଳ୍ପନା) ହୁଏତ ଏପରି ଭାବରେ କରିଛ ଯେପରି ସବୁ ଘରୁ ନିଜର ପ୍ରିୟ ପତ୍ନୀଙ୍କୁ ଦେଖି ପାରିବ। ଟେରୀଟା କାଟେ, ପୋଷାକ ପିନ୍ଧେ—ସବୁ ତାକୁ (ସ୍ତ୍ରୀକୁ) ଦେଖାଇବା ପାଇଁ, ଭଲ କାମ କରେ, ଯେପରି ଦଶ ଜଣ ଯାଇଁ ତାପାଖରେ ସୁଖ୍ୟାତି କରିବେ, ଯେପିର ସେ ଭାବିବ, ମୋର ପୁରୁଷଟା କମ୍ ଲୋକନୁହେଁ, ସାବାସ୍ କହି ବାହାଦୁରି ଦେବ। ମଣିଷର existence (ସତ୍ତା) ହିଁ ରହିବ ନାହିଁ, ଯଦି ଭଲପାଇବାର ପାତ୍ର କେହି ନଥାଏ ; ତେବେ କଥାରେ ଅଛି ; 'ସ୍ୱାତୀ ନକ୍ଷତ୍ରର ଜଳ/ ପାତ୍ର ବିଶେଷରେ ଫଳ।'

Concentration (ଏକାଗ୍ରତା) ସମ୍ବନ୍ଧରେ କଥା ଉଠିଲା।

ଶ୍ରୀଶ୍ରୀଠାକୁର କହିଲେ—Concentration କିନ୍ତୁ fixation (ତ୍ରାଟକ) ନୁହେଁ। Con ମାନେ with (ସହ), centration ମାନେ centre (କେନ୍ଦ୍ର), concentration ମାନେ with the centre (କେନ୍ଦ୍ରସହ)। ''ଇଷ୍ଟ ଆର ଇଷ୍ଟସ୍ୱାର୍ଥେ ମନେର ଆନା



ଗୋନା, ଏମନି କରେଇ ଧ୍ୟାନେ ଆସେ ଚିତ୍ତ ସଂଯୋଜନା।'' Third eye (ତୃତୀୟ ନେତ୍ର)—ବା ଆଜ୍ଞାଚକ୍ରରେ ମନଃ ସଂଯୋଗ କରିବା କଥା କୁହାଯାଏ, ମଣିଷ ଗଭୀର ଚିନ୍ତା କରିବାକୁ ଗଲେହିଁ କିନ୍ତୁ ଅଜ୍ଞାତସାରରେ ସେଠାରେ ହାତ ଦେଇଥାଏ—Process (ନିୟମ) ଅନୁଯାୟୀ ସେସବୁ କରିବାକୁ ଲାଗିଲେ base of the brain excited (ମସ୍ତିଷ୍କର ନିମ୍ନଭାଗ ଉଦ୍ଦୀପ୍ତ) ହୁଏ, pineal gland (ଆଜ୍ଞାଚକ୍ର) ରେ ସେଇ excitement (ଉଦ୍ଦୀପନା) ଖେଳିଯାଏ। Suppressed (ନିରୁଦ୍ଧ) ଅନେକକିଛି ବାହାରି ପଡ଼େ, ବୋଧ କରା ଯାଏ, କାର୍ଯ୍ୟ ଭିତର ଦେଇ ପୁଣି ସେଗୁଡ଼ିକ adjusted (ନିୟନ୍ତ୍ରିତ) ହୁଏ।

ପ୍ରଫୁଲ୍ଲ—ନାମ-ଧ୍ୟାନ ନକରି ଯଦି motor activity (କାର୍ଯ୍ୟକର୍ମ) ବେଶି କରି ଚଳାଉ ?

ଶ୍ରୀଶ୍ରୀଠାକୁର—ତଦ୍ୱାରା Sub-conscious or Unconscious mind ରେ (ଅବଚେତନ ବା ଅଚେତନ ମନରେ) unsolved (ଅସମାହିତ) ଯାହାଥାଏ ତାହାକୁ ଜାଣି ହୁଏନାହିଁ, adjust (ନିୟନ୍ତ୍ରଣ) କରି ହୁଏନାହିଁ। ଜ୍ଞା—ଧାତୁ ମାନେ ଜ୍ଞାନ, ବୋଧ—ସେଠାରେ ଧ୍ୟାନ କଲେ ଜ୍ଞାନ ଓ ବୋଧ ହୁଏ ବୋଲି ହିଁ ତାକୁ ଆଜ୍ଞାଚକ୍ର କୁହାଯାଏ। ଏବଂ, pressure (ଚାପ) ଟା ହିଁ ଅସଲ ଜିନିଷ, ଇଷ୍ଟଭୃତି ସେହି pressure (ଚାପ)। ହାତର exercise (କସରତ) ଯେତେହିଁ କର, muscle (ପେଶୀ) ପ୍ରତି attention (ନଜର) ନ ଦେଲେ କିନ୍ତୁ କାମ ହୁଏ ନାହିଁ। କଥାମୃତର ଗଳ୍ପ ପରି—ନଷ୍ଟଝିଅ ଯାହାକୁ ଭଲପାଏ, ସବୁ କାମ ଭିତରେ ତା'ରି କଥା ମନେ ପଡେ—ଭାବେ, କେତେବେଳେ ତା ପାଖକୁ ଯିବ, ତାକୁ ଦେଖିଲେ ଆନନ୍ଦ ପାଏ, ଶୀଘ୍ର ଶୀଘ୍ର ଭଲରୂପେ କାମ ସାରି ତା ପାଖକୁ ଛୁଟିଯାଏ। ଅନୁରାଗୋଦ୍ଦୀପ୍ତ ନାମଧ୍ୟାନ ଦରକାର, ତାଙ୍କର ପ୍ରତିଷ୍ଠା ଓ ଭରଣ ଉପଯୋଗୀ ଆକୁଳ କର୍ମ ଦରକାର—ଭଲପାଇଲେ ଯେପରି କରିବାକୁ ହୋଇଥାଏ ; ତେଣୁ ଯଜନ, ଯାଜନ ଓ ଇଷ୍ଟଭୃତି ସ୍ୱତଃହିଁ ଆସେ।

ରାମକୃଷ୍ଣଦେବଙ୍କ କଥା ଉଠିଲା। ଶ୍ରୀଶ୍ରୀଠାକୁର ବିଗଳିତ କଣ୍ଠରେ, ମୁଗ୍ଧମଦିର ଆଗ୍ରହରେ ଅପୂର୍ବ ଭଙ୍ଗୀରେ ହାତଟି ହଲାଇ ଆବେଗଭରେ କହିଲେ—ମୂର୍ଖ ବ୍ରାହ୍ମଣ ଯାହା କହି ଯାଇଛନ୍ତି, ଏପରି ଆଉ କାହାର କହିବାର ଜୁ ନାହିଁ, ସେପରି ପରିବେଷଣ ଆଉ କେହି କରି ପାରିବେ ନାହିଁ।

ସାମାନ୍ୟ କେତୋଟି କଥା, କିନ୍ତୁ ମୁହୂର୍ତ୍ତ ମଧ୍ୟରେ ଆମ ସମସ୍ତଙ୍କର ମନ ଯେପରି ଶ୍ରୀଶ୍ରୀରାମକୃଷ୍ଣମୟ ହୋଇ ଉଠିଲା।

## ମାର୍ଗଶିର ୨, ସୋମବାର, ୧୩୪୮ (ଇଂ ୧୭/୧୧/୪୧)

ଶ୍ରୀଶ୍ରୀଠାକୁର ସକାଳେ ତାମ୍ବୁରେ ବସି ଶିକ୍ଷକବୃନ୍ଦଙ୍କୁ କହୁଛନ୍ତି—ଆକର୍ଷଣ ଥିଲେହିଁ

ଦେବାର ମନୋଭାବ ହୁଏ, attachment (ଆକର୍ଷଣ) ର ଏହାହିଁ ନୀତି—ସେତେବେଳେ ଇଷ୍ଟଭୃତି ଆଉ କହି ବୁଝାଇବାକୁ ହୁଏ ନାହିଁ—ଯେଉଁ ମନୋଭାବ, ଯେଉଁ interest (ସ୍ୱାର୍ଥ) ବାଧା ଦିଏ, ଇଷ୍ଟଭୃତି କରୁଥିଲେ ତା'ରି ମୂଳରେ ଆଘାତ ଲାଗେ, ଆସ୍ତେ ଆସ୍ତେ ଏହିପରି କରୁ କରୁ ତାହା adjusted (ନିୟନ୍ତ୍ରିତ) ହୁଏ। ଗୋଟାଏ ବଡ଼ magnet (ଚୁମ୍ବକ) ସାମନାରେ ଯଦି ଆଉ ଗୋଟାଏ ଛୋଟ magnet (ଚୁମ୍ବକ) ଥାଏ—ଏବଂ ଦୂରରେ ଗୋଟାଏ needle (ଛୁଞ୍ଚି) ଥାଏ, needle (ଛୁଞ୍ଚି)ଟା ସହଜରେ ଯାଇ ବଡ଼ magnet (ଚୁମ୍ବକ)ରେ ଲାଗି ପାରେ ନାହିଁ। ଛୋଟ ଛୋଟ ବୃତ୍ତି ମଧ୍ୟ ଇଷ୍ଟ ପଥରେ ଏହିପରି ବାଧା ଜନ୍ମାଏ। ଏବଂ ଆକର୍ଷଣ ହେଲେ ଦୋଷଦର୍ଶନ ନ ଥାଏ। ଅନନ୍ୟଚେତା ହୋଇ ସବୁର purpose (ଉଦ୍ଦେଶ୍ୟ) ବୁଝାଯାଏ, meaning (ଅର୍ଥ) ଖୋଜି ବାହାର କରାଯାଏ, strong commonsense grow (ପ୍ରବଳ ବୋଧଶକ୍ତି) କରେ।

ଧୂର୍ଜଟି ଭାଇ—ଆପଣଙ୍କ ପ୍ରତି ସେଇ attitude (ମନୋଭାବ) ପୋଷଣ କରିଲେ ଚଳେ, କିନ୍ତୁ ସର୍ବସାଧାରଣଙ୍କ ସମ୍ବନ୍ଧରେ ସେ କଥା ତ ପ୍ରଯୁଜ୍ୟ ହୁଏ ନାହିଁ।

ଶ୍ରୀଶ୍ରୀଠାକୁର—ମଣିଷ ଏପରି ଗୋଟାଏ ଜାଗାରେ ଯଦି ଠିକ୍ ଥାଏ, ସେତେବେଳେ ତାକୁ କେହି ଖରା କହିଲେ ବି ସେ ରାଗେ ନାହିଁ, considerate (ବିବେଚକ) ହୁଏ, ବୁଝିବାକୁ ଚେଷ୍ଟା କରେ, କାହିଁକି ଏପରି ସେ କହିଲା। ଡାକ୍ତର ସହିତ ରୋଗୀ ଯଦି ଦୁର୍ବ୍ୟବହାର କରେ, ଡାକ୍ତର କ'ଣ ରୋଗୀକୁ ଛାଡ଼ିଦିଏ ? ଡାକ୍ତର ବୁଝେ ଯେ ରୋଗ ଏହିସବୁ କରାଉଛି। ଭଲ ବ୍ୟବସାୟ ଯେଉଁମାନେ କରନ୍ତି ସେମାନେ ଯେ-କୌଣସି ଗ୍ରାହକ ସହିତ କି ସୁନ୍ଦର ବ୍ୟବହାର କରନ୍ତି। ତାହା ସେମାନଙ୍କର ସ୍ୱଭାବଗତ ହୋଇଯାଏ। ଯେଉଁମାନେ ଯେତେ self-centred (ଆତ୍ମକେନ୍ଦ୍ରିକ), ସେମାନଙ୍କର foresight (ଦୂରଦୃଷ୍ଟି) ସେତେ କମ୍, ignorance (ଅଜ୍ଞତା) ସେତେ ବେଶି।

ଆଉ ଗୋଟିଏ କଥା, ଭଲ କଥା ଯେତେବେଳେ ଯାହା ଶୁଣିବୁ, ସଙ୍ଗେ ସଙ୍ଗେ ତଦନୁଯାୟୀ କାମ କରିବା ଦରକାର, ପାଞ୍ଚଜଣଙ୍କ ମଧ୍ୟରେ ତାହା ଖେଳେଇ ଦେବା ଦରକାର, ନଚେତ୍ ଜେମସ୍ ଯାହା କହିଛନ୍ତି, chance lost (ସୁଯୋଗ ହରାଇ ଯାଏ)। ଏହା ନ କଲେ ଚରିତ୍ରରେ ବା ମସ୍ତିଷ୍କରେ ତାହା ରହେ ନାହିଁ।

* * * *

ପ୍ରଫୁଲ୍ଲ—Fanatic (ନିଷ୍ଠାବାନ୍) ଓ uncompromising way (ସାଲିସହୀନ ପଥ)ରେ ଚଳିବାକୁ ହେବ, କିନ୍ତୁ ତଦ୍ୱାରା ଅନେକ ଲୋକଙ୍କ ସଙ୍ଗେ ବିରୋଧ ନ କରି ଉପାୟ ନାହିଁ, ସେମାନଙ୍କୁ ଅତ୍ୟନ୍ତ ଦୃଢ଼ଭାବରେ ପ୍ରତିରୋଧ କରିବା ଦରକାର ହୁଏ, ସେଥିରେ କିନ୍ତୁ ମନଟା କିପରି ଖରାପ ହୋଇଯାଏ।

ଶ୍ରୀଶ୍ରୀଠାକୁର—Fanatic ଓ uncompromising (ନିଷ୍ଠାବାନ୍ ଓ ସାଲିସ୍‌ହୀନତାର) ସଙ୍ଗେ sweet (ମଧୁର) କଥାଟା ଯୋଗ କରି ନିଅ। ସତ୍ୟଂ ବ୍ରୂୟାତ୍, ପ୍ରିୟଂ ବ୍ରୂୟାତ୍—ଅବଶ୍ୟ ସମୟେ ସମୟେ ଅନ୍ୟ ପ୍ରକାର ପ୍ରୟୋଜନ ହୋଇଥାଏ। କୃଷ୍ଣଠାକୁର ଯେ ଏତେ କୁରୁକ୍ଷେତ୍ରରେ କାଣ୍ଡ କଲେ, ଶିଶୁପାଳ ବଧ କଲେ—ସବୁ କିନ୍ତୁ ତାଙ୍କ favour (ଅନୁକୂଳ)ରେ ଗଲା। ପ୍ରୀତିପୂର୍ଣ୍ଣ ନିରୋଧ ଦ୍ୱାରା ଆପାତତଃ ଯେତେ ବିରୋଧ ହୋଇ ଥାଉନା କାହିଁକି ପରିଣାମରେ କିନ୍ତୁ ପରସ୍ପର ମଧ୍ୟରେ ଆକର୍ଷଣ ବଢ଼ି ଯାଇଥାଏ।

## ମାର୍ଗଶିର ୩, ମଙ୍ଗଳବାର, ୧୩୪୮ (ଇଂ ୧୮/୧୧/୪୧)

ଭୋରରୁ ତପୋବନର ଶିକ୍ଷକମାନେ ସମସ୍ତେ ଉପସ୍ଥିତ ହୋଇଛନ୍ତି, ଆଉରି ଅନେକେ ଅଛନ୍ତି। ଏବେ ବେଶ୍ ଟିକିଏ ଥଣ୍ଡା ପଡ଼ିଛି। ଶ୍ରୀଶ୍ରୀଠାକୁର ତାମ୍ବୁରେ ବିଛଣାରେ ବସି, ଦେହରେ ଚାଦର ଘୋଡ଼ାଇ କଥାବାର୍ତ୍ତା କରୁଥିଲେ। ଆମେ ସବୁ ଖଣ୍ଡେ ଲେଖାଏଁ ଆସନ ପକାଇ ତାମ୍ବୁ ଭିତରେ ତାଙ୍କ ଖଟ ଚାରିପାଖରେ ଘେରି ବସି ସେଇ ଅପୂର୍ବ କଥାମୃତ ପାନପୂର୍ବକ ତୃପ୍ତିରେ ଭରପୂର ହୋଇଉଠିଲୁ।

ଶ୍ରୀଶ୍ରୀଠାକୁର—ବୃତ୍ତିଦ୍ୱାରା ପରଚାଳିତ ହୋଇ ମଣିଷ ପ୍ରତି ପଦକ୍ଷେପରେ ଠକାମିରେ ପଡ଼େ, ଦୁନିଆରୁ ଆଘାତ ପାଏ—ଅଥଚ ଇଷ୍ଟପଥରେ ଚିଳିଲେ ସବୁ ଜିନିଷର ସାମଞ୍ଜସ୍ୟ ହୋଇଥାଏ। ଏଇ ସହଜ କଥା ଟିକକ ମଣିଷ ବୁଝେନାହିଁ। ସ୍ତ୍ରୀକୁ କେତେ ପ୍ରକାରେ ଖୁସି କରିବାକୁ ମଣିଷ ଚେଷ୍ଟା କରେ, ତଥାପି ସେ ଖୁସି ହୁଏ ନାହିଁ। ପୁଣି ଯେଉଁ ସ୍ୱାମୀ ଇଷ୍ଟକୁ ନେଇ ଆପ୍ରାଣ, ତା'ର ସ୍ତ୍ରୀ ହୁଏତ ଗର୍ବର ସହିତ କହୁଛି—ଶିବଙ୍କ ପରି ସ୍ୱାମୀ ପାଇଛି।

ପ୍ରଫୁଲ୍ଲ—ବୃତ୍ତି-ପଥରେ ପରିଚାଳିତ ହୋଇ ମଣିଷ ଆଘାତ ଖାଏ କାହିଁକି ?

ଶ୍ରୀଶ୍ରୀଠାକୁର—ମଣିଷ ସେଇଭାବରେ coloured (ରଞ୍ଜିତ) ହୋଇଥାଏ, ସେଇ angle (ଦୃଷ୍ଟିକୋଣ)ରୁ ଜଗତଟାକୁ ଦେଖେ, ଜଗତଟା ତା ନିକଟରେ କ୍ରମଶଃ ସଂକୀର୍ଣ୍ଣ ହୋଇ ଉଠିଥାଏ, କେହି କାହାକୁ fulfil (ପରିପୂରଣ) କରେ ନାହିଁ। ସେ ବୃତ୍ତିକୁହିଁ ସତ୍ତା ବୋଲି ମନେକରେ at the cost of ସତ୍ତା (ସତ୍ତା ବିନିମୟରେ), ବୃତ୍ତିର ପୁଷ୍ଟି ଚାହେଁ, ତେଣୁ ଯାହା ହେବାର ତାହାହିଁ ହୋଇଥାଏ। ଯେତେ ବୃତ୍ତିର କଥା କହ ନା କାହିଁକି, ମୂଳରେ ଥାଏ sex (ଯୌନ-ଆକୃତି), ଝିଅପିଲା—ସେଥିରୁ ନାନା ଫିସାଦି ବାହାରେ। ତା'ର sickly sexuality (ଦୁର୍ବଳ ଯୌନକ୍ଷୁଧା)ରୁ ego (ଅହଂ)କୁ establish (ପ୍ରତିଷ୍ଠା) କରିବାର ମନୋଭାବ ହୋଇଥାଏ, ସମସ୍ତଙ୍କୁ down (ଦବାଇ) କରି ସବୁ affair (ବିଷୟ)ରେ credit (ବାହାବା) ନେଇ ନିଜକୁ ସମସ୍ତଙ୍କଠାରୁ superior prove (ଶ୍ରେଷ୍ଠ

ପ୍ରମାଣ) କରିବାକୁ ଚାହେଁ, ହୁଏତ କାହାର failure (ଅକୃତକାର୍ଯ୍ୟତା ଯୋଗୁଁ) କହିବ—'ମୁଁ ତାକୁ ଖୁବ୍ ସ୍ନେହ କରୁଥିଲି, ଆଗରୁ କହିଛି ଏହିପରି କର, ତା ତ ଶୁଣିଲା ନାହିଁ। ସେ ଅଯଥା sympathy (ସହାନୁଭୂତି) ଦେଖାଇ ନାନାପ୍ରକାର subtle suggestion (ସୂତ୍ରା ପରାମର୍ଶ) ଦେଇ ମଣିଷକୁ ଧୀରେ ଧୀରେ ଇଷ୍ଟଙ୍କଠାରୁ ନିଜ ଆଡ଼କୁ ଟାଣୁଥାଏ, ପ୍ରତ୍ୟକ୍ଷ ବା ପରୋକ୍ଷଭାବରେ ଲକ୍ଷ୍ୟ ଥାଏ ଝିଅପିଲା ଉପରେ। ବୁଦ୍ଧିର ନିଶା ତାକୁ ଏପରି ଘାରି ଥାଏ ଯେ ନିଜେହିଁ ଅନେକ ସମୟରେ ଟେର ପାଏ ନାହିଁ, କାହିଁକି କ'ଣ କରୁଛି। ଜହୁରୀ ଯିଏ ସେ କିନ୍ତୁ ପଦେ କଥାରେ ଟେର ପାଇଯାଏ, ହୁଏତ କହି ମଧ୍ୟ ଦିଏ, ''ଏତେ ଲୋକ ଥାଉଁ ଥାଉଁ ମୋ ଉପରେ ଆପଣଙ୍କର ଏତେ ଦୟା ?'' ସେତେବେଳେ ଯାଇଁ ସେ ବୁଝେ ଏଠାରେ ତା'ର କାଇଦା-କସରତ ଚଳିବ ନାହିଁ, ତେଣୁ ଅପସରି ଯାଏ। ଅନେକ ସମୟରେ ସେ ଝିଅମାନଙ୍କୁ sympathy (ସହାନୁଭୂତି) ଦେଖାଏ ଯେଉଁ ଦୁଃଖାନୁଭୂତି ତାଙ୍କର ନାହିଁ ତାହା ଜଗାଇ ଦେବାକୁ ଚେଷ୍ଟା କରେ। ଏଠାରେ ଅନେକେ ଅଛନ୍ତି ଯେଉଁମାନେ weakness (ଦୁର୍ବଳତା) ଯୋଗୁଁ ଦୋଷ କରନ୍ତି, ପୁଣି ମୋ ପାଖରେ ସ୍ୱୀକାର କରନ୍ତି, ସେମାନଙ୍କର ପଥ ଅନେକଟା ଖୋଲା। ପୁଣି ଏପରି ଲୋକ ଅଛନ୍ତି ସେମାନଙ୍କୁ ଡାକିଲେ ମଧ୍ୟ ଶୁଣି ନଶୁଣିଲା ପରି ମୁହଁ ବୁଲାଇ ଦେଇ ଚାଲିଯା'ନ୍ତି, ଏବଂ କାମର ଦ୍ୱାହି ଦିଅନ୍ତି। କିନ୍ତୁ କଥାରୁହିଁ ମଣିଷକୁ ଚିହ୍ନାଯାଏ—Language (ଭାଷା) ହେଲା ମଣିଷର ମନର ଛବି, slip of tongue (ହଠାତ୍ ମୁହଁରୁ ବାହାରିଯିବା) ବୋଲି କିଛି ନାହିଁ। (କଥା ପ୍ରସଙ୍ଗରେ କହିଲେ)—ଏକଦିଗଦର୍ଶୀ ମଣିଷ ଅର୍ଥାତ୍ genius (ପ୍ରତିଭାଶାଳୀ)କୁ ଦେଖିବା କଥା କିନ୍ତୁ ଅନୁସରଣ କରିବା କଥା ନୁହେଁ।

ବୀରେନ ଭାଇ (ଭଟ୍ଟାଚାର୍ଯ୍ୟ)—ତା'ର ମାନେ ?

ଶ୍ରୀଶ୍ରୀଠାକୁର—ଏତେ worth (କ୍ଷମତା) ଥିଲେ ମଧ୍ୟ କାହିଁକି ସେ normal (ସ୍ୱାଭାବିକ) ନୁହେଁ, ତାହାହିଁ ଦେଖିବାକୁ ହୁଏ normal (ସ୍ୱାଭାବିକ) ନହେଲେ ଅନୁସରଣ କରିବା ଉଚିତ ନୁହେଁ।

ମହାପୁରୁଷଙ୍କ ସମ୍ପର୍କରେ କଥା ପ୍ରସଙ୍ଗରେ ପରେ କହିଲେ—ପରବର୍ତ୍ତୀ ପୂର୍ବବର୍ତ୍ତୀକୁହିଁ ତୋଳି ଧରନ୍ତି, ପରବର୍ତ୍ତୀଙ୍କ ଦ୍ୱାରା ପୂର୍ବବର୍ତ୍ତୀ ଏପରି ଭାବରେ explained (ବ୍ୟାଖ୍ୟାତ) ହୁଅନ୍ତି ଯେ ତାଙ୍କର (ପୂର୍ବବର୍ତ୍ତୀଙ୍କର) ଭକ୍ତଗଣ ମଧ୍ୟ—ଅର୍ଥାତ୍ ଯେଉଁମାନେ ତାଙ୍କୁ (ପୂର୍ବବର୍ତ୍ତୀଙ୍କୁ) ଭଲ ପାଆନ୍ତି ବୋଲି ମନେ କରନ୍ତି, ସେମାନେ ମଧ୍ୟ ତାଙ୍କୁ (ପୂର୍ବବର୍ତ୍ତୀଙ୍କୁ) ଏତେ ଗଭୀର ଭାବରେ ଭାବି ପାରନ୍ତି ନାହିଁ। ପରବର୍ତ୍ତୀ ପୂର୍ବବର୍ତ୍ତୀଙ୍କ କଥା ଏପରି ଭାବରେ କହନ୍ତି ଯେ ସେମାନଙ୍କ (ପୂର୍ବବର୍ତ୍ତୀଙ୍କ) ପ୍ରତି ମଣିଷର ଭାବ, ଭକ୍ତି, ପ୍ରୀତି ଉଛୁଳି ଉଠେ, ଏପରି କି ପୂର୍ବବର୍ତ୍ତୀଙ୍କ ନିଜସ୍ୱ ସମୟରେ ମଧ୍ୟ ଏତେଟା ହୋଇ ନଥାଏ।

ପ୍ରଫୁଲ୍ଲ—ଶୈଶବକାଳରୁ ଆପଣଙ୍କୁ ଲାଭ ନ କରି ଆମର ଅନେକ ଅସୁବିଧା



ହୋଇଛି, ମସ୍ତିଷ୍କରେ ଅନେକ ଛାପ ପଡ଼ିଯାଇଛି।

ଶ୍ରୀଶ୍ରୀଠାକୁର—କିଛି ନାହିଁ, ରାମକୃଷ୍ଣ ଠାକୁର କହୁଥିଲେ, ''ଅଦ୍ୱୈତ ଜ୍ଞାନକୁ କାନିରେ ବାନ୍ଧି ଯାହା ଖୁସି ତାହା କର।'' ଇଷ୍ଟସ୍ୱାର୍ଥପ୍ରତିଷ୍ଠାହିଁ ହେଲା ଏହି ଅଦ୍ୱୈତ ଜ୍ଞାନ। ମୂଳରୁ 'ସୋଽହଂ' କହିଲେହିଁ ମୁସ୍କିଲ।

ପ୍ରଫୁଲ୍ଲ—ଇଷ୍ଟଭୃତିର pressure (ଚାପ) ରେ କ'ଣ ହୁଏ।

ଶ୍ରୀଶ୍ରୀଠାକୁର—ସବୁବେଳେ ସବୁ କାମ ଭିତରେ ଇଷ୍ଟଭୃତି ଯୋଗାଡ଼ କରିବାକୁହିଁ ହେବ, ଏଇ ଧନ୍ଦା ଯଦି ଥାଏ, ତେବେ ଜୀବନର ସମସ୍ତ ଅଂଶରେ ଇଷ୍ଟ ଓତଃପ୍ରୋତଭାବରେ ଗୁନ୍ଥି ହୋଇଯା'ନ୍ତି।

## ମାର୍ଗଶିର ୪, ବୁଧବାର, ୧୩୪୮ (ଇଂ ୧୯/୧୧/୪୧)

ଆଜି ଖୁବ୍ ବର୍ଷା ହେଉଛି। ବିଲ ବାଡ଼ି ସବୁ ପାଣିରେ ଭାସୁଛି—ଆଶ୍ରମ ସାମନାରେ ବିରାଟ ଅବବାହିକା ଆଡ଼େ ଚାହିଁ ମନେ ହେଉଥିଲା, ଯେପରି ସବୁ ଧୋଇ ହୋଇ ଯାଇଛି। ଶ୍ରୀଶ୍ରୀଠାକୁର ତାମ୍ବୁରେ ବସିଛନ୍ତି। ବିଶେଷ ଲୋକ କେହି ନାହାଁନ୍ତି। ମା'ମାନଙ୍କ ମଧ୍ୟରେ ୨/୩ ଜଣ ଥିଲେ।

ସୁଧାମା—ଆପଣ କିଛି ଚାହିଁଲେ ଯେପରି ହେଉ ଯୋଗାଡ଼ ହୋଇଯାଏ, ଅନ୍ୟ କାହା ସମୟରେ ତ ସେପରି ହୁଏନାହିଁ।

ଶ୍ରୀଶ୍ରୀଠାକୁର—ମୁଁ ଯେପରି କରେ ସେପରି କରିଲେ ହେବ।

ସୁଧାମା—ତାହା କ'ଣ ଆମ ପକ୍ଷେ ସମ୍ଭବ ?

ଶ୍ରୀଶ୍ରୀଠାକୁର—''ଆମାରେ ଈଶ୍ୱର ଭାବେ ଆପନାରେ ହୀନ
ତା'ର ପ୍ରେମେ କଭୁ ଆମି ନା ହଇ ଅଧୀନ।''

ଜଣେ ଜଣେ ମଣିଷ ପିଛା ତୁମକୁ ଏତେ ଧେବା ଦେବାକୁ ହେବ ଯେ, ଆଜୀବନ ଯଦି ତୁମେ ତା ଉପରେ ନିର୍ଭର କରି ବସି ବସି ଖାଅ, ତଥାପି ସେ ମନେ କରେନାହିଁ ଯେ ତୁମ ପାଇଁ ଯଥେଷ୍ଟ କରିଛି ବୋଲି। ପ୍ୟାରୀ ଯେ ମୋ ପାଇଁ ଏତେ ଯୋଗାଡ଼ କରେ, ତାକୁ କିନ୍ତୁ ମଣିଷ ଖୁସି ହୋଇ ଦିଅନ୍ତି, ତା କଥା ଯେ ମଧୁର ତା ତ ନୁହେଁ, ତେବେ ତାର ସେବାଟା ମଧୁର।

## ମାର୍ଗଶିର ୫, ଗୁରୁବାର, ୧୩୪୮ (ଇଂ ୨୦/୧୧/୪୧)

ଆଜି ସକାଳେ ତାମ୍ବୁ ଭିତରେ ପରିବେଶଟି ବେଶ୍ ଆନନ୍ଦଦାୟକ ମନେ ହେଉଥିଲା। ତାଙ୍କୁ କେନ୍ଦ୍ରକରି ଭକ୍ତଗଣଙ୍କର ସମାବେଶ ପଦ୍ମାତୀରରେ ଯେପରି ଏକ ଜୀବନ୍ତ ଅମୃତ

ପରିମଣ୍ଡଳ ରଚନା କରିଛି।

ଶ୍ରୀଶ୍ରୀଠାକୁର କହୁଛନ୍ତି—ସୂତ୍ରାକାରେ language (ଭାଷା) ର ସହିତ grammar (ବ୍ୟାକରଣ) ଶିଖାଇବା ପାଇଁ ନୂଆ ଧରଣର ବହି ଲେଖିବାକୁ ହେବ—ଯେପରି ପିଲାମାନେ ସହଜରେ ସବୁ ଶିଖି ପାରିବେ।

ଟିକିଏ ପରେ ପଞ୍ଚାନନ ଭାଇ (ସରକାର) ଆସି ତାଙ୍କୁ ଡାଏରୀ ପଢ଼ି ଶୁଣାଇବାକୁ ଲାଗିଲେ, ଶ୍ରୀଶ୍ରୀଠାକୁର ସେଇ ସମ୍ବନ୍ଧରେ ନାନାକଥା କହିବାକୁ ଲାଗିଲେ—ଗୋଟିଏ ଝିଅ ହୁଏତ ଗୋଟିଏ ପୁରୁଷକୁ ପାନ ଦେବାକୁ ଗଲା, ପାନଟା ନେବା ସମୟରେ ପୁରୁଷଟା ତା ଆଙ୍ଗୁଳିକୁ ଟିପି ଧରିଲା, ଝିଅଟା equal temper (ସମାନ ମନୋଭାବ)ର ହୋଇଥିଲେ ଫଟ୍ କରି ବୁଝିପାରେ ଏବଂ ତାକୁ ଅନୁସରଣ କରେ। Initiation (ଦୀକ୍ଷା) ଦେବାକୁ ଗଲେ ସେହିପରି ଯେ ଯେଉଁ temper (ମନୋଭାବ)ର ହେଉ, ଇଷ୍ଟପ୍ରାଣତା ବିଷୟରେ ତାକୁ ତୁମ ସଙ୍ଗେ equitemper (ସମଭାବପନ୍ନ) କରି ତୋଳି initiation (ଦୀକ୍ଷା) ଦେବାକୁ ହେବ। ସବୁ ଜାଗାରେ ଖୁବ୍ rational way (ବିଚାର ସମ୍ମତ ପନ୍ଥା)ରେ proceed (ଅଗ୍ରସର) କଲେ କାମ ହୁଏ ନାହିଁ, mystic pose (ଭାବୁକର ଭଙ୍ଗୀ) କରିବାକୁ ହେବ, ତା'ରି ଭିତର ଦେଇ ମୂଳ ଜିନିଷଟା ଧରାଇ ଦେବାକୁ ହେବ। ନୂଆ ଜାଗାକୁ ଗଲେ key (ପ୍ରଧାନ) ମାନଙ୍କୁ individually (ବ୍ୟକ୍ତିଗତଭାବରେ) approach (ଯୋଗାଯୋଗ) କରିବାକୁ ହେବ। ତର୍କରେ corner (ପରାସ୍ତ) କରିବା ଏବଂ sympathetically personal knots and problems discover କରି solution ଦେବା (ସହାନୁଭୂତିର ସହିତ ବ୍ୟକ୍ତିଗତ ସମସ୍ୟା ଓ ଗ୍ରନ୍ଥି ସବୁ ଆବିଷ୍କାର କରି ସମାଧାନ ଦେବା) ଅଲଗା ଜିନିଷ। ତର୍କରେ convinced (ହୃଦ୍‌ବୋଧ) ହୁଏ ନାହିଁ, ଏହାଦ୍ବାରା ହୋଇଥାଏ।

କୌଣସି ଜାଗାକୁ ଯାଇଁ ଲୋକଙ୍କ ପାଖରୁ କିଛି ନେଲେ ସେମାନେ interested (ଆଗ୍ରହୀ) ହୁଅନ୍ତି, ଅନ୍ୟର ନିନ୍ଦା କଲେ ସେଇ ମାନେହିଁ oppose କରନ୍ତି (ବାଧା ଦିଅନ୍ତି)। କେବଳ ନେଲେ ହେବ ନାହିଁ, କିଛି ଦେବାକୁ ମଧ୍ୟ ହେବ। ତୁମେ ହୁଏତ ଶୁଣି ଆସିଲ, ଜଣଙ୍କର କୃଷ୍ଣ-ଅଦା ଦରକାର, ସେଠାରୁ କଲିକତା ଗଲ, କଲିକତାରୁ କୃଷ୍ଣ-ଅଦା ପଠାଇ ଦେଲ, ଲେଖିଦେଲ—ଭାଇ, ତୁମର ଅସୁସ୍ଥତା ପାଇଁ କୃଷ୍ଣ-ଅଦା ଦରକାର, ତେଣୁ ପଠାଇଲି। ଏତେ ଟିକିଏ loving inquisitive service (ପ୍ରୀତି-ସନ୍ଧିତ୍ସୁ ସେବା) ଲକ୍ଷ ତର୍ଜନ ତତ୍ତ୍ୱକଥାଠାରୁ ଢେର ବେଶି କାର୍ଯ୍ୟକାରୀ। ପୁଣି ପରେ ଗଲାବେଳେ ପିଲାଛୁଆଙ୍କ ପାଇଁ ହୁଏତ କିଛି ହାତରେ ନେଇଗଲ। କାହାକୁ ହୁଏତ ଦେଖିଲ ଚିରାଜାମା ପିନ୍ଧିଛି, କାହା ଘରେ ଚାଉଳ ନାହିଁ, ଖୋଜ ଖବର ନେଇ ଜଣକ ଦ୍ୱାରା ଆଉ ଜଣକର ଅଭାବ ପରିପୂରଣ କରୁଛ, ଏହିପରି ପରସ୍ପରକୁ ପରସ୍ପର ପ୍ରତି interested (ଆଗ୍ରହୀ) କରି ତୋଳୁଛ। ଏହାକୁହିଁ କୁହାଯାଏ consolidation (ସଂହତି), ଏବଂ ତୁମେ ଏହିପରି ଯେତେ କରୁଥିବ,



ପ୍ରତିପ୍ରତ୍ୟେକେ ତୁମ ସହିତ ସେତେଟା—integrated (ସଂଗ୍ରଥିତ) ହେଉଥିବେ। ଯେଉଁମାନଙ୍କଠାରୁ ନେଉଛ, with loving urge (ପ୍ରୀତି-ଉଦ୍ଦୀପନାର ସହିତ) ସେମାନଙ୍କୁ ଯଦି କିଛି ନ ଦିଅ, ତୁମର ପାଇବାର ପଥ ସଂକୀର୍ଣ୍ଣ ହୋଇଯିବ, ସେମାନେ ତୁମକୁ ଦେଖି ସଙ୍କୁଚିତ ହେବେ।

ଇନ୍ଦୁ ଭାଇ—ଅନେକ ସମୟରେ ଆପଣ ଆମପାଖରୁ କିଛି ଚାହିଁଲେ, ଆପଣଙ୍କ କାମ କହି ଲୋକଙ୍କ ପାଖରୁ ଆମେ ଭିକ୍ଷା କରୁଛୁ, ତାହା କ'ଣ ଠିକ୍?

ଶ୍ରୀଶ୍ରୀଠାକୁର—ତଦ୍ୱାରା ତୁମେ ମୋ activity (କର୍ମ) ଉପରେ ନିର୍ଭର କଲ, ତୁମ activity (କର୍ମ) ଉପରେ ନିର୍ଭର କଲନାହିଁ। ଠାକୁରଙ୍କୁ ଭାଙ୍ଗି ଖାଇଲ, ଏଇ ପୁଟା ରହିଗଲା—ତୁମର worth (କ୍ଷମତା) ବଢ଼ିଲା ନାହିଁ। ମଣିଷକୁ ଯେତେ ବେଶି fulfil (ପରିପୂରଣ) କରି ପାରିବ, ସେତେ ଦୃଢ଼ଭାବରେ ତୁମର personality established (ବ୍ୟକ୍ତିତ୍ୱର ପ୍ରତିଷ୍ଠା) ହେବ, ମଣିଷ ତୁମର asset (ସମ୍ପଦ) ହୋଇ ଉଠିବେ, ପ୍ରତ୍ୟେକଟା ମଣିଷ ଯେପରି ତୁମର ଗୋଟିଏ ଗୋଟିଏ ବ୍ୟାଙ୍କ, ତୁମେ ଯାଇଁ ଛିଡ଼ା ହୋଇଗଲା ମାତ୍ରେ ଭିକ୍ଷାର meter (ମାତ୍ରା) ବଢ଼ିଯିବ। କାହାର ପ୍ରତି ମଣିଷର ଉପକାର ବ୍ୟର୍ଥ ହୋଇଯାଏ ନାହିଁ, ସେ ungrateful (ଅକୃତଜ୍ଞ) ହେଲେ disinterested third person (ନିଃସମ୍ପର୍କୀୟ ତୃତୀୟ ପକ୍ଷ), ଯେ ସବୁ ଜାଣେ ସେ ହୁଏତ ବେଶି sympathetic (ସହାନୁଭୂତିସମ୍ପନ୍ନ) ହେବ।

ଆତ୍ମକେନ୍ଦ୍ରିକ ହେବା ଯେ ମଣିଷର ନିଜ ପକ୍ଷରେ ହିଁ କ୍ଷତିକର ସେଇ ବିଷୟରେ ଶ୍ରୀଶ୍ରୀଠାକୁର କହୁଥିଲେ—ମଣିଷ self-centric (ଆତ୍ମକେନ୍ଦ୍ରିକ) ହେଲେ ସମ୍ବେଦନଶୀଳ ଓ ସମ୍ବେଦନଗ୍ରାହୀ ହୁଏନାହିଁ, rubber (ରବର) ର opposite extreme (ବିପରୀତ ପ୍ରାନ୍ତଗୁଡ଼ିକ) ମୋଡ଼ି ହୋଇ ଯାଇଥିଲେ ଯେପରି ହୋଇଥାଏ। Superior (ଶ୍ରେଷ୍ଠ) ପାଇଁ ମସ୍ତିଷ୍କରେ ନିରବଚ୍ଛିନ୍ନ ଆକର୍ଷଣ ଓ ଉଦଗ୍ରତା ଥିଲେ ମଣିଷର sensitiveness (ସମ୍ବେଦନଶୀଳତା), observation (ପର୍ଯ୍ୟବେକ୍ଷଣ), intelligence (ବୁଦ୍ଧିମତ୍ତା), common sense (ସାଧାରଣ ବୋଧ) grow କରେ (ଜନ୍ମାଏ)।

ଆକର୍ଷଣର ଲକ୍ଷଣ ସମ୍ବନ୍ଧରେ କହୁଥିଲେ—ଚାହିଁଲେ ଦେବାଟା ବଡ଼କଥା ନୁହେଁ, ଏମାନେ ଯେ ମୋର ପରିକଳ୍ପନା ଅନୁଧାବନ କରି ୧୩୦ ଟଙ୍କାର signatory (ସ୍ୱାକ୍ଷରକାରୀ) ଯୋଗାଡ଼ କରିବାକୁ ଲାଗିଛନ୍ତି, ମୁଁ କିଛି ନ କହୁଣୁ ସ୍ୱତଃଦାୟିତ୍ୱରେ ନିଜେହିଁ ଆରମ୍ଭ କରିଛନ୍ତି, ଏହାହିଁ normal (ସ୍ୱାଭାବିକ)।

ଯାଜନ-ସମ୍ବନ୍ଧରେ କହିଲେ—ମୂଳରୁ ଠାକୁରଙ୍କ କଥା କହିଲେ ମଣିଷ ଘାବରେଇ ଯା'ନ୍ତି, କିନ୍ତୁ with every sympathy (ପୂର୍ଣ୍ଣ ସହାନୁଭୂତିର ସହିତ), ଭାବରେ ବ୍ୟାଘାତ ନ ଘଟାଇ, ଧୀରେ ଧୀରେ ତା'ର knot (ଗ୍ରନ୍ଥି) ସବୁ resolve (ମୀମାଂସା) କରି

ଦେଇ ଯଦି କୁହାଯାଏ, this is what Thakur says (ଏଇକଥା ତ ଠାକୁର କହନ୍ତି), ସେଥିରେ ଅମୋଘ କ୍ରିୟା ହୋଇଥାଏ ।

* * * *

ଈଷଦା ଭାଇ—'Resist no evil' (ଅନ୍ୟାୟକୁ ପ୍ରତିରୋଧ କର ନାହିଁ) ମାନେ କ'ଣ ?

ଶ୍ରୀଶ୍ରୀଠାକୁର—'Resist no evil' ର ଅର୍ଥ ମୁଁ ବୁଝେ, ବିଚଳିତ ଓ ବିକ୍ଷିପ୍ତ ନ ହୋଇ ସହ୍ୟ, ଧୈର୍ଯ୍ୟ, ଅଧ୍ୟବସାୟ, ପରାକ୍ରମ ଓ କୌଶଳ ସହ evil (ପାପ)ର ମୁଣ୍ଡଉପରେ ଏପରିଭାବରେ ଚଢ଼ାହୁଅ ଯେପରି ସେ surrender (ଆତ୍ମସମର୍ପଣ) କରେ । ଜୀବନଯାତ୍ରା ପଥରେ difficulty (ଅସୁବିଧା) ତ ଅଛି, ତାକୁ ଧୀର ଭାବରେ manage (ନିୟନ୍ତ୍ରଣ) କରି, mainpulate (ସାମଞ୍ଜସ୍ୟ) କରି successful (କୃତକାର୍ଯ୍ୟ) ହେବାରେ ହିଁ ଯାହା କୃତିତ୍ୱ । ଯାଜନ କ୍ଷେତ୍ରରେ ମଧ୍ୟ ଜଣେ ଲୋକର ଭୁଲ, ତ୍ରୁଟି-ବିଚ୍ୟୁତି, ଅନ୍ୟାୟ ଯାହା ଥାଉ ନା କାହିଁକି, ମୂଳରୁ ତା'ର ସିଧାସଳଖ ପ୍ରତିରୋଧ କରିବାକୁ ଚେଷ୍ଟା ନ କରି କୌଶଳ ଓ ଦକ୍ଷତାର ସହିତ ତାକୁ ଉତ୍କ୍ରମଣୀ କରି ତୋଳିବାର ଚେଷ୍ଟା କରିବାହିଁ ଭଲ ।

## ମାର୍ଗଶିର ୬, ଶୁକ୍ରବାର, ୧୩୪୮ (ଇଂ ୨୧/୧୧/୪୧)

ଅତି ପ୍ରତ୍ୟୁଷରୁ ଇନ୍ଦୁ ଭାଇ (ବସୁ), ବିମଳ ଭାଇ (ମୁଖାର୍ଜୀ) ପ୍ରଭୃତି ଶ୍ରୀଶ୍ରୀଠାକୁରଙ୍କ ପାଖକୁ ଆସିଲେ । ଦିଗନ୍ତବିସ୍ତାରୀ ପ୍ରାନ୍ତର ଉପର ଦେଇ ହେମାଳିଆ ପବନ ବହି ଆସୁଛି, ଆଖପାଖରେ ବାଉଁଶ ଗଛରେ ପକ୍ଷୀସବୁ ଆନନ୍ଦରେ କଳରବ କରୁଛନ୍ତି, ଆଶ୍ରମ ପ୍ରାଙ୍ଗଣ ନିରୋଳା—ନିସ୍ତବ୍ଧ । ସେମାନେ ପ୍ରଣାମ ପୂର୍ବକ ବସିଲା ପରେ ଶ୍ରୀଶ୍ରୀଠାକୁର ଆଶ୍ରମର ପୂର୍ବ-କାହାଣୀ କହିବାକୁ ଲାଗିଲେ । Commerce and Culture (କମର୍ସ ଆଣ୍ଡ କଲଚର), ବିଶ୍ୱ ବିଜ୍ଞାନ, Mechanical Works (ମେକାନିକାଲ ୱାର୍କସ), Chemical Works (କେମିକ୍ୟାଲ ୱାର୍କସ), Registered Body (ରେଜିଷ୍ଟାର୍ଡ ବଡ଼ି) କରାଯିବାର ବୃତ୍ତାନ୍ତ, ମହାରାଜଙ୍କ ନାମରେ ଜମିକିଣା, କେତେଲୋକ କେତେଭାବରେ ଠକିଛନ୍ତି ଇତ୍ୟାଦି କେତେ କଥା । ତା'ପରେ ଶିକ୍ଷା ପ୍ରସଙ୍ଗରେ କହିବାକୁ ଲାଗିଲେ—ଆଜିକାଲି training (ଶିକ୍ଷା) ବ୍ୟବସ୍ଥା ଏପରି ହୋଇଛି ଯେ, ଖଣ୍ଡେ 'ଦା' ତିଆରି କରିବାକୁ ହେଲେ ପଚାଶ ଜଣଙ୍କର ମିଳିତ ଉଦ୍ୟମ ଦରକାର ହୁଏ । କୌଣସି ଜଣେ ଲୋକ କାମର ସବୁଦିଗଟା ଜାଣେନାହିଁ । All round training (ସର୍ବାଙ୍ଗୀନ ଶିକ୍ଷା) ଦେବି ବୋଲି କାରଖାନା ଓ ଅନ୍ୟାନ୍ୟ ପ୍ରତିଷ୍ଠାନ କରାଇଲି, ଏଗୁଡ଼ିକର ସଭା ଖୁବ୍ ମଜଭୁତ, ତା' ନହେଲେ ଯେପରି foolish experiment (ବେକୁବି ପରୀକ୍ଷା) ଏସବୁ ଉପରେ କରାହୋଇଛି, ଏତେଦିନ



ଧରି ଏମାନେ ମୁଣ୍ଡଟେକି ନଥାନ୍ତେ ।

ପ୍ରଫୁଲ୍ଲ—ସେ experiment (ପରୀକ୍ଷା) ଆପଣ allow (ଅନୁମୋଦନ) କଲେ କାହିଁକି ?

ଶ୍ରୀଶ୍ରୀଠାକୁର—ନକରି କ'ଣ କରିଥା'ନ୍ତି ? ସମସ୍ତେ ଆସି କହନ୍ତି, suggestion (ପରାମର୍ଶ) ଦିଅନ୍ତି । ଏବେ ଅନେକଙ୍କର ଶିକ୍ଷାଲାଭ ହୋଇଛି । ଏଇସବୁ ପରମେଶ୍ୱର ତ୍ୱଙ୍କର ମଣିଷକୁ ନେଇ ଅସୁବିଧା । ସମସ୍ତେ ଈଶ୍ୱର ସାଜିବାକୁ ଚାହାଁନ୍ତି । ଯେଉଁମାନେ ଠାକୁରଙ୍କ ଦ୍ୱାରା କେତେଟା fulfilled (ପରିପୂରିତ)—ସେ କଥା ନକହି ଠାକୁରଙ୍କୁ ସେମାନେ କେତେଟା fulfil (ପରିପୂରଣ) କରିଛନ୍ତି ତାହାହିଁ ବେଶି କରି କହନ୍ତି, ସେମାନଙ୍କୁ ସନ୍ଦେହ କରିବାକୁ ହେବ ।

କେତେକ ଲୋକଙ୍କ ସମ୍ବନ୍ଧରେ କଥା ଉଠିବାରୁ କହିଲେ—ଏମାନଙ୍କର ଦୋଷ ବା କ'ଣ, ସମସ୍ତେ ଖିଆଲାନନ୍ଦର ଦଳ ଆଉ କ'ଣ ?

* * * *

ଅନେକ କଥା ହୋଇଗଲା ପରେ କହିଲେ—ଯାହା ବା ହୋଇଛି ତାହା କିଛି ନୁହେଁ, ତୁମେ କେତେଜଣ ଯଦି ପୁଣି ଜଳକପାତି ପରି ଲାଗିପଡ଼—ସବୁ ହୋଇଯିବ । ଏହି ଭାବ ଦରକାର—ଇଷ୍ଟହିଁ ମୋର ସବୁ, ତାଙ୍କରି ପାଇଁ ବଞ୍ଚିଛି, ମୋର ଉନ୍ନତି କହିଲେ ବୁଝେ ତାଙ୍କରି ଉନ୍ନତି, ତାଙ୍କରି ସ୍ୱାର୍ଥ, ତାଙ୍କରି ପ୍ରତିଷ୍ଠା, ଏହାହିଁ ଯେତେଟା କରିପାରିଲି, ସେତିକିଟାହିଁ ମୋର ଜୀବନର ସାର୍ଥକତା । ଜୀବନ, ବୃଦ୍ଧି କିମ୍ବା ଆତ୍ମୋନ୍ନତି ଇତ୍ୟାଦିର ଦୁଆ ଦେଲେ ଲୋକଙ୍କୁ ବିଭ୍ରାନ୍ତ କରି ଦେଇପାରେ । ଅନ୍ୟମାନଙ୍କ ତୁଣ୍ଡରେ ସେସବୁ କଥା ଶୋଭାପାଏ, କିନ୍ତୁ ତୁମେ ଏସବୁ କଥା କହିଲେ ଚଳିବ ନାହିଁ । ସହଜ କଥା—ସେଇ ମଣିଷଟି, ସେ ଭଗବାନ କି ନୁହଁ, ବୁଦ୍ଧ କି ନୁହଁ, କୃଷ୍ଣଠାକୁର କି ନୁହଁ, ଚୈତନ୍ୟଦେବ କି ନୁହଁ, ଏତେସବୁ ଘଣ୍ଟା-ଘଣ୍ଟି କରି ମୋର ଲାଭ କ'ଣ ? 'ଏହୋ ବାହ୍ୟ ଆଗେ କହ ଆର' ସେ ଯଦି ତାହା ସବୁ ହୋଇଥାନ୍ତି, ତାହାପରେ evolve କରିବ (ମୋର ବୋଧରେ ଉଭିନ୍ନ ହେବ) । ମୋରି ମା ମା-କାଳୀ ହୋଇପାରନ୍ତି, କିନ୍ତୁ ମା-କାଳୀ ହୋଇ ମଧ୍ୟ ସେ ପ୍ରଥମତଃ ଓ ପ୍ରଧାନତଃ ମୋର ମା । ମା, ମା-ହିଁ—ଏହି ରୂପ ବାଦ୍‌ଦେଇ ତାଙ୍କର ଚିନ୍ମୟୀରୂପ ମୋ ନିକଟରେ ବଡ଼ ନୁହେଁ । ତେଣୁ ଚଣ୍ଡୀଦାସ କହନ୍ତି—'ମରମ ନ ଜାଣି ଧରମ ବଖାଣେ, ଏପରି ଅଛନ୍ତି ଯିଏ, କାମ ନାହିଁ ସଖି ସେମାନଙ୍କୁ ନେଇ, ବାହାରେ ଥା'ନ୍ତୁ ସିଏ ।' ସେହିପରି ଭଲପାଇବା ଯଦି ଥାଏ, ସେତେବେଳେ ତାଙ୍କ ଛଡ଼ା, ତାଙ୍କର ଭଲମନ୍ଦ ଛଡ଼ା, ତାଙ୍କ ସ୍ୱାର୍ଥପ୍ରତିଷ୍ଠା ଛଡ଼ା ଅନ୍ୟ କୌଣସି ବୋଧହିଁ ନଥାଏ । ଏବଂ ସାଧୁ ମାନେ ସେ-ହିଁ, ଯେ ସବୁ circumstances (ଅବସ୍ଥା) କୁ manage (ବ୍ୟବସ୍ଥା) କରି, disburse (ପରିବେଷଣ) କରି, adjust (ନିୟନ୍ତ୍ରଣ) କରି, rule (ଆୟତ୍ତ) କରିପାରେ—କାମ ସୁନ୍ଦର ଭାବରେ ସମାପନ

କରିପାରେ ।

ଗୀତାର କେତୋଟି ଶ୍ଳୋକକୁ ନେଇ ଆଲୋଚନା ହେଲା । ଶ୍ରୀଶ୍ରୀଠାକୁର କହିଲେ, ଗୀତାରେ 'ବାସୁଦେବ' କଥାଟା ମୋତେ ଖୁବ୍ ଭଲଲାଗେ । ଆତ୍ମା, ପରମାତ୍ମା, ବୋଲି କଥା ନୁହେଁ, ବସୁଦେବଙ୍କ ପୁତ୍ର ବାସୁଦେବହିଁ ମୋର ସବୁ ଏହାହିଁ ହେଲା ଅସଲ କଥା ।

## ମାର୍ଗଶିର ୭, ଶନିବାର, ୧୩୪୮ (ଇଂ ୨୨/୧୧/୪୧)

ଅନ୍ୟାନ୍ୟ ଦିନ ପରି ଆଜି ମଧ୍ୟ ଯଥା ସମୟରେ ଈଷଦା ଭାଇ (ବିଶ୍ୱାସ), ବିମଳ ଭାଇ (ମୁଖାର୍ଜୀ), ଇନ୍ଦୁ ଭାଇ (ବସୁ) ପ୍ରଭୃତି ପହଞ୍ଚି ଯାଇଛନ୍ତି । କଥାବାର୍ତ୍ତା ଆରମ୍ଭ ହୋଇଛି ।

ଶ୍ରୀଶ୍ରୀଠାକୁର—ତଥାକଥିତ University education (ବିଶ୍ୱବିଦ୍ୟାଳୟର ଶିକ୍ଷା) ପିଲାମାନଙ୍କର normal motor-sensory co-ordination (ସ୍ୱାଭାବିକ ଚିନ୍ତା ଓ କର୍ମର ସମନ୍ୱୟ) କୁ ଅନେକ କଷ୍ଟ ସହକାରେ ଭାଙ୍ଗି ତାକୁ ଗୋଟାଏ graduated (ଡିଗ୍ରୀଧାରୀ) ଅଷ୍ଟବକ୍ର 'ଦ' ପରି କରି ଦେଉଛି । University (ବିଶ୍ୱବିଦ୍ୟାଳୟ)ରୁ ଯେତେବେଳେ ସେ ବାହାରେ, ସେତେବେଳେ ଚାରିଦିଗରେ ସୋରିଷଫୁଲ ଦେଖୁଥାଏ, କ'ଣ କରିବ କିଛି ବୁଝିପାରେ ନାହିଁ, decision (ସିଦ୍ଧାନ୍ତ) ବୋଲି କିଛି ନଥାଏ । Principle or Ideal (ନୀତି ବା ଆଦର୍ଶ) ବୋଲି କିଛି ନଥିବାରୁହିଁ ଏହିପରି ହୋଇଥାଏ । Principle or Ideal (ନୀତି ଓ ଆଦର୍ଶ) କିନ୍ତୁ ଗୋଟାଏ idea (ଭାବ) ନୁହେଁ, ଜଣେ person (ବ୍ୟକ୍ତି) । 'ଚରିତ୍ର', 'ଚରିତ୍ର' କହନ୍ତି, କିନ୍ତୁ ଜଣେ ଚରିତ୍ରବାନ୍ ମଣିଷ ସାମନାରେ ନଥିଲେ ଚଲା ବା ବିବେଚନା ଠିକ୍ ହୁଏନାହିଁ, ତେଣୁ ଚରିତ୍ରହିଁ form (ଗଠନ) କରେ ନାହିଁ । ମେରୀ ମ୍ୟାଗଡାଲିନର କଥା ଭାବ ତ ଦେଖି ତା'ର ପୂର୍ବଜୀବନ କିପରି ଥିଲା, କିନ୍ତୁ ଖ୍ରୀଷ୍ଟଙ୍କୁ ଯେତେବେଳେ ସମସ୍ତେ deny (ଅସ୍ୱୀକାର) କରିଥିଲେ, ସେହିଁ ଏକମାତ୍ର ଜାବୁଡ଼ି ଧରିଥିଲା, ପରେ ଯେତେବେଳେ ଶିଷ୍ୟମାନେ ଦେଖିଲେ—ଆସର ଜମି ଉଠିଛି, ଆତ୍ମଗୋପନ କରି ରହିଲେ ପସ୍ତାଇବାକୁ ହେବ, ସେତେବେଳେ ଜଣେ ଜଣେ ଖାତା, ଗାମୁଛା କାଖରେ ଜାକି ଅମୁକ saint, ତମୁକ saint (ସାଧୁ) ନାମ ଧାରଣ କରି ବାହରିଲେ, ସବୁ ସତ୍ତ୍ୱେ କିନ୍ତୁ ମେରୀ ମ୍ୟାଗଡ଼ାଲିନଙ୍କୁ କହିବାକୁ ହେବ ଗୋଟାଏ ଚରିତ୍ର ।

ଇନ୍ଦୁ ଭାଇ—ଆପଣ ହୁଏତ ସମସ୍ତଙ୍କର ଯାହା କରଣୀୟ ତାହା କହି ଦେଇଛନ୍ତି, କିନ୍ତୁ ଜଣେ ଯଦି କହେ—ଶ୍ରୀଶ୍ରୀଠାକୁର ତ individually (ବ୍ୟକ୍ତିଗତ ଭାବରେ) ମୋତେ କିଛି କହି ନାହାନ୍ତି, ତାହେଲେ କ'ଣ ହେବ ?

ଶ୍ରୀଶ୍ରୀଠାକୁର—ତା'ର କାରଣ ସେହି Ego (ଅହଂ) । 'ନରକ କା ମୂଲ ଅଭିମାନ' । ଜଣେ ପିଲା ହୁଏତ ବାପ ପାଇଁ ଆମ୍ବ ନେଇ ଯାଇଛି, ସେତେବେଳେ ବାପ କାର୍ଯ୍ୟବ୍ୟସ୍ତ



ଥାଇ ହୁଏତ ନଜର ଦେଇ ପାରିନାହିଁ, ଆଉ ଜଣକଠାରୁ ହୁଏତ ଜାମୁରୋଳ ନେଇ ଖାଇଛି । ପୂର୍ବୋକ୍ତ ପିଲା ଏହାଶୁଣି ଯଦି ଅଭିମାନ କରି କହିଲା—'ମୁଁ ଆଉ ମୋଟେ ଦେବି ନାହିଁ, ବାପା ମୋତେ ଭଲପା'ନ୍ତି ନାହିଁ ।' Complex (ବୃତ୍ତି) ଯୋଗୁହିଁ ଏହିପରି ହୋଇଥାଏ, normal mood (ସ୍ୱାଭାବିକ ମିଜାଜ)ରେ ଥିଲେ, ସେ, ତାହା ଭାବିବାକୁ ପସନ୍ଦ ବି କରେ ନାହିଁ । ମୂଳ କଥା କିନ୍ତୁ ମା-ବାପା ବା ଗୁରୁଙ୍କ ପ୍ରତି ମୋର ଭଲ ପାଇବା, ସେମାନଙ୍କ ପାଇଁ ମୋର କରିବା, ତାରି ଉପରେହିଁ ମୋର ଭବିଷ୍ୟତ ନିର୍ଭର କରେ । ମା-ବାପା ମୋତେ ଲକ୍ଷ ଭଲ ପାଇଲେ ମଧ୍ୟ ମୋର କିଛି ହେବ ନାହିଁ, ମୁଁ ସେ ଭଲପାଇବାକୁ realise (ଅନୁଭବ) ମଧ୍ୟ କରି ପାରିବି ନାହିଁ । ଟାଣ ଯଦି ଥାଏ, ଗୁରୁ ମାରିଲେ ମଧ୍ୟ କହିବାକୁ ହୁଏ,—'ମେରା ଗୁରୁ ବଡ଼ ଦୟାଲ' ।

ନାମ ଓ ନାମୀ ସମ୍ବନ୍ଧରେ କଥା ଉଠିଲା ।

ଶ୍ରୀଶ୍ରୀଠାକୁର—ନାମ ନାମୀ ଅଭେଦ, ଯେ ନାମ ସେଇ କୃଷ୍ଣ । ନାମ ନାମୀର ସବୁ କିଛିକୁ ବୁଝାଇ ଥାଏ । Realised man (ସିଦ୍ଧପୁରୁଷ) ସଦ୍‌ଗୁରୁ ନ ହେଲେ ଏବଂ ସେଇ ସଦ୍‌ଗୁରୁଙ୍କ ପ୍ରତି ଟାଣ ନ ଥିଲେ ନାମ ଫଳବତୀ ହୁଏ ନାହିଁ, ତେଣୁ ଅଛି—'କୋଟି ଜନ୍ମ କରେ ଯଦି ନାମ ସଂକୀର୍ତ୍ତନ, ତଥାପି ନ ପାଏ କେହି ବ୍ରଜେନ୍ଦ୍ର ନନ୍ଦନ ।'

ସଂସ୍କଜନ ଓ ସଂଗଠନ କର୍ମ ସମ୍ବନ୍ଧରେ କଥା ଉଠିଲା—ଶ୍ରୀଶ୍ରୀଠାକୁର କଥା ପ୍ରସଙ୍ଗରେ କହିଲେ—Consolidation (ସଂହତି) ଯେ ହେଉନାହିଁ ତା'ର ଦୁଇଟା କାରଣ ଅଛି, ପ୍ରଥମ complex (ବୃତ୍ତି)ର nurture (ପୋଷଣ) ପାଇଁ ଠାକୁରଙ୍କୁ utilise (ବ୍ୟବହାର) କରିବା । 'ମୁଁ ଠାକୁରଙ୍କର' ଏ ଭାବ ନଥାଏ ; ଏବଂ mutual interest (ପାରସ୍ପରିକ ସ୍ୱାର୍ଥ) ନଦେଖି, ପରସ୍ପରକୁ ଠକାଇ ସ୍ୱାର୍ଥସିଦ୍ଧ କରିବାକୁ ଚାହେଁ । ଜଣେ ହୁଏତ କୁକାର୍ଯ୍ୟ କରୁଛି, କିନ୍ତୁ ସେ ଫେରିବା ବାଟରେ ଇନ୍ଦୁ ଭାଇର ମା'ର ଏକାଦଶୀ—ଏହା ଭାବି ଗୋଟାଏ ତରଭୁଜ ରାସ୍ତାରୁ କିଣି ନେଇ ଆସିଲା । ଯେ ଯାହାହେଉନା କାହିଁକି, ପରସ୍ପର ପ୍ରତି ଏଇ ପ୍ରକାର ଟାଣ ଆସିଲେହିଁ consolidation (ସଂହତି) ଆସେ । ରାଧାରମଣ ! ତୁମେ ହୁଏତ ଇନ୍ଦୁ ପାଇଁ ଗୋଟାଏ ଘର ତିଆରି କରିବାର ଭାରନେଲ—ତୁମେ ଭାବିଲ, 'ମୁଁ ତ ଶତକଡ଼ା ଏତେ ପାଇବି, ଯାହା ଲାଗିଛି ଲାଗୁ,' ତୁମେ ଖଟିଲ ମଧ୍ୟ ଖୁବ୍, କିନ୍ତୁ ଶେଷ ପର୍ଯ୍ୟନ୍ତ ଇନ୍ଦୁ ଭାବିଲା ଯେ—ସେ ଠକାମିରେ ପଡ଼ି ଯାଇଛି । ତୁମେ ଯଦି ଭାର ନେଇ ମୂଳରୁ ଭାବନ୍ତ, କିପରି ପାଞ୍ଚଶହ ଟଙ୍କାର କାମ ଅଢ଼େଇଶହ ଟଙ୍କାରେ କରାଯାଇ ପାରିବ, ପାଇଖାନାରେ ବସି ମଧ୍ୟ ଗାର କାଟୁଛ, ପରିକଳ୍ପନା କରୁଛ, ମୁଣ୍ଡରେ ସେଇଚିନ୍ତା ଛଡ଼ା ଆଉ କିଛି ନାହିଁ—ଏହିପରି କରୁ କରୁ ହଠାତ୍ ଗୋଟାଏ ଉପାୟ ଦେଖାଗଲା, ସେହିପରି କରିଦେଲ, ଇନ୍ଦୁ ଖୁସି ହୋଇ ସେତେବେଳେ ତୁମକୁ କେତେ କ'ଣ ଦେବ ଏବଂ ସେ ପାଇବା କେଡ଼େ ମଧୁର ! ତା'ତ ନା ! ମୁଣ୍ଡରେ ଥାଏ ଅନ୍ୟ ଉଦ୍ଦେଶ୍ୟ—ତଦ୍ୱାରା ତୁମେ ଠକାମିରେ

ପଡ଼। ପ୍ରତ୍ୟେକର ସ୍ୱାର୍ଥକୁ ନିଜର ସ୍ୱାର୍ଥ ଭାବି ଚଳିଲେ ନିଜର ସ୍ୱାର୍ଥ ଭଲଭାବରେ ବଜାୟ ରହେ। Charity begins at home—ନିଜ ଘରୁ ଏସବୁ ପ୍ରଥମେ ଆରମ୍ଭ କରିବାକୁ ହେବ। ଘରେ ଓ ସଦ୍‌ଗୁରୁଙ୍କ ସ୍ଥାନରେ ସମସ୍ତଙ୍କୁ ନେଇ ଚଳିବାକୁ ହେଲେ ଅନେକ ସହିବାକୁ ହୁଏ, ଧୈର୍ଯ୍ୟର ପରୀକ୍ଷା ହୁଏ, ତେଣୁ କୁହାଯାଏ କାଶୀରେ କାଳଭୈରବ ଅଛି। ଯାହାହେଉ, ପରସ୍ପର ପ୍ରୀତିପୂର୍ଣ୍ଣଭାବେ ଏହିପରି ସହିବା-ବହିବା ଛଡ଼ା କିନ୍ତୁ ସଂହତି ହୁଏ ନାହିଁ।

ଶ୍ରୀଶ୍ରୀଠାକୁର ଇନ୍ଦୁଭାଇଙ୍କୁ କହିଲେ—ତୁମେ ସବୁ ଯଦି ବିକ୍ରି କରିବାର ବ୍ୟବସ୍ଥା କରିପାରିବ ତେବେ କାଳିନ୍ଦାସୀ, ସରୋଜିନୀ ଏମାନେ Cottage Industry (କୁଟୀରଶିଳ୍ପ), knitting product (ସୂଚୀଶିଳ୍ପ) ଭଲରୂପେ କରିପାରିବେ।

ରୋଗ-ବ୍ୟାଧି ଏବଂ ଚିକିତ୍ସା ସମ୍ବନ୍ଧରେ କଥା ଉଠିବାରୁ ଶ୍ରୀଶ୍ରୀଠାକୁର କହିଲେ—ନାମକରି ରୋଗ ଭଲକରିବା, ଆଗେ ଅନେକ ହୋଇଛି। ଏହାର ଗୋଟାଏ record (ଲିଖିତ ବିବରଣୀ) ନେଲେ ଭଲ ହୁଅନ୍ତା। ନିଜର ବା immediate (ଅତି) ନିକଟରେ ଯେଉଁମାନେ ଥା'ନ୍ତି ସେମାନଙ୍କ ମଧ୍ୟରୁ କାହାରି doubtful (ସନ୍ଦେହପୂର୍ଣ୍ଣ) or sarcastic (ବିଦ୍ରୂପାତ୍ମକ) attitude (ମନୋଭାବ) ଥିଲେ ହେବ ନାହିଁ। ପାରିବ ନପାରିବ କୌଣସି ପ୍ରଶ୍ନ ନ କରି ବିଭୋର ହୋଇ ରୋଗୀକୁ ସ୍ପର୍ଶ କରି ନାମ କରି ଚାଲିଲେ ଗୋଟାଏ effulging shower of vital force (ପ୍ରାଣଶକ୍ତିର ପ୍ରୋଜ୍ଜ୍ୱଳ ବର୍ଷଣ) ହେଉଥାଏ, ତଦ୍ୱାରା curative force (ଆରୋଗ୍ୟକାରିଣୀ ଶକ୍ତି) ବୃଦ୍ଧି ପାଇବାରୁ ରୋଗ ନିରାମୟ ହୁଏ। ଏହାଦ୍ୱାରା କାହାର କୌଣସି ପ୍ରକାର infection (ସଂକ୍ରମଣ) ହୋଇଛି ବୋଲି ଶୁଣାଯାଇନି। Observe (ପର୍ଯ୍ୟବେକ୍ଷଣ) କରି ଦେଖିଲେ ହେବ।

ଉପରବେଳା ଶ୍ରୀଶ୍ରୀଠାକୁରଙ୍କ ସଙ୍ଗେ ନଦୀ ଧାରରେ ବୁଲୁ ବୁଲୁ କେଷ୍ଟ ଭାଇ ଜେୟାଡ଼୍'ଙ୍କ 'ଗାଇଡ୍ ଟୁ ମଡର୍ଣ୍ଣ ପଲିଟିକ୍ୟାଲ ଥିଓରିଜ' ସମ୍ବନ୍ଧରେ ଆଲୋଚନା କରୁଥିଲେ। ଶ୍ରୀଶ୍ରୀଠାକୁର କଥା ପ୍ରସଙ୍ଗରେ କହିଲେ—ଯେଉଁଠାରେ ସମାଜର ଉନ୍ନତି ସଙ୍ଗେ ସଙ୍ଗତି ରଖି ବ୍ୟକ୍ତି-ବୈଶିଷ୍ଟ୍ୟ-ପୂରଣର ସ୍ଥାନ ନାହିଁ ସେଠାରେ ଗୋଳମାଳ ଅଛି ବୋଲି ଜାଣିବେ।

## ମାର୍ଗଶିର ୮, ରବିବାର, ୧୩୪୮ (ଇଂ ୨୩/୧୧/୪୧)

ଶ୍ରୀଶ୍ରୀଠାକୁର ଅତି ପ୍ରତ୍ୟୁଷରୁ ନିଦରୁ ଉଠି ତାମ୍ବୁରେ ବିଛଣା ଉପରେ ବସି ତମାଖୁ ଖାଉଛନ୍ତି, ପାହାନ୍ତିଆ ବେଳ, ବାଉଁଶ ଗଛ ଉହାଡ଼ରୁ ଦୁଇ ଚାରିଟି ପକ୍ଷୀ ସମସ୍ତଙ୍କୁ ସଜାଗ କରି ଦେବାପାଇଁ ପ୍ରଭାତର ଜାଗରଣୀ ସଂଗୀତ ଗାଉଛନ୍ତି, କେତୋଟି କୁକୁର ଆଶ୍ରମ ପ୍ରାଙ୍ଗଣରେ ନିଶ୍ଚିନ୍ତରେ ଶୋଇଛନ୍ତି, ଏବଂ ସମ୍ମୁଖସ୍ଥ ବିଶାଳ ଅବବାହିକାରେ ନିସ୍ତବ୍ଧତା ବିରାଜମାନ କରୁଛି। ଏହିପରି ସମୟରେ ବିମଳ ଭାଇ (ମୁଖୋପାଧ୍ୟାୟ), ଇନ୍ଦୁଭାଇ



(ବୋଷ), ଛକ୍ଷଦା ଭାଇ (ବିଶ୍ୱାସ), ପଞ୍ଚାନନ ଭାଇ (ସରକାର), ପ୍ରଫୁଲ୍ଲ ପ୍ରଭୃତି ତାମ୍ବୁକୁ ଆସି ତଳେ ବସିଲେ, ବସି ରହି ତାଙ୍କର ସ୍ମିତ-ଗମ୍ଭୀର ଅପୂର୍ବ ଦିବ୍ୟକାନ୍ତି ଦେଖୁଛନ୍ତି; ସ୍ନେହକରୁଣା-ପ୍ରେମ ସମୁଜ୍ଜ୍ୱଳ ସେଇ ନିଖିଳ-ଆନନ୍ଦ-ବିଗ୍ରହକୁ ଦେଖୁ ଦେଖୁ ସମସ୍ତଙ୍କ ମନ ଏକ ଅପାର୍ଥିବ ଭାବରସରେ ପରିପୂର୍ଣ୍ଣ ହୋଇଉଠିଛି। ଏହିପରି କିଛିକ୍ଷଣ ନିର୍ବାକ୍‌ଭାବରେ କଟିଗଲା। ତାପରେ ଶିକ୍ଷା ସମ୍ବନ୍ଧରେ ଆଲୋଚନା ଆରମ୍ଭ ହେଲା।

ପ୍ରଫୁଲ୍ଲ—ଛାତ୍ରଜୀବନରେ ଯେଉଁ ସବୁ ବହି ଆମ ଉପରେ ଲଦି ଦିଆଯାଏ, ସେ ସବୁ ପଢ଼ିବାର ଯେ ପ୍ରୟୋଜନ ଅଛି, ତା ଆମେ ଅନୁଭବ କରୁ ନାହିଁ, ତେଣୁ ସେଗୁଡ଼ିକ ପଢ଼ିବାକୁ ଭଲଲାଗେ ନାହିଁ, ଏହାର ଉପାୟ କ'ଣ ?

ଶ୍ରୀଶ୍ରୀଠାକୁର—ଖେଳ କସରତ ଓ କାମ ଭିତର ଦେଇ ଯଦି ଶିକ୍ଷା ଦିଆଯାଏ, ତେବେ ଏପରି ହୁଅନ୍ତା ନାହିଁ। ପାଠ୍ୟ ବିଷୟର ଉପଯୋଗୀ ନାନାପ୍ରକାର ଖେଳ କସରତ ଓ ଜୀବନ-ଯାତ୍ରା ପକ୍ଷରେ ପ୍ରୟୋଜନୀୟ କର୍ମସୃଷ୍ଟି କରିବା ଦରକାର। ତୁମେ ହୁଏତ ପିଲାମାନଙ୍କୁ ନେଇ ଗୋଟାଏ ଗାଡ଼ି ତିଆରି କଲ, କହିଲ, whistle ଦେଲେ (ହୁଇସିଲ ମାରିଲେ) blue flag (ନୀଳ-ପତାକା) ଦେଖାଇବେ, train (ଗାଡ଼ି) start (ଚଳାଇ) ଦେବ। ଏପ୍ରକାର ଖେଳ ଭିତର ଦେଇ କେତେ କ'ଣ ଅଜ୍ଞାତସାରରେ ପିଲା ଶିଖିଯିବେ ! ଏହା ସଙ୍ଗେ ସଙ୍ଗେ ଏପରି ଭାବରେ ଇଙ୍ଗିତ ଦେବାକୁ ହେବ, ଯେପରି କି ତା'ର ଅନୁସନ୍ଧିତ୍ସୁ ଉଦ୍ଭାବନୀ ବୁଦ୍ଧି ତତ୍ପର ଓ ତୋଖଡ଼ ହୋଇଉଠିବ। ସେତେବେଳେ କୌଣସି କିଛି କରିବା ପାଇଁ ତା'ର କୌଶଳ ଜାଣିବାଲାଗି ପ୍ରୟୋଜନବଶତଃ ସେ ହୁଏତ ବହିପତ୍ର ଘାଣ୍ଟିଘୁଣ୍ଟି ପଟ୍ କରି ଅନେକ କିଛି ହାସଲ କରିନେବ, ମନେରଖିବା ପାଇଁ ତାକୁ କୌଣସି କସରତ କରିବାକୁ ହେବ ନାହିଁ। କେଉଁ ଫାଙ୍କରେ ଯେ ସେ କ'ଣ ଶିଖି ନେଲା ତା'ର ଟେର ନିଜେ ବି ପାଇବ ନାହିଁ। ପିଲାମାନେ novel (ଉପନ୍ୟାସ) ପଢ଼ନ୍ତି, ଗୋଟାଏ କଥା ତ ଭୁଲନ୍ତି ନାହିଁ, ଅଥଚ Battle of Trafalgar (ଟ୍ରାଫଲଗାର ଯୁଦ୍ଧ)ର ଗୋଟାଏ କଥା ବି ମନେ ରହେ ନାହିଁ, କାରଣ କ'ଣ ? ତା'ର ମାନେ ଏଇ interest (ଆଗ୍ରହ) ର ଅଭାବ, interest awaken (ଅନୁରାଗ ଜନ୍ମାଇବା) କରିବାହିଁ ଶିକ୍ଷକଙ୍କର ପ୍ରଧାନ କାମ, ଏବଂ ତାହା ଗୋଟିଏ art (କଳା) ବିଶେଷ। ଶିକ୍ଷକଙ୍କର ଚାଲିଚଳନ, ଭାବ-ଭଙ୍ଗୀ, କଥାବାର୍ତ୍ତା ଖୁବ୍ ମନୋଜ୍ଞ, ହୃଦୟଗ୍ରାହୀ ହେବା ଦରକାର। କଥା ଭିତର ଦେଇ ସେମାନେ ଚିତ୍ର ଆଙ୍କି ଦେବେ, ବିଷୟଟାକୁ ବାସ୍ତବ ଓ ଜୀବନ୍ତ କରି ତୋଳିବେ, ଏବଂ ତାଙ୍କୁ ନିତ୍ୟ-ନୂତନ ନାନାପ୍ରକାର activity (କର୍ମ) ଓ game (ଖେଳ) invent କରିବାକୁ ହେବ, ଛାତ୍ରମାନଙ୍କର ମଧ୍ୟ ସେତେବେଳେ ତାହା ନିଶା ପରି ଲାଗିଯାଏ। ଅସଲ କଥା, practical (ବାସ୍ତବ) କର୍ମକୁ ଭିତ୍ତିକରି ଯାହାକିଛି theoretical (ତାତ୍ତ୍ୱିକ) ପଢ଼ାଶୁଣା ହେବ। ଏଇପରିଭାବରେ କରିଲେ ଖୁବ୍ କମ ପିଲା ଅକୃତକାର୍ଯ୍ୟ ହେବେ। ଛାତ୍ର ଯଦି ଅକୃତକାର୍ଯ୍ୟ ହୁଏ, ତାପାଇଁ ପ୍ରଧାନତଃ ଶିକ୍ଷକହିଁ ଦାୟୀ।

ଗୋଟାଏ ପିଲା ପାରୁ ନାହିଁ, ମାନେ ତା'ର interest (ଆଗ୍ରହ)ର ଦ୍ୱାର ଭିତରେ ମୁଁ ପ୍ରବେଶ କରିପାରି ନାହିଁ। Field-work (କର୍ମକ୍ଷେତ୍ର) ର ଭିତରକୁ ଲକ୍ଷ୍ୟ କରି ପ୍ରତ୍ୟେକଙ୍କର ବିଶିଷ୍ଟ interest (ଅନୁରାଗର ବିଷୟ) ଟା ଧରିବାକୁ ହେବ, କିଏ କ'ଣ କରିବାକୁ, କେଉଁ ପ୍ରକାର ଗଳ୍ପ ଶୁଣିବାକୁ ଭଲପାଏ, ଦେଖିବାକୁ ହେବ। ତା'ରି ଭିତର ଦେଇ ଅଗ୍ରସର ହେବାକୁ ହେବ, ତା'ହେଲେ ପାରିବ।

ଗେଷ୍ଟ-ହାଉସରେ ଜଣେ ଭାଇଙ୍କର କେତେ ଥର ଝାଡ଼ା ହୋଇଛି ଶୁଣି ଶ୍ରୀଶ୍ରୀଠାକୁର ସଙ୍ଗେ ସଙ୍ଗେ ପ୍ୟାରୀ ଭାଇଙ୍କୁ ସେଠାକୁ ପଠାଇଦେଲେ।

ପଞ୍ଚାନନ ଭାଇ ପୂର୍ବପ୍ରସଙ୍ଗ ଉଠାଇ ପ୍ରଶ୍ନ କଲେ—ତେବେକ'ଣ merit (ମେଧା)ର କୌଣସି ପ୍ରଶ୍ନ ନାହିଁ।

ଶ୍ରୀଶ୍ରୀଠାକୁର—Merit (ମେଧା) ferit ସବୁ ନିର୍ଭର କରେ ମା ଓ ଶିକ୍ଷକଙ୍କ ପ୍ରତି ପିଲାର ଟାଣ ଉପରେ । Original (ମୂଳ) ଟାଣଟାର ହିଁ furtherance (କ୍ରମୋନ୍ନତି) ଘଟାଇ ଦେବାକୁ ହେବ। ଏବଂ ତାହା ମଧ୍ୟ ଅନେକ ପରିମାଣରେ ନିର୍ଭର କରେ ଶିକ୍ଷକଙ୍କର ସକ୍ରିୟ ଇଷ୍ଟାନୁରାଗ ଉପରେ। ଅବଶ୍ୟ, ପିତାମାତାଙ୍କ ମଧ୍ୟରେ ଏଇ ଜିନିଷଟା (ଇଷ୍ଟାନୁରାଗ) ଥିବା ଦରକାର, କିନ୍ତୁ ସେମାନେ ଯଦି ଆଦର୍ଶବାନ୍ ନ ହୁଅନ୍ତି ଶିକ୍ଷକମାନେ ଆଦର୍ଶବାନ ହେଲେ ପିଲାମାନଙ୍କର ଚରିତ୍ରକୁ ଅନେକ ପରିମାଣରେ ଆଦର୍ଶାନୁଗ କରି ତୋଳିପାରିବେ।

ଆଚାର୍ଯ୍ୟ ପ୍ରତିନିଧି ହୁଏତ ଛାତ୍ରମାନଙ୍କୁ କହୁଛନ୍ତି—'ପଞ୍ଚାନନ ଭାଇ ତୁମ୍ଭମାନଙ୍କୁ କେତେ ଭଲପା'ନ୍ତି, କିପରି ଭାବରେ ମିଶି ଯା'ନ୍ତି, ଯେତେବେଳେ ପଢ଼ାନ୍ତିନା ତାଙ୍କର କଳା ଚମଡ଼ା ଭିତରୁ ଯେପରି ଆଲୋକ-କଣା ବିଚ୍ଛୁରିତ ହୁଏ। ମୁଁ ଭାବେ କିପରି ଏପରି ପଢ଼ାଇ ପାରନ୍ତି, ମଣିଷ ନା ଦେବତା ! ମୁଁ ଯେ ବୁଢ଼ା ମଣିଷ, ମୋର ମଧ୍ୟ ଇଚ୍ଛା ହୁଏ ତୁମ୍ଭମାନଙ୍କ ସଙ୍ଗେ ଏକା ବେଞ୍ଚରେ ବସି ପଢ଼ିବାକୁ। ** ମାଷ୍ଟର ମହାଶୟ ତୁମ୍ଭମାନଙ୍କ ପାଇଁ ଏତେ କରନ୍ତି, ତୁମେ ସବୁ କିନ୍ତୁ ପ୍ରତିଦିନ ତାଙ୍କୁ କିଛି ଦେଇ ଖାଇବ।' ଶ୍ରେୟକୁ ଦେବାର auto-initiative urge (ସ୍ୱତଃସ୍ୱେଚ୍ଛ ଆକୂତି) ଗଜାଇ ଦେବାହିଁ ଶ୍ରଦ୍ଧାକୁ ପୁଷ୍ଟ କରି ତୋଳିବାର ଗୋଟାଏ ବାସ୍ତବ ପନ୍ଥା। ଯାହାହେଉ ଶିକ୍ଷକଙ୍କୁ ଛାତ୍ର ଯେତେବେଳେ କୌଣସି ଜିନିଷ ଦେବାକୁ ଆସିଲା, ସେ ହୁଏତ କହିଲେ—'ତୁମର ଯେପରି ମୋତେ ଦେବାକୁ ଇଚ୍ଛା ହେଉଛି, ମୋର ତ ପୁଣି ଏପରି ଜଣେ ଅଛନ୍ତି, ତାଙ୍କୁ ନଦେଇ ପାରିଲେ ମୋତେ ମଧ୍ୟ ଭଲ ଲାଗେନାହିଁ, ଚାଲ ଯିବା ଠାକୁରଙ୍କୁ ଦେଇ ଆସିବା।' ଛାତ୍ର ହୁଏତ କହିଲା, 'ଆପଣ ନିଜପାଇଁ କିଛି ରଖି ଦିଅନ୍ତୁ।' ଶିକ୍ଷକ-କହିଲେ—'ନା, ଚାଲ ! ତାଙ୍କୁ ଖୁଆଇ ମୋର ତୃପ୍ତି। ଏବଂ ତୁମର ପ୍ରୀତିର ଏହି ଦାନ ତାଙ୍କ ସେବାରେ ଲାଗିଲେ ହିଁ ତୁମେ ସାର୍ଥକ, ମୁଁ ସାର୍ଥକ ଏବଂ ତାହାହିଁ ମୋର ପରମ ପ୍ରାପ୍ତି। ଏବଂ ଏଇ ବାଟରେ ଚାଲ ଯାଇ



ଆଚାର୍ଯ୍ୟ-ପ୍ରତିନିଧିଙ୍କୁ ମଧ୍ୟ କିଛି ଦେଇ ଆସିବା।' ପିଲାର ସେତେବେଳେ କି ଆକୂତି ! ତତ୍କ୍ଷଣାତ୍ ଠାକୁରଙ୍କ ଆଡ଼େ ଦୃଷ୍ଟି ଚାଲିଗଲା।

ତାଛଡ଼ା, ଶିକ୍ଷକମାନେ ପରସ୍ପରର ସୁଖ୍ୟାତି କରିବେ, ପ୍ରତ୍ୟେକେ ପ୍ରତ୍ୟେକଙ୍କ ପ୍ରତି ଶ୍ରଦ୍ଧା ବଢ଼ାଇବାକୁ ଚେଷ୍ଟା କରିବେ। ଶିକ୍ଷକମାନଙ୍କର ଛାତ୍ରମାନଙ୍କ ପ୍ରତି homely, intimate, loving attitude (ସହଜ, ଅନ୍ତରଙ୍ଗ, ପ୍ରୀତିପୂର୍ଣ୍ଣ ଭାବ) ରହିବ, ଅଥଚ honourable distance (ସମ୍ଭ୍ରମାତ୍ମକ ବ୍ୟବଧାନ) ମଧ୍ୟ ରହିବ। ସବୁଠାରୁ ବେଶି କ୍ଷତିକାରକ ହେଉଛି ନିଜେ ପାଳନ ନ କରି ଅନ୍ୟକୁ ଉପଦେଶ ଦେବା, ତଦ୍ୱାରା ଛାତ୍ରମାନେ ଅଶ୍ରଦ୍ଧାପୂର୍ଣ୍ଣ ସମାଲୋଚନା କରିବାକୁ ସୁଯୋଗ ପାଆନ୍ତି। ନିଜର ଆଚରଣ ଭିତରଦେଇ ସହଜ କଲ୍ୟାଣକର ଅଭ୍ୟାସ, ବ୍ୟବହାର, ଝୁଙ୍କ ଅଭ୍ୟସ୍ତ କରାଇ ଦେଇ ପାରିଲେହିଁ କାମ ହୋଇଗଲା। ସେଥିପାଇଁ ଶିକ୍ଷକମାନଙ୍କୁ ପ୍ରଥମତଃ ଆଚାରବାନ୍, ଚରିତ୍ରବାନ୍ ହେବା ଦରକାର। ସେମାନଙ୍କ ଜୀବନରେ, ସେମାନଙ୍କ ଚରିତ୍ରରେ, ସେମାନଙ୍କ ଚଳନରେ, ଯାହା ଜୀବନ୍ତ, ଯାହା ପ୍ରକଟିତ ହେବ, ଅଜ୍ଞାତସାରରେ ତାହାହିଁ ସଞ୍ଚାରିତ ହେବ ଛାତ୍ରମାନଙ୍କ ମଧ୍ୟରେ, ଏବଂ ତାହାହିଁ ସେମାନଙ୍କର ଉତ୍ତର-ଜୀବନକୁ ପ୍ରଭାବିତ କରି ଉନ୍ନତି-ଅବନତିର ନିୟାମକ ହୋଇ ଉଠିବ। ଜାତି ମଧ୍ୟ ଗଢ଼ି ଉଠିବ ସେଇ ବାଟରେ। ତେଣୁ ଭାବି ଦେଖ, ଶିକ୍ଷକର ଦାୟିତ୍ୱ କେତେ ବେଶି।

## ମାର୍ଗଶିର ୯, ସୋମବାର, ୧୩୪୮ (ଇଂ ୨୪/୧୧/୪୧)

ଅନ୍ୟାନ୍ୟ ଦିନ ପରି ଆଜି ମଧ୍ୟ ଭୋରରୁ ଅନେକେ ଯାଇଁ ଶ୍ରୀଶ୍ରୀଠାକୁରଙ୍କ ପାଖରେ ତାମ୍ବୁରେ ସମବେତ ହେଲେ। ଭଗବତ-ପ୍ରାପ୍ତି ସମ୍ବନ୍ଧରେ କଥା ଉଠିଲା। ଶ୍ରୀଶ୍ରୀଠାକୁର କହିଲେ—ଭଗବାନଙ୍କ ମଧ୍ୟରେ ଅଛି ଐଶ୍ୱର୍ଯ୍ୟ, ଆଧିପତ୍ୟ (mastery), ଯାହାଙ୍କୁ ସାର୍ଥକ କରିବାକୁ ଯାଇ ଦୁନିଆରେ କାହାର ଯଦି ପ୍ରତ୍ୟେକଟି ଅଭିଜ୍ଞତାକୁ ସାର୍ଥକ କରି ମହାସାର୍ଥକତା ଲାଭ ପୂର୍ବକ meaningful (ସାର୍ଥକ) ହୋଇଉଠେ, ପ୍ରବୃତ୍ତିଗୁଡ଼ିକ ବିନ୍ୟସ୍ତ ଓ ସଂହତ ହୋଇ ଉଠେ, ଜୀବନର ଯାବତୀୟ ଯାହାକିଛି ସଂଗତିଶୀଳ ସମାଧାନୀ ଏକୀକରଣରେ ଉଦ୍ଭିନ୍ନ ହୋଇଉଠେ—ସଂଶ୍ଲେଷଣୀ ବିଶ୍ଳେଷଣୀ ତାତ୍ପର୍ଯ୍ୟରେ,—ସେହିଁ ତାର ଭଗବାନ। ମଣିଷ ବାସ୍ତବ ମଣିଷ ମଧ୍ୟରେ ହିଁ ଏଇ ଭାବରେ ଭଗବାନଙ୍କୁ ପାଏ—ଯେପରି ଅର୍ଜୁନ ପାଇଥିଲେ ଶ୍ରୀକୃଷ୍ଣଙ୍କ ମଧ୍ୟରେ, ହନୁମାନ ରାମଚନ୍ଦ୍ରଙ୍କ ମଧ୍ୟରେ, ବିବେକାନନ୍ଦ ରାମକୃଷ୍ଣଙ୍କ ମଧ୍ୟରେ,—ବାଞ୍ଛିତର ଆଗ୍ରହରେ ତାଙ୍କୁ ହିଁ ଉପଲକ୍ଷ୍ୟ କରି ସମସ୍ତ ସାର୍ଥକତା ସଂଗ୍ରଥିତ ହୁଏ, ପ୍ରତ୍ୟେକଟା ପ୍ରତ୍ୟେକଟାକୁ fulfil (ପରିପୂରଣ) କରି integrated (ସଂହତ) ହୁଏ, consolidated (ସଂବଦ୍ଧ) ହୁଏ, ପ୍ରତ୍ୟେକଟା

ପ୍ରତ୍ୟେକଟାର ସହିତ wedded (ପରିଣୟନିବଦ୍ଧ), welded (ମିଳିତ) ହୋଇଯାଏ। ଯେପରି, କାମ ସେତେବେଳେ କ୍ରୋଧ, ଲୋଭ, ମଦ, ମୋହ, ମାତ୍ସର୍ଯ୍ୟକୁ fulfil (ପରିପୂରଣ) କରେ, କ୍ରୋଧ—କାମ, ଲୋଭ, ମଦ, ମୋହ, ମାତ୍ସର୍ଯ୍ୟକୁ fulfil (ପରିପୂରଣ) କରେ ଇତ୍ୟାଦି। ଏହା ହୁଏ ଯେତେବେଳେ ସବୁ ଜିନିଷକୁ ଏକମାତ୍ର ଇଷ୍ଟସ୍ୱାର୍ଥପ୍ରତିଷ୍ଠାର ପ୍ରୟୋଜନରେ ନିୟୋଜିତ କରାଯାଏ—ଏହିପରି କରିବା ହିଁ ସବୁ ବୃତ୍ତିକୁ converge (ଏକମୁଖୀ) କରି, explain (ଅର୍ଥପୂର୍ଣ୍ଣ) କରି, adjust (ନିୟନ୍ତ୍ରିତ) କରି, chaos (ବିଶୃଙ୍ଖଳା) ମଧ୍ୟରେ cosmos (ସୁଶୃଙ୍ଖଳ ବିଧାନ) କୁ ଗଢ଼ି ତୋଳେ। ନିଶ୍ଚୟାତ୍ମିକା ପ୍ରତ୍ୟୟ ଓ ଜ୍ଞାନର ଭିତ୍ତି ଉପରେ ଛିଡ଼ାହୋଇ ମଣିଷ ସେତେବେଳେ ସ୍ୱତଃହିଁ ଐଶ୍ୱର୍ଯ୍ୟରେ ଅଧିଷ୍ଠିତ ହୁଏ, ସର୍ବାର୍ଥସିଦ୍ଧିର କୌଶଳ ସେତେବେଳେ ତା'ର ଆୟତ୍ତ ହୁଏ। ସେତେବେଳେ 'ବାସୁଦେବଃ ସର୍ବମିତି' ହୋଇ ଉଠନ୍ତି ତା ନିକଟରେ। ସେତେବେଳେ ସେ କହେ—'ବ୍ରହ୍ମ ମୋର ବାଞ୍ଛିତର ଅଙ୍ଗଜ୍ୟୋତିଃ,' ପ୍ରେଷ୍ଠକୁ ବାଦଦେଇ ସେତେବେଳେ ତା'ର ଚାଲିବା ଓ ପାଇବା କିଛି ବି ଆଉ ନଥାଏ। ଏଥିରେ ଯେ କି ସୁଖ, କିପରି ତାହା କହିବି, କିପରି ବା ବୁଝାଇବି ? ମିଛରେ ମଣିଷ ଆତ୍ମପ୍ରତିଷ୍ଠା କରିବାକୁ ଯାଇ ନିଜକୁ ବଞ୍ଚିତ କରେ, ମଣିଷର ଏହି ନିର୍ବୋଧତା ଦେଖି ମୋତେ ବହୁତ କଷ୍ଟ ହୁଏ।

ପ୍ରଫୁଲ୍ଲ—ମାତା ପିତାଙ୍କୁ ଅନୁସରଣ କଲେ କ'ଣ ଏପରି ଅନୁଭୂତି ହୁଏନାହିଁ ?

ଶ୍ରୀଶ୍ରୀଠାକୁର—ମାତୃଭକ୍ତ ପିଲା ଇଷ୍ଟାନୁରକ୍ତ ହୋଇଥାଏ। ତେବେ ଯାହାକୁ ଅନୁସରଣ କରିବ, ସେ ଯଦି ବୈଶିଷ୍ଟ୍ୟପାଳୀ ଆପୂରୟମାଣ ଆଚରଣ-ପ୍ରତିଷ୍ଠ ଆଚାର୍ଯ୍ୟ ନ ହୁଅନ୍ତି, ତାଙ୍କ ଜୀବନରେ ଜୀବନ୍ତ demonstration ବା ଦୃଷ୍ଟାନ୍ତ ଯଦି ନ ଦେଖୁ, ତାଙ୍କ ପାଖରୁ impulse (ପ୍ରେରଣା) ଯଦି ନ ପାଉ, ତା ହେଲେ ହେବ ନାହିଁ। ଦୁଇଟା ଦିଗରୁ ସାମଞ୍ଜସ୍ୟ ଦରକାର, ଅର୍ଥାତ୍ ବୈଶିଷ୍ଟ୍ୟପାଳୀ ପୂରୟମାଣ ଆଚାର୍ଯ୍ୟ ଇଷ୍ଟ ବା ପୁରୁଷୋତ୍ତମ ଦରକାର, ଏବଂ ତତ୍ ସଙ୍ଗେ ସଙ୍ଗେ ତାଙ୍କ ପ୍ରତି ଦରକାର ପ୍ରବୃତ୍ତିପରଭେଦୀ ଅଚ୍ୟୁତ ସକ୍ରିୟ ଅନୁରାଗ। ଏହି ମଣିକାଞ୍ଚନର ସଂଯୋଗ ଯେତେବେଳେ ହୁଏ, ତତ୍‌କ୍ଷଣାତ୍ ମଣିଷ ସାର୍ଥକ ହୋଇଥାଏ। ଏତାଦୃଶ ସଦ୍‌ଗୁରୁଙ୍କୁ କେବଳ ଦେଖିଲେହିଁ ହେବ ନାହିଁ, ବା ନିଷ୍କ୍ରିୟଭାବରେ ତାଙ୍କର ଉପଦେଶ ଶୁଣିଲେ ମଧ୍ୟ ହେବ ନାହିଁ। କରିବା ଦରକାର, କରିବା ଛଡ଼ା କିଛି ବି ଆମର କରତଳେ ଆସେ ନାହିଁ, ଅର୍ଥାତ୍ ଆମର ଆୟତ୍ତ ହୁଏ ନାହିଁ। କେବଳ ଗୋଧିକୁ ଦେଖିବା ଓ ଗୋଧି ଚମଡ଼ାରେ ଖଞ୍ଜଣି ହୁଏ ବୋଲି ଶୁଣିବା ଏବଂ ଗୋଧି ଚମଡ଼ା ଆଣି ମୋଚି ଦ୍ୱାରା ଖଞ୍ଜଣି ତିଆରି କରି ଆନନ୍ଦ ମନରେ ନିଜ ହାତରେ ବଜାଇବା, ଏ ଦୁଇଟା ମଧ୍ୟରେ ଢେର ତଫାତ୍। ସନ୍ଧାନ ପାଇବା ଏବଂ ଆଧିପତ୍ୟ ଅର୍ଜନ କରିବା ପୃଥକ୍ ଜିନିଷ। ଏଇ ଆଧିପତ୍ୟଲାଭ—ଏହା କିନ୍ତୁ ଇଷ୍ଟସ୍ୱାର୍ଥପ୍ରତିଷ୍ଠା ପାଇଁ, ନିଜର ହୀନତ୍ୱ ମନୋଭାବ ବା କାମ କାମନାର ପରିପୋଷଣ ପାଇଁ ନୁହେଁ। ଆଉ କିଛି ନ ହେଉ ପିଲାଦିନୁ



ବୃତ୍ତିସ୍ୱାର୍ଥ ଓ ବୃତ୍ତିପ୍ରତିଷ୍ଠା ବଡ଼ ନହୋଇ ଯଦି ମା-ବାପଙ୍କ ସ୍ୱାର୍ଥପ୍ରତିଷ୍ଠା ବଡ଼ ହୁଏ ତେବେ ଘରେ ଘରେ ଦୁର୍ଗୋତ୍ସବ ଲାଗିଯିବ। ଅବଶ୍ୟ, ମା-ବାପାଙ୍କର ମଧ୍ୟ ଇଷ୍ଟପ୍ରାଣ ହେବା ଦରକାର। ଇଷ୍ଟପ୍ରାଣତାହିଁ ଅସଲ, ଆଉ କାହାର ଦାମ୍ ନାହିଁ। ଇଷ୍ଟକୁ ଯେ ଅନୁସରଣ କରିବା, ତାଙ୍କୁ ମଧ୍ୟ ଦେଖିବାକୁ ହେବ ସେ କେତେ ପରିମାଣରେ ଇଷ୍ଟପ୍ରାଣ।

ପଞ୍ଚାନନ ଭାଇ—ଇଷ୍ଟ ବା ଗୁରୁହୀନ ବହୁଲୋକ ଆଜି ସମାଜରେ ଗୁରୁଙ୍କ ଆସନ ଅଧିକାର କରି ବସିଛନ୍ତି। ସେମାନଙ୍କୁ ବେଶି ଲୋକ ମାନୁଛନ୍ତି।

ଶ୍ରୀଶ୍ରୀଠାକୁର ଲଳିତ-ମଧୁର କଣ୍ଠରେ ଅପୂର୍ବ ଭଙ୍ଗୀରେ କହିଲେ—

''ଯାର ଯାକେ ଲାଗେ ଭାଲ, ତାରେ ଭଜୁକ ତାରା ଗୋ
ଆମାର କିନ୍ତୁ ଲାଗେ ଭାଲ ଶଚୀର ଦୁଲାଲ ଗୋରା ଗୋ।''

ଇଷ୍ଟ ନଥିଲେ ମଣିଷର ଯେ କି ଅବସ୍ଥା ହୁଏ ସେଇ ସମ୍ବନ୍ଧରେ ଶ୍ରୀଶ୍ରୀଠାକୁର ଆବେଗଭରେ କହିବାକୁ ଲାଗିଲେ—Ideal (ଇଷ୍ଟ) ନଥିଲେ, ego (ଅହଂ) passion (ପ୍ରବୃତ୍ତି) ଠାରେ rest କରେ (ଆଶ୍ରୟ ନେଇଥାଏ), ego (ଅହଂ) ପ୍ରବୃତ୍ତି ପ୍ରତି ଝୁଙ୍କିଲେ ମଣିଷ whimsical (ଖାମଖିଆଲି) ହୁଏ, ସେ ଯେ କେତେବେଳେ କେଉଁଆଡ଼େ ଯିବ, କାହାର କ'ଣ କରିବ, ଆଉ ନିଜକୁ ବା କେତେବେଳେ କେଉଁ ଅବସ୍ଥାରେ ନେଇ ପକାଇବ ତାର ଠିକଣା ନାହିଁ, କିନ୍ତୁ ମଣିଷ Ideal (ଇଷ୍ଟ) ରେ ଯୁକ୍ତ ହେଲେ wise (ପ୍ରଜ୍ଞାବାନ୍) , sweet (ମଧୁର), grave (ଗମ୍ଭୀର) ଓ strong (ଶକ୍ତିମାନ) ହୁଏ, ତାର passion (ପ୍ରବୃତ୍ତି) ଗୁଡ଼ିକ ମଧ୍ୟ ଏଇ ଇଷ୍ଟଙ୍କର ସେବାରେ ଲାଗନ୍ତି। ଇଷ୍ଟ ହେଲେ ଚିର ମଙ୍ଗଳମୟ, ତେଣୁ ପ୍ରବୃତ୍ତିଗୁଡ଼ିକ ମଧ୍ୟ ସେତେବେଳେ ନିଜର ଓ ପରର ମଙ୍ଗଳକୁ ଆବାହନ କରନ୍ତି, ସେଗୁଡ଼ିକ ସେତେବେଳେ ଧର୍ମର ବାହକ ହୁଅନ୍ତି, ରିପୁ ହୋଇ ନଥାଏ ଏବଂ ତାକୁ ଦମନ କରିବା ପାଇଁ କସରତ କରିବା ଦରକାର ହୁଏ ନାହିଁ। ମୋଟକଥା ପ୍ରବୃତ୍ତିଗୁଡ଼ିକ ଖରାପ କିଛି ନୁହଁ, ସେଗୁଡ଼ିକ libido (ସୁରତ) ର manifestation (ଅଭିବ୍ୟକ୍ତି)। ସେମାନେ କ୍ଷତିକାରକ ହୁଅନ୍ତି ସେତେବେଳେ ଯେତେବେଳେ ସେମାନେ ଇଷ୍ଟଙ୍କ ସେବାରେ ନ ଲାଗନ୍ତି, ସେତେବେଳେ ସେମାନେ ଆଉ ଆମର ହୋଇ ନଥାନ୍ତି, ଆମେ ସେମାନଙ୍କର ହୋଇଯାଉ, ଅର୍ଥାତ୍ ଶଇତାନହିଁ ହୁଏ 'ମୁଁ' ଏବଂ ମୋର ପ୍ରବୃତ୍ତି ଚାଳକ। ତେବେ କେବଳ ନାମକୁ ମାତ୍ର ଇଷ୍ଟସ୍ୱାର୍ଥ ଓ ଇଷ୍ଟପ୍ରତିଷ୍ଠା କଲେ ଚଳିବ ନାହିଁ। ମଣିଷ ଇଷ୍ଟସ୍ୱାର୍ଥ, ଇଷ୍ଟପ୍ରତିଷ୍ଠା ନେଇ ଘୁରାଘରି କରେ, ତା ପଛରେ ମଧ୍ୟ ଅନେକ ସମୟରେ ହୁଏତ ମତଲବ ଥାଏ କେଉଁ ଝିଅପିଲାଙ୍କଠାରୁ ବାହବା ପାଇବା, ତା'ର ଦୃଷ୍ଟି ଆକର୍ଷଣ କରିବା, ବା ନାମ କିଣିବା, ସେଥିରେ ଯେ ବେଶି କିଛି ଫଳହୁଏ, ନା ନୁହେଁ। ଏଇ ଉଦ୍ଦେଶ୍ୟ ଥିବା ଦରକାର ଯେ, ମୋର ସବୁକିଛି ଲଗାଇ ତାଙ୍କୁହିଁ ପୁଷ୍ଟ କରି ତୋଳିବି, ତାଙ୍କରି ପାଇଁ ତାଙ୍କୁ ଚାହିଁବି। ଚିଜିଏ ଯା'ର ମନ ଅଛି, ଇଚ୍ଛା ଅଛି, ସେହିଁ ପାରେ।

ଶ୍ରୀଶ୍ରୀଠାକୁରଙ୍କ ପାଖରେ ପ୍ରଶ୍ନ କରା ହେଲା—'ଶ୍ରୀନାଥେ ଜାନକୀନାଥେ ଅଭେଦଃ ପରମାତ୍ମନି, ତଥାପି ମମ ସର୍ବସ୍ୱଃ ରାମଃ କମଳଲୋଚନଃ'—କଥାର ତାତ୍ପର୍ଯ୍ୟ କ'ଣ ?

ଶ୍ରୀଶ୍ରୀଠାକୁର—ଧରନ୍ତୁ, ମୁଁ ହୁଏତ ନାହିଁ ମୋର ଅବର୍ତ୍ତମାନରେ ମୋର ପିଲାଙ୍କ ମଧ୍ୟରେ ମୋର ସାଦୃଶ୍ୟ ଲକ୍ଷ୍ୟ କରିବେ, ସେମାନଙ୍କୁ ଭଲପାଇବେ ମୋଠାରୁ ଜନ୍ମ ହୋଇଛନ୍ତି ବୋଲି, କିନ୍ତୁ ସେମାନଙ୍କୁ ଇଷ୍ଟ ବୋଲି ଭାବି ପାରିବେ ନାହିଁ, ସେହିପରି ।

ଇଷଦା ଭାଇ ଗୋଟିଏ ପେନ୍‌ସିଲ ଛାଡ଼ିଦେଇ ଉଠି ଯାଉଥିଲେ । ଶ୍ରୀଶ୍ରୀଠାକୁର ସଙ୍ଗେ ସଙ୍ଗେ ଡାକି ପେନ୍‌ସିଲ ଉଠାଇ ନେବାକୁ କହିଲେ । ଆଉରି କହିଲେ, ସବୁ ଦିଗକୁ ଖିଆଲ ରଖି ଚଳିବେ । ବେ-ଖିଆଲ ମାନେହିଁ ଜାଣିବେ imbalance (ସାମ୍ୟହରା ଭାବ) ।

## ମାର୍ଗଶିର ୧୦, ମଙ୍ଗଳବାର, ୧୩୪୮ (ଇଂ ୨୫/୧୧/୪୧)

ରାତ୍ରିର ଶେଷଯାମ, ପଦ୍ମାର ବେଳାଭୂମିରେ ଆଶ୍ରମ ନିସ୍ତବ୍ଧ, ଏବେ ମଧ୍ୟ ନିଦ୍ରିତ, ବଉଳଗଛ ଓ ବାବଲାଗଛ ସବୁ ନିର୍ବାକ୍ ପ୍ରହରୀ ପରି ଛିଡ଼ା ହୋଇଛନ୍ତି । ସାରାରାତ୍ରି ଶିଶିରସ୍ନାତ ଧରିତ୍ରୀ ମୌନ ଯୋଗାସନରେ ବସି କାହାର ଧ୍ୟାନ କରୁଛି କିଏ ଜାଣେ ? ତାଙ୍କରି ପାଖକୁ ସମସ୍ତେ ଛୁଟି ଆସନ୍ତି, ସମସ୍ତେ ତାଙ୍କର ପଦ-ପ୍ରାନ୍ତରେ ଆସି ଲୋଟନ୍ତି, ଏହାର କୌଣସି ଦିନ ସମୟ ନାହିଁ, ଅବିରତ ଅବିଶ୍ରାନ୍ତ ଚାଲିଛି ମାନବାତ୍ମାର ଏକ ଚିରନ୍ତନ ଅଭିସାର, ଦରଦୀ ପାଖରେ, ମରମୀ ପାଖରେ, ପ୍ରଜ୍ଞାଘନ ପ୍ରେମମୟଙ୍କ ପାଖରେ ତେଣୁ ମଣିଷଙ୍କ ଭିଡ଼ ଲାଗିଥାଏ, ସେ ଚିର ଅତନ୍ଦ୍ର, ଏବଂ ନିରନ୍ତର ଚାଲେ ତାଙ୍କର ଅଜସ୍ର ସୁଧାବର୍ଷଣ ।

ଆଜି ତପୋବନର ଶିକ୍ଷକବୃନ୍ଦ ଆସିଛନ୍ତି ଜିଜ୍ଞାସୁ ମନ ନେଇ । ଶିକ୍ଷା ସମ୍ବନ୍ଧରେ ଆରମ୍ଭ ହେଲା ତାଙ୍କର ଅମୃତ-ଆଲୋଚନା—ଆଦର୍ଶକୁ ଧରି instinct (ସହଜାତ ସଂସ୍କାର) ଗୁଡ଼ିକ ବାସ୍ତବ ଭାବରେ ମୂର୍ତ୍ତ କରି ତୋଳିବାହିଁ ଶିକ୍ଷା ।

ନଗେନ୍ ଭାଇ—ପିଲାଛୁଆଙ୍କର instinct (ସହଜାତ ସଂସ୍କାର) ବୁଝାଯିବ କିପରି ?

ଶ୍ରୀଶ୍ରୀଠାକୁର—ପିଲାଛୁଆଙ୍କର instinct (ସହଜାତ ସଂସ୍କାର) ବୁଝିବା କଠିନ କିଛି ନୁହେଁ, heredity (ବଂଶଗତି) consider (ବିବେଚନା) କରିବାକୁ ହୁଏ, ଖେଳ କସରତ ଭିତର ଦେଇ ଲକ୍ଷ୍ୟ କରିବାକୁ ହୁଏ, କାହାର କେଉଁ ଆଡ଼େ ଝୁଙ୍କ ଦେଖିବାକୁ ହୁଏ, ଖେଳ ସାଥି ସହିତ unguarded moment (ଅସତର୍କ ମୁହୂର୍ତ୍ତ) ରେ ବ୍ୟବହାର କିପରି କରେ ସେଦିଗକୁ ନଜର ଦେବାକୁ ହୁଏ, ଏଇ ସବୁ ଭିତର ଦେଇ ଧରାପଡ଼େ, ଏବଂ ତଦନୁଯାୟୀ nurture (ପୋଷଣ) ଦେବାକୁ ହୁଏ, stimulate (ଉଦ୍ଦୀପ୍ତ) କରିବାକୁ ହୁଏ, active (ସକ୍ରିୟ) କରିବାକୁ ହୁଏ । ମତ୍ସ୍ୟଜୀବୀର ପିଲାଙ୍କ ପାଖରେ ଜାଲର ଉପମା



ଦେବାକୁ ହୁଏ, ମୃତ୍‌ଶିଳ୍ପୀର ପିଲା ପାଖରେ ହାଣ୍ଡି, ମାଠିଆର ଉଦାହରଣ ଦେବାକୁ ହୁଏ । କ୍ଲାସରେ ଅନେକ ପିଲା ଥା'ନ୍ତି, ସେମାନଙ୍କର ବଂଶାନୁକ୍ରମିକତା ଓ ପରିବେଶ ବୁଝି, ଏପରି ଗୋଟାଏ common (ସାଧାରଣ) ଉପାୟ ବାହାର କରିବାକୁ ହୁଏ, ଯାହାକୁ ସମସ୍ତଙ୍କର ମନ ଓ ମସ୍ତିଷ୍କ ବୁଝିପାରେ । ତା ଛଡ଼ା ବିଭିନ୍ନ ପ୍ରକାରେ କହିବାକୁ ହୁଏ ଯେପରି ବିଭିନ୍ନ group (ଦଳ) ର ଛାତ୍ର ମାନେ specific nurture (ସ୍ୱତନ୍ତ୍ର ପୋଷଣ) ପା'ନ୍ତି । ଏବଂ ଯଦି demonstrative delivery (ପ୍ରଦର୍ଶନଯୋଗ୍ୟ ପରିବେଷଣ) ଢଙ୍ଗରେ, ଅର୍ଥାତ୍ ଗୋଟାଏ theatrical performance (ନାଟ୍ୟାଭିନୟ) ପରି ସେମାନଙ୍କ ପାଖରେ appear (ପ୍ରତ୍ୟକ୍ଷ) କରାଇ ଦେଇ ପାର, ଆଉରି ଭଲ । Instinct (ସହଜାତ ସଂସ୍କାର) ଗୁଡ଼ିକୁ nurture (ପୋଷଣ) ଦେଇ acquisition (ପ୍ରାପ୍ତି)ରେ interested (ଅନୁରାଗୀ) କରି, ପ୍ରତ୍ୟେକଟି ଅଭିଜ୍ଞତାକୁ meaningful (ସାର୍ଥକ) କରି ତୋଳି ଛାତ୍ର ଭିତରେ ଏହିପରି active adjustment (ସକ୍ରିୟ ସଂଗତି) ଆଣି ଦେବାହିଁ ଶିକ୍ଷକର ପ୍ରକୃତ କାମ । ସମସ୍ତ life-affair (ଜୀବନ-ଯାତ୍ରା)କୁ କେତେଗୁଡ଼ିଏ activity (କର୍ମ) ର group (ଶ୍ରେଣୀ) ରେ ଭାଗ କରି ଦେବାକୁ ହୁଏ, syllabus (ପାଠ୍ୟକ୍ରମ) ମଧ୍ୟ ତଦନୁଯାୟୀ activity (କର୍ମ) ଭିତର ଦେଇ ଗଢ଼ିଦେବାକୁ ହୁଏ, ଏହିସବୁ ଉଦ୍ଦେଶ୍ୟ ଯେପରି fulfilled (ପୂରଣ) ହୁଏ ସେଥିପାଇଁ ଆବଶ୍ୟକୀୟ ନୂତନ ଧରଣର ବହି ଲେଖିବାକୁ ହୁଏ ।

ପିଲାଛୁଆ କୌଣସି ସମୟରେ ପଢ଼ାଶୁଣା ପାଇଁ willing (ଇଚ୍ଛୁକ) ଥା'ନ୍ତୁ ବା ନ ଥା'ନ୍ତୁ practical activity (ବାସ୍ତବ କର୍ମ) ଥିଲେ କ୍ଷଣିକ ମଧ୍ୟରେ ସେମାନଙ୍କର mood (ମନୋଭାବ) ready (ପ୍ରସ୍ତୁତ) କରି ଦିଆ ଯାଇପାରେ । ପିଲା ଯେ ପାରେ ନାହିଁ ଏପରିଭାବ ତା ଉପରେ କୌଣସି ପ୍ରକାରେ ସୃଷ୍ଟି କରିବା ଉଚିତ ନୁହେଁ,—teacher (ଶିକ୍ଷକ) ର ଗୋଟାଏ careless remark (ଅସତର୍କ ଉକ୍ତି) ପିଲାର ସର୍ବନାଶ କରିଦେଇ ପାରେ । କାମଧନ୍ଦାରେ, ବ୍ୟବହାରରେ, ପଢ଼ାଶୁଣାରେ ଛାତ୍ରର ଟିକିଏ ଉନ୍ନତି ଦେଖିଲେ ତାହା publicly (ପ୍ରକାଶ୍ୟରେ) appreciate (ପ୍ରଶଂସା) କରିବା ଦରକାର, ସେଥିରେ ସେ encouraged (ଉତ୍ସାହିତ) ହୋଇ ବାହାବା ପାଇବା ଲୋଭରେ ଆଉରି ଲାଗିପଡ଼େ ।

Greatest disqualification of a teacher (ଶିକ୍ଷକର ପ୍ରଧାନ ଦୋଷ) ହେଲା, ଆଉ ଜଣେ teacher (ଶିକ୍ଷକ) କୁ down (ନ୍ୟୂନ) କରିବା । Ideal କୁ ମଝିରେ ରଖି ପ୍ରତ୍ୟେକ teacher (ଶିକ୍ଷକ) ପ୍ରତ୍ୟେକ teacher ଠାରେ ଏପରି interested (ଅନୁରାଗୀ) ହେବେ ଯେ ୧୫ ଜଣ teacher (ଶିକ୍ଷକ) ଯେପରି ଅଲଗା ଅଲଗା ନୁହନ୍ତି,—ସମସ୍ତେ ମିଶି ଯେପରି ଜଣେ teacher (ଶିକ୍ଷକ) । ଛାତ୍ରମାନେ ଯେତେଜଣଙ୍କ ପାଖରେ ପଢ଼ନ୍ତୁ ନା କାହିଁକି ମନେ କରିବେ ଯେପରି ଜଣକ ପାଖରେହିଁ ପଢ଼ୁଛନ୍ତି । ଗୋଟିଏ ଛାତ୍ର କୌଣସି ଜଣେ teacher (ଶିକ୍ଷକ) ଙ୍କ ପ୍ରତି interested

(ଅନୁରକ୍ତ) ହେବାକୁ ଗଲେ ସବୁ teacher (ଶିକ୍ଷକ) ଙ୍କ ପ୍ରତି interested (ଅନୁରକ୍ତ) ନ ହୋଇ ରହିପାରିବ ନାହିଁ। ଶିକ୍ଷକମାନଙ୍କୁ ମନେ ରଖିବାକୁ ହେବ ଯେ, indomitable active urge to fulfil the Ideal beloved (ପ୍ରିୟ ପରମଙ୍କୁ ପରିପୂରଣ କରିବାର ଅଦମ୍ୟ ସକ୍ରିୟ ଆକୂତିହିଁ) ହେଉଛି fundamental nucleus of man-building, nation-building (ମଣିଷ ଗଠନ ଓ ଜାତି ଗଠନର ମୂଳ ପ୍ରାଣକେନ୍ଦ୍ର)। ଆଉରି ସ୍ମରଣ ରଖିବାକୁ ହେବ ଯେ ଅଧ୍ୟୟନ ହେବ କର୍ମ ମୁଖର, କିନ୍ତୁ ଅଧ୍ୟୟନ-ମୁଖର କର୍ମ ନୁହେଁ।

ବିମଳ ଭାଇ—କି କି କର୍ମର ଆୟୋଜନ କରିବାକୁ ହେବ ?

ଶ୍ରୀଶ୍ରୀଠାକୁର—ମୋର ମନେହୁଏ, agriculture (କୃଷି) କୁହିଁ କରିବାକୁ ହେବ ମୂଳ ଭିତ୍ତି, ତତ୍ ସଙ୍ଗେ ସଙ୍ଗେ ରହିବ carpentry (କାଠକାମ), smithy (କମାର କାମ), wicker-works (ବାଉଁଶ ବା ବେତ କାମ), tailoring (ଦର୍ଜିକାମ), weaving (ବୁଣାବୁଣି କାମ), drawing (ଅଙ୍କନ), masonry (ରାଜମିସ୍ତ୍ରୀ କାମ) ଇତ୍ୟାଦି with a view to demonstrate physics and chemistry with mathematical accuracy and artistic skill (ଗାଣିତିକ ଅଭ୍ରାନ୍ତତା ଓ କଳାତ୍ମକ କୌଶଳ ସହ ପଦାର୍ଥ-ବିଦ୍ୟା ଓ ରସାୟନ-ଶାସ୍ତ୍ରକୁ ବୋଧଗମ୍ୟ କରିବା ପାଇଁ।) ସମସ୍ତ କାମ ଭିତର ଦେଇ ଦେଖିବାକୁ ହେବ efficiency (ଦକ୍ଷତା) grow କରୁଛି (ବୃଦ୍ଧି ପାଉଛି) କି ନାହିଁ, କେତେ କମ ସମୟ ମଧ୍ୟରେ କେତେ beautifully and profitably output (ସୁନ୍ଦର ଓ ଲାଭଜନକଭାବରେ ଉତ୍ପାଦନ) କରୁଛି।

"ଅର୍ଜ୍ଜନେ ପଟୁ ସାଶ୍ରୟୀ କାଜେ
ସୁନ୍ଦରେ ସମାପନ,
ଏଇ ଦେଖେ ତୁଇ ବୁଝବି ଲୋକେର
ଦକ୍ଷତା କେମନ।"

ଗତାନୁଗତିକ ଭାବରେ କେତେ ଗୁଡ଼ିଏ କାମ ପ୍ରବର୍ତ୍ତନ କରିଲେହିଁ ଯେ ହେବ ତା ନୁହେଁ, teacher (ଶିକ୍ଷକ) ର ଯଦି inquisitive (ଅନୁସନ୍ଧିତ୍ସୁ), researchful (ଗବେଷଣାମୁଖର) active attitude (ସକ୍ରିୟ ମନୋବୃତ୍ତି) ଥାଏ, ତେବେ monotony (ବିରକ୍ତିକର ଗତାନୁଗତିକତା) break କରେ (ଭାଙ୍ଗିଯାଏ), ଛାତ୍ରର ଶିଖିବାର urge (ଆକୂତି) ମଧ୍ୟ ବଢ଼େ।

ଆଲୋଚନାର ସ୍ରୋତ ଚାଲିଛି। ସମସ୍ତେ ମନ୍ତ୍ରମୁଗ୍ଧ ପରି ତାଙ୍କ କଥା ସବୁ ଶୁଣୁଛନ୍ତି। ମଝିରେ ମଝିରେ ଗୋଟାଏ ଅଧେ ପ୍ରଶ୍ନ କରା ହେଉଛି। ପୂର୍ବ ଆଲୋଚନାର ସୂତ୍ର ଧରି ପ୍ରଶ୍ନ କରାହେଲା—ଆପଣ ଶିକ୍ଷା ବ୍ୟବସ୍ଥା ମଧ୍ୟରେ କୃଷିକାର୍ଯ୍ୟ, କାଠ କାମ, କମାର କାମ, ବୁଣାବୁଣି କାମ, ରାଜମିସ୍ତ୍ରୀ କାମ, ବେତ ଓ ବାଉଁଶ କାମ, ନାନାପ୍ରକାର କୁଟୀରଶିଳ୍ପ



ଇତ୍ୟାଦି ଅବଶ୍ୟ ଶିକ୍ଷଣୀୟ ହିସାବରେ ପ୍ରବର୍ତ୍ତନ କରିବାକୁ ଚାହିଁଛନ୍ତି, ଜୀବିକା ହିସାବରେ ଏ ସବୁକୁ ଯଦି ଗ୍ରହଣ ନ କରାଯାଏ, ଏତେ ଶିଖି ଲାଭ କ'ଣ ?

ଶ୍ରୀଶ୍ରୀଠାକୁର—ଏଇ fundamental activities at ease with electric speed (ମୌଳିକ କାମସବୁ ସହଜରେ ବିଦ୍ୟୁତ୍ ବେଗରେ) କରିବାର ଅଭ୍ୟାସ ଥିଲେ, ତୁମକୁ ଆଉ ବେକାର ହେବାକୁ ପଡ଼ିବ ନାହିଁ, allied (ସଂଶ୍ଳିଷ୍ଟ) ଯେ କୌଣସି କାମ ଆରମ୍ଭ କରି ପାରିବ। ତୁମକୁ ଏସବୁ କାମରେ କେହି ଠକି ଦେଇ ପାରିବ ନାହିଁ। ଏବଂ ଅନେକ କାମ ଯଦି ତୁମେ ଜାଣିଥାଅ, ତୁମେ ଓକିଲାତି କର ବା ଯାହା କର, finely (ସୂକ୍ଷ୍ମଭାବରେ) ଓ successfully (କୃତିତ୍ୱ ସହକାରେ) କରି ପାରିବ। କାରଣ, ଏଇ ସବୁ କାମର ଅଭିଜ୍ଞତା ତୁମର ବୋଧକୁ ମଧ୍ୟ ଅନେକ ପରିମାଣରେ ପୁଷ୍ଟ କରି ତୋଳିବ, ତୁମ ଭିତରେ confidence (ଆତ୍ମପ୍ରତ୍ୟୟ) ସୃଷ୍ଟି କରିବ। ଏସବୁ ଜାଣିବାକୁ ଯାଇ motor-sensory co-ordination (ବୋଧ ପ୍ରବାହୀ ଓ କର୍ମ ପ୍ରବୋଧୀ ସ୍ନାୟୁର ସଙ୍ଗତି) ଓ ଅର୍ଜ୍ଜନପାଟବର training (ଶିକ୍ଷା) ପିଲାବେଳୁ ହୋଇ ଯାଇଥିବ,—ତେଣୁ ତୁମକୁ ଉତ୍ତୀର୍ଣ୍ଣ କରାଇ ଦେବ। ସବୁ କାମ ଜାଣିବା ଓ ଆୟତ୍ତ ମଧ୍ୟରେ ଥିଲେ, ଯେ କୌଣସି situation (ଅବସ୍ଥା) କୁ face (ସମ୍ମୁଖୀନ) କରିବାକୁ ଘାବରେଇବ ନାହିଁ। ଆଜି ଆମ ଦେଶରେ ଚୌକସ୍ ଲୋକର ଖୁବ୍ ଅଭାବ ଦେଖା ଦେଉଛି, ସ୍ୱ-ସ୍ୱ ବୈଶିଷ୍ଟ୍ୟକୁ ଭିତ୍ତିକରି ଯଥାସମ୍ଭବ ସର୍ବୋତୋମୁଖୀ ଶକ୍ତି ଓ ପ୍ରତିଭାର ସ୍ଫୁରଣ ଯଦି କରି ଦେଇପାର, ମଣିଷଗୁଡ଼ିକ ପୂର୍ଣ୍ଣାଙ୍ଗ ହୋଇ ଉଠିବେ, ଜାତି ମଧ୍ୟ ଶକ୍ତିମାନ ହେବ। ଦୀର୍ଘଦିନ motor-nerve use (କର୍ମପ୍ରବୋଧୀ ସ୍ନାୟୁର ବ୍ୟବହାର) ନ କରି ତଥାକଥିତ ଶିକ୍ଷିତ ଅନେକେ ଅନେକ ଦିଗରୁ ପଙ୍ଗୁ ହୋଇ ଯାଇଛନ୍ତି। ସେମାନଙ୍କର ଏଇ ସବୁ fine nerve (ସୂକ୍ଷ୍ମ ସ୍ନାୟୁ) ଗୁଡ଼ିକ ଅବଶ ହୋଇ ଯାଇଛି। ସେଗୁଡ଼ିକୁ ବାସ୍ତବ କାମ ଭିତର ଦେଇ ଯଦି ପୋଷଣ ଦିଆ ନ ଯାଏ, ଜୀବନର ଆନନ୍ଦକୁ ସେମାନେ ସମ୍ୟକ୍ ଉପଲବ୍ଧି କରି ପାରିବେ ନାହିଁ ଏବଂ future generation (ପରବର୍ତ୍ତୀ ବଂଶଧର) ମଧ୍ୟ ଏହାଦ୍ୱାରା affected (ଆକ୍ରାନ୍ତ) ହେବେ। ତେଣୁ ଶିକ୍ଷା ବ୍ୟବସ୍ଥାରେ practical work (ବାସ୍ତବ କାମ) କଥା ମୁଁ ଏତେ କରି କହେ। Motor-sensory co-ordination (ବୋଧପ୍ରବାହୀ ଓ କର୍ମପ୍ରବୋଧି ସ୍ନାୟୁର ସଂଗତି) କୁ ଯଦି ignore (ଉପେକ୍ଷା) କର, ସେ ଶିକ୍ଷା ଫଳବତୀ ହେବ ନାହିଁ।

ପ୍ରଫୁଲ୍ଲ—ତାହେଲେ motor-sensory co-ordination (ବୋଧ-ପ୍ରବାହୀ ଓ କାର୍ଯ୍ୟକାରୀ ସ୍ନାୟୁର ସଂଗତି) ଜଗାଇବାର ସୂତ୍ର କ'ଣ ? ଏବଂ ପାରିପାର୍ଶ୍ୱିକ ମଧ୍ୟରେ ତାହା ବ୍ୟାପକଭାବରେ କିପରି ଖେଳାଇ ଦିଆଯାଇ ପାରିବ ?

ଶ୍ରୀଶ୍ରୀଠାକୁର ଦୃପ୍ତ-କଣ୍ଠରେ ଆବେଗଭରେ କହିବାକୁ ଲାଗିଲେ। (ଭାବର ଆତିଶଯ୍ୟରେ ତାଙ୍କ ଚକ୍ଷୁଦ୍ୱୟ ବିସ୍ଫାରିତ ଓ ଉଜ୍ଜ୍ୱଳ ହୋଇଉଠିଲା, ବଦନମଣ୍ଡଳ ଏକ ଅପୂର୍ବ

ଜ୍ୟୋତିରେ ଉଦ୍ଭାସିତ ହୋଇଉଠିଲା)—ସ୍ୱସ୍ତ୍ୟୟନୀର କେତୋଟି factor (ନୀତି) ପାଳନ କର, ଏଇ କେତୋଟି ଛଡ଼ା ପଥ ନାହିଁ। ସେଇଥିରେ ସବୁ ହେବ, ନିଶ୍ଚୟ, ନିଶ୍ଚୟ, ନିଶ୍ଚୟ କରି କହୁଛି,—କୌଣସି ସନ୍ଦେହ ନାହିଁ। ଜଣେ ସ୍ୱସ୍ତ୍ୟୟନୀ କରୁଥିଲେ, ସେ ତ ବୃହତ୍‌ରୁ ବୃହତ୍ତର ପରିବେଶକୁ ଯିବ ନିଶ୍ଚୟ, ତା'ର ଜୀବନଯାତ୍ରା, ତା'ର impulse (ପ୍ରେରଣା) ରେ ତା'ର ପାରିପାର୍ଶ୍ୱିକ ମଧ୍ୟରେ ବି ଏହି factor (ନୀତି) ଗୁଡ଼ିକ ଅନୁପ୍ରବେଶ କରିବ। ସ୍ୱସ୍ତ୍ୟୟନୀ ହେଲା evolution (ବିବର୍ତ୍ତନ) ତଥା becoming (ବିବର୍ଦ୍ଧନ) ପଥରେ ଏକ ସପାରିପାର୍ଶ୍ୱିକ run (ଯାତ୍ରା)। ଏହାଦ୍ୱାରା physical (ଶାରୀରିକ), complex (ବୃତ୍ତି), psychical (ମାନସିକ), environmental (ପାରିପାର୍ଶ୍ୱିକ), material (ଜାଗତିକ) ଆଦି ସମସ୍ତ ଦିଗ ସମାନ୍ତରାଳଭାବରେ adjusted (ନିୟନ୍ତ୍ରିତ) ହେଉଥାଏ। ସବୁ ନୀତିଗୁଡ଼ିକ କିନ୍ତୁ ପାଳନ କରିବାକୁ ହୁଏ, କୌଣସି ଗୋଟିଏ ନୀତି ପାଳନରେ ତ୍ରୁଟି ହେଲେ ବୁଝିବାକୁ ହେବ ମୋର ଏହି ପୁଣ୍ୟବ୍ରତ କ୍ଷୁଣ୍ଣ ହେଲା, ନିଷ୍ଠାର ସଙ୍ଗେ ସର୍ବଦା ସଜାଗ ହୋଇ ଏହା ପ୍ରତି ଲକ୍ଷ୍ୟ ରଖି ଚଳିବାକୁ ହେବ, ନିତ୍ୟ ନିରଖି ପରଖି କରି ଦେଖିବାକୁ ହେବ, ମୋର ଏହି ବ୍ରତ ଉଦ୍‌ଯାପନରେ କେଉଁଠି ବ୍ୟତିକ୍ରମ ହେଉଛି କି, ସେପରି ହେଲେ ସଙ୍ଗେ ସଙ୍ଗେ ଚେଷ୍ଟା କରି ବାସ୍ତବ ଆଚରଣ ଦ୍ୱାରା ସୁଧାରି ନେବାକୁ ହେବ। ଏହପରି ଚାହୁଁ ଚାହିଁ ଗୋଟାଏ ନିର୍ଭୁଲ ମଣିଷ ପୁରାପୁରି ଦେବତା ହୋଇ ଉଠେ। ତା'ର ପାରିପାର୍ଶ୍ୱିକ ମଧ୍ୟ ରଞ୍ଜିତ ହୋଇଉଠେ ନୂତନ ରଙ୍ଗରେ। ସ୍ୱସ୍ତ୍ୟୟନୀର ପାଞ୍ଚଟି ନୀତିର କଥା ପୁଣି କହୁଛି—(୧) ଇଷ୍ଟପୂଜାର ଯନ୍ତ୍ର ବିବେଚନା କରି ଶରୀରଟାକୁ ସୁସ୍ଥ ଓ ସହଜପଟୁ କରି ତୋଳିବ। (୨) ଯେଉଁ କାମ ଭଲ ବୋଲି ମନେହେବ ତାକୁ ତତ୍‌କ୍ଷଣାତ କାର୍ଯ୍ୟକାରୀ କରିବ। (୩) ପ୍ରବୃତ୍ତି ଯେତେବେଳେ ଯେଉଁ ଦିଗକୁ ଉଙ୍କି ମାରୁ ନା କାହିଁକି, ଉକ୍ତ ଝୁଙ୍କଟାକୁ ଇଷ୍ଟସ୍ୱାର୍ଥପ୍ରତିଷ୍ଠାମୁଖୀ କରିବେ। (୪) ପାରିପାର୍ଶ୍ୱିକର ବଞ୍ଚିବା ବଢ଼ିବାକୁ ନିଜର ବଞ୍ଚିବା-ବଢ଼ିବା ବୋଲି ମନେ କରି ଇଷ୍ଟାନୁଗ ସେବା ଓ ଯାଜନ ଦ୍ୱାରା ସେମାନଙ୍କୁ ଉଚ୍ଛଳ ଓ ଉଦ୍‌ବର୍ଦ୍ଧିତ ତଥା ଶ୍ରେୟପ୍ରାଣ କରି ତୋଳିବ। (୫) ଏବଂ ନିତ୍ୟ ନବ ଉଦ୍‌ଭାବନୀ ପ୍ରଚେଷ୍ଟା ଭିତର ଦେଇ ନିଜର ଆହରଣ ବଢ଼ାଇ ଇଷ୍ଟସ୍ୱାର୍ଥରେ ଯେତେବେଶି ପାର ନିବେଦନ କରିବ, ଏବଂ ତିରିଶଦିନ ଦିନ ତିନିଟି ଟଙ୍କା ଇଷ୍ଟ ସକାଶେ ନିବେଦନ କରି ଅବଶିଷ୍ଟାଂଶକୁ ସ୍ୱସ୍ତ୍ୟୟନୀର ଉଦ୍‌ବୃତ୍ତ ତହବିଲରେ ମହଜୁତ ରଖିବ। ତଦ୍ୱାରା ସ୍ଥାବର ଇଷ୍ଟୋତ୍ତର ସମ୍ପତ୍ତି କିଣିବ, ଏହି ସମ୍ପତ୍ତିର ଆୟର ଏକ ପଞ୍ଚମାଂଶ ତୁମେ ସେବାୟତ ହିସାବରେ ଗ୍ରହଣ କରିପାର, ଅବଶିଷ୍ଟ ଚାରିଭାଗ ଇଷ୍ଟୋତ୍ତର ସମ୍ପତ୍ତି ସମ୍ପ୍ରସାରଣ କାର୍ଯ୍ୟରେ ଲଗାଇବ। ସବୁ ନୀତିଗୁଡ଼ିକ ପାଳନୀୟ—କିନ୍ତୁ ଅର୍ଘ୍ୟ ରଖିବାଟା ଯଦି ଅତୁଟ ଭାବରେ ଚଳାଇ ଯାଅ—ଏପରି କି ବିଶେଷ ଅବସ୍ଥାରେ ଭିକ୍ଷା କରି ମଧ୍ୟ ଯଦି ତାହା ଅବ୍ୟାହତ ରଖାଯାଏ, ତା ଫଳରେ ଆସ୍ତେ ଆସ୍ତେ ଅନ୍ୟଗୁଡ଼ିକ ମଧ୍ୟ ଅଭ୍ୟାସରେ ପରିଣତ ହେଉଥାଏ, ଅବଶ୍ୟ ଯଦି ଆଗ୍ରହ



ଥାଏ। ଅନ୍ୟ ସବୁ ନୀତିଗୁଡ଼ିକ ପାଳନ କରିବାକୁ ଚେଷ୍ଟା କରିବ, ଅଥଚ ଅର୍ଘ୍ୟ ରଖିବ ନାହିଁ, ତାହା କଲେ କିନ୍ତୁ ହୁଏ ନାହିଁ, ଉସ ପାଇଁ ହିଁ ଯାହା କିଛି, ତାହା ହିଁ ହେଲା ଅସଲ କଥା—ଏହା ହିଁ ହେଲା ମୂଳ, ତାହାର ବ୍ୟତିକ୍ରମ ହେଲେ ଆଉ ସବୁ ଭୁଷୁଡ଼ି ପଡ଼ିବ, ମୂଳ urge (ଆକୂତି) ଠିକ୍ ରଖିବାକୁ ହେବ ସର୍ବଦା, ନହେଲେ ସବୁ ନିରର୍ଥକ ହେବ, ସମସ୍ତ ପ୍ରଚେଷ୍ଟା ମଉଳି ପଡ଼ିବ। Knowledge of time (ସମୟ ଜ୍ଞାନ) ପାଇଁ accuracy of time and date (ସମୟ ଓ ତାରିଖର ନିର୍ଭୁଲତା) observe (ପ୍ରତିପାଳନ) କରିବା ଦରକାର। ବହୁଲୋକ ସ୍ୱସ୍ତ୍ୟୟନୀ properly observe (ଯଥାଯଥ ପ୍ରତିପାଳନ) କରିବା ଫଳରେ କେତେକଣ ଯେ ହୋଇପାରେ ତାହା ଭାବି ଶେଷ କରାଯାଇ ପାରେନାହିଁ। ସ୍ୱସ୍ତ୍ୟୟନୀର ବଳକା ପାଣ୍ଠିରୁ କେତେ ସ୍ୱସ୍ତ୍ୟୟନୀ-ଷ୍ଟେଟ ଗଢ଼ି ଉଠିବ। କେହି ଜଣେ actuary (ହିସାବ ବିଶାରଦ) ଏହାକୁ କହିଛନ୍ତି revolutionary economics (ବିପ୍ଳବୀ ଅର୍ଥନୀତି) ବୋଲି। କୌଣସି emergency (ଜରୁରୀ କାଳୀନ ପରିସ୍ଥିତି)ରେ ସ୍ୱସ୍ତ୍ୟୟନୀ ଏଷ୍ଟେଟର ବାର୍ଷିକ ଆୟର ଚାରି ପଞ୍ଚମାଂଶ ଉଠାଇ ନେଲେ ଆଉ tax (କର ଧାର୍ଯ୍ୟ) ବସାଇବାକୁ ହେବ ନାହିଁ, ଇଷ୍ଟ ଓ ପୂର୍ତ୍ତବିଭାଗୀୟ କର୍ମପାଇଁ ଅଫୁରନ୍ତା ସମ୍ପଦର ବନ୍ୟା ବହିଯିବ। ଦେଶରେ ଆଉ ହା-ଅନ୍ନ ଘୋଟିବ ନାହିଁ, ଜଗତ ଅମୃତମୟ ହୋଇ ଯିବ।

ସମସ୍ତଙ୍କର ମର୍ମସ୍ଥଳକୁ ଆଲୋଡ଼ିତ କରି ଆଗ୍ରହ-ଆବେଗରେ ଶ୍ରୀଶ୍ରୀଠାକୁର କଥାସବୁ କହିଗଲେ! କହିସାରି ସହଜଭାବରେ ଆଦରପୂର୍ଣ୍ଣ କଣ୍ଠରେ କହିଲେ, "ପ୍ୟାରୀଚରଣ! ତମାଖୁ ଖୁଆଅ"। ପ୍ୟାରୀ ଭାଇ ତମାଖୁ ସଜାଇ ହୁକାନଳଟି ଶ୍ରୀଶ୍ରୀଠାକୁରଙ୍କ ହାତକୁ ବଢ଼ାଇ ଦେଲେ। ଶ୍ରୀଶ୍ରୀଠାକୁର ତମାଖୁ ଖାଉ ଖାଉ ହସ ହସ ମୁହଁରେ ପ୍ରୀତି-ପ୍ରସନ୍ନ ଭଙ୍ଗୀରେ ସସ୍ନେହରେ ସମସ୍ତଙ୍କ ଆଡ଼େ ଚାହିଁବାକୁ ଲାଗିଲେ ; ତାଙ୍କର ମଧୁମୟ ଦୃଷ୍ଟି ସମସ୍ତଙ୍କ ଅନ୍ତରରେ ଯେପରି ଅମୃତର ସ୍ପର୍ଶଲଗାଇ ଦେଉଛି, ସମସ୍ତଙ୍କର ହୃଦୟର ପ୍ରତି ଅଣ୍ଟି ସନ୍ଧି ଭରି ଉଠୁଛି, କାହାରି କୌଣସି କଥା କହିବାକୁ ଇଚ୍ଛା ହେଉ ନାହିଁ, ସମସ୍ତେ ଯେପରି ଏକ ଆନନ୍ଦର ତନ୍ମୟତାରେ ଆଚ୍ଛନ୍ନ ହୋଇ ପଡ଼ିଛନ୍ତି।

ଧୀରେ-ଧୀରେ ଅରୁଣୋଦୟ ହେଲା। ଶିଶିରସ୍ନାତ ବାଲୁଚର ଚକ୍ ଚକ୍ କରି ଉଠିଲା। ବାବଲା, ନିମ୍ବ ଓ ବକୁଳ ବୃକ୍ଷର ଶୀର୍ଷରେ ଝଲକି ଉଠିଲା ସ୍ୱର୍ଣ୍ଣାଭରଶ୍ମି। ଶ୍ରୀଶ୍ରୀଠାକୁରଙ୍କ ପାଖରେ ଜନଗହଳି ମଧ୍ୟ ବଢ଼ିବାକୁ ଲାଗିଲା। ଆବାଳ-ବୃଦ୍ଧ-ବନିତା ଆସୁଛନ୍ତି ସୁପ୍ରଭାତରେ ତାଙ୍କୁ ପ୍ରଣାମ ନିବେଦନ ପୂର୍ବକ ସମବେତ ପ୍ରାର୍ଥନାରେ ଯୋଗଦେଇ ଦିନଟିକୁ ଶୁଭୋତ୍ସବମୟ କରି ତୋଳିବାକୁ।

ଏହାପରେ ମହାପୁରୁଷ ଓ ତାଙ୍କର ସାଙ୍ଗୋପାଙ୍ଗଗଣଙ୍କର ଆବିର୍ଭାବ ବିଷୟରେ କଥା ଉଠିଲା।

ଶ୍ରୀଶ୍ରୀଠାକୁର କହିଲେ—ପ୍ରୟୋଜନ ମତ ଗୋଟାଏ ଗୋଟାଏ constellation (ଜ୍ୟୋତିଷ ମଣ୍ଡଳୀ) ଆଗେ-ପରେ ସବୁଟା ନେଇ ଫୁଟି ଉଠେ, ମହାପୁରୁଷ ଯେତେବେଳେ ଆସନ୍ତି—ତାଙ୍କଠାରେ ଅନୁରକ୍ତ ସାଙ୍ଗୋପାଙ୍ଗ ମଧ୍ୟ ଆସନ୍ତି, ଏହି ସାଙ୍ଗୋପାଙ୍ଗଗଣଙ୍କର କାମ ହୁଏ ଉକ୍ତ ମହାପୁରୁଷଙ୍କ mission (ଜୀବନୋଦ୍ଦେଶ୍ୟ) କୁ ବାସ୍ତବଭାବରେ ଫୁଟାଇ ତୋଳିବା, ମହାପୁରୁଷଗଣ ଯେଉଁ ପଦାଙ୍କ ରଖିଦେଇ ଯା'ନ୍ତି ତାହାହିଁ ହୁଏ ଭବିଷ୍ୟତ ମଣିଷର ଯାତ୍ରାପଥ। ସଙ୍ଗୋପାଙ୍ଗଗଣଙ୍କ ମଧ୍ୟରେ ଯେଉଁମାନେ ଯେତେ ଅଚ୍ୟୁତନିଷ୍ଠାସମ୍ପନ୍ନ, ଆଚରଣସିଦ୍ଧ, ଲୋକ-ହୃଦୟକୁ ସେମାନେ ସେତେ ଆଦର୍ଶରେ ଆକୃଷ୍ଟ କରି ଦେବ-ଦୀପ୍ତିରେ ଦୀପ୍ତିମାନ ହୋଇଉଠନ୍ତି। ମଣିଷ ଏମାନଙ୍କର କଥା ସ୍ମରଣ କରି ଭରସା ପାଏ, ପ୍ରେରଣା ପାଏ, ଜୀବନ ପାଏ।

ଏହାପରେ ଶ୍ରୀଶ୍ରୀଠାକୁର ଉଠି ପାଇଖାନା ଗଲେ ଏବଂ ଶ୍ରୀଯୁକ୍ତ କିଶୋରୀ ଭାଇଙ୍କର ପରିଚାଳନାରେ ମାତୃମନ୍ଦିର ବାରଣ୍ଡାରେ ସମବେତ ବିନତି ପ୍ରାର୍ଥନା ଆରମ୍ଭ ହେଲା।

## ମାର୍ଗଶିର ୧୧, ବୁଧବାର, ୧୩୪୮ (ଇଂ ୨୬/୧୧/୪୧)

ଭୋରରୁ ତପୋବନର ଶିକ୍ଷକମାନେ ଆସି ବସିଛନ୍ତି ତାମ୍ବୁରେ ଶ୍ରୀଶ୍ରୀଠାକୁରଙ୍କ ପାଖରେ। ଶ୍ରୀଶ୍ରୀଠାକୁର ଏଇମାତ୍ର ନିଦରୁ ଉଠିଛନ୍ତି—ସେ ମଧ୍ୟ ଯେପରି ସମସ୍ତଙ୍କ ପ୍ରତୀକ୍ଷାରେ ବସିଛନ୍ତି। ଜଣେ ଜଣେ ଆସୁଛନ୍ତି—ଆଜ ଶ୍ରୀଶ୍ରୀଠାକୁର ହସ ଖୁସି ମନରେ କହୁଛନ୍ତି,—'କିଏ ? ଅମୁକ ଭାଇ ନା କ'ଣ ? ବସି ପଡ଼ନ୍ତୁ, ଖୁନ୍ଦିଖାନ୍ଦି ହୋଇ ବସନ୍ତୁ, ଯାହା ଶୀତ ପଡ଼ିଛି ନା'। କୌଣସି ବୃଦ୍ଧ ଭାଇଙ୍କୁ ହୁଏତ କହୁଛନ୍ତି,—'ଭାଇ କିନ୍ତୁ ଆମ ଟୋକାମାନଙ୍କୁ ହାର ମନେଇ ଦେଇଛନ୍ତି, ଏପରି ଶୀତରେ ମଧ୍ୟ ଡଗଡଗ ହୋଇ ଚାଲି ଆସିଛନ୍ତି, ଆପଣ ଯେପରି ଦିନକୁ ଦିନ young (ଯୁବକ) ହୋଇ ଉଠୁଛନ୍ତି। ଇଷ୍ଟନିଷ୍ଠା ଥିଲେ ଏହିପରି ହୋଇଥାଏ। ଦେଖୁ ଦେଖୁ ଯେପରି ଏକ ପ୍ରାଣବନ୍ତ, ସ୍ଫୂର୍ତ୍ତିମୟ, ଅନ୍ତରଙ୍ଗ ପରିବେଶ ସୃଷ୍ଟି ହୋଇଗଲା। ଧୀରେ-ଧୀରେ ଆଳାପ ଆଲୋଚନା ଓ ପ୍ରଶ୍ନୋତ୍ତର ଆରମ୍ଭ ହେଲା।

ଇନ୍ଦୁ ଭାଇ (ବସୁ)—ବୋର୍ଡିଂରେ ଛାତ୍ରମାନଙ୍କର କ'ଣ single seated room (ଜଣକିଆ ଘର) କରିବା ଭଲ ?

ଶ୍ରୀଶ୍ରୀଠାକୁର—ଏକା ରହିଲେ social (ସାମାଜିକ) ହୁଏ ନାହିଁ। Conflict (ସଂଘାତ) କମ ହୁଏ। ତେଣୁ conflict adjust (ସଂଘାତ ନିୟନ୍ତ୍ରିତ) କରିବାର କ୍ଷମତା ବଢ଼େ ନାହିଁ, ତଦ୍ୱାରା ବୋଧ ଓ ଇଚ୍ଛାଶକ୍ତି କ୍ଷୁଣ୍ଣ ହୋଇଥାଏ। ଅନ୍ତତଃ ତିନିଜଣ ରହିବା ଦରକାର, ଦୁଇଜଣ ରହିବା ମଧ୍ୟ ସୁବିଧାଜନକ ନୁହେଁ, ଦୁଇଜଣଙ୍କ ମଧ୍ୟରେ ପାରସ୍ପରିକ



ଗୋପନ ଦୁର୍ବଳତା ପ୍ରବେଶ କରିପାରେ।

ବିମଳ ଭାଇ (ମୁଖାର୍ଜୀ)—ଘର ଭିତରେ କ୍ଲାସରେ ବସି ପଢ଼ାଇବା ଭଲ, ନା ଉନ୍ମୁକ୍ତ ସ୍ଥାନରେ, ପଡ଼ିଆରେ ବା ଗଛତଳେ ପଢ଼ାଇବା ଭଲ ?

ଶ୍ରୀଶ୍ରୀଠାକୁର—ବାହାରେ ପଢ଼ାଇବାହିଁ ମୋତେ ଭଲଲାଗେ। ସେଥିରେ ଯେପରି ଏକ liberty (ସ୍ୱାଧୀନତା) ଜଡ଼ିତ ଥାଏ, ଦେହ-ମନର ସ୍ୱାସ୍ଥ୍ୟ ଭଲ ରହେ। ତାଛଡ଼ା, କ୍ଲାସର ଗୋଟାଏ କୃତ୍ରିମ ଜଡ଼ତୁଲ୍ୟ ଭାବ ଚାଲିଯାଏ, ପ୍ରକୃତି ସହିତ ଗୋଟାଏ ନିଜସ୍ୱ ସମ୍ପର୍କ ମଧ୍ୟ ଧୀରେ ଧୀରେ ଗଢ଼ି ଉଠୁଥାଏ।

ବିମଳ ଭାଇ—ପିଲାମାନଙ୍କୁ ନିୟମାନୁବର୍ତ୍ତୀ କରି ଗଠନ କରିବା ପାଇଁ କ'ଣ କରିବାକୁ ହେବ ?

ଶ୍ରୀଶ୍ରୀଠାକୁର—ପିଲା ଦୁଷ୍ଟାମି କରୁ କରୁ common interest (ପାରସ୍ପରିକ ସ୍ୱାର୍ଥ) ଯେପରି intact (ଅକ୍ଷୁଣ୍ଣ) ରଖେ, ସେହି ମନୋଭାବ ମୁଣ୍ଡରେ ପୁରାଇ ଦେବାକୁ ହେବ। ମୋଟକଥା, କେହି ଯେପରି କାହା ପକ୍ଷେ harmful (କ୍ଷତିକର) ନ ହୁଏ। ଉଦ୍ଦେଶ୍ୟ ରହିବ—ପ୍ରତ୍ୟେକଙ୍କୁ ବଢ଼ାଇବା, ଅନ୍ୟର ଭଲଟାକୁ enjoy (ଉପଭୋଗ) କରିବ, ଅନ୍ୟକୁ ସାହାଯ୍ୟ କରିବ—ଯେପରି ତାର ଭଲହୁଏ। Inferiority (ହୀନମନ୍ୟତା) ଥିଲେ jealousy (ଈର୍ଷା) ପ୍ରବଳ ହୋଇଥାଏ, ଏବଂ ତଦ୍ୱାରା ମଣିଷ ନିଜେ ସୁଖୀ ହୁଏ ନାହିଁ, କାହାକୁ ସୁଖୀ କରି ମଧ୍ୟ ପାରେ ନାହିଁ। ଅପରକୁ ନିଜର ବୋଲି ବାସ୍ତବଭାବରେ ଭାବିବାକୁ ଶିଖିବା, ଏବଂ ନିଜ ସ୍ୱାର୍ଥର ଗରଜରେ ଅପରର ସତ୍ତାସ୍ୱାର୍ଥୀ ହେବା—ଏହା ହେବ ନିୟମାନୁବର୍ତ୍ତିତାର ଉପାଦକ। ଉଚ୍ଛଳ ପ୍ରାଣ-ଚାଞ୍ଚଲ୍ୟ ଥାଇ ମଧ୍ୟ ସେମାନେ ସେତେବେଳେ ଅସୁବିଧା ବା ବିଶୃଙ୍ଖଳାର କାରଣ ହେବେ ନାହିଁ। ଏବଂ common Ideal (ଏକ ଆଦର୍ଶ) ପ୍ରତି adherence (ଅନୁରାଗ) ଭିତର ଦେଇ common interest (ପାରସ୍ପରିକ ସମସ୍ୱାର୍ଥ) ସମ୍ବନ୍ଧରେ sentiment (ବୋଧାନୁକମ୍ପିତା) ଗଢ଼ାଇ ଥାଏ। ଶିକ୍ଷକ ଯେତେ ଇଷ୍ଟପ୍ରାଣ ହେବେ କର୍ମିଷ୍ଠ ତପସ୍ୟାରେ, ସେତେହିଁ ଏହା ଛାତ୍ରମାନଙ୍କ ମଧ୍ୟରେ ସଞ୍ଚାରିତ ହେବ। Discipline (ନିୟମାନୁବର୍ତ୍ତିତା) ର ମୂଳ ହେଲା disciple-ship (ଶିଷ୍ୟତ୍ୱ)।

ନଗେନ୍ ଭାଇ (ବସୁ)—ଶାସନ କିପରି କରିବାକୁ ହୁଏ ?

ଶ୍ରୀଶ୍ରୀଠାକୁର—ଶାସନ ଅର୍ଥ ମାର-ଧର ନୁହେଁ—ସଂଯମନ, ନିୟନ୍ତ୍ରଣ କରିବା। ଶିକ୍ଷକଙ୍କ ପ୍ରତି ଯଦି ଛାତ୍ରର ଟାଣ ଥାଏ, ସେ ଏପରି କୌଣସି କାମ କରିବାକୁ ଇଚ୍ଛା କରିବ ନାହିଁ, ଯେଉଁଥିରେ ଶିକ୍ଷକ ଅସନ୍ତୁଷ୍ଟ ହେବେ, ଏହି ଟାଣହିଁ ତାକୁ ଅନୁଶାସିତ କରେ। ଏବଂ, ଯେ ଯେଉଁ କାରଣରୁ ଅନ୍ୟାୟ କରୁନା କାହିଁକି, ତା'ର ମୂଳ କାରଣଟା କ'ଣ, ତାହା ଆବିଷ୍କାର କରିବାକୁ ହେବ, ଏବଂ ଯେଉଁ deficiency (ଘାଟତି) ଯୋଗୁଁ ସେ ଅନ୍ୟାୟ କରେ ତାକୁ make up (ପରିପୂରଣ) କରିବାକୁ ଚେଷ୍ଟା କରିବାକୁ ହେବ।

Heredity (ବଂଶଧାରା) ରୁ ଯେଉଁ defect (ଦୋଷ) ଆସେ, ତାହା ସୁଧାରିବା କଷ୍ଟକର ହୋଇପଡ଼େ। Environmental nurture (ପାରିବେଶିକ ପରିଚର୍ଯ୍ୟା) ର error (ଭୁଲ) ଯୋଗୁଁ ଯେଉଁ defect (ଦୋଷ) ଦେଖାଯାଏ, sympathetically deal (ସହାନୁଭୂତିସହକାରେ ପରିଚାଳନା) କରି ପାରିଲେ ତାହା ଢେର ସୁଧୁରା ଯାଇପାରେ। ପୋଷଣ, ତୋଷଣ ଯେପରି ବୈଶିଷ୍ଟ୍ୟାନୁଯାୟୀ କରିବାକୁ ହୁଏ, ଶାସନ ସମୟରେ ମଧ୍ୟ ସେହିପରି ବୈଶିଷ୍ଟ୍ୟ ଓ ପ୍ରକୃତିକୁ ଲକ୍ଷ୍ୟ କରିବାକୁ ହୋଇଥାଏ। ତାହେଲେ ଶାସନର ମାତ୍ରା ଓ କ୍ରମ ଠିକ୍ ଥାଏ। ସର୍ବଦା ଧରାବନ୍ଧା ନିୟମରେ କାମ ହୁଏ ନାହିଁ। କଠୋର ଶାସନ କରିବାକୁ ହେଲେ ମଧ୍ୟ ଶାସନ ଓ ତୋଷଣର ଉପଯୁକ୍ତ ସମାବେଶ ଦରକାର।

ଭୂଦେବ ଭାଇ (ମୁଖାର୍ଜୀ)—କଠିନ ବିଷୟଗୁଡ଼ିକ କିପରି ଭାବରେ ସହଜ କରି ବୁଝାଇ ଦିଆଯାଇ ପାରିବ।

ଶ୍ରୀଶ୍ରୀଠାକୁର—ସାହିତ୍ୟ, ଇତିହାସ, ବିଜ୍ଞାନ, ଭୂଗୋଳ, ସ୍ୱାସ୍ଥ୍ୟତତ୍ତ୍ୱ ଇତ୍ୟାଦି ବିଷୟରେ ଯଦି ବିଭିନ୍ନ ପ୍ରକାର film (ଚଳଚିତ୍ର), drama (ନାଟକ) ଇତ୍ୟାଦି କରାଯାଏ ଭଲହୁଏ। ଏବଂ ଯେ କୌଣସି ବିଷୟ ପଢ଼ାଅ ନା କାହିଁକି ତା'ର ଯଦି ଏପରି ଏକ dramatic representation (ନାଟକୀୟ ଅଭିବ୍ୟକ୍ତି) ଦେଇପାର ଯାହାକି ପିଲାମାନଙ୍କୁ ଭଲ ନ ଲାଗି ରହିପାରିବ ନାହିଁ, ସେତେବେଳେ ଦେଖିବ ଜଟିଳ ବିଷୟଗୁଡ଼ିକ ସେମାନଙ୍କ ପାଖରେ ସହଜ ହୋଇ ଉଠିବ। ଏବଂ ବାସ୍ତବ ଜୀବନ ସହିତ ଏ ସବୁର ଯୋଗସୂତ୍ର ଦେଖାଇ ଦେବାକୁ ହେବ।

ଇଷଦା ଭାଇ (ବିଶ୍ୱାସ)—ଶିକ୍ଷକଙ୍କର କରଣୀୟ ବୋଲି ଆପଣ ଯାହା କହିଲେ, ତାହା କ'ଣ ଆମ ପକ୍ଷେ ସମ୍ଭବ ?

ଶ୍ରୀଶ୍ରୀଠାକୁର—କାହିଁକି ସମ୍ଭବ ହେବ ନାହିଁ ? ଟିକିଏ ଇଚ୍ଛା ଓ common sense (ସାଧାରଣ ବୁଦ୍ଧି) ଥିଲେହିଁ ହୋଇଯିବ। Unbiased observation (ନିରପେକ୍ଷ ପର୍ଯ୍ୟବେକ୍ଷଣ) ରୁ common sense (ସାଧାରଣ ବୁଦ୍ଧି) grow (ବିକାଶ) କରେ। ଯେପରି ଧରନ୍ତୁ ଡାକ୍ତର ତ ମେଟେରିଆ ମେଡ଼ିକାର ସମସ୍ତ ଔଷଧ ବ୍ୟବହାର କରି ନଥାଏ, ତେବେ ପାଞ୍ଚଟା ଜଣାଥାଏ ବୋଲି ନୂତନ ରୋଗ ଦେଖି ଠିକ୍ କରିନିଏ କେଉଁ ଔଷଧଟା ଦେବାକୁ ହେବ। Ideal (ଆଦର୍ଶ) ପ୍ରତି fanatically inclined (ଗଭୀରଭାବରେ ଆନତ) ରହିଲେହିଁ passion (ପ୍ରବୃତ୍ତି) ର ଅନେକ ଉପରେ ରହିହୁଏ, ସେତେବେଳେ ହିଁ ଠିକ୍ ଠିକ୍ observe (ପର୍ଯ୍ୟବେକ୍ଷଣ) କରାଯାଏ। ନହେଲେ ପ୍ରବୃତ୍ତି ଅଭିଭୂତି ଯୋଗୁଁ ଅନେକ ଜିନିଷ ଆମ ଆଖିରେହିଁ ପଡ଼େ ନାହିଁ। କୌଣସି ଗୋଟାଏ ଜିନିଷ, ଯାହା ଯାହା ନେଇ ଗଠିତ, ତାକୁ ଅନୁଧାବନ କରିବା ଭିତର ଦେଇ ଆସେ ଜ୍ଞାନ, ସେ ସମ୍ବନ୍ଧରେ ଅନୁଭବକୁ କୁହାଯାଏ ବୋଧି। ନ କରି ଜାଣି ହୁଏ ନାହିଁ, କରିବା ଭିତର ଦେଇ ଯେଉଁ



integrated sense (ସଂହତ ବୋଧ) ହୁଏ. ତାକୁହିଁ କୁହାଯାଏ ଜ୍ଞାନ। ପଢ଼ାଶୁଣା ଭଲ କଲେ ତାକୁ ଆମେ ଭଲପିଲା ବୋଲି କହୁ, କିନ୍ତୁ ଭଲପିଲା ମାନେ profitably active (ଲାଭଜନକଭାବରେ କର୍ମଠ) ପିଲା, profitable to himself and the environment (ନିଜର ଏବଂ ପାରିପାର୍ଶ୍ୱିକ ପକ୍ଷେ ଲାଭଜନକ)।

ଧୂର୍ଜଟି ଭାଇ (ନିୟୋଗୀ)—ନିଉଟନଙ୍କ ମୁଣ୍ଡରେ ପଶିଲା, ଫଳଟା ତଳେ ପଡ଼ିଯାଏ କାହିଁକି ? ଅନ୍ୟ କାହା ମୁଣ୍ଡରେ ପଶିଲା ନାହିଁ କାହିଁକି ?

ଶ୍ରୀଶ୍ରୀଠାକୁର—Inquisitive (ସନ୍ଧିତ୍ସୁ) ହେବା active brain (ସକ୍ରିୟ ମସ୍ତିଷ୍କ) ର ଲକ୍ଷଣ, inquisitive (ସନ୍ଧିତ୍ସୁ) ହେଲେ ଏହିପରି ହୋଇଥାଏ। ଯାହାର ଯେପରି interest (ଆଗ୍ରହ) ତାର inquisitiveness (ଅନୁସନ୍ଧିତ୍ସା) ମଧ୍ୟ ସେହିପରି, ଜଣେ ହୁଏତ ଗୋଟିଏ ବିଷୟରେ interested (ଆଗ୍ରହୀ) ଓ inquisitive (ଅନୁସନ୍ଧିତ୍ସୁ) ହୋଇଥାଏ—ଅନ୍ୟ ବିଷୟ ପ୍ରତି ତାର ନଜର ପଡ଼େ ନାହିଁ। ଅନେକଙ୍କର ବିଶେଷ inquisitiveness (ଅନୁସନ୍ଧିତ୍ସା) ଦେଖାଯାଏ ନାହିଁ, callous (ବୋଧହୀନ) ହୋଇ ଥାଏ। ଏହାର କାରଣ ଖୋଜିଲେ ଦେଖାଯାଏ, ସେମାନଙ୍କର inquisitive tendency (ସନ୍ଧିତ୍ସୁ ପ୍ରବଣତା) କେଉଁଠାରେ ହୁଏତ thrashing (ଆଘାତ) ପାଇ ରୁଦ୍ଧ ହୋଇଯାଇଛି। Heredity (ବଂଶଧାରା)ର ଭିତର ଦେଇ ମଧ୍ୟ ପୁଣି callousness (ବୋଧହୀନତା) transmitted (ସଞ୍ଚାରିତ) ହୁଏ,—ତା'ର ମୂଳରେ ମଧ୍ୟ ଅନେକ ସମୟରେ ପିତୃ-ପୁରୁଷଙ୍କ ଜୀବନରେ ପାରିପାର୍ଶ୍ୱିକର ସଘାତରେ ସନ୍ଧିତ୍ସାର ଅପମୃତ୍ୟୁ ହୋଇଥିବାର ଦେଖାଯାଏ।

ବ୍ରଜେନ ଭାଇ (ଚାଟାର୍ଜୀ) ଅସୁସ୍ଥ, ଶ୍ରୀଶ୍ରୀଠାକୁର ଦେବୀ (ଚକ୍ରବର୍ତ୍ତୀ) କୁ ପଠାଇ ତାଙ୍କର ଖବର ନେଲେ।

ପ୍ରଫୁଲ୍ଲ—ଆମର ଏଇ ଆନ୍ଦୋଳନରେ ଋତ୍ୱିକ୍‌ଙ୍କର ଦାୟିତ୍ୱ ତ ସବୁଠାରୁ ବେଶି, କିନ୍ତୁ ଅନେକ ଲୋକ ଏପରି ପ୍ରବୃତ୍ତି-ମୁଖୀ ଯେ ସେମାନଙ୍କୁ ତ ବାଟକୁ ଆଣିପାରୁନାହୁଁ, ଏହାର ପ୍ରତିକାର କ'ଣ ?

ଶ୍ରୀଶ୍ରୀଠାକୁର—ଋତ୍ୱିକ୍‌ମାନେ ହେଲେ messenger of the Lord (ପ୍ରଭୁଙ୍କର ବାର୍ତ୍ତାବହ), ସେମାନେ ଯଦି ଇଷ୍ଟ ସଙ୍ଗେ in tune (ଏକତାନ) ଥା'ନ୍ତି, ତାହେଲେ ଏପରି ଗୋଟାଏ microphonic adjustment (ସୂକ୍ଷ୍ମ ଶବ୍ଦ-ଶ୍ରବଣ ଯନ୍ତ୍ର ପରି ସମାବେଶ) ହୁଏ ଯେ, ଏହି ଇଷ୍ଟାନୁଗ ପ୍ରେରଣାହିଁ ଯେପରି ଲଗାମ ଟାଣି ଦେଇଥାଏ, ଯେଉଁଠାରେ ଯେପରି ଚଳିବା, କହିବା, ବ୍ୟବହାର ପ୍ରୟୋଜନ, ସେଠାରେ ଅବିକଳ ସେହିପରି ହୋଇଥାଏ, ସେତେବେଳେ ସେମାନେ ଅସମ୍ଭବକୁ ସମ୍ଭବ କରି ତୋଳିପାରନ୍ତି। ଯେତେ ବିପଥଗାମୀ ମଣିଷ ହେଉନା କାହିଁକି, ବଞ୍ଚିବାର କ୍ଷୁଧା ସମସ୍ତଙ୍କର ଅଛି, କାମୁକ କାମର

ସେବା କରି ମଧ୍ୟ ବଞ୍ଚିବାକୁ ଚାହେଁ, ମରିବାକୁ ଚାହେଁ ନାହିଁ; ଲୋଭୀ ଖାଇବାକୁ ଯେପରି ଇଚ୍ଛା କରେ, ବଞ୍ଚିବାର ଆକୂତି ହେଲା common basis (ସାଧାରଣ ଭିତ୍ତି)। ତାକୁହିଁ ଭିତ୍ତି କରି, ତାର ପ୍ରବୃତ୍ତିମାଫିକ୍ ଫାଶ ପକାଇ ସେଇ ସୂତ୍ର ଭିତର ଦେଇ, ତାକୁ ଇଷ୍ଟାନୁଗ ନିୟନ୍ତ୍ରଣରେ ନିୟନ୍ତ୍ରିତ କରି ହେଉ, ବା ଆଉ ଯେପରିଭାବରେ ହେଉ, ତାକୁ ଇଷ୍ଟବିଷୟରେ interested (ଅନୁରକ୍ତ) ଓ convinced (ପ୍ରତ୍ୟୟୀ) କରି ତୋଳିବାହିଁ ଋତ୍ୱିକ୍‌ର ପାରିଲାପଣିଆର ମାପକାଠି। ଛଳେ, ବଳେ, କଉଶଳେ ଯେପରି ହେଉନା କାହିଁକି, ମଣିଷକୁ ମଙ୍ଗଳ ପଥରେ ପଥିକ କରି ତୋଳିବାକୁହିଁ ହେବ। କେବଳ ଭଲ ମଣିଷ ହେବା ଯଥେଷ୍ଟ ନୁହେଁ, କୁଶଳ-କୌଶଳୀ ହେବାର ପ୍ରୟୋଜନ ଅଛି। ଯାହା ଭିତରେ ଯେଉଁ ରାସ୍ତା ଦେଇ ପ୍ରବେଶ କରିବା ଦରକାର, ତା ମଧ୍ୟକୁ ସେହି ରାସ୍ତା ଦେଇ ପ୍ରବେଶ କରିବାକୁ ହେବ। ଏଥିପାଇଁ ନିର୍ଦ୍ଦିଷ୍ଟ କୌଣସି ଧରାବନ୍ଧା ରାସ୍ତା ନାହିଁ। ତେବେ ଗୋଟିଏ ଗୋଟିଏ complex (ପ୍ରବୃତ୍ତି) କୁ ଭିତ୍ତିକରି ଗୋଟିଏ ଗୋଟିଏ category (ଶ୍ରେଣୀ) ହୋଇଥାଏ, ତା ମଧ୍ୟରେ ପୁଣି କେତେ ପ୍ରକାର ଭେଦ ଅଛି। କେଉଁ category (ଶ୍ରେଣୀ)ର ଲୋକ ସହିତ କିପରି ଭାବରେ deal (ବ୍ୟବହାର) କଲେ, ସହଜରେ ତାକୁ ବୁଝାଇ ଦେଇ ହୁଏ, ତାହା କରୁ କରୁ ବୋଧ କରାଯାଏ। ଯାଜନ ପୂର୍ବରୁ ଓ ପରେ ବିଶ୍ଳେଷଣ କରିବାକୁ ହୁଏ। କେଉଁ ପରି ଲୋକଙ୍କ ସଙ୍ଗେ କିପରି ଭାବରେ କ'ଣ କହିବା ଉଚିତ ହେବ, ତାର ରିହରସାଲ କରିବାକୁ ହେବ। ମସ୍ତିଷ୍କରେ ଏହାରି ଧ୍ୟାନ ଲାଗିରହିବା ଦରକାର। ଏବଂ ସବୁ ବିଷୟରେ ଭଲରୂପେ ପଢ଼ାଶୁଣା କରି ଅସ୍ତ୍ର ପଜାଇ ପ୍ରସ୍ତୁତ ରଖିବା ଦରକାର।

## ମାର୍ଗଶିର ୧୨, ଗୁରୁବାର, ୧୩୪୮ (ଇଂ ୨୭/୧୧/୪୧)

ଭୋରରୁ ଶ୍ରୀଶ୍ରୀଠାକୁର ନିଦରୁ ଉଠି ବନ୍ଧ ପାଖରେ ତାମ୍ବୁରେ ବିଛଣା ଉପରେ ବସିଛନ୍ତି। ଅନ୍ୟାନ୍ୟ ଦିନପରି ଆଜିମଧ୍ୟ ତପୋବନର ଶିକ୍ଷକବୃନ୍ଦ ଓ ଅନ୍ୟମାନେ ସେଇ ଶୀତରେ ଆସି ଉପସ୍ଥିତ ହେଲେ ତାଙ୍କର ସଙ୍ଗଲାଭର ନିଶାରେ। ମଣିଷ ତାଙ୍କ ପାଖକୁ ଛୁଟି ଆସେ, କାରଣ ନ ଆସିଲେ ଭଲ ଲାଗେନାହିଁ। ଆସି ନୂତନ ରୂପେ ପ୍ରାଣ ପାଏ, ପ୍ରେରଣା ପାଏ, ସଞ୍ଜୀବିତ ହୋଇଉଠେ। ନିଜକୁ ନୂଆ କରି ଫେରିପାଏ, ନୂଆରୂପେ ଅନୁଭବ କରେ, ତେଣୁ ଆସେ। ଯେତେ ଆସିଲେବି ପୁଣି ଆସିବାକୁ ଇଚ୍ଛା ହୁଏ, ତେଣୁ ଆସେ। ଆସେ, ବସେ, ତାକୁ ଦେଖେ, ତାଙ୍କ କଥା ଶୁଣେ, ଆନନ୍ଦରେ ଭରପୁର ହୋଇଉଠେ। ଚେତନା ରାଜ୍ୟରେ ଚାଲେ ନବ ରୂପାୟନ,—ଏହିପରି ଭାବରେହିଁ ମଣିଷ ସପରିବେଶ ନିଜକୁ ନୂଆ ରୂପରେ ସଜାଇବା ପାଇଁ ମାଲ ମସଲା ସଂଗ୍ରହ କରେ। ସେଇ ଅମୃତ ଉତ୍ସରୁ ଏହିପରି ଭାବରେ ଉତ୍ସାରିତ ହେଉଛି ପ୍ରେମର ପ୍ରବାହ, ପ୍ରାଣର ପ୍ରବାହ।



ଶ୍ରୀଶ୍ରୀଠାକୁର ନିଜ ତରଫରୁ କହିବାକୁ ଲାଗିଲେ—ମୁଁ କାଲି ରାତିରେ ଭାବୁଥିଲି, ଏଠାରେ ଯେଉଁମାନେ ଅଛନ୍ତି, ଯଦି ପରସ୍ପର ପରସ୍ପରର interest (ସ୍ୱାର୍ଥ) ଦେଖନ୍ତି ତାହେଲେ କାହାରି—ବିଶେଷତଃ ଏଠାକାର ପିଲାମାନଙ୍କର ଚାକିରୀ କରିବା ଦରକାର ହେବନାହିଁ। ପ୍ରତ୍ୟେକେ ଯଦି ମନେ କରେ, ଅନ୍ୟ ସମସ୍ତଙ୍କ ପ୍ରତି ତା'ର ଦାୟିତ୍ୱ ଅଛି, ତା'ର ଦାୟିତ୍ୱ କେବଳ ତା'ର ପରିବାରର କେତେଜଣଙ୍କ ପାଇଁ ନୁହେଁ, ତେବେ ସେଇ love pressure (ଭଲପାଇବାର ଚାପ) ର ଠେଲାରେ କେତେ production (ଉତ୍ପାଦନ), କେତେ industry (ଶିଳ୍ପ) ଗଢ଼ି ଉଠିବ। ଫଳରେ କେହି ଆଉ ବେକାର ରହିବେ ନାହିଁ। କିନ୍ତୁ ସମସ୍ତଙ୍କ ଭିତରେ ସମାନ ଭାବରେ ଏହି ଦାୟିତ୍ୱବୋଧର ଉଦ୍‌ବୋଧନ ହୁଏ ନାହିଁ, ପରଜୀବୀ ହୋଇ କେବଳ ନିଜର ଜୀବନକୁ ଉପଭୋଗ କରିବାର ମତଲବ ଅନେକଙ୍କର ଥାଏ। ତେଣୁ ଯାହା କହିଲି ତାକୁ ବାସ୍ତବ ରୂପ ଦେବାକୁ ହେଲେ, ମଣିଷ ପିଛା ଯଥେଷ୍ଟ ଖଟଣି ଦରକାର। ଏପରି କେତେଟା ଲୋକ ଚାହୁଁଛି, ଯେଉଁମାନଙ୍କ ଭିତରେ ଏହି ବିରାଟ ଦାୟିତ୍ୱବୋଧ ସକ୍ରିୟ ହୋଇ ଉଠିଥିବ। ସେମାନେ ନିଜେ ତ କାର୍ଯ୍ୟକର୍ମ କରିବେ, ଏବଂ ଅନ୍ୟ ସମସ୍ତଙ୍କୁ ମଧ୍ୟ ଉତ୍ସାହ ଦେଇ ନିଜ ପାଖରେ ରଖି, ଉପଯୁକ୍ତ କରି ତୋଳିବେ ଏପରିଭାବରେ, ଯେପରି ସେମାନେ ନିଜ ଅର୍ଜନ ଉପରେ ମଣିଷ ହେବା ସଙ୍ଗେ ସଙ୍ଗେ ଅନ୍ୟକୁ ମଧ୍ୟ ସାହାଯ୍ୟ କରି ପାରିବେ। ପ୍ରତ୍ୟେକଙ୍କର ଅର୍ଜନ ଦକ୍ଷତା ଓ ସେବା ମନୋଭାବ ଯେପରି ବଢ଼େ, ପ୍ରତ୍ୟେକଟା ମଣିଷ ଯେପରି more and more efficient (ପୁନଃ ପୁନଃ ଯୋଗ୍ୟତର) ହୋଇଉଠେ, ପ୍ରତ୍ୟେକଙ୍କର ବୈଶିଷ୍ଟ୍ୟକୁ ଲକ୍ଷ୍ୟ ରଖି ତଦନୁଯାୟୀ nurture (ପୋଷଣ) ଦେବାକୁ ହୁଏ। କରିତ୍‌କର୍ମା ହେବାରେ, ମଣିଷକୁ ସେବା ସାହାଯ୍ୟ କରିବାରେ ଗୋଟାଏ ଆତ୍ମପ୍ରସାଦ ଅଛି। ଏବଂ ଏପରି କଲେ ବ୍ୟକ୍ତିତ୍ୱ ମଧ୍ୟ ସ୍ଫୁରିତ ହୋଇଉଠେ, ସେତେବେଳେ ମଣିଷ ମଣିଷ ଉପରେ ବୋଝ ହୋଇ ରହିବାକୁ ଚାହେଁ ନାହିଁ। ମଣିଷ ପିଛା ଲାଗିରହି ସେହି ସ୍ତରରେ ତାକୁ ପହଞ୍ଚାଇ ଦେବାକୁ ହୁଏ। ଏହା କେବଳ ଏଠାରେ ନୁହେଁ, ବାହାରେ ଯାଇ ଋତ୍ୱିକ୍‌ମାନେ ମଧ୍ୟ ଏହିପରି କରିବା ଦରକାର। ତେବେ ସମସ୍ତଙ୍କୁ ଯେ ଏହିପରି ଭାବରେ ଠିକ୍ କରି ପାରିବେ ତାହା ନୁହେଁ। କାରଣ କେତେକ ଲୋକ ଅଛନ୍ତି ଯେଉଁମାନଙ୍କର ଜନ୍ମଗତ ସମ୍ପଦର ଦୈନ୍ୟ ଖୁବ୍ ବେଶି। କିନ୍ତୁ ଯେଉଁମାନେ ହୋଇ ପାରିବେ, ସେମାନଙ୍କୁ ଯଦି କରି ଦିଆଯାଏ, ସାମାନ୍ୟ ସଂଖ୍ୟକ ଲୋକ ଅକର୍ମଣ୍ୟ ହେଲେ ମଧ୍ୟ ସେଥିରେ କିଛି ଅଟକିଯିବ ନାହିଁ।

ବୀରେନ ଭାଇ (ଭଟ୍ଟାଚାର୍ଯ୍ୟ)—ମଣିଷର ରୋଗ-ଶୋକ, ଅଭାବ-ଅଭିଯୋଗ ଯେପରି ଦିନକୁ ଦିନ ବଢ଼ି ଯାଉଛି, ଏହାର ପ୍ରତିକାର କ'ଣ ?

ଶ୍ରୀଶ୍ରୀଠାକୁର—ତିନିଟି ଜିନିଷ ଦରକାର। ପ୍ରଥମେ ଦରକାର ଆଦର୍ଶରେ ଦୀକ୍ଷା, ଏବଂ ଦରକାର ସଦାଚାରପରାୟଣତା—ଶାରୀରିକ, ମାନସିକ, ଆଧ୍ୟାତ୍ମିକ। ଯେପରି

ଶରୀର-ମନ ଶୁଚି, ଶୁଦ୍ଧ, ସୁସ୍ଥ ସ୍ୱସ୍ଥ ରହେ ସେପରି କରିବାହିଁ ଶାରୀରିକ ଓ ମାନସିକ ସଦାଚାର। ଏବଂ ଏକମୁଖୀ ଆଦର୍ଶାନୁଗ ଗତିଶୀଳତାହିଁ ଆଧ୍ୟାତ୍ମିକ ସଦାଚାର। ଏହା ଛଡ଼ା ପ୍ରତ୍ୟେକଙ୍କ ପ୍ରତି interested (ଆଗ୍ରହୀ) ହେବା ଦରକାର with active service (ସକ୍ରିୟ ସେବା ସହ), ଏସବୁ based (ପ୍ରତିଷ୍ଠିତ) ହେବ auto-initiative responsibility (ସ୍ୱତଃ-ସ୍ୱେଚ୍ଛ ଦାୟିତ୍ୱବୋଧ) ଉପରେ। ନିଜ ପରିବାର ପାଇଁ ମଣିଷ ଯେପରି feel (ବୋଧ) କରେ, ବାସ୍ତବ ଭାବରେ ପରସ୍ପର ମଧ୍ୟରେ ସେହିପରି ହେବା ଦରକାର। ସମସ୍ତଙ୍କୁ ନେଇ ଯେପରି ଗୋଟାଏ ପରିବାର। ଏହି ପରିବାରର ଉନ୍ନତି ପାଇଁ ପ୍ରତ୍ୟେକେହିଁ ଦାୟୀ। ଯାହାର ଯେପରି କ୍ଷମତା, ଯାହାର ଯାହା ଗୁଣ, ଯାହାର ଯାହା ପ୍ରକୃତି, ତାହାକୁହିଁ ଷୋଳଅଣା ସଦ୍‌ବ୍ୟବହାର କରିବେ, ଫାଙ୍କି ଦେବେ ନାହିଁ। ଏବଂ ସେଗୁଡ଼ିକୁ ଭିତ୍ତି କରି ଚେଷ୍ଟା କରିବେ, ପ୍ରତ୍ୟେକର କ୍ଷମତା, ଗୁଣ ଓ ପ୍ରକୃତି ଯେପରି ପୁଷ୍ଟ ହୁଏ। ତୁମର ଚରିତ୍ର ଓ ଚଳନ ଦ୍ୱାରା ଯଦି ଏଇ ଜିନିଷଟି ସଞ୍ଚାରିତ କରି ପାର, ମଣିଷର ଅଭ୍ୟାସରେ ଗୁନ୍ଥି ଦେଇପାର, ରୋଗ, ଶୋକ, ଅଭାବ ଅଭିଯୋଗ ଯେ କୁଆଡ଼େ ଛୁଟି ପଳାଇବ, ତା'ର ଟେର ପାଇବ ନାହିଁ। ପ୍ରଥମେ ତୁମେ ଏଠାରେ ଲାଗିପଡ଼, ଏହିପରି କରି ଏଠାକାର atmosphere (ପରିବେଶ) କୁ saturated (ଭରପୁର) କରି ପକାଅ, cruelly but sweetly (ନିଷ୍ଠୁର ଅଥଚ ମଧୁର) ଭାବରେ ଏହା କରିବାକୁ ହେବ। 'Cruelly' (ନିଷ୍ଠୁର ଭାବରେ) କହୁଛି ଏଇଥି ପାଇଁ ଯେ, ଆମେ ଯଦି ନିଜର ଓ ଅପରର ସତ୍ତାଘାତୀ ପ୍ରବୃତ୍ତିଗୁଡ଼ିକ ପ୍ରତି ନିଷ୍ଠୁର ନ ହେଉ ତାହେଲେ ସତ୍ତା ପ୍ରତି ନିଷ୍ଠୁର ହେବାକୁ ହେବ।

ଚକ୍ରପାଣି ଭାଇଙ୍କର ସ୍ତ୍ରୀ ରେଣୁମା ସନ୍ତାନ-ପ୍ରସବ ସମୟରେ ମରି ଯାଇଛନ୍ତି, ସେ ସମ୍ପର୍କରେ ଶ୍ରୀଶ୍ରୀଠାକୁର ଦୁଃଖକରି କହୁଥିଲେ,—ଝିଅମାନେ Eugenic principle (ସୁପ୍ରଜନନ-ନୀତି) ଗୁଡ଼ିକ ଭଲକରି ଜାଣନ୍ତି କି ନାହିଁ କିଏ ଜାଣେ ? 'ନାରୀର ନୀତି', 'ନାରୀର ପଥେ' ବହିସବୁ ବୋଧହୁଏ ସମସ୍ତେ ଭଲରୂପେ ପଢ଼ୁନାହାନ୍ତି, କିମ୍ବା ଜାଣି ମଧ୍ୟ ପାଳନ କରନ୍ତି ନାହିଁ। ସରଳଭାବରେ ମୁଁ ଯାହା କହିଛି, ତା'ର କାଣିଚାଏ ଯଦି ପାଳନ କରନ୍ତି, ମାତା-ପିତା ଓ ସନ୍ତାନ ସମସ୍ତଙ୍କର ସବୁ ଦିଗରୁ ନିଶ୍ଚୟ ଭଲହେବ। ଜାତିର ସ୍ୱାସ୍ଥ୍ୟ, ଆୟୁ, ଧୀ ଓ କର୍ମ ଦେଖୁ ଦେଖୁ ବିକାଶ ଲାଭ କରିବ। ଝିଅର ବିବାହ ଠିକ୍ ରୂପେ ହେବା ଉଚିତ। ବର ସବୁ ଦିଗରୁ ଶ୍ରେୟ ହେବା ଦରକାର—ବିଶେଷତଃ ବଂଶ ଦୃଷ୍ଟିରୁ। ଅନେକେ ଏହି ଦିଗପ୍ରତି ଖିଆଲହିଁ ଦିଅନ୍ତି ନାହିଁ, ତା'ର ଫଳ କିନ୍ତୁ ଭଲ ହୁଏ ନାହିଁ। ବରର କୁଳକୃଷ୍ଟି ଓ ପ୍ରକୃତି କନ୍ୟାର କୁଳକୃଷ୍ଟି ଓ ପ୍ରକୃତିର ପରିପୂରକ ହେବ, ଏବଂ କନ୍ୟାର କୁଳକୃଷ୍ଟି ଓ ପ୍ରକୃତି ହେବ ବରର କୁଳକୃଷ୍ଟି ଓ ପ୍ରକୃତିର ପରିପୋଷକ। କନ୍ୟାର କୁଳ ଓ କନ୍ୟା ନିଜେ ଏହିପରି ବରକୁ ପାଇ ଧନ୍ୟ ମନେକରିବ। ଏପରି ଶ୍ରଦ୍ଧା-ପୂତ ଭାବ ସହ ଯେଉଁ ଝିଅ ଆସେ, ସେ ସ୍ୱାମୀର ସଂସାରକୁ ତାର ତୀର୍ଥକ୍ଷେତ୍ର ମନେ କରି ଯଥୋପଯୁକ୍ତ ସେବାଦ୍ୱାରା



ସମସ୍ତଙ୍କୁ ନନ୍ଦିତ କରି ସାର୍ଥକ ହୋଇ ଉଠେ, ସଂସାରକୁ ସେ ଭରପୁର କରି ତୋଳେ, ତାର ବୁକୁଭରା ପ୍ରୀତି ଓ ପ୍ରାଣନ-ପୋଷକ ଦକ୍ଷତା ଦ୍ୱାରା। ମନୋଜ୍ଞ ବ୍ୟବହାର କାହାକୁ କୁହାଯାଏ ସେ ତା ଜାଣେ—ନ ଚାହୁଣୁ, ନ କହୁଣୁ ଯା'ର ଯେତେବେଳେ ଯାହା ପ୍ରୟୋଜନ ସେ ତାହାହିଁ କରିବାରେ ଅଭ୍ୟସ୍ତ ହୋଇ ଉଠେ। ଆଉ, ଝିଅମାନଙ୍କୁ ଏହିସବୁ training (ଶିକ୍ଷା) ପିଲାବେଳୁହିଁ ଦେବା ଦରକାର। ବାପଘରୁ ଅଭ୍ୟସ୍ତ ହୋଇଥିଲେ ବିବାହ ପରେ ଆଉ କଷ୍ଟ ହୁଏ ନାହିଁ। ତେବେ ଏସବୁ କରିବା ମୂଳରେ ଦରକାର ସୁକେନ୍ଦ୍ରିକ ଶ୍ରେୟପ୍ରୀତି—ତାହେଲେ ସବୁ ଜିନିଷଟା ସହଜ ହୋଇଯାଏ। ଯେଉଁ ଝିଅମାନେ ପିତୃଭକ୍ତ ହୁଅନ୍ତି ସେମାନେ ସାଧାରଣତଃ ଭଲ ହୋଇଥାନ୍ତି।

ଭକ୍ତିର ଆଉ ଏକ ପରଖ ଅଛି, ଭକ୍ତି ଚିରକାଳହିଁ କର୍ମମୁଖର। ଯାହାକୁ ଯିଏ ଭକ୍ତି କରେ, ଭଲପାଏ, ତା'ର ଖୁସି ପାଇଁ, ତା'ର ସ୍ୱସ୍ତି ପାଇଁ, ସେ ମୁଣ୍ଡ ଝାଳ ତୁଣ୍ଡରେ ନ ମାରି ରହି ପାରେ ନାହିଁ। ଏବଂ ନିଜର ଚରିତ୍ରଟାକୁ ମଧ୍ୟ ତଦନୁରୂପ ନିୟନ୍ତ୍ରିତ କରି ତୋଳେ। ଏହିପରି କରୁ କରୁ ତା'ର ପ୍ରବୃତ୍ତି ଗୁଡ଼ିକ ମଧ୍ୟ ନିୟନ୍ତ୍ରିତ ହୋଇଉଠେ। ତେଣୁ, ଏହିପରି ପିତୃଭକ୍ତ ଝିଅ ଯଦି ଆଦର୍ଶପ୍ରାଣ ଉପଯୁକ୍ତ ସ୍ୱାମୀହାତରେ ପଡ଼େ, ତାଙ୍କୁ (ସ୍ୱାମୀକୁ) ସେ ତା'ର ଅସ୍ତିତ୍ୱ ବୋଲି ମନେ କରେ, ତାଙ୍କୁ ବାଦଦେଇ ତା'ର ନିଜର ଅଲଗା କିଛି ଖିଆଲ ଖୁସି ନ ଥାଏ, ତାଙ୍କ ପାଇଁ ଯେ କୌଣସି କଷ୍ଟକୁ ସେ ତୁଚ୍ଛ ମନେ କରେ। ସେହିଠାରେହିଁ ସଂସାର ସ୍ୱର୍ଗ ହୋଇଉଠେ, ଏବଂ ସେହିପରି ଦମ୍ପତୀଙ୍କ ଠାରୁହିଁ ଦେବ-ଶିଶୁ ଆବିର୍ଭୂତ ହୋଇଥାଏ। ବଂଶ ପରମ୍ପରା କ୍ରମେ ବିବାହଗୁଡ଼ିକ ଯଦି ଠିକ୍ ରୂପେ ହୋଇଥାଏ, ତେବେ ଦେଖାଯାଏ ଗୋଟାଏ ବଂଶ କିପରି ଧାପେ ଧାପେ ଉନ୍ନତିର ପଥରେ ଅଗ୍ରସର ହେଉଛି। ଅବଶ୍ୟ, ଏହା ସଙ୍ଗେ ସଙ୍ଗେ ଆଦର୍ଶପ୍ରାଣତା ଓ ସୁଶିକ୍ଷାର ସଂଯୋଗ ମଧ୍ୟ ଦରକାର, ଏବଂ ଏସବୁ ପ୍ରତି ସ୍ୱଭାବତଃ ସେମାନଙ୍କର ଝୁଙ୍କ ମଧ୍ୟ ଥାଏ।

ଆଉ ଗୋଟାଏ ମଧ୍ୟ ବିବାହ ଯଦି କେଉଁଠି ବିଭ୍ରାନ୍ତ ହୋଇଯାଏ, ବଂଶ ପରମ୍ପରା କ୍ରମେ ତାହା କେତେ ଯେ ଅପୋଗଣ୍ଡ ଓ ଅବ୍ୟବସ୍ଥଚିତ୍ତ ଆମଦାନି କରେ ତା'ର ଇୟତ୍ତା ନାହିଁ। ଲକ୍ଷ ମହାପୁରୁଷ ଓ ଶିକ୍ଷା ବ୍ୟବସ୍ଥା ପକ୍ଷରେ ମଧ୍ୟ ସେମାନଙ୍କୁ ମଣିଷ କରିବା କଷ୍ଟକର ହୋଇପଡ଼େ। ମୂଳରୁ ବିଗିଡ଼ି ଯାଇଛି ! କ'ଣ କରିବେ ? ସେଇଥିପାଇଁ ମୁଁ ବିବାହ ଓ ସୁପ୍ରଜନନ କଥା ଏତେ କରି କହେ। ତୁମେ ଏସବୁ କଥାକୁ କିପରି ସୌଖୀନ ଭାବେ ବୁଝ, ଭଲକରି ଚିନ୍ତା କରନାହିଁ, ତେଣୁ କିପରି ଗୋଟାଏ ଉପରଠାଉରିଆ ଭାବ। ଚତୁର୍ଦ୍ଦିଗରେ କି ସର୍ବନାଶ ହୋଇ ଯାଉଛି, ତାହା ଯଦି ତୁମେ ବୁଝି ପାରନ୍ତ ତାହେଲେ କ'ଣ ଏପରି ଫୁଲା ଫାଙ୍କିଆ ହୋଇ ଚଳନ୍ତ ? ଆଗ୍ନେୟ ହୋଇ ଉଠନ୍ତ !

ପରମପିତାଙ୍କ ଦୟାରୁ ଏତେ ସମ୍ପଦର ତୁମେ ଅଧିକାରୀ ହୋଇଛ, ଏହାକୁ ନେଇ ଯଦି tremendous (ପ୍ରଚଣ୍ଡ) ଭାବରେ ବଢ଼ି ନ ପାରିଲେ, consolidation (ସଂହତି)

ଯଦି ନ ଆସିଲା—ଗତାନୁଗତିକ ଏହି ଜୀବନ-ଯାତ୍ରାରେ କି ସୁଖ ଅଛି ! କି ସାର୍ଥକତା ଅଛି ! ଅବଶ୍ୟ, ତୁମେମାନେ ଯେତେଟିକିଏ କରିଛ ତା କମ ନୁହେଁ, କିନ୍ତୁ ଯାହା କରିବା କଥା ତା ତୁଳନାରେ କିଛି ନୁହେଁ।

ଅଧୀର ଆବେଗରେ କଥାଗୁଡ଼ିକ କହୁ କହୁ ଶ୍ରୀଶ୍ରୀଠାକୁର ଯେପରି ଏକାବେଳେକେ ତନ୍ମୟ ହୋଇ ପଡ଼ିଥିଲେ, ତାଙ୍କର ବଦନମଣ୍ଡଳ ଦିବ୍ୟଭାବଦୀପ୍ତିରେ ସ୍ଫୀତ ବିସ୍ଫାରିତ ଓ ଆରକ୍ତିମ ହୋଇ ଉଠିଲା। ପାଖରେ ଯେଉଁମାନେ ବସିଥିଲେ, କାହାର କୌଣସି ବାକ୍-ସ୍ଫୂର୍ତ୍ତି ହେଉ ନଥିଲା, ସମସ୍ତେ ଭାବିବାକୁ ଲାଗିଲେ—ତାଙ୍କର ଦୟାର ଦାନର ତ ତୁଳନା ନାହିଁ, କିନ୍ତୁ ତାଙ୍କର ଇଚ୍ଛା ପୂରଣ ପାଇଁ ଆମେ କରିଛୁ କେତେଟିକେ ?

କଥା ଶେଷ ହେବାରୁ ହରିପଦ ଭାଇ ତମାଖୁ ସଜାଇ ଦେଲେ। ଶ୍ରୀଶ୍ରୀଠାକୁର ଏକ ଉଦାସ ଦୃଷ୍ଟି ବୁଲାଇ ଆନମନା ଭାବରେ ତମାଖୁ ଖାଇଲେ, ତାଙ୍କର ମନ ଯେପରି କୌଣସି ଅଜଣା ରାଜ୍ୟରେ ବିଚରଣ କରୁଥିଲା। ଏହା ମଧ୍ୟରେ ଅନେକ ସମୟ ହୋଇ ଗଲାଣି। କୃଷକମାନେ ପଦ୍ମା-ଚରରେ ବିରି କିଆରିରେ କାମରେ ଲାଗି ଗଲେଣି, ଏବଂ ସମବେତ ପ୍ରାର୍ଥନା ସକାଶେ ଭାଇ ଓ ମାମାନେ ଆସି ଜମା ହୋଇଗଲେଣି। ହରିପଦ ଭାଇ ଗଡ଼ୁଟୀ ଧରି ଉଠିଲେ, ଭାଇମାନେ ମଧ୍ୟ ଉଠି ପଡ଼ିଲେ। ଶ୍ରୀଶ୍ରୀଠାକୁର ଧୀରେ ଧୀରେ ପ୍ରାତଃ କ୍ରିୟା କରିବାକୁ ଗଲେ। କିଶୋରୀ ଭାଇଙ୍କ ପରିଚାଳନାରେ ମାତୃ ମନ୍ଦିରର ବାରଣ୍ଡାରେ ସମବେତ ବିନତି ପ୍ରାର୍ଥନା ଆରମ୍ଭ ହେଲା।

## ମାର୍ଗଶିର ୧୩, ଶୁକ୍ରବାର, ୧୩୪୮ (ଇଂ ୨୮/୧୧/୪୧)

ଭୋରରୁ ଶ୍ରୀଶ୍ରୀଠାକୁରଙ୍କ ପାଖରେ ତମ୍ବୁ ଭିତରେ ଆନନ୍ଦର ହାଟ ବସିଛି। ରାଷ୍ଟ୍ରୀୟ ସ୍ୱାଧୀନତା କିପରି ଶୀଘ୍ର ଶୀଘ୍ର ମିଳିବ ସେଇ ସମ୍ବନ୍ଧରେ କଥା ଉଠିଲା।

ଶ୍ରୀଶ୍ରୀଠାକୁର—ସ୍ୱାଧୀନତା ମିଳେ ନାହିଁ, ଜାତି ସ୍ୱାଧୀନ ହୁଏ। ଆମର ଚରିତ୍ରହିଁ ଆମକୁ ପରାଧୀନ କରି ରଖିଛି। ଏବେ ମଧ୍ୟ ଆମେ ଏପରି କୌଣସି platform (ମଞ୍ଚ) ତିଆରି କରିପାରି ନାହୁଁ, ଯେଉଁଠି ପ୍ରତ୍ୟେକେ ନିଜ ନିଜର ବୈଶିଷ୍ଟ୍ୟର ପୋଷକତା ଲାଭ କରି ଐକ୍ୟବଦ୍ଧ ହୋଇ ଛିଡ଼ାହୋଇ ପାରିବେ। ଆଜି ମଧ୍ୟ ଆମେ ହିଂସା, ଦ୍ୱେଷ, ଦଳାଦଳି ନେଇ ମାତିଛୁ, କେହି କାହାର ସ୍ୱାର୍ଥ ହେଉ ନାହୁଁ, ଗୋଟାଏ ପାରସ୍ପରିକ ପ୍ରୀତି ଓ ଦରଦ ଏବେ ବି ଫୁଟିଉଠି ନାହିଁ।

ତାପରେ ଧର୍ମକୁ ବାଦ୍‌ଦେଇ ରାଜନୀତିର କଥା ମୁଁ ବୁଝେ ନାହିଁ। ଧର୍ମ ମାନେ ବଞ୍ଚିବା ବଢ଼ିବା,—Politics (ରାଜନୀତି) ମାନେ ତାହାହିଁ ଯାହା ପୂରଣ କରେ, ପୋଷଣ କରେ। ପୂରଣ ଓ ପୋଷଣ କରିବ କାହାକୁ ? ପୂରଣ ଓ ପୋଷଣ କରେ ପ୍ରତ୍ୟେକଙ୍କର ବଞ୍ଚିବା ଓ ବଢ଼ିବାକୁ—ବ୍ୟଷ୍ଟିଗତ ଓ ସମଷ୍ଟିଗତ ଭାବରେ, ସ୍ୱ ସ୍ୱ ବୈଶିଷ୍ଟ୍ୟର ସହିତ। ଏହି ଧର୍ମର ଅବଲମ୍ବନ ହେଲେ ପୁଣି ବୈଶିଷ୍ଟ୍ୟପାଳୀ ଆପୂରୟମାଣ ଆଦର୍ଶ—ଅର୍ଥାତ୍ ସେଇ ମଣିଷଟି ଯିଏ ପ୍ରତ୍ୟେକଙ୍କୁ ତା'ର ବ୍ୟକ୍ତିବୈଶିଷ୍ଟ୍ୟ-ଅନୁସାରେ ପୂରଣ କରିପାରନ୍ତି। ତାଙ୍କ ଭିତରେ ଅଛି ସର୍ବଭାବ, ସର୍ବମତ, ସର୍ବପଥ, ସର୍ବବୈଶିଷ୍ଟ୍ୟ, ସର୍ବସ୍ୱାର୍ଥ, ସର୍ବପ୍ରୟୋଜନ, ସର୍ବ ପରିପୂରଣର ବୈଧୀ ସୁସମ୍ପୂର୍ଣ୍ଣ ସୁସଂହତ ସମାବେଶ। ତାଙ୍କ ଭିତରେ ପୂର୍ବତନ ପ୍ରତ୍ୟେକଟି ମହାପୁରୁଷ ଜୀବନ୍ତ ହୋଇଥାନ୍ତି। ତେଣୁ ଏକମାତ୍ର ସେହି ଜନସମଷ୍ଟି, ଏପରିକି ମାନବ ସମାଜର ଏକାୟନୀ କେନ୍ଦ୍ର ହୋଇ ପାରନ୍ତି ଏବଂ ତାଙ୍କୁହିଁ କେନ୍ଦ୍ରକରି ଦେଶର ଜନଗଣ ଓ ସେମାନଙ୍କର ଯାହା କିଛି ସବୁ ନେଇ ଐକ୍ୟବଦ୍ଧ ଭାବରେ ସୁସଂହତ ହୋଇ ପାରନ୍ତି, ଏବଂ ତାହାହିଁ ହୋଇଉଠେ ସ୍ୱାଧୀନତାର ଭିତ୍ତିଭୂମି। ଏବଂ ଏହି ଆଦର୍ଶପ୍ରାଣତାର ଉଦ୍‌ବର୍ଦ୍ଧନ ହେଲେ ଜର୍ମ ତତ୍ ସଙ୍ଗେ ସଙ୍ଗେ ଉଦ୍ଭିନ୍ନ ହୋଇଉଠେ। ମଣିଷ ସେତେବେଳେ ପରମୁଖାପେକ୍ଷୀ ହୋଇ ରହିବାକୁ ଚାହେଁ ନାହିଁ, ବରଂ ନିଜର ଅବଦାନରେ ଉଜ୍ଜ୍ୱଳ ଓ ପରିପୁଷ୍ଟ କରିବାକୁ ଚାହେଁ ପ୍ରିୟପରମଙ୍କୁ। ଏହା କରିବାକୁ ଯାଇଁ ତା'ର ବୈଶିଷ୍ଟ୍ୟ-ଅନୁଯାୟୀ ପରିବେଶର ସେବା ତାକୁ କରିବାକୁହିଁ ହୁଏ। ପ୍ରତ୍ୟେକେ ହିଁ ଏହିପରି କରିଥା'ନ୍ତି, ଏହିପରି ଭାବରେ ସେମାନଙ୍କ ପ୍ରଚେଷ୍ଟା ଭିତର ଦେଇ ଗଢ଼ିଉଠେ, କୃଷି, ଶିଳ୍ପ, ସ୍ୱାସ୍ଥ୍ୟ, ଶିକ୍ଷା, ବାଣିଜ୍ୟ, ବିଜ୍ଞାନ, ଖାଦ୍ୟ, ଅନ୍ନ, ବସ୍ତ୍ର, ବାସସ୍ଥାନ, ନିରାପତ୍ତା, ଯାନବାହନ, ଶାସନ, ସଂଯମନ, ଅସତ୍-ନିରୋଧ, ପାରସ୍ପରିକ ଯୋଗାଯୋଗ ରକ୍ଷା, ଇତ୍ୟାଦି ସମ୍ବନ୍ଧରେ ସୁସମ୍ପୂର୍ଣ୍ଣ ପ୍ରସ୍ତୁତି ଓ ବ୍ୟବସ୍ଥିତି। ସେତେବେଳେ ରାଷ୍ଟ୍ର ସ୍ୱତଃହିଁ ସେମାନଙ୍କ ହାତକୁ ଚାଲି ଆସେ। କାରଣ T.B. (ଯକ୍ଷ୍ମା) ରୋଗୀକୁ ଏପରି nourishment (ପୋଷଣ) ଯଦି ଦିଆଯାଏ ଯେପରି ତା'ର vital force (ଜୀବନୀ-ଶକ୍ତି) ଓ resistance power (ରୋଗ-ପ୍ରତିରୋଧକ କ୍ଷମତା) ବଢ଼େ, ସେତେବେଳେ ଯେପରି ତା'ର parasite (ରୋଗଜୀବାଣୁ) ଗୁଡ଼ିକ ଶରୀରରୁ ବାହାରି ଯା'ନ୍ତି, ସେହିପରି ଭାବରେ ଆମେ ସର୍ବତୋଭାବରେ ସଂହତ, ସମର୍ଥ ଓ ସତ୍ତାପୋଷଣକ୍ଷମ ହୋଇଉଠିଲେ, ଯଦି ଆମର ଶୋଷକ କେହି ଥା'ନ୍ତି, ସେମାନେ ପଳାଇବେ ନିଶ୍ଚୟ, କିନ୍ତୁ ସେତେବେଳେ ସେମାନଙ୍କର ଅନୁଯୋଗ କରିବାର କିଛି ନଥିବ। ତେଣୁ ମୋର ମନେହୁଏ, ଇଂରେଜକୁ ତଡ଼ିବାର ଚେଷ୍ଟା ନ କରି ଯଦି ଇଂରେଜକୁ ଆମ ପ୍ରତି interested (ଅନୁରକ୍ତ) କରିବାକୁ ଚେଷ୍ଟା କରୁ, ସେମାନଙ୍କ ସତ୍ତାରେ interested (ଆଗ୍ରହୀ) ହୋଇ,—ତାହେଲେ ଇଂରେଜକୁ ଆମେ ପାଇ ପାରିବୁ ଆମର asset (ସମ୍ପଦ) ହିସାବରେ। ଏବଂ ଆମେ ଯଦି ଉକ୍ତ ଚରିତ୍ର ଓ ପ୍ରସ୍ତୁତି ଆୟତ୍ତ ନ କରୁ, ଏବଂ ଇଂରେଜ ଯଦି ଏହି ଅବସ୍ଥାରେ ଚାଲି ମଧ୍ୟ ଯା'ନ୍ତି, ତାହେଲେ ବର୍ତ୍ତମାନ ଯେଉଁ ସମସ୍ୟା ଅଛି, ସେ ସମସ୍ୟା ତ ରହିଯିବ, ବରଂ ସମସ୍ୟା ସେତେବେଳେ ଆହୁରି ଗହନ ହୋଇ ଉଠିବ। ଈର୍ଷ୍ୟା, ଦ୍ୱେଷ, ସାମ୍ପ୍ରଦାୟିକତା, ଅନୈକ୍ୟ, ଅସଂହତି, ଅସାମର୍ଥ୍ୟ, ଅସାଧୁତା ଓ ସ୍ୱାର୍ଥାନ୍ଧତା

ପରପ୍ରଦତ୍ତ କ୍ଷମତା ବଳରେ ବଳୀୟାନ୍ ହୋଇ ଦେଶବକ୍ଷରେ ପ୍ରେତିନୀର ନୃତ୍ୟ ଆରମ୍ଭ କରିଦେବେ ଏବଂ ଇଂରେଜ ଓ ଅନ୍ୟାନ୍ୟ ଜାତି ଆମର ଏହି ଅନ୍ତର୍ନିହିତ ଦୁର୍ବଳତାର ସୁଯୋଗ ନେବା ଛାଡ଼ିବେ ନାହିଁ—ତାହା ଇଂରେଜ ଚାଲିଯିବା ଆଗରୁ ଏବଂ ପଛରେ ମଧ୍ୟ। କାରଣ, ଭାରତପ୍ରତି ଲୁବ୍ଧ ଦୃଷ୍ଟି ସମସ୍ତଙ୍କର ଅଛି। ମୋଟକଥା, India (ଭାରତବର୍ଷ) ହେଲା key to the world (ଜଗତର ଚାବିକାଠି)। ଯେପରି ଯେପରି କହିଛି, ସେପରି ଭାବରେ ଯଦି ସମସ୍ତଙ୍କୁ organise ଓ integrate (ସଂଗଠିତ ଓ ସଂହତ) କରିପାର ଧର୍ମ ଓ କୃଷ୍ଟିର ଭିତ୍ତିରେ—ପାରସ୍ପରିକ ସେବା, ସହଯୋଗିତା ଓ ସର୍ବତୋମୁଖୀ ଗଠନମୂଳକ କର୍ମର ସୁସମ୍ପ୍ରସାରଣ ପୂର୍ବକ—ତାହେଲେ ସାରାଭାରତର ସ୍ୱରାଜ ଆସିବାକୁ ଆଉ ବେଶି ଡେରି ଲାଗିବ ନାହିଁ। ସ୍ୱାଧୀନତାର ସେହିରୂପ ଦୁନିଆକୁ ପ୍ରକୃତରେ ସ୍ୱାଧୀନତାର ପଥ ଦେଖାଇବ। ଭାରତ ପୁଣି ଜଗତର ଗୁରୁ ହୋଇ ଉଠିବ।

## ମାର୍ଗଶିର ୧୪, ଶନିବାର, ୧୩୪୮ (ଇଂ ୨୯/୧୧/୪୧)

ଭୋରରୁ ଆଶ୍ରମ-ପ୍ରାଙ୍ଗଣରେ ତାମ୍ବୁରେ ଅନେକେ ଆସି ଉପସ୍ଥିତ ହେଲେ। ସମସ୍ତେ ଆସି ଶ୍ରୀଶ୍ରୀଠାକୁରଙ୍କୁ ପ୍ରଣାମ କରି ନିଜ ନିଜର ଜାଗାରେ ବସିଲେ। ଶ୍ରୀଶ୍ରୀଠାକୁର ଖଟ ଉପରେ ଆସନ ପକାଇ କନ୍ଥା ଘୋଡ଼ାଇ ହୋଇ ବସିଥିଲେ, ମୁଖମଣ୍ଡଳରେ ଏକ ପ୍ରଶାନ୍ତ ପରିତୃପ୍ତି, ଚକ୍ଷୁରେ କରୁଣାଘନ ଦୀପ୍ତଦୃଷ୍ଟି, ଦେଖିଲେ ପ୍ରାଣ ସ୍ୱତଃହିଁ ପୁଲକିତ ହୋଇଉଠେ, ଅଜାଣତରେ ତାଙ୍କରି ପାଖକୁ ଛୁଟି ଯିବାକୁ ଚାହେଁ। ସମସ୍ତେ ଆସିଲା ପରେ ଘରୁଆ କଥାବାର୍ତ୍ତା ଚାଲିଲା—ଜଣେ-ଦିଜଣଙ୍କର ରୋଗ-ବ୍ୟାଧି, ଖାଇବା-ପିଇବା, ଶୀତ କିପରି ପଡ଼ିଛି ଇତ୍ୟାଦି କଥା। ଅତି ସାଧାରଣ କଥା ମଧ୍ୟ ଶ୍ରୀଶ୍ରୀଠାକୁର ଯେତେବେଳେ କହନ୍ତି, ମନେହୁଏ, କେତେ ସରସ, କେତେ ସୁନ୍ଦର, କେତେ ପ୍ରାଣଦ! କଥାବାର୍ତ୍ତାରେ ଗୋଟାଏ ସହଜ, ସମ୍ଭ୍ରାନ୍ତ, ଅନ୍ତରଙ୍ଗ ସମାବେଶ ଜମାଟ ବାନ୍ଧି ଉଠିଲା।

ବୀରେନ୍ ଭାଇ (ଭଟ୍ଟାଚାର୍ଯ୍ୟ) ପ୍ରଶ୍ନ କଲେ—''କୌନ୍ତେୟ ପ୍ରତିଜାନୀହି ନ ମେ ଭକ୍ତଃ ପ୍ରଣଶ୍ୟତି'' କଥାର ଅର୍ଥ କ'ଣ ଏବଂ ତାହା ସମ୍ଭବ କିପରି?

ଶ୍ରୀଶ୍ରୀଠାକୁର—ଭଗବାନ୍ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ କହିଛନ୍ତି—''ତୁମେ ନିଶ୍ଚୟ କରି ଜାଣ ମୋର ଭକ୍ତ କେବେହେଲେ ବିନଷ୍ଟ ହୁଏ ନାହିଁ।'' ମଣିଷ ବିନଷ୍ଟ ହୁଏ ପ୍ରବୃତ୍ତି-ବଶ୍ୟତା ଯୋଗୁଁ, କିନ୍ତୁ with all our passions (ସବୁ ପ୍ରବୃତ୍ତି ନେଇ) ଇଷ୍ଟଙ୍କ ପ୍ରତି interested (ଅନୁରକ୍ତ) ହେଲେ ବିନଷ୍ଟ ହେବାର ଉପାୟ ନାହିଁ। ବେଶ୍ୟାଳୟକୁ ଗଲାବେଳେ ବାପ, ମା, ସ୍ତ୍ରୀ କେତେ କହନ୍ତି, କାନ୍ଦନ୍ତି, କିନ୍ତୁ ସେସବୁ କଥା କ'ଣ ମଣିଷ ସେତେବେଳେ ଶୁଣେ?—ଏହିପରି with all our passions (ସର୍ବବୃତ୍ତି ସହ) ତାଙ୍କଠାରେ



ଅଚ୍ଛେଦ୍ୟଭାବରେ ଚିରକାଳ ପାଇଁ interested (ଅନୁରକ୍ତ) ହେବା ଦରକାର, ତଦ୍ୱାରା ବିନଷ୍ଟିର ମୂଳ ମରିଯାଏ, ବିନଷ୍ଟ ହେବ କିପରି? ତା'ର ଅର୍ଥ ଏହା ନୁହେଁ ଯେ, ତା'ର ଦୁଃଖ, କଷ୍ଟ, ରୋଗ, ଶୋକ, ମୃତ୍ୟୁ ଇତ୍ୟାଦି ରହିବ ନାହିଁ। ଦୁଃଖ-କଷ୍ଟ ରୋଗ-ଶୋକ ଆସିଲେ ମଧ୍ୟ ତାକୁ ନିୟନ୍ତ୍ରଣ କରି କିପରି ଶୁଭ-ପ୍ରସୂ କରାଯାଇ ପାରିବ ତାହା ସେ ଜାଣିଥାଏ। ସବୁ ଅବସ୍ଥାକୁ ସେ ଇଷ୍ଟସ୍ୱାର୍ଥପ୍ରତିଷ୍ଠାର ପରିପୋଷକ କରି ବିନ୍ୟସ୍ତ କରି ତୋଳେ। ସେତେବେଳେ କିଛି ତାକୁ ଦବାଇ ଦେଇ ପାରେ ନାହିଁ, ହଟାଇ ଦେଇ ପାରେନାହିଁ, ସେ ନିରାଶ ହୁଏ ନାହିଁ, ହତାଶ ହୁଏ ନାହିଁ, କାତ ଛାଡ଼ି ଦିଏ ନାହିଁ କଦାପି। ସେ କର୍ମତତ୍ପର ଓ ଆଶାବାଦୀ ହୁଏ। ପୁଣି ମଣିଷ ଭିତରେ ଭକ୍ତି ଯଦି ଥରେ ଉଦୟ ହୁଏ, ସେ ଏପରି କର୍ମ ଖୁବ୍ କମ୍ କରିଥାଏ, ଯଦ୍ୱାରା ନୂତନ କରି ଦୁର୍ଭୋଗର ଆମଦାନୀ ହୋଇପାରେ। ଆମର ସମସ୍ତ ଦୁର୍ଭୋଗର ମୂଳ କାରଣ ହେଉଛି ପ୍ରବୃତ୍ତିଜନିତ କର୍ମ। ତା'ଛଡ଼ା ଇଷ୍ଟକର୍ମ କରିବାକୁ ଯାଇଁ ମଣିଷ ଜୀବନରେ ଅନେକ ଦୁଃଖ କଷ୍ଟ ଆସିପାରେ, କିନ୍ତୁ ଇଷ୍ଟପ୍ରୀତି ଯଦି ଥାଏ ଏସବୁ ସୁଖକର ମନେହୁଏ, ସେ ସବୁ ମନକୁ କ୍ଲିଷ୍ଟ କରି ପାରେନାହିଁ, କାରଣ ତଦ୍ୱାରା ସତ୍ତା ବରଂ ପୁଷ୍ଟ ହୁଏ କିନ୍ତୁ କ୍ଷୁଣ୍ଣ ହୁଏ ନାହିଁ। ଏଇ ପଥରେ ଚାଲୁ ଚାଲୁ କାହାର ଯଦି ସ୍ୱାଭାବିକଭାବରେ ମୃତ୍ୟୁ ମଧ୍ୟ ହୁଏ, ତେବେ ମଧ୍ୟ ସେ ଉନ୍ନତତର ଜୀବନର ଅଧିକାରୀ ହୋଇଥାଏ, ଏପରିକି ସ୍ମୃତିବାହୀ ଚେତନା ମଧ୍ୟ ହୁଏତ ଲାଭ କରିପାରେ। ତେଣୁ ଜୀବନ ପଥରେ ଆଗେଇ ଯିବା ଛଡ଼ା ପଛକୁ ହଟିଯିବା ବା ନଷ୍ଟ ହେବାର ସମ୍ଭାବନା ହିଁ ନ ଥାଏ। ପୁରୁଷୋତ୍ତମଙ୍କ ପ୍ରତି ଭକ୍ତି ହିଁ ଏହି ଭାବକୁ ପରିପୁଷ୍ଟ କରିତୋଳେ।

ପ୍ରଫୁଲ୍ଲ—ଆତ୍ମା ତ ଅମର, ଶେଷ ପର୍ଯ୍ୟନ୍ତ କେହି ହେଲେ ତ ନଷ୍ଟ ହୁଅନ୍ତି ନାହିଁ।

ଶ୍ରୀଶ୍ରୀଠାକୁର—ଆମେ ଚାହୁଁ କ୍ରମ ପ୍ରାପ୍ତିର ଭିତର ଦେଇ ବିବର୍ତ୍ତନ ପଥରେ ଚାଲିବାକୁ, ଉନ୍ନତି ପଥରେ ଚଳିବାରେ ହିଁ ଜୀବନର ଆନନ୍ଦ, ଏବଂ ଏହି ବର୍ଦ୍ଧନମୁଖୀ ଗତି ଆମେ ଅବିଚ୍ଛିନ୍ନ ରଖିବାକୁ ଚାହୁଁ, ଜୀବନ ମୃତ୍ୟୁର ପାରାବାରକୁ ଭେଦକରି।

ଏହା ନିଶ୍ଚିତ ଯେ—ଆପୂରୟମାଣ ଇଷ୍ଟଙ୍କ ପ୍ରତି ଯଦି କାହାର ପ୍ରକୃତ ଟାଣ ହୁଏ, ଏବଂ ତାହେଲେ ସେ ଯଦି ବିଗତ ହୁଏ, ତେବେ ସେ ମହାନ ଜୀବନ ଲାଭ କରିବ ହିଁ କରିବ।ପୁଣି ଏହି ଜୀବନରେ ଯିଏ ଯେତେ ଫୁର୍ତ୍ତିବାଜ ହେଉନା କାହିଁକି, ସେ ଯଦି ସୁକେନ୍ଦ୍ରିକ ନ ହୁଏ, ପ୍ରବୃତ୍ତି ଯଦି ତା'ର ଜୀବନର ନିୟାମକ ହୁଏ, ତେବେ ଏହି ଛିନ୍ନ ବିକେନ୍ଦ୍ରିକତା ତାର ମୃତ୍ୟୁକାଳୀନ ଭାବଭୂମି ଓ ପରଜନ୍ମକୁ ଯେ ଅପଗତିରେ ଅପକୃଷ୍ଟ କରି ତୋଳିବ, ଏଥିରେ ସନ୍ଦେହର ଅବକାଶ ନାହିଁ।

ସୁବୋଧ ଭାଇ (ସାହା)—ଆଚ୍ଛା ଆମେ ଦୁର୍ବଳତା କବଳରୁ ମୁକ୍ତି ପାଇବୁ କିପରି? ସେମାନଙ୍କୁ ଚିହ୍ନି ପାରିଲେ ମଧ୍ୟ ତ ସେମାନେ ପଳାନ୍ତି ନାହିଁ।

ଶ୍ରୀଶ୍ରୀଠାକୁର ଲଳିତଭଙ୍ଗୀରେ ନିମ୍ନଲିଖିତ ଛଡ଼ାଟି ଆବୃତ୍ତି କଲେ—

"ପାପେ ଯଖନ ଆସେ ଘୃଣା
ଆସେ ଆକ୍ରୋଶ, ଅପମାନ
ଇଷ୍ଟପ୍ରାଣନ ଫେଁପେ ଓଠେ
ତଖନ ପାପେର ପରିତ୍ରାଣ ।"

ତାପରେ କହିଲେ, ଦୁର୍ବଳତାଗୁଡ଼ିକ ପ୍ରତି ଆମର ଅନୁରାଗ ଥାଏ, ସେମାନଙ୍କୁ ଆଦର କରୁ, ଯତ୍ନକରି ପୋଷୁ, ସେଥିପାଇଁ ତ ସେମାନେ ପ୍ରଶ୍ରୟ ପା'ନ୍ତି । ଆମେ ସେମାନଙ୍କୁ ଆଶ୍ରୟ ନଦେଲେ, ସେମାନଙ୍କୁ ନ ଚାହିଁଲେ, ସେମାନେ ଆମ ଭିତରେ ରହିପାରିବେ କିପରି ? ଯେତେବେଳେ ସେମାନଙ୍କ ପ୍ରତି ଗୋଟାଏ ଘୃଣା ଓ ଆକ୍ରୋଶ ଭାବ ଆସେ, ସେମାନଙ୍କ ପାଖରେ ଆତ୍ମସମର୍ପଣ କରିବାକୁ ଅପମାନ ଲାଗେ, ତେବେ ଯାଇ ବୁଝାଯିବ ଯେ ପ୍ରକୃତରେ ତ ଆମେ ସେମାନଙ୍କୁ ଚାହୁଁ ନାହିଁ । ତେବେ କେବଳ negatively (ନେତିବାଚକଭାବରେ) ସେମାନଙ୍କ ହାତରୁ ରକ୍ଷା ପାଇବାକୁ ଚେଷ୍ଟା କରିବା ଦ୍ୱାରା ଅନେକ ସମୟରେ ସେମାନଙ୍କଠାରେ ଆଉରି ଆବଦ୍ଧ କରି ପକାଏ । ସେଇ ସମ୍ବେଗ ନେଇ ଦୁର୍ବଳ ମୁହୂର୍ତ୍ତରେ ଇଷ୍ଟ ଓ ସତ୍‌ରେ ନିଜକୁ ବାସ୍ତବଭାବରେ ନିୟୋଜିତ କରିବାକୁ ହୁଏ ; ଶରୀର ଓ ମନକୁ ଏତେ ପରିମାଣରେ ବ୍ୟାପୃତ କରିବାକୁ ହେବ, ଯେପରି ଅନ୍ୟଦିଗକୁ ନଜର ଦେବାକୁ ଅବକାଶ ମଧ୍ୟ ସେମାନେ ନ ପା'ନ୍ତି । ଏହିପରି କରୁ କରୁ ସେମାନେ ଛିଡ଼ି ପଡ଼ନ୍ତି । ମଣିଷ ଇଷ୍ଟନିଷ୍ଠ ହେଲେ, କୋଷ ମୁକ୍ତ ତରବାରୀ ପରି ହୋଇଯାଏ, ସେତେବେଳେ ସେ କୌଣସି ପ୍ରକାରେ ଇଷ୍ଟବିରୋଧୀ ଦୁର୍ବଳତା ସଙ୍ଗେ compromise (ସାଲିସ) କରେ ନାହିଁ ।

ମଣିଷର ବିକୃତ-ସ୍ୱାର୍ଥବୁଦ୍ଧି ସମ୍ବନ୍ଧରେ କଥା ଉଠିଲା ।

ଶ୍ରୀଶ୍ରୀଠାକୁର କହିଲେ—ପରସ୍ପରକୁ ଠକିବାର ବୁଦ୍ଧି ହେବା ମାନେହିଁ, ନିଜର cell (କୋଷ) ଗୁଡ଼ିକୁ ଭାଙ୍ଗି ପକାଇବା, ନିଜତ୍ୱକୁ ହନନ କରିବା । ଶରୀର ଭିତରେ ଅନ୍ୟସବୁ cell (କୋଷ) ସୁସ୍ଥ ଓ ଜୀବନ୍ତ ନଥିଲେ, ଗୋଟିଏ cell (କୋଷ) ଯେପରି ଏକକଭାବରେ ସୁସ୍ଥ ଓ ଜୀବନ୍ତ ରହିପାରେ ନାହିଁ, ସାମାଜିକ ପରିବେଶରେ ମଧ୍ୟ ଆମର ବ୍ୟକ୍ତିଜୀବନ ସେହିପରି ଅନ୍ୟ ସମସ୍ତଙ୍କୁ ବାଦ୍‌ଦେଇ ଏକକ ବଜାୟ ରହିପାରେ ନାହିଁ । ତଦ୍ୱାରା ତା'ର ଅସ୍ତିତ୍ୱହିଁ ଅଚଳ ହୋଇ ପଡ଼ିବ, ପରିବେଶରୁ ପୁଷ୍ଟି ନ ପାଇ ସେ ଶୁଷ୍କ ହୋଇଯିବ । ତେଣୁ ପରସ୍ପରର ସ୍ୱାର୍ଥାନ୍ୱିତ ହୋଇ, ସମସ୍ତେ ମିଳିମିଶି ଏକତ୍ର ଚଳିବାରେ କିନ୍ତୁ ପ୍ରତ୍ୟେକଙ୍କର ନିଜର ଲାଭହିଁ ସବୁଠାରୁ ବେଶି । ଦେହସ୍ଥ ପ୍ରାଣନ-ଶକ୍ତିର ପୋଷକତା ଦ୍ୱାରା ଯେପରି ଶରୀରର କୋଷଗୁଡ଼ିକ ମଧ୍ୟରେ ଏକ ଅଚ୍ଛେଦ୍ୟ ସଂହତି ଫୁଟିଉଠେ, ସମାଜ-ଜୀବନରେ ମଧ୍ୟ ସେହିପରି ସମସ୍ତଙ୍କର ସତ୍ତାପୂରଣପୋଷଣୀ ଜୀବନ୍ତ ନରବିଗ୍ରହ ପ୍ରତି ଆନୁଗତ୍ୟ ଭିତର ଦେଇ ଏହି ସଂହତି ଓ ସହଯୋଗିତାର ଅଭ୍ୟୁଦୟ ହୁଏ । ଏହା ବାଦ୍‌ଦେଇ କେବଳ ସ୍ୱାର୍ଥସାଧନ ମତଲବରେ କିନ୍ତୁ ପାରସ୍ପରିକ ସ୍ୱାର୍ଥରକ୍ଷାର ଉପଯୋଗୀ ଅବସ୍ଥା ସୃଷ୍ଟି କରାଯାଇ ପାରେ



ନାହିଁ ।

## ମାର୍ଗଶିର ୧୫, ରବିବାର, ୧୩୪୮ (ଇଂ ୩୦/୧୧/୪୧)

ଆଜି ସକାଳୁ ଶ୍ରୀଶ୍ରୀଠାକୁରଙ୍କ ପାଖରେ ତାମ୍ବୁରେ ଯଥାରୀତି ଆଲୋଚନା ବୈଠକ ବସିଲା ।

ଶ୍ରୀଶ୍ରୀଠାକୁର ନିଜଆଡୁ କଥା ଉଠାଇଲେ—ମଣିଷକୁ କେବଳ ଦେଲେ ହେବ ନାହିଁ, ତା ପାଖରୁ ନେଇ ତା'ର ପୁଣି ଦେବାର ଅଭ୍ୟାସ କରାଇଦେବାକୁ ହେବ, ନିଜର ତରଫରୁ ମଣିଷକୁ ଦେଇ ସେ ଯେପରି ଖୁସି ହୁଏ, ସେପରିଭାବରେ ତାକୁ ପ୍ରବୁଦ୍ଧ କରି ତୋଳିବାକୁ ହେବ । କେବଳ ଦେଇ ଚାଲିଲେ ତାକୁ ପଙ୍ଗୁ କରି ଦିଆଯାଏ । ଯେଉଁ ଲୋକ କେବଳ ଅନ୍ୟମାନଙ୍କ ପାଖରୁ ନିଏ, କାହାକୁ କିଛି ଦିଏ ନାହିଁ, ସେ ଅପଦାର୍ଥ ହୋଇଯାଏ, ଦାରିଦ୍ର୍ୟ ତାକୁ ଘୋଟି ଆସେ । ଏହାକୁ କଦାପି ପ୍ରଶ୍ରୟ ଦେବା ଉଚିତ ନୁହେଁ । ସେଇଥିପାଇଁ ମୁଁ ଅନେକ ସମୟରେ କାହା କାହାଠାରୁ ଖାଲିଖାରେ ଏମିତି କିଛି ଚାହିଁ ଥାଏ । କିନ୍ତୁ ନ ଚାହୁଣୁ ଯଦି ଦିଏ, ତାହା ଖୁବ୍ ଭଲ । ମୋତେ ଖୁବ୍ ଭଲଲାଗେ ଯେତେବେଳେ ଦେଖେ, କେହି ଦୁଃଖ-କଷ୍ଟ, ଆପଦ-ବିପଦରେ ପଡ଼ି, ସେ ନ ଡାକୁଣୁ ଆଉଜଣେ ଯାଇଁ ମାଡ଼ିବସି ଉପରେପଡ଼ି ସ୍ୱତଃ-ପ୍ରବୃତ୍ତ ହୋଇ ସାହାଯ୍ୟ କରେ, ଆଶା ଭରସା ଓ ଉଦ୍ଦୀପନାରେ ତୋଳିଧରେ ତାକୁ । ପରସ୍ପର ମଧ୍ୟରେ ଏହିଭାବ ଯେତେ ବଢ଼େ, ସଂହତି ମଧ୍ୟ ସେତେ ଦୃଢ଼ ହୋଇଉଠେ । ଅନେକ ସମୟରେ ଏହା ମଧ୍ୟ ଦେଖାଯାଏ, ମଣିଷ ଦିଏ, କିନ୍ତୁ ଯାହାଠାରୁ ପାଏ ତାକୁ ଆଉ ଦିଏ ନାହିଁ, ତାଠାରୁ କେବଳ ନେବାକୁ ହୁଏ ବୋଲି ଜାଣେ, ତାକୁ ଯେ ଦେବାକୁ ହେବ ଏହି ମନୋଭାବ ନଥାଏ, ତାକୁ ଦେଇ ତୃପ୍ତି ଲାଭର ପ୍ରଲୋଭନ ମଧ୍ୟ ତାକୁ ଉଦ୍‌ବେଳିତ କରିତୋଳେ ନାହିଁ—ଏହି ପ୍ରକୃତି ଭଲ ନୁହେଁ, ଏହା ଅକୃତଜ୍ଞତାର ନାମାନ୍ତର, ଏପରି କଲେ ମଣିଷର ଉନ୍ନତି blocked (ରୁଦ୍ଧ) ହୋଇଯାଏ । ପାଇବାର ଉସକୁ ପୁଷ୍ଟ କରେ ନାହିଁ ଅଥଚ ଅନ୍ୟକୁ ଦିଏ—ଏହିପରି ଦେବା ପଛରେ ଅନେକ ସମୟରେ ଆତ୍ମପ୍ରତିଷ୍ଠାର ଉଦ୍ଦେଶ୍ୟ ଥାଏ । ଏହିପରି ଚଳିଲେ ପ୍ରବୃତ୍ତିର ଆଉ ନାନାପ୍ରକାର ଫିସାଦି ବାହାରେ । ସେ ସବୁରେ ମଣିଷ ଜଡ଼ିତ ହୋଇପଡ଼େ । ସୁସ୍ଥ କର୍ମଦୀପନା ତାର ନଥାଏ । କର୍ମଜଞ୍ଜାଳ ସୃଷ୍ଟି ହୁଏ । ଏବଂ ବିଶେଷ କୌଣସି ଦିଗରେ ତା'ର ଆଗ୍ରହ ଫୁଟି ଉଠିଲେ ମଧ୍ୟ ସର୍ବସଙ୍ଗତ ଭାବରେ ସୁନିୟନ୍ତ୍ରିତ ଚରିତ୍ର ଓ ଜୀବନ ଲାଭ କରିବାକୁ ସେ ଅସମର୍ଥ ହୋଇଥାଏ । ଏପରି ଲୋକ ସୁଖର ସନ୍ଧାନ ପାଏ ନାହିଁ । ମୋଟକଥା, ଜଣେ ଲୋକ ଉପକାରୀର ଉପକାର କରେ ନାହିଁ, ମା-ବାପାଙ୍କ ପାଇଁ କିଛି କରେ ନାହିଁ, କିମ୍ବା ଗୁରୁଜନ ବା ଗୁରୁଙ୍କ ପାଇଁ କିଛି କରେ ନାହିଁ, ଅଥଚ ଅନ୍ୟପାଇଁ କରେ—ଏପରି ଦେଖିଲେ ବୁଝିବ ଯେ, ସେ ବୃତ୍ତିର ସେବା

କରୁଛି। ଏବଂ ଏହିପରି ସେବା ତା ନିଜର ବା ପରର ଖୁବ୍ ଗୋଟାଏ କାମରେ ଲାଗେ ନାହିଁ, ଶେଷରେ ରକ୍ଷା ମିଳେ ନାହିଁ।

ଶୈଳମାକୁ ଦେଖି ଶ୍ରୀଶ୍ରୀଠାକୁର ଆଖିରେ ଇସାରା କରି କିଛି ଯେପରି ପଚାରିଲେ। ଶୈଳମା ଦୁଇହାତର ଆଠଟି ଆଙ୍ଗୁଠି ଦେଖାଇ ହାତ ହଲାଇ ହଲାଇ ଦ୍ରୁତଗତିରେ ଚାଲିଗଲେ।

ବିମଳ ଭାଇ (ମୁଖାର୍ଜୀ)—ଆଚ୍ଛା ମଣିଷ ଦିନକୁ ଦିନ ଏତେ ପ୍ରବୃତ୍ତିମୁଖୀ ହେଉଛି କାହିଁକି ?

ଶ୍ରୀଶ୍ରୀଠାକୁର—Eugenic relation (ଯୌନ ସମ୍ବନ୍ଧ) ରେ ଆବିଳତା ପଶିଥିବାରୁ ଯେତେ ସବୁ ସର୍ବନାଶ ହୋଇଛି। ବିବାହ ଠିକ୍‌ରୂପେ ହେଲେ ମଧ୍ୟ ସ୍ୱାମୀପ୍ରତି ସ୍ତ୍ରୀର attachment wisely conscious (ଅନୁରାଗ ପ୍ରଜ୍ଞାଚେତନ) ନହେଲେ, ଅର୍ଥାତ ଚାରିଚକ୍ଷୁ attention (ଅଭିନିବେଶ) ନଥିଲେ, ପିଲାର ଶାରୀରିକ ସ୍ୱାସ୍ଥ୍ୟ ଭଲ ହେଲେ ମଧ୍ୟ ମାନସିକ ସ୍ୱାସ୍ଥ୍ୟ vigorous (ସତେଜ) ରହେ ନାହିଁ, comparatively dull (ଅପେକ୍ଷାକୃତ ମୂଢ଼) ହୁଏ, dull ହେଲେ ଚଳନ ମଧ୍ୟ ସେଇପରି ହୋଇଥାଏ। ମୋଟକଥା ତା'ର କୌଣସି ନା କୌଣସି ଅସଙ୍ଗତି ରହିବହିଁ ରହିବ। କାରଣ, ସ୍ତ୍ରୀ ଯଦି ସ୍ୱାମୀର ସଭାସ୍ୱାର୍ଥିଣୀ ନ ହୋଇଉଠେ, ସର୍ବତୋଭାବରେ, ତାର ନିଜସ୍ୱ କେତେଗୁଡ଼ିଏ ଚାହିଦା, ଇଚ୍ଛା ଓ ପ୍ରବୃତ୍ତି ଅଲଗା ଓ ଅସଂଲଗ୍ନ ଯଦି ରହିଯାଏ ତେବେ ତା'ର ବ୍ୟକ୍ତିତ୍ୱ ସଂହତ ହୋଇଉଠେ ନାହିଁ—ତା'ର ଭିତରର ଖଣ୍ଡିତ ରୂପହିଁ ରୂପାୟିତ ହୋଇଉଠେ ସନ୍ତାନଠାରେ। ଅବଶ୍ୟ ସ୍ୱାମୀର ଯେ କିଛି କର୍ତ୍ତବ୍ୟ ନାହିଁ ତା ନୁହେଁ, ତାକୁ ମଧ୍ୟ ଆଦର୍ଶପ୍ରାଣ ହୋଇ ଉଠିବାକୁ ହେବ। କିନ୍ତୁ ପ୍ରଜନନ ସଂକ୍ରାନ୍ତରେ ମୋର ମନେହୁଏ ସ୍ତ୍ରୀର ଦାୟିତ୍ୱହିଁ ବେଶି। ଯେଉଁ ମା'ର ପେଟରୁ ଜନ୍ମ ହୋଇଛି, ସେ ଯାହା କରିଦେଇଛି ସବୁ ତା'ରି କରାମତି। ଗୁଡ଼ି ଯେଣେ ଇଚ୍ଛା ତେଣେ ଉଡ଼ିଲେ ମଧ୍ୟ ନଟାହିଁ ସବୁ ନିୟନ୍ତ୍ରଣ କରିଥାଏ। ତେଣୁ ଦେଖ, ମଣିଷର ପ୍ରବୃତ୍ତି-ପରାୟଣତା କିପରି ସନ୍ତାନଠାରେ ସଞ୍ଚାରିତ ହୋଇଥାଏ। ଅଥଚ ପ୍ରତ୍ୟେକଟି ମା ଚାହେଁ ଯେ ତା'ର ସନ୍ତାନ ସୁଖୀ ହେଉ, ସୁସ୍ଥ ହେଉ, ସୁଦୀର୍ଘଜୀବୀ ହେଉ, କୃତୀ ହେଉ, ଭଲ ହେଉ। କିନ୍ତୁ ଚେର କାଟି ଅଗରେ ପାଣି ଢାଳିଲେ କ'ଣ ହେବ ? ଜନ୍ମର ପୂର୍ବରୁ ତ ଗୋଟାଏ ଜୀବନର ବେଶିଭାଗ ରଚିତ ହୋଇ ଯାଇଥାଏ। କାରଣ ଯେଉଁ ଦେହ-ମନ ନେଇ ସେ ଜନ୍ମ ହୋଇଥାଏ, ତାକୁହିଁ ଭିତ୍ତି କରି ତ ତା'ର ଜୀବନଯାତ୍ରା ; କିନ୍ତୁ ଜନ୍ମପରେ କିପରିଭାବରେ ସନ୍ତାନକୁ ସୁଗଠିତ କରି ତୋଳିବାକୁ ହେବ, କେତେଜଣ ମା-ବାପା ବା ତା'ର ଧାର ଧାରନ୍ତି ? ଫଳରେ ପିଲାଛୁଆଙ୍କୁ ନେଇ କେତେ କ'ଷ୍ଟ ପା'ନ୍ତି, ଏବଂ ଭାଗ୍ୟକୁ ଧିକ୍କାର କରନ୍ତି। ଅଥଚ ନିଜ ନିଜର ଯାହା କରିବାର କଥା ତାହା କରନ୍ତି ନାହିଁ, ଅଭ୍ୟାସକୁ ମଧ୍ୟ ସୁଧାରନ୍ତି ନାହିଁ। ପୁଣି, ମଣିଷ ଅନେକ ସମୟରେ ଯେଉଁ ଦୁଃଖ, କଷ୍ଟ, ରୋଗ, ଶୋକ, ଦାରିଦ୍ର୍ୟ ଭୋଗକରେ, ସେଥିପାଇଁ ପରିବେଶକୁ ହିଁ ଦୋଷ ଦିଏ। ତା ନକରି ନିଜର କେଉଁ ଦୋଷରୁ ଏପରି ହେଉଛି ତା'ର ନିରାକରଣ ଯଦି କରନ୍ତା, ତେବେ ଦୁଃଖ ଦୂର ହୁଅନ୍ତା—ତା'ତ କରିବ ନାହିଁ, ସେ ଆଡ଼କୁ blind (ଅନ୍ଧ) ହୋଇଥାଏ ! ମଣିଷ ଦୋଷ କଲେ ମଧ୍ୟ କିଛି ହେବ ନାହିଁ—ଯଦି ସେଇ experience (ଅଭିଜ୍ଞତା) ଟାକୁ ମନେରଖି ଅଭ୍ୟାସକୁ ସୁଧାରି ନିଏ। ଏବଂ ଏହା ସେପରି କଠିନ କିଛି ନୁହେଁ, mal-adjusted (କୁନିୟନ୍ତ୍ରିତ) କୁ re-adjust (ଯଥାଯଥ ନିୟନ୍ତ୍ରଣ) କରିବା, ଏଇ ତ କାମ !



ପ୍ରଫୁଲ୍ଲ—ବଡ଼ ହେବା ଅର୍ଥ ତ କେବଳ ଖଟଣି, କେବଳ କଷ୍ଟ—ଦେହ-ମନର ଆଉ ବିଶ୍ରାମ ନଥାଏ।

ଶ୍ରୀଶ୍ରୀଠାକୁର—ଏହି ଖଟଣି ଭିତର ଦେଇ ମାନସିକ ଓ ଦୈହିକ expansion (ବିସ୍ତାର) ଯାହାହୁଏ, nerve (ସ୍ନାୟୁ)ର ସମ୍ବେଦନଶୀଳତା ଯେପରି ବୃଦ୍ଧିପାଏ, fatigue-layer (ଅବସନ୍ନତାର ସ୍ତର) ଯେପରିଭାବରେ pass (ଅତିକ୍ରମ) କରେ, ଚୈତନ୍ୟର ପ୍ରସାର ଯେପରି ହୁଏ ; ପ୍ରାପ୍ତି ଓ ଆଧିପତ୍ୟର ପଥରେ ମଣିଷ ଯେପରି ବିବର୍ଦ୍ଧିତ ହୋଇ ଆଗେଇ ଚାଲେ—ତାହାହିଁ ତ ବିଶ୍ରାମ, ତାହାହିଁ ତ ଆରାମ। ତେବେ ଏସବୁ କଷ୍ଟକର ହୋଇଉଠେ—ଯେତେବେଳେ ମଣିଷ ନିଜ ପାଇଁ କରେ, ସାର୍ଥକତାର ଜୀବନ-କେନ୍ଦ୍ର ଯେତେବେଳେ ତା'ର ନ ଥାଏ। ସେତେବେଳେ ସମସ୍ତ ଚାପଟା ନିଜ ଉପରେ ପଡ଼େ, ଉଦ୍ଦୀପକ କେନ୍ଦ୍ର ବୋଲି କିଛି ନଥାଏ, ତେଣୁ ସର୍ବଦା ନିଜକୁ ଭାରାକ୍ରାନ୍ତ ବୋଲି ମନେକରେ। ଆତ୍ମକେନ୍ଦ୍ରିକ ହୋଇ ଚାଲେ ବୋଲି ଅବସନ୍ନତା ଓ ଉତ୍ଫୁଲ୍ଲତା ଦୁହେଁ ତାକୁ ଅବ୍ୟବସ୍ଥ କରିତୋଳନ୍ତି। କିନ୍ତୁ ଶ୍ରେୟନିଷ୍ଠ ହେଲେ ମଣିଷ ସବୁବେଳେ ଯେପରି ଏକ ଶକ୍ତିର ଯୋଗାଣ ପାଏ, ଭଲପାଇବାର ଆବେଗ ତାଦ୍ୱାରା କରାଇ ନିଏ, ଅନୁଭବ କରେ, ସବୁ ତାଙ୍କରି ଦୟାରୁ ହେଉଛି, ମୁଁ ନିମିତ୍ତ ମାତ୍ର।

ଏହାପରେ ଶିକ୍ଷା ସମ୍ବନ୍ଧରେ କଥା ଉଠିଲା। ଶ୍ରୀଶ୍ରୀଠାକୁର କହିଲେ—ପିଲାମାନେ ପ୍ରଥମରୁ ଯେପରି difficulties face (ବାଧାବିଘ୍ନର ସମ୍ମୁଖୀନ) କରନ୍ତି ଏବଂ ତାକୁ ନିଜେ ନିଜେ overcome (ଅତିକ୍ରମ) କରିପାରନ୍ତି ପାଠ୍ୟକ୍ରମରେ ତା'ର ବ୍ୟବସ୍ଥା କରିବାକୁ ହେବ। ଏହାଦ୍ୱାରା ଆତ୍ମପ୍ରତ୍ୟୟ ଓ ଇଚ୍ଛାଶକ୍ତି ବୃଦ୍ଧିପାଏ, ବାସ୍ତବ ଜୀବନର ସମସ୍ୟା ସମ୍ବନ୍ଧରେ ସେତେ ଭୟ ନଥାଏ, ବ୍ୟକ୍ତିତ୍ୱର ବିକାଶ ହୁଏ। Teacher (ଶିକ୍ଷକ) ମାନଙ୍କ ମଧ୍ୟରେ consolidation (ସଂହତି) ଓ Ideal (ଆଦର୍ଶ) କୁ fulfil (ପରିପୂରଣ) କରିବାର interested enthusiasm (ଆଗ୍ରହମୂଳକ ଉତ୍ସାହ) ଥିଲେ ପିଲାମାନଙ୍କ ଭିତରେ ମଧ୍ୟ teacher (ଶିକ୍ଷକ) ଙ୍କ ପ୍ରତି active attachment (ସକ୍ରିୟ ଅନୁରାଗ) ସଞ୍ଚାରିତ ହୋଇଯାଏ—ସେତେବେଳେ ପିଲାମାନଙ୍କର କମ୍ ଶିକ୍ଷା ହୁଏ ନାହିଁ, ସବୁକାମରେ interested (ଆଗ୍ରହୀ) ହେଉଥାଏ। ଏହି urge (ଆକୂତି) ହିଁ ତା'ର after-life determine

(ଭବିଷ୍ୟତ ଜୀବନକୁ ନିର୍ଦ୍ଧାରିତ) କରେ, ସେଇସବୁ ପିଲାମାନେ difficulty (କଷ୍ଟ) ଦେଖିଲେ shirk (ଏଡ଼େଇ) ଦିଅନ୍ତି ନାହିଁ, ବରଂ ପକ୍ଷ ତୋଳି ଛିଡ଼ା ହୁଅନ୍ତି। ତୁମେସବୁ ଯଦି ପିଲାମାନଙ୍କୁ ଭଲରୂପେ ଗଢ଼ିତୋଳିବାକୁ ଚାହଁ, ଏଠାକାର climate (ପରିବେଶ) ମଧ୍ୟ ସେହିପରି ତିଆରି କରିବାକୁ ହେବ। ବିରାଟ ଘୂର୍ଣ୍ଣିର ଭିତରେ ନୌକା ପଡ଼ିଲେ ତା'ର ଯେପରି ଆଉ ନିସ୍ତାର ନଥାଏ, କାମର ମଧ୍ୟ ସେହିପରି ଏକ atmosphere (ପରିବେଶ) create (ସୃଷ୍ଟି) କରି ପାରିଲେ, ନୂଆ ପିଲାସବୁ ସେହି କର୍ମପ୍ରବାହ ମଧ୍ୟରେ ପଡ଼ି, ନିଷ୍କର୍ମା ହୋଇ ରହିବା ପାଇଁ ଡର ପାଇବେ ନାହିଁ। କାମ ଭିତର ଦେଇ ବହୁ ଶିକ୍ଷା ସେମାନଙ୍କୁ ଦେଇ ପାରିବ। ମନେକର ଜଣେ ପିଲା ଇଞ୍ଜିନ ପୋଛୁଛି—ତତ୍ ସଙ୍ଗେ ସଙ୍ଗେ ଏପରି science (ବିଜ୍ଞାନ) ଶିଖାଇ ଦେଲ ଯେ ପିଲାମାନଙ୍କର science (ବିଜ୍ଞାନ) ପ୍ରତି interest (ଆଗ୍ରହ) ସୃଷ୍ଟି ହୋଇଗଲା। ଏହିପରି ନାନାପ୍ରକାର କାର୍ଯ୍ୟକର୍ମ ସେମାନଙ୍କର ହାତରେ କରାଇବାକୁ ହେବ, ଏବଂ ତା'ରି ଭିତରଦେଇ ନାନା ବିଷୟରେ ଅନୁସନ୍ଧିତ୍ସା ଓ ଅନୁରାଗ ସୃଷ୍ଟି କରିଦେବାକୁ ହେବ। ପ୍ରତ୍ୟେକଟି ପିଲାର all-round development (ସର୍ବତୋମୁଖୀ ବିକାଶ) ଯେପରି ହୁଏ। ପ୍ରତ୍ୟେକେ ସବୁ ପ୍ରକାର କାମ ଶିଖିବା ଓ ଜାଣିବା ସଙ୍ଗେ ସଙ୍ଗେ ସେମାନଙ୍କର ନିଜସ୍ୱ ବିଶେଷ ବିଷୟ ଥିବା ଦରକାର, ଯେଉଁଥିରେ ସେ normally interested (ସ୍ୱତଃ ଅନୁରକ୍ତ), ଉକ୍ତ ବିଷୟରେ ତାକୁ ମୌଳିକ ଗବେଷଣା ଓ ଉଦ୍ଭାବନମୁଖର କରି ତୋଳିବାକୁ ହେବ। ପ୍ରତ୍ୟେକଟା ବିଷୟରେ ଜ୍ଞାନ ଅନ୍ୟ ବିଷୟରେ ଜ୍ଞାନକୁ ଯେପରି ଆହୁରି ସମୃଦ୍ଧ ଓ ପୁଷ୍ଟ କରିଦେବ, ସେପରିଭାବରେ ପ୍ରତ୍ୟେକଟା ବିଷୟ ମଧ୍ୟରେ ଥିବା ଯୋଗସୂତ୍ରକୁ ଧରାଇ ଦେବାକୁ ହେବ। ପ୍ରତ୍ୟେକଟା ବିଷୟ ସଙ୍ଗେ ପ୍ରତ୍ୟେକଟା ବିଷୟର ସମ୍ପର୍କ ବୁଝାଇ ଦେବାକୁ ହେବ, ବାସ୍ତବ ଜୀବନରେ, ତା'ର ଉପଯୋଗିତା ଓ ପ୍ରୟୋଗ-କୌଶଳ ବତାଇ ଦେବାକୁ ହେବ। ଏହା ତ କରିବେ, ଏବଂ ପ୍ରତ୍ୟେକ ପିଲା ଭିତରେ individuality (ବ୍ୟକ୍ତିତ୍ୱ) set-up (ପ୍ରତିଷ୍ଠା) କରି ଦେବାକୁ ହେବ; ଯେପରି ସେ environment (ପରିବେଶକୁ) କୁ mould (ନିୟନ୍ତ୍ରଣ) କରି ପାରେ। ସେ ଯେଉଁଆଡ଼େ ଯିବ, ଠାକୁରଙ୍କୁ carry (ବହନ) କରି ନେଇ ଯିବ। Calculating (ହିସାବୀ) ଟାଣ ନ ହୋଇ ଟାଣ ପରି ଟାଣ ହେଲେ ଗୋଟାଏ enchanting magnetic influence (ଆକର୍ଷଣକାରୀ ଚୁମ୍ବକୀୟ ପ୍ରଭାବ) ତା'ର କଥା ବାର୍ତ୍ତା, ଚାଲିଚଳନ, ବ୍ୟବହାର ଭିତର ଦେଇ ଫୁଟି ବାହାରିବ, ତା'ର personality (ବ୍ୟକ୍ତିତ୍ୱ) over-powering (ପ୍ରତିଭାଶାଳୀ) ହୋଇ ଉଠିବ; ସେତେବେଳେ ତା'ର ହେବ rational discussion (ଯୁକ୍ତିସଙ୍ଗତ ଆଲୋଚନା), scientific investigation (ବୈଜ୍ଞାନିକ ଅନୁସନ୍ଧାନ), consolidated service (ସଂହତ ସେବା), interested move (ଆଗ୍ରହୀ ଚଳନ)—ମଣିଷ ଦେଖି ମୁଗ୍ଧ ହୋଇଯିବେ। ଲୋକ ତା'ପାଖକୁ ବିରୁଦ୍ଧ ତର୍କ କହିବାକୁ



ଆସିଲେ ସେ ତା'ର enchanting emotional flow (ମନୋମୁଗ୍ଧକର ଭାବଦୀପ୍ତ ବାକ୍ୟସ୍ରୋତ), active serviceable look (ସକ୍ରିୟ ସେବାପ୍ରାଣ ଦୃଷ୍ଟି) ସହକାରେ ଏପରି ଭାବରେ ତା'ର ବ୍ୟକ୍ତିଗତ problem (ସମସ୍ୟା) ଗୁଡ଼ିକୁ discover (ଆବିଷ୍କାର) କରି solution (ସମାଧାନ) ଦେବ ଯେ, ସେ ଏକାବେଳକେ flooded (ପରିପ୍ଲାବିତ) ହୋଇଯିବ,—''କହିତେ ଗିୟା କଥାରଇ କଥା ମରମ ଖୁଲିୟା ଦିଆଛେ''—ଏହିପରି ହେବ। ପାରିପାର୍ଶ୍ୱିକ ତା ପ୍ରତି attracted (ଆକୃଷ୍ଟ) ନ ହୋଇ ରହି ପାରିବେ ନାହିଁ। ଉପଗୁପ୍ତଙ୍କର ଗୋଟିଏ ଗୀତହିଁ ଅଶୋକଙ୍କୁ ଚେତେଇ ଦେଲା। Enchanting attachment (ମୁଗ୍ଧ ଅନୁରାଗ) ଥିଲେହିଁ ଉପଗୁପ୍ତଙ୍କ ପରି ଗୀତ ବାହାରିବ—ଯେଉଁଥିରେ ମଣିଷ ମୁଗ୍ଧ ହୋଇ ଯାଏ। ଏବଂ ଟାଣ ନଥିଲେ ହରିଦାସ ପରି ଭକ୍ତିର ଛଳନା କରୁ କରୁ ଟାଣ ହୋଇ ଯାଇଥାଏ। ହରିଦାସ ଥିଲା ଚୈତନଦେବଙ୍କ ଭକ୍ତ, ସମସ୍ତେ କୀର୍ତ୍ତନ କରୁଥିଲେ, ଦରବିଗଳିତ ଧାରରେ କେତେଜଣଙ୍କର ପ୍ରେମାଶ୍ରୁ ଗଡ଼ି ପଡୁଥିଲା, ଅଷ୍ଟସାତ୍ତ୍ୱିକ ବିକାରର କେତେପ୍ରକାର ଅଭିବ୍ୟକ୍ତି ସେମାନଙ୍କର ହେଉଥିଲା, କିନ୍ତୁ ହରିଦାସ ଭାବୁଥିଲା, ମୋର ଏ ପୋଡ଼ା ହୃଦୟଟା କେତେ ପାଷାଣ, ପ୍ରଭୁଙ୍କ ପାଇଁ ଅନୁରାଗବଶତଃ ବୁନ୍ଦାଏବି ଅଶ୍ରୁ ମୋ ଆଖିରୁ ଝରିଲା ନାହିଁ। ତାର ଅନ୍ତରର ଏହି ଶୁଷ୍କତାକୁ ସରସ କରିବା ପାଇଁ ସେ ପିପ୍‌ଲିଗୁଣ୍ଡ ଆଖିରେ ପକାଇ ପ୍ରଭୁଙ୍କ ନାମ କରୁ କରୁ କାନ୍ଦୁଥିଲା, ଏହିପରି କରୁ କରୁ ତା'ର ଅନ୍ତରରେ ଚାପା ପଡ଼ିଯାଇଥିବା ପ୍ରେମର ପ୍ରସ୍ରବଣ ଫିଟିଗଲା, ସେ ଧନ୍ୟ ହୋଇଗଲା। ସେଥିପାଇଁ କହେ, କାହାରି ନିରାଶ ହେବାର କାରଣ ନାହିଁ, ବିହିତଭାବରେ ସାଧନା କରୁ କରୁ କେଉଁ ମୁହୂର୍ତ୍ତରେ କାହାରି ଅନୁରାଗର ଉସ-କବାଟ ଖୋଲିଯିବ, ତାର କ'ଣ ଠିକ୍ ଅଛି ?

ତାଙ୍କର ଭାବଦୀପ୍ତ ଅମୃତ-ମଧୁର କଣ୍ଠର କଥାଗୁଡ଼ିକ ଅଶରୀରୀ ଦିବ୍ୟବାଣୀ ପରି ଝଙ୍କୃତ ହୋଇ ଉଠିଲା, ଉପସ୍ଥିତ ସମସ୍ତଙ୍କର ଅନ୍ତର ଓ ବାହାର ସେତେବେଳେ ସୁଧା-ସ୍ରୋତରେ ପରିପ୍ଲାବିତ। କେବଳ ମନେ ପଡୁଥିଲା, ''ବିଶ୍ୱେ ବହେ ପ୍ରେମନଦୀ ସୁଧାରଧାରା ଅବିରାମ—ପ୍ରାଣାରାମ ! ପ୍ରାଣାରାମ !'' (ଶ୍ରୀଶ୍ରୀଠାକୁରଙ୍କ ଲିଖିତ)।

ପରେ ପରେ ନାନା ପ୍ରଶ୍ନର ଅବତାରଣା ହେବାକୁ ଲାଗିଲା। ଜଣେ ପଚାରିଲେ—ମଣିଷ ଇଷ୍ଟକଥା ଶୁଣିବାକୁ ଚାହୁଁ ନାହିଁ, କିମ୍ବା ଶୁଣିଲେ ଗ୍ରହଣ କରିବାକୁ ଚାହେଁ ନାହିଁ, ଏହାର ଉପାୟ କ'ଣ ?

ଶ୍ରୀଶ୍ରୀଠାକୁର—ଯେ ଇଷ୍ଟଙ୍କଠାରେ interested (ଆଗ୍ରହୀ) ନୁହେଁ, ସେ passion (ପ୍ରବୃତ୍ତି) ରେ interested (ଆଗ୍ରହୀ) ଥାଏ, ସେଇ passion (ପ୍ରବୃତ୍ତିର) ର ଦ୍ୱାର ଦେଇ ପ୍ରବେଶ କରିବାକୁ ହେବ। ତେବେ ଏକଥା ଠିକ୍ ଯେ, କେହି ପ୍ରବୃତ୍ତିକୁ ଉପଭୋଗ କରିବାକୁ ଯାଇ ସତ୍ତାକୁ ବିପନ୍ନ କରିବାକୁ ଚାହେଁ ନାହିଁ। ସତ୍ତା ଯଦି ସାବାଡ଼ ହୋଇଯାଏ,

ଉପଭୋଗ କରିବ କିଏ ? ଏହି ସତ୍ତାପ୍ରତି ଦୃଷ୍ଟି ଆକର୍ଷଣ ପୂର୍ବକ, ସତ୍ତାର ଧାରକ ଓ ପୋଷକ ହିସାବରେ ଧର୍ମ, ଇଷ୍ଟ, କୃଷ୍ଟି ଓ ଦୀକ୍ଷାର ପ୍ରୟୋଜନ ବୋଧ ସହକାରେ ମଣିଷର ଅନ୍ତରରେ ସଞ୍ଚାରିତ କରିଦେଇ ପାର। ପ୍ରତିଟି ପଦକ୍ଷେପରେ ଶ୍ୱାସ-ପ୍ରଶ୍ୱାସରେ ତୁମେ ଯଦି ଇଷ୍ଟଙ୍କୁ ନେଇ ଚାଲ, ଇଷ୍ଟହିଁ ଯଦି ତୁମର ଯଥାସର୍ବସ୍ୱ ହୋଇ ଉଠନ୍ତି, ତେବେ ଯେକୌଣସି ଲୋକଙ୍କୁ ତୁମେ ମୁହୂର୍ତ୍ତକ ମଧ୍ୟରେ ଇଷ୍ଟଗ୍ରହଣର ପ୍ରୟୋଜନୀୟତା ବୁଝାଇ ଦେଇପାରିବ ସହଜଭାବରେ, ସେତେବେଳେ ତାପାଇଁ ତୁମକୁ ଦର୍ଶନଶାସ୍ତ୍ର ଘାଣ୍ଟିବାକୁ ପଡ଼ିବ ନାହିଁ। ନିଜର ଜୀବନଟାକୁ ଇଷ୍ଟଙ୍କଠାରେ ଅଚ୍ୟୁତ, ସୁକେନ୍ଦ୍ରିକ ଓ ସୁବିନ୍ୟସ୍ତ କରି ତୋଳିବାକୁ ଯାଇଁ ନିଜକୁ ଅଧ୍ୟୟନ କରିବାକୁ ଯାଇଁ ତୁମେ ଯେ ବୋଧ, ବିବେଚନା, ଅନୁଭୂତି ଓ ନିୟମନ-କୌଶଳ ଆୟତ୍ତ କରିବ, ତାରି ସାହାଯ୍ୟରେ ତୁମେ ସାରାଦୁନିଆକୁ ବୋଧ କରିପାରିବ, ସୁନିୟନ୍ତ୍ରିତ କରି ତୋଳିପାରିବ, ତୁମର ଦର୍ଶନ ଅର୍ଥାତ୍ ଦେଖା ସେତେବେଳେ କେତେଜଣଙ୍କର ଦୃଷ୍ଟି ଖୋଲିଦେବ। ତାହା ବୋଲି ଏକଥା ନୁହେଁ ଯେ, ଆଗ perfect (ପୂର୍ଣ୍ଣ) ହୋଇ ପରେ ଯାଜନ କରିବାକୁ ହେବ। ଇଷ୍ଟମୁଖୀ ହୋଇ ଯଜନ, ଯାଜନ, ଇଷ୍ଟଭୃତି ତିନିଟାକୁ ଚଳାଇ ଯିବାକୁ ହେବ। ଇଷ୍ଟଙ୍କୁ ଅବଲମ୍ବନ କରି ଯେତେ ଆମେ ଆତ୍ମନିୟନ୍ତ୍ରଣ-ତତ୍ପର ହେବା-ନିରନ୍ତର ସକ୍ରିୟତାସହ,—ସେତେ ଆମର ଯାଜନ ଫଳବତୀ ହେବ, ସୂକ୍ଷ୍ମ ଆତ୍ମସମୀକ୍ଷା ଭିତରଦେଇ ପ୍ରତ୍ୟେକଙ୍କୁ ଯଥାଯଥଭାବରେ ନିରୀକ୍ଷଣ କରିପାରିବା, ତେଣୁ-ଆଚରଣ ହେବ ବାସ୍ତବ-ଅଭିଜ୍ଞତାପ୍ରସୂତ ଓ ଯଥାପ୍ରୟୋଜନ। ତା ସହିତ ପୁଣି ଥିବ ଇଷ୍ଟସମ୍ବେଗ, ମଣିଷପ୍ରତି ଦରଦ, ସବୁଟା ମିଳାଇ ତାହା ମଣିଷକୁ ବୋଧସନ୍ଦୀପ୍ତ କରିତୋଳିବ। କିନ୍ତୁ ବହୁତଲୋକ ଏପରି ଅଛନ୍ତି, ଯେଉଁମାନଙ୍କର ପ୍ରକୃତି ସେମାନଙ୍କୁ ସତ୍‌ରେ ଅନୁରକ୍ତ ହେବାକୁ ଦିଏ ନାହିଁ। ତେବେ ଯେ ଯେପରି ହେଉନା କାହିଁକି, ଇଷ୍ଟହୀନ ବ୍ୟକ୍ତି ଯେତେ ଘୂରିବାଜ୍ ହେଉନା କାହିଁକି, ଇଷ୍ଟନିଷ୍ଠ ତୁମେ ତା'ର ଢେର ଉପରେ, ଏକଥା ସ୍ମରଣ ରଖିବାକୁ ଭୁଲ ନାହିଁ। ତେଣୁ, କାହାରି ସମ୍ବନ୍ଧରେ ଆଶା ବା ଚେଷ୍ଟା ଛାଡ଼ିଦିଅ ନାହିଁ, ତୁମର ପାରଗତା-ସମ୍ବନ୍ଧରେ ସନ୍ଦିହାନ ହୁଅ ନାହିଁ। ସେଇ ପରମକାରୁଣିକ ପ୍ରାଣନ-ଦୀପନାରୂପେ ସମସ୍ତଙ୍କ ଅନ୍ତରରେ ବିଦ୍ୟମାନ, କିଏ ଜାଣେ, କେଉଁ ମୁହୂର୍ତ୍ତରେ, କାହାର ଅନୁପ୍ରେରଣାରେ, କାହା ଭିତର ଦେଇ, କାହା ଜୀବନରେ କି ପରିବର୍ତ୍ତନ ଘଟିବ ?

ବ୍ରଜେନ ଭାଇ (ଚାଟାର୍ଜୀ)—ବ୍ୟକ୍ତିଗତଭାବରେ ଅନେକଙ୍କ ମଧ୍ୟରେ ଇଷ୍ଟପ୍ରାଣତା ବେଶ୍ ଦେଖାଯାଏ, ତେବେ ସମୂହଭାବରେ ସଂହତି ଯେତେ ପରିମାଣରେ ଆସିବା କଥା, ତାହା ଆସୁନାହିଁ କାହିଁକି ?

ଶ୍ରୀଶ୍ରୀଠାକୁର—ଇଷ୍ଟଙ୍କଠାରେ ଅନୁରାଗ ଥିବା ସତ୍ତ୍ୱେ ମଧ୍ୟ, ପ୍ରତ୍ୟେକଙ୍କର ପ୍ରବୃତ୍ତି-ସଞ୍ଜାତ କେତେଗୁଡ଼ିଏ superstition (କୁସଂସ୍କାର) ଥାଏ, ସେ ତହିଁରେ isola-ted (ବିଚ୍ଛିନ୍ନସୀମାୟିତ) ହୋଇଥାଏ। ବୃତ୍ତିଭେଦୀ ଟାଣ ଯେ ପର୍ଯ୍ୟନ୍ତ ନ ହୋଇଛି, ସେ ପର୍ଯ୍ୟନ୍ତ



ଏହି ସଂକୀର୍ଣ୍ଣ ଗଣ୍ଡିରୁ ବାହାରି, ଇଷ୍ଟ ଚାହିଦାର ପରିପ୍ରେକ୍ଷିରେ ସମସ୍ତଙ୍କୁ ଆପଣାର କରି ନେଇ ପାରେ ନାହିଁ, ନିଜସ୍ୱ ସଂକୀର୍ଣ୍ଣ ଜଗତରେ ବାସ କରୁଥାଏ। କିନ୍ତୁ ଇଷ୍ଟଙ୍କପ୍ରତି ଟାଣହେଲେ ନିଜର ବୈଶିଷ୍ଟ୍ୟକୁ ଅକ୍ଷୁଣ୍ଣରଖି ମଧ୍ୟ ସମସ୍ତଙ୍କ ବୈଶିଷ୍ଟ୍ୟକୁ ଶ୍ରଦ୍ଧା କରି ଶିଖେ, ଭଲପାଇ ଶିଖେ, ସମସ୍ତଙ୍କ ସଙ୍ଗେ ସଙ୍ଗତି ରଖି ଚଳିବାକୁ ଶିଖେ। ତାପରେ temperament (ଧାତୁଗତ ପ୍ରକୃତି) ରେ ମଧ୍ୟ difference (ପାର୍ଥକ୍ୟ) ଥାଏ, ପ୍ରତ୍ୟେକ ତା'ର ନିଜର temperament (ଧାତୁଗତ ପ୍ରକୃତି) ର ଲୋକଙ୍କୁ ହିଁ ପସନ୍ଦ କରେ, ଅନ୍ୟ ପ୍ରକୃତିର ଲୋକଙ୍କୁ ସେତେ ପସନ୍ଦ କରେ ନାହିଁ। ଏହିସବୁ କାରଣରୁ ମୋଟାମୋଟି ଭଲଲୋକ ଯେଉଁମାନେ ସେମାନଙ୍କ ମଧ୍ୟରେ ବି ଅନେକ ସମୟରେ ପୂର୍ଣ୍ଣ ସଂହତି ଫୁଟିଉଠେ ନାହିଁ, ତେବେ ସେମାନଙ୍କ ମଧ୍ୟରେ ଗୋଟାଏ ପାରସ୍ପରିକ ବୁଝାମଣା ଥାଏ। ଏହା ତ କହୁଛି ଭଲଲୋକଙ୍କର କଥା। ତାଛଡ଼ା ଭୋଗଲିପ୍ସା, ଆତ୍ମସ୍ୱାର୍ଥ ଓ ଆତ୍ମପ୍ରତିଷ୍ଠାର ଉଦ୍ଦେଶ୍ୟ ଯେଉଁମାନଙ୍କ ଭିତରେ ପ୍ରବଳ ସେମାନେ ଐକ୍ୟବଦ୍ଧ ହୋଇଉଠି ପାରନ୍ତି ନାହିଁ। ତେବେ ମିଳନର କେନ୍ଦ୍ର ଏହି ସର୍ବପରିପୂରକ ଇଷ୍ଟ—ତାଙ୍କ ପ୍ରତି ସାମାନ୍ୟ ଟାଣ ଯଦି ଥାଏ, ସେଇ ଟାଣ ବଳରେ ସମସ୍ତେ ଏକତ୍ର ହୁଅନ୍ତି, ପରସ୍ପର ମିଳାମିଶା ଯୋଗୁଁ, ପ୍ରତ୍ୟେକଙ୍କର ପ୍ରବୃତ୍ତି, ପ୍ରକୃତି, ସ୍ୱାର୍ଥ, ଚାହିଦା ଓ କୁସଂସ୍କାରରେ ଆଘାତ ଲାଗେ, ମଣିଷ କଷ୍ଟ ପାଏ, କିନ୍ତୁ ମୂଳରେ ଜଣଙ୍କ ପ୍ରତି ଟାଣଥିବାରୁ କେହି କାହାକୁ ଦୂରକୁ ଠେଲି ଦେବାକୁ ଚାହେଁ ନାହିଁ। କାରଣ ତଦ୍ୱାରା ତାଙ୍କ (ଇଷ୍ଟଙ୍କ) ମନରେ ଆଘାତ ଲାଗିବ। ଏହିପରିଭାବରେ ଆସେ ବୁଦ୍ଧି, ବିଚାର, ସହନଶୀଳତା ଓ ଦରଦ, ମଣିଷ adjusted (ନିୟନ୍ତ୍ରଣ) ହୁଏ ଓ ତା'ର ସ୍ଥୂଳ ଭାଙ୍ଗେ। ଭୁଲତ୍ରୁଟି, ପ୍ରକୃତିବୈଷମ୍ୟ ଓ କୁସଂସ୍କାର ସତ୍ତ୍ୱେ ପରସ୍ପର ପରସ୍ପରକୁ ଆପଣାର ବୋଲି ସ୍ୱୀକାର କରିନେଇ, ମନାଇନେଇ ବନ୍ଧୁତ୍ୱ ବଜାୟରଖି, ଚଳିବାକୁ ଶିଖେ। ଏହି ମୌଳିକ ଟାଣ ନଥିଲେ ଟିକିଏ ଜୋରରେ ଆଘାତ ଲାଗିଲେ ହୁଏତ ଦୂରେଇ ଯାଏ।

ଶ୍ରୀଶ୍ରୀଠାକୁର ବଙ୍କିମ ଭାଇ (ରାୟ) ଙ୍କୁ କହିଲେ—ଯେଉଁଗୁଡ଼ିକ ଅବଶ୍ୟପାଳନୀୟ ଏପରି କେତେଗୁଡ଼ିଏ ଛଡ଼ା ପଞ୍ଚାନନ (କର୍ମକାର) ଙ୍କୁ ଦେଇ ଲେଖାଇ ନିଅ। ଯେଉଁମାନେ ଅଭ୍ୟାସ କରିବାକୁ ଚାହାନ୍ତି ସେମାନଙ୍କ ଆଖି ଆଗରେ ଥିଲେ ସୁବିଧା ହେବ।

## ମାର୍ଗଶିର ୧୬, ସୋମବାର, ୧୩୪୮ (ଇଂ ୧/୧୨/୪୧)

ତାଙ୍କର ଦୟାର ଦରବାର ନିତ୍ୟ ଅବାରିତ—ସେ ଅକାତରରେ ବୁଣି ଦେଉଛନ୍ତି ମଣିମାଣିକ୍ୟ, ଅମୂଲ୍ୟ ରତ୍ନରାଜୀ। କାଙ୍ଗାଳ ମଣିଷ ବଞ୍ଚିତ ହୁଏ ନାହିଁ, ବିମୁଖ ହୁଏ ନାହିଁ, ତାଙ୍କପାଖକୁ ଆସି କେତେବେଳେ ହେଲେ—ତେଣୁ ବାରମ୍ବାର ଆସେ, ଘୁରି ଘୁରି ଆସେ, ବିଶ୍ୱ ଭଣ୍ଡାରର ମାଲିକ ଯିଏ, ତାଙ୍କରି ପାଖକୁ,—ନିଖିଳର ଜ୍ଞାନ, ଗୁଣ, ପ୍ରେମ ଓ ପ୍ରାଣର

ରୂପାୟିତ ବିଗ୍ରହ ଯିଏ, ତାଙ୍କରି ପାଖକୁ।

ବୀରେନ୍ ଭାଇ (ଭଟ୍ଟାଚାର୍ଯ୍ୟ)—ସଦ୍‌ଗୁରୁ ଗ୍ରହଣ ପୂର୍ବକ କିଛି ନ କଲେ ମଧ୍ୟ କିଛି ଲାଭ ହୋଇଥାଏ କି ?

ଶ୍ରୀଶ୍ରୀଠାକୁର—ଦୀକ୍ଷା ଗ୍ରହଣ କରି ଯେ ଯେଉଁଭାବରେ ଚାଲୁ, ଯାହା କରୁ, ଗୋଟାଏ ଖଚ୍ ଖଚ୍ ଭାବ ଲାଗି ରହିଥାଏ, ଏଇ ଟିକକ ଲାଭ।

ଶୈଳେନ୍ ଭାଇ (ଭଟ୍ଟାଚାର୍ଯ୍ୟ)—ଋତ୍ୱିକ୍‌ମାନେ ଯଦି ସଦାଚାରୀ ହୁଅନ୍ତି ଏବଂ ଦୀକ୍ଷା ମଧ୍ୟ ଦିଅନ୍ତି, ସେଥିରେ କ'ଣ ଲାଭ ହୁଏ ?

ଶ୍ରୀଶ୍ରୀଠାକୁର—ଋତ୍ୱିକ୍‌ମାନଙ୍କର qualification (ଗୁଣ) ଦୁଇ ପ୍ରକାରର, ଏକ ପ୍ରକାର ହେଲା ଯୁକ୍ତ, ଆଉ ଏକ ପ୍ରକାର ହେଲା realised (ସିଦ୍ଧ)। ଯୁକ୍ତ ମାନେ interested (ଆଗ୍ରହୀ), attached (ଅନୁରକ୍ତ)। ଯେ ଯେତେ interested (ଆଗ୍ରହୀ), infusing (ଇଷ୍ଟ-ଅନୁପ୍ରାଣନା ସଞ୍ଚାରରେ) ସେ ସେତେ successful (କୃତକାର୍ଯ୍ୟ)। ସମସ୍ତେ ସମାନ ଭାବରେ ନ ପାରିଲେ ମଧ୍ୟ ଆଚାର୍ଯ୍ୟଙ୍କ ପ୍ରଭାବଟା ଯାହା ମସ୍ତିଷ୍କରେ ଥାଏ, imparting (ସଞ୍ଚାରଣା) ସମୟରେ ତାହା କିଛି ନା କିଛି ପ୍ରକାଶ ପାଏ, ଏବଂ ଯେଉଁଥିରେହିଁ କାମ ହୁଏ। ତେବେ କଦାଚାରୀ ହେଲେ ଅନ୍ତରସ୍ଥ ଦୀପ୍ତି ନିଷ୍ପ୍ରଭ ହୋଇ ଯାଇଥାଏ, ସେତେବେଳେ ଅନ୍ୟର ପ୍ରାଣକୁ ତାହା ଭଲରୂପେ ସ୍ପର୍ଶ କରି ପାରେ ନାହିଁ।

ପ୍ରଶ୍ନ—'ଋତ୍ୱିକ୍' ବହି ଦେଖି ଜଣେ ଯଦି ତାହା ଅନୁସରଣ କରେ, କୌଣସି ଋତ୍ୱିକ ପାଖରୁ ଯଦି ଆନୁଷ୍ଠାନିକ ଭାବରେ ଦୀକ୍ଷା ନ ନିଏ, ତାହେଲେ ହେବ ନାହିଁ ?

ଶ୍ରୀଶ୍ରୀଠାକୁର—ସେପରି ହୁଏ ନାହିଁ। ଜଣକ ପାଖରୁ impulse (ପ୍ରେରଣା ସଘାତ) ଟା ପାଇବା ଦରକାର, ତାହାହିଁ ଅସଲ କଥା।

ଧୂର୍ଜଟି ଭାଇ (ନିୟୋଗୀ)—କୌଣସି ବିଷୟରେ ମଣିଷର taste (ରୁଚି) କେଉଁଠୁ ଆସେ ?

ଶ୍ରୀଶ୍ରୀଠାକୁର—ଯେ ଯେପରି instinct (ସହଜାତ ସଂସ୍କାର) ଓ temperament (ପ୍ରକୃତି) ନେଇ ଜନ୍ମିଥାଏ ଏବଂ ତା ମଧ୍ୟରେ ପୁଣି ଯେଉଁଟା nurturing (ପୋଷଣ) ବେଶି ପାଏ, ତା'ର ତାହାହିଁ prominent (ପ୍ରଧାନ) ହୋଇଉଠେ। ତେଣୁ କେବଳ ଜନ୍ମଗତ ସଂସ୍କାର ଥିଲେ ଚଳିବ ନାହିଁ, ସେଇ ସଂସ୍କାରକୁ ଉଦ୍‌ବୋଧନ କରିବାପାଇଁ ଉପଯୁକ୍ତ ପାରିପାର୍ଶ୍ୱିକ ପ୍ରେରଣା ମଧ୍ୟ ଦରକାର। ଏହି ପାରିପାର୍ଶ୍ୱିକ ପ୍ରେରଣାର ଅଭାବରୁ, ସୁଯୋଗ-ସୁବିଧା ଅଭାବରୁ ମଣିଷ ତା'ର ଅନ୍ତର୍ନିହିତ ଅନେକ କିଛି ସମ୍ଭାବ୍ୟତା ସମ୍ବନ୍ଧରେ ମଧ୍ୟ ସଚେତନ ହୋଇ ପାରେ ନାହିଁ, ତାକୁ କାର୍ଯ୍ୟକାରୀ କରିବା ତ ଦୂରର କଥା।

ପ୍ରଫୁଲ୍ଲ—ଜନ୍ମ ସଂକ୍ରାନ୍ତରେ ଶୁକ୍ରାଣୁ ଓ ଡିମ୍ବାଣୁଙ୍କ କ୍ରିୟା ଓ ଅବଦାନର କଥା



ବୁଝାଯାଏ, କିନ୍ତୁ ବାହାରୁ ଗୋଟାଏ ବାୟୁଭୂତ Soul (ଆତ୍ମା) ର ସଙ୍ଗେ ଶୁକ୍ରାଣୁ ଓ ଡିମ୍ବାଣୁ ସମ୍ପର୍କ ବା ସଙ୍ଗତି କ'ଣ ବା କେଉଁଠି ?

ଶ୍ରୀଶ୍ରୀଠାକୁର—ସ୍ତ୍ରୀର ଯେଉଁ ଭାବଧାରା ଓ ଯେପରି impulse (ପ୍ରେରଣା) ଦ୍ୱାରା ପୁରୁଷ ସ୍ତ୍ରୀ ପ୍ରତି ଆକୃଷ୍ଟ ହୁଏ, ପୁରୁଷର brain-centre (ମସ୍ତିଷ୍କକେନ୍ଦ୍ର) ମଧ୍ୟ ସେହିପରି ଭାବରେ excited (ଉତ୍ତେଜିତ) ହୁଏ, ଏବଂ ସେହି ସମୟରେ ଏହି ଭାବର range (ସୀମା) ମଧ୍ୟରେ ଯେତେ Soul (ଆତ୍ମା) intune (ଐକତାନିକ ସୂତ୍ରେ) ଥା'ନ୍ତି, ସେମାନେ ଆସି ହାଜର ହୁଅନ୍ତି। Scrotum (ଅଣ୍ଡକୋଷ) ଭିତରେ ଯେ ସମସ୍ତ Sperm-cells (ଶୁକ୍ରାଣୁକୋଷ) ଥାଏ, ସେ ସମୟରେ ସେଗୁଡ଼ିକ charged (ଶକ୍ତିସମ୍ପନ୍ନ) ହୋଇ life (ଜୀବନ) ପାଏ ଅର୍ଥାତ୍ ଏହି ଆଗତ Soul (ଜୀବାତ୍ମା) ଗୁଡ଼ିକ Sperm-cell (ଶୁକ୍ରାଣୁକୋଷ) କୁ life (ଜୀବନ) ଦେଇ ଚଞ୍ଚଳ ଓ ସଜୀବ କରି ତୋଳେ, ମଣିଷ ଶରୀରରେ ମଧ୍ୟ ସେତେବେଳେ ଗୋଟିଏ contraction (ଆକୁଞ୍ଚନ) ର ଭାବ ହୁଏ। ତାପରେ ସ୍ତ୍ରୀ ପୁରୁଷଙ୍କ ମିଳନ କାଳରେ ସେମାନେ ovum (ଡିମ୍ବାଣୁ) ସଙ୍ଗେ ମିଳିତ ହେବା ପାଇଁ ଛୁଟି ଯା'ନ୍ତି। ସେହିପରି ସ୍ତ୍ରୀ ସ୍ୱାମୀର ଭାବ ଭଙ୍ଗୀ, ଆଚାର ବ୍ୟବହାର ଦ୍ୱାରା ଯେପରି ଭାବରେ impressed (ପ୍ରଭାବିତ) ହୁଏ, ତାର ovum (ଡିମ୍ବାଣୁ) ମଧ୍ୟ ଅନୁରୂପ ଭାବରେ impressed (ପ୍ରଭାବିତ) ହୁଏ, ସ୍ୱାମୀର ଭାବଭୂମିର ଭିତ୍ତି ଉପରେ ଛିଡ଼ା ହୋଇ। ଅବଶ୍ୟ ପୁରୁଷ ମଧ୍ୟ ସ୍ତ୍ରୀର ଭାବ ଦ୍ୱାରା ପ୍ରଭାବିତ ହୋଇଥାଏ, ସେ କଥା ତ ପୂର୍ବରୁ କହିଛି। ସ୍ତ୍ରୀର ଏକନିଷ୍ଠ ଶ୍ରଦ୍ଧାପୂତ ପରିଚର୍ଯ୍ୟା, ପୁରୁଷକୁ ଯେ ପରିମାଣରେ exalt (ଉନ୍ନୀତ) କରି ତୋଳେ, ସେତେ ଉନ୍ନତ ସ୍ତରର ଆତ୍ମା ଓହ୍ଲାଇ ଆସିଥାଏ। କିନ୍ତୁ ଶୁକ୍ରାଣୁ ଯେତେ ଉନ୍ନତ ସ୍ତରର ଆତ୍ମା ବହନ କରି ଆଣୁନା କାହିଁକି, ଡିମ୍ବାଣୁ ଯେପରି ଭାବରେ impressed (ପ୍ରଭାବିତ) ହୁଏ, ସେହି impression (ପ୍ରଭାବ ଓ ଛାପ) ସଙ୍ଗେ affinity (ସଙ୍ଗତି) ଥିବା ଶୁକ୍ରାଣୁ ସହିତ ହୁଏ ମିଳନ—ଯେପରି ଖାପଖାଇ ଖଞ୍ଜି ହୋଇଗଲେ, ଆଉ ଫାଙ୍କ ରହିଲା ନାହିଁ, ଶୁକ୍ରାଣୁ ଡିମ୍ବାଣୁ ସଙ୍ଗେ ମିଶି ଗୋଟାଏ whole entity (ଗୋଟାଏ ସତ୍ତା) ହୋଇଗଲା, ତାପରେ cell-division (କୋଷ-ବିଭାଜନ) ଆରମ୍ଭ ହୁଏ as a whole (ସାମଗ୍ରିକ-ଭାବରେ)—ସେ ହେଲା ପିଲା। ପୁରୁଷ ଓ ନାରୀ ସ୍ୱଭାବଗତ ଭାବରେ ଦୈନନ୍ଦିନ ଜୀବନରେ ଯଦି ଊର୍ଦ୍ଧ୍ୱମୁଖୀ ନ ହୁଅନ୍ତି କେବଳ ଚାଲାକି କରି ମିଳନ ସମୟରେ ଉଚ୍ଚ ଭାବଭୂମିରେ ରହି ପାରନ୍ତି ନାହିଁ। ତେଣୁ ପୁରୁଷର ଇଷ୍ଟନିଷ୍ଠ ଚଳନ ଓ ସ୍ତ୍ରୀର ଇଷ୍ଟାନୁଗ ସ୍ୱାମୀଭକ୍ତି ଉପରେ ଏତେ ଜୋର ଦିଆଯାଏ। ତେବେ ସ୍ୱାମୀ-ସ୍ତ୍ରୀ ଉଭୟଙ୍କ ମଧ୍ୟରେ ଗୋଟାଏ ପାରସ୍ପରିକତା ଦରକାର, ସଙ୍ଗତି ଦରକାର, ଗଭୀର ପ୍ରୀତି ଦରକାର, ଦେହ, ମନ, ଚରିତ୍ର ଓ ପ୍ରକୃତିର ସାମଞ୍ଜସ୍ୟ ଦରକାର, ଏବଂ ଏହା ଲାଭ କରିବାକୁ ହେଲେ ବିବାହଟା ହେବା ଦରକାର ବିଧିମାଫିକ। ଏତେଗୁଡ଼ାଏ କାମ ହେଲେ ଉନ୍ନତ ଆତ୍ମାର

ଆବିର୍ଭାବ ସମ୍ଭବ ହୁଏ । ଏବଂ ମୋର ମନେ ହୁଏ, ପ୍ରତ୍ୟେକଟା sperm (ଶୁକ୍ରାଣୁ) ହିଁ micro-cosmic form (କ୍ଷୁଦ୍ରାକାର) ରେ ଗୋଟାଏ ଗୋଟାଏ being (ଜୀବ), ତାକୁ ନଷ୍ଟ କରିବା ମାନେ microcosmic form (କ୍ଷୁଦ୍ରାକାର) ର ଗୋଟାଏ ମଣିଷକୁ ମାରି ପକାଇବା । ଆମର ବୋଧଶକ୍ତି ଓ ମମତ୍ୱବୋଧର ଜାଗରଣ ହେଲେ ଆଉ ଅଯଥା ଅନାବଶ୍ୟକଭାବରେ ନିଜର ସୁଖ ପାଇଁ ଇନ୍ଦ୍ରିୟ ପରିତୃପ୍ତି ପାଇଁ ଲକ୍ଷଲକ୍ଷ ଶୁକ୍ରାଣୁ ନଷ୍ଟ କରି ଏତେଗୁଡ଼ାଏ soul (ଆତ୍ମା) କୁ ମାରି ପାରିବା ନାହିଁ । ନିଜେ ଜନ୍ମ ହେବାକୁ ଆସି ବାରମ୍ବାର ଯଦି ଏହିପରି ମୃତ୍ୟୁବରଣ କରିବାକୁ ହୁଏ, ସେତେବେଳେ କି ଯେ ଅବସ୍ଥା ହୁଏ, ତାହା ଚିନ୍ତା କଲେ ଦେହ ରୋମାଞ୍ଚିତ ହୋଇ ଉଠେ । ଅବଶ୍ୟ, ଡ଼ିମ୍ବାଣୁ ଯେ ସାଧାରଣତଃ ଏକାଧିକ ଶୁକ୍ରାଣୁ ଗ୍ରହଣ କରି ପାରେ ନାହିଁ ଏବଂ ଗୋଟିଏ ଜୀବନକୁ ରୂପାୟିତ କରି ତୋଳିବା ପାଇଁ ଯେ ବହୁ ଶୁକ୍ରାଣୁର ଜୀବନାହୁତି ପ୍ରୟୋଜନ ହୁଏ, ପ୍ରକୃତିର ଏହି ନିୟମ ଉପରେ କାହାରି କୌଣସି ହାତ ନାହିଁ । ତେଣୁ ପ୍ରଜନନ ବ୍ୟତୀତ ଅନ୍ୟ କାରଣରୁ ଶୁକ୍ରାଣୁରୁ ଯଥାସମ୍ଭବ ନଷ୍ଟ ନ କରିବା ଉଚିତ । ତୁମେ-ମୁଁ ସମସ୍ତେ ତ ଏଇ living sperm (ଜୀବନ୍ତ ଶୁକ୍ରାଣୁ), ପ୍ରତ୍ୟେକେ ତାକୁହିଁ ଭିତ୍ତିକରି ବିକଶିତ ହୋଇଛୁ, ସେଇ ଆଜି କେତେ କଥା କହୁଛି, ଘୁରା ଘୁରି କରୁଛି, ହାତି-ଘୋଡ଼ା ମାରୁଛି । ତୁମେ ଯେଉଁ ଦଶା ପସନ୍ଦ କରନାହିଁ, ଅନର୍ଥକ ସେଇ ଦଶାରେ ସେମାନଙ୍କୁ ପକାଇବ ? ସେମାନେ ଯେ ତୁମେ ।

## ମାର୍ଗଶିର ୧୭, ମଙ୍ଗଳବାର, ୧୩୪୮ (ଇଂ ୨/୧୨/୪୧)

ଭୋରରୁ ବନ୍ଧ ପାଖରେ ତାମ୍ବୁରେ ମଧୁମୟଙ୍କୁ ଘେରି ମଧୁଚକ୍ର ଜମିଉଠିଛି—ବିଭୋର ହୋଇ ସମସ୍ତେ ସେଇ ମଧୁକ୍ଷରା ବଚନ ସୁଧା ପାନ କରୁଛନ୍ତି ଏବଂ ଉପଭୋଗ କରୁଛନ୍ତି ତାଙ୍କର ମଧୁର ହସ, ମଧୁର କଥା, ମଧୁର ଚାହାଣି, ମଧୁର ସ୍ନେହ । ଉପସ୍ଥିତ ସମସ୍ତଙ୍କ ପାଖରେ ଏବେ—'ସୁନ୍ଦର ଆଜି ସବୁ ସୁମଧୁର ଏଇ ତ ପୂର୍ଣ୍ଣ ଏ ହୃଦୟପୁର' ।

ଟିକିଏ ବେସୁରା ଭାବରେ ପ୍ରଶ୍ନ କରା ହେଲା—ହଠାତ୍ ଅନେକ ସମୟରେ ଜଣ ଜଣଙ୍କ ବ୍ୟବହାରରେ ରାଗି ଯାଏ, ପ୍ରତିଶୋଧ ନେବାକୁ ଇଚ୍ଛା କରେ, ଏହାର ଉପାୟ କ'ଣ ?

ଶ୍ରୀଶ୍ରୀଠାକୁର—ଆମର ଉଦ୍ଦେଶ୍ୟ ହେଲା ମଣିଷକୁ ଜୟ କରିବା, ତା'ର ହୃଦୟକୁ ଅଧିକାର କରିବା, ତା'ର ego (ଅହଂ) କୁ ଆୟତ୍ତ କରି ପକାଇବା, ତାକୁ repentance (ଅନୁତପ୍ତ) କରାଇବା । ତା ଯଦି ନ ପାରିଲୁ ତେବେ ଆମର ଏହି ବଞ୍ଚି ରହିବାର ଦାମ କ'ଣ ? ଏବଂ ପାରସ୍ପରିକ ସୁଖ ବା କେଉଁଠି ? ଯାହା ଉପରେ ପ୍ରତିଶୋଧ ନେବି, ସେ ଯଦି କଷ୍ଟ ମଧ୍ୟରେ ସୁଖବୋଧ ନ କରେ, ତାହେଲେ କି ସୁଖ ହେଲା ? ଆମେ ମଣିଷଟାକୁ



ପାଇବାକୁ ଚାହୁଁ, ଗୋଟାଏ ମଣିଷକୁ ହରାଇ ଲାଭ ନାହିଁ, ତେବେ ତା ଭିତରେ ସତ୍ତା ସମ୍ବର୍ଦ୍ଧନାର ପରିପନ୍ଥୀ ଯାହା ଅଛି ତା'ର ନିୟନ୍ତ୍ରଣ ବା ନିରସନ ଦରକାର । ଏହି ଶାସନ ହେବ ପ୍ରୀତିର ଶାସନ, କଠୋରତା ମଧ୍ୟରେ ବି ପ୍ରୀତି ରହିବ । ତା ପ୍ରତି ତୁମର ପ୍ରୀତି ଯଦି ତା ଭିତରେ ତୁମପ୍ରତି ପ୍ରୀତି-ଉଦ୍ଦୀପ୍ତ କରି ତୋଳିପାରେ, ତାହେଲେ ତୁମେ ସଂଶୋଧନ କରିବାର ବାଟ ପାଇଲ । ତେବେ କାହା ଭିତରେ ଯଦି obsession (ଅଭିଭୂତି) ଥାଏ ବାରମ୍ବାର ଚେଷ୍ଟା କରି ତାକୁ ସଂଶୋଧନ କରା ଯାଇପାରେ, କିନ୍ତୁ treacherous habit (ବିଶ୍ୱାସଘାତୀ ଅଭ୍ୟାସ) ଓ instinct (ସଂସ୍କାର) ଥିଲେ, ସେମାନଙ୍କର ହୃଦୟ ଜୟ କରି ପରିବର୍ତ୍ତନ ଆଣିବା କଷ୍ଟକର, ଅନେକ କ୍ଷେତ୍ରରେ ସମ୍ଭବ ହୁଏନାହିଁ ।

ପ୍ରଶ୍ନ—Treacherous (ବିଶ୍ୱାସଘାତକ) କି ନୁହଁ ବୁଝିବୁ କିପରି ?

ଶ୍ରୀଶ୍ରୀଠାକୁର—Teacherous (ବିଶ୍ୱାସଘାତକ) ର ଗୋଟାଏ ଲକ୍ଷଣ ହେଲା,—ସବୁକାମରେ ସେ directly (ପ୍ରତ୍ୟକ୍ଷଭାବରେ), indirectly (ପରୋକ୍ଷଭାବରେ) ନିଜକୁ establish (ପ୍ରତିଷ୍ଠା) କରିବାକୁ ଚାହେଁ, ତାପାଇଁ କିଏ କେତେ ଯେ କ'ଣ କରିଛନ୍ତି ସେ କଥା ମୁକ୍ତ କଣ୍ଠରେ ସ୍ୱୀକାର କରି କୃତଜ୍ଞତା ଜଣାଏ ନାହିଁ, ସେ ଯେ ଜଣେ ଅସାଧାରଣ କୃତିସମ୍ପନ୍ନ ବ୍ୟକ୍ତି, ତା'ର ଗୁଣପାଇଁ କେବଳ ତା'ର ସର୍ବତ୍ର ସମାଦର—ଏହି କଥାହିଁ ସେ କେତେ କାଇଦାରେ ହାବଭାବରେ, ପ୍ରକାରାନ୍ତରରେ ପ୍ରତିନିୟତ ସାବ୍ୟସ୍ତ କରିବାକୁ ଚାହେଁ । ମୋଟକଥା କାହାପାଇଁ ମଧ୍ୟ ମମତାବଶତଃ ସେ କିଛି କରେ ନାହିଁ, ନିଜର ହୀନମନ୍ୟତାର ମମତାରେ ଯାହା କିଛି କରେ ।

କଥା ପ୍ରସଙ୍ଗରେ ଶ୍ରୀଶ୍ରୀଠାକୁର କହିଲେ—ଆଉକିଛି ଦରକାର ନାହିଁ, ତୁମେ ସବୁ ଯାହା ଠିକ୍ କରିଛ, ତଦନୁଯାୟୀ heart and soul (ପ୍ରାଣପଣେ) ଖଟି ୧୩୦ ଟଙ୍କାର signatory (ସ୍ୱାକ୍ଷରକାରୀ) ୫/୭ ହଜାର ଯୋଗାଡ଼ କର, ମୁଁ କିଛି ମଧ୍ୟ ବାକୀ ରଖିବି ନାହିଁ ।

ଏହାପରେ ଅନ୍ୟକଥା ଉଠିଲା ।

ପ୍ରଫୁଲ୍ଲ—ଯେଉଁ ବ୍ୟକ୍ତିଗତ ବୈଶିଷ୍ଟ୍ୟର କଥା ଆମେ ଏତେ ଜୋର ଦେଇ କହୁ, ସେ ଜିନିଷଟା କ'ଣ ?

ଶ୍ରୀଶ୍ରୀଠାକୁର—ପ୍ରତ୍ୟେକଟି ଲୋକ ଯେଉଁଥିପାଇଁ ସ୍ୱତନ୍ତ୍ରଭାବେ ଚିହ୍ନିତ ହୁଏ ତାହାହିଁ ତା'ର ବୈଶିଷ୍ଟ୍ୟ । ଏଥିପାଇଁ ବର୍ଣ୍ଣ ଓ ବଂଶ ବିଶେଷଭାବରେ ଦାୟୀ, ତାପରେ ଜନ୍ମ ସମୟରେ ପିତାମାତାଙ୍କ ମାନସିକ ଭଙ୍ଗୀ ଓ ଭାବଭୂମିର ମଧ୍ୟ ଏଥିପାଇଁ ଅନେକ ଅବଦାନ ଅଛି । ଏବଂ ଚାରିଟି complex (ଗ୍ରନ୍ଥି) ଅଛି—Oedipus complex (ଓଡିପସ ଗ୍ରନ୍ଥି), ଏହାର ସ୍ୱରୂପ ହେଲା ପିଲାର ମା ପ୍ରତି ଅନୁରାଗ ; Narcissus complex (ନାର୍ସିସସ ଗ୍ରନ୍ଥି), ଏହାର ସ୍ୱରୂପ ହେଲା ଆତ୍ମପ୍ରୀତି, ଆତ୍ମପ୍ରତ୍ୟୟ, ଆତ୍ମମର୍ଯ୍ୟାଦାବୋଧ—ଏହା

ଭିତରେ କିନ୍ତୁ ହୀନମନ୍ୟତା ନାହିଁ, ଅନ୍ୟକୁ ଛୋଟ କରିବାର ପ୍ରବୃତ୍ତି ନାହିଁ ; Homo Sexual complex (ସମ-ଯୌନଗ୍ରନ୍ଥି), ଏହାର ସ୍ୱରୂପ ହେଲା ମଣିଷର ସାମାଜିକତାବୋଧ ; ଏବଂ Hetero Sexual complex (ଅସମ ଯୌନ-ଗ୍ରନ୍ଥି)। ସୁସ୍ଥ ଯୌନ-ଆକାଂକ୍ଷା ଯେଉଁଠି ଧର୍ମସଙ୍ଗତ ବିହିତ ମାର୍ଗରେ ଆତ୍ମପ୍ରକାଶ କରି ନରନାରୀର ବୈଧୀ ମିଳନ ଭିତର ଦେଇ ସୁପ୍ରଜନନରେ ସାର୍ଥକ ହେବାକୁ ଚାହେଁ, ତା'ରି ମଧ୍ୟରେ ଏହାର ସ୍ୱସ୍ଥ ଅଭିବ୍ୟକ୍ତି ଦେଖାଯାଏ। ଏସବୁର ବିକୃତି ମଧ୍ୟ ଖୁବ୍ ହୁଏ। Psychology (ମନୋବିଜ୍ଞାନ) ରେ କ'ଣ କୁହାଯାଏ ମୁଁ ଠିକ୍ ଜାଣେ ନାହିଁ, ତେବେ ମୁଁ ଏହିପରି ବୁଝେ। ଯାହାହେଉ, ସମସ୍ତଙ୍କ ମଧ୍ୟରେ ସବୁ complex (ଗ୍ରନ୍ଥି) ଥିଲେ ମଧ୍ୟ ଜଣ ଜଣଙ୍କ ମଧ୍ୟରେ ଗୋଟାଏ ଗୋଟାଏ prominent (ପ୍ରଧାନ)। ଏଗୁଡ଼ିକୁ watch (ଲକ୍ଷ୍ୟ) କରି ବୈଶିଷ୍ଟ୍ୟକୁ ଜାଣିହୁଏ, ଏବଂ ତଦନୁଯାୟୀ ମଣିଷ ସହିତ deal (ବ୍ୟବହାର) କରିପାରିଲେ ସେ elated (ଖୁସି) ହୋଇଯାଏ—ଗୋଟାଏ expression (କଥା) ଶୁଣିଲେହିଁ କହିବ, ବାଃ, beautiful (ସୁନ୍ଦର), କି ଚମତ୍କାର ଲୋକ, କେମିତିକା କଥାଟାଏ କହିଲା ! ଜଣଙ୍କର ବୈଶିଷ୍ଟ୍ୟ ଚିହ୍ନିବାକୁ ଯାଇଁ ନିଜେ obsessed (ପ୍ରବୃତ୍ତି-ଅଭିଭୂତ) ହେଲେ, ତା ଚିହ୍ନାଯାଏ ନାହିଁ—

'ରଙ୍ଗିଲ ଦୃଷ୍ଟି ନୟକୋ ଯଖନ  
ଆଗ୍ରହ-ନତ ମନ,  
ତେମନ ମନଇ ଧରତେ ପାରେ  
ସଂସ୍କାର କେମନ।'—

ଇଷ୍ଟଙ୍କ ରଙ୍ଗରେ ଯେ ଯେତେ ରଞ୍ଜିତଥାଏ ସେ ସେତେ uncoloured (ମୁକ୍ତ) ଅବସ୍ଥାରେ ପ୍ରତ୍ୟେକକୁ ପର୍ଯ୍ୟବେକ୍ଷଣ ଓ ଅନୁଧାବନ କରିପାରେ। ପ୍ରାୟଲୋକ ପ୍ରବୃତ୍ତି ଦ୍ୱାରା ଚାଳିତ ହୁଏ, ତେଣୁ ଏକସଙ୍ଗେ ଜଣଙ୍କ ଘରେ କୋଡ଼ିଏବର୍ଷ ରହିଲେ ମଧ୍ୟ ତା'ର ବୈଶିଷ୍ଟ୍ୟ ବୁଝିପାରେ ନାହିଁ। ଏବଂ ଏହି ନ ବୁଝିପାରିବା ଯୋଗୁଁ କେତେ କଳିତକରାଳ ହୁଏ, ପୁଣି କେବଳ ମୁଣ୍ଡଖଟାଇ ବୁଝିଲେ ଯେ ହୁଏ ତା ନୁହେଁ। ପ୍ରବୃତ୍ତି ଅଭିଭୂତିର କବଳରେ ଯେତେବେଳେ ଆମେ ପଡ଼ିଯାଉ ସେତେବେଳେ କେଉଁଠି କାହା ସହିତ କିପରି ବ୍ୟବହାର ସମୀଚୀନ— ତାହା ଜାଣି ମଧ୍ୟ ଆଚରଣରେ ପ୍ରକାଶ କରି ପାରୁନା। ତେଣୁ, ଟିକିଏ ବୁଦ୍ଧିମାନ ଲୋକ ଯେଉଁମାନେ ସେମାନେ ସର୍ବଦା ଇଷ୍ଟରତ ହୋଇ ପ୍ରବୃତ୍ତି ଅଭିଭୂତିର ମୁଠାଏ ହାତ ଉପରେ ରହିବାକୁ ଚେଷ୍ଟା କରନ୍ତି।

ଫରିଦପୁରରୁ ଜଣେ ଭାଇ ଆସିଲେ। ଶ୍ରୀଶ୍ରୀଠାକୁର ତାଙ୍କ ପାଖରୁ ଫରିଦପୁରର ଅନେକ ଖବରାଖବର ପଚାରି ବୁଝିଲେ। ସେ କୁଷ୍ଟିଆ ହୋଇ ଆସିଛନ୍ତି ଶୁଣି ଡାକ୍ତରବାବାଙ୍କ କଥା ମଧ୍ୟ ପଚାରିଲେ।

ଶରତ୍ ଭାଇ (ହାଲଦାର) ପୂର୍ବପ୍ରସଙ୍ଗ ଉଠାଇ ପଚାରିଲେ—କ୍ଲାସରେ ପଢ଼ାଇବାକୁ ଯାଇଁ ବା ସଭାରେ ବକ୍ତୃତା କରିବାକୁ ଯାଇ କିପରିଭାବରେ କହିବାକୁ ହେବ ? ସେଠାରେ ନାନାବୈଶିଷ୍ଟ୍ୟର ବହୁଲୋକଙ୍କ ସମାବେଶ ହୋଇଥାଏ।



ଶ୍ରୀଶ୍ରୀଠାକୁର—ପ୍ରତ୍ୟେକଟା musical instrument (ବାଦ୍ୟ-ଯନ୍ତ୍ର) ରେ କେତେକ ଘାଟି ଓ ଗ୍ରାମ ଥାଏ, ତାରି ସାହାଯ୍ୟରେ ସବୁ ଗତ ଯେପରି ବଜାଯାଏ, ନାନାବିଧ ପ୍ରକୃତିସମ୍ପନ୍ନ ଗୋଟାଏ group (ଦଳ) ପାଖରେ କହିବାକୁ ଗଲେ ସେହିପରି ଏହି ଗୋଟାଏ complex (ଗ୍ରନ୍ଥି) ର nourishment (ପୋଷଣ) ହୁଏ—ସେହିପରି ଏକ ଢେଉ ସୃଷ୍ଟି କରିବାକୁ ହୁଏ। ସବୁ pose (ଭଙ୍ଗୀ) ନେଇ ପାରିଲେ tune (ସୁର) ଓ touch (ସ୍ପର୍ଶ) ଦେଇ ପାରିଲେ, ପ୍ରତ୍ୟେକେ interested (ଆଗ୍ରହୀ) ହେବେହିଁ। Sublime language (ଗୁରୁତ୍ୱପୂର୍ଣ୍ଣ ମନୋଜ୍ଞ ଭାଷାରେ) topic (ବିଷୟବସ୍ତୁ) ସହିତ ଖାପ ଖୁଆଇ, tactfully (ସୁକୌଶଳରେ) କହିବାକୁ ହୁଏ। ହୁଏତ କହିଲେ—'ତୁମର ପିଲା, ତୁମର ସ୍ତ୍ରୀ ଖାଇବାକୁ ନପାଇ ଆଜି ରାସ୍ତାରେ ଆସି ଛିଡ଼ା ହୋଇଛନ୍ତି—ଏହାର ସମାଧାନ କ'ଣ ତୁମେ ଚାହଁ ନାହିଁ, ସ୍ତ୍ରୀ ପିଲାଙ୍କ କଥା କହୁ କହୁ ତା'ର complex (ପ୍ରବୃତ୍ତି) interested (ଆଗ୍ରହୀ) ହୋଇଉଠିଲା—ତା'ର ମନ ଚେଇଁ ଉଠିଲା, ସେ ଭାବିଲା—କ'ଣ କହୁଛି ଶୁଣେ ଦେଖୁ। ତେବେ କେବଳ ପ୍ରବୃତ୍ତିକୁ ପ୍ରରୋଚିତ କରି ଲାଭ ନାହିଁ, ଆଉ ମଣିଷର ହୀନପ୍ରବୃତ୍ତି ଯେପରି ଅଛି, ଉନ୍ନତ ପ୍ରବୃତ୍ତି ସେଇପରି ଢେର ଅଛି। କହିବାକୁ ଯାଇଁ ସେଗୁଡ଼ିକୁ ନିଆଁ କରିଦେବାକୁ ହେବ—ସ୍ୱାସ୍ଥ୍ୟ, କୃଷି, ଧର୍ମ, ବୃହତ୍ତର ପାରିପାର୍ଶ୍ୱିକର ସ୍ୱାର୍ଥ ଇତ୍ୟାଦି ବିଷୟରେ ମଣିଷର ଆଗ୍ରହକୁ ଉଦ୍ଦୀପିତ କରି ତୋଳିବାକୁ ହେବ। ସୁକେନ୍ଦ୍ରିକ ମଙ୍ଗଳକର୍ମରେ ମଣିଷକୁ ଯେତେ ଉନ୍ମାଦ କରିତୋଳି ପାରିବ ତୁମର କହିବା ସେତିକି ସାର୍ଥକ ହେଲା ବୋଲି ବୁଝିବ। ମଣିଷ complex (ପ୍ରବୃତ୍ତି) ଅଧୀନ ହୋଇ ଯେପରି ଚଳୁଛି, ସେହିପରି ପ୍ରବୃତ୍ତିକୁ sublimate (ଭୂମାୟିତ) କରିବାର ଇଚ୍ଛା ମଧ୍ୟ ତା'ର ଅଛି ! ତେଣୁ, ଯାହା ବାସ୍ତବ ତା ସହିତ ସମ୍ପର୍କରଖି କହିଲେ ସତ୍ପ୍ରତି ନିଶା ଲଗାଇଦେବା କଷ୍ଟକର କିଛି ନୁହେଁ। ମଣିଷର ଯେପରି ସ୍ୱାର୍ଥପରତା ଅଛି, ପରାର୍ଥପରତା ପ୍ରବୃତ୍ତି ମଧ୍ୟ ତାଠାରେ କମ୍ ନାହିଁ ଏବଂ ତାହା ବେଶ୍ ପ୍ରବଳ ଭାବରେ ମଧ୍ୟ ଅଛି। ପ୍ରକୃତପକ୍ଷେ, ପରାର୍ଥପରତାହିଁ ତା'ର ସ୍ୱାର୍ଥର ଭିତ୍ତି। ମଣିଷର ଯେପରି ଆରାମପ୍ରିୟତା ଓ ତଥାକଥିତ ଭୋଗାକାଂକ୍ଷା ଅଛି, ସେହିପରି ଇଷ୍ଟାର୍ଥୀ କ୍ଳେଶ-ସୁଖ-ପ୍ରିୟତା, ତ୍ୟାଗ ଓ ଦୁଃଖ ବରଣର ସ୍ପୃହା ଯେ ନାହିଁ, ତା ମଧ୍ୟ ନୁହେଁ। ଦରକାର ଏଇସବୁକୁ ଉସ୍କାଇ ଦେବା, ଏସବୁ ପ୍ରତି ଲୋଭ ଜନ୍ମାଇ ଦେବା। ତାହାହିଁ ହେଲା ଶିକ୍ଷୀର କାମ। ପ୍ରତ୍ୟେକଦିଗରୁ ଏହାର କର୍ଷଣ ଯଦି ଚାଲେ, ଜାତି ମଧ୍ୟରେ progressive mood (ପ୍ରକୃତ ପ୍ରଗତିମୁଖୀ ମନୋଭାବ) ତିଆରି ହେବାକୁ ବେଶି ଡେରି ଲାଗିବ ନାହିଁ।

## ମାର୍ଗଶିର ୧୮, ବୁଧବାର, ୧୩୪୮ (ଇଂ ୩/୧୨/୪୧)

ପାବନାରେ ମଣିଷର ସମସ୍ତ ପ୍ରାପ୍ତି ଚରିତାର୍ଥ ହୁଏ, ଯାହାର ସତ୍ତାର କ୍ଷୁଧା ଚରିତାର୍ଥ ହୋଇ ନାହିଁ କେଉଁଠି, ଦିଗଭ୍ରାନ୍ତ ହୋଇ ପଥ'ର ସନ୍ଧାନରେ ବୁଲିଛନ୍ତି ଯେଉଁମାନେ,

ପାଇନାହାନ୍ତି ଯେଉଁମାନେ ଆନନ୍ଦର ଆସ୍ୱାଦ, ପାଇନାହାନ୍ତି ଯେଉଁମାନେ ପ୍ରେମ ପ୍ରୀତି, ପାଇନାହାନ୍ତି ଯେଉଁମାନେ ଉଜ୍ଜ୍ୱଳ, ନିର୍ମଳ ସତ୍ତାସମ୍ବର୍ଦ୍ଧନୀ ଜ୍ଞାନର ଆଲୋକ, ପାଇନାହାନ୍ତି ଯେଉଁମାନେ ଜୀବନରେ ଉଦ୍ଦୀପନା, କର୍ମରେ ପ୍ରେରଣା, ଚଲାପଥର ଠିକଣା, ଆର୍ତ୍ତବେଦନାରେ ଗୁମୁରି ମରୁଛନ୍ତି ଯେଉଁମାନେ, ପାଇନାହାନ୍ତି ଯେଉଁମାନେ ସ୍ନେହସରସ, ସୋହାଗ ସିଞ୍ଚିତ, ଶାନ୍ତିର ସଂଶ୍ରୟ—ସେମାନେ ସବୁ ପାଇଛନ୍ତି ପଦ୍ମାତୀରସ୍ଥ ପାବନାର ପକ୍ଷିକୂଜିତ, ଦିଗନ୍ତପ୍ରାନ୍ତର ମେଖଳା, ବକୁଳ, ବାବଲା, ବଂଶବନଘେରା, ଇଷ୍ଟକୃଷ୍ଟି ଅଧ୍ୟୁଷିତ, ବେଦବିଜ୍ଞାନଦୀପ୍ତ ଶାନ୍ତ, କର୍ମମୁଖର, ପୁଣ୍ୟଭୂମି—ସତ୍‌ସଙ୍ଗ ଆଶ୍ରମରେ। ତେଣୁ ଆଶ୍ରମର ପ୍ରାଣକେନ୍ଦ୍ର ଯିଏ—କିପରି ଏକ ଅଜଣା ଆକର୍ଷଣରେ ମଣିଷ ବାରମ୍ବାର ଛୁଟିଆସେ ତାଙ୍କ ପାଖକୁ। ଏଇପରି ଭାବରେ ନିରନ୍ତର ଜନଗହଳି ହୋଇଉଠେ ତାଙ୍କର ଚରଣପ୍ରାନ୍ତରେ। ସେ ମଣିଷ-କାଙ୍ଗାଳ, କ୍ଷୁଧିତ କୋଳର ଶିଶୁକୁ ନେଇ ସ୍ତନ୍ୟଦାନରେ ମା ଯେପରି ପରିତୃପ୍ତ ଓ ପ୍ରସନ୍ନ ହୋଇଉଠନ୍ତି, ବ୍ୟଥାତୁର ମଣିଷକୁ, ନିପୀଡ଼ିତ ପ୍ରାଣଧାରାକୁ ସ୍ନେହପୂର୍ଣ୍ଣ ଆଲିଙ୍ଗନପୂର୍ବକ ସେ ମଧ୍ୟ ସେହିପରି ଖୁସି ଓ ସୁଖୀ ହୋଇଉଠନ୍ତି—ଏହାଛଡା ଯେପରି ତାଙ୍କର ବକ୍ଷ ଶୂନ୍ୟ ପରି ଲାଗେ—ଏଇ ହେଉଛନ୍ତି ଆମର ଠାକୁର। ମଣିଷ ତାଙ୍କ ପାଖକୁ ଯିବ ନାହିଁ ତ ଯିବ କେଉଁଠିକି ? ତେଣୁ ରାତ୍ରି ପ୍ରଭାତ ହେଉ ନ ହେଉଣୁ ତାଙ୍କ ଅଙ୍ଗନରେ ଆନନ୍ଦର ମେଳା ବସିଯାଏ, ତାଙ୍କୁ ବେଷ୍ଟନ କରି ମଧୁଚକ୍ର ରଚନା କରାଯାଏ, ଆସେ ଆର୍ତ୍ତ, ଆସେ ଅର୍ଥାର୍ଥୀ, ଆସେ ଜିଜ୍ଞାସୁ, ଆସେ ଜ୍ଞାନୀ—ସୁଧାଭାଣ୍ଡରୁ ଚାଲିଥାଏ ସୁଧାବିତରଣ। ଆଜି ମଧ୍ୟ ତା'ର ବ୍ୟତିକ୍ରମ ହୋଇନାହିଁ—ଆସିଛନ୍ତି ସମସ୍ତେ।

କଥାବାର୍ତ୍ତା ଆରମ୍ଭ ହେଲା।

ପୁଅଝିଅଙ୍କୁ ଯୌନ-ବିଜ୍ଞାନ ସମ୍ପର୍କରେ କିପରିଭାବରେ ଶିକ୍ଷା ଦିଆଯିବ, ସେ ସମ୍ବନ୍ଧରେ କଥା ଉଠିଲା।

ଶ୍ରୀଶ୍ରୀଠାକୁର—ଯୌନ-ବିଜ୍ଞାନ ଓ ପ୍ରଜନନ-ବିଜ୍ଞାନ ସମ୍ବନ୍ଧରେ ଭଲ ବହି ଲେଖିବାକୁ ହେବ, ଏବଂ ଶିଖାଇବାକୁ ଗଲେ ଖୁବ୍ ସୁରୁଚି-ସଙ୍ଗତ ପନ୍ଥାରେ ଶିଖାଇବାକୁ ହେବ। ଅଯଥା ଗୋପନୀୟତା ଭଲନୁହେଁ, ସହଜ ଓ ପବିତ୍ରଭାବରେ ଜୀବନର କ୍ଷେତ୍ରରେ ଏହାର ଗୁରୁତ୍ୱ ଉଦ୍‌ଘାଟନ କରି ପରିଷ୍କାର କରି ବୁଝାଇ ଦେବାକୁ ହେବ। Distortion ଓ abnormality (ବିକୃତି ଓ ଅସ୍ୱାଭାବିକତା) ପ୍ରତି ଯେପରି ଗୋଟାଏ ବିତୃଷ୍ଣା ସୃଷ୍ଟି ହୁଏ, ସେ ବାଟ ଯେପରି କେହି ନ ମାଡ଼ନ୍ତି, ସେପରି ମନୋଭାବ ଦୃଢ଼କରି ଦେବାକୁ ହେବ। ପୁଣି, ସ୍ୱାଭାବିକ ଯୌନ-ବୋଧର ଉନ୍ମେଷ ଓ ଅଭିବ୍ୟକ୍ତିରେ ସେମାନେ ଯେପରି ନିଜକୁ ଅପରାଧୀ ମନେ କରି ଦୁର୍ବଳ, ଅବସନ୍ନ ଓ ଦିଗ୍‌ଭ୍ରାନ୍ତ ହୋଇ ନ ପଡ଼ନ୍ତି, ବରଂ ସମ୍ବେଗକୁ ସୁଷ୍ଠୁଭାବରେ ପରିଚାଳିତ କରି ଜୀବନକୁ ଉଦ୍‌ବର୍ଦ୍ଧନ-ମୁଖୀ କରିତୋଳି ପାରନ୍ତି,



ସେଇଭାବରେ ସେମାନଙ୍କୁ ଶିକ୍ଷିତ କରି ତୋଳିବାକୁ ହେବ। ସ୍ୱାସ୍ଥ୍ୟ ଓ ସଦାଚାର-ସମ୍ବନ୍ଧରେ କେତେବେଳେ କେଉଁ ଅବସ୍ଥାରେ କ'ଣ କରଣୀୟ, ସେ ସମ୍ବନ୍ଧରେ ମଧ୍ୟ ପୁଅଝିଅଙ୍କୁ ଅବଗତ ଓ ଅଭ୍ୟସ୍ତ କରି ତୋଳିବାକୁ ହେବ। ଏବଂ ଶାରୀରିକ, ମାନସିକ ଓ ଆଧ୍ୟାତ୍ମିକ ସଦାଚାରର ପରିପୋଷକ ଏକ ବାତାବରଣ ସୃଷ୍ଟି କରିବାକୁ ହେବ—ପରିବାର, ପରିବେଶ, ବିଦ୍ୟାଳୟ—ସର୍ବତ୍ର।

ପ୍ୟାରୀ ଭାଇ (ନନ୍ଦୀ) ଭାଗବତର ଗୋଟିଏ ଶ୍ଳୋକ ବ୍ୟାଖ୍ୟା କରିବା ପାଇଁ ଆଣିଲେ। ସେ ସମ୍ବନ୍ଧରେ ଅନେକ ଆଳାପ-ଆଲୋଚନା ନିଜ ମଧ୍ୟରେ ହେଲା। ପରେ ଶ୍ରୀଶ୍ରୀଠାକୁର ସେଇ ପ୍ରସଙ୍ଗରେ କହିଲେ—ସେ ମୋର ସବୁ କରିବେ, ଏହିଭାବ ଭକ୍ତିର ଅନ୍ତରାୟ। ଭକ୍ତର ମନୋଭାବ—ମୋ ପାଇଁ ପ୍ରଭୁ ଯେପରି କଷ୍ଟ ନପା'ନ୍ତି, ବରଂ ମୁଁ ତାଙ୍କର କଷ୍ଟ ଲାଘବ କରିବି, ତାଙ୍କର ଭାର ବହନ କରିବି, ତାଙ୍କୁ ସ୍ୱସ୍ତି ଦେବି, ତାଙ୍କର ଦାୟିତ୍ୱ ମୁଣ୍ଡପାତି ନେବି, ତାଙ୍କ ଇଚ୍ଛା ପୂରଣ କରିବି। ଏଇ ଆଗ୍ରହ ଉନ୍ମାଦନାର ଭିତର ଦେଇ ତାର ଶକ୍ତି ବଢ଼ିଯାଏ, ସେ ଅସମ୍ଭବକୁ ସମ୍ଭବ କରିଦିଏ, ପ୍ରତି ମୁହୂର୍ତ୍ତରେ ଗୁରୁଙ୍କ ଦୟା ଅନୁଭବ କରେ, ଏବଂ ସହସ୍ର ମୁଖରେ ତାଙ୍କର ଗୁଣଗାନ କରେ। ତାହା ନକରି ଗୁରୁଙ୍କ ପାଖରେ ଯେଉଁମାନେ 'ଦେହି' 'ଦେହି' କରନ୍ତି, ସ୍ୱାର୍ଥ-ପ୍ରତ୍ୟାଶା ପୂରଣ ପାଇଁ ତାଙ୍କ ପାଖେ ପାଖେ ଘୁରନ୍ତି, ସେମାନଙ୍କର ଶକ୍ତି ଖର୍ବ ହୋଇଯାଏ, ସେମାନେ ଶାନ୍ତି ପା'ନ୍ତି ନାହିଁ, ଅଭାବ ମଧ୍ୟ ସେମାନଙ୍କର ଦୂର ହୁଏ ନାହିଁ। ହନୁମାନ ରାମଚନ୍ଦ୍ରଙ୍କ relief (ସ୍ୱସ୍ତି) ପାଇଁ କ'ଣ ନ କରିଛି ? ତହିଁରେ କିନ୍ତୁ ତା'ର ଆତ୍ମପ୍ରସାଦ ବ୍ୟତୀତ କଷ୍ଟ ନଥିଲା, ଏହିପରି ଭାବରେହିଁ ସେ ବଡ଼ହୋଇ ଉଠିଥିଲା, କିନ୍ତୁ ତାର ଇତର ଅହଂକାର ନଥିଲା, ଏକମାତ୍ର ଗର୍ବ ଥିଲା ରାମଚନ୍ଦ୍ରଙ୍କ ପାଇଁ, ତାଙ୍କୁହିଁ ଲାଭକରି ସେ ଭରପୂର ହୋଇଥିଲା; ପ୍ରାପ୍ତିର ଲେଶମାତ୍ର ଆଶା ନଥିଲା, ଏକମାତ୍ର କାମନା ଥିଲା—ତାଙ୍କୁ ପରିପୂରଣ କରିବା। ତେଣୁ ଶାନ୍ତି, ସନ୍ତୋଷ ଓ ଶକ୍ତି ତାକୁ କେବେବି ତ୍ୟାଗ କରି ନାହିଁ। ନୟନାଭିରାମ ରାମଚନ୍ଦ୍ରଙ୍କର ମୁଖର ଟିକିଏ ହସ, ଟିକିଏ ସସ୍ନେହଦୃଷ୍ଟି, ତା ମନରେ ଆନନ୍ଦର କି ଯେ ଢେଉ ତୋଳି ଦେଉଥିଲା, ତା ସେହିଁ କେବଳ ଜାଣେ। ମୋଟକଥା, fulfilling urge (ପରିପୂରକ ସମ୍ବେଗ) ସହ ତାଙ୍କ ପାଇଁ କରିବା ଆମର ଯେତେ keen (ତୀବ୍ର) ହେବ, ତାଙ୍କର ଭଲପାଇବାକୁ ଆମେ ସେତେ ତୀବ୍ର ଭାବରେ ଅନୁଭବ କରିପାରିବା ନଚେତ୍ ଆମପାଇଁ ତାଙ୍କର ଲକ୍ଷ ଭଲପାଇବା ଓ ଲକ୍ଷ କରିବା ଆମେ ବୋଧ କରିପାରିବା ନାହିଁ, ଉପଭୋଗ କରିପାରିବା ନାହିଁ। ଏବଂ ଆମେ ଯଦି ତାଙ୍କ ପାଇଁ କରୁ ମଧ୍ୟ, ଏବଂ ତାହା କରିବାର ଉଦ୍ଦେଶ୍ୟ ତାଙ୍କୁ ଭଲପାଇବା ନହୋଇ, ନିଜର କରାମତି ଦେଖାଇବା ପାଇଁ ଯଦି ହୁଏ, ତାହେଲେ ମଧ୍ୟ ତାଙ୍କୁ ଉପଭୋଗ କରାଯାଏ ନାହିଁ।

ପ୍ରଫୁଲ୍ଲ—ବ୍ୟାକୁଳତା ଜିନିଷଟା କ'ଣ ?

ଶ୍ରୀଶ୍ରୀଠାକୁର—ବ୍ୟାକୁଳତା ହେଲା urge (ସମ୍ବେଗ), ପ୍ରକୃତରେ ବ୍ୟାକୁଳତା ଥିଲେ ତପସ୍ୟା ନକରି ରହିହେବ ନାହିଁ, କରିବା ବାଦଦେଇ କେବଳ ବ୍ୟାକୁଳତା, କେବଳ କାନ୍ଦଣା ଦ୍ୱାରା ତାଙ୍କୁ ପାଇ ହୁଏ ନାହିଁ। ପୁଣି କରିବା ସଙ୍ଗେ ସଙ୍ଗେ ଯଦି ସମ୍ବେଗ ବା ବ୍ୟାକୁଳତା ନଥାଏ, ତେବେ ନିଜର ମନ ଓଦା ହୁଏ ନାହିଁ କି ଅନ୍ୟର ମନକୁ ଓଦା କରାଯାଇ ପାରେ ନାହିଁ—ନୀରସ ଶୁଷ୍କ ହୋଇଯାଏ ସବୁ। ବ୍ୟାକୁଳତା ଯେପରି ଏକ driving force (ସଞ୍ଚାରଣୀ ଶକ୍ତି), ତାହାହିଁ ବୃହତ୍ ସୃଷ୍ଟିକୁ ସମ୍ଭବ କରିତୋଳେ। ବିହିତ ଭାବରେ କରିବା ଭିତର ଦେଇ ମଧ୍ୟ ଅନେକ ସମୟରେ ଧୀରେ ଧୀରେ ବ୍ୟାକୁଳତା ଫୁଟି ଉଠିଥାଏ।

ଶରତ ଭାଇ (ହାଲଦାର)—କେହି ଯଦି ସବୁ କଥାରେ କହେ,—'ସେ କରାଉଛନ୍ତି', ତାହେଲେ କ'ଣ କରାଯିବ ?

ଶ୍ରୀଶ୍ରୀଠାକୁର—ସେସବୁ ତ ଫାଙ୍କିବାଜି। ସେମାନଙ୍କୁ କହିବାକୁ ହେବ, ସେ କରାନ୍ତୁ ବା ଯେ କରାନ୍ତୁ, ତୁମେ ଏହାସବୁ ଚାହଁ କି ନାହଁ, ଏବଂ କିଛି ପାଇବାକୁ ଗଲେ ତ ତଦନୁପାତିକ କରିବାକୁ ହେବ। ଏବଂ ସେ କରୁଛନ୍ତି ବୋଲି ଯଦି କହ, ତେବେ ସେ ତ ତୁମ ଭିତରେ ଅଛନ୍ତି, ତୁମ ଭିତରେ ଥାଇ ସେ ଯାହା କରିବେ, ତା'ର ଫଳ ତ ତୁମ ଭିତରେ ଥାଇଁ ସେହିଁ ଭୋଗ କରିବେ। ତୁମ ଭିତରେ ଥାଇଁ ତାଙ୍କର କାମନା ଯଦି କିଛି ଥାଏ, ବିଧି ମାଫିକ କରିବାର ଦାୟିତ୍ୱ ତୁମ ଭିତରେ ଥିବା ତାଙ୍କର ମଧ୍ୟ। ମୋଟକଥା, ସେ ନିଜକୁ ସମସ୍ତ ଭିତରେ ଉତ୍ସୃଷ୍ଟ କରିଛନ୍ତି, ଆମେ ଯେ ବଞ୍ଚିଛୁ ତା ମଧ୍ୟ ତାଙ୍କରି ଶକ୍ତି ବଳରେ। ଆମର ଯାହାକିଛି ସବୁ ତାଙ୍କରି, ଇଚ୍ଛାକଲେ ଆମେ ତନ୍ମୁଖୀ ଚଳନରେ ଚଳି ସାର୍ଥକ ହୋଇପାରୁ ଏବଂ ତାଙ୍କ ଆଡ଼କୁ ପଛକରି ଖୁସି ଖିଆଲ ଅନୁସାରେ ଚଳି, ଏଇ ଚଳାର ଦୋଷକୁ ତାଙ୍କର ଉପରେ ଠେଲି ଦେଇପାରୁ। କିନ୍ତୁ ବିଧି ବଡ଼ କଠୋର ଓ ନଛୋଡ଼ବନ୍ଧା, ସେ କାହାକୁ ମଧ୍ୟ ଛାଡ଼ିଦେବ ନାହିଁ।

ଶରତ ଭାଇ (ହାଲଦାର)—Predestination (ନିୟତି) ଓ free will (ପୁରୁଷକାର) ମଧ୍ୟରେ କିଏ କେତେ act (କ୍ରିୟା) କରିଥାଏ ?

ଶ୍ରୀଶ୍ରୀଠାକୁର—ରାମକୃଷ୍ଣଦେବ ଯେ ଗୋରୁ ଓ ଦଉଡ଼ିର ଉପମା ଦେଇଛନ୍ତି—ତାହାହିଁ ଠିକ୍। ଗୋରୁ ଯେଉଁ ଦଉଡ଼ିରେ ବନ୍ଧା ହୋଇଥାଏ ପଡ଼ିଆରେ ଏଇ ଦଉଡ଼ିର ଶେଷ ସୀମା ପର୍ଯ୍ୟନ୍ତ ଏବଂ ଏହା ମଝିରେ ଯେ କୌଣସି ଜାଗାରେ ସେ ଘାସ ଚରିପାରେ। ଯଦି ବେଙ୍କର ଦଉଡ଼ିକୁ ଏକଦମ ଖୋଲିବାକୁ ହେବ, ତେବେ ଏଇ ଇଲାକା ମଧ୍ୟରେ ଥାଇ କାହା ସାହାଯ୍ୟରେ ଖୋଲିବାକୁ ହେବ। ମଣିଷ ମଧ୍ୟ ସେହିପରି predestination (ନିୟତ) କୁ ଅତିକ୍ରମ କରିପାରେ। Predestination (ନିୟତି) କହିଲେ ମୁଁ ବୁଝେ, ଯେପରି ଭାବରେ ସେ ସୀମାୟିତ ହୋଇ ରହିଛି ତାହାହିଁ, ଅନ୍ୟପ୍ରକାରେ



ତାକୁ କୁହାଯାଏ ମାୟା। ଗୀତାରେ ଅଛି,—"ମାମେବ ଯେ ପ୍ରପଦ୍ୟନ୍ତେ ମାୟାମେତାଂ ତରନ୍ତି ତେ"—ତାଙ୍କ ଛଡ଼ା ଉପାୟ ନାହିଁ। With all our passions and complexes (ସମସ୍ତ ବୃତ୍ତି-ପ୍ରବୃତ୍ତିସହ) ତାଙ୍କଠାରେ interested (ଅନୁରକ୍ତ) ହେବାକୁ ହେବ, ତାହେଲେ ଆମେ ମାୟାକୁ ଅତିକ୍ରମ କରି ପାରିବା। କାରଣ, ଏକମାତ୍ର ସେ-ହିଁ ମାୟାର ଊର୍ଦ୍ଧ୍ୱରେ ଅଛନ୍ତି, ମାୟା ତାଙ୍କରି ସୃଷ୍ଟି। କିନ୍ତୁ ଏହି limitation (ସୀମା) ର ଊର୍ଦ୍ଧ୍ୱକୁ ଉଠିବାକୁ ହେଲେ limitation (ସୀମା) ଭିତର ଦେଇହିଁ ଯିବାକୁ ହେବ। ଗୋରୁ ଯେପରି କେବଳ ବେଙ୍କର ଦଉଡ଼ିର Range (ପରିସର) ମଧ୍ୟରେ ଥାଇ ଦଉଡ଼ିକୁ ଖୋଲିପାରେ। ମଣିଷକୁ ସେହିପରି ପ୍ରକୃତି-ଦତ୍ତ ବୈଶିଷ୍ଟ୍ୟକୁ ଭିତ୍ତି କରିହିଁ ତଦନୁଯାୟୀ ଇଷ୍ଟଙ୍କୁ ଅନୁସରଣ କରି ବ୍ରହ୍ମବୋଧରେ ଉପନୀତ ହେବାକୁ ହେବ। Parabolic line (ଅଧିବୃତ୍ତର ରେଖା) ପରି original line infinitely extend (ମୂଳରେଖା ଅନନ୍ତ ପ୍ରସାରିତ) କରିବାକୁ ହୋଇଥାଏ। ଆମ ଶାସ୍ତ୍ରରେ ଅଛି ଶୂଦ୍ର ମଧ୍ୟ ବ୍ରାହ୍ମଣ ହୋଇପାରେ, କିନ୍ତୁ ଶୂଦ୍ରତ୍ୱ ବାଦ୍‌ଦେଇ ନୁହେଁ, ଶୂଦ୍ରତ୍ୱକୁ ଭିତ୍ତି କରି। ପୁଣି ଦେହ, ମନ, ପ୍ରବୃତ୍ତି, ସଂସ୍କାର, ସାମର୍ଥ୍ୟ ଇତ୍ୟାଦି ସହ ଯେ ଯେପରି ହୋଇଉଠିଛି, ତାହା ମଧ୍ୟ ତାର ଇଚ୍ଛା ଓ କର୍ମରୁ ହିଁ ସୃଷ୍ଟି। ତେଣୁ ମଣିଷ ଯାହା ହୋଇଛି ବା ହୋଇଉଠିଛି, ତାକୁହିଁ ଭିତ୍ତି କରି ଉତ୍ତରୋତ୍ତର ବିକାଶର ପଥ ତା'ର ଉନ୍ମୁକ୍ତ ରହିଛି। ମଣିଷର ଏଇ ସମ୍ଭାବନାର ଇତି ନାହିଁ। ଈଶ୍ୱର ଯେପରି ଅନନ୍ତ ଶକ୍ତିର ଆଧାର, ମଣିଷ ମଧ୍ୟ ସେହିପରି—ଯଦି ତା'ର ଈଶ୍ୱର ସଙ୍ଗେ ଯୋଗସୂତ୍ର ଅକ୍ଷୁଣ୍ଣ ଥାଏ। "God created man after His own image." (ଭଗବାନ୍ ମଣିଷକୁ ନିଜର ପ୍ରକୃତି ଅନୁଯାୟୀ ସୃଷ୍ଟି କରିଛନ୍ତି)।

ଶ୍ରୀଶ୍ରୀଠାକୁର ଭୂଷଣ ଭାଇଙ୍କ ଦ୍ୱାରା ଅଟଳ ଭାଇଙ୍କ ଭାଇଙ୍କୁ ଡକାଇ କହିଲେ,—ବଡ଼ ସାଇଜର ପାଞ୍ଚସେର ରସଗୋଲା କରିବୁ, ଭିତରେ କ୍ଷୀରର ପୁର ଦେବୁ (ସମସ୍ତ ଅଙ୍ଗର ଅଭିବ୍ୟକ୍ତି ଦେଖାଇ)—ଏକାବେଳକେ ଗନ୍ଧରେ, ବର୍ଣ୍ଣରେ, ଘ୍ରାଣରେ ମାତ୍ କରିଦେବା ଦରକାର। ବାହାରକୁ ପଠାଇବି, ମନେରହେ ଯେପରି।

ଶରତ ଭାଇ—ଆମ ସହିତ କାହାର ମତଭେଦ ହେଲେହିଁ, ଆମେ inferiority complex (ହୀନମନ୍ୟତା) ବୋଲି ଦୋଷ ଦେଉ, ଏହା କାହିଁକି ହୁଏ ?

ଶ୍ରୀଶ୍ରୀଠାକୁର—Inferiority complex (ହୀନମନ୍ୟତା) ଅନେକ ସମୟରେ ଦୁଇଜଣଙ୍କର ଥାଏ। Egoistic knot (ଗଣ୍ଠିବାନ୍ଧି ଯାଇଥିବା ଅହମିକା) ଯୋଗୁଁ ଅକାରଣ ଗଣ୍ଡଗୋଳ ହୋଇଥାଏ। 'ବୋଧୟନ୍ତଃ ପରସ୍ପରମ୍' ହେଲେ misunderstanding (ଭୁଲ ବୁଝାମଣା) ହୁଏ ନାହିଁ। ପରସ୍ପର ପରସ୍ପର ପ୍ରତି regard (ଶ୍ରଦ୍ଧା) ଥିଲେ ପ୍ରତ୍ୟେକେ ପ୍ରତ୍ୟେକର stand-point (ଦୃଷ୍ଟିଭଙ୍ଗୀ) ଟା ବୁଝିବାକୁ ଚେଷ୍ଟା କରନ୍ତି। ସେ କ୍ଷେତ୍ରରେ ବିରୋଧର ଅବକାଶ କମ୍ ଥାଏ। ଯେଉଁମାନେ ଖାଣ୍ଟିଲୋକ, କେହି ସେମାନଙ୍କର ଭୁଲଭ୍ରାନ୍ତି,

ଦୋଷ-ତ୍ରୁଟି ଧରାଇ ଦେଲେ, ସେମାନେ ରାଗିଯା'ନ୍ତି ନାହିଁ, ବରଂ ନିଜକୁ adjust (ନିୟନ୍ତ୍ରଣ) କରିବାକୁ ଚେଷ୍ଟା କରନ୍ତି, ଏବଂ ଯିଏ ଭୁଲ ଧରାଇ ଦେଲେ, ତାଙ୍କ ପ୍ରତି ଆଉରି ବନ୍ଧୁଭାବାପନ୍ନ ହୋଇ ଉଠନ୍ତି। ତେବେ ଭୁଲ ଧରାଇ ଦେବାଟା ପ୍ରୀତିପୂର୍ଣ୍ଣ ଭାବରେ ହେବା ଉଚିତ। ମଣିଷର ଅନ୍ୟାୟ ପ୍ରତି ଯେତେବେଳେ ଆମେ କଠୋର ହେଉ, ସେତେବେଳେ ମନେରଖିବାକୁ ହେବ ଯେ, ମଣିଷଟା କିନ୍ତୁ ଆମର ଆପଣାର, ତାକୁ ଯେପରି ପର କରି ନଦେଉ। ଏବଂ ଆମେ ଯଦି ଅନ୍ୟାୟ କରୁ, ଆମେ ଅନ୍ୟଠାରୁ କି ବ୍ୟବହାର ପ୍ରତ୍ୟାଶା କରୁ, ତା ମଧ୍ୟ ମନେ ରଖିବାକୁ ହେବ, ତାହେଲେ ମାତ୍ରା ଠିକ୍ ରହିବ। ହୀନମନ୍ୟତା ଯେ କେତେପ୍ରକାରେ ଆତ୍ମପ୍ରକାଶ କରେ, ତା'ର ଲେଖାଯୋଖା ନାହିଁ। ଆମେ ହୁଏତ ଅନେକ ଅପରାଧରେ ଅପରାଧୀ, କିନ୍ତୁ ଲୋକଙ୍କ ପାଖରେ ଜଣାଇବାକୁ ଚାହୁଁ ଯେ, ଯେପରି ଅପରାଧର ନାମଗନ୍ଧ ମଧ୍ୟ ଆମ ଚରିତ୍ରରେ ନାହିଁ, ସେତେବେଳେ ସେଇ ଅପରାଧରେ ଅପରାଧୀ କାହାକୁ ଦେଖିଲେ ତାକୁ ହୁଏତ ଶାସନ କରିବାକୁ ଅତିମାତ୍ରାରେ ବ୍ୟସ୍ତ ହୋଇଉଠୁ, ଭିତରର ଉଦ୍ଦେଶ୍ୟ ହେଲା ଯେପରି ଅପରାଧରୁ ଆମେ ଊର୍ଦ୍ଧ୍ୱରେ ଅଛୁ ତାହାହିଁ ସାବ୍ୟସ୍ତ କରିବା। ଏହାର ବିପରୀତ ଦିଗଟା ମଧ୍ୟ ଅନେକଙ୍କ ମଧ୍ୟରେ ଦେଖାଯାଏ, ତାହା ମଧ୍ୟ ହୀନମନ୍ୟତାର କ୍ରିୟା। ମଣିଷ ନିଜେ ଯେଉଁପ୍ରକାର ଅପରାଧରେ ଅପରାଧୀ, ଅନ୍ୟଭିତରେ ସେଇପ୍ରକାର ଅପରାଧ ଦେଖିଲେ ତାକୁ ସମର୍ଥନ କରିବାକୁ ଉଗ୍ର ହୋଇଉଠେ। ଏହି ଦୁଇପ୍ରକାର ସ୍ୱଭାବ ମଧ୍ୟରେ କୌଣସିଟିରେ ବି ଆତ୍ମସତ୍ତା ବା ପରସତ୍ତା ପ୍ରତି ପ୍ରୀତି ନାହିଁ—ଅଛି ନିଜର ପ୍ରବୃତ୍ତି ପ୍ରତି ପ୍ରୀତି, ପ୍ରବୃତ୍ତିକୁ ସତ୍ତା ମନେକରି ତାକୁ ପୋଷଣ ଦେବାକୁ ଚାହେଁ ଯେ, ସେ ମସ୍ତବଡ଼ ଭକ୍ତ, ତା'ର ଭକ୍ତିର ତୁଳନା ନାହିଁ—ତାହା ଦେଖାଇବାକୁ ଯାଇ ସେ କାହାରି ସଙ୍ଗରେ ସହଜଭାବରେ ଚଳିପାରେ ନାହିଁ, ଛୋଟ ଛୋଟ କଥାରେ ଅନ୍ୟର ଦୋଷ ଦେଖାଇ ନିଜର ଶ୍ରେଷ୍ଠତ୍ୱ ପ୍ରମାଣ କରିବାକୁ ଚାହେଁ। ଏହିପରି କରିବା ଦ୍ୱାରା ଅଯଥା ଖିଟ ଖିଟ ଲାଗେ। ତା ବୋଲି ଏକଥା କେହି ମନେ କରିବ ନାହିଁ ଯେ, ଭକ୍ତି ମାର୍ଗରେ ଚଳିବାକୁ ହେଲେ ଅସତ୍ ବା ଅନ୍ୟାୟକୁ ସମର୍ଥନ କରିବାକୁ ହେବ, ତା କିନ୍ତୁ ନୁହେଁ, ଅସତ୍ ନିରୋଧ କରିବାକୁ ହିଁ ହେବ—କିନ୍ତୁ ତାହା ଶୁଭବୁଦ୍ଧି ପ୍ରଣୋଦିତ ହୋଇ—ଆତ୍ମପ୍ରତିଷ୍ଠା ପାଇଁ ନୁହେଁ, କାହାକୁ ହୀନ ପ୍ରତିପନ୍ନ କରିବା ବା ଜବତ କରିବା ପାଇଁ ନୁହଁ—ସମସ୍ତଙ୍କ ମଙ୍ଗଳ ପାଇଁ, ଇଷ୍ଟସ୍ୱାର୍ଥ-ପ୍ରତିଷ୍ଠା ପାଇଁ।

ଶରତ ଭାଇ—କୃତଘ୍ନତାକୁ ସବୁଠାରୁ ବଡ଼ ପାପ ବୋଲି କୁହାଯାଏ କାହିଁକି ?

ଶ୍ରୀଶ୍ରୀଠାକୁର—ତା ଛଡ଼ା ତ ଦୁନିଆରେ ପାପ ବୋଲି ପ୍ରକୃତରେ କିଛି ନାହିଁ। Sex complex (କାମ-ପ୍ରବୃତ୍ତି) ଯେପରି ଆଦି ରସ, କୃତଘ୍ନତା ସେହିପରି ନରକର ଆଦି ମାଲ, ସେଥିରୁହିଁ ସବୁ ପାପର ସୃଷ୍ଟି। ପାପ ମାନେ ତାହାହିଁ, ଯାହା ଆମର ସତ୍ତାକୁ, ପାଳନରୁ ପତିତ କରେ। ଏବଂ କୃତଘ୍ନତାରେ ପ୍ରଧାନ କୃତିତ୍ୱ ହେଲା, ନିଜର ସାମାନ୍ୟ ସ୍ୱାର୍ଥ ପାଇଁ



ଉପକାରୀର ଉପକାରକୁ ଲୋକ ସମକ୍ଷରେ ଅସ୍ୱୀକାର କରିବା, ପ୍ରୟୋଜନ ହେଲେ ପ୍ରତ୍ୟକ୍ଷ ଭାବରେ ତା'ର ଅପକାର କରିବା। ଉପକାରୀର ବିପଦ-ଆପଦରେ ତା ପାଖରେ ନ ଛିଡ଼ା ହୋଇ, ତାକୁ ଛାଡ଼ିଦେଇ, ହୁଏତ ତା'ର ବିରୋଧୀ ବା ଶତ୍ରୁ ଯିଏ ତା' ସହିତ ହାତ ମିଳାଇ ତା'ର (ଉପକାରୀର) ସର୍ବନାଶ କରିବା। ସତ୍ତାପାଳକ ଓ ସତ୍ତାପୋଷକ ଯିଏ ତାକୁ ଯଦି ଆମେ ଏହିପରି ଉପେକ୍ଷା କରୁ, ତେବେ ଆମ ସତ୍ତା ରକ୍ଷା ପାଇବ କିପରି ? ତେଣୁ ଏହାଠାରୁ ବଡ଼ ପାପ ଆଉ କ'ଣ ହୋଇ ପାରେ ? ତାପରେ ଆମର ସମସ୍ତ ପାପ ଓ ବିଭ୍ରାନ୍ତିକର ଆଚରଣ ମୂଳରେ ଅଛି ଉତ୍ସବିମୁଖତା। ଶ୍ରେୟ ବିଧାୟକ ପିତା-ମାତା, ଗୁରୁଜନ ଓ ଗୁରୁଙ୍କ ପ୍ରତି ଯେତେ ଆମେ ବିମୁଖ ହେଉ, ଆଚରଣ ଭିତର ଦେଇ ସେମାନଙ୍କୁ ଆମେ ସେତେ ଅସ୍ୱୀକାର କରିଥାଉ, ସେମାନଙ୍କର ନୀତି ଉପଦେଶ ଲଙ୍ଘନ କରିବାକୁ ସେତେବେଳେ ଆମ ବିବେକକୁ ବାଧେ ନାହିଁ। ଏହା ମଧ୍ୟ ଏକପ୍ରକାର ଅକୃତଜ୍ଞତା, ଏବଂ ଏଥିରୁ ବହୁପ୍ରକାର ଦୋଷ ଦୁର୍ବଳତା ଆମ ଚରିତ୍ରରେ ବସା ବାନ୍ଧିବାକୁ ସୁଯୋଗ ପାଏ, ସେତେବେଳେ ଆତ୍ମବିଶ୍ଳେଷଣ ଓ ଆତ୍ମସଂଶୋଧନ ମନୋଭାବ ନ ଥାଏ। କିନ୍ତୁ ଗୁରୁଜନ ବା ଗୁରୁଙ୍କ ପ୍ରତି ପ୍ରକୃତରେ କୃତଜ୍ଞତା-ବୋଧ ଯଦି ଥାଏ, ସେତେବେଳେ ଆମର ସବୁ କିଛି ଦେଇ ତାଙ୍କୁ ନନ୍ଦିତ କରିବାର ଆଗ୍ରହ ହିଁ ପ୍ରବଳ ହୋଇଉଠେ, ଫଳରେ ଭୁଲଭ୍ରାନ୍ତି ଆଗେ ଆଗେ ସୁଧୁରି ଯାଇ ଥାଏ। ତେବେ ଗୁରୁଜନ ବା ଉପକାରୀ ବ୍ୟକ୍ତି କେହି ଯଦି ଇଷ୍ଟପରିପନ୍ଥୀ ହୁଅନ୍ତି, ସେ କ୍ଷେତ୍ରରେ ତାଙ୍କର ବିରୋଧ କଲେ ଅନ୍ୟାୟ ହେବ ନାହିଁ। ବିଭୀଷଣ ଯେପରି ରାବଣକୁ ତ୍ୟାଗ କରିଥିଲା ରାମଚନ୍ଦ୍ରଙ୍କ ପାଇଁ। ତାହା ଯଦି ସେ ନ କରି ଥା'ନ୍ତା ତେବେ ଅନ୍ୟାୟ ହୋଇଥା'ନ୍ତା। କୃତଘ୍ନତା ବଡ଼ କଠିନ ରୋଗ। ଅନେକଙ୍କର heredity (ବଂଶଧାରା) ରୁ ଏହା ହୋଇଥାଏ, purposely (ଇଚ୍ଛାକରି) ଏହିପରି କରନ୍ତି—ନ କରି ଯେପରି ରହି ପାରନ୍ତି ନାହିଁ। ଅସଲ କଥା, ପ୍ରତିଲୋମ ସନ୍ତାନ ହେଲେହିଁ treacherous (କୃତଘ୍ନ) ନିଶ୍ଚୟ ହେବେ, ସେମାନେ କୌଣସି ପ୍ରକାରେ ତାହା ଛାଡ଼ିପାରିବେ ନାହିଁ। କାହାର କାହାର acquisition (ଆହରଣ) ହୋଇଥାଏ—environment (ପାରିପାର୍ଶ୍ୱିକ) ପ୍ରଭାବରେ ପଡ଼ି, ଇଚ୍ଛା କଲେ ସେମାନେ ତାହା ସୁଧାରି ପାରନ୍ତି ଅବଶ୍ୟ ଯଦି ଉପଯୁକ୍ତ ସଂସର୍ଗ ମିଳେ।

ଶରତ ଭାଇ—Heredity (ବଂଶଧାରା) ଓ environment (ପାରିପାର୍ଶ୍ୱିକ) ମଧ୍ୟରେ କେଉଁଟା prominent (ପ୍ରଧାନ) ?

ଶ୍ରୀଶ୍ରୀଠାକୁର—ମଣିଷ heredity (ବଂଶଧାରା) ରୁ ପାଏ instinct (ସହଜାତ ସଂସ୍କାର), environment (ପାରିପାର୍ଶ୍ୱିକ) ତା'ର nurture (ପୋଷଣ) କରେ। ପିଲା ଜନ୍ମ କରିବା ପାଇଁ ଯେପରି ବାପ-ମା ଦୁହେଁ ଦରକାର, ମଣିଷ ଜୀବନରେ ସେହିପରି heredity (ବଂଶଧାରା), environment (ପାରିପାର୍ଶ୍ୱିକ) ଦୁଇଟା factor (ଉପାଦାନ) ଦରକାର। ପରିବେଶ ମଧ୍ୟରେ ଅନେକ କିଛି ଥାଏ, କିନ୍ତୁ ମଣିଷ ସାଧାରଣତଃ

ତା'ର instinct (ସହଜାତ ସଂସ୍କାର) ଅନୁଯାୟୀ pick up (ଗ୍ରହଣ) କରେ। ପ୍ରତ୍ୟେକର specific instinct (ବିଶିଷ୍ଟ ସଂସ୍କାର) ଉପଯୁକ୍ତ ପୁଷ୍ଟି ପାଇଲା ଭଳି ଆବଶ୍ୟକ ପାରିବେଶିକ ବିନ୍ୟାସ ହେବା ଉଚିତ।

ବୃତ୍ତିର ଗୋଲକଧନ୍ଦାରେ ପଡ଼ି ମଣିଷ ଯେ କିପରି ଅସହାୟ ହୋଇପଡ଼େ, ସେ ସମ୍ବନ୍ଧରେ ଶ୍ରୀଶ୍ରୀଠାକୁର କହିଲେ—ମୋର ମନେହୁଏ, ମଣିଷ ଗୋଟାଏ ଗୋଟାଏ complex (ପ୍ରବୃତ୍ତି) ର ଦଶାରେ ପଡ଼ି obsessed (ଅଭିଭୂତ) ହୋଇଯାଏ। ସେଇ complex (ପ୍ରବୃତ୍ତି) ଗୋଟାକ ପରେ ଗୋଟାଏ ଅବସ୍ଥା ସୃଷ୍ଟି କରିଚାଲେ, ଗୋଟାଏ complex (ପ୍ରବୃତ୍ତି) ଆଉ ଗୋଟାଏ complex (ପ୍ରବୃତ୍ତି) କୁ ଡାକି ଆଣେ। Complex (ପ୍ରବୃତ୍ତି) ଗୁଡ଼ିକ being (ସତ୍ତା) କୁ absorb (ଶୋଷଣ) କରି ଯେପରି ego (ଅହଂ) ହୋଇ ଛିଡ଼ା ହୁଏ, individuality (ବ୍ୟକ୍ତିତ୍ୱ) ବୋଲି କିଛି ନ ଥାଏ, being (ସତ୍ତା) ଟାହିଁ complex (ପ୍ରବୃତ୍ତି) ର control (ଅଧୀନ) କୁ ଚାଲିଯାଏ। ମଣିଷ ସେତେବେଳେ ସ୍ରୋତ ଭିତରେ ନିଜକୁ ଭସାଇ ଦିଏ, ସେଇ ଦଶାର ଭୋଗ ଶେଷ ହେବା ଆଗରୁ ହଜାର କହିଲେ ତା ମୁଣ୍ଡରେ ପଶେ ନାହିଁ, କାରଣ ଏହି ଅଭିଭୂତିକୁ ଜାବୁଡ଼ି ଧରି ସେଥିରେ ଆବିଷ୍ଟ ହୋଇ ରହିବାକୁ ଭଲଲାଗେ ତାକୁ, ପରେ ପୁଣି ସାମାନ୍ୟ କଥାରେ ତା'ର ମୋହ ଭାଙ୍ଗିଯାଏ, ଚୈତନ୍ୟ ଉଦୟ ହୁଏ। ତେବେ ଆଶ୍ୱାସନାର ବିଷୟ ଏହି ଯେ, will to live is constant (ବଞ୍ଚିବାର ଇଚ୍ଛା ମଣିଷର ଚିରନ୍ତନ) ତାର being (ସତ୍ତା) କୁ touch (ସ୍ପର୍ଶ) କରିଦେଇ ପାରିଲେ, will to live (ବଞ୍ଚିବାର ଇଚ୍ଛାକୁ) excite (ଉତ୍ସାଇ) କରିଦେଇ ପାରିଲେ, ସେ ଗ୍ରହଣ କରେ। ଏହାରି ଭିତରେ ଅଛି ଧର୍ମଦାନର ଅସଲ ନିର୍ଯ୍ୟାସ। ବଞ୍ଚିବାର ଓ ଜୀବନକୁ ପ୍ରକୃତ ଉପଭୋଗ କରିବାର କୌଶଳ ଦେଖାଇ ଦେବାହିଁ ପ୍ରକୃତରେ ଧର୍ମଦାନ। ବିବର୍ତ୍ତନ ପ୍ରତି ଗୋଟାଏ ଉଗ୍ର ଆଗ୍ରହ ଜନ୍ମାଇ ଦେବାକୁ ହେବ, ତତ୍ ସଙ୍ଗେ ସଙ୍ଗେ ସର୍ବମଙ୍ଗଳମୟ ମୂର୍ତ୍ତି ଇଷ୍ଟଙ୍କର ଚିତ୍ର ତା ସାମନାରେ ଏପରି ମନୋମୋହନ ଭାବରେ ଆଙ୍କିଦେବାକୁ ହେବ ଯେ,—ଯେପରି ସମଗ୍ର ସତ୍ତାର ସମ୍ବେଗ ସହ ସେ ତାଙ୍କଠାରେ ଆନତ ହେବା ପାଇଁ ଉଦ୍ଦାମ ହୋଇଉଠେ। ଏଇ ଟିକକ ତ ଯାଜନର ନିର୍ଯ୍ୟାସ। କିନ୍ତୁ ଆମ ଜୀବନରେ ଇଷ୍ଟପାଇଁ ଯଦି ଇଷ୍ଟ ନ ହୁଅନ୍ତି, ଅନ୍ୟକିଛି ଉଦ୍ଦେଶ୍ୟ ସାଧନ ପାଇଁ ଯଦି ଇଷ୍ଟକୁ ଅନୁସରଣ କରୁ, ତେବେ ଏହି ନିର୍ମଳ, ବିଶୁଦ୍ଧ ଅମୃତ ଆବେଗ ଟିକକ ମଣିଷ ଭିତରେ ସଞ୍ଚାରିତ କରିଦେଇ ପାରିବା ନାହିଁ। ''ସ୍ୱଳ୍ପମପ୍ୟସ୍ୟ ଧର୍ମସ୍ୟ ତ୍ରାୟତେ ମହତୋ ଭୟାତ୍।'' ଏହାହିଁ ଅନୁରାଗର ଧର୍ମ। ଅକୃତ୍ରିମ ଅନୁରାଗର କାଣିଚାଏ ମଧ୍ୟ ଯାହା ଜୀବନରେ ଜାଗିଛି, ତା'ର ଆଉ ଭୟଭାବନାର କିଛି ନାହିଁ। 'ଅନୁରାଗର ବତି ଯା'ର ନୟନ କୋଣେ ଜଳିଛି, ସର୍ବସ୍ୱ ତ୍ୟାଗ କରି ସେ ଗୁରୁକୁ ସାର କରିଛି'।

ଶ୍ରୀଶ୍ରୀଠାକୁର କଥାଗୁଡ଼ିକ କହୁଛନ୍ତି ଭାବରେ ତନ୍ମୟ ହୋଇ—ଲଳିତ ମଧୁର



ଭଙ୍ଗୀରେ। ତାଙ୍କର ମୁଖମଣ୍ଡଳ ଓ ସମସ୍ତ ଅଙ୍ଗରୁ ଶ୍ରଦ୍ଧା-ଭକ୍ତିର ଦିବ୍ୟପ୍ରବାହ ତରଙ୍ଗାୟିତ ହୋଇଉଠିଛି। ଉପସ୍ଥିତ ସମସ୍ତଙ୍କ ଅନ୍ତର ସେତେବେଳେ ବିଗଳିତ, ଦ୍ରବୀଭୂତ ଓ ନିର୍ମଳ ଭାବଭୂମିରେ ଆରୂଢ଼।

ଶରତ ଭାଇ—ଅନ୍ୟର ଜୀବନ ଓ ବୃଦ୍ଧିକୁ ଅକ୍ଷୁଣ୍ଣ ରଖି ବଞ୍ଚିବାର ପଥରେ ଅଗ୍ରସର ହେବାହିଁ ତ ଧର୍ମ, କିନ୍ତୁ ସବୁବେଳେ କ'ଣ ତାହା ସମ୍ଭବ? ଶ୍ରୀକୃଷ୍ଣଙ୍କୁ ତ କେତେ ଲୋକଙ୍କୁ ହତ୍ୟା କରିବାକୁ ହୋଇଛି।

ଶ୍ରୀଶ୍ରୀଠାକୁର—ଏତେ ଧସ୍ତାଧସ୍ତି, ଲୋକସଂଗ୍ରହ, ଆନ୍ଦୋଳନ କ'ଣ ପାଇଁ? ବଞ୍ଚାଇ ବଞ୍ଚିବା ତ ଆମର ଉଦ୍ଦେଶ୍ୟ। ଶ୍ରୀକୃଷ୍ଣ ସର୍ବଦା ଚେଷ୍ଟା କରିଛନ୍ତି ଯୁଦ୍ଧ ବିଗ୍ରହ avoid (ପରିହାର) କରିବାକୁ, କିନ୍ତୁ ତାଙ୍କର environment (ପରିବେଶ) ତାଙ୍କୁ ସେ scope (ସୁଯୋଗ) ଦେଲା ନାହିଁ। ଏବଂ ଶ୍ରୀକୃଷ୍ଣଙ୍କର ଯୁଦ୍ଧ—ମୃତ୍ୟୁକୁ ମାରିବା ପାଇଁ। Gangrene-affected part of the body (ଶରୀର ଦୁଷ୍ଟ କ୍ଷତ ଯୁକ୍ତ ଅଂଶ) କୁ ଆମେ ଯେପରି କାଟିପକାଉ ଜୀବନ ବଞ୍ଚାଇବା ପାଇଁ, ସେ ମଧ୍ୟ ସେହିପରି ମୃତ୍ୟୁ ଓ ମାରଣର ମୂର୍ତ୍ତ ପ୍ରତୀକସ୍ୱରୂପ ଯେଉଁମାନେ ଥିଲେ ସେମାନଙ୍କୁ ମାରିଥିଲେ ସମଗ୍ର ସମାଜକୁ ବଞ୍ଚାଇବା ପାଇଁ।

ପ୍ରଫୁଲ୍ଲ—ଶ୍ରୀକୃଷ୍ଣ ପରମପୁରୁଷ ହୋଇ ମଧ୍ୟ ସମଗ୍ର ପରିବେଶକୁ ଆୟତ୍ତକୁ ଆଣିପାରିଲେ ନାହିଁ, ସେ ପୁଣି ଏତେ ଲୋକଙ୍କୁ ମାରିବାକୁ ବାଧ୍ୟ ହୋଇଥିଲେ—ଏହା କିପରି କଥା?

ଶ୍ରୀଶ୍ରୀଠାକୁର—ତାଙ୍କୁ ଏଇ plane (ସ୍ତର) ରେ କାମ କରିବାକୁ ହେଲେ, ମଣିଷ ଶରୀର ନେଇ ଆସି ଯେପରି ଯେପରି କରିବାକୁ ହୁଏ, ସମୟ ଓ ସୀମା ମଧ୍ୟରେ ଆସିଲେ ତଦନୁଯାୟୀ ଚଳିବାକୁ ହେବ। ତାଙ୍କର ଇଚ୍ଛା ଆମୋଘ, ତାଙ୍କର ପ୍ରୟୋଜନ ସେ ସିଦ୍ଧ କରିବେହିଁ କରିବେ, କୌଣସି କାମରେ ସେ ଅକୃତକାର୍ଯ୍ୟ ହୁଅନ୍ତି ନାହିଁ। ବାହାରୁ ଦେଖି ଯାହା ଅକୃତକାର୍ଯ୍ୟ ବୋଲି ମନେହୁଏ, ତାକୁ ମଧ୍ୟ ସେ ଏପରିଭାବରେ କାମରେ ଲଗାଇ ଦିଅନ୍ତି ଯେ, ତାହା ତାଙ୍କର ମୂଳ ଜୀବନୋଦ୍ଦେଶ୍ୟକୁ ଆଉରି ଅଗ୍ରଗତି ପଥରେ ଚାଳିତ କରିନିଏ, ସେ ଆଫଳୋଦୟକର୍ମୀ, ଉଦ୍ଦେଶ୍ୟ ସିଦ୍ଧ ନହେବା ପର୍ଯ୍ୟନ୍ତ ତାଙ୍କର ବିରତି ନାହିଁ। କିନ୍ତୁ ତାଙ୍କର ଇଚ୍ଛା ଓ ପ୍ରୟୋଜନ ଏବଂ ବିଧି—ଏହା ମଧ୍ୟରେ ରହିଛି ଗଭୀର ଏକତାନତା।

ତାଙ୍କର ପରମ ମଧୁର ଅମୃତ ବଚନ ଶୁଣି କାହାର ଯେପରି ତୃପ୍ତି ମେଣ୍ଟେ ନାହିଁ, ଯେତେ ଶୁଣିଲେ ଆଉରି ଶୁଣିବାକୁ ଇଚ୍ଛାହୁଏ। ତେଣୁ, ଯେଉଁମାନେ ଥିଲେ ସେମାନେ ତ କେହି ଉଠୁନାହାଁନ୍ତି, ବରଂ ସୂର୍ଯ୍ୟୋଦୟ ପୂର୍ବରୁ ଓ ପରେ ଅନେକେ ଆଉରି ତାସୁ ଭିତରେ ଓ ବାହାରେ ତାଙ୍କୁ ଘେରି ବସିଲେ। ପୂର୍ବପରି ପ୍ରଶ୍ନୋତ୍ତର ଚାଲିଲା।

ଶରତ ଭାଇ—କ୍ଷର, ଅକ୍ଷର ଦୁଇଭାବକୁ transcend (ଅତିକ୍ରମ) କରି ପୁରୁଷୋତ୍ତମ ଥା'ନ୍ତି ଏହାର ତାତ୍ପର୍ଯ୍ୟ କ'ଣ?

ଶ୍ରୀଶ୍ରୀଠାକୁର—ସେଇ ଆଦିକାରଣ ସ୍ୱ ଅର୍ଥାତ୍ ନିଜ ଭିତରେ ଅନୁସ୍ୟୂତ ବୃତ୍ତିର ଅଭିଧ୍ୟାନ ଓ ତପସ୍ୟା ଦ୍ୱାରାହିଁ ଯାହାକିଛି ହୋଇଛନ୍ତି, ଏପରି ହେବା ପଛରେ ମଧ୍ୟ ଅଛି ତାଙ୍କର ଇଚ୍ଛା। ତାଙ୍କରି ଇଚ୍ଛାହିଁ ବିହିତ କର୍ମ ପଥରେ ପ୍ରବାହିତ ହୋଇ ସୃଷ୍ଟିରେ ଉଦ୍ଭିନ୍ନ ହୋଇଉଠିଛି। ତେଣୁ ଦୁନିଆରେ ଯାହାକିଛି ହୁଏ, ଇଚ୍ଛା ଓ ବୈଧୀ-କରଣର ମାର୍ଗରେହିଁ ହୁଏ। ପୁରୁଷୋତ୍ତମ ମଧ୍ୟ ଏହି ନିୟମର ବହିର୍ଭୂତ ନୁହନ୍ତି, ସେ ଦୃଷ୍ଟିରୁ ସାଧାରଣ ମଣିଷଙ୍କଠାରୁ ତାଙ୍କର କୌଣସି ପାର୍ଥକ୍ୟ ନାହିଁ। ପୁଣି ପ୍ରକୃତପକ୍ଷେ ପ୍ରତ୍ୟେକେହିଁ ସଚ୍ଚିଦାନନ୍ଦଘନବିଗ୍ରହ, "God made man after His own image." କୃଷ୍ଣଠାକୁର ଗୀତାରେ କହିଛନ୍ତି, "ବହୂନିମେ ବ୍ୟତୀତାନି ଜନ୍ମାନି ତବଚାର୍ଜୁନ, ତାନ୍ୟହଂ ବେଦ ସର୍ବାଣି ନ ତ୍ୱଂ ବେତ୍ଥ ପରନ୍ତପ।" ଏହାହିଁ ତଫାତ୍, ସେ ସବୁ ଜାଣନ୍ତି, Universal I (ବିଶ୍ୱାତ୍ମା)ର full consciousness (ପୂର୍ଣ୍ଣଚେତନା) ତାଙ୍କ ମଧ୍ୟରେ ଅଛି, ସେଇ light (ଆଲୋକ) ରେ ସେ ଚଳନ୍ତି, ଜଗ ସହିତ ସକ୍ରିୟଭାବରେ ଚିର ଯୋଗଯୁକ୍ତ ସେ, ତାଙ୍କ ପାଖରେ ସବୁ ଜିନିଷର meaning (ଅର୍ଥ) ଅଛି, ଆମର ତା ନାହିଁ। ନଚେତ୍ human barrier (ମାନବୀୟ ପରିମିତ) ସବୁଟା ତାଙ୍କର ଅଛି। ସେ ଯେ ହଗିବେ ନାହିଁ, ମୁତିବେ ନାହିଁ ଖାଇବେ ନାହିଁ, ମା-ବାପା, ସ୍ତ୍ରୀ-ପୁତ୍ରଙ୍କୁ ଭଲପାଇବେ ନାହିଁ, ସଂସାର ଯାତ୍ରା ନିର୍ବାହ କରିବେ ନାହିଁ, ସୁଖ-ଦୁଃଖ ବୋଧ କରିବେ ନାହିଁ ଏପରି କିଛି ନୁହଁ। ସେ ସହଜ ମଣିଷ, ଏବଂ ପୁରାପୁରି ମଣିଷ ନ ହୋଇଥିଲେ ମଣିଷ ତାଙ୍କୁ ଅନୁସରଣ କରିପାରନ୍ତା ନାହିଁ, କଲେ ମଧ୍ୟ ଲାଭବାନ ହୁଅନ୍ତା ନାହିଁ। ସୃଷ୍ଟି-ସମ୍ଭୂତ ଜୀବର କ୍ଷରତ୍ୱ ତାଙ୍କ ମଧ୍ୟରେ ପୂର୍ଣ୍ଣମାତ୍ରାରେ ବିଦ୍ୟମାନ, କୌଣସି ଅଲୌକିକତ୍ୱର ଧାର ଧାରନ୍ତି ନାହିଁ ସେ, ସାଧାରଣ ମଣିଷଙ୍କ ପରି ରୋଗ, ଶୋକ, ଆଧି, ବ୍ୟାଧି, ମୃତ୍ୟୁ, ସବୁ ତାଙ୍କର ଅଛି, ଏହା ଯେପରି ସତ୍ୟ, ତାଙ୍କର ଭୂତମହେଶ୍ୱରତ୍ୱ ଓ ଅକ୍ଷରତ୍ୱ ମଧ୍ୟ ସେହିପରି ସତ୍ୟ। ସେଇ ପରମଚେତନା ସହଜଭାବରେ ବିଦ୍ୟମାନ ତାଙ୍କ ଚରିତ୍ରରେ, ତାହାହିଁ ତାଙ୍କୁ ପ୍ରତି ମୁହୂର୍ତ୍ତରେ ପରିଚାଳିତ କରେ। ଏହା ତାଙ୍କ ମଧ୍ୟରେ ନିଃଶ୍ୱାସ-ପ୍ରଶ୍ୱାସ ପରି ସ୍ୱାଭାବିକ ଓ ଅଚେତନ, ତେଣୁ ସବୁକିଛି ଭିତରେ ଥାଇ ମଧ୍ୟ ସେ ସହଜ, ସ୍ୱଭାବ-ସୁନ୍ଦର, ଚିର ଆତ୍ମଭୋଳା, ସର୍ବାକର୍ଷକ, ଭଲପାଇବାର କାଙ୍ଗାଳ। ସେ-ହିଁ ମଣିଷର ମୁକ୍ତିର ରାଜପଥ, ତାଙ୍କୁ ବାଦ୍‌ଦେଇ ଏହି ନରଲୋକରେ ଈଶ୍ୱର ଲାଭପାଇଁ କୌଣସିପନ୍ଥା ନାହିଁ ମଣିଷର। ତେଣୁ ଅଧୁନାତମ ଯୁଗ ପୁରୁଷୋତ୍ତମହିଁ ମଣିଷର ଉପାସନାର ବେଦୀ, ତାଙ୍କୁ ଉପାସନା କଲେ ପୂର୍ବତନ ସମସ୍ତଙ୍କୁ ଉପାସନା କରାହୁଏ, ଏବଂ ସେ ଯଦି ବର୍ତ୍ତମାନ ନଥା'ନ୍ତି ତେବେ ତଦନୁବର୍ତ୍ତନଶୀଳ ଉପଯୁକ୍ତ ଆଚାର୍ଯ୍ୟଙ୍କ ପାଖରେ ଦୀକ୍ଷିତ ହୋଇ, ତତ୍ ନିର୍ଦ୍ଦେଶିତ ନିୟମରେ ଏହି ପୁରୁଷୋତ୍ତମଙ୍କର ପୂଜାରୀ ହୋଇ ଚଳିବାହିଁ ମଣିଷର କଲ୍ୟାଣର ପଥ।

ସତୀଶ ଭାଇ—ସବୁ ଯଦି ତାଙ୍କର ସୃଷ୍ଟି ତେବେ ପାପ ଆସିଲା କେଉଁଠାରୁ ?



ଶ୍ରୀଶ୍ରୀଠାକୁର—ମଣିଷ ଇଷ୍ଟବିମୁଖ ହୋଇଉଠିଲେ ବୃତ୍ତି ତାଙ୍କୁ ଗ୍ରାସ କରେ। ମଣିଷ ବୃତ୍ତି-ଅଭିଭୂତ ହେଲେ ସତ୍ତାପୋଷକ ଆଚରଣରୁ ବିଚ୍ୟୁତ ହୋଇପଡ଼େ, ଏହି ବୃତ୍ତି ସତ୍ତାର ରସକୁ ନିଗାଡ଼ି ଆତ୍ମପୁଷ୍ଟି କରିବାକୁ ଚାହେଁ। ଆମେ ମଧ୍ୟ ବୃତ୍ତି-ସ୍ୱାରୂପ୍ୟ ଲାଭ କରି ବୃତ୍ତିକୁ ସତ୍ତା ମନେକରି ତା'ରି ପୁଷ୍ଟି ସାଧନରେ ତତ୍ପର ହୋଇଚାଲୁ। ଫଳରେ ଯାହା ହେବାର କଥା ତାହା ହୁଏ। ଏହିପରି ଆଚରଣହିଁ ପାପ। ମୋଟକଥା ଈଶ୍ୱର ସୃଷ୍ଟି କଲେ ମଧ୍ୟ ମଣିଷର ଇଚ୍ଛା ଉପରେ ତାଙ୍କର କୌଣସି ହାତ ନାହିଁ। ସେ ନିଜେ ଯେପରି ସ୍ୱରାଟ, ସ୍ୱାଧୀନ, ପ୍ରତ୍ୟେକଙ୍କୁ ସେହିପରି ସ୍ୱରାଟ, ସ୍ୱାଧୀନ କରି ଗଢ଼ିଛନ୍ତି, କାହାକୁ କମ୍ କରିଦେଇ ନାହାଁନ୍ତି। ପ୍ରତ୍ୟେକଙ୍କୁ ତାପରି ଭରପୁର କରି ଉଜାଡ଼ କରି ଦେଇଛନ୍ତି। ଏବେ ସେ ସ୍ୱେଚ୍ଛାରେ ତଂପ୍ରଦତ୍ତ ସଂପଦ ଯେକୌଣସି ଦିଗରେ ନିୟୋଜିତ କରିପାରେ। ଏହାକୁ ବ୍ୟବହାର କରି ସେ ତନ୍ମୁଖୀ ଚଳନରେ ଚଳିପାରେ, ପୁଣି ତାଙ୍କୁ ଅସ୍ୱୀକାର କରି, ତାଙ୍କ ଆଡ଼କୁ ପଛକରି ଖିଆଲ ଓ ଭୋଗୋନ୍ମତ୍ତତା ପଛରେ ଛୁଟି ଯାଇପାରେ। ଦୁନିଆ ଆଡ଼େ ଚାହିଁଲେ ଏହା ଆମେ ସ୍ପଷ୍ଟ ବୋଧ କରିପାରୁ। ବାପଠାରୁ ଜନ୍ମ ହେ଼ଇ ବାପର ଅବାଧ୍ୟ ହେବାର ସ୍ୱାଧୀନତା ପିଲାର ଅଛି, ଏହି ସ୍ୱାଧୀନତା ଥିଲେ ମଧ୍ୟ ଏହାର ସୁଯୋଗ ଗ୍ରହଣ କରି, ସେ ପିତାକୁ ମାନିଚଲେ—ସତ୍‌ଉଦ୍ଦୀପନା ସହ ସେ ହିଁ ଉନ୍ନତି ଲାଭକରେ। ମାନବଜାତିର ଉନ୍ନତି ବା ଶାନ୍ତି କ୍ଷେତ୍ରରେ ମଧ୍ୟ ଏହା ପ୍ରଯୁଜ୍ୟ—ଯେତେ ସେମାନେ ଇଷ୍ଟମୁଖୀ ହେବେ ସେତେ ସେମାନେ କଲ୍ୟାଣର ଅଧିକାରୀ ହେବେ। ଅନେକେ କହନ୍ତି, ବିଶ୍ୱର ପରିପନ୍ଥୀ ଚଳନରେ ଚଳିବାର ସ୍ୱାଧୀନତା ଈଶ୍ୱର ମଣିଷକୁ ଦେଲେ କାହିଁକି ? ତା'ରି ପାଇଁତ ଯେତେ ସବୁ ଦୁଃଖ କଷ୍ଟ। କିନ୍ତୁ ଏକଥାର ଉତ୍ତର ହେଲା ଜୋର ଜବରଦସ୍ତି କରି ପ୍ରୀତି ହୁଏ ନାହିଁ, ମଣିଷର ଅନିୟନ୍ତ୍ରିତ ପ୍ରବୃତ୍ତି ପଥରେ ଚଳିବାର ସମ୍ଭାବନା ଥାଇ ମଧ୍ୟ ସେ ଯେତେବେଳେ ତାକୁ ଉପେକ୍ଷା କରି ସ୍ୱେଚ୍ଛାରେ ଇଷ୍ଟମୁଖୀ ହୋଇଚାଲେ, ଈଶ୍ୱରମୁଖୀ ହୋଇଚାଲେ—ଅନୁରାଗ ନିବଦ୍ଧ ହୋଇ, ବୃତ୍ତି-ପ୍ରବୃତ୍ତିକୁ ସୁନିୟନ୍ତ୍ରଣ କରି ସେତେବେଳେ ସେ ଅନୁରାଗ ଉଭୟ ପାଖରେ ଉପଭୋଗ୍ୟ ହୋଇଉଠେ, ଲୀଳାରସର ଆସ୍ୱାଦନ ସମ୍ଭବ ହୁଏ ଏଇପରି କ୍ଷେତ୍ରରେ। ନଚେତ୍, ଯନ୍ତ୍ରଚାଳିତବତ୍ ଗତ୍ୟନ୍ତର ବିହୀନ ହୋଇ ବୋଧହୀନ ଆବର୍ତ୍ତନରେ ମଣିଷକୁ ଯଦି ତଥାକଥିତ ସୁ-ପଥରେ ଚଳିବାକୁ ହୁଅନ୍ତା, ତାହା ଭଲ ହୁଅନ୍ତା ନାହିଁ। କାରଣ, କେନ୍ଦ୍ରମୁଖୀ ଅନୁରାଗ ବଳରେ, ଭଲମନ୍ଦର ଦ୍ୱନ୍ଦ୍ୱ ସଂଘାତ ମଧ୍ୟରେ ଆତ୍ମନିୟନ୍ତ୍ରଣ ଭିତର ଦେଇ ମଣିଷର ବୋଧର ଯେଉଁ ବିକାଶ ହୁଏ, ବିନ୍ୟାସ-କ୍ଷମତା ଯେପରି ବଢ଼ିଯାଏ, ତାହା ବଢ଼ି ପାରନ୍ତା ନାହିଁ। ମଣିଷର ବିବର୍ତ୍ତନ ମଧ୍ୟ ହୁଅନ୍ତା ନାହିଁ। ଉପଭୋଗ ନଥାନ୍ତା। ତାଛଡ଼ା, ଏପରି ହେଲେ ଚାରିତ୍ରିକ ଦୃଢ଼ତା, ଇଚ୍ଛାଶକ୍ତି ଓ ବ୍ୟକ୍ତିତ୍ୱର ଅଭ୍ୟୁତ୍ଥାନ ମଧ୍ୟ ସମ୍ଭବ ହୁଅନ୍ତା ନାହିଁ।

ଭବାନୀ ଭାଇ (ସାହା) ଗୋଟାଏ ଟେଲିଗ୍ରାମ ନେଇ ଆସିଲେ—ଜଣେ ଅସୁସ୍ଥ ବ୍ୟକ୍ତି ଶ୍ରୀଶ୍ରୀଠାକୁରଙ୍କ ଆଶୀର୍ବାଦ ପ୍ରାର୍ଥନା କରି ଟେଲିଗ୍ରାମ କରିଛନ୍ତି। ଶ୍ରୀଶ୍ରୀଠାକୁର

କହିଲେ—ସଙ୍ଗେ ସଙ୍ଗେ ଜବାବ ଦେଇଦିଅ। କି ପ୍ରକାର ଅସୁସ୍ଥ ବିସ୍ତାରିତ ଭାବରେ ଜଣାଇବାକୁ କୁହ।

ପ୍ରଫୁଲ୍ଲ—ଭଗବାନ ତ ପ୍ରଥମେ ଏକା ଥିଲେ, ସୃଷ୍ଟି କଲେ କିପରି ?

ଶ୍ରୀଶ୍ରୀଠାକୁର—ତାଙ୍କ ଭିତରେ ବୃତ୍ତି ଥିଲା। ସେ ଏବଂ ତାଙ୍କର ବୃତ୍ତି ଯେପରି positive ଓ negative (ଧନମେରୁ ଓ ଋଣମେରୁ)—ପୁରୁଷ ଓ ନାରୀ। ଏଇ ଦୁହିଁଙ୍କର ଆକର୍ଷଣ ବିକର୍ଷଣ ଓ ଆବେଗଦୀପ୍ତ ସହଯୋଗ ଓ ସମ୍ମେଳନ ଭିତର ଦେଇ ସୃଷ୍ଟି ଗୁଣିତ ହୋଇ ଚାଲିଲା ତାଙ୍କ ବକ୍ଷରେ। ଆକର୍ଷଣ୍, ବିକର୍ଷଣ ଦୁହେଁ ଅଛନ୍ତି ବୋଲି ହିଁ positive ଓ negative (ଧନମେରୁ ଓ ଋଣମେରୁ) ଉଭୟ ରହି ଯାଉଛନ୍ତି, ଗୋଟିଏ ଆଉ ଗୋଟିଏକୁ ଆକୃଷ୍ଟ କଲେ ମଧ୍ୟ ତା'ର ସତ୍ତା ଓ ସ୍ୱାତନ୍ତ୍ର୍ୟକୁ ବିଲୁପ୍ତ କରିଦେଇ ପାରି ନାହିଁ। ତେଣୁ ସୃଷ୍ଟିର ସମ୍ଭାବ୍ୟତା ଚିରସ୍ରୋତା ହୋଇ ବହି ଚାଲିଛି। Positive (ଧନମେରୁ) ଯେଉଁଠି ଯେପରିଭାବେ ବିଦ୍ୟମାନ ତା'ର counter part (ବିପରୀତ ଅଂଶ) ରୂପେ ରହିଯାଇଛି ତଦନୁପାତିକ negative (ଋଣମେରୁ)। ଏହି ଦୁହିଁଙ୍କର କ୍ରିୟା-ପ୍ରତିକ୍ରିୟାଭିତର ଦେଇ ସୂକ୍ଷ୍ମ ସୃଷ୍ଟି ଲୀଳାୟିତ ହୋଇଉଠେ। ଆମ ଶାସ୍ତ୍ରରେ ମଧ୍ୟ ସେଇଥିପାଇଁ ମନୋବୃତ୍ତ୍ୟନୁସାରିଣୀ ସ୍ତ୍ରୀର କଥା କୁହାଯାଇଛି, ସ୍ତ୍ରୀ ଯେପରି ସ୍ୱାମୀର ବୃତ୍ତି ଅର୍ଥାତ୍ ଏଇ ପୁରୁଷର ପ୍ରକୃତଅଂଶ ଏବଂ ସ୍ୱାମୀ ଯେପରି ସ୍ତ୍ରୀର ସ୍ୱ ଅର୍ଥାତ୍ ଅସ୍ତିତ୍ୱ। ଏହିପରି ସାତ୍ତ୍ୱିକ ମିଳନଯେଉଁଠାରେ, ସେଠାରେ ଉଦ୍‌ବର୍ଦ୍ଧନ ଓ ସୁପ୍ରଜନନ ଉଭୟ ସାର୍ଥକ ହୋଇଉଠେ।

## ମାର୍ଗଶିର ୧୯, ଗୁରୁବାର, ୧୩୪୮ (ଇଂ ୪/୧୨/୪୧)

ଆଜି ମଧ୍ୟ ଭୋରରୁ ଶ୍ରୀଶ୍ରୀଠାକୁରଙ୍କ ସମୀପରେ ବନ୍ଧ ପାଖରେ ତାମ୍ବୁରେ ବୈଠକ ବସିଛି। ଶରତ ଭାଇ (ହାଲଦାର), ହରିପଦ ଭାଇ (ସାହା), ପ୍ୟାରୀ ଭାଇ (ନନ୍ଦୀ), ବୀରେନ ଭାଇ (ଭଟ୍ଟାଚାର୍ଯ୍ୟ), ଇନ୍ଦୁ ଭାଇ (ବସୁ), ବିମଳ ଭାଇ (ମୁଖାର୍ଜୀ), ଋଷଦା ଭାଇ (ବିଶ୍ୱାସ), ଶୈଳେନ ଭାଇ (ଭଟ୍ଟାଚାର୍ଯ୍ୟ), ଧୂର୍ଜ୍ଜଟି ଭାଇ (ନିୟୋଗୀ), କାଳିଦାସୀମା, ମାନଦାମା, ସରୋଜିନୀମା, କାଳୀଷଷ୍ଠିମା ପ୍ରଭୃତି ଅନେକ ଭାଇ ଓ ମା ଉପସ୍ଥିତ ଅଛନ୍ତି।

ସର୍ବଜ୍ଞତ୍ୱବୀଜ ସମ୍ବନ୍ଧରେ କଥା ଉଠିଲା।

ଶ୍ରୀଶ୍ରୀଠାକୁର—ସର୍ବଜ୍ଞତ୍ୱ ବୀଜାକାରେ ଥାଏ, affair (ସମସ୍ୟା) ମଧ୍ୟରେ ପଡ଼ିଲେ ତାହା ଫୁଟି ବାହାରେ। ସୃଷ୍ଟି ଯାହାଠାରୁ ଉଦ୍ଭିନ୍ନ, ତା'ର ନିର୍ଯ୍ୟାସ ଯାହାର ଅଧିଗତ ହୋଇଥାଏ ସୁକେନ୍ଦ୍ରିକ ତପଶ୍ଚର୍ଯ୍ୟାର ଭିତର ଦେଇ,—ତା'ର କିଛି ଅଜଣା ରହେ ନାହିଁ। ସେ ସାମାନ୍ୟ ଅଭିନିବେଶ ସହକାରେ ଯାହାକିଛି ଅନୁଧାବନ କରେ, ତାହାର ମୂଳତତ୍ତ୍ୱ ଉଦ୍‌ଘାଟନ କରିପାରେ। ଏହା କାହାରି ଏକଚାଟିଆ ଅଧିକାର ନୁହେଁ, ପ୍ରତ୍ୟେକର ଏହା ହୋଇପାରେ ତା'ର ବୈଶିଷ୍ଟ୍ୟ ଅନୁଯାୟୀ। ତୁମେ ସବୁ ଉଲଗ୍ନ କରି ନାମ-ଫାମ କର ନାହିଁ। ଅନୁରାଗମୁଖର ହୋଇ ନାମଧ୍ୟାନ ଖୁବ୍ ସ୍ଫୁର୍ତ୍ତିର ସହ ଚଲାଅ, ପ୍ରତିଟି କାମରେ ମଧ୍ୟ ସେହିପରି ଇଷ୍ଟସନ୍ଧିତ୍ସୁ ଆଗ୍ରହୀ ହୋଇଚଳ, ନିଜର ଜୀବନକୁ ଇଷ୍ଟ-ସର୍ବସ୍ୱ କରିପକାଅ, ଦେଖିବ ତୁମ ମଧ୍ୟରେ କେତେ ଜିନିଷ ଜାଗି ଉଠିବ। ଅବଶ୍ୟ, କୌଣସି ଜିନିଷ ପାଇଁ ଲୋଭ ରଖନାହିଁ, କାରଣ ଏଇ ଲୋଭ ପର୍ଦ୍ଦା ପକାଇଦେବ, ଆଗେଇବାକୁ ଦେବ ନାହିଁ। ମୋଟକଥା, ଯାହା ଭିତରେ ସର୍ବଜ୍ଞତ୍ୱବୀଜ ପ୍ରକଟିତ ହୋଇଛି, ତାଙ୍କୁହିଁ ମନପ୍ରାଣ ଦେଇ ଭଲପାଅ, ତାଙ୍କ ସଙ୍ଗ କର, ତାଙ୍କୁ ଅନୁସରଣ କର, ତାଙ୍କର ଇଚ୍ଛା ପୂରଣ କର ସକ୍ରିୟଭାବରେ, ତାଙ୍କ ପାଇଁ ସ୍ୱେଚ୍ଛାରେ ସାନନ୍ଦରେ ଦାୟିତ୍ୱ ଗ୍ରହଣ କର ଏବଂ ତାହା କୃତିତ୍ୱ ସହିତ ନିଷ୍ପନ୍ନ କର, ଏହି ସ୍ରୋତ ମଧ୍ୟରେ ନିଜକୁ ପକାଇ ଦିଅ, 'ମୋର' 'ମୋର' ଏହି ସଂକୀର୍ଣ୍ଣ ଭାବନାଟା ଛାଡ଼, ତାଙ୍କର ଯାହାକିଛି ସବୁ ନିଜର କରି ନେଇ ତାଙ୍କରି ପାଇଁ ଖଟ, ତାଙ୍କରି ପ୍ରୀତି ଓ ପ୍ରତିଷ୍ଠା କାମନାରେ, ପ୍ରତ୍ୟେକଙ୍କୁ ସେବା ଦିଅ, ତା'ର ବୈଶିଷ୍ଟ୍ୟ ଅନୁଯାୟୀ,—ଏହି ପରିସ୍ଥିତିରେ ପଡ଼ି ତୁମେ ସବୁ ଦେଖିବାକୁ ପାଇବ ଯେ ତୁମର ଅଜ୍ଞାତସାରରେ ତୁମେ ଅନେକ କିଛି ଜାଣି ପକାଇଛ—ପରିପୂର୍ଣ୍ଣ ବୋଧ ସଙ୍ଗତି ସହକାରେ। ଏହି ଚଳନ ପଥରେହିଁ ସର୍ବଜ୍ଞତ୍ୱବୀଜ, ବ୍ରହ୍ମଜ୍ଞାନ ଇତ୍ୟାଦି ଉଦ୍ଭିନ୍ନ ହୋଇଉଠେ। ତାହାସବୁ କୌଣସି ଅଲୌକିକ ବା ଏହି ଜଗତଠାରୁ ଅଲଗା କିଛି ବିଷୟ ନୁହେଁ।

ବୀରେନ ଭାଇ (ଭଟ୍ଟାଚାର୍ଯ୍ୟ)—ମଣିଷ ତ୍ରିକାଳଜ୍ଞ ହୁଏ କେତେବେଳେ ?

ଶ୍ରୀଶ୍ରୀଠାକୁର—ତ୍ରିକାଳଜ୍ଞ ମାନେ, ଗୋଟାଏ ଅବସ୍ଥା ଦେଖି ତା'ର ପୂର୍ବରୁ କ'ଣ ଥିଲା, ପରେ କ'ଣ ପରିଣତି ହେବ, ତାହା ଯେ ବୁଝିପାରେ ସେ-ହିଁ। ଜଗତରେ କୌଣସି କିଛି ବିଚ୍ଛିନ୍ନ ଓ ଅହେତୁକ ନୁହେଁ—ଗୋଟାଏ କାର୍ଯ୍ୟକାରଣ ଶୃଙ୍ଖଳାରେ ଜଡ଼ିତ ହୋଇଅଛି ଯାହାକିଛି, ଏହି କାର୍ଯ୍ୟକାରଣ ଗଡ଼ି ଗଡ଼ି ଚାଲିଛି କାଳ ବକ୍ଷରେ ଆଉରି ଆଉରି କାର୍ଯ୍ୟକାରଣ ବୀଜ ସୃଷ୍ଟି କରି, ଏହା ସହିତ ପୁଣି ମିଶିରହିଛି ପରିସ୍ଥିତିର ଚାପ, ପ୍ରତ୍ୟେକର ସ୍ୱ-ସ୍ୱ ବୈଶିଷ୍ଟ୍ୟ, ପ୍ରକୃତି ଓ ପ୍ରବୃତ୍ତି। ଏଇସବୁ କ୍ରିୟା-ପ୍ରତିକ୍ରିୟା, ପୂର୍ବାପର ପାରମ୍ପର୍ଯ୍ୟ ବିବେଚନା କଲେ, ବର୍ତ୍ତମାନ ବାସ୍ତବ ଯାହା ତାହା ଦେଖି ଅତୀତ ଓ ଭବିଷ୍ୟତ ନିର୍ଦ୍ଧାରଣ କରାଯାଏ। ଅଙ୍କ ପରି ନିର୍ଭୁଲଭାବରେ କହିଦେଇ ହେବ, astrologer (ଜ୍ୟୋତିଷୀ) ମାନେ ଯେପରି କହିଥାନ୍ତି ତାଠାରୁ ଅନେକ ଭଲଭାବରେ କହି ଦିଆଯାଇ ପାରିବ। ଏହା କଷ୍ଟକର କିଛି ନୁହଁ। ନିଜକୁ ଭଲରୂପେ ଦେଖିବା ପଢ଼ିବା ଅଭ୍ୟାସ ଯାହାର ଅଛି ସେ-ହିଁ ଅନେକାଂଶରେ ପାରେ। ତେବେ ପ୍ରବୃତ୍ତି ଅଭିଭୂତି ଯେଉଁମାନଙ୍କର ନାହିଁ, ଗୋଟାଏ କଥାରେ ଯେଉଁମାନେ ମୁକ୍ତ ପୁରୁଷ, ସେମାନଙ୍କ ସମ୍ବନ୍ଧରେ କିଛି ନିଶ୍ଚୟ କରି କହିବା କଷ୍ଟକର ହୋଇପଡ଼େ। ଯାହାହେଉ ଏହାସବୁ କହିଦେବା କଥା ନୁହଁ, ତୁମେମାନେ ତୁମର ଅତୀତ ଓ ବର୍ତ୍ତମାନକୁ କାର୍ଯ୍ୟକାରଣ ସମ୍ପର୍କରେ ବିଶ୍ଲେଷଣ କରି ଯେତେ ବିଶଦଭାବରେ ଅନୁଧାବନ କରିପାରିବ,

ସେତେ ତୁମର ଲାଭ, ତଦ୍ଦ୍ୱାରା ନିଜ ନିଜର ଆଚରଣ ନିୟନ୍ତ୍ରିତ କରିବାପାଇଁ ସୁବିଧା ହେବ, ଏପରିକି ଏହି ପଶ୍ଚାଦପସାରିଣୀ ଚିନ୍ତା ଓ ବିଶ୍ଳେଷଣ ଭିତର ଦେଇ ତୁମମାନଙ୍କର ସ୍ମୃତିବାହୀଚେତନାର ଉଦ୍‌ବୋଧନ ହୋଇପାରେ ।

ଶରତ ଭାଇ (ହାଇଦାର)—ବୈଷ୍ଣବ ଶାସ୍ତ୍ରରେ ଅଛି, ଜୀବ କୃଷ୍ଣର ନିତ୍ୟଦାସ, ଏହାର ତାତ୍ପର୍ଯ୍ୟ କ'ଣ ?

ଶ୍ରୀଶ୍ରୀଠାକୁର—ଜୀବ କଦାପି କୃଷ୍ଣ ହୁଏ ନାହିଁ । ଆପଣ କ'ଣ ଆପଣଙ୍କର ବାପା ହୋଇ ପାରିବେ ? ପିଲା ବାପର ଦାସ । କାରଣ ସେ ବାପରହିଁ ଦାନ, ବାପାଙ୍କଠାରୁ ତା'ର ଉତ୍ପତ୍ତି । ଜୀବ ମଧ୍ୟ ସେଇପରି ଈଶ୍ୱରଙ୍କ ଦାନ, ଈଶ୍ୱର କର୍ତ୍ତୃକ ସୃଷ୍ଟ, ତେଣୁ ସେ ତାଙ୍କରି ଦାନ । ପୁଣି ସେ ଈଶ୍ୱରଙ୍କ ପ୍ରତି ଯେତେ ଏହି ଆନୁଗତ୍ୟବୋଧ ନେଇ ଚାଲେ, ସେତେହିଁ ଅକ୍ଷତ ଅବସ୍ଥାରେ ଚଳିପାରେ, ନଚେତ୍ ଦୁନିଆର ନାନା ଘାତ-ପ୍ରତିଘାତରେ ପଡ଼ି କେଉଁଠି ଯେ ଛିନ୍ନବିଚ୍ଛିନ୍ନ ହୋଇଯିବ ତା'ର କଣ ଠିକ୍ ଅଛି ? ତେଣୁ ବୈଷ୍ଣବ ଶାସ୍ତ୍ରରେ ଅଛି—

''ଜୀବ ନିତ୍ୟ କୃଷ୍ଣ ଦାସ ଏହା ଭୁଲିଗଲା
ମାୟା-ପିଶାଚୀ ତାର ଗଳାରେ ପଡ଼ିଲା ।''

ଈଶ୍ୱରୋପାସନାର ବେଦୀ ପୁଣି ଏହି ପୁରୁଷୋତ୍ତମ, ତେଣୁ ଜୀବକୁ କୃଷ୍ଣଦାସ ବୋଲାଯାଇଛି, ଈଶ୍ୱରଦାସ କହି ଛାଡ଼ି ଦିଆଯାଇ ନାହିଁ, କାରଣ, ଅମୂର୍ତ୍ତ ଈଶ୍ୱରଙ୍କ ଉପାସନା ଦ୍ୱାରା ମଣିଷର ବୃତ୍ତି-ପ୍ରବୃତ୍ତିରେ ଟିପ ବି ବାଜିବ ନାହିଁ । ଏହାକୁ ପୁଣି ନତ୍ୟ ସମ୍ବନ୍ଧ ବୋଲି କୁହାଯାଇଛି ଏଥିପାଇଁ ଯେଉଁ ଜୀବ ଯେତେ ଉନ୍ନତ ସ୍ତରକୁ ଉଠୁ ନା କାହିଁକି, ସେ ଜୀବ ହିଁ ଏବଂ ଈଶ୍ୱର ତା'ର ପ୍ରଭୁ । ଏହି ଭକ୍ତି, ଅନୁରତି, ଓ ଅନୁଗତିହିଁ ତା'ର ଜୀବନ । ସାଧନାର ସମ୍ପଦ ବା ସଞ୍ଚୟ ତା'ର ଯେତେ ବି ଥାଉନା କାହିଁକି, ଯେଉଁ ମୁହୂର୍ତ୍ତରେ ସେ ଅହମିକାବଶତଃ ମୂଳ ସଙ୍ଗେ ସଂଯୋଗହରା ହେବ, ସେଇ ମୁହୂର୍ତ୍ତରେ ସେ ଶୁଷ୍କ ହୋଇ ଉଠିବ । ମୋଟକଥା ଈଶ୍ୱର ତା'ର ସତ୍ତାର ସତ୍ତ୍ୱ, ଈଶ୍ୱର ଚିର ପ୍ରଭୁ, ଜୀବ ଚିର ଦାସ । ମୋତେ ଏଇପରି ବ୍ୟାଖ୍ୟାଟା ହିଁ ଭଲଲାଗେ । ତାଛଡ଼ା ଆପଣ ଦେଖନ୍ତୁ ନା, ଆପଣ ଆପଣଙ୍କ ପୁଅର ବାପା ହୋଇ ପାରନ୍ତି, କିନ୍ତୁ ଆପଣଙ୍କ ବାପାଙ୍କର ଆପଣ ପୁଅ—ତାହା ଆପଣ ଯେତେ ବଡ଼ ହୁଅନ୍ତୁ ନା କାହିଁକି ; ଏ ଜନ୍ମ ପାଇଁ ଏ ସମ୍ବନ୍ଧ ଅପରିବର୍ତ୍ତନୀୟ । ଈଶ୍ୱରଙ୍କ ସଙ୍ଗେ ଜୀବର ମଧ୍ୟ ସେହିପରି ଚିରକାଳ ଅପରିବର୍ତ୍ତନୀୟ ସମ୍ବନ୍ଧ ।

ଶରତ ଭାଇ—ଆପଣଙ୍କର ଅନୁଭୂତିର ବର୍ଣ୍ଣନାର ଶେଷରେ ଲେଖିଛନ୍ତି,—ଇଷ୍ଟପ୍ରତୀକରେ ସେ ଆବିର୍ଭୂତ ହେଲେ ତାହା କାହିଁକି ହୁଏ ?

ଶ୍ରୀଶ୍ରୀଠାକୁର—ଆମେ ସେହି ଅକୁହା, ଅଲକ୍ଷ, ଅଗମ ରାଜ୍ୟରେ ଯେତେବେଳେ ପ୍ରାୟ merge କରି (ବୁଡ଼ି) ଯାଉ, 'କେବଳ' ହୋଇଉଠୁ, ସେତେବେଳେ କୌଣସି ବୋଧ ଯେପରି ନ ଥାଏ, ଯାହାଥାଏ ତାହା କୁହାଯାଏ ନାହିଁ । ଏତେ ପରିମାଣରେ ସୂକ୍ଷ୍ମ ଓ ଗଭୀର



ସ୍ତରରେ ଅନ୍ତର୍ନିହିତ ଆକର୍ଷଣ ଅର୍ଥାତ୍ ସୃଷ୍ଟିର ସଙ୍କୋଚନୀ ପ୍ରଭାବ ଏତେହିଁ ପ୍ରବଳ ଓ ଅନିବାର୍ଯ୍ୟ ହୁଏ ଯେ, ଆମର ସତ୍ତା ଯେପରି ସେଠାରେ ବିଲୀନ ହୋଇ ଯିବାକୁ ଚାହେଁ । ଏଇ ମୁହୂର୍ତ୍ତରେ ମଧ୍ୟ ଅନୁସ୍ୟୂତ ଚେତନାକୁ ଜିଆଇ ରଖି ପୁଣି ସ୍ଥୂଳକୁ ପ୍ରତ୍ୟାବର୍ତ୍ତନ କରିବାକୁ ଗଲେ, ଏହି ଇଷ୍ଟସୂତ୍ରକୁ ଅବଲମ୍ବନ କରିବା ଛଡ଼ା ତା ହେବାର ଉପାୟ ନାହିଁ, ସେଠାରେ ଆମର ଚେତନା ରାଜ୍ୟରୁ ଆଉ ସବୁ ବିଲୀନ ହୋଇଯାଏ । ଏଣୁ, ଇଷ୍ଟମୂର୍ତ୍ତିହିଁ ଭାସି ଉଠିବ, ଇଷ୍ଟଙ୍କୁ ନେଇହିଁ 'ମୁଁ' ବୋଧ । ଏଇ ଛାଞ୍ଚ ଥାଉ ଥାଉ, ଆମର ଏହିରୂପ ଥାଉ ଥାଉ ତାଙ୍କର ରୂପ ଛାଡ଼ିଯିବାର ତୁ ନାହିଁ । ସେ ଯଦି ପରେ ଅନ୍ୟରୂପ ନେଇ ଆସନ୍ତି, ଏବଂ ମୁଁ ମଧ୍ୟ ଅନ୍ୟ ଦେହ ନେଇଆସେ ସେତେବେଳେ ଅବଶ୍ୟ ସେହି ରୂପହିଁ ବଡ଼ ହେବ । ଗୁରୁହିଁ ଭଗବାନଙ୍କର ସାକାର ମୂର୍ତ୍ତି । ତେଣୁ ଯୀଶୁ କହିଛନ୍ତି—''I am the way, the truth, the life, none can come to the Father but by me.'' ଗୀତାରେ ଅଛି, ''ବହୂନାଂ ଜନ୍ମାନମନ୍ତେ ଜ୍ଞାନବାନ୍ ମାଂ ପ୍ରପଦ୍ୟତେ, ବାସୁଦେବଃ ସର୍ବମିତି ସ ମହାତ୍ମା ସୁଦୁର୍ଲଭଃ ।'' ଆଉରି ଅଛି—''ମନ୍ମନା ଭବ ମଦ୍‌ଭକ୍ତଃ, ମଦ୍‌ଯାଜୀ ମାଂ ନମସ୍କୁରୁ ମାମେବୈଷ୍ୟସି ସତ୍ୟଂ ତେ ପ୍ରତିଜାନେ ପ୍ରିୟୋଽସି ମେ ।'' ବୈଷ୍ଣବ ଶାସ୍ତ୍ରରେ ଅଛି ''କୃଷ୍ଣେର ଯତେକ ଲୀଳା, ସର୍ବୋତ୍ତମ ନରଲୀଳା, ନରବପୁ ତାହାର ସ୍ୱରୂପ ।''

ନରବପୁ ତାଙ୍କରି ବପୁ, ପୁଣି ଶାସ୍ତ୍ରରେ କୁହାଯାଇଛି, ''ବ୍ରହ୍ମବିତ୍ ବ୍ରହ୍ମୈବ ଭବତି'',—ତେଣୁ ତାଙ୍କୁ ବାଦଦେଇ ସ୍ଥାନ କେଉଁଠି ?

ପ୍ରଫୁଲ୍ଲ—ଗୁରୁହିଁ ଭଗବାନଙ୍କ ସାକାର ମୂର୍ତ୍ତି, ଏକଥା କେବଳ ସଦ୍‌ଗୁରୁଙ୍କ ସମ୍ବନ୍ଧରେ ପ୍ରଯୁଜ୍ୟ, କିନ୍ତୁ ସବୁ ଗୁରୁଙ୍କ ସମ୍ବନ୍ଧରେ କ'ଣ ଏକଥା କୁହାଯାଇପାରେ ?

ଶ୍ରୀଶ୍ରୀଠାକୁର—ଗୁରୁମାନେହିଁ ସଦ୍‌ଗୁରୁ, ଆଚାର୍ଯ୍ୟ । ଗୁରୁ-ପୁରୁଷୋତ୍ତମହିଁ ସଚ୍ଚିଦାନନ୍ଦର ମୂର୍ତ୍ତ ବିଗ୍ରହ, ସେହିଁ ରୂପାୟିତ ଈଶ୍ୱରପ୍ରେରଣା, ସେହିଁ ଆତ୍ମିକ ଶକ୍ତିର ପ୍ରୋଜ୍ଜ୍ୱଳ ପ୍ରକାଶ, ଅସ୍ତିବୃଦ୍ଧିର ପରମ ଅମୃତପଥ । ଦୁନିଆର ଯେତେ ଦ୍ୱନ୍ଦ୍ୱ ମଧ୍ୟରେ ଅନ୍ୱୟୀ ସାର୍ଥକତାର ପ୍ରାଣକେନ୍ଦ୍ର ସେ । ତାଙ୍କୁ ଭଲପାଇ, ତାଙ୍କ ଇଚ୍ଛା ପରିପୂରଣ କରି ତଦନୁଗ ଆତ୍ମନିୟନ୍ତ୍ରଣରେ ବ୍ରତୀ ହୋଇ, ତାଙ୍କରି ସଙ୍ଗ, ସାହଚର୍ଯ୍ୟ ଓ ସେବା ଭିତର ଦେଇ ମଣିଷ ଈଶୀସ୍ପର୍ଶ ଲାଭରେ ଧନ୍ୟ ହୋଇଥାଏ । ଏବଂ ଯେଉଁମାନେ ଗୁରୁ ପୁରୁଷୋତ୍ତମଙ୍କୁ direct (ପ୍ରତ୍ୟକ୍ଷଭାବରେ) ନପା'ନ୍ତି, ସେମାନେ ତଦନୁବର୍ତ୍ତୀ ଆଚାର୍ଯ୍ୟ-ପରମ୍ପରା ମାଧ୍ୟମରେ ତାଙ୍କର ଭାବକୁ କିଛି ନା କିଛି ଲାଭ କରନ୍ତି । ଏହି ଭାବ ଯେତେବେଳେ ମଳିନ ଓ ମ୍ଳାନ ହୋଇଯାଏ, ଉଭେଇ ଯିବା ପରି ହୁଏ, ବିକୃତିରେ ଆଚ୍ଛନ୍ନ ହୋଇଉଠେ, ମଣିଷକୁ ଈଶୀସ୍ପର୍ଶରେ ସଂଜୀବିତ କରି ତୋଳିବା ପାଇଁ ସେତେବେଳେ ସେ ପୁଣି ମଣିଷ ହୋଇ ଆସନ୍ତି, ମଣିଷ ଭିତରେ ମଣିଷ ପରି ଜଣେ ହୋଇ ବିଚରଣ କରନ୍ତି ଏବଂ ନିଜର ଆଚରଣ ଦ୍ୱାରା ପ୍ରତି ପଦକ୍ଷେପରେ ଦେଖାଇ ଦିଅନ୍ତି, କିପରି ମଣିଷ ସବୁ ଅବସ୍ଥାରେ ମଧ୍ୟ ଈଶ୍ୱରଙ୍କର ହୋଇ ଚଳିପାରେ ।

ତେଣୁ ସେହିଁ ଗୁରୁ ଏବଂ ତାଙ୍କ ଅଭାବରେ ତଦ୍ଭାବଭାବିତ, ତଦ୍‌ଚଳନନିରତ, ଯେଉଁମାନେ ସେମାନେ। ଯେଉଁଠାରେ କାହାର କିଛି ହୋଇଛି, କେହି କିଛି ପାଇଛି—ତାହା ଏହିପରି ଗୁରୁଙ୍କୁ ଧରି ସମ୍ଭବ ହୋଇଛି। ଅବଶ୍ୟ, ନାମକୁମାତ୍ର ଧରିଲେ ହେବ ନାହିଁ, ତାଙ୍କୁ ଅନୁରାଗପୂର୍ବକ ଅନୁସରଣ କରିବା ଦରକାର। ଏବଂ ଏକଥା ମଧ୍ୟ ସ୍ମରଣ ରଖିବାକୁ ହେବ—ସଦ୍‌ଗୁରୁ କେବଳ means (ଉପାୟ) ନୁହନ୍ତି, ସେ ନିଜେହିଁ goal (ଉଦ୍ଦେଶ୍ୟ) ମଧ୍ୟ।

ନରେନ ଭାଇଙ୍କୁ (ଚକ୍ରବର୍ତ୍ତୀ) ଶ୍ରୀଶ୍ରୀଠାକୁର ଗୋଟିଏ ଛବି ଆଙ୍କିବାକୁ ଦେଇଛନ୍ତି ତାହା ଶେଷ କରିବାକୁ ଡେରି ହେଉଛି। ତେଣୁ ଶ୍ରୀଶ୍ରୀଠାକୁର କହିଲେ—କାମ ଯଦି ଶୀଘ୍ର ଶୀଘ୍ର ସୁନ୍ଦରଭାବରେ ନ କରିପାରୁ, ତେବେ କିନ୍ତୁ ଦୀର୍ଘ ସୂତ୍ରତା ଗ୍ରାସ କରିବ। କରିବୁ, କିନ୍ତୁ ତୁ ତାଦ୍ୱାରା ଲାଭବାନ ହୋଇ ପାରିବୁ ନାହିଁ।

ପ୍ରଶ୍ନ ହେଲା—ଆପଣ ପାରିବାରିକ ଚାହିଦାକୁ ଉପେକ୍ଷା କରି ଇଷ୍ଟକାମରେ ଲାଗିବାକୁ କହିଛନ୍ତି, ପୁଣି କହିଛନ୍ତି, ଯେଉଁମାନେ ସାଂସାରିକ ଜୀବନରେ ଅକୃତକାର୍ଯ୍ୟ ସେମାନଙ୍କର ଆଧ୍ୟାତ୍ମିକ ଚକ୍ଷୁ ତମସାଚ୍ଛନ୍ନ—ଏହାର ସାମଞ୍ଜସ୍ୟ କେଉଁଠି ?

ଶ୍ରୀଶ୍ରୀଠାକୁର—ଇଷ୍ଟପାଇଁ ଆପ୍ରାଣ ହୋଇ ଉଠିଲେ ସେତେବେଳେ ସଂସାର ମଧ୍ୟ ଇଷ୍ଟାର୍ଥେ ହୋଇଉଠେ। ପ୍ରଥମେ କିଛିଦିନ ଅଭାବ ଅଭିଯୋଗ, struggling period (ଟଣାଟଣି ଅବସ୍ଥା) ଚାଲିଲେ ମଧ୍ୟ ଇଷ୍ଟକାମ ଠିକ୍ ଠିକ୍ ବିହିତ ଭାବରେ କରି ଚାଲିଲେ—ତାଙ୍କରିଠାରେ ଠିକ୍ interested (ଅନୁରକ୍ତ) ହୋଇ ଉଠିଲେ ବେଶିଦିନ ସେ ଅବସ୍ଥା ରହେ ନାହିଁ। ସେତେବେଳେ ଆମର ଚରିତ୍ରବଳ, ଯୋଗ୍ୟତା, ଜନସମ୍ପଦ, ସବୁ କିଛି ବଢ଼ିଯାଏ, ଦୁଃଖ ରହେନାହିଁ। ଯେତେଦିନ ଯାଏ ଆମେ ନିଜକୁ ନେଇ ବିବ୍ରତ ଥାଉ, ସେତେଦିନ ଯାଏ କେହି ଆମର ଆପଣାର ହୋଇ ଉଠନ୍ତି ନାହିଁ, କିନ୍ତୁ ଯେ ମୁହୂର୍ତ୍ତରେ ଆମେ ଇଷ୍ଟଙ୍କୁ ନେଇ ମାତି ଉଠୁ ତାଙ୍କରି ସ୍ୱାର୍ଥ ପ୍ରତିଷ୍ଠା କଳ୍ପେ ପାରିପାର୍ଶ୍ୱିକର ସେବାରେ ଉନ୍ମୁଖୀ ହୋଇଉଠୁ, ସେତେବେଳେ ସମସ୍ତେ ଆପଣାର ହୋଇ ଧରା ଦିଅନ୍ତି, ସେଇ ମାନେହିଁ ଆମର ଦୁଃଖ ଦୂରୀକରଣ ପାଇଁ ବଦ୍ଧପରିକର ହୋଇ ଘେରିଯା'ନ୍ତି। ଏବଂ ଯେ ଠିକ୍ ଠିକ୍ ଇଷ୍ଟପ୍ରାଣ, ସେ ପରିବାରର ସମସ୍ତଙ୍କୁ ମଧ୍ୟ ଏଇ ଭାବରେ ଅନୁପ୍ରାଣିତ କରିତୋଳେ, ତଦ୍ୱାରା ପରିବାର ମଧ୍ୟରେ ଗୋଟାଏ integration ଓ consolidation (ସଂହତି ଓ ସଙ୍ଘବଦ୍ଧତା) ଆସି ଥାଏ, ପ୍ରତ୍ୟେକେ ଇଷ୍ଟପାଇଁ ଓ ପରସ୍ପର ପାଇଁ କରନ୍ତି। ଏହି loving urge (ପ୍ରୀତପ୍ରାଣ ଆକୂତି) ହିଁ ପ୍ରତ୍ୟେକଙ୍କର କର୍ମକ୍ଷମତାକୁ ବୃଦ୍ଧି କରିଥାଏ, ଏବଂ concentric (ସୁକେନ୍ଦ୍ରିକ) ହୋଇଥିବାରୁ କାମସବୁ ମଧ୍ୟ ହୁଏ well-adjusted ଓ profitable (ସୁନିୟନ୍ତ୍ରିତ ଓ ଲାଭଜନକ)—ଧର, ଇଷ୍ଟଭୃତି ମାଧ୍ୟମରେ ସଂସାରର ପ୍ରତ୍ୟେକଙ୍କ ମଧ୍ୟରେ କିପରି ଗୋଟାଏ excess urge (ଅତିରିକ୍ତ ଆକୂତି) ଆସି ହାଜର ହୁଏ,



ସେଇ ଉଦ୍ଦୀପ୍ତ ଚଳନ ଓ କର୍ମ ସଂସାରକୁ ସ୍ୱଚ୍ଛଳଭାବେ ଉଚ୍ଛଳ କରିତୋଳେ। ସେତେବେଳେ ଇଷ୍ଟଙ୍କ ଚାହିଦା ପୂରଣ ପାଇଁ ସେମାନେ ସର୍ବଦା ପ୍ରସ୍ତୁତ ହୋଇଥାନ୍ତି, ଇଷ୍ଟ କେତେବେଳେ କ'ଣ ଖୋଜିବେ, ସେଥିପାଇଁ ଆଗରୁ କିଛି କିଛି ସଂଗ୍ରହ କରି ରଖନ୍ତି। ଇଷ୍ଟଙ୍କରଟା ଯଦି ଠିକ୍ ଥାଏ, ସଂସାରଟା ତ ତା'ର ନିମ୍ନରେ, ତାହା ମଧ୍ୟ ଠିକ୍ ଚାଲେ। ଉଦାହରଣ ସ୍ୱରୂପ ଜଣଙ୍କର ସଂସାର ଯାତ୍ରାପାଇଁ ଦରକାର ହୁଏ ମାତ୍ର ୩୦ ଟଙ୍କା, କିନ୍ତୁ ଇଷ୍ଟପାଇଁ ଆଉ ୧୦ ଟଙ୍କା ଯଦି ସଂଗ୍ରହ କରିବାକୁ ହୁଏ, ତେବେ ୪୦ ଟଙ୍କାର urge (ଆକୂତି) ନେଇ ସେ ଚାଲେ। ତାକୁ ତାହା ସଂଗ୍ରହ କରିବାକୁହିଁ ହେବ। କାରଣ ଇଷ୍ଟଙ୍କୁ ନଦେଇ, ନ ଖୁଆଇ ତା'ର ତୃପ୍ତି ନାହିଁ। ଏବଂ ଇଷ୍ଟଙ୍କ ସ୍ୱାର୍ଥପ୍ରତିଷ୍ଠା ପାଇଁ, ଇଷ୍ଟଙ୍କୁ ଏହି ଦେବା ଅବ୍ୟାହତ ରଖିବା ପାଇଁ ନିଜର ବଞ୍ଚିବାକୁ ଅକ୍ଷୁଣ୍ଣ କରି ତୋଳିବାକୁ ହେବ, ତେଣୁ ସମଗ୍ର ଅର୍ଜନଟା ଯେପରି ଇଷ୍ଟଙ୍କ ପାଇଁ ହୁଏ। ୪୦ ଟଙ୍କା ମଧ୍ୟରେ ତ ୩୦ ଟଙ୍କା ଅଛି, ତେଣୁ ଅଭାବ ରହେ ନାହିଁ। ଇଷ୍ଟଙ୍କୁ ଦେବାପାଇଁ ଇଷ୍ଟସ୍ୱାର୍ଥପ୍ରତିଷ୍ଠାର urge (ଆକୂତି)ର ଦୋଳତରେ କିନ୍ତୁ ତୁମେ ସ୍ୱଚ୍ଛଳତାରେ ଉଚ୍ଛଳ ହୋଇ ଉଠିଲ। ଇଷ୍ଟଙ୍କୁ ମଧ୍ୟ ଦେଲ, ପାରିପାର୍ଶ୍ୱିକର ସଂସ୍ଥାନ ମଧ୍ୟ କଲ, drudgery (ବିରକ୍ତି) ବା ବିଭ୍ରାନ୍ତି ଆଉ ରହିଲା ନାହିଁ। ମୂଳରେ ଇଷ୍ଟଥିବାରୁ ସବୁକାମ ମଧୁର, ମୋହନ ଓ ସୁଠାମ ହୋଇଉଠିଲା। ଏବଂ ଏଇ ପଥରେ ଚାଲି ତୁମେ ଯଦି ଲକ୍ଷ ଐଶ୍ୱର୍ଯ୍ୟର ଅଧିକାରୀ ମଧ୍ୟ ହୁଅ, ତଥାପି ତୁମେ ସେଥିରେ ଆବଦ୍ଧ ହୋଇ ପଡ଼ିବ ନାହିଁ, ତୁମେ ସମସ୍ତ ଭିତରେ ଥାଇ ମଧ୍ୟ ସମସ୍ତର ଊର୍ଦ୍ଧ୍ୱରେ ରହିବ। କାରଣ, ତୁମେ ଜାଣ, ତୁମର ସବୁକିଛି ତାଙ୍କରି ସେବାପାଇଁ ତେଣୁ ଐଶ୍ୱର୍ଯ୍ୟ ତୁମକୁ ବିମୂଢ଼ ବା ଅଭିଭୂତ କରି ପାରିବ ନାହିଁ। ଏବଂ କିଛିଟା କୃଚ୍ଛ୍ରତା ମଧ୍ୟରେ ଯଦି ବା ତୁମକୁ ଚାଲିବାକୁ ହୁଏ ତଥାପି ତୁମେ କ୍ଲିଷ୍ଟ, ସନ୍ତପ୍ତ ଓ ଦିଗଭ୍ରାନ୍ତ ହୋଇପଡ଼ିବ ନାହିଁ। କାରଣ ତାଙ୍କୁ ନେଇ ତୁମେ ଏତେ ଭରପୂର ରହିବ ଯେ, ଅଭାବ ବୋଧ ତୁମକୁ ପୀଡ଼ା ଦେଇପାରିବ ନାହିଁ। ତେବେ କୌଣସି ପ୍ରତ୍ୟାଶାର କାଙ୍ଗାଳ ହୋଇ ତାଙ୍କୁ ଭରଣପୂରଣ କରିବାକୁ ଯାଅ ନାହିଁ, ସେଥିରେ ରସ ମିଳିବ ନାହିଁ, ଅନ୍ତରର ଏହି ଦୈନ୍ୟବୋଧହିଁ ତୁମକୁ ତନ୍ମୟ କରି ତୋଳିବ ନାହିଁ, ତେଣୁ ହୃଦୟ ମଧ୍ୟ ପୂରିଉଠିବ ନାହିଁ, ତୃପ୍ତିର ସନ୍ଧାନ ମଧ୍ୟ ମିଳିବ ନାହିଁ।

ବୀରେନ ଭାଇ (ଭଟ୍ଟାଚାର୍ଯ୍ୟ)—ତଥାକଥିତ ସତ୍‌କାର୍ଯ୍ୟର ବନ୍ଧନରେ ଅଟକି ଯାଏ, ତା'ର ଉପାୟ କ'ଣ ?

ଶ୍ରୀଶ୍ରୀଠାକୁର—ମଣିଷ କ୍ଷୁଦ୍ର କ୍ଷୁଦ୍ର ଭଲକାମ ମଧ୍ୟରେ ଅଟକି ଯାଏ, ତାହା ମଧ୍ୟ କାହାରି ପ୍ରୀତ୍ୟର୍ଥେ ହୁଏ ନାହିଁ। ରସଗୋଲା ଖୁବ୍ ଭଲ ଜିନିଷ, କିନ୍ତୁ ଯଦି ରସଗୋଲାର ଲୋଭ ଆମକୁ ଗ୍ରାସ କରେ, ତାହେଲେ ରସଗୋଲାରେ ଆମେ ଅଟକି ଗଲୁ। ଆତ୍ମତୃପ୍ତି ଓ ଆତ୍ମପ୍ରୀତି ଯେଉଁଠାରେ ମୁଖ୍ୟ ସେଠାରେ ଆମେ ଆବଦ୍ଧ ହୋଇପଡୁ, ତା'ର ସଂକୀର୍ଣ୍ଣ ଗଣ୍ଡି କାଟି ଉପରକୁ ଉଠିପାରୁ ନାହିଁ, ଫଳରେ ଆମର ଅଗ୍ରଗତି ରୁଦ୍ଧ ହେଉଥାଏ। ଆମଠାରୁ

ଅତିରିକ୍ତ କୌଣସି ଜୀବନ୍ତ ମଣିଷ ଯଦି ଆମର ଉପାସ୍ୟ ନହୋଇ ଆମର କୌଣସି କାମନା ବା ଧାରଣା ଆମର ଉପାସ୍ୟ, ଅନୁସରଣୀୟ ହୁଏ, ତେବେ ଆମେ ତହିଁରେ ଆଉରି ବେଶି ନିମଜ୍ଜିତ ହୋଇଯିବୁ। କାହାରି ମଧ୍ୟ ତୃପ୍ତିର କାରଣ ନହେଲେ, ମଣିଷ ନିଜର ego (ଅହଂ) ଓ whim (ଖିଆଲ) କୁ satisfy (ତୁଷ୍ଟ) କରିବାପାଇଁ ତାର ଧାରଣାମାଫିକ ଭଲକାମରେ rigid (ଦୃଢ଼) ହୋଇ ବସିଥାଏ। ଶ୍ରେଷ୍ଠର ପ୍ରୀତିପାଇଁ ହେଲେ ସେ ଚାହେଁ ଆଉରି, ଆଉରି, ଆଉରି—କୌଣସି ଗୋଟାଏ ଜାଗାରେ ସମାପ୍ତି ରେଖା ଟାଣି ବାକୁ ଚାହେଁ ନାହିଁ। କାରଣ, ସେଇ ତାଙ୍କରି ପରିପୂରଣ ପାଇଁ କ୍ରମବିକାଶର ପଥ ତାକୁ ଖୋଲା ରଖିବାକୁହିଁ ହେବ, ମଣିଷ ଏହିପରିଭାବରେ eternal becoming (ଅନନ୍ତ ବିବର୍ଦ୍ଧନ) ର ପଥରେ ଗତିକରେ। ଇଷ୍ଟସ୍ୱାର୍ଥ, ଇଷ୍ଟପ୍ରତିଷ୍ଠା ହେଲା ଭବସମୁଦ୍ରର compass (ଦିଗନିର୍ଣ୍ଣୟ ଯନ୍ତ୍ର), ତା'ରି ମଧ୍ୟ ଦେଇ ଆସେ ବ୍ରହ୍ମଜ୍ଞାନ ବା ବୃଦ୍ଧିରଜ୍ଞାନ, ଆତ୍ମଜ୍ଞାନ ଅର୍ଥାତ ଚଳତ୍‌ଜ୍ଞାନ। ଇଷ୍ଟାର୍ଥପୂରକ ଧନ୍ଦା ଯଦି ନଥାଏ, ତଦ୍‌ପୂରକ ବାସ୍ତବ କର୍ମର ଦାୟିତ୍ୱ ଯଦି ମଣିଷ ଗ୍ରହଣ ନକରେ, ତେବେ ଆଖିବୁଜି, ସାଧନା ସେ ଯେତେ ବି କରୁନା କାହିଁକି, ତା'ର କିନ୍ତୁ ଏଇ ଜ୍ଞାନର ବିକାଶ ହୁଏ ନାହିଁ। କରିବା ଭିତର ଦେଇ, ଚାଲିବା ଭିତର ଦେଇ ହୁଏ ଅଭିଜ୍ଞତା, ହୁଏ ଭୂୟୋଦର୍ଶନ, ତାହା ଯାହାର ଯେତେ ଏକସୂତ୍ରସଙ୍ଗତ ତା'ର ଜ୍ଞାନ ସେତେ ପୋଖତ।

ଜଣେ ମା କବାଟକୁ ଆଉଜି ବସିଥିଲେ। ଶ୍ରୀଶ୍ରୀଠାକୁର ତାଙ୍କୁ କହିଲେ—ସବୁବେଳେ ଲକ୍ଷ୍ୟ ରଖିବୁ ଯେପରି ଅନ୍ୟର ସୁବିଧା ହୁଏ। ସବୁକାମରେ ଏଥିପ୍ରତି ଯଦି ନଜର ରଖିପାରୁ ତାହେଲେ ସୁଖୀ ହୋଇପାରିବୁ।

ଧୂର୍ଜଟି ଭାଇ—ଭଗବାନ୍ ସର୍ବଶକ୍ତିମାନ୍ ହୋଇମଧ୍ୟ ଏତେ ଛୋଟ ଜିନିଷଠାରୁ ସୃଷ୍ଟି ଆରମ୍ଭ କରିଛନ୍ତି କାହିଁକି ?

ଶ୍ରୀଶ୍ରୀଠାକୁର—ସୃଷ୍ଟି ହେଲା ତାଙ୍କର ଲୀଳା—ଆଲିଙ୍ଗନ ଓ ଗ୍ରହଣ, 'ନଥିଲା'ର ବକ୍ଷ ବିଦାରଣ କରି ସତ୍ତାର ବିକଶିତ ହେବା ମଧ୍ୟରେହିଁ ତ ଆନନ୍ଦ, ଏହାରି ମଧ୍ୟରେହିଁ ତ ଶକ୍ତି। ଉପାଦାନ ଯେତେ ସୂକ୍ଷ୍ମ ହେଉ ନା କାହିଁକି, ଏହି ଧର୍ମ ଯେଉଁଠି ଅଛି, ବୁଝିବାକୁ ହେବ, ସେହିଠାରେହିଁ ଶକ୍ତି ନିହିତ ଅଛି। ଆମେ ଯେ ଜଣେ ଜଣେ ଏତେ ବଡ଼ ହୋଇଛୁ, ଆମ ମୂଳରେ ତ ଗୋଟାଏ zygote (ଜୀବକୋଷ) ଛଡ଼ା କିଛି ନାହିଁ। ତା'ରି ମଧ୍ୟରେ ଏତେ ସମ୍ଭାବ୍ୟତା ଲୁକ୍କାୟିତ ଥିବାରୁ ଆମେ ଏତେ ବଡ଼ ହୋଇ ପାରିଛୁ। ସବୁ ବିଷୟ ଏହିପରି। ଏବଂ ସବୁକିଛିର ମୂଳ ଯାହା, ତାହା ଯଦି ଆମେ ବୁଝିପାରୁ, ତାହେଲେ ଆମର କିଛି ବୁଝିବା ବାକୀ ନ ଥାଏ। ସେଇ ସର୍ବକାରଣକାରଣ ମାନୁଷୀ ତନୁ ନେଇ ଆସନ୍ତି, ସେଇ କାରଣ-ସତ୍ତାର ବାଚକ ଯେଉଁ ବୀଜନାମ, ତା ମଧ୍ୟ ଆମ ନିକଟରେ ଘୋଷଣା କରନ୍ତି। ଏହି ନାମର ଅନୁଶୀଳନ ଯଦି ଆମେ କରୁ—ନାମୀ ପ୍ରତି ଅନୁରକ୍ତ ହୋଇ, ଆମର ଚିନ୍ତା, କଥା ଓ କର୍ମ ଯଦି ନାମୀ-ଅନୁଗ ହୁଏ ତାହେଲେ ଆମ ପାଖରେ ସବୁ ରହସ୍ୟ



ଉଦ୍‌ଘାଟିତ ହୋଇଥାଏ।

୧୩୦ ଟଙ୍କାର ସ୍ୱାକ୍ଷରକାରୀ ଉପଯୁକ୍ତ ସଂଖ୍ୟକ ସଂଗ୍ରହ କରିବାପଥରେ କି କି ଅସୁବିଧା ଅଛି ସେଇ ସମ୍ବନ୍ଧରେ କଥା ଉଠିଲା। ତାହା ଶୁଣି ଶ୍ରୀଶ୍ରୀଠାକୁର କହିଲେ—ଯାହା ଆମର କର୍ତ୍ତବ୍ୟ ତାହା କରିବାକୁ ହେବ, କୌଣସି ପ୍ରକାର negative consideration (ନକାରାତ୍ମକ ବିଚାର) କୁ ପ୍ରଶ୍ରୟ ଦେଲେ ଚଳିବ ନାହିଁ, ସମସ୍ତ ବାଧା ଓ ବିରୋଧକୁ ଟପିଯିବ ଆମର ଉଦ୍‌ଗ୍ରୀବତା, ଆମର ଉତ୍ସାହ, ତେଣୁ ତାହା 'ନା' କୁ 'ହଁ' ରେ ପର୍ଯ୍ୟବସିତ କରିବ। ଉଦ୍‌ଗ୍ରୀବତା, ଉତ୍ସାହହିଁ ହେଲା ମୂଳ କଥା,—ତାହା ଯାହାର ଅଛି, ସେ କାହା ଭିତର ଦେଇ କ'ଣ କରି ପକାଇବ ତା'ର ଠିକଣା ନାହିଁ। ମଣିଷ ଯେତେବେଳେ ତା'ର ଅଭାବ-ଅଭିଯୋଗର କଥା କହେ, ସେତେବେଳେ ବୁଝିବାକୁ ହେବ—ତା'ର unwillingness (ଅନିଚ୍ଛା) ଅଛି। Sentiment (ଭାବାନୁକମ୍ପିତା) ହେଲା ମଣିଷର ଅସଲ, sentiment କୁ (ଭାବାନୁକମ୍ପିତାକୁ) ଏପରି ଭାବରେ ଚେତାଇ ଦେବାକୁ ହେବ ଯେ, ତାହା ଯେପରି ତାକୁ ଭୂତ ପରି ଗ୍ରାସ କରେ, ସବୁ କାମ-ଧନ୍ଦାରେ ତାକୁ pursue (ଅନୁସରଣ) କରେ ଏବଂ all rationality (ସମସ୍ତ ଯୁକ୍ତି) ଯେପରି ସେଇ sentiment (ଭାବାନୁକମ୍ପିତା) କୁ support (ସମର୍ଥନ) କରେ। ଆମ ନିଜ ମଧ୍ୟରେ ଯେତେ ଉଦ୍‌ଗ୍ରୀବତା ଥାଏ ସେତେଟା ଅନ୍ୟ ଭିତରେ ସୃଷ୍ଟି କରି ଦେଇ ପାରୁ। ମୁଁ ଯେ ପାଏ, ପାଇବାର mechanism (କୌଶଳ) ଟା ମୋତେ ଜଣା। ମୋର ସବୁବେଳେ ଉଦ୍ଦେଶ୍ୟ ଥାଏ—ପ୍ରତ୍ୟେକେ ଯେପରି ଆଉରି ପାରନ୍ତି ଆଉରି ପା'ନ୍ତି, ମୋତେ ଦେବାଟା ମଧ୍ୟ ଯେପରି ତା'ର ପାଇବାର ପଥକୁ ପ୍ରଶସ୍ତ କରିଦିଏ, ଏହି ଦେବାଟା ଯେପରି ତା'ର ଉଦ୍‌ବର୍ଦ୍ଧନର କାରଣ ହୁଏ। ଦୁନିଆରେ urge (ଆକୂତି) ତ ଯାହା କିଛି ସୃଷ୍ଟି କରେ, ସେଇ urge (ଆକୂତି) ଉଦ୍ରେକ କରି ମଣିଷକୁ ବଞ୍ଚିବା-ବଢ଼ିବା ପଥରେ ଉନ୍ନୀତ କରି ତୋଳିବାହିଁ ତ ଧର୍ମଦାନ। ପାଇବାର urge (ଆକୂତି) ଅପେକ୍ଷା, ଦେବାର urge (ଆକୂତି) ଯେତେ ଉଦ୍ରେକ କରି ଦିଆଯାଏ, ଏବଂ ତାହା ପୁଣି ଯେତେ ଶ୍ରେୟକେନ୍ଦ୍ରିକ ହୁଏ, ସେତେହିଁ ମଣିଷର ମଙ୍ଗଳ ହୋଇଥାଏ। ମଣିଷ ଯେ exercise (ବ୍ୟାୟାମ) କରେ, ତଦ୍ୱାରା ତ ଶକ୍ତିକ୍ଷୟ ହୁଏ, କିନ୍ତୁ ଶକ୍ତି ବୃଦ୍ଧି ପାଇଁ ସେଇ ଶକ୍ତିକ୍ଷୟ ପ୍ରୟୋଜନ, ଦେବାଟାହିଁ ତେଣୁ ପାଇବା ପାଇଁ ଦରକାର ହୁଏ। ମୋଟକଥା ତୁମେ ଯଦି ସେହିପରି ହୋଇଉଠ, ତୁମର ଏହି ଉଦ୍ଦୀପ୍ତ ଭାବ, ଚେହେରା, ଚାଲିଚଳନ, କଥାବାର୍ତ୍ତା, ଅନ୍ୟମଧ୍ୟରେ ସେହି ଉଦ୍ଦୀପନା ସଞ୍ଚାରିତ କରି ତୋଳିବ, ସେମାନେ ମଧ୍ୟ convinced (ପ୍ରତ୍ୟୟ-ପ୍ରବୁଦ୍ଧ) ହୋଇ ଉଠିବେ, ଗୋଟାଏ positive (ନିଶ୍ଚୟାତ୍ମକ) ଭାବ ସୃଷ୍ଟି ହେବ, ସେମାନଙ୍କର ମନରେ, ସମସ୍ତ negative (ନକାରାତ୍ମକ) ଭାବ ଓ pessimism (ନୈରାଶ୍ୟଭାବ) ଉଭେଇ ଯିବ ସେମାନଙ୍କ ଅନ୍ତରରୁ।

## ମାର୍ଗଶିର ୨୦, ଶୁକ୍ରବାର, ୧୩୪୮ (ଇଂ ୫/୧୨/୪୧)

ଆଜି ମଧ୍ୟ ବନ୍ଧ ପାଖରେ, ତାମ୍ବୁରେ ପ୍ରାତଃ-କାଳୀନ ବୈଠକରେ ଅନେକ କଥାବାର୍ତ୍ତା ହେଲା ।

ପ୍ରଫୁଲ୍ଲ—ଇଷ୍ଟଭୃତି କିଛିଦିନ କଲେହିଁ ତାହା ସହଜ ହୋଇଯାଏ, ଖୁବ୍ ଗୋଟାଏ effort (ପ୍ରଚେଷ୍ଟା) କରିବାକୁ ହୁଏ ନାହିଁ, ସେଥିରେ କ'ଣ ଆମର ଉନ୍ନତି ହୁଏ ?

ଶ୍ରୀଶ୍ରୀଠାକୁର—Normal (ସହଜ) ହେଲେ ମଧ୍ୟ ଗୋଟାଏ superfluity of energy (ଉଦ୍‌ବୃତ୍ତ ଶକ୍ତି) ରହି ଯାଏ ଏବଂ ସବୁ କାମରେ ତା'ର ସାହାଯ୍ୟ ମିଳିଥାଏ । ଇଷ୍ଟଚରଣ-ଧନ୍ଦା ଯାହାର ମନ ଓ ମସ୍ତିଷ୍କରେ ଲାଗି ରହିଥାଏ, ତା'ର ପ୍ରବୃତ୍ତିଗୁଡ଼ିକ ଧୀରେ ଧୀରେ ସୁବିନ୍ୟସ୍ତ ହୋଇଉଠେ, ତା'ର ସବୁ କାମ ମଧ୍ୟରେ ଗୋଟାଏ ଗୋଟାଏ ଏକସୂତ୍ରନିବଦ୍ଧ ସମାହାର ହେଉଥାଏ, ତେଣୁ ବୋଧ ମଧ୍ୟ ସେହିପରି ଫୁଟିଉଠେ । ତା ଛଡ଼ା, ସେ କେବଳ କଳ୍ପନାବିଳାସୀ ହୁଏ ନାହିଁ, ତା'ର ଚିନ୍ତା ଓ କର୍ମ ମଧ୍ୟରେ ଗୋଟାଏ ସଙ୍ଗତି ଥାଏ । ଏହିପରି ଭାବରେ ଜୀବନରେ ସଫଳତାର ପଥ ଉନ୍ମୋଚିତ ହୋଇଥାଏ । ନିତ୍ୟ ଇଷ୍ଟଭୋଗର ନୈବେଦ୍ୟ ନିବେଦନ କରି ଗୋଟାଏ ଆତ୍ମ-ପ୍ରସାଦ ଲାଭ କରାଯାଏ, ପ୍ରସାଦ ମଧ୍ୟରେ ପ୍ରସାର ମଧ୍ୟ ଅଛି । ଦେଇ ପୁଷ୍ଟ କରିବା ମଧ୍ୟରେ ପାଇ ପୁଷ୍ଟ ଓ ଉନ୍ନତ ହେବାର ପଥ ରହିଛି । ପୁଣି ଇଷ୍ଟଭୃତିକୁ କ୍ରମ ବର୍ଦ୍ଧମାନ କରିବାକୁ ହୁଏ, ଏହିପରି ପ୍ରଚେଷ୍ଟାଦ୍ୱାରା, ଏହିପରି ତପସ୍ୟାଦ୍ୱାରା ଉନ୍ନତି ଅନିବାର୍ଯ୍ୟ ହୋଇ ଉଠେ । ଭୋଜ୍ୟଟା ବା ପଇସାଟା ଇଷ୍ଟଭୃତିର ମୂଳକଥା ନୁହଁ, ତା'ର ମୂଳକଥା ହେଲା ଇଷ୍ଟଙ୍କୁ ଦେବାର ଆବେଗ, ତାଙ୍କୁ ନ ଦେଇ, ନ ଖୁଆଇ ମୋତେ ଭଲ ଲାଗେ ନାହିଁ, ତେଣୁ ସର୍ବାଗ୍ରେ ତାଙ୍କର ସେବାର ଆୟୋଜନ । ଏହି ଆବେଗ ଯେତେବେଳେ ମଣିଷର ଅନ୍ତରରେ ନିଶାପରି ଘୋଟିଯାଏ, ସେ ସେତେବେଳେ ତା'ର ସବୁ କର୍ମ ଭିତର ଦେଇ ତାଙ୍କୁହିଁ ଅର୍ଘ୍ୟ ନିବେଦନ କରିବାକୁ ଚାହେଁ, ଜୀବନରେ ତା'ର ଯେପରି ଏକ ଅଫୁରନ୍ତ ଉତ୍ସାହ ଲାଗିଯାଏ ।

* * * *

ଅକ୍ଷମତା ସଙ୍ଗେ ହୀନମନ୍ୟତା କିପରି ଭାବରେ ଜଡ଼ିତ ସେଇ ସମ୍ବନ୍ଧରେ କଥା ଉଠିଲା ।

ଶ୍ରୀଶ୍ରୀଠାକୁର କହିଲେ—ମଣିଷ ଚାହେଁ appreciation (ଗୁଣଗ୍ରହଣମୁଖର ସ୍ତୁତି), ସେ ଚାହେଁ ପାରିପାର୍ଶ୍ୱିକ ତାକୁ ପ୍ରଶଂସା କରୁ, କିନ୍ତୁ ଦୁର୍ବଳତା, ଅକ୍ଷମତା ଓ ଆଳସ୍ୟ ଥିଲେ ମଣିଷ ତ ଆଉ ଛାଡ଼େ ନାହିଁ । ସେତେବେଳେ ଏହି ଅକ୍ଷମ ଯେଉଁମାନେ, ସେମାନଙ୍କ ମଧ୍ୟରୁ ଅନେକେ ନିଜକୁ ସଂଶୋଧନ ନକରି ବରଂ ଜୋର କରି ନିଜକୁ ନିଜେ establish



(ପ୍ରତିଷ୍ଠା) କରିବାକୁ ଚେଷ୍ଟା କରନ୍ତି, ଅନେକ ସମୟରେ ଅନ୍ୟକୁ ଛୋଟ କରି ନିଜକୁ ବଡ଼ କରିବାକୁ ଚାହାନ୍ତି । ଏହିପରି ଦେଖିଲେ ବୁଝିବାକୁ ହେବ ଯେ ଏହି ଅକ୍ଷମତା କବଳରୁ ସେମାନଙ୍କର ଆଉ ନିସ୍ତାର ନାହିଁ । କିନ୍ତୁ ଯେଉଁମାନେ ନିଜର ଅକ୍ଷମତା ଅତିକ୍ରମ କରିବାକୁ ଇଚ୍ଛୁକ, କେହି ସେମାନଙ୍କର ଦୋଷ ଧରିଲେ ସେମାନେ ତାହା ବିନୀତ ଭାବରେ ସ୍ୱୀକାର କରନ୍ତି, ସେମାନଙ୍କର ହୀନମନ୍ୟତା ଏତେ ଉଗ୍ର ହୁଏ ନାହିଁ, ଏମାନଙ୍କର ଉନ୍ନତି ତେଣୁ ଆଶା କରାଯାଏ । ପ୍ରକୃତ ସକ୍ଷମ ଯେଉଁମାନେ, ବିଶେଷତଃ ଶ୍ରେୟାନୁମୁଖୀ ଆବେଗରେ ଦକ୍ଷ ଓ ଯୋଗ୍ୟ ହୋଇଉଠନ୍ତି ଯେଉଁମାନେ, ସେମାନଙ୍କର ହୀନମନ୍ୟତାର ପ୍ରଶ୍ନହିଁ ନଥାଏ, ସେମାନେ ମଣିଷର ପ୍ରଶଂସାର କାଙ୍ଗାଳ ହୋଇ ଘୁରି ବୁଲନ୍ତି ନାହିଁ, ସେମାନଙ୍କର ଏକମାତ୍ର ଲକ୍ଷ୍ୟ ଥାଏ ପ୍ରିୟପରମଙ୍କୁ ଖୁସି କରିବା, ତାଙ୍କରି ଖୁସିରେ ଖୁସି ସେମାନେ । ପୁଣି ସେ (ପ୍ରିୟପରମ) ଯଦି ତୋଷାଜ ବା ପ୍ରଶଂସା ନ କରନ୍ତି, ବାହାବା ନଦିଅନ୍ତି ତହିଁରେ ମଧ୍ୟ ସେମାନଙ୍କର ଦୁଃଖ ନଥାଏ । ସେ ସୁଖୀ ହେଲେହିଁ ହେଲା—ଏହାହିଁ ସେମାନଙ୍କର ମନୋଭାବ । ନିଜପାଇଁ ସେମାନେ କିଛି ବି ଚାହାନ୍ତି ନାହିଁ । କିନ୍ତୁ ନିଜର ଚଳନ-ଚରିତ୍ର ଓ କର୍ମ ଭିତରେ ଯଦି ତାଙ୍କର (ପ୍ରିୟପରମଙ୍କର) ସୁଖ, ସ୍ୱାଚ୍ଛନ୍ଦ୍ୟ ଓ ତୃପ୍ତିର ବ୍ୟାଘାତ ହେଲାଭଳି କିଛି ଧରିପାରନ୍ତି ସେମାନେ, ସଙ୍ଗେ ସଙ୍ଗେ ଅନୁତାପରେ ସେମାନଙ୍କର ହୃଦୟ ଜଳିଯାଏ, ନିଜକୁ ପରିଶୁଦ୍ଧ ନକଲା ପର୍ଯ୍ୟନ୍ତ ସେମାନେ ଶାନ୍ତି ପା'ନ୍ତି ନାହିଁ । ତେଣୁ ଏହିପରି ଚରିତ୍ର ଯେଉଁମାନଙ୍କର ଦୁର୍ବଳତା, ଅକ୍ଷମତା ବା ହୀନମନ୍ୟତା ସେମାନଙ୍କ ଭିତରେ ବସା ବାନ୍ଧି ପାରେ ନାହିଁ । ସେମାନେ ସ୍ୱତଃ ସେମାନଙ୍କର ସମାନସ୍କନ୍ଦ ବା ଅଧିକ ଯୋଗ୍ୟ ଯେଉଁମାନେ ସେମାନଙ୍କ ପ୍ରତି ସହାନୁଭୂତି ସମ୍ପନ୍ନ ହୁଅନ୍ତି । ସେମାନଙ୍କୁ କିପରି ସେବାପରିଚର୍ଯ୍ୟାରେ ଯୋଗ୍ୟ କରି ତୋଳାଯାଏ ସେହି ଚେଷ୍ଟାହିଁ ସେମାନେ କରନ୍ତି । ଯେଉଁମାନେ ହୀନମନ୍ୟତାରୁ ଯୋଗ୍ୟତା ଆହରଣ କରିଥାନ୍ତି, ସେମାନେ ଏପରି କରି ପାରନ୍ତି ନାହିଁ । ସେମାନେ ନିଜର ବାହାଦୁରି ପ୍ରମାଣ କରିବା ପାଇଁ ଅନ୍ୟର ମନରେ ଆଘାତ ଦେଇ ଉତ୍ସାହ-ଉଦ୍ଦୀପନାକୁ ଖର୍ବ କରି ଦିଅନ୍ତି । ଆଶା, ଭରସା, ସ୍ଫୂର୍ତ୍ତି ଓ ପ୍ରେରଣା ଯୋଗାଇ ଦରଦୀ ବନ୍ଧୁ ପରି ହାତ ଧରି ଟାଣି ଉପରକୁ ଉଠାଇ ପାରନ୍ତି ନାହିଁ । ତେଣୁ ମୋର ଅନେକ ସମୟରେ ମନେହୁଏ ଯେ ଯେଉଁ ଯୋଗ୍ୟତା ଅନ୍ୟକୁ ଯୋଗ୍ୟ କରି ତୋଳିପାରେ ନାହିଁ, ତା ମଧ୍ୟ ଅଯୋଗ୍ୟତାର ଅନ୍ତର୍ଭୁକ୍ତ । ଅବଶ୍ୟ ମଣିଷର ନିଜର ଶ୍ରଦ୍ଧା, ଇଚ୍ଛା ଓ ଚେଷ୍ଟା ନଥିଲେ ବାହାରୁ କେହି କିଛି କରି ଦେଇ ପାରିବେ ନାହିଁ ।

ପର ପର ପ୍ରଶ୍ନ ଚାଲିଲା । କ୍ରମଶଃ ଗହଳି ବଢ଼ିବାକୁ ଲାଗିଲା । ସମସ୍ତେ ଶୀତରେ ଜାକିଜୁକି ହୋଇ ବସିଛନ୍ତି । ତାପରେ ଆଳାପ-ଆଲୋଚନା ଏପରି ଏକ ପରିବେଶ ସୃଷ୍ଟି କରିଛି ଯେ ଯିଏ ଥରେ ଆସି ବସୁଛି ତା'ର ଆଉ ଉଠିବାର ସାଧ୍ୟ ନାହିଁ । କଥା ଭିତର ଦେଇ ସେ ଯେପରି ନିଜର ପ୍ରାଣକୁ ସମସ୍ତଙ୍କ ପ୍ରାଣ ମଧ୍ୟରେ ପ୍ରବେଶ କରାଇ

ଦେଖଛନ୍ତି—ହାବଭାବରେ, ଭଙ୍ଗୀରେ, କଣ୍ଠସ୍ୱରରେ, ଚାହାଣିରେ। ତାଙ୍କର ନିତ୍ୟ ନବ ନଟଲୀଳା—ପ୍ରତି ମୁହୂର୍ତ୍ତରେ ଅନବଦ୍ୟ, ଅନୁପମ, ଅପୂର୍ବ। ତେଣୁ କେବେବି ତାଙ୍କୁ ପୁରୁଣା ମନେ ହୁଏନାହିଁ, ପୁରାତନ ହୋଇ ମଧ୍ୟ ଚିରନୂତନ ସେ, ଚିର ଅନାବିଷ୍କୃତ ସେ, ବିସ୍ମୟର ନୂତନ ଶୀହରଣ ନେଇ ପ୍ରତି ମୁହୂର୍ତ୍ତରେ ସ୍ତବ୍ଧ ହୋଇ ଛିଡ଼ା ହେବାକୁ ହୁଏ ତାଙ୍କ ସମ୍ମୁଖରେ। ତାଙ୍କ ସାନ୍ନିଧ୍ୟରେ ଯେଉଁ ସୁଖ, ସେ ଯେପରି ପାହାଡ଼ ଉପରେ ଉଠିବାର ସୁଖ ପରି, ସେଥିରେ କ୍ଳେଶ ଅଛି, ତପସ୍ୟା ଅଛି, ବୋଧ ରାଜ୍ୟରେ ଧାପେ ଧାପେ ଆଗେଇ ଯିବାର ଆନନ୍ଦ ଅଛି। ଆଉରି ଅଛି ବୃହତ୍ତର ପାରିପାର୍ଶ୍ୱିକଙ୍କ ପାଇଁ ଦାୟିତ୍ୱ ଗ୍ରହଣର ଆନନ୍ଦ। ଦୁଃସ୍ଥ, ଆତୁର, ଅନାଥ, ପ୍ରୟୋଜନପୀଡ଼ିତ, କ୍ରମାଗତ ଭାବରେ ତାଙ୍କ ସମ୍ମୁଖରେ ଆସି ଭିଡ଼ କରନ୍ତି, ସେ ପରସ୍ପର ଦ୍ୱାରା ପରସ୍ପରର ସେବା କରାନ୍ତି, ପ୍ରତ୍ୟେକେ ପ୍ରତ୍ୟେକର ସହାୟ ହୁଏ, ଯାହାର ଯେତେ ଟିକିଏ ଯୋଗ୍ୟତା ଅଛି, ତା'ରି ଦ୍ୱାରା ପାରିପାର୍ଶ୍ୱିକର ସହଯୋଗରେ ସେ ଅନେକ କିଛି କରି ପାରେ। ଏହିପରି ଭାବରେ ଦୁର୍ବଳ ଶକ୍ତିମାନ ହୁଏ, ସ୍ୱାର୍ଥାନ୍ଧ ବ୍ୟକ୍ତି ପ୍ରେମିକ ଓ ସେବା ମନୋଭାବସମ୍ପନ୍ନ ହୋଇଉଠେ, ଅନିୟନ୍ତ୍ରିତ ଓ ଅପଚୟପ୍ରବଣ ବ୍ୟକ୍ତି ମଧ୍ୟ ସୁନିୟନ୍ତ୍ରିତ ଓ ଉପଚୟପ୍ରବଣ ହୋଇଉଠେ, ସମାଜଶକ୍ତି ଅପୂରନ୍ତ ଉନ୍ନତି ପଥରେ ଅଗ୍ରସର ହୁଏ।

ଶରତ ଭାଇ ପ୍ରଶ୍ନ କଲେ—ସବୁ ଅବତାର କ'ଣ ସମାନ? ଶକ୍ତିର ତାରତମ୍ୟ ତ ରହିବ—ସମସ୍ତଙ୍କ ଭିତରେ ସବୁ aspect (ଦିଗ) ତ ଦେଖା ଯାଏନାହିଁ।

ଶ୍ରୀଶ୍ରୀଠାକୁର—ସମସ୍ତେହିଁ ପୂର୍ଣ୍ଣ, ସମସ୍ତେ ବଳିଷ୍ଠ, ବଡ଼ କଥା ଭିତରେ ରହିଛି ପରିପୂରଣ। ଯେତେବେଳେ ଯେପରି ପ୍ରୟୋଜନ ସେତେବେଳେ ସେପରି ଆବିର୍ଭାବ—ଯୁଗ ପ୍ରୟୋଜନ ପରିପୂରଣ ପାଇଁ। ଯୁଗେ ଯୁଗେ ସେହି ଜଣେହିଁ ଆସନ୍ତି, ପୂର୍ବତନ ଓ ପରବର୍ତ୍ତୀଙ୍କ ମଧ୍ୟରେ—ତେଣୁ ରହିଛି ଅଚ୍ଛେଦ୍ୟ ସଙ୍ଗତି। ବିବର୍ତ୍ତନର ଧାରା ଏହିପରି ଭାବରେ ଆଗେଇ ଚାଲିଛି। ତେଣୁ ଜଣକୁ ଛୋଟ କରି ଆଉ ଜଣକୁ ବଡ଼ କରିବାର ପ୍ରଚେଷ୍ଟା ଭଲନୁହେଁ। ଶ୍ରୀକୃଷ୍ଣଙ୍କ ମଧ୍ୟରେ ରାମଚନ୍ଦ୍ରଙ୍କୁ ଦେଖୁନା, ବୁଦ୍ଧଦେବଙ୍କ ମଧ୍ୟରେ ଶ୍ରୀକୃଷ୍ଣଙ୍କୁ ଖୋଜି ପାଉନା,—ଏହାହିଁ ଆମର ଦୋଷ। ବର୍ତ୍ତମାନଙ୍କ ମଧ୍ୟରେ ପୂର୍ବତନଙ୍କୁ ଖୋଜି ଦେଖିବାର ମନୋଭାବ ଯଦି ଆମର ଥାଏ, ତାହେଲେ ତାଙ୍କ ମଧ୍ୟରେ ପୂର୍ବତନ ପ୍ରତ୍ୟେକଙ୍କୁ ଆମେ ପାଇ ପାରିବୁ ଏବଂ ତାଙ୍କୁ କେନ୍ଦ୍ର କରି ସମଗ୍ର ମାନବ-ସମାଜ ଐକ୍ୟବଦ୍ଧ ହୋଇ ଉଠି ପାରିବ—ପ୍ରତ୍ୟେକେ ନିଜ ନିଜର ବୈଶିଷ୍ଟ୍ୟକୁ ଅକ୍ଷୁଣ୍ଣ ରଖି। 'ସ ପୂର୍ବେଷାମପି ଗୁରୁଃ କାଳେନାନବଚ୍ଛେଦାତ୍।' ଆପଣଙ୍କ ମଧ୍ୟରେ ଆପଣଙ୍କର ବାପା ଅଛନ୍ତି, ଜେଜେବାପା ଅଛନ୍ତି, ପୂର୍ବ-ପୂର୍ବ ପୁରୁଷ ସମସ୍ତେ ଅଛନ୍ତି—ସେହିମାନଙ୍କର ବିବର୍ତ୍ତିତ ରୂପ ଆପଣ। ପରବର୍ତ୍ତୀ ମଧ୍ୟ ସେହିପରି ପୂର୍ବବର୍ତ୍ତୀଙ୍କର ବିବର୍ତ୍ତିତ ରୂପ।

ଆଜିର ଦିନରେ ତେଣୁ ପୂର୍ବବର୍ତ୍ତୀ କେଉଁ ଅବତାର ମହାପୁରୁଷଙ୍କୁ ଯଦି ବୁଝିବାକୁ



ଚାହୁଁ, ତେବେ ବର୍ତ୍ତମାନ ପୂରୟମାଣ ଅବତାର ମହାପୁରୁଷ ଯଦି କେହି ଥା'ନ୍ତି, ତାଙ୍କରି ଭିତର ଦେଇହିଁ ବୁଝି ପାରିବା। ନଚେତ୍ ତାଙ୍କର ମର୍ମ-କେନ୍ଦ୍ରର ସନ୍ଧାନ ପାଇବା ନାହିଁ। ପୁଣି ପ୍ରେରିତ, ତଥାଗତ, ଅବତାର-ମହାପୁରୁଷ ବା ପୁରୁଷୋତ୍ତମ ଯେଉଁମାନେ, ସେମାନଙ୍କ ପ୍ରତ୍ୟେକଙ୍କ ମଧ୍ୟରେ ସବୁ aspect (ଦିଗ) ଥାଏ; affair (ସମସ୍ୟା) ଦରକାର, ତାହେଲେ ସନ୍ଧାନ ମିଳେ, ନଚେତ୍ ପ୍ରୟୋଜନୋପଯୋଗୀ କେତେକ aspect (ଦିଗ) prominent (ପ୍ରଧାନ) ଓ active (ସକ୍ରିୟ) ଦେଖାଯାଏ, ଅନ୍ୟ ସବୁ aspect (ଦିଗ)ର spark (ଝଲକ) ମଝିରେ ମଝିରେ ଦେଖାଯାଏ। ଅବତାର ମହାପୁରୁଷଙ୍କ ବ୍ୟତୀତ ଆଉ ଏକଦଳ ଅଛନ୍ତି ପାବକ-ପୁରୁଷ—ବିଶେଷ ବିଶେଷ ଗ୍ଲାନିର ନିରାକରଣ ପାଇଁ ସେମାନେ ଆସନ୍ତି, ସେମାନଙ୍କର ସବୁଦିଗରୁ ଏପରି ସୁସଙ୍ଗତ, ସୁସମ୍ପୂର୍ଣ୍ଣ ସମାବେଶ ଦେଖାଯାଏ ନାହିଁ। ତେବେ ପୂର୍ବତନଙ୍କ ପ୍ରତି ଆନୁଗତ୍ୟ ସେମାନଙ୍କ ମଧ୍ୟରେ ପରିସ୍ଫୁଟ ହେବହିଁ ହେବ।

ଜଣେ ତମାଖୁ ସଜାଇବାକୁ ଯାଇ ଗୋଟାକ ପରେ ଗୋଟାଏ ଚାରିଗା ଦିଆସିଲି କାଠି ଲଗାଇଲେ। ତାହା ଶ୍ରୀଶ୍ରୀଠାକୁରଙ୍କ ଦୃଷ୍ଟି ଏଡ଼ାଇ ନାହିଁ, କହିଲେ—ଏହାହିଁ ଦେଖି ବୁଝାଯାଏ, ତୁମେ ମିତବ୍ୟୟୀ କେତେ। ଛୋଟ ଛୋଟ ବିଷୟ ଗୁଡ଼ିକ ଠିକ୍ କରି ପକାଅ ତାହେଲେ ବଡ଼ ବଡ଼ ବିଷୟ ଅଟକିବ ନାହିଁ।

ଶରତ ଭାଇ ପ୍ରଶ୍ନ କଲେ—ମୀରାବାଈଙ୍କ ଜୀବନରେ ଦେଖିବାକୁ ପାଉ, ତାଙ୍କର ଜଣେ ଇଷ୍ଟ, ସ୍ୱାମୀଙ୍କର ଅନ୍ୟ ଜଣେ ଇଷ୍ଟ। ସ୍ୱାମୀଙ୍କ ପ୍ରତି ଟାଣ ନାହିଁ, କିନ୍ତୁ ସ୍ୱାମୀଙ୍କ ପ୍ରତି ଟାଣ ଓ ସ୍ୱାମୀଙ୍କ through ରେ (ଜରିଆରେ) ଇଷ୍ଟାନୁସରଣ କରିବାହିଁ ତ ବିଧି?

ଶ୍ରୀଶ୍ରୀଠାକୁର—Through (ଜରିଆରେ) ନୁହେଁ, in co-ordination with husband (ସ୍ୱାମୀଙ୍କ ସହଯୋଗରେ) ଏଇ ପର୍ଯ୍ୟନ୍ତ। ଇଷ୍ଟାନୁସରଣ ଅଧିକାର ସମସ୍ତଙ୍କର ଅଛି, ସ୍ୱାମୀ ଇଷ୍ଟାନୁସରଣ ନ କଲେ ମଧ୍ୟ ସ୍ତ୍ରୀ କରିବ ଏବଂ ସ୍ୱାମୀଙ୍କୁ ସେଇ ପଥକୁ ଆଣିବ। ମୀରାବାଈ ତ ପ୍ରକୃତରେ ଗିରିଧାରୀଲାଲଙ୍କ ସଙ୍ଗେ wedded (ପରିଣୟନିବଦ୍ଧ) ହୋଇ ଯାଇଥିଲା। ତାକୁ ଅନ୍ୟତ୍ର ବିବାହ ଦେବାଟାହିଁ ଠିକ୍ ହୋଇନାହିଁ। ପୁଣି ରାଣା (ମୀରାଙ୍କ ବିବାହିତ ସ୍ୱାମୀ) ଯଦି ଗିରିଧାରୀଲାଲଙ୍କ ଭକ୍ତ ହୋଇଥାନ୍ତେ ତାହେଲେ ମଣିକାଞ୍ଚନର ସଂଯୋଗ ହୋଇଥା'ନ୍ତା, ସେ (ରାଣା) ତା'ର ଭକ୍ତିପଥରେ ସହାୟକ ହୋଇଥାନ୍ତେ। ଏବଂ ସେଇ କାରଣରୁ ମୀରା ରାଣାଙ୍କ ପ୍ରତି ସ୍ୱତଃ ଅନୁରକ୍ତ ହୋଇ ଉଠିଥାନ୍ତା, ଇଷ୍ଟାନୁରାଗ ସଙ୍ଗେ ସଙ୍ଗତି ରକ୍ଷା କରି ସ୍ୱାମୀ-ଅନୁରାଗ ବିକଶିତ ହୋଇ ଉଠି ଥା'ନ୍ତା ତା ଭିତରେ, ଏହାଦ୍ୱାରା ତା'ର ଭକ୍ତି-ଜୀବନ ସମୃଦ୍ଧତର ହୋଇଥା'ନ୍ତା ସିନା କ୍ଷୁଣ୍ଣ ହୋଇ ନ ଥା'ନ୍ତା ବୋଲି ମୋର ମନେହୁଏ। ଇଷ୍ଟାର୍ଥ ଆପୂରଣ ସଙ୍ଗେ ସଙ୍ଗତି ରଖି ଦୁନିଆର ଯାବତୀୟ ଯାହାକିଛି ସଙ୍ଗେ ଆମେ ସମ୍ବନ୍ଧାନ୍ୱିତ ହେଉ ନା କାହିଁକି, ସେଥିରେ ଲାଭ ଛଡ଼ା କ୍ଷତି ନାହିଁ। ନାନା ବ୍ୟକ୍ତି, ବିଷୟ ଓ ସମସ୍ୟାକୁ ଇଷ୍ଟାନୁଗ ନିୟନ୍ତ୍ରଣରେ ଯେତେ ଆମେ ସୁବିନ୍ୟସ୍ତ କରିପାରୁ,

ସେତେହିଁ ଆମର ବ୍ୟକ୍ତିତ୍ୱ ବିସ୍ତାର ଲାଭ କରେ ଏବଂ ଇଷ୍ଟାନୁରାଗ ମଧ୍ୟ ଗଭୀରତର ହୋଇଉଠେ, ଏବଂ ଧର୍ମର ଉଦ୍ଦେଶ୍ୟ ଯେ ସପରିବେଶ ବଞ୍ଚିବାବଢ଼ିବା—ତାହା ମଧ୍ୟ ସାର୍ଥକ ହୁଏ ଏଇ ମାର୍ଗରେ। ନଚେତ୍ ପରିବେଶ ସହିତ ସମ୍ପର୍କହୀନ ଜୀବନ କିନ୍ତୁ ଧର୍ମ ନୁହେଁ। ତେଣୁ କହେ, ଇଷ୍ଟନିଷ୍ଠା ବ୍ୟାହତ ହୁଏ ଯେଉଁ ସମ୍ପର୍କରେ, ତାହା ପ୍ରତି ଆସକ୍ତ ହେବା ଉଚିତ ନୁହଁ। ସେଇ ଆଶଙ୍କାରେ ମୀରା ହୁଏତ ରାଣାଙ୍କ ସଂସର୍ଗ ସଯତ୍ନେ ପରିହାର କରି ଚାଲିଛି।

କିନ୍ତୁ ରାଣାର ସ୍ୱୀୟ ଇଷ୍ଟପ୍ରତି ଯଦି ତୀବ୍ର ଅନୁରାଗ ଥା'ନ୍ତା ତାହେଲେ ମଧ୍ୟ ହୁଅନ୍ତା, ପରସ୍ପର ପରସ୍ପରକୁ ଶ୍ରଦ୍ଧାର ଚକ୍ଷୁରେ ଦେଖୁଥାନ୍ତେ, ତାରି ଭିତରଦେଇ ସାମଞ୍ଜସ୍ୟ ହୋଇଥା'ନ୍ତା। ତେଣୁ ବିବାହ ଇତ୍ୟାଦି ସଂକ୍ରାନ୍ତରେ ବର୍ଣ୍ଣବଂଶ ଇତ୍ୟାଦି ଯେପରି ଦେଖିବା ଦରକାର ତତ୍ ସଙ୍ଗେ ସଙ୍ଗେ ପୁଅ ଝିଅଙ୍କର ପ୍ରକୃତି ସଙ୍ଗତି ମଧ୍ୟ ଦେଖିବା ଦରକାର।

## ମାର୍ଗଶିର ୨୧, ଶନିବାର, ୧୩୪୮ (ଇଂ ୬/୧୨/୪୧)

ଲୁବ୍ଧ ମଧୁବ୍ରତ ଯେପରି ମଧୁଚକ୍ରକୁ ଘେରି ଭିଡ଼ ଜମାଇଥାନ୍ତି, ଇଷ୍ଟବ୍ରତୀ ତାପସମଣ୍ଡଳୀ ଭକ୍ଷା ସମାଗମରେ ସେହିପରି ତାଙ୍କ ପାଖରେ ସମବେତ ହୋଇଛନ୍ତି। ଆଜି ହିମାଇତପୁରର ପୁଣ୍ୟଭୂମିରେ ଛିଡ଼ାହୋଇ ଯେଉଁ ଦୃଶ୍ୟ ଆମେ ଦେଖୁଛୁ—ମଣିଷ ଏପରି ଦୃଶ୍ୟ ସେତେବେଶି ଦେଖିନାହିଁ, ଦେଖିଥିଲା ଦିନେ ଦକ୍ଷିଣେଶ୍ୱରର ଦେବ ଦେଉଳରେ, ଦେଖିଥିଲା ଦିନେ ନଦୀୟାର ପଥେ-ପଥେ, ଦେଖିଥିଲା ଦିନେ ଆରବର ମରୁପ୍ରାନ୍ତରେ, ଦେଖିଥିଲା ଦିନେ ଜେରୁଜାଲେମର ଜଲପାଇ ବନରେ, ଦେଖିଥିଲା ଦିନେ ସାରନାଥର ସ୍ତୂପପାଦମୂଳରେ, ଦେଖିଥିଲା ଦିନେ ମଥୁରା-ବୃନ୍ଦାବନ-ଦ୍ୱାରକାରେ, ଦେଖିଥିଲା ଦିନେ ଅଯୋଧ୍ୟାର ରାଜପୁରୀରେ। ଏହାହିଁ ତ ଅମୃତମୟର ଅମୃତସଞ୍ଚାରର ପର୍ବ, ଯେଉଁ ଅମୃତ ପ୍ରବାହ ମୁଷ୍ଟିମେୟ କେତେକ ବ୍ୟକ୍ତିଙ୍କ ଭିତର ଦେଇ ପ୍ରବାହିତ ହୋଇଯାଏ ସାରାବିଶ୍ୱରେ, ଆଣେ ନୂତନ ପ୍ଲାବନ,—ଏକ ନବୀନ ଭାବ-ବିପ୍ଳବ—ସ୍ତରେ ସ୍ତରେ ସଙ୍କେତ ରଖିଯାଏ—ଯାହାକୁ ଭିତ୍ତିକରି ଅମୃତର ଫସଲ ଫଳିବାକୁ ଆରମ୍ଭ କରେ ମାନବ ଜୀବନର ପ୍ରତିକ୍ଷେତ୍ରରେ।

ଶରତ ଭାଇ ପଚାରିଲେ—'ଚାତୁର୍ବର୍ଣ୍ଣ୍ୟଂ ମୟାସୃଷ୍ଟଂ ଗୁଣକର୍ମବିଭାଗଶଃ'—ଏହାର ମାନେ କ'ଣ ? ଏହା କ'ଣ ମୂଳରୁ ରହିଛି ?

ଶ୍ରୀଶ୍ରୀଠାକୁର—ହଁ। ଭିତରର instinct (ସହଜାତ ସଂସ୍କାର) ଅନୁଯାୟୀ କର୍ମ ମଧ୍ୟ ହୋଇଥାଏ। ଦୁନିଆରେ ଦୁଇଟି ଜିନିଷ ଅବିକଳ ଏକାପରି ଦେଖିବାକୁ ପାଇବେ ନାହିଁ, ପ୍ରତ୍ୟେକଟିର·କିଛି ନା କି ବୈଶିଷ୍ଟ୍ୟ ଅଛି—ତାହା ଯେପରି ରୂପରେ ସେପରି ଗୁଣରେ। ଏକା ବାପ-ମାଙ୍କର ସନ୍ତାନ ପାଞ୍ଚପ୍ରକାର ହୋଇଥାନ୍ତି କାରଣ ମିଳନ ସମୟରେ ନାରୀ



ପୁରୁଷକୁ ଯେତେବେଳେ ଯେଉଁ ପ୍ରେରଣା ଦିଏ, ପୁରୁଷଠାରୁ ସେଇପରି ଜିନିଷ ବାହାରିଥାଏ। ସ୍ୱ-ଅୟନ-ସ୍ୟୁତ ବୃତ୍ତ୍ୟଭିଧାନ ତପସ୍ୟାରେ ଗତି ଓ ଅସ୍ତି ଅଧିଜାତ ହୋଇଛି। ସେଠାରେ ସ୍ୱ ହେଉଛି ଯେପରି ପୁରୁଷ, sperm (ବୀଜ), ବୃତ୍ତି ଯେପରି ପ୍ରକୃତି, ovum (ଡିମ୍ବକୋଷ) ଏବଂ ଅଭିଧାନ ହେଲା cohesive affinity (ଯୋଗାବେଗ)। ପ୍ରକୃତିର ବିଭିନ୍ନ ପ୍ରେରଣାରେ ସେଇ ଏକ ପୁରୁଷଠାରୁ ବିଭିନ୍ନ ଗୁଣର ସୃଷ୍ଟି ହେଲା। ଯେତେ ପ୍ରକାର ଗୁଣ ଥାଉ ନା କାହିଁକି, ତାର grand division (ପ୍ରଧାନ ବିଭାଗ) ଏଇ ଚାରିବର୍ଣ୍ଣ ମଧ୍ୟରେ ରହିଛି।କେବଳ ମଣିଷ କ୍ଷେତ୍ରରେ ନୁହଁ, ଜୀବ-ଜଗତର ସର୍ବ ସ୍ତରରେହିଁ ଚାତୁର୍ବର୍ଣ୍ଣ୍ୟ ରହିଛି, ସୃଷ୍ଟି ସଙ୍ଗେ ସଙ୍ଗେ ବର୍ଣ୍ଣ ପଶିଯାଇଛି। ପ୍ରଥମରୁ ତାହା instinct (ସହଜାତ ସଂସ୍କାର) ରୂପେ ଥାଏ, environment (ପାରିପାର୍ଶ୍ୱିକ) ମଧ୍ୟରେ ତାହା ପ୍ରକାଶିତ ହୁଏ, generation after generation (ବଂଶ-ପରମ୍ପରାକ୍ରମେ) ସେଇ ଧାରା ଚାଲେ।

ଶରତ ଭାଇ—ବର୍ଣ୍ଣ ଯଦି ପ୍ରଧାନତଃ ଗୁଣଗତ ବିଷୟ, ତାହେଲେ hereditary varna (ବଂଶାନୁକ୍ରମିକ ବର୍ଣ୍ଣ) ମାନିବାର ପ୍ରୟୋଜନ କ'ଣ ?

ଶ୍ରୀଶ୍ରୀଠାକୁର—ତାହେଲେ ତ ବେଶ୍ ବୁଝିଛନ୍ତି ଦେଖୁଛି ! ଗୁଣ ଟା ଆସୁଛି କେଉଁଠୁ ? ତା ତ ଏହି ଜନ୍ମସୂତ୍ରରୁ। ଆପଣଙ୍କ ଜୈବୀ ବିଧାନକୁ ବାଦ୍‌ଦେଇ ଆପଣଙ୍କର କୌଣସି ଗୁଣ ବା କର୍ମକ୍ଷମତା ନାହିଁ। କେବଳ ହାଓ୍ୱା ଉପରେ କିଛି ତିଷ୍ଠି ପାରେ ନାହିଁ। ଗୁଣ ଓ କର୍ମକ୍ଷମତା ଶରୀର, ସ୍ନାୟୁ, କୋଷ, chromosome (କ୍ରୋମୋଜମ୍), gene (ଜିନ୍) ଇତ୍ୟାଦିକୁ ଆଶ୍ରୟ କରିହିଁ ଅବସ୍ଥାନ କରିଥାଏ। ସେଗୁଡ଼ିକ ବଂଶାନୁକ୍ରମିକତାର ସୂତ୍ରଧରି ଗଢ଼ି ଆସେ, ଯାହାକୁ କୁହାଯାଏ immortal necklace of germ-cells (ବୀଜକୋଷର ଅବିନଶ୍ୱର ମାଳା)।

ଶରତ ଭାଇ—ବର୍ଣ୍ଣଧର୍ମ ଠିକ୍ ଭାବରେ ପାଳନ କରିବାକୁ ହେଲେ ତ ମଣିଷ ବର୍ଣ୍ଣୋଚିତ କର୍ମଛଡ଼ା ଅନ୍ୟ କାମ କରିପାରିବ ନାହିଁ, କିନ୍ତୁ କୌଣସି ଲୋକର ଅନ୍ୟ ବର୍ଣ୍ଣର କର୍ମରେ ଯଦି ବିଶେଷ ପ୍ରତିଭା ଥାଏ ଏବଂ ତାହା ଯଦି ସେ କରି ନ ପାରେ, ତାହେଲେ ସମାଜହିଁ ତ କ୍ଷତିଗ୍ରସ୍ତ ହେବ।

ଶ୍ରୀଶ୍ରୀଠାକୁର—ମଣିଷ ଜୀବିକା ପାଇଁ ବର୍ଣ୍ଣୋଚିତ କର୍ମଛଡ଼ା ଅନ୍ୟ ବର୍ଣ୍ଣର କାମ କରିପାରିବ ନାହିଁ—ଏକମାତ୍ର ଆପଦ୍ଧର୍ମ ଛଡ଼ା। ତାଛଡ଼ା କୌଣସି କର୍ମାନୁଶୀଳନରେ କୌଣସି ବାଧା ନାହିଁ। ବର୍ଣ୍ଣାତୀତ କର୍ମରେ ଯାହାର ବିଶେଷ ପ୍ରତିଭା ଥାଏ, ବର୍ଣ୍ଣୋଚିତ କର୍ମରେ ମଧ୍ୟ ସେ ଅପଟୁ ହୁଏ ନାହିଁ। ବର୍ଣ୍ଣୋଚିତ କର୍ମଦ୍ୱାରା ଜୀବିକା ଅର୍ଜନ କରି ଅବଶିଷ୍ଟ ସମୟ ସେ ତା'ର ପ୍ରତିଭାର ସ୍ଫୁରଣ ଏବଂ ତଦନୁଯାୟୀ ଲୋକସେବାରେ ବ୍ୟୟ କରିପାରେ। ତାହାର ବିନିମୟରେ କିନ୍ତୁ ସେ କିଛି ଚାହିଁବ ନାହିଁ, କିନ୍ତୁ ତା'ର ସେବାରେ ପ୍ରୀତ ହୋଇ ସ୍ୱତଃସ୍ଫୂର୍ତ୍ତ ଆଗ୍ରହରେ ପ୍ରୀତି-ଅବଦାନ-ସ୍ୱରୂପ କେହି ଯଦି ତାକୁ କିଛି ଦିଏ, ତାହା ଗ୍ରହଣ କରିବାରେ

ତାର କିଛି ବାଧା ନାହିଁ। କିମ୍ବା ରାଷ୍ଟ୍ରତରଫରୁ ତାକୁ ଯଦି କିଛି ପୁରସ୍କାର ଦିଆଯାଏ, ତା ମଧ୍ୟ ସେ ଗ୍ରହଣ କରିପାରେ। ପ୍ରତ୍ୟେକେ ଯଦି ବର୍ଣ୍ଣୋଚିତ କର୍ମନିରତ ଥା'ନ୍ତି, କେହି କାହାର ବୃତ୍ତି ହରଣ ନ କରନ୍ତି, ତାହେଲେ ବେକାର ସମସ୍ୟା ବିଲକୁଲ ଦେଖାହିଁ ଦେବ ନାହିଁ। ଅଯଥା ପ୍ରତିଯୋଗିତା ମଧ୍ୟ ବନ୍ଦ ହୋଇଯିବ। ପାରସ୍ପରିକ ସହଯୋଗ ଓ ନିର୍ଭରଶୀଳତା ବୃଦ୍ଧି ପାଇବ। ବଂଶ ପରମ୍ପରାକ୍ରମେ ଗୋଟିଏ କର୍ମକରିବା ଫଳରେ ପ୍ରତ୍ୟେକଙ୍କର ଦକ୍ଷତା ଓ ଯୋଗ୍ୟତା ବଢ଼ିଯିବ। ପ୍ରତ୍ୟେକେ ସ୍ୱ-ସ୍ୱ କର୍ମକରିବା ଦ୍ୱାରା ସର୍ବତୋମୁଖୀ ସୁଷମ ଉତ୍ପାଦନ ଓ ସେବାପରିବେଷଣର ଗୋଟାଏ ସ୍ୱାଭାବିକ ଅବସ୍ଥା ସ୍ୱତଃହିଁ ଗଢ଼ିଉଠିବ। କୌଣସି ବର୍ଣ୍ଣର ବିଶିଷ୍ଟ ସେବାର ଅଭାବରେ, ସେମାନେ ଏବଂ ଅନ୍ୟାନ୍ୟ ବର୍ଣ୍ଣ ଅପୁଷ୍ଟ ରହିବେ ନାହିଁ। ସାମାଜିକ ଶୃଙ୍ଖଳା ଅବ୍ୟାହତଭାବରେ ବିକାଶ ଲାଭକରିବ। ତେଣୁ ଆମର ବାପ, ବଡ଼ବାପ, ଋଷି, ମହାପୁରୁଷମାନେ ଯେଉଁ ବିଧାନ କରି ଯାଇଛନ୍ତି, ତାକୁ ଟିକିଏ ତଳେଇ ବୁଝିବାକୁ ଚେଷ୍ଟା କରିବେ। ଅଦୂରଦର୍ଶିତା ଓ ହୀନତ୍ୱବୃଦ୍ଧି ଯୋଗୁଁ ଦୁନିଆରେ ଅନେକ ଆନ୍ଦୋଳନ ହୋଇଛି, କିନ୍ତୁ ତଦ୍ୱାରା ସମସ୍ୟାର ସମାଧାନ କିଛି ହୋଇ ନାହିଁ, ସବୁ ସମସ୍ୟା ମଣିଷର ଅକ୍ତିଆରର ବାହାରକୁ ଚାଲିଯାଉଛି ଏବଂ ବାରମ୍ବାର ବିଶ୍ୱଯୁଦ୍ଧ ଅନିବାର୍ଯ୍ୟ ହୋଇଉଠୁଛି। ଏହାର ପ୍ରତିକାର ଅଛି ସୁସଙ୍ଗତ ବ୍ୟକ୍ତିବିଜ୍ଞାନ ଓ ସମାଜବିଜ୍ଞାନକୁ ଆଶ୍ରୟ କରିବା ମଧ୍ୟରେ। ଏହି ବିଜ୍ଞାନର ନାମ ବର୍ଣ୍ଣାଶ୍ରମ ଏବଂ ଆମର ଋଷି ମହାପୁରୁଷମାନେହିଁ ଏହି ପ୍ରାକୃତିକ ଦେବବିଜ୍ଞାନର ଦ୍ରଷ୍ଟା, ଆବିଷ୍କର୍ତ୍ତା ଓ ପ୍ରତିଷ୍ଠାତା।

ସାଧନା ପ୍ରସଙ୍ଗରେ ଶ୍ରୀଶ୍ରୀଠାକୁର କହିଲେ—ଆମେ ଅଗ୍ନି ଉପାସନା, ବରୁଣ ଉପାସନା, milky way (ଛାୟାପଥ) ର ଉପାସନା—ଯେତେ ଉପାସନା କରୁ ନା କାହିଁକି, ତାହା ଆମ ନିକଟରେ ଯେତେ ବିରାଟ ଓ ସୂକ୍ଷ୍ମ ହେଉ ନା କାହିଁକି, ଗୋଟାଏ ମଜା ଦେଖିବେ, ଆମେ କିନ୍ତୁ ତାହା ହେବାକୁ ଚାହୁଁ ନା, cause (କାରଣ) ଆମେ ଜାଣିବାକୁ ଚାହିଁଲେ ମଧ୍ୟ causal plane (କାରଣଭୂମି) ରେ ଆମେ ରୂପାନ୍ତରିତ ହେବାକୁ ଚାହୁଁ ନା। ଆମେ ଚାହୁଁ with this body and conscicusness (ଏହି ଶରୀର ଓ ଚେତନା ସହ) ସବୁଟା ଉପରେ ଆଧିପତ୍ୟ କରିବାକୁ, ସବୁଟାକୁ ଉପଭୋଗ କରିବାକୁ, ଈଶତ୍ୱ ଲାଭ କରିବାକୁ। ତେଣୁ ଆମପରି ମଣିଷ ହୋଇ ମଧ୍ୟ ଯେ ତାହା ଲାଭ କରିଛନ୍ତି, ତାଙ୍କୁ ଆମେ ଖୋଜୁ—ଭଗବାନ ଲାଭର ଆକାଙ୍କ୍ଷା ମୂଳରେ ଏହାହିଁ ନିହିତ। ଜଣେ ଦେହୀମଣିଷ ନଥିଲେ, ତାଙ୍କପ୍ରତି ଟାଣ ନ ଆସିଲେ, ଏଥିରେ କୌଣସି ରସ ନଥାଏ। ତାଙ୍କୁ ଯେତେବେଳେ ଜୀବନର ମୁଖ୍ୟରୂପେ ଧରୁ ସେତେବେଳେ ତାଙ୍କର ପ୍ରୀତିପାଇଁ, ତାଙ୍କର ତୃପ୍ତିପାଇଁ ଅସାଧ୍ୟ ସାଧନ କରିପାରୁ, ତହିଁରେ ଆମର କଷ୍ଟ-ବୋଧ ନଥାଏ, ଉତ୍ତରୋତ୍ତର ବିକାଶ ପଥରେ ଅତନ୍ଦ୍ର ପ୍ରୟାସରେ ଆଗେଇ ଚାଲୁ। ଏହି ସାଧନା ଭିତର ଦେଇ ନୂତନ ନୂତନ acquisition (ଅର୍ଜନ ବା ଅଧିଗମନ) ହୁଏ, ଏହିପରିଭାବରେ ହୁଏ ଆମର



evolution (ବିବର୍ତ୍ତନ) ବା becoming (ବିବର୍ଦ୍ଧନ)। ପୁଣି ଏହି ବାଟଟିହିଁ ହେଲେelixir of acquistion (ଅଧିଗମନର ଅମୃତ)। ଆଧିପତ୍ୟ ଆସିଲେ ମଧ୍ୟ ତାହା ନିଜେ ନିଜେ ଉପଭୋଗ କରାଯାଏ ନାହିଁ, ତାଙ୍କୁ ଉପଭୋଗ କରାଇ ଉପଭୋଗ କରିବାକୁ ହୁଏ, control (ଆଧିପତ୍ୟ) କରିବାକୁ ଚାହୁଁ, ତାହା ମଧ୍ୟ ତାଙ୍କରି ପାଇଁ, ନଚେତ୍ ଅହଙ୍କାରରେ ଆବଦ୍ଧ ହୋଇଯାଉ, further acquisition (ଉତ୍ତରୋତ୍ତର ଅଧିଗମନ) ହୁଏ ନାହିଁ, ଉପଭୋଗ କରାଯାଏ ନାହିଁ। ଏହିପରି ଇଷ୍ଟବିହୀନ ସାଧନା ଦ୍ୱାରା ମଣିଷ ଗୋଟାଏ ଦାନବ, ପାଗଳ ବା ଦୁଶମନ ହୋଇ ଉଠିବାର ଆଶଙ୍କା ଅଛି, କାରଣ ସେତେବେଳେ ସେ ସାଧନାର ଭିତର ଦେଇ ଯଦି କୌଣସି ଶକ୍ତିଲାଭ କରେ, ତାହା ସେ ନିଜର ଖିଆଲ, ଖୁସି ଓ ପ୍ରବୃତ୍ତି ମାଫିକ ବ୍ୟବହାର କରିବ। ସାଧନ ମାନେ acquisitive effort (ଅଧିଗମନକାରୀ ପ୍ରୟାସ), ଯେ କୌଣସି ବିଷୟରେ ମଣିଷ ସାଧନା କରୁ, ଯେପରି ବିଦ୍ୟା, ଶକ୍ତି ଓ ଯୋଗ୍ୟତା ସେ ଆହରଣ କରୁ, ତା ପଛରେ ଯଦି ଇଷ୍ଟାନୁରାଗ ନଥାଏ, ତାହେଲେ କିନ୍ତୁ ଏହି ପ୍ରକାର ଫଳ ଫଳିଥାଏ। ତେଣୁ ଜୀବନର ଆଦିରେ, ମଧ୍ୟରେ ଓ ଅନ୍ତଃରେ—ସର୍ବାବସ୍ଥାରେ ଯେଉଁ ଜିନିଷଟି ଦରକାର, ତାହା ଏହି ଇଷ୍ଟପ୍ରାଣତା।

ପ୍ରଶ୍ନ କରାହେଲା—ଇଷ୍ଟ ନଥାଇ ସଂଯତ, ବ୍ୟକ୍ତିତ୍ୱବାନ, ବୁଦ୍ଧିମାନ, ପରୋପକାରୀ, କୃତୀ ଲୋକ ତ ଦେଖାଯା'ନ୍ତି ?

ଶ୍ରୀଶ୍ରୀଠାକୁର—ସେମାନଙ୍କର ଦେଖିବେ ଅନ୍ତତଃ ମା-ବାପା ବା ଶ୍ରେଷ୍ଠ ଗୁରୁଜନଙ୍କ ପ୍ରତି ଟାଣ ନିଶ୍ଚୟ ଅଛି। ଅନେକଙ୍କର ପୁଣି ଜନ୍ମଗତ ସମ୍ପଦ ଓ ପ୍ରକୃତି ଭଲଥାଏ, ତେଣୁ ଇଷ୍ଟ ନ ଧରିଲେ ମଧ୍ୟ ଚରିତ୍ରରେ ଅନେକ goodness (ସଦ୍‌ଗୁଣ) ଥାଏ। କିନ୍ତୁ ତାହା ହେଉଛି mechanical goodness (ଯନ୍ତ୍ରବତ୍ ସଦ୍‌ଗୁଣ)—ଯାହା କି ସର୍ବସଙ୍ଗତିସହ କାହାରିଠାରେ ସାର୍ଥକ ହୋଇଉଠେ ନାହିଁ। ଫଳରେ ଗୋଟିଏ sterile uneven goodness (ବନ୍ଧ୍ୟା, ଅସମଞ୍ଜସ ସଦ୍‌ଗୁଣ)—ଯାହା ପ୍ରେରଣା-ପ୍ରଦୀପ୍ତ କରି କୌଣସି ଜୀବନକୁ ଉତ୍କ୍ରମଣଶୀଳ କରିତୋଳି ପାରେ ନାହିଁ, କାରଣ ଶ୍ରେୟକେନ୍ଦ୍ରିକ ନ ହୋଇଥିବା ଯୋଗୁଁ ସେମାନଙ୍କର meaningful adjustment (ସାର୍ଥକ ବିନ୍ୟାସ) ହୁଏ ନାହିଁ, ସେମାନଙ୍କର କୌଣସି କର୍ମ ସହିତ କୌଣସି କର୍ମର ସଙ୍ଗତି ନଥାଏ ଏବଂ ଶ୍ରେୟମାନେହିଁ ଶ୍ରେଷ୍ଠପୁରୁଷ। କିନ୍ତୁ ଦୈବୀ ପ୍ରକୃତିସମ୍ପନ୍ନ ଯେଉଁମାନେ, ସେମାନେ ଉପଯୁକ୍ତ ଇଷ୍ଟଙ୍କୁ ଗ୍ରହଣ ନ କଲେ ମଧ୍ୟ ସ୍ୱତଃ ଶ୍ରଦ୍ଧାବାନ୍ ଥା'ନ୍ତି ଏବଂ ଇଷ୍ଟଙ୍କର ସନ୍ଧାନ ପାଇଲେ ତାଙ୍କୁ ଗ୍ରହଣ କରିବାକୁ ତାଙ୍କର କୌଣସି ଅସୁବିଧା ହୁଏ ନାହିଁ। ପୁଣି ହୀନତ୍ୱ ମନୋଭାବ, ଈର୍ଷା ବା ଆକ୍ରୋଶମୂଳକ ମନୋଭାବ ଯୋଗୁଁ ଯେଉଁମାନେ କିଛିଟା କୃତିତ୍ୱ ଅର୍ଜନ କରିଥାନ୍ତି, କିମ୍ବା ପ୍ରତିଷ୍ଠା ଲୋଭରେ ପରୋପକାର ବା ମୁଲାୟମ ଲୋକ ଦେଖାଣିଆ ଆଚରଣ ଦେଖାନ୍ତି, ସେମାନଙ୍କର ଦୈନ୍ୟ ଅର୍ଥାତ୍ ଅନ୍ତଃନିହିତ ଅସଙ୍ଗତି ଓ ଅସାମଞ୍ଜସ୍ୟ ପ୍ରତିପଦକ୍ଷେପରେହିଁ

ଧରା ପଡ଼ିଯାଏ, ସେମାନେ ଶେଷ ପର୍ଯ୍ୟନ୍ତ ନିଜକୁ ବଜାୟ ରଖି ପାରନ୍ତି ନାହିଁ, ଅଧାବାଟରେ ଢଳି ପଡ଼ିଥାନ୍ତି ସେମାନେ। ପ୍ରକୃତି ବଡ଼ କଠୋର ପରୀକ୍ଷକ, ଦୁନିଆ ବକ୍ଷରେ ଦୀର୍ଘଦିନ ଫାଙ୍କିମାରି ଚଳିବାର ଜୁ କାହାର ନାହିଁ। ପୁଣି ହୀନତ୍ୱ ମନୋଭାବ ଯେଉଁମାନଙ୍କର ବେଶି, ସେମାନେ ସଦ୍‌ଗୁରୁ ପାଇଲେ ମଧ୍ୟ ତାଙ୍କୁ ଗ୍ରହଣ କରିପାରନ୍ତି ନାହିଁ। ଆତ୍ମସମର୍ପଣ କଥା ଶୁଣିଲେ ସେମାନଙ୍କର ସମସ୍ତ ସତ୍ତାଟା ଯେପରି କମ୍ପିଉଠେ।

ଏହାପରେ ଗଣତାନ୍ତ୍ରିକ ବିଧାନ ସମ୍ବନ୍ଧରେ କଥା ଉଠିଲା। ଶ୍ରୀଶ୍ରୀଠାକୁର ତାହା ଶୁଣି କହିଲେ—ଆମର ଏଇ body (ଦେହ) ଆଡ଼େ ନଜର ଦିଅନ୍ତୁ, ପ୍ରତ୍ୟେକଟା organ (ଅଙ୍ଗ) ପ୍ରତ୍ୟେକଟା organ (ଅଙ୍ଗ) ରେ deficiency (ଅଭାବ) ହେଲେ, ସଙ୍ଗେ ସଙ୍ଗେ ଅନ୍ୟ organ (ଅଙ୍ଗ) ସବୁ ଲାଗି ପଡୁଛନ୍ତି ତାହା make up (ପରିପୂରଣ) କରିବାପାଇଁ, ପ୍ରତ୍ୟେକଙ୍କର ସ୍ଥିତି ଅନ୍ୟ ସବୁଗୁଡ଼ିକ ଉପରେ ନିର୍ଭର କରୁଛି, ଆଉ brain (ମସ୍ତିଷ୍କ) ଟା ଯେପରି whole (ସମଗ୍ର), ତେଣୁ ତାକୁ କୁହାଯାଏ ଉତ୍ତମାଙ୍ଗ, ସବୁ organ (ଅଙ୍ଗ) ଗୁଡ଼ିକ separately (ପୃଥକ ଭାବରେ) ଓ jointly (ମିଳିତ ଭାବରେ) constantly (ସର୍ବଦା) brain (ମସ୍ତିଷ୍କ) କୁ nourish (ପୁଷ୍ଟ) କରିବାକୁ ଚେଷ୍ଟା କରୁଛନ୍ତି, brain (ମସ୍ତିଷ୍କ) କରୁଛି ଗୁରୁଙ୍କ କାମ, ସେ ଦେଉଛି impulse (ପ୍ରେରଣା) ସମସ୍ତଙ୍କୁ guide (ପରିଚାଳନା) କରୁଛି। ପ୍ରକୃତ ପକ୍ଷରେ ସଙ୍ଘ, ସମାଜ ଓ ରାଷ୍ଟ୍ର ଗଠନ କରିବାକୁ ହେଲେ, ଏହିପରି କରିବାକୁ ହେବ। ଏହାଛଡ଼ା କୌଣସି system (ବିଧାନ) ଗଢ଼ିଉଠେ ନାହିଁ, ଭୁଷୁଡ଼ି ପଡ଼େ। ତେଣୁ ବୁଝନ୍ତୁ, 'vox populi vox dei' (ଜନଗଣଙ୍କର କଥା ଭଗବାନଙ୍କର କଥା) ନା 'vox expletori vox dei' (ପୂରକ-ପୁରୁଷଙ୍କ କଥାହିଁ ଭଗବାନଙ୍କର କଥା)। Suffering (ଦୁଃଖ) ର କ୍ରନ୍ଦନ ଗୋଟାଏ atmosphere (ବାତାବରଣ) ସୃଷ୍ଟିକରେ, ଗୋଟାଏ good pair (ସୁ-ଦମ୍ପତି) ର brain (ମସ୍ତିଷ୍କ) କୁ ସେଇ ଆକୁଳତା ଆଲୋଡ଼ିତ କରେ, ସେଇଠାରେ ପରିତ୍ରାତାର soul (ଆତ୍ମା) ଅବତରଣ କରେ, ଗୋଟାଏ zygote (ଜୀବକୋଷ) cord (ନାଡ଼ୀ) placenta (ଫୁଲ) ମଧ୍ୟରେ ଶୋଇ ଶୋଇ ବୃଦ୍ଧିପାଏ, ସତେ ଯେପରି ନାରାୟଣ କ୍ଷୀର ସମୁଦ୍ରରେ ଶୋଇଛନ୍ତି, ଲକ୍ଷ୍ମୀ ତାଙ୍କର ପଦସେବା ଅର୍ଥାତ୍ ଚଳନସେବା କରୁଛନ୍ତି। ପରେ ଦିନେ ଜନ୍ମ ହୋଇ—ଜାଗିଉଠନ୍ତି ସେ ମଣିଷ ମଧ୍ୟରେ। ଜନ୍ମରୁହିଁ ତାଙ୍କର ବିରାଟତ୍ୱର tinglings (ଝଙ୍କାର) ର ଆଭାସ ମିଳିଥାଏ, ସମସ୍ତଙ୍କର ଦୁଃଖ-ବେଦନା ବକ୍ଷରେ ଧାରଣ କରି ତା'ର ନିରାକରଣ ପ୍ରତିଭା ଓ ପ୍ରଚେଷ୍ଟାରେ ପ୍ରଦୀପ୍ତ ହୋଇ ଯିଏ ଆସନ୍ତି—ଏହିପରି ମଣିଷହିଁ ମାନବ ସମାଜର ପ୍ରାଣ ଓ ମସ୍ତିଷ୍କ ସ୍ୱରୂପ—ତାହା ବ୍ୟଷ୍ଟିଗତ ଓ ସମଷ୍ଟିଗତ ଭାବରେ। ତେଣୁ ସଂଘ ସମାଜ ବା ରାଷ୍ଟ୍ର ଯଦି ତାଙ୍କୁହିଁ କେନ୍ଦ୍ରକରି ସଂଗଠିତ କରିତୋଳ—ପ୍ରତ୍ୟେକର ବୈଶିଷ୍ଟ୍ୟକୁ ପୁଷ୍ଟକରି, ପ୍ରତ୍ୟେକକୁ ପ୍ରତ୍ୟେକର ସହାୟକ କରି—ପାରସ୍ପରିକତାରେ ବ୍ୟକ୍ତିଗତ ଓ ସମଷ୍ଟିଗତ ପ୍ରଚେଷ୍ଟାରେ ଏହି ଜୀବନ୍ତ କେନ୍ଦ୍ରକୁହିଁ



ପରିପୂରିତ କରି, ପରିପୁଷ୍ଟ କରି,—ତାହେଲେ ଯାଇଁ ମଣିଷର ଦୁଃଖ ଦୂର ହୋଇଥାଏ। ଏବଂ ଚିନ୍ତାକରି ଦେଖ—ଏପରି ବିଧାନ ତୁମେ ଚାହଁ କି ନା, ପ୍ରତ୍ୟେକଟା ବ୍ୟକ୍ତି ଚାହେଁ କି ନା ; ଏହାହିଁ ଆମର ଶାଶ୍ୱତ ଆର୍ଯ୍ୟବିଧାନ। ଏହାକୁ ଯେଉଁ ତନ୍ତ୍ର କହ ନା କାହିଁକି, ସେଥିରେ କିଛି ଆପତ୍ତି ନାହିଁ, କିନ୍ତୁ ଦରକାର ଏଇ ଜିନିଷଟା।

ଅନିର୍ବଚନୀୟ ଅକ୍ଷୟ ସୁଧାସ୍ୱାଦପୂର୍ଣ୍ଣ ତାଙ୍କ ଜୀବନ। ତାଙ୍କର ସାନ୍ନିଧ୍ୟରେ ଆସି ମଣିଷ ଯାହା ଆହରଣ କରିନିଏ ତାହା ଅତି ସାମାନ୍ୟ, ତେବେ ଏହା ଭିତରେ ଗୋଟାଏ ନିଶା ଅଛି,—ନିଜର ହଜିଲା ସତ୍ତାଟାକୁ ପୁଣି ଫେରି ପାଇବାର ନିଶା। ସେଇ ନିଶାରେ ମଣିଷ ପ୍ରଶ୍ନ ପରେ ପ୍ରଶ୍ନ କରେ, ଜାଣିବା ପରେ ପୁଣି ଜାଣେ, କରିବା ପରେ ପୁଣି କରେ, ଏହିପରି ଭାବରେ ସେ ନିଜକୁ ଯଥାର୍ଥ ଉପଲବ୍ଧ କରି ଅଗ୍ରସର ହୁଏ,—ପରମ ସତ୍ୟ, ଶିବ, ସୁନ୍ଦର ଜୀବନର ସହିତ ପ୍ରୀତି ନିବଦ୍ଧ ହୋଇ।

ପ୍ରଫୁଲ୍ଲ—ଆପଣ କ'ଣ ମୂଳରୁ ବୁଝି ପାରିଥିଲେ ଯେ ଆପଣ ଜଗତର କଲ୍ୟାଣ ପାଇଁ ଆବିର୍ଭୂତ ହୋଇଛନ୍ତି ?

ଶ୍ରୀଶ୍ରୀଠାକୁର—ସେ ସବୁ କ'ଣ ଜାଣେ ! ପିଲାଦିନୁ ମଣିଷକୁ ଭଲ ପାଇଛି, କାହାରି ଦୁଃଖ ଦେଖିପାରେ ନାହିଁ। କାହାକୁ ଦୁର୍ଦ୍ଦଶାଗ୍ରସ୍ତ ଦେଖିଲେ ମନେ ହେଉଥିଲା, ମୁଁ ନିଜେ ଯେପରି ସେଇ ଅବସ୍ଥାରେ ପଡ଼ିଯାଇଛି, ଏବଂ ତା'ର ଗୋଟାଏ ବିହିତ ପ୍ରତିକାର ନକଲା ପର୍ଯ୍ୟନ୍ତ ଥୟ ହୋଇ ପାରୁ ନଥିଲି। ବିଦ୍ୟାବୁଦ୍ଧି, ଟଙ୍କାପଇସା, ଜନବଳ ଇତ୍ୟାଦି କୌଣସି ସମ୍ବଳ ମୋର ନଥିଲା, କିନ୍ତୁ ଏକମାତ୍ର ଭଲପାଇବାର ସମ୍ବଳକୁ ବକ୍ଷରେ ଧରି ମୁଁ ଦୁଃସାହସିକ ପରି ଚାଲିଛି—କୌଣସି କାମକୁ ଅସମ୍ଭବ ବୋଲି ମନେ କରିନାହିଁ। ମଣିଷର ଯେଉଁଥିରେ ମଙ୍ଗଳ ହେବ, ତାହା ନକରି ରହିପାରୁ ନଥିଲି। ତାହା ପାଇବି କି ନାହିଁ ଏପରି ପ୍ରଶ୍ନ ବା ସନ୍ଦେହର ଅବକାଶ ମୋର କେବେ ବା ନଥିଲା। ନିଜର ଆତ୍ମରକ୍ଷାର ଆକୁଳ ଗରଜରେ ମୁଁ ସମସ୍ତଙ୍କର ଆତ୍ମରକ୍ଷା ପାଇଁ ନିରନ୍ତର ଛୁଟିଛି। ମୋର ଏହି ଅସହାୟ ଅବସ୍ଥାକୁ ଲକ୍ଷ୍ୟ କରି ପରମପିତା ବୋଧହୁଏ ଦୟାକରି ସବୁ ଜିନିଷର ଅନ୍ତର୍ନିହିତ ସତ୍ୟବସ୍ତୁକୁ ମୋ ଆଖିରେ ଆଙ୍ଗୁଠି ଦେଇ ସ୍ପଷ୍ଟରୂପେ ଦେଖାଇ ଦେଇଛନ୍ତି। ତେଣୁ, ମୁଁ ଲେଖାପଢ଼ା ନ ଜାଣିଲେ ମଧ୍ୟ—ବ୍ୟଷ୍ଟି ଓ ସମଷ୍ଟିଜୀବନର ସର୍ବାଙ୍ଗୀନ କଲ୍ୟାଣ କିପରି ଭାବରେ ହେବ, ସେ ସମ୍ବନ୍ଧରେ ମୋର ବୁଝିବାକୁ କିଛି ବାକୀ ନାହିଁ—ପରମପିତାଙ୍କ ଦୟାର ଦାନ ହିସାବରେହିଁ ମୁଁ ଏହା ବୁଝିପାରିଛି। ମୁଁ ସାହିତ୍ୟ, ବିଜ୍ଞାନ, ଶାସ୍ତ୍ର, ତତ୍ତ୍ୱ, ଇତିହାସ କିଛି ବି ଜାଣେନାହିଁ, କିନ୍ତୁ ଯାହା ମୁଁ ସ୍ୱଚକ୍ଷୁରେ ଦେଖିଛି, ସେଇ ଦୃଷ୍ଟିରେ—ମୋର ବୋଧଗମ୍ୟ ଯାହା ହୋଇଛି ସେଥିରେ—ଏସବୁ କିଛି ବି ବାଦ୍ ପଡ଼ିଛି ବୋଲି ମନେହୁଏ ନାହିଁ। ମୁଁ ଯାହା କିଛି କହିଥାଏ, ତାକୁହିଁ ଭିତ୍ତିକରି କହିଥାଏ। ତେଣୁ, ମୋର କହିବା ସମ୍ବନ୍ଧରେ ମୋର କୌଣସି ସଂଶୟ ନାହିଁ। କିନ୍ତୁ ମୋର ସବୁଠାରୁ ବେଶି ଦୁଃଖ ହୁଏ, ଯେତେବେଳେ ଦେଖେ, ତୁମ୍ଭେମାନେ

ମୋର ସବୁ କଥା ଶୁଣି ମଧ୍ୟ ଯେପରିଭାବରେ ଲାଗିପଡ଼ିବା ଦରକାର, ସେପରି କରୁ ନାହଁ, ଗୋଟାଏ ତାତ୍ତ୍ୱିକ ବିଳାସରେ ବେଶ୍ ସ୍ୱଚ୍ଛନ୍ଦରେ ଦିନ କାଟି ଯାଉଛ । ଏକଥା ଠିକ୍ ଜାଣ, ମୁଁ ନିଷ୍କ୍ରିୟ ଆଳାପ-ଆଲୋଚନା ପସନ୍ଦ କରେ ନାହିଁ । ତୁମ୍ଭମାନଙ୍କର କର୍ମତତ୍ପରତା ଉପରେହିଁ ବଙ୍ଗଳା, ଭାରତ ତଥା ସମଗ୍ର ଜଗତର ଯାବତୀୟ ଦୁଃଖ କଷ୍ଟର ସମାଧାନ ନିର୍ଭର କରୁଛି । ଯାହା କହୁଛି, ସେହିପରି ତୀବ୍ର ଭାବରେ ଆଗେଇ ଯଦି ନଚାଲ, ସାରା ଦେଶରେ ଏହାକୁ ଯଦି ଶୀଘ୍ର ଶୀଘ୍ର ପ୍ରଚାର ନ କରି ଦିଅ, ମଣିଷମାନଙ୍କୁ ଯଦି ବ୍ୟଷ୍ଟି ଓ ସମଷ୍ଟିଗତ ଭାବରେ ସୁଗଠିତ ଓ ସଙ୍ଗଠିତ କରି ନତୋଳ, ତେବେ ଅଦୂର ଭବିଷ୍ୟତରେ ତୁମେ ଏପରି ବିପର୍ଯ୍ୟୟର ସମ୍ମୁଖୀନ ହେବ, ଯାହାର ଭୟାବହତା ବର୍ତ୍ତମାନ କଳ୍ପନା ମଧ୍ୟ କରିପାରିବ ନାହିଁ । ମୋର ଯେ କେତେକଷ୍ଟ ହେଉଛି ତାହା ତୁମେ ବୁଝିପାରିବ ନାହିଁ, ବୁଝୁଥିଲେ ନିଜ ନିଜର ସଂସାର ଜଞ୍ଜାଳରେ ଆବଦ୍ଧ ହୋଇ ରହିପାରନ୍ତ ନାହିଁ । ମୁଁ କହେ ! ତୁମର ଏଇ ଘରସଂସାର ପ୍ରତି ଯଦି ସୁବିଚାର କରିବାକୁ ଚାହଁ, ତାହେଲେ ସେମାନଙ୍କ ପ୍ରତି ନିର୍ମମ ହୋଇ ମଧ୍ୟ ଯାହା କହୁଛି ତା କର—

> 'ମୟି ସର୍ବାଣି କର୍ମାଣି ସଂନ୍ୟସ୍ୟାଧ୍ୟାତ୍ମଚେତସା ।
> ନିରାଶୀର୍ନିର୍ମମୋ ଭୂତ୍ୱା ଯୁଧ୍ୟସ୍ୱ ବିଗତଜ୍ୱରଃ ॥'

କଥା ଗୁଡ଼ିକ କହୁ କହୁ ଆଗ୍ରହ ଓ ଆବେଗର ଆତିଶଯ୍ୟରେ ଶ୍ରୀଶ୍ରୀଠାକୁରଙ୍କ ମୁଖମଣ୍ଡଳ ଉଜ୍ଜ୍ୱଳ ହୋଇ ଉଠିଲା, କଣ୍ଠସ୍ୱରର ତଡ଼ିତ୍ ମୂର୍ଚ୍ଛନା ସମସ୍ତଙ୍କ ଅନ୍ତରରେ ଏକ ତୀବ୍ର ଜ୍ୱାଳା ସୃଷ୍ଟି କଲା—ସେ ଆତ୍ମଭୋଳା ହୋଇ କିଛିକ୍ଷଣ ପଦ୍ମାଚରର ଦୂର ଆକାଶ ଆଡ଼େ ଉଦାସ ଦୃଷ୍ଟି ଢାଳି ଚାହିଁ ରହିଲେ, କାହାରି ମୁହଁରେ ପଦେ ବି କଥା ନାହିଁ, ଚାରି ଦିଗରେ ଏକ ଦିବ୍ୟ ଗାମ୍ଭୀର୍ଯ୍ୟ । ହରିପଦ ଭାଇ (ସାହା) ନିଃଶବ୍ଦରେ ତମାଖୁ ସଜାଇ ଦେଲେ । ଶ୍ରୀଶ୍ରୀଠାକୁର ତମାଖୁ ନଳଟି ହାତରେ ନେଇ ମୁହଁରେ ଲଗାଇ ଟାଣିବାକୁ ଲାଗିଲେ, ସେ ଯେ ତମାଖୁ ଖାଉଛନ୍ତି ତା ଯେପରି ନିଜେ ବୁଝି ପାରୁ ନାହାଁନ୍ତି, ଦୃଷ୍ଟି ତଥାପି କେଉଁ ସୁଦୂରର କେଉଁ ଗଭୀରରେ,—ଦେଶ-କାଳ-ପାତ୍ରକୁ ଅତିକ୍ରମ କରି—ଅନନ୍ତର ମହାସାଗରରେ ଚୁପ୍‌ଚାପ ବସି ଅଛନ୍ତି—ପୂର୍ବଦକ୍ଷିଣାସ୍ୟ ହୋଇ, ଏଇ ସମୟରେ ଝରକା ଫାଙ୍କ ଦେଇ ଝଲକାଏ ସୂର୍ଯ୍ୟକିରଣ ଆସି ପଡ଼ିଲା ବିଛଣାରେ ଓ ତାଙ୍କ ଦେହରେ । ଶୀତ ସକାଳେ ଏହି ଖରାଟିକକ ଯେପରି ପରମାତ୍ମୀୟ ପରି ମନେ ହେଲା ।

ଶ୍ରୀଶ୍ରୀଠାକୁର ନିଜେହିଁ ନିସ୍ତବ୍ଧତା ଭଙ୍ଗ କରି ବ୍ୟଥିତ କଣ୍ଠରେ କହିଲେ—ସବୁ ଜାଣି ଶୁଣି ମଧ୍ୟ ଯେ ପ୍ରତିକାର କରି ପାରୁନାହିଁ, ଏହାଠାରୁ ଦୁଃଖ ଆଉ କ'ଣ ଅଛି ? (ସେ ଯେପରି ସର୍ବସାଧାରଣଙ୍କର କୌଣସି ଏକ ଭୀଷଣ ବିପଦକୁ ପ୍ରତ୍ୟକ୍ଷ କରି ଆତଙ୍କିତ



ହୋଇ ଉଠିଛନ୍ତି ।)

ଶରତ ଭାଇ—ଆପଣ ଦୁଃଖ କରୁଛନ୍ତି କାହିଁକି ?—ଆପଣଙ୍କର ଇଚ୍ଛା ହେଲେହିଁ ସବୁ ହୋଇଯିବ ।

ଶ୍ରୀଶ୍ରୀଠାକୁର—ମୋର ବିଶ୍ୱାସ, ମୁଁ ଯେପରି ଇଚ୍ଛା କରିବି ଠିକ୍ ସେହିପରି ହୋଇ ପାରିବ, ଅବଶ୍ୟ ଆପଣମାନେ ଯଦି ମୋ ଇଚ୍ଛାଟାକୁ ଆପଣମାନଙ୍କର ଇଚ୍ଛା କରି ପକାନ୍ତି । ମୋର ଇଚ୍ଛାନୁଯାୟୀ କାମ କରୁଥିବେ ଏବଂ ମଝିରେ ମଝିରେ ବ୍ୟକ୍ତିଗତ ଇଚ୍ଛାଗୁଡ଼ିକ, ସ୍ୱାର୍ଥ, ପ୍ରୟୋଜନ, ପ୍ରବୃତ୍ତି ଓ ଖିଆଲଗୁଡ଼ିକୁ ମଧ୍ୟ ସ୍ୱତନ୍ତ୍ର ଭାବରେ ପ୍ରଶ୍ରୟ ଦେଉଥିବେ, ତାହା କିନ୍ତୁ ହେବନାହିଁ ! ଆପଣଙ୍କ ଭିତରେ ଯାହା କିଛି ଅଛି ତା'ର ପ୍ରତ୍ୟେକଟି ପୃଥକଭାବରେ ଏବଂ ସବୁଗୁଡ଼ିକ ସାମଗ୍ରିକ ଭାବରେ ମୋର ଇଚ୍ଛା ସହିତ ସଙ୍ଗତିଶୀଳ ହୋଇ ଉଠିବା ଦରକାର । ତୁମର ରକ୍ତର ଗୋଟିଏ ବି କଣିକା, ଶରୀରର ଗୋଟିଏ ବି cell (କୋଷ) ବା ଇଚ୍ଛାର ଗୋଟିଏ ବି ଖିଅ ଯଦି ମୋର ଇଚ୍ଛାକୁ ସକ୍ରିୟ ଭାବରେ ପରିପୂରଣ କରିବାକୁ ଅନିଚ୍ଛୁକ ହୁଏ, ତାହାହିଁ ଦିନେ ମସ୍ତବଡ଼ ବାଧା ସୃଷ୍ଟି କରିପାରେ । ଯିଏ ଏହି ବାଧାକୁ ଅପସାରଣ କରି ପାରିଛି, ତା'ର ଅସାଧ୍ୟ କିଛି ନାହିଁ । ଏହିପରି ଚରିତ୍ର ଯାହାର ସେ ନିରହଙ୍କାର ହୋଇ ଯନ୍ତ୍ର ପରି କାମ କରି ଯାଇ ପାରେ, ପରମପିତା ତାକୁ ନିତ୍ୟ ଶକ୍ତି ଯୋଗାଇ ଦିଅନ୍ତି । ସେ ଭାବେ ନା—'ମୁଁ ପାରିବି କି ନାହିଁ', ସେ ଜାଣେ ଯେ ତାକୁ ତାହା ନ କଲେ ହେବ ନାହିଁ, ତେଣୁ କରି ଚାଲିଥାଏ, ଏବଂ ପାରେ ମଧ୍ୟ । ପୁଣି ତା'ର ଏହି ଆକୁଳତା ଅନେକ ଲୋକଙ୍କୁ ସକ୍ରିୟ କରିତୋଳେ । ସେ ନିଜେ ଯାହା ପାରେ ନାହିଁ, ଅନ୍ୟର ସାହାଯ୍ୟରେ ତାହା କରେ । ତେଣୁ ଆପଣମାନେ ମଝିରେ ଫାଙ୍କ ବା ଫାଙ୍କି ନେଇ ଚଳିବେ ନାହିଁ, ତାହେଲେ ନିଜେ ସବୁ ଠକାମିରେ ପଡ଼ିବେ ଏବଂ ମୋତେ ମଧ୍ୟ ଠକିବେ । ଆପଣମାନଙ୍କର ଠକାମିରେ ପଡ଼ିବାହିଁ ମୋର ଠକାମିରେ ପଡ଼ିବା, ତା ଛଡ଼ା ମୋର ନିଜସ୍ୱ ଠକାଜିତା ବୋଲି କିଛି ନାହିଁ । ପୁଣି ଆପଣମାନେ ସବୁ ଦିଗରୁ ଜୟୀ ହୁଅନ୍ତୁ ଏହାହିଁ ମୁଁ ଦେଖିବାକୁ ଚାହେଁ, ଆପଣମାନେ ମୋ ସହିତ ସହଯୋଗ କରି ସେଇ ସୁଯୋଗ ଟିକକ ମୋତେ ଦିଅନ୍ତୁ—ଏହାହିଁ ମୋର ଭିକ୍ଷା ଆପଣମାନଙ୍କ ପାଖରେ ।

ତାଙ୍କର ଆଖି, ମୁହଁ, ଚାହାଣି, କଥାବାର୍ତ୍ତା—ସମସ୍ତ ଭିତର ଦେଇ ଯେପରି କରୁଣା କ୍ଷରିତ ହେଉଛି । ହଠାତ୍ ବୁଲି ବସିଲେ ଏବଂ ପ୍ରତ୍ୟେକଙ୍କର ସର୍ବାଙ୍ଗରେ ସ୍ନେହଦୃଷ୍ଟି ପକାଇବାକୁ ଲାଗିଲେ । କ୍ଷଣକ ମଧ୍ୟରେ ଶାନ୍ତି—ଗଭୀର ଶାନ୍ତିରେ ଭରପୁର ହୋଇ ଉଠିଲେ ସମସ୍ତେ ।—ଏହା ଏକ ଅବିସ୍ମରଣୀୟ ମୁହୂର୍ତ୍ତ—'ଅବାଙ୍‌ମନସୋ ଗୋଚରମ୍'—ଅନୁଭବୀ କେବଳ ବୁଝେ ।

## ମାର୍ଗଶିର ୨୨, ରବିବାର, ୧୩୪୮ (ଇଂ ୭/୧୨/୪୧)

ଯଥା ସମୟରେ ତପୋବନ ଶିକ୍ଷକବୃନ୍ଦ ଓ ଅନ୍ୟ ଭାଇମାନଙ୍କୁ ନେଇ ବନ୍ଧ ପାଖରେ ତାମ୍ବୁରେ ଶ୍ରୀଶ୍ରୀଠାକୁର ସାନ୍ନିଧ୍ୟରେ ପ୍ରାତଃ କାଳୀନ ବୈଠକ ବସିଲା ।

ଜୀବନର ଉନ୍ନତି କିପରି ହେବ, ସେଇକଥା କହିବାକୁ ଯାଇ ଶ୍ରୀଶ୍ରୀଠାକୁର କହିଲେ—ପ୍ରଥମ ଜିନିଷ ହେଲା ଉସମୁଖୀନତା, ଉସମୁଖୀନତା ସୃଷ୍ଟି କରିବାହିଁ ଶିକ୍ଷାର ମୂଳକଥା । ବାପା, ମା, ଗୁରୁଙ୍କ ପ୍ରତି ଉଗ୍ର ଟାଣ ଥିଲେ, ତା'ର ପାଦ ଅବାଟରେ ପଡ଼େନାହିଁ, ସେ କଦାପି ପ୍ରବୃତ୍ତିର ଦାସ ହୁଏ ନାହିଁ । ଭୁଲଭ୍ରାନ୍ତି ତା'ର ଜୀବନରେ ଖୁବ୍ କମ ହୋଇଥାଏ । 'ଭ୍ରାନ୍ତି ଏଲୋ ସେଁଇ, ଉସବିମୁଖ ଚଲନ-ବଲନ ବସଲ ପେୟେ ଯେଇ ।' ଯିଏ ଉସବିମୁଖ ହୁଏ ନାହିଁ, ତା'ର ଭୁଲ ହେବ କାହିଁକି ? ସମସ୍ତ star (ତାରା) Polar Star (ଧ୍ରୁବତାରା) ଆଡ଼କୁ ମୁହଁ କରି ପରିକ୍ରମା କରୁଛନ୍ତି, ତେଣୁ ସେମାନେ କକ୍ଷଚ୍ୟୁତ ହୁଅନ୍ତି ନାହିଁ । ସବୁଜାଗାରେ ସେଇ ଗୋଟିଏ କଥା । ଏହି ଧୃତି, ସ୍ଥିତି ଓ ଗତି ଅବ୍ୟାହତ ଥାଏ ଯାହାକୁ ଅବଲମ୍ବନ କରି ତାକୁହିଁ କୁହାଯାଏ ଧର୍ମ । ତେଣୁ, ଧର୍ମ ପ୍ରତ୍ୟେକଙ୍କୁ କହେ, 'ତୁମେ ସୁକେନ୍ଦ୍ରିକ ହୁଅ, ଯେଉଁ ଟାଣରେ ବିଧୃତ ହୋଇ ତୁମେ ସୁସ୍ଥ ଥାଅ, ସ୍ୱସ୍ଥ ଥାଅ, ତୁମେ ତୁମେ ହୋଇ ରହ, ଛିନ୍ନଭିନ୍ନ ହୋଇ ନ ଯାଅ, ସେଇ ଟାଣରେ ନିବଦ୍ଧ ରଖ ନିଜକୁ ଏବଂ ତୁମର ପରିବେଶକୁ ମଧ୍ୟ ସେଇ ଟାଣରେ ବାନ୍ଧିରଖ ।' ମଣିଷ ପାଇଁ ଏଇ କେନ୍ଦ୍ର ହେଲେ ଯୁଗ ପୁରୁଷୋତ୍ତମ, ସେ ପ୍ରତ୍ୟେକଙ୍କୁ ସ୍ୱ-ସ୍ୱ ବୈଶିଷ୍ଟ୍ୟାନୁଯାୟୀ ପରିପୂରଣ କରନ୍ତି । ତାଙ୍କ ଟାଣରେ ଆବଦ୍ଧ ଥିଲେ ମଣିଷର ଆଉ କୌଣସି ଚିନ୍ତା ନାହିଁ । ତାଙ୍କୁ ଯଦି କେହି ଲାଭ ନ କରନ୍ତି, ପିତା-ମାତା ଇତ୍ୟାଦି ସ୍ୱଭାବ-ଗୁରୁ ଯେଉଁମାନେ, ସୁକେନ୍ଦ୍ରିକ ଅନୁରାଗମୁଖର ଶ୍ରେଷ୍ଠ ଯେଉଁମାନେ, ସେମାନଙ୍କ ପ୍ରତି ଯଦି ଟାଣ ଥାଏ, ତାହେଲେ ମଣିଷକୁ ଅନେକ ପରିମାଣରେ ରକ୍ଷା କରାଯାଇପାରେ । ଟାଣ ମାନେହିଁ ଆପୋଷକ, ଆପୂରକ ଟାଣ । ନହେଲେ ସେ ଯେତେବଡ଼ ବୁଦ୍ଧିବାଜ ହେଉ ନା କାହିଁକି, ସେ ବୃତ୍ତି-ସ୍ୱାରୂପ୍ୟ ଲାଭ ନିଶ୍ଚୟ କରିବ । ଛୋଟପିଲା ଯେପରି ଲାଲରଙ୍ଗ ଦେଖିଲେ ଅଭିଭୂତ ହୋଇଯାଏ,—ମା' ପ୍ରତି ଟାଣ ଥିବା ହେତୁ, ସେତେବେଳେ ମା'ର କଥା ମନେପଡ଼େ ଏବଂ ମା'ଠାରୁ ତାହାଯେ ପୃଥକ, contrast (ବୈପରୀତ୍ୟ)ରେ ଏଇ ବୁଦ୍ଧିର ସ୍ଫୁରଣ ହୁଏ, ନହେଲେ ଲାଲକୁ ଲାଲ ବୋଲି ବୋଧହିଁ କରିପାରନ୍ତା ନାହିଁ । ଛୋଟ ବଡ଼ ଯେ ଯେପରି ହେଉ—ନିଜର ଗୋଟାଏ ଅବଲମ୍ବନ ନଥିଲେ, ବସ୍ତୁ ବୋଧହିଁ ଆମର ସ୍ଫୁରଣ ହୁଏ ନାହିଁ, ପ୍ରତ୍ୟେକଟି ଜିନିଷ ସଂସ୍ପର୍ଶରେ ଆସି ଆମର ପ୍ରବୃତ୍ତି ଯେପରି ଉତ୍ତେଜିତ ହୁଏ, ତାହାରି ଦ୍ୱାରାହିଁ ଆମେ ପରିଚାଳିତ ହୋଇଥାଉ, ଏବଂ ଅନ୍ୟପକ୍ଷରେ ଆମେ ଭାବୁ,—ଆମେ ଖୁବ୍ ବୁଝିଛୁ, ଜାଣିଛୁ, କରୁଛୁ ; କିନ୍ତୁ ସବୁ ଯେ ପ୍ରବୃତ୍ତିର କ୍ରୀତଦାସତ୍ୱ କରାଯାଉଛି ତାହା ଆଉ ବୁଝାଯାଏ ନାହିଁ । ଏବଂ ତଦ୍ୱାରା ପ୍ରକୃତ ବୋଧ ଓ ଉପଭୋଗଁଠାରୁ



ଆମେ ଅନେକ ଦୂରକୁ ଚାଲିଯାଉ । ଧର, ଲୋଭର ବଶବର୍ତ୍ତୀ ହୋଇ ରସଗୋଲା ଖାଉଛ, ଅସଲରେ ଜିଭ ଯଦି ରସଗୋଲା ହୋଇଯାଏ ତେବେ ରସଗୋଲାକୁ ବୋଧ ଓ ଉପଭୋଗ କରିବ୍ କିଏ ?

କୌଣସି-କିଛି ଜାଣିବାକୁ ଗଲେ, ବୋଧ କରିବାକୁ ଗଲେ, ଉପଭୋଗ କରିବାକୁ ଗଲେ, ତାଠାରୁ interested aloofness (ଆଗ୍ରହୀ ଦୂରତ୍ୱ) ଦରକାର । ବୃତ୍ତି ଯଦି ସ୍ୱ'ର ଅଧୀନ ଥାଏ ତେବେ ତାହା ସମ୍ଭବ ଏବଂ ସ୍ୱ ବଜାୟ ଥାଏ superior (ଶ୍ରେଷ୍ଠ)ଙ୍କ ପ୍ରତି active attachment (ସକ୍ରିୟ ଅନୁରାଗ) ରେ । ବୃତ୍ତିଦ୍ୱାରାହିଁ ତ ଦୁନିଆକୁ ଉପଭୋଗ, କିନ୍ତୁ ବୃତ୍ତି ଭିତରେ ଯଦି ଆମର ସତ୍ତା merge (ହୀନ) ହୋଇଯାଏ, ତେବେ କିଏ କାହାକୁ ଉପଭୋଗ କରିବ ? ତେଣୁ ଜୀବନହିଁ ଅଚଳ ହୋଇଯିବ, ସବୁ ନିରର୍ଥକ ହେବ—ଯଦି ଉସ ପ୍ରତି ହାଡ଼ଭଙ୍ଗା ଟାଣ ନଥାଏ । ଏଥିପାଇଁ ସବୁ ବିଷୟରେ ଇଷ୍ଟନିଷ୍ଠା ଓ ଗୁରୁଭକ୍ତିର କଥା ମୁଁ ଏତେ କରି କହେ । କାରଣ, ଜାଣେ—ତାଛଡ଼ା କାହିଁରେ କିଛି ହେବ ନାହିଁ, ତାକୁ ବାଦ୍‌ଦେଇ ଜୀବନୀୟ କିଛି ସୂତ୍ରପାତ ହୁଏ ନାହିଁ, ନହେଲେ ଅନେକ ଚେଷ୍ଟା କରି ଖୁବ୍ ବଡ଼ ଗୋଟାଏ ଅଶ୍ୱଡିମ୍ବ ପ୍ରସବ କରାଯାଇପାରେ ମାତ୍ର ।

ମାନଦା-ମା ଗୋଟିଏ କୋବି ବାହାରେ ରଖିଦେଇ ଆସି ଭିତରେ ବସିଥିଲେ । ଇତି ମଧ୍ୟରେ ଗୋଟିଏ ଗାଈ ଆସି ତାକୁ ଖାଇଦେଲା । ପରେ ସମସ୍ତଙ୍କର ଖିଆଲ ହେଲା । ଶ୍ରୀଶ୍ରୀଠାକୁର କହିଲେ-ଗୋରୁକୁ କୋବି ଖୁଆଇଛ ତା ବଡ଼ କଥା ନୁହଁ କିନ୍ତୁ ତୁମେସବୁ କେହି ସଜାଗ ରହୁନାହଁ, ହୁସିଆର ରହୁନାହଁ, ଆଖି-କାନର ବୋଧଶକ୍ତି ଯେପରି ଆଚ୍ଛନ୍ନ ହୋଇଯାଇଛି ।

ଧୂର୍ଜଟି ଭାଇ (ନିୟୋଗୀ) ପୂର୍ବ ପ୍ରସଙ୍ଗର ସୂତ୍ର ଧରି କହିଲେ—ତାହେଲେ ତ ଇଷ୍ଟାନୁସରଣ ବାଦ୍ ଦେଇ କୌଣସି ସମସ୍ୟାର ସମାଧାନ ସମ୍ଭବ ନୁହେଁ ।

ଶ୍ରୀଶ୍ରୀଠାକୁର—ହଁ, ତା ଠିକ୍ ତ । ସମାଧାନ ସଂକ୍ରାନ୍ତରେ ସମାଧା ଓ ସମାଧି ଦୁଇଟି ଜିନିଷ ଦରକାର, ଅର୍ଥାତ୍ ଏଥିପାଇଁ ଦରକାର ଯଥାଯଥ ନିଷ୍ପନ୍ନତା ଓ ସମ୍ୟକ୍ ଧାରଣା । କୌଣସି ବିଷୟରେ ସମ୍ୟକ୍ ଧାରଣା କରିବାକୁ ହେଲେ, ଏବଂ ତାହା ବିହିତଭାବରେ ନିଷ୍ପନ୍ନ କରିବାକୁ ହେଲେ, ବୃତ୍ତି ସ୍ୱାରୂପ୍ୟ ମଧ୍ୟରେ ନିମଜ୍ଜିତ ରହିଲେ ତ ତାହା ସମ୍ଭବ ନୁହେଁ, ସେ-କଥା ତ ଏତେବେଳଯାଏ କହୁଥିଲି । ସମାଧି-ସମ୍ବନ୍ଧରେ ଅନେକଙ୍କର କିମ୍ଭୂତକିମାକାର ଧାରଣା ଅଛି । ସମାଧି କିନ୍ତୁ ଘୁମନ୍ତ ଅବସ୍ଥା ନୁହେଁ । ନିଦ୍ରିତ ଅବସ୍ଥାରେ ଥାଏ ଅଚେତନତା, ଆଉ ସମାଧିରେ ଥାଏ ଗୋଟାଏ full knowledge (ପୂର୍ଣ୍ଣ ଜ୍ଞାନ), ସମାଧି ହେଲା keener conscious (ତୀବ୍ରତର-ଚେତନ) ଅବସ୍ଥା । ସମାଧି ମଧ୍ୟରେ କରିବା, ଭାବିବା, ଜାଣିବା, ବୋଧ କରିବା, ହେବା—ସବୁ ଅଛି, ସମାଧିରେ ବୈଧାନିକ ବିନ୍ୟାସରହିଁ ପରିବର୍ତ୍ତନ ଘଟିଯାଏ ।

ପ୍ରଫୁଲ୍ଲ—ମଣିଷ ଇଷ୍ଟପ୍ରାଣ ହେଲେହିଁ କ'ଣ ତା'ର ଅର୍ଥନୈତିକ ସମସ୍ୟାର ସମାଧାନ ହୋଇଯିବ ? କେତେ ଇଷ୍ଟପ୍ରାଣ ବ୍ୟକ୍ତି ମଧ୍ୟ ଅଭାବରେ କଷ୍ଟ ପା'ନ୍ତି ଏବଂ କେତେ ଇଷ୍ଟବିହୀନ ବ୍ୟକ୍ତି ତ ବେଶ୍ ସଚ୍ଛଳତା ଉପଭୋଗ କରନ୍ତି।

ଶ୍ରୀଶ୍ରୀଠାକୁର—ମଣିଷ ଇଷ୍ଟପ୍ରାଣ ହେଲେ, ତାର ଚଳନ-ଚରିତ୍ର ସୁନିୟନ୍ତିତ ହୁଏ, ତା'ର ବୁଦ୍ଧିବୃତ୍ତି, ଦକ୍ଷତା, ଯୋଗ୍ୟତା, ସେବା ମନୋଭାବ, କର୍ମକ୍ଷମତା ପୁଷ୍ଟ ହୋଇଉଠେ। ଏତେ କରି ସେ ଲୋକର ପ୍ରୟୋଜନ ପୂରକ ସ୍ୱଭାବସମ୍ପନ୍ନ ହୋଇଉଠେ, ତଦ୍ୱାରା ତା'ର ଅର୍ଥନୈତିକ ସମସ୍ୟାର ସମାଧାନ ତ ହେବା ଉଚିତ। ତାଛଡ଼ା ମଣିଷହିଁ ମଣିଷର ସବୁଠାରୁ ବଡ଼ ସମ୍ପଦ, ସେଦିଗରୁ ଯାଜନ ମୁଖର, ସେବାପ୍ରାଣ, ଇଷ୍ଟାନୁରାଗୀ ଯିଏ, ଯାହାର ଜୀବନଯାତ୍ରା ସୁସମଞ୍ଜସ, ବ୍ୟବହାର ହୃଦ୍ୟ ଓ ମନୋଜ୍ଞ, ତା'ର ଲୋକସମ୍ପଦ ତ ବଢ଼ିଯିବା ସ୍ୱାଭାବିକ। ତା'ର ଦରିଦ୍ର ହୋଇ ରହିବାର ତ କାରଣ ଖୋଜି ମିଳେ ନାହିଁ। କାରଣ, ଅର୍ଥନୈତିକ ଉନ୍ନତିର ବୁନିୟାଦ ଯେଉଁ ଦକ୍ଷତା, ଯୋଗ୍ୟତା, କ୍ଷିପ୍ରତା, ଚରିତ୍ର, ନିରଳସ ସେବା ମନୋଭାବ, ସୁସଙ୍ଗତ-ଚଳନ—ତା'ର କୌଣସିଟା ଅଭାବ ନଥାଏ। ଅବଶ୍ୟ ସେମାନେ ହୁଏତ ପ୍ରୟୋଜନାତିରିକ୍ତ consume (ବ୍ୟବହାର) ମଧ୍ୟ କରି ନ ପାରନ୍ତି। ତେବେ ଅର୍ଥପ୍ରତି ଲୋଭ ନଥିବାରୁ, ଅର୍ଥକରୀ ପ୍ରୟାସ ପ୍ରତି ବେଶି ନଜର ନ ଦେଇ ସେ ହୁଏତ ଏପରି କୌଣସି କଲ୍ୟାଣକର ଗବେଷଣା ବା ଅନୁଶୀଳନ ପ୍ରତି ଝୁଙ୍କ ଦେଲା, ଯାହାର ନଗଦାନଗଦ ଫଳ ମିଳେ ନାହିଁ, ଅଥଚ ତାହା ଭବିଷ୍ୟତରେ ଦିନେ ହୁଏତ ତାକୁ ସପରିବେଶ ପ୍ରଭୂତ ସମୃଦ୍ଧ କରି ତୋଳିବ। ଏପରି ହୁଏତ ହୋଇପାରେ ଯେ, ତା'ର ଫଳ ସେ ନିଜେ ହୁଏତ ପାଇଲା ନାହିଁ କିନ୍ତୁ ଉପକୃତ ହେଲେ ଭବିଷ୍ୟତ ବଂଶଧର। ଏପରି ଅବସ୍ଥାରେ ତାକୁ କ'ଣ କୁହାଯିବ ଯେ ସେ ଅର୍ଥନୈତିକ ଜୀବନରେ ଅକୃତକାର୍ଯ୍ୟ ହେଲା ? ବିପୁଳ ସୃଷ୍ଟିର, ବୃହତ ସଙ୍ଗଠନର ଦାୟ-ଦାୟିତ୍ୱ ଯେଉଁମାନେ ବହନ କରନ୍ତି, ନାନା ଦୁଃଖାନଳର ଜ୍ୱାଳା ସହି, ଅନେକଙ୍କ ପାଇଁ ପ୍ରାୟଶ୍ଚିତ୍ତ କରି, ଅନେକଙ୍କର ଅକ୍ଷମତାର ଭାର ବହନ କରି ସେମାନଙ୍କୁ ଅଗ୍ରସର ହେବାକୁ ହୁଏ। ସେମାନଙ୍କର ଜୀବନର ସମ୍ପୂର୍ଣ୍ଣ ଗତି ଓ ପରିଣତି ଲକ୍ଷ୍ୟ ନ କରି ମଧ୍ୟବର୍ତ୍ତିକାଳୀନ କୌଣସି ଏକ ଅବସ୍ଥାକୁ ଦେଖି ମତ ଦେବା ସର୍ବଦା ବୁଦ୍ଧିମାନର କାମ ନୁହଁ। ଆଜି ଆମର ଯେଉଁ ଋତ୍ୱିକ୍‌ମାନଙ୍କର ହୁଏତ କେତେ ଅର୍ଥନୈତିକ କୃଚ୍ଛ୍ରତା ଦେଖୁଛ, ସେମାନଙ୍କର ନିରଳସ ସେବା ଫଳରେ ହୁଏତ ଦେଖିବ ଦିନେ ସମଗ୍ର ଜାତି ସବୁଦିଗରୁ କେତେ ସମୃଦ୍ଧ ହୋଇ ଉଠିଛି। ଏମାନଙ୍କର ଏହି ଆପାତ କୃଚ୍ଛ୍ରତା ଦେଖି କ'ଣ କହିବ ଯେ ସେମାନେ କିଛି ପାଇଲେ ନାହିଁ, କିଛି ପାରିଲେ ନାହିଁ, କିଛି କରିଲେ ନାହିଁ ? ବ୍ୟକ୍ତିଗତଭାବରେ ଦୁଇ ଚାରି ଜଣଙ୍କ ସମ୍ବନ୍ଧରେ ସେ କଥା ପ୍ରଯୁଜ୍ୟ ହେଲେ ମଧ୍ୟ ଏମାନଙ୍କ ମଧ୍ୟରୁ ଅଧିକାଂଶଙ୍କ କ୍ଷେତ୍ରରେ ତାହା ପ୍ରଯୁଜ୍ୟ ନୁହେଁ। ବରଂ ମୁଁ କହିବି ଗୋଟାଏ ମରଣୋନ୍ମୁଖୀ ଜାତିକୁ ବଞ୍ଚାଇବା ପାଇଁ ମଣିଷ କରିବା ପାଇଁ ଏମାନେ ପ୍ରତ୍ୟେକେ ଯଦି ଲକ୍ଷ କଷ୍ଟ-ଦାରିଦ୍ର୍ୟ



ବରଣ କରି ନିଅନ୍ତି, ତାହାହିଁ ସେମାନଙ୍କର ପରମ ଐଶ୍ୱର୍ଯ୍ୟ। ଏବଂ ଏମାନେ ଯଦି ମଣିଷ ତିଆରି seriously (ଗୁରୁତରଭାବରେ) ଖଟନ୍ତି, ତେବେ ଏମାନଙ୍କର ଦୁଃଖ ଘୁଞ୍ଚିବାକୁ ବିଳମ୍ବ ହେବ ନାହିଁ—ଏମାନେ ତାହା ଚାହାନ୍ତୁ ବା ନ ଚାହାନ୍ତୁ। ମଣିଷର ଐଶ୍ୱର୍ଯ୍ୟର କଣିକାଏ ମଧ୍ୟ ସେମାନଙ୍କୁ ଭରପୂର କରି ଦେବ। ତେବେ ମଣିଷ ଯଦି କେବଳ ମୌଖିକ ଇଷ୍ଟପ୍ରାଣ ହୁଏ, ଅଥଚ ବାସ୍ତବ ଭାବରେ ସେପରି ନ ହୁଏ, ତାହେଲେ ମଧ୍ୟ ଯେ ସେ ଅର୍ଥନୈତିକ ଜୀବନରେ କୃତକାର୍ଯ୍ୟ ହେବ, ଏକଥା କହି ପାରିବି ନାହିଁ। ପୁଣି ଚୋରା କାରବାର କରି ଫାଙ୍କି ବାଜି କରି, କେହି ଯଦି ବେଶ୍ ଦୁଇପଇସା ରୋଜଗାର କରେ, ତାହେଲେ ଯେ ସେ ଖୁବ୍ ଗୋଟାଏ ଯୋଗ୍ୟ ହୋଇ ଉଠିଲା, ଏକଥା ମଧ୍ୟ ମୁଁ କହିବାକୁ ଚାହେଁ ନାହିଁ। ମୋର କଥା ହେଲା ମଣିଷର ଇଷ୍ଟପ୍ରାଣତା ସହିତ ଜଡ଼ିତ ଅଛି ତା'ର ସୁନିୟନ୍ତିତ ଯୋଗ୍ୟତା ଏବଂ ଏହା ସହିତ ଜଡ଼ିତ ଅଛି ତା'ର ଅର୍ଥନୈତିକ ଅବସ୍ଥା।

## ମାର୍ଗଶିର ୨୩, ସୋମବାର, ୧୩୪୮ (ଇଂ ୮/୧୨/୪୧)

ରାତ୍ରିରେ ମୌନତା ମଧ୍ୟରେ ଅନ୍ତରର ବେଦନା ମୁଖର ହୋଇଉଠେ—ତାଙ୍କଠାରୁ ତ ପାଇଲି ଏତେ, ତାଙ୍କ ପାଇଁ କଲି କ'ଣ ? କ୍ଳାନ୍ତି କାହିଁକି ପ୍ରଚେଷ୍ଟାକୁ ସ୍ତିମିତ କରି ପକାଉଛି ? ବ୍ୟଥାରେ ମନ ଗୁମରି ଉଠେ, ଅସହାୟ ହୋଇ ପ୍ରାଣ ତା'ର ସଙ୍ଗଲାଳସାରେ ଆତୁର ହୋଇଉଠେ। ଭାବେ ତାଙ୍କରି ପାଖରୁହିଁ ଏହାର କିନାରା ମିଳିବ, ପ୍ରତୀକ୍ଷାରେ ପ୍ରହର ପରେ ପ୍ରହର କଟିଯାଏ—କେତେବେଳେ ଭୋର ହେବ, କେତେବେଳେ ତାଙ୍କ ପାଖକୁ ଯାଇଁ ଆଉ ଥରେ ନିଜକୁ ସମର୍ପଣ କରିଦେବ, ତାଙ୍କର ପୂତ ସ୍ପର୍ଶରେ ପରିସ୍ନାତ ହୋଇ, ନିଜର ଦୈନ୍ୟ, ଗ୍ଲାନି, ଅକ୍ଷମତାକୁ ଧୋଇ ପୋଛି ପକାଇବ, ପରିଶୁଦ୍ଧ ହୋଇ ଛିଡ଼ା ହେବ ତାଙ୍କ ପାଖରେ,—ତାଙ୍କର ଶକ୍ତିରୂପେ, ବୋଝ ରୂପେ ନୁହେଁ। ରାତ୍ରି କଟିଯାଏ, ନିଶାର ଆକର୍ଷଣରେ ସମସ୍ତେ ଛୁଟି ଆସନ୍ତି ପଦ୍ମାଚରର ଛୋଟ ଏହି ଟିଣର ତାମ୍ବୁ ଭିତରକୁ, ଏଇଠାରେ ଯେପରି ଦୁନିଆଁର ଯେତେ ଅମୃତ-ମଦିରା ପୁଞ୍ଜିଭୂତ ହୋଇଛି ଗୋଟିଏ ସ୍ଥାନରେ—ଗୋଟିଏ ଦେହରେ ; ତୃଷିତ ପ୍ରାଣ ତେଣୁ ସମବେତ ହୁଏ ଏଇ ପରମ ସଙ୍ଗମତୀର୍ଥରେ। ପ୍ରତ୍ୟେକେ ନିଜକୁ ଅବାରିତ କରନ୍ତି, ଉନ୍ମୁକ୍ତ କରନ୍ତି ତାଙ୍କ ପାଖରେ, ତୃଷ୍ଣା ସେମାନଙ୍କର ପରିତୃପ୍ତ ହୁଏ ; ସେମାନେ ଆନନ୍ଦରେ ଭରପୂର ହୋଇ ଘରକୁ ଫେରନ୍ତି, ତା'ରି ସ୍ଫୂର୍ତ୍ତିଟା ଚାଲେ ସାରାଦିନ ଧରି ପ୍ରତ୍ୟେକଟା କାମ ଭିତରେ, ତାହା ଜୀବନରେ ଗଭୀର ରେଖାପାତ କରେ ଚିରଦିନ ପାଇଁ।

ପ୍ରଶ୍ନ ହେଲା—Fatigue-layer (କ୍ଳାନ୍ତିର ସ୍ତର) pass (ଭେଦ) କରାଯାଏ କିପରି ?

ଶ୍ରୀଶ୍ରୀଠାକୁର—ଜଣକୁ ହୁଏତ ଭିକ୍ଷା କରିବାପାଇଁ କୁହାହେଲା, ସେ ଅଭ୍ୟସ୍ତ ନୁହଁ, ଚେଷ୍ଟା କରି ମଧ୍ୟ ସୁବିଧା କରିପାରୁ ନାହିଁ, ବୁଲିବୁଲି ଦେହ-ମନରେ fatigued (କ୍ଳାନ୍ତ) ହୋଇ ପଡ଼ୁଛି,—fatigued (କ୍ଳାନ୍ତି) ଓ depressed (ଅବସନ୍ନ) କିନ୍ତୁ ଏକ କଥା ନୁହଁ, ତେବେ ତ ସେ ବୁଦ୍ଧି ଖଟାଉଛି, ଏହିପରି ଭାବରେ ଚିନ୍ତା ଚେଷ୍ଟା କରୁ କରୁ, ସେ ଗୋଟାଏ ସୁଷ୍ଠୁ ପନ୍ଥା ବାହାର କଲା, ତଦନୁଯାୟୀ କରି successful (କୃତକାର୍ଯ୍ୟ) ହେଲା—ସେତେବେଳେ ତା'ର energy (ଶକ୍ତି) ଯେପରି ଫିଟିଗଲା, confidence (ପ୍ରତ୍ୟୟ) ଜନ୍ମିଲା, ଆଉରି ବଡ଼ ବଡ଼ କାମର ଦାୟିତ୍ୱ ନେଇ ସହଜରେ କରିବାକୁ ଲାଗିଲା। ପୁଣି, ପରେ ହୁଏତ ଅନ୍ୟ difficulty (ଅସୁବିଧା) ଦେଖାଦେଲା, ତା ମଧ୍ୟ pass (ଅତିକ୍ରମ) କଲା, ଏହିପରି ଭାବରେ ବାସ୍ତବ କାମ ଭିତର ଦେଇ fatigue layer (କ୍ଳାନ୍ତିର ସ୍ତର) pass (ଅତିକ୍ରମ) କରେ। କିଛି ନ କରି କେବଳ ବସି-ବସି ଚିନ୍ତାକରି ଓ ହା-ହୁତାଶ କରି ଏହା କରାଯାଏ ନାହିଁ। କରିବାହିଁ ପାଇବାର ରାସ୍ତା ଖୋଲିଦିଏ, କରିବାକୁ ଗଲେ ପୁଣି ବିହିତ ପନ୍ଥାରେ କରିବା ଦରକାର, ତେଣୁ ତତ୍ପୁଖୀ ଧ୍ୟାନ, ମନନ ଓ ଚିନ୍ତନ ଦରକାର। ସେ ଏକ କଥା, ଏବଂ ନିଷ୍ଫଳ ନେତିବାଚକ ଦୁଶ୍ଚିନ୍ତା ଆଉ ଏକ କଥା, ତନ୍ମଧ୍ୟରେ କୌଣସି ସୃଜନଶୀଳ ଆବେଗ ନ ଥାଏ, ତେଣୁ ତହିଁରେ କାର୍ଯ୍ୟସିଦ୍ଧି ହୁଏ ନାହିଁ। Nothing succeeds like success (ସଫଳତା ଯେପରି ସଫଳତାକୁ ଡାକିଆଣେ, ଏପରି ଆଉ କାହିଁରେ ହୁଏ ନାହିଁ)। ମୋଟକଥା ସାଫଲ୍ୟହିଁ ସାଫଲ୍ୟକୁ ଡାକିଆଣେ, କାରଣ ସାଫଲ୍ୟରେ ଯେପରି ମଣିଷର ଉତ୍ସାହ ବଢ଼େ, ସେହିପରି ତା'ର ଅଭିଜ୍ଞତା ମଧ୍ୟ ବଢ଼େ। କୌଣସି ବିଷୟରେ ସଫଳ ହେବାକୁ ଗଲେହିଁ ତାହା ନିର୍ଭୁଲ ଭାବରେ କରିବାକୁ ହୁଏ। ତା'ର ଭିତର ଦେଇ ମଣିଷର ଅଭିଜ୍ଞତା ହୁଏ ବୋଧ ହୁଏ ଏବଂ ଏଇ ନିର୍ଭୁଲ ଭାବରେ କରିବାର ଅଭ୍ୟାସଟାହିଁ ତାକୁ ପରବର୍ତ୍ତୀ କାମରେ କୃତିତ୍ୱ ଅର୍ଜନ କରିବାରେ ସାହାଯ୍ୟ କରେ। ତେବେ ମୂଳକଥା ହେଲା, Ideal (ଆଦର୍ଶ) ପ୍ରତି interested (ଅନୁରକ୍ତ) ହେବା।

''ନାସ୍ତି ବୁଦ୍ଧିରଯୁକ୍ତସ୍ୟ, ନ ଚାଯୁକ୍ତସ୍ୟ ଭାବନା।
ନଚାଭାବୟତଃ ଶାନ୍ତିରଶାନ୍ତସ୍ୟ କୁତଃ ସୁଖମ୍॥''

ମଣିଷ ଯେ ସ୍ଥିର ମସ୍ତିଷ୍କରେ ଲାଗିରହି କାମ କରିବ, ତା'ର ଅନ୍ତର୍ନିହିତ ଶକ୍ତିକୁ ଉତ୍ତରୋତ୍ତର ବାସ୍ତବ କାମରେ ଲଗାଇବ, ତାହା ସେ ପାରେ ନା—ଯଦି ଏହି କରିବା ମୂଳରେ କୌଣସି ଅବଲମ୍ବନ ନ ଥାଏ। କୌଣସି ଏକ ପ୍ରବୃତ୍ତିର ତାଡ଼ନାରେ ଯଦି ମଣିଷ କୌଣସି କାମରେ ପ୍ରବୃତ୍ତ ହୁଏ, ଅର୍ଦ୍ଧପଥରେ ଆଉ ଗୋଟାଏ ପ୍ରବୃତ୍ତି ଆସି ତାକୁ ଲଣ୍ଡଭଣ୍ଡ କରିଦେବ, ତା'ର ତାଡ଼ନା ସେତେବେଳେ ଏତେ ପ୍ରବଳ ହୋଇ ଉଠିବ ଯେ ସେ ପୂର୍ବଟାକୁ ଛାଡ଼ିଦେଇ ତା ଆଡ଼େ ଝୁଙ୍କିବ, ଏହିପରି ଭାବରେ ମଣିଷ ସଙ୍ଗତି ହରାଇ ବ୍ୟର୍ଥ ଚଳନରେ ଚାଲେ। ସାଧନାର ଏକାଗ୍ରତା ବୋଲି ଯେଉଁ ଜିନିଷ ତାହା ତା'ର ଜୀବନରେ ବିକାଶ ଲାଭ କରେ ନାହିଁ,



ସେଇ ତନ୍ମୟତା ବ୍ୟତୀତ ଶକ୍ତିର ମଧ୍ୟ ବିକାଶ ହୁଏ ନାହିଁ। ଶ୍ରେୟ ଓ ପ୍ରିୟଙ୍କଠାରେ ଅନ୍ତରର ଅନୁରାଗ ସହ ଯୁକ୍ତ ହେବା ବ୍ୟତୀତ ଏହା ଅନ୍ୟ କୌଣସି ଉପାୟରେ ହୁଏ ନାହିଁ। କାରଣ ପ୍ରିୟ ଯେଉଁଠି ପ୍ରବୃତ୍ତି-ଉପଭୋଗର ବିଷୟୀଭୂତ, ସେଠାରେ ସେଇ ପ୍ରିୟଙ୍କ ପ୍ରତି ଟାଣ ଯୋଗୁଁ ଅନ୍ୟ ପ୍ରବୃତ୍ତିଗୁଡ଼ିକର ଆକର୍ଷଣ ଓ ବିକ୍ଷେପରୁ ଆତ୍ମରକ୍ଷା କରି ନିର୍ବିଘ୍ନ ସାଧନାରେ ରତ ରହିବା ଭଳି ସାମର୍ଥ୍ୟ ହୁଏ ନାହିଁ, କେତେବେଳେ କ'ଣ ଓଲଟ-ପାଲଟ ହୋଇଯାଏ, ତାହା ସେ ନିଜେହିଁ ଠିକ୍ ବୁଝିପାରେ ନାହିଁ। ଅହଙ୍କାର, ମାନ, ଦମ୍ଭ, କାମ, କ୍ରୋଧ, ଲୋଭ, ଈର୍ଷା, ଦ୍ୱେଷ, ପରଶ୍ରୀକାତରତା ଆକସ୍ମିକ ବିପର୍ଯ୍ୟୟ ଘଟାଇ ଦେଇପାରେ। ଏ ଗଲା ଗୋଟିଏ ଦିଗର କଥା। ଏବଂ ପାରିବାର ମନୋଭାବହିଁ ସକ୍ଷମ କରିଦିଏ। ତୁମକୁ ଯଦି ୨୫ ଟଙ୍କା ଆଣିବାକୁ କହିଲି, ତୁମେ ଯଦି ମୂଳରୁ କହ 'ପାଇବି କି ନାହିଁ'— ତାହେଲେ ପାଇବା କଷ୍ଟକର। ପାରିବାରେ ଦ୍ୱିଧାଶୂନ୍ୟ ହୋଇ ଚେଷ୍ଟା କଲେ ପାରିହୁଏ। ଭଲ କାମରେ 'ନା' form ରେ (ଆକାରରେ) ଚିନ୍ତା କରିବାହିଁ ଭଲ ନୁହେଁ।

ପ୍ରଫୁଲ୍ଲ—ଆମର ସମୟ ଓ ସାମର୍ଥ୍ୟ କମ, କାମ ବ୍ୟାପକ ଓ ବହୁଳ, କରିବୁ କିପରି ?

ଶ୍ରୀଶ୍ରୀଠାକୁର—Co-ordination (ସଙ୍ଗତି) ଆସିଲେହିଁ ହେବ। ସେତେବେଳେ ଚିନ୍ତା, କଥା, କର୍ମ, muscle (ପେଶୀ), nerve (ସ୍ନାୟୁ) ସମସ୍ତେ ଏକ ଯୋଗରେ purpose (ଉଦ୍ଦେଶ୍ୟ) fulfil (ପରିପୂରଣ) କରିବା ପାଇଁ ଉଠିପଡ଼ି ଲାଗନ୍ତି। ସେତେବେଳେ ଏକସଙ୍ଗେ ଦଶଟା ଦିଗରେ ତାଳ ଦିଆଯାଏ। ସ୍ମୃତି ମଧ୍ୟ ସେତେବେଳେ ତୋଖଡ଼ ହୋଇଉଠେ, କୌଣସି କାମର କଥା ମୁଣ୍ଡରୁ ଚାଲିଯାଏ ନାହିଁ ଏବଂ ଯାହାକୁ ଦେଇ ଯେତେବେଳେ ଯେଉଁଟା କରାଇବା କଥା ଟକାଟକ ମୁଣ୍ଡକୁ ଜୁଟିଯାଏ, ଗୋଟାଏ ବି ସୁଯୋଗ ଏଡ଼ାଇ ଯାଏ ନାହିଁ। ପାରିପାର୍ଶ୍ୱିକର ପ୍ରତ୍ୟେକଟି ବସ୍ତୁ ଓ ବ୍ୟକ୍ତି ସମ୍ବନ୍ଧରେ ବୋଧ ମଧ୍ୟ ପ୍ରଖର ହୋଇଉଠେ, କିଏ ବା କ'ଣ କେଉଁଠି କେଉଁ କାମରେ ଲାଗିବ, କାହାର ବା କେଉଁ କ୍ଷେତ୍ରରେ କି ଉପଯୋଗିତା, କେଉଁ କ୍ଷେତ୍ରରେ, କେଉଁଠି କେଉଁ କେଉଁ ଲୋକ ବା ଜିନିଷର କି ପ୍ରକାର ସମାବେଶ ଓ ପ୍ରୟୋଗ ଦ୍ୱାରା କେଉଁ କାର୍ଯ୍ୟ ହାସଲ ହେବ, ସବୁ ମୁଣ୍ଡରେ ଖେଳୁଥାଏ, ଏଇପରି ଭାବରେ ଗୋଟାଏ ଲୋକ ଲକ୍ଷ କାମ କରିପାରେ। ପୁଣି ପ୍ରତ୍ୟେକଙ୍କର ପ୍ରକୃତି ଓ ପ୍ରୟୋଜନକୁ ଲକ୍ଷ୍ୟ କରି ତାର ଆବଶ୍ୟକୀୟ ପୋଷଣ ଓ ପୂରଣ ପାଇଁ ଯଥାସମ୍ଭବ ଯତ୍ନବାନ ହେବାକୁ ହେବ। ଏହାଦ୍ୱାରା ପ୍ରତ୍ୟେକଟା ଲୋକ ଆପଣାର ହୋଇଉଠେ। ସେତେବେଳେ ଏଇ ଲୋକଙ୍କ ସାହାଯ୍ୟରେ ତୁମେ ଅସମ୍ଭବକୁ ସମ୍ଭବ କରିପାରିବ। ଅବଶ୍ୟ ତୁମର ନିଜର ବିଶେଷ କରଣୀୟ ସବୁ ଠିକ୍ ଭାବରେ କରିବା ଦରକାର। ଏହିପରି ଚଳନ ଓ କର୍ମକୁ କୁହାଯାଏ organisation (ସଂଗଠନ)। ପୁଣି, ଏହି organisation (ସଂଗଠନ) ର ପ୍ରାଣହିଁ ହେଲା ଏକପ୍ରାଣତା ବା ଆଦର୍ଶପ୍ରାଣତା। ତୁମେ ଆଦର୍ଶପ୍ରାଣତାରେ

ଉଦ୍‌ବୁଦ୍ଧ ହୋଇ, ତତ୍‌ସ୍ୱାର୍ଥ-ପ୍ରତିଷ୍ଠାରେ ସକ୍ରିୟ ଓ ସ୍ୱାର୍ଥାନ୍ୱିତ ହୋଇ ଅନ୍ୟକୁ ଏହିପରି ଭାବରେ ଯେତେବେଶି ଉଦ୍‌ବୁଦ୍ଧ କରି ତୋଳିପାରିବ—ପ୍ରତ୍ୟେକର ବୈଶିଷ୍ଟ୍ୟକୁ ଅକ୍ଷୁଣ୍ଣ ରଖି,—ସେତେ ତୁମେ ସବୁ ସଂଗଠିତ ହୋଇ ଉଠିବ। ନିଜର ବ୍ୟକ୍ତିତ୍ୱ ଆଦର୍ଶାନୁପୂରଣରେ ସୁସଂହତ ଓ ସୁସଂଗଠିତ ନ ହେଲେ, ଅନ୍ୟକୁ ସୁସଂହତ ଓ ସୁସଂଗଠିତ କରାଯାଇ ପାରିବ ନାହିଁ। ତେଣୁ କହୁଛି, ସଂହତ ଓ ସଂଗଠିତ ଚରିତ୍ରସଂପନ୍ନ ତୁମେ ଯଦି ହୋଇଉଠ, ତେବେ ସମଗ୍ର ବିଚ୍ଛିନ୍ନ ଦୁନିଆଁଟାକୁ ତୁମେ ଦାନାବାନ୍ଧି ତୋଳି ପାରିବ, ତାହେଲେ ତୁମର ଅଭାବ କେଉଁଠି ? ସେତେବେଳେ ଦେଖିବ, ପ୍ରତ୍ୟେକର ହାତ ତୁମର ହାତ, ପ୍ରତ୍ୟେକର ମୁଣ୍ଡ ତୁମର ମୁଣ୍ଡ, ପ୍ରତ୍ୟେକର ଶକ୍ତି-ସମ୍ପଦ ତୁମର ଶକ୍ତି-ସମ୍ପଦ, ଏହା ତୁମେ ବହୁ ହୋଇଯାଇଛ,—ଏଇପରି ପ୍ରତ୍ୟେକ ପ୍ରତ୍ୟେକର ହୋଇଯାଏ—ସେତେବେଳେ ଆଉ ଶକ୍ତି-ସାମର୍ଥ୍ୟର ଅଭାବ କେଉଁଠି ? Collective volition (ସମବେତ ଇଚ୍ଛାର) ର ଅଭ୍ୟୁତ୍‌ଥାନ ଏହିପରି ଭାବରେହିଁ ହୋଇଉଠେ। ଏହାକୁହିଁ କୁହାଯାଏ ଭୂମାୟିତ ଜୀବନ, ଏହାକୁହିଁ କହନ୍ତି ବ୍ରହ୍ମାନୁଭୂତି। ଏହି ବ୍ରାହ୍ମୀଚଳନ ତୁମର ଚରିତ୍ରଗତ ହେଉ। "ମୟି ସର୍ବାଣି କର୍ମାଣି ସଂନ୍ୟସ୍ୟାଧ୍ୟାତ୍ମଚେତସା, ନିରାଶୀର୍ନିର୍ମମୋ ଭୂତ୍ୱା ଯୁଧ୍ୟସ୍ୱ ବିଗତଜ୍ୱରଃ।" ନିଜସ୍ୱ କ୍ଷୁଦ୍ର କ୍ଷୁଦ୍ର ସ୍ୱାର୍ଥ, ପ୍ରତ୍ୟାଶା ଓ ମମତ୍ୱ ମୋହରେ ଅଟକି ଯାଇ ନିଜକୁ ବୃହତ୍ତର ଜୀବନରୁ ବଞ୍ଚିତ କରନାହିଁ।

ଇନ୍ଦୁ ଭାଇ (ବସୁ)—ଆମ ମଧ୍ୟରେ ଦାନା ବାନ୍ଧି ଉଠୁନାହିଁ କାହିଁକି ?

ଶ୍ରୀଶ୍ରୀଠାକୁର—ସକ୍ରିୟ ଇଷ୍ଟାନୁଧ୍ୟାୟିତା ନେଇ ପରସ୍ପର ପରସ୍ପରପ୍ରତି interested (ଆଗ୍ରହୀ) ହୋଇ ଉଠିଲେହିଁ 'ସୂତ୍ରେ ମଣିଗଣା ଇବ' ପରି ହୋଇ ଥାଏ। ଏଥିରେ ବାଧା ଉପୁଜେ designing inferiority (ଦୁରଭିସନ୍ଧିମୂଳକ ହୀନମନ୍ୟତା) ଥିବା ଯୋଗୁଁ, ଅନେକେ ସେହି ପ୍ରବୃତ୍ତି ଯୋଗୁଁ ବଡ଼କୁ ଛୋଟ କରିବାକୁ ଚାହାନ୍ତି, ଇଷ୍ଟ କାମ ଅପେକ୍ଷା ଅହଂର ପ୍ରତିଷ୍ଠା ବେଶିକରି ଚାହାନ୍ତି। ଅନେକେ ଯେପରି ଭାବନ୍ତି, 'ମୋ ଦ୍ୱାରା ଦେଶ ସ୍ୱାଧୀନ ହେବ ତ ହେଉ, ନ ହେଲେ ଦେଶ ନରକକୁ ଯାଉ,'—ଏହିପରି ଭାବନ୍ତି, ତେଣୁ କାମର ଦାୟିତ୍ୱ ଯାହା ଉପରେ ଥାଏ, ସେମାନେ help (ସାହାଯ୍ୟ) କରନ୍ତି ନାହିଁ, କାରଣ ସେମାନେ ଭାବନ୍ତି, କାମରେ successful (କୃତକାର୍ଯ୍ୟ) ହେଲେ ନିର୍ଦ୍ଦିଷ୍ଟ କେତେକ ବ୍ୟକ୍ତିଙ୍କର ସୁନାମ ହେବ, ସେମାନଙ୍କର ସାହାଯ୍ୟକୁ କେହିବି ପଚାରିବେ ନାହିଁ ତେଣୁ ସାହାଯ୍ୟ କରି ଲାଭ କ'ଣ ?

ଏହାପରେ ପୁଣି ସହାନୁଭୂତିଶୂନ୍ୟ ହୋଇ ଦୋଷ ଦିଅନ୍ତି, କାମରେ ତ ସାହାଯ୍ୟ କରନ୍ତି ନାହିଁ, ବରଂ ଅନେକ ସମୟରେ ବାଧା ସୃଷ୍ଟି କରିବା ମତଲବରେ ଥାଆନ୍ତି, ଅର୍ଥାତ୍ ସେମାନଙ୍କର ମଧ୍ୟରେ curative urge (ନିରାମୟୀ ଆବେଗ), constructive urge (ସଂଗଠନୀ ଆବେଗ) କମ୍। ଏହି curative urge (ନିରାମୟୀ ଆବେଗ) ଓ



constructive ruge (ସଂଗଠନୀ ଆବେଗ) ବାଲା ଲୋକଙ୍କ ସଂଖ୍ୟା ନ ବଢ଼ିଲେ, ମଣିଷ ମଧ୍ୟରେ ଦାନାବାନ୍ଧି ତୋଳିବା ଖୁବ୍ କଷ୍ଟକର। ଦୋଷ ଦେଖି ଯେଉଁମାନେ ସହଜରେ ଦୁଷ୍ଟ ହୁଅନ୍ତି, ଦୋଷ-ନିରାକରଣୀ ପ୍ରଚେଷ୍ଟା ଯେଉଁମାନଙ୍କ ମଧ୍ୟରେ ସକ୍ରିୟଭାବରେ ପ୍ରବଳ ହୋଇ ଉଠିନାହିଁ, ଧ୍ୱଂସମୁଖୀ ଯାହା ତାକୁ ଗଠନମୁଖୀ କରି ତୋଳିବାର ସ୍ୱପ୍ନ ଯେଉଁମାନେ ଦେଖନ୍ତି ନାହିଁ, ଏବଂ କ୍ଷୟକୁ ସଂଗଠନରେ ପର୍ଯ୍ୟବସିତ କରିବା ମଧ୍ୟରେ ଯେଉଁମାନେ ଆନନ୍ଦ ପା'ନ୍ତି ନାହିଁ, ଧ୍ୱଂସ ସ୍ରୋତର ସଂଘର୍ଷରେ ଯେଉଁମାନଙ୍କର ଅନ୍ତର୍ନିହିତ ସଂଗଠନକାରୀ ସଙ୍କଳ୍ପ ଭାଙ୍ଗିପଡ଼େ, ଜୋର କରି ଦାନ୍ତ ଧରିବାର ଜିଦ୍ ସୃଷ୍ଟି ହୁଏନାହିଁ ସେମାନେ ମଣିଷକୁ ସଂହତ କରି ତୋଳି ପାରିବେ ନାହିଁ। କର୍ମୀମାନଙ୍କର ଅନ୍ତତଃ ଏଇ ଗୁଣସବୁ ଥିବା ଦରକାର ଏବଂ କର୍ମୀମାନେ ପରସ୍ପର ପରସ୍ପରର ଗୁଣଗ୍ରାହୀ ହେବେ, 'ବୋଧୟନ୍ତଃ ପରସ୍ପରମ୍' ହେବେ। ପ୍ରଶଂସାର କାଙ୍ଗାଳ ହେବା ଯେପରି ଖରାପ, ହୀନମନ୍ୟ ଆତ୍ମପ୍ରତିଷ୍ଠାର ଲାଳସା ଯେପରି ନିନ୍ଦନୀୟ, ପ୍ରତ୍ୟେକଙ୍କୁ ତା'ର ନ୍ୟାଯ୍ୟ ପ୍ରାପ୍ୟ ଶ୍ରଦ୍ଧା, ସ୍ନେହ, ପ୍ରୀତି, ସମ୍ମାନ, ମର୍ଯ୍ୟାଦା ଓ ପ୍ରଶଂସା-ଦାନରେ କାର୍ପଣ୍ୟ ଓ କୁଣ୍ଠିତ ହେବା ମଧ୍ୟ ସେହିପରି ଅବାଞ୍ଛନୀୟ। ଗୋଟାଏ ପରିବାରକୁ ଏକତ୍ର ବାନ୍ଧି ରଖିବାକୁ ହେଲେ କର୍ତ୍ତା ଓ କର୍ତ୍ତ୍ରୀସ୍ଥାନୀୟ ଯେଉଁମାନେ, ସେମାନଙ୍କର ଯେପରି ପ୍ରତ୍ୟେକଙ୍କ ପ୍ରତି ଅନେକ ପରିମାଣରେ ବୋଧ, ବିବେଚନା, ନଜର ଓ ସହାନୁଭୂତି ନେଇ ଚଳିବାକୁ ହୁଏ, ସଙ୍ଘ ପରିବାରରେ କର୍ତ୍ତା ସ୍ଥାନୀୟ ଯେଉଁମାନେ, ସେମାନଙ୍କର ମଧ୍ୟ ସେହିପରି ସମସ୍ତଙ୍କ ପ୍ରତି ଚାରିଚକ୍ଷୁ ଦୃଷ୍ଟି ସହକାରେ ଚଳିବାକୁ ହେବ। ତୁମେ କେତେଜଣ ଯଦି ଇଷ୍ଟନିଷ୍ଠାରେ ଅଟୁଟ ହୋଇ ନିଜ ନିଜ ମଧ୍ୟରେ ସଂହତ ହୋଇଉଠ,—ସେବା, ସହାନୁଭୂତି, ନିରାମୟୀ ଓ ସଂଗଠନୀ ଆବେଗ ସହକାରେ,—ସଂହତି-ବିରୋଧୀ ଯେଉଁଠି ଯାହା କିଛି ଅଛି, ନିରନ୍ତର ଶ୍ୟେନଦୃଷ୍ଟିରେ ତାକୁ ସମୂଳେ ଉତ୍ପାଟିତ କରି—ନିଜ ନିଜର ମିଳନ-ବିଧାୟକ ଚରିତ୍ର ଦ୍ୱାରା,—ତାହେଲେ ଦେଖିବ, ସମସ୍ତେ ଠିକ୍ ହୋଇ ଯାଇଛନ୍ତି। ମୋଟ କଥା ତୁମମାନଙ୍କ ମଧ୍ୟରେ ଅନେକଟା ଠିକ୍ ଅଛି, ତୁମେ ଦୁଇଜଣ ମରାମରି ହୋଇ ପରମୁହୂର୍ତ୍ତରେ ପୁଣି ଏକ ସଙ୍ଗେ ଯାଇଁ ରସଗୋଲା ଖାଇ ପାର, ଏ ଦୃଶ୍ୟ ତୁମମାନଙ୍କ ମଧ୍ୟରେ ସର୍ବଦା ଦେଖାଯାଏ, ପୁଣି ଯାହା ସହିତ ତୁମେ ରାଗକରି ବା ଅଭିମାନ କରି କଥା କହୁନାହଁ, ତାକୁ ବାହାରର ଗୋଟାଏ ଲୋକ ଯଦି ଅପଦସ୍ତ କରେ, ସେଠାରେ କିନ୍ତୁ ତୁମେ ଚୁପ୍ ରହିପାର ନାହିଁ, ଛାତି ପତାଇ ଆଗେଇ ଯାଅ, ଏହା ତୁମ ଭିତରେ ଅଛି ସେଇ ଇଷ୍ଟସୂତ୍ର ଥିବା ଯୋଗୁଁ, ବାହାରେ ଏପରି ଉଦାହରଣ ବେଶି ଦେଖିବାକୁ ମିଳେ ନାହିଁ। ତେବେ ଇଷ୍ଟଙ୍କଠାରେ interested (ଅନୁରକ୍ତ) ନ ହୋଇ, ଯେଉଁମାନେ କେବଳ ନିଜର ହୀନସ୍ୱାର୍ଥର ଚାହିଦା ପୂରଣ ପାଇଁ ଇଷ୍ଟଙ୍କୁ ଧରନ୍ତି, ଇଷ୍ଟ ଓ ସଂଘକୁ ଭାଙ୍ଗି, ଆତ୍ମସ୍ୱାର୍ଥ ଓ ଆତ୍ମପ୍ରତିଷ୍ଠାର ପ୍ରୟୋଜନକୁ ସିଦ୍ଧ କରିବାକୁ ଚାହାନ୍ତି—ସେମାନଙ୍କୁ ନେଇ ଚଳିବା କଷ୍ଟକର ହୁଏ। କିନ୍ତୁ ଏକନିଷ୍ଠ ଯେଉଁମାନେ ସେମାନେ ଯଦି ହୁସିଆର ଥା'ନ୍ତି, ସେହି ଦଳ କିଛି

କରି ପାରିବେ ନାହିଁ। ସେମାନଙ୍କର ଦୁଷ୍ଟ ବୁଦ୍ଧିହିଁ ସେଇମାନଙ୍କୁ ଦୁର୍ବଳ କରି ଦେଉଛି, ସେମାନେ କେଉଁଠାରେ ହେଲେ ପ୍ରଶ୍ରୟ ପା'ନ୍ତି ନାହିଁ, ତେଣୁ ସେମାନେ ସଙ୍ଘର କ୍ଷୟ ସାଧନ କରି, ନିଜର ପ୍ରାଧାନ୍ୟ-ପ୍ରତିଷ୍ଠା ବା ସ୍ୱାର୍ଥ-ସାଧନ କରିବାକୁ ଚାହିଁଲେ ମଧ୍ୟ ତାହା ପାରନ୍ତି ନାହିଁ। ମଣିଷ ଏତେ ବେକୁବ ଯେ,—ଇଷ୍ଟପ୍ରତି normally actively interested (ସହଜ ସକ୍ରିୟ ଭାବରେ ଅନୁରକ୍ତ) ହେଲେ ଯେ ସହଜରେ ସବୁ ମିଳେ, ଏଇ କଥାଟାହିଁ ବୁଝେ ନାହିଁ, ତେଣୁ ଯେଉଁ ପଥରେ ଗଲେ ବ୍ୟର୍ଥ ହେବ ସେଇ ପଥହିଁ ବାଛି ନିଏ। ମଣିଷ ବାସ୍ତବ କର୍ମ ସହ ମୁଖ୍ୟତଃ ଇଷ୍ଟପ୍ରେମୀ ଓ ଇଷ୍ଟସ୍ୱାର୍ଥୀ ହେଲେ, ତା'ର ଏହି ଚରିତ୍ରହିଁ ତାକୁ ସବୁ ଯୋଗାଇ ଦେଇଥାଏ। ଯେପରି ମନେକର, କେହି ଯଦି କେବଳ ଅଙ୍କ ଶିଖିବା ପାଇଁ ତୁମ ପାଖକୁ ନ ଆସି ତୁମକୁ ଭଲପାଇ ବସେ, ତା'ର କିନ୍ତୁ ଅଙ୍କ ଶିଖିବାଟା ଢେର ବେଶି ହୋଇଯାଏ। ହନୁମାନ ମୁଣ୍ଡରେ କେତେ ଫନ୍ଦି ପ୍ରଥମେ ଥିଲା, କିନ୍ତୁ ପରେ ରାମଚନ୍ଦ୍ରଙ୍କଠାରେ interested (ଅନୁରକ୍ତ) ହୋଇ ଉଠିଲା, ଭଲ instinct (ସଂସ୍କାର) ଥିଲେ ଏହିପରି ହୁଏ।

କଥା ପ୍ରସଙ୍ଗରେ ଇନ୍ଦୁଭାଇ କହିଲେ—ବିମଳ ଭାଇ କାମରେ ଲାଗିଗଲେ, ଆହାର-ନିଦ୍ରା ପ୍ରତି ଖିଆଲ ନ ଥାଏ।

ଶ୍ରୀଶ୍ରୀଠାକୁର ତାହା ଶୁଣି କହିଲେ—ଦେହ ଠିକ୍ ରଖିବା ପାଇଁ ଯେତେଟିକିଏ କର୍ତ୍ତବ୍ୟ କରିବା ଦରକାର, ତାହା ନ କରିବା କିନ୍ତୁ ଭଲନୁହଁ। ତହିଁରେ କାମ ପଣ୍ଡ ହୋଇଥାଏ।

ପ୍ରଶ୍ନ କରାହେଲା—ଆପଣଙ୍କ ପାଖରୁ ଯେ ଏତେ impulse (ପ୍ରେରଣା) ପାଉଛୁ—ସେଥିରେ କ'ଣ effect (ଫଳ) ହେବ ନାହିଁ?

ଶ୍ରୀଶ୍ରୀଠାକୁର—ହଁ, ନିଶ୍ଚୟ! ତାହା 'ଅଦ୍ୟ ବର୍ଷେ ଶତାନ୍ତେ ବା'। କାମରେ ଲାଗି ପଡ଼ିଲେ ବର୍ତ୍ତମାନ ମଧ୍ୟ ଟେର ପାଇବ। ତୁମ ଅଜ୍ଞାତରେ ତାହାରି ଝଲକ ବିଚ୍ଛୁରିତ ହୁଏ ତୁମ ଭିତରୁ—ତୁମର ବୈଶିଷ୍ଟ୍ୟ ମାଫିକ୍। ମୋର ଚାହାଣି, ଚାଲିଚଳନ, ହାବଭାବ, କ୍ରିୟାକଳାପ, ଆଚରଣ ଇତ୍ୟାଦି ଯାହା ଦେଖୁଛ—ସବୁ in toto (ସମ୍ପୂର୍ଣ୍ଣ ଭାବରେ) ମସ୍ତିଷ୍କରେ ଜମି ରହିଛି। ମୋର କଥା ସବୁ ଯେତେ responsibly (ଦାୟିତ୍ୱ ସହକାରେ) work out (ନିଷ୍ପାଦନ) କରୁଥିବ, ସେତେ ସେହି ସଂହତ ସମ୍ପଦ ଲଗାମ ଧରି ଟାଣିବ। ସେତେବେଳେ ସେହି କଥା ସବୁ ଆଉରି intelligently (ବୁଦ୍ଧିମତ୍ତାର ସହିତ) ବୋଧ ଓ ଉପଭୋଗ କରି ପାରିବ। ଧ୍ୟାନ, ଧାରଣା, ଆତ୍ମବିଶ୍ଳେଷଣ, ଆତ୍ମନିୟନ୍ତ୍ରଣ, ଇଷ୍ଟାନୁପୂରକ ବାସ୍ତବ କର୍ମ ଇତ୍ୟାଦି ଭିତର ଦେଇ ସବୁ ଜିନିଷର ଗୂଢ଼ାର୍ଥ ତୁମ ନିକଟରେ ପରିସ୍ଫୁଟ ହୋଇଉଠିବ।

ପ୍ରଶ୍ନ—ଏ ଜୀବନରେ ଯଦି କିଛି ନ କରୁ?

ଶ୍ରୀଶ୍ରୀଠାକୁର ଚକିତ ହୋଇ ଅଭୟ ଭଙ୍ଗୀରେ ଦକ୍ଷିଣ ହସ୍ତଟି ଉତ୍ତୋଳନ କରି ଦୃପ୍ତ



କଣ୍ଠରେ କହିଲେ—ମୃତ୍ୟୁ ପରେ ଯଦି ଜୀବନ ଥାଏ, ସେଠାରେ ମଧ୍ୟ ତାହା ସଙ୍ଗେ ସଙ୍ଗେ ଥିବ। କିଛି ବ୍ୟର୍ଥ ହେବ ନାହିଁ।

ତାଙ୍କର ଏହି ପ୍ରେରଣାଘନ ଦିବ୍ୟ ଅଭୟ ବାଣୀ ଶୁଣି କାହାରି ମୁହଁରେ ବାକ୍-ସ୍ଫୂର୍ତ୍ତି ହେଉ ନଥିଲା। ତାଙ୍କର ଅପାର କରୁଣାର କଥା ସ୍ମରଣ କରି ସମସ୍ତଙ୍କ ଚକ୍ଷୁ ଅଶ୍ରୁ-ସଜଳ ହୋଇ ଉଠିଥିଲା। ପଦ୍ମାଚରର ପୂର୍ବଦିଗନ୍ତରେ ଏଇମାତ୍ର ସୂର୍ଯ୍ୟୋଦୟ ହୋଇଛି, କନକ କିରଣରେ ଚାରିଆଡ଼ ଉଦ୍ଭାସିତ, ସବିତୃଦେବ ଯେପରି ତାଙ୍କର ବାଞ୍ଛିତର ପୁଣ୍ୟ-ଅଙ୍ଗ-ସ୍ପର୍ଶରେ ଏଇ ପ୍ରଭାତରେ ପୂର୍ଣ୍ଣ-କାମ ହୋଇ ଉଠିଛନ୍ତି;—ପୂର୍ଣ୍ଣକାମ, ପୂର୍ଣ୍ଣମନୋରଥ ଆଜି ସମସ୍ତେ—ତାଙ୍କରି ଶ୍ରୀଚରଣସ୍ପର୍ଶରେ।

ପ୍ୟାରୀ ଭାଇ ତମାଖୁ ସଜାଇ ଦେଲେ। ଶ୍ରୀଶ୍ରୀଠାକୁର ଆନମନା ଭାବରେ ତମାଖୁ ଖାଇବାକୁ ଲାଗିଲେ। ତାଙ୍କର ମନ ଯେପରି ସେତେବେଳେ ଅନ୍ୟ ରାଜ୍ୟକୁ ଚାଲିଛି। ବାହାରେ ଆଶ୍ରମ ପ୍ରାଙ୍ଗଣରେ ଗୋଟାଏ କୁକୁର ଗୋଟାଏ ପକ୍ଷୀ-ଶାବକକୁ ଧରିବା ପାଇଁ ଦୌଡ଼ି ଯାଉଥିଲା, କାହାରି ସେଆଡ଼େ ନଜର ପଡ଼ିନାହିଁ। ଶ୍ରୀଶ୍ରୀଠାକୁର ଆର୍ତ୍ତସ୍ୱରରେ ସଙ୍ଗେ ସଙ୍ଗେ ସମସ୍ତଙ୍କ ଦୃଷ୍ଟି ସେଇ ଘଟଣା ପ୍ରତି ଆକର୍ଷଣ କଲେ, କେତେଜଣ ଦୌଡ଼ିଯାଇ କୁକୁରଟାକୁ ଘଉଡ଼ାଇ ଦେଇ ପକ୍ଷୀର ପ୍ରାଣ ରକ୍ଷାକଲେ। ତେବେଯାଇଁ ଶ୍ରୀଶ୍ରୀଠାକୁର ଶାନ୍ତ ହେଲେ। ତୁରୀୟଭାବରେ ଅବସ୍ଥିତ ଯିଏ,—ସେଇ ଭାବାରୂଢ଼ ଅବସ୍ଥାରେ ମଧ୍ୟ ଗୋଟାଏ ସାମାନ୍ୟ ଜୀବର କଷ୍ଟ ଯାହାର ଦୃଷ୍ଟି ଏଡ଼ାଇ ନାହଁ,—ଦୁନିଆର ସମସ୍ତଙ୍କ ପ୍ରତି ଏଇପରି ସକ୍ରିୟ ସୁକେନ୍ଦ୍ରିକ ମୈତ୍ରୀବନ୍ଧନ—ଏହାକୁହିଁ କ'ଣ କୁହାଯାଏ ମୁକ୍ତି?

ଏହାପରେ ସୁଶୀଳ ଭାଇ ବୌଦ୍ଧଧର୍ମ ଓ ଖ୍ରୀଷ୍ଟଧର୍ମ ସମ୍ବନ୍ଧରେ କଥା ଉଠାଇଲେ।

ଶ୍ରୀଶ୍ରୀଠାକୁର—Real Christianity (ପ୍ରକୃତ ଖ୍ରୀଷ୍ଟଧର୍ମ), Real Buddhism (ପ୍ରକୃତ ବୌଦ୍ଧଧର୍ମ) ଚାପା ପଡ଼ିଯାଇଛି। Clan (ବଂଶ), cult (କୃଷ୍ଟି) ଏବଂ ବୈଶିଷ୍ଟ୍ୟପାଳୀ ଆପୂରୟମାଣ ପୂର୍ବବର୍ତ୍ତୀ ଓ ପରବର୍ତ୍ତୀଗଣଙ୍କ ପ୍ରତି ଆନୁଗତ୍ୟ ଯଦି ଠିକ୍ ଥାଏ, ତାହେଲେ ସେଠାରେ ଆବିଳତା ଜମି ପାରେ ନାହିଁ। ବିକୃତି ଯାହା ଜମିଥାଏ, ପରବର୍ତ୍ତୀଙ୍କର ପୁଣ୍ୟସ୍ପର୍ଶରେ ତାହା ଦୂରୀଭୂତ ହୋଇଯାଏ ଏବଂ ବିଭିନ୍ନ ସମ୍ପ୍ରଦାୟ ମଧ୍ୟରେ ସେତେବେଳେ ଗୋଟାଏ ଗଭୀର ସଙ୍ଗତି ବିରାଜମାନ କରେ। ସେ ଅବସ୍ଥାରେ ଲକ୍ଷ ସମ୍ପ୍ରଦାୟ ଥିଲେ ମଧ୍ୟ କିଛି ଅସୁବିଧା ହୁଏ ନାହିଁ, ସେପରି ସ୍ଥଳରେ ସମ୍ପ୍ରଦାୟ ଥାଇ ମଧ୍ୟ ସାମ୍ପ୍ରଦାୟିକତା ନଥାଏ, ସେମାନେ ପରସ୍ପର ପରସ୍ପରର ସ୍ୱାର୍ଥାନ୍ୱିତ ହୋଇଉଠନ୍ତି। କାରଣ ସେମାନେ ଜାଣନ୍ତି, ବୈଶିଷ୍ଟ୍ୟପାଳୀ ଆପୂରୟମାଣ ଧର୍ମ ପ୍ରବର୍ତ୍ତକଗଣ ସମସ୍ତେ ଏକ ବାର୍ତ୍ତାବାହୀ—କେବଳ ଏକ ବାର୍ତ୍ତାବାହୀ ନୁହଁନ୍ତି, ଏକ ସତ୍ତାବାହୀ ମଧ୍ୟ। ତେଣୁ ସେମାନେ ହିଂସା ଦ୍ୱେଷର କଥା ଚିନ୍ତା ମଧ୍ୟ କରିପାରନ୍ତି ନାହିଁ, ତାହେଲେ ଯେ ପ୍ରଭୁଙ୍କୁହିଁ ଅବମାନନା କରାଯିବ, ତାଙ୍କରି ଶରୀରରେହିଁ ଆଘାତ ଲାଗିବ। କିନ୍ତୁ ବୈଶିଷ୍ଟ୍ୟପାଳୀ ଆପୂରୟମାଣ ବର୍ତ୍ତମାନ ଓ ପରବର୍ତ୍ତୀଙ୍କୁ

ସ୍ୱୀକାର କରିବାର ଅଭ୍ୟାସ ନଥିଲେ ଏହି ଭାବଟା ସଞ୍ଜୀବିତ ହେବନାହିଁ। ତାପରେ ଏହି କୁଳ ଓ କୃଷ୍ଟି ମାନିବାର ମଧ୍ୟ ଏକ ଗଭୀର ପ୍ରୟୋଜନ ଅଛି, ନହେଲେ ଆଚାରବିହୀନ ହୋଇ ମଣିଷ ବୈଶିଷ୍ଟ୍ୟ-ଭ୍ରଷ୍ଟ ହୋଇଉଠେ। ତାଛଡ଼ା, କୁଳ ନ ମାନିବା ଫଳରେ ଯଦି କୌଣସି ପ୍ରକାର କେଉଁଠି ମଧ୍ୟ ପ୍ରତିଲୋମ ପଶିଯାଏ, ତାହେଲେ ମୂଳଧାରାହିଁ ତ ବିପର୍ଯ୍ୟସ୍ତ ହୋଇଯାଏ, ଏହି ବିପର୍ଯ୍ୟସ୍ତ ଓ ବିକୃତ ଜୈବୀ-ସଂସ୍ଥିତି ନେଇ ମଣିଷ କିଛି ବି କରିପାରେ ନାହିଁ, ସେ ଧର୍ମ, କୃଷ୍ଟି, ସମାଜ ଓ ନିଜର ଶତ୍ରୁହୋଇ ଛିଡ଼ାହୁଏ।

## ମାର୍ଗଶିର ୨୪, ମଙ୍ଗଳବାର, ୧୩୪୮ (ଇଂ ୯/୧୨/୪୧)

ଇଷ୍ଟଙ୍କ ସ୍ମରଣ, ମନନ, କୀର୍ତ୍ତନ, ଉପାସନା, ପରିସେବନ, ଅନୁବର୍ତ୍ତନ,—ତଦ୍‌ସ୍ୱାର୍ଥପ୍ରତିଷ୍ଠାମୂଳକ ପରିଚିନ୍ତନ ଓ କର୍ମଠ ଉପଚୟକାରୀ ପ୍ରୟାସ—ଏହାହିଁ ତ ମଣିଷର କର୍ମ, ତାକୁ ବାଦଦେଇ ଯାହା ତାହାହିଁ ତ ଅକର୍ମ—ଅଶେଷ ଦୁଃଖ ଓ ବନ୍ଧନର କାରଣ।—ଏହି ସତ୍ୟଟି ଆଶ୍ରମବାସୀଙ୍କ ମଧ୍ୟରୁ ଅଧିକାଂଶ ଉପଲବ୍ଧି କରିଛନ୍ତି, ତେଣୁ ତାଙ୍କର ପ୍ରତ୍ୟକ୍ଷ ସଙ୍ଗ ଓ ସାନ୍ନିଧ୍ୟଲାଭ କରିବାର ସୁଯୋଗ ଗ୍ରହଣ କରିବାକୁ ସେମାନେ ସର୍ବଦା ଉନ୍ମୁଖ। ତାଙ୍କ ପାଖକୁ ଯିବା ପାଇଁ ସେମାନଙ୍କ ମନ ଆକୁଳ-ବିକଳ ହୁଏ, ତେଣୁ ଭୋର ହେଉ ନ ହେଉଣୁ, ରାତି ଥାଉ ଥାଉ ସେମାନେ ଶୀତର ଜଡ଼ତା କାଟି ବିଛଣା ଛାଡ଼ିଉଠି ପଡ଼ନ୍ତି। ପ୍ରାତଃକୃତ୍ୟାଦି ସମାପନାନ୍ତେ ତାଙ୍କର ଦରବାରରେ ଯାଇଁ ହାଜର ହୋଇଯା'ନ୍ତି। ଆକାଶରେ ସେତେବେଳେ ମଧ୍ୟ ନକ୍ଷତ୍ରରାଜି ବିରାଜମାନ କରିଥାନ୍ତି, କୁହୁଡ଼ି ଓ ଅନ୍ଧକାର ତଥାପି ଘନୀଭୂତ ହୋଇଥାଏ, ଦିଗନ୍ତ ବିସ୍ତାରୀ ପଦ୍ମାଚର ନୀରବ ନିସ୍ତବ୍ଧ, ଆଶ୍ରମ ପ୍ରାଙ୍ଗଣସ୍ଥ ବକୁଳ ଓ ବାବଲା ବୃକ୍ଷସବୁ ମୌନ ପ୍ରହରୀ ରୂପେ ଛିଡ଼ା ହୋଇଥାନ୍ତି, ଶିଶିର-ସିକ୍ତ ଅଙ୍କାବଙ୍କା ଆଶ୍ରମ-ପଥ—ଯେଉଁପଥ ଲମ୍ବିଯାଇ ଶେଷ ହୋଇଛି ତାଙ୍କରି ଶ୍ରୀଅଙ୍ଗନରେ, ନୀରବରେ ପଥଯାତ୍ରୀକୁ ତାଙ୍କରି ଦ୍ୱାରକୁ ଆହ୍ୱାନ କରେ, ଯାତ୍ରୀ ଛୁଟିଯାଏ ପରମ ସଙ୍ଗମ ତୀର୍ଥକୁ। ସେମାନେ ଯାଇ ଦେଖନ୍ତି ତୀର୍ଥପତି, ସ୍ୱୟଂ ଉନିଦ୍ର ହୋଇ ବସି ରହିଛନ୍ତି ସେଇମାନଙ୍କର ପ୍ରତୀକ୍ଷାରେ, ଏଇ ଯେ ଭକ୍ତ ଓ ବାଞ୍ଛିତର ମିଳନ—ଏହାରି ମଧ୍ୟରେ ଯେପରି ସୃଷ୍ଟିର ଶାଶ୍ୱତ ଲୀଳାରସଟି ଉଚ୍ଛୁଳି ଉଠେ ; ଉଭୟଙ୍କୁ ପାଇ ଉଭୟେ ଖୁସି, ଉଭୟଙ୍କର ଆନନ୍ଦ, ଏପରି ନହେଲେ କ'ଣ ଆଉ ଉପଭୋଗ ମଧୁର ହୋଇଉଠେ ? ଏଇ ଆନନ୍ଦର ଆସ୍ୱାଦନ ଚାଲେ ପ୍ରଶ୍ନ, ପରିପ୍ରଶ୍ନ ଓ ସଂଳାପ ଭିତର ଦେଇ ଫାଙ୍କେ ଫାଙ୍କେ ; ହୁଏ ଦୃଷ୍ଟି ବିନିମୟ, ଠାରେ-ଠାରେ, ହାବ-ଭାବରେ, ଆକାର-ଇଙ୍ଗିତରେ କେତେ ଅକୁହା କଥା କହି ହୋଇଯାଏ, ମନ ଗହନର କେଉଁ ନିଭୃତ ନିଳୟରେ ଭରିଉଠେ ଅମୃତର ସଞ୍ଚୟ, ଭାବ ବିଭୋର ପ୍ରାଣ ଆଉରି ଆଉରି ଅବଗାହନ କରିବାକୁ ଚାହେଁ ତାଙ୍କ ଭିତରେ।



ଆରମ୍ଭ ହୁଏ ମଧୁର ଆଳାପ-ଆଲୋଚନା।

ଧୂର୍ଜଟି ଭାଇ—ମଣିଷ convinced (ହୃଦ୍‌ବୋଧ) ହେବା ପରେ ମଧ୍ୟ ପୁଣି ଅନ୍ୟପ୍ରକାର କହେ କାହିଁକି ?

ଶ୍ରୀଶ୍ରୀଠାକୁର—Convinced (ହୃଦ୍‌ବୋଧ) ହେବା ଓ conviction (ଦୃଢ଼ପ୍ରତ୍ୟୟ) ଜନ୍ମିବା ଏକାକଥା ନୁହଁ। ସତ୍ତାଗତ ନ ହେଲେ conviction (ଦୃଢ଼ପ୍ରତ୍ୟୟ) ହୁଏ ନାହିଁ। ଏବଂ conviction (ଦୃଢ଼ପ୍ରତ୍ୟୟ) ନହେଲେ ବୁଝିବା ମଧ୍ୟ ପକ୍କା ହୁଏ ନାହିଁ—ବର୍ତ୍ତମାନ ବୁଝିଗଲା, ପରେ ପୁଣି ଅନ୍ୟ consideration (ବିବେଚନା) ଆସିପାରେ, ବିରୁଦ୍ଧ environment (ପରିବେଶ)ରେ stand କରି (ଅବିଚଳିତ) ରହିପାରେ ନାହିଁ। ସେତେବେଳେ ବିପରୀତ ଚିନ୍ତା ଆସେ। Conviction (ଦୃଢ଼ପ୍ରତ୍ୟୟ) ହେଲେ କିନ୍ତୁ କୌଣସି ପ୍ରକାର ସଂଶୟ ଆସେ ନାହିଁ, ସମସ୍ତଙ୍କୁ face କରି (ସମ୍ମୁଖୀନ ହୋଇ) ପାରେ। ସେତେବେଳେ ଯୁକ୍ତିବୁଦ୍ଧି ଠେଲି ବାହାରିବ, ଆତ୍ମସମର୍ଥନ ପାଇଁ ମଣିଷ ଯେପରି ମରିପଡ଼ି ଲାଗେ, ସେହିପରି ଇଷ୍ଟଙ୍କର ସମସ୍ତ କଥା ସମର୍ଥନ ପାଇଁ ସେ ପାଗଳ ହୋଇଉଠେ। ଇଷ୍ଟଙ୍କର କୌଣସି କୌଣସି ଆଚରଣ ତାତ୍ପର୍ଯ୍ୟ ହୁଏତ ସେ ତାର ସୀମିତ ବିଚାର ବୁଦ୍ଧି ଦ୍ୱାରା ହୃଦୟଙ୍ଗମ ନ କରିପାରେ, କିନ୍ତୁ ତା'ର ଏହି ବିଶ୍ୱାସ ଅତୁଟ ଥାଏ ଯେ, ଇଷ୍ଟ ଯାହା କରୁଛନ୍ତି, ତାହା ବ୍ୟଷ୍ଟି ଓ ସମଷ୍ଟିର ସର୍ବୋତ୍ତମ କଲ୍ୟାଣ ପାଇଁ ଏବଂ ଏଇ ବିଶ୍ୱାସହିଁ ତାକୁ ଆବଶ୍ୟକୀୟ ଯୁକ୍ତି ବୁଦ୍ଧି ଯୋଗାଇ ଦେଇଥାଏ। ଏବଂ ଏପରି କୌଣସି ଚିନ୍ତା, କଥା ବା କାର୍ଯ୍ୟକୁ ପ୍ରଶ୍ରୟ ଦେବା ଉଚିତ ନୁହେଁ, ଯାହାକି ପ୍ରତ୍ୟୟକୁ ଶିଥିଳ କରିଦିଏ, ଏପରିକି ଥଟ୍ଟା ପରିହାସରେ ମଧ୍ୟ ନୁହେଁ। ଅସତର୍କ ମୁହୂର୍ତ୍ତରେ ଏହି ସବୁ ଚିନ୍ତା, ଅଭ୍ୟାସ, ବାକ୍ୟ, କାର୍ଯ୍ୟ ଓ ସଙ୍ଗ ଅଜାଣତରେ ମଣିଷର ଅନେକ କ୍ଷତି କରିଥାଏ। କେତେ ଯେ କ୍ଷତି କରେ, ତାହା crisis (ସଂକଟ) ସମୟ ଛଡ଼ା ବୁଝାଯାଏ ନାହିଁ। ଏପରି ହୁଏତ ବେଶ୍ ଅଛି କିନ୍ତୁ ଇଷ୍ଟାନୁସରଣ କ୍ଷେତ୍ରରେ ଯେଉଁଠି ପ୍ରବଳ ବାଧା, ବିପତ୍ତି, ଦୁଃଖ, କଷ୍ଟ, ନିର୍ଯ୍ୟାତନ, ସ୍ୱାର୍ଥତ୍ୟାଗ, ପ୍ରବୃତ୍ତି ବା ଇଚ୍ଛା-ଦମନର ସମ୍ମୁଖୀନ ହେବାକୁ ହୁଏ, ସେଠାରେ ସେ କାବୁ ହୋଇଯାଏ, ପଛେଇଯାଏ। ଭିତରେ 'କିନ୍ତୁ' 'କିନ୍ତୁ' ଭାବ ଥିଲେ ଏଇ ଅବସ୍ଥାରେ ମୁଣ୍ଡ ଉଠାଇ ଇଷ୍ଟଙ୍କ ପାଇଁ ଅଣ୍ଟାଭିଡ଼ି ଛିଡ଼ା ହୋଇପାରେ ନାହିଁ।

ବୀରେନ ଭାଇ (ଭଟ୍ଟାଚାର୍ଯ୍ୟ)—ମଣିଷକୁ ଭଲକରି ବୁଝାଇବା ପରେ, ସେ ହୁଏତ ସଦ୍‌ଗୁରୁ ଗ୍ରହଣର ପ୍ରୟୋଜନୀୟତା ସ୍ୱୀକାର କଲା। କିନ୍ତୁ ପୁଣି ଯଦି କହେ—ଆପଣ ଯେପରି କହିଲେ, ଆଉରି ଅନେକେ ତ ସେହିପରି କହୁଛନ୍ତି, ମୁଁ ଦଶ ଜାଗା ଦେଖି ଶୁଣି ଯାହା ଠିକ୍ ବୋଲି ମନେ କରିବି ତାହା କରିବି।

ଶ୍ରୀଶ୍ରୀଠାକୁର—ତା ମାନେ, ତା'ର right chord (ଠିକ୍ ତାର) ରେ ତୁମେ ହାତ ଦେଇ ନାହଁ। ତାର sentiment (ଭାବାନୁକମ୍ପିତା) କୁ excite (ଉତ୍ତେଜିତ) କରି,

ସଭାର କ୍ଷୁଧାକୁ ଜଗାଇ ଦେଇ ଯଦି ଗୋଟାଏ ଦାଉ ଦାଉ ଅଗ୍ନି ପରି ଟାଣ ସୃଷ୍ଟି କରି ଦେଇ ନ ପାରିଲ,—ଉପର ଠାଉରିଆ ଆଲୋଚନାରେ କିଛି ହୋଇ ପାରିବ ନାହିଁ। ମଣିଷର ଚାହିଦାକୁ ଆବିଷ୍କାର କରି ଗୋଟାଏ ରସାଳ ଧାରାରେ କଥାବାର୍ତ୍ତା କରିବାକୁ ହେବ। ତତ୍ ସଙ୍ଗେ ସଙ୍ଗେ ଥିବ ଅକାଟ୍ୟ ଯୁକ୍ତି ଓ ତଥ୍ୟ, ସେଗୁଡ଼ିକ ସମ୍ବନ୍ଧରେ ପୁଣି ତା'ର ଜଣା ଥିବା ଦରକାର। ସବୁ କଥାର ସୁର ହେବ ଏପରି—ଯେପରି ତା ଭିତର ଦେଇ ସେ ତା'ର ନିଜ ଜୀବନର ଚାହିଦାର ପରିପୂରକ ଆଭାସ ପାଏ, ଏବଂ ତୁମ ନିଜକୁ ଏପରି ଭାବରେ ଗଢ଼ି ତୋଳିବାକୁ ହେବ ଯେପରି ତୁମ ପାଖକୁ ଆସି, ତୁମକୁ ଦେଖି, ତୁମ କଥାବାର୍ତ୍ତା ଶୁଣି ପ୍ରତ୍ୟେକର ଆଁଖି, କାନ, ପ୍ରାଣ, ମନ—ତୃପ୍ତ ଓ ମୁଗ୍ଧ ହୋଇଯାଏ, ତୁମ ସାନ୍ନିଧ୍ୟରେ ସେ ସ୍ୱର୍ଗସୁଖ ଉପଭୋଗ କରେ, ଏପରି ହେଲେ ଯାଇଁ ନିଶା ଜମିଯାଏ। ଉଭୟହିଁ ଉପଭୋଗ କରନ୍ତି। ସେ ଆଗ୍ରହ-ବିଧୁର ହୋଇପଡ଼େ, ତା'ର ଯେପରି ତତ୍‌କ୍ଷଣାତ୍ ନ ହେଲେ ନ ଚଳେ—ଗୋଟାଏ କଠୋର ଆଶା ତାକୁ ପାଗଳ ପରି କରିତୋଳେ। ନିଜେ ଯଦି ତୁମେ ସେଇ pitch (ସ୍ତର)ରେ ଥାଅ, ମଣିଷ ପ୍ରାଣକୁ ତୁମେ ମୁହୂର୍ତ୍ତକରେ ବିଗଳିତ କରି ଦେଇ ପାରିବ।

କଥା କହୁଛନ୍ତି ସେ—ମୁଖମଣ୍ଡଳରୁ ତାଙ୍କର କରୁଣା-ଧାରା ବୃଷ୍ଟି ହେଉଛି। ତନ୍ମୟ ଓ ମସଗୁଲ ହୋଇ ଯାଇଛନ୍ତି ସେ—ମନ ତାଙ୍କର ଭସ-ପ୍ରେମରେ ମତୁଆଲା। ଯାଜନର ଯେଉଁ ନିଖୁଣ ଚିତ୍ର ସେ ଦେଲେ, ତା'ର ପୂର୍ଣ୍ଣ ପ୍ରତିଚ୍ଛବି ଯେପରି ଫୁଟିଉଠିଛି ତାଙ୍କର ମୁଖାରବିନ୍ଦରେ। ସାଧୁଜନ ମାନେ କହନ୍ତି—ହରି କଥାରେ ରୁଚି ମଣିଷର ପରମକଲ୍ୟାଣର ନିଦାନ। ହରିକଥା କହିବାରେ ରୁଚି ତ ଦୂରର କଥା, ହରିକଥା ଶ୍ରବଣରେ ମଣିଷର ରୁଚି ଜନ୍ମିଲାଭଳି ପ୍ରାଣବନ୍ତ ମନୋଲୋଭା ରୁଚିର ଭଙ୍ଗୀରେ ହରିକଥା କହି ପାରନ୍ତି କେତେଜଣ ?—ପାରନ୍ତି ସେଇ ହରି-ଅନୁଶାୟୀ ମୂର୍ତ୍ତ ଶ୍ରୀହରି—ଯିଏ ସର୍ବବନ୍ଧନ ବିମୋଚକ, ଭୂଭାରହାରୀ, ତ୍ରିତାପହାରୀ, ଏବଂ ପାରନ୍ତି ତଦ୍‌ଗତଚିତ୍ତ ଯେଉଁମାନେ।

ପ୍ରଫୁଲ୍ଲ—କୀର୍ତ୍ତନରେ ତ ମଣିଷକୁ ସହଜରେ ଅନୁପ୍ରାଣିତ କରି ଦିଆଯାଏ—ବେଶ୍ ଗୋଟାଏ atmosphere (ବାତାବରଣ) created (ସୃଷ୍ଟି) ହୁଏ।

ଶ୍ରୀଶ୍ରୀଠାକୁର—ତୁମେ ଏକାହିଁ ଗୋଟାଏ atmosphere (ଆବହାଓ୍ୱା)—ଯାହା ସହିତ ମିଶିବ, ସେ ଆର୍ଦ୍ର ହୋଇଯିବେ, bedewed (ନିଷିକ୍ତ) ହୋଇ ଯିବେ। ମଣିଷର ଅଛି ଚାହିଦା, ଅଛି ଟାଣ, ସବୁଗୁଡ଼ିକୁ ସମବାୟ concentration (ଏକାଗ୍ରତା) ଭିତରକୁ ଆଣି ଇଷ୍ଟକୁ ପରିବେଷଣ କରିବ। ରୋଷେଇ ଘରେ ଖାଇବା ଜିନିଷ ପ୍ରଚୁର ଥିଲେ କେବଳ ହେବ ନାହିଁ, ପରିବେଷକ ଦରକାର, ପରିବେଷଣର ତ୍ରୁଟି ଯୋଗୁଁ କେତେ ଲୋକ ପେଟ ପୂରାଇ ଖାଇବାକୁ ପା'ନ୍ତି ନାହିଁ, କେତେ ଅତିରିକ୍ତ ଖାଇ ପେଟ ଖରାପ କରନ୍ତି, କେତେ ସେମାନଙ୍କ ରୁଚି ମାଫିକ ସାମଗ୍ରୀ ଆବଶ୍ୟକାନୁଯାୟୀ ନ ପାଇ ତୃପ୍ତିଲାଭ କରନ୍ତି ନାହିଁ,



ଏବଂ ଖାଦ୍ୟ ସମାଗ୍ରୀ ନଷ୍ଟ ମଧ୍ୟ ହୁଏ। ତୁମର ସବୁ ଯେପରି ଏ ଦଶା ନ ହୁଏ। ପରମପିତା ତୁମକୁ ମାଲ ମସଲା ପ୍ରଚୁର ଦେଇଛନ୍ତି। ସବୁ ରକମ ପ୍ରଶ୍ନ ଓ ସମସ୍ୟାର ସମାଧାନ ତୁମ ପାଖରେ ଅଛି। ଏବେ କେବଳ ସ୍ଥାନ, କାଳ, ପାତ୍ରାନୁଯାୟୀ ମାତ୍ରାମାଫିକ ଯଦି ପରିବେଷଣ କରି ପାର ତାହେଲେ ହେଲା। ତୁମେମାନେ ମଣିଷକୁ ପାଉଛ, ସେମାନେ ସେପରି ତୁମକୁ ପା'ନ୍ତି। ଉଭୟଙ୍କର ମଙ୍ଗଳ ହେବ।

ପ୍ରଶ୍ନ—ମଣିଷର ପ୍ରଧାନ ଚାହିଦା କ'ଣ ?

ଶ୍ରୀଶ୍ରୀଠାକୁର—ଆହାର, ନିଦ୍ରା, ଭୟ, ମୈଥୁନ, ଅହଂ—ଏହି ପାଞ୍ଚଟି ଜିନିଷ ପ୍ରଧାନ, ଏଗୁଡ଼ିକର ପୁଣି ଆଧ୍ୟାତ୍ମିକ, ମାନସିକ, ଶାରୀରିକ, ସାତ୍ତ୍ୱିକ, ରାଜସିକ, ତାମସିକ ଇତ୍ୟାଦି ନାନା ରୂପ ଅଛି। ସବୁଗୁଡ଼ିକ ପ୍ରତ୍ୟେକଙ୍କ ଭିତରେ ଥିଲେ ମଧ୍ୟ, ଏହାର ଏକ ଏକ ଦିଗ ଜଣ ଜଣକ ମଧ୍ୟରେ prominent ଥାଏ। ଧର, ଆହାରର ଇଚ୍ଛା ସମସ୍ତଙ୍କର ଥାଏ, କାହାର ହୁଏତ spiritual food (ଆଧ୍ୟାତ୍ମିକ ଖାଦ୍ୟ)ର ଇଚ୍ଛା ପ୍ରବଳ ଥାଏ, ସେ ସ୍ୱତଃ ନାମ, ଧ୍ୟାନ, ଭଜନ ଓ ଭଗବତ୍‌ଚିନ୍ତାରେ ଅନୁରାଗସମ୍ପନ୍ନ ହୁଏ। ପୁଣି ସାତ୍ତ୍ୱିକ ଆହାର ପ୍ରତି ହୁଏତ ତା'ର ସ୍ୱାଭାବିକ ପ୍ରୀତି ଥାଏ, କାହାର ହୁଏତ ମନର ଖାଦ୍ୟ ପ୍ରତି ଲୋଭ ବେଶି ଥାଏ, ତା'ର ହୁଏତ ଜ୍ଞାନ ଆହରଣର ସ୍ପୃହା ପ୍ରବଳ ହୁଏ, ହୁଏତ ସେ ସାତ୍ତ୍ୱିକ ବା ରାଜସିକ ଆହାର ପସନ୍ଦ କରେ, ପୁଣି କାହାର ହୁଏତ ସ୍ଥୂଳ ଆହାର ପ୍ରତି ଲୋଭ ବେଶି ଥାଏ—ସେ ଖାଇବା ଜିନିଷ ପାଇଲେହିଁ ମହାଖୁସି, ଜ୍ଞାନର ବା ଆନନ୍ଦର ରାଜ୍ୟର ଉନ୍ନତତର ଖାଦ୍ୟର ପ୍ରୟୋଜନୀୟତା ଏତେ ତୀବ୍ରଭାବରେ ସେ ଅନୁଭବ କରେ ନାହିଁ। ପୁଣି ରାଜସିକ ବା ତାମସିକ ଆହାର ହୁଏତ ତା'ର ବେଶି ପ୍ରିୟ ଏବଂ ସେ ହୁଏତ ଖାଦ୍ୟ-ସମସ୍ୟାକୁ ହିଁ ଜୀବନର ସର୍ବୋଚ୍ଚ ସମସ୍ୟା ବୋଲି ମନେକରେ—ଏଇ ସମସ୍ୟା ପୁଣି କାହାର ନିଜ ପେଟ ପାଇଁ, କାହାରି ହୁଏତ ଗୁରୁଜନ ଓ ପ୍ରିୟଜନଙ୍କ ପାଇଁ, କାହାର ହୁଏତ ବୃହତ୍ତର ପାରିପାର୍ଶ୍ୱିକ ପାଇଁ। Spiritual (ଆଧ୍ୟାତ୍ମିକ) ଓ intellectual (ମାନସିକ) hankering (ଆକାଙ୍‌କ୍ଷା) ମଧ୍ୟ ସେହିପରି କାହାରି କାହାରି କେବଳ ନିଜପାଇଁ, କାହାର କାହାର ନିଜ ସଙ୍ଗେ ପ୍ରିୟ ପରିଜନଙ୍କ ପାଇଁ, କାହାର କାହାର ମଧ୍ୟ ବୃହତ୍‌ରୁ ବୃହତ୍ତର ପରିବେଶ ପାଇଁ। ଆହାର, ନିଦ୍ରା, ଭୟ, ମୈଥୁନ, ଅସ୍ମିତା—ଇତ୍ୟାଦିର ପ୍ରତ୍ୟେକଟି ପ୍ରତ୍ୟେକଟି କ୍ଷେତ୍ରରେ ବ୍ୟକ୍ତିଭେଦରେ ଏଇପରି ବିଭିନ୍ନ ରୂପ ନିଏ ଏବଂ ତା ମଧ୍ୟରେ ଥାଏ ଗୋଟାଏ guiding ବା goading complex (ପରିଚାଳକ ପ୍ରବୃତ୍ତି)। ତଦନୁପାତିକ କଥା କହିଲେହିଁ ହୁଏ, ତାହେଲେ ଦେଖିବ ଯେ ଆଉ ତୁମକୁ ଛାଡୁନାହିଁ। ଥରେ ରସ ଚଖାଇ ଦେଇ ପାରିଲେ, ତୁମେ ତାକୁ ତଡ଼ି ଦେବାକୁ ଚାହିଁଲେ ମଧ୍ୟ ସେ ଯିବ ନାହିଁ। ମୋଟ କଥା ମଣିଷ ନିଜେ କହିଦିଏ ତୁମକୁ କ'ଣ କହିବାକୁ ହେବ, ଟିକିଏ watch (ନଜର) କଲେହିଁ ଏହାର ଟେର ପାଇଯିବ।

କାଲୁଭାଇ (ଆଇଚ) କିଛି ପରିବା ନେଇ ଆସିଥିବାରୁ ଶ୍ରୀଶ୍ରୀଠାକୁର ଉଲ୍ଲାସର ସହିତ କହି ଉଠିଲେ—ବଢ଼ିଆ ଜିନିଷ ଆଣିଛୁ ତ ! ଯା, ବଡ଼ବୌର (ଶ୍ରୀଶ୍ରୀବଡ଼ମା) ପାଖରେ ଦେଇ ଆସିବୁ—ଏହା କହି ତମାଖୁରେ ଟାଣ ଦେଲେ।

ଶରତ ଭାଇ ଆଲୋଚନା-ପ୍ରସଙ୍ଗରେ ପଚାରିଲେ—ମଣିଷ ନିଜର ମନର କଥା ନ କହି ନାନା ମତଲବରେ ନାନା ପ୍ରକାର କଥା କହିଲେ, ତା ଭିତରୁ ତାର ଚାହିଦାକୁ କିପରି ବୁଝିବାକୁ ହେବ ?

ଶ୍ରୀଶ୍ରୀଠାକୁର—ତା'ରି ଭିତରୁ ବୁଝାଯିବ। ମଣିଷ ଯେତେ କଥାହିଁ କହୁନା କାହିଁକି, ଯେଉଁଆଡ଼େ ତା'ର inclination (ଝୁଙ୍କ) ଥାଏ ବୁଲି-ବୁଲି ସେଇଠାକୁ ଆସିବାକୁ ଚାହୁଁଥାଏ। ଯୁଦ୍ଧର ବିଷୟ ଆଲୋଚନା କରିବାକୁ ଯାଇ ହୁଏତ କହିବ, ରୁଷିଆର ନାରୀମାନେ କିପରି ଯୁଦ୍ଧ କରୁଛନ୍ତି, ପୁରୁଷ ପାଖରେ ଛିଡ଼ା ହୋଇ ଦେଶପାଇଁ ପ୍ରାଣ ଦେଉଛନ୍ତି, ଆମ ଦେଶରେ କ'ଣ ତାହା ହବାର ଜୁ ଅଛି ?—ଆମର ଯେଉଁ ସମାଜ-ବ୍ୟବସ୍ଥା ନା ! ଏଇ ଚାଲିଲା—। ତେଣୁ ଟିକିଏ ନଜର କଲେ ବୁଝାଯିବ। ଜଣକର guiding complex (ପରିଚାଳକ-ପ୍ରବୃତ୍ତି) ତୁମର ମନୋଗତ ନ ହେଲେ ମଧ୍ୟ, ତାକୁ ନିରୁତ୍ସାହ କରିବା କଥା ନୁହେଁ—ଉକ୍ତ complex (ପ୍ରବୃତ୍ତି) କୁ ସାର୍ଥକ ଭାବରେ ପ୍ରୟୋଗ କରି ସେ କିପରି ଜୀବନରେ ଧନ୍ୟ ହୋଇ ଉଠିବ, ତାହାହିଁ ତାକୁ ଦେଖାଇ ଦେବାକୁ ହୁଏ। ମୋଟକଥା ଯାହାର ଯେଉଁ ପ୍ରବୃତ୍ତି ଥାଉନା କାହିଁକି—ତାହା ଯଦି ଇଷ୍ଟସ୍ୱାର୍ଥ ପ୍ରତିଷ୍ଠାରେ ନିଯୁକ୍ତ ହୁଏ, ତଦ୍ୱାରା ସେ ଅନେକ ବଡ଼ ହୋଇଯାଏ, ତା'ର ଏହି ପ୍ରବୃତ୍ତି ଲୋକ-କଲ୍ୟାଣକର ହୋଇଉଠେ। ଧର, ଜଣକର ହିଂସ୍ର ପ୍ରବୃତ୍ତି ଅଛି—ସେ ହିଂସୁକ ପ୍ରକୃତିର ; ଅସତ୍, ଅନ୍ୟାୟ ଓ ପାପ ଯାହା, ତା ବିରୁଦ୍ଧରେ ତା'ର ଏହି ଭାବ ଯଦି ପ୍ରଯୁକ୍ତ ହୁଏ, ତହିଁରେ ତା'ର ମଙ୍ଗଳ ଓ ଅନ୍ୟର ମଧ୍ୟ ମଙ୍ଗଳ। ସତ୍ କାହାକୁ ଭଲ ନପାଇଲେ ଏହି ମୋଡ଼ ଫେରାଇବା ସମ୍ଭବ ହୁଏ ନାହିଁ। ତେଣୁ ମଣିଷକୁ ଇଷ୍ଟଯୁକ୍ତ କରିବା ଓ ଇଷ୍ଟସ୍ୱାର୍ଥପ୍ରତିଷ୍ଠାପନ୍ନ କରିବା କଥା ଏତେ କରି କହେ।

ଯାହା ଶୁଣିଛି ସେଥିରୁ ମନେହୁଏ, ଶିବାଜୀଙ୍କର ଦୁର୍ଦ୍ଧର୍ଷ ପ୍ରକୃତି ଥିଲା। ଏହି ପ୍ରକୃତିକୁ ଯଦି ନିଜର ସ୍ୱାର୍ଥସିଦ୍ଧିରେ ଲଗାଇଥାନ୍ତେ, ତାହେଲେ ସେ ମଣିଷର ସ୍ୱାର୍ଥ ଓ ସୁଖସ୍ୱାଚ୍ଛନ୍ଦ୍ୟକୁ ବ୍ୟାହତ କରି ପାରିଥାନ୍ତେ, କିନ୍ତୁ ଗଠନମୂଳକ କିଛି କରି ପାରି ନଥାନ୍ତେ। କିନ୍ତୁ ରାମଦାସଙ୍କୁ ଭଲପାଇବା ଯୋଗୁଁହିଁ ଏତେ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ମରାଠା ସାମ୍ରାଜ୍ୟ ପରି ଏତେ ବଡ଼ ଗୋଟାଏ ଆଦର୍ଶ ରାଷ୍ଟ୍ର ପ୍ରତିଷ୍ଠା କରିବା ତାଙ୍କ ପକ୍ଷେ ସମ୍ଭବ ହେଲା। ତେଣୁ ଇଷ୍ଟସ୍ୱାର୍ଥପ୍ରତିଷ୍ଠାର ସହାୟକ କରି କାମରେ ଲଗାଇ ପାରିଲେ କିଛି ଉପେକ୍ଷା କରାଯାଇପାରେ ନାହିଁ।

ଗୋଟିଏ କୁକୁରକୁ ଦେଖି ଶ୍ରୀଶ୍ରୀଠାକୁର କହିଲେ—ହେ କାଳିଦାସୀ ! ତା ପେଟଟା



ଖାଲି ହୋଇ ଗଲାଣି, ତାକୁ କିଛି ଖାଇବାକୁ ଦେ।

କାଳିଦାସୀମା କୁକୁରଟିକୁ ଗୋଟାଏ ପାଖକୁ ଡାକି ନେଇ ମୁଢ଼ିଟାଏ ଖାଇବାକୁ ଦେଲେ।

ଶୈଳେନ ଭାଇ (ଭଟ୍ଟାଚାର୍ଯ୍ୟ)—ବେଶ୍ ସୁଖ ସ୍ୱାଚ୍ଛନ୍ଦ୍ୟରେ ଯେଉଁମାନେ ଅଛନ୍ତି, ସେମାନେ ଅନେକ ସମୟରେ ଇଷ୍ଟଙ୍କର ପ୍ରୟୋଜନୀୟତା ଅନୁଭବ କରନ୍ତି ନାହିଁ। ସେ କ୍ଷେତ୍ରରେ କ'ଣ କରିବାକୁ ହେବ ?

ଶ୍ରୀଶ୍ରୀଠାକୁର—ହୃଦୟ ଭିତରେ ମଣିଷର ଗୋଟାଏ ଖାଲି-ଖାଲି ଶୂନ୍ୟ-ଶୂନ୍ୟ ଭାବ ଥାଏ, ତାହାକୁହିଁ ସ୍ପର୍ଶ କରିବାକୁ ହୁଏ। Will to live and grow (ବଞ୍ଚିବା-ବଢ଼ିବାର ଇଚ୍ଛା) ସମସ୍ତଙ୍କର ଅଛି, ଯାହାର ଉସପ୍ରାଣତା ଯେତେ ତୀବ୍ର, ତା'ର activity (କର୍ମ) ଓ adjustment (ନିୟନ୍ତ୍ରଣ) ସେତେ ଗଭୀର ଓ ବ୍ୟାପକ, ସେ ହୁଏ great man (ମହାନ୍ ପୁରୁଷ) ! ଏଇ କ୍ରମବିକାଶର କ୍ଷୁଧା ମଣିଷର ତ ଅଛି। ଏହି କ୍ଷୁଧାର ପରିପୂରଣ ପାଇଁ ଦରକାର ହୁଏ ବୈଶିଷ୍ଟ୍ୟପାଳୀ ଆପୂରୟମାଣ ଜୀବନ୍ତ ଇଷ୍ଟ ବା ଆଦର୍ଶଙ୍କଠାରେ ଶରଣାଗତି। ଏହି ବୋଧଟା ସେମାନଙ୍କ ଭିତରେ ସଞ୍ଚାରିତ କରି ଦେବାକୁ ହୁଏ। ଏବଂ ଯେଉଁମାନଙ୍କର ସେ କ୍ଷୁଧା ନାହିଁ ସେମାନଙ୍କ ଭିତରେ କୌଶଳ କ୍ରମେ ଉକ୍ତ କ୍ଷୁଧା ସୁକୌଶଳରେ ସୃଷ୍ଟି କରିବାକୁ ହୁଏ। ଯେଉଁ basis (ଭିତ୍ତି) ଉପରେ ଠିଆହୋଇ ସେମାନେ ସୁଖସ୍ୱାଚ୍ଛନ୍ଦ୍ୟରେ ଅଛନ୍ତି, ସେ basis (ଭିତ୍ତି) ଟାକୁ ମଜଭୁତ କରିବାକୁ ହେଲେ, ଯୋଗ୍ୟତା, ଆତ୍ମନିୟନ୍ତ୍ରଣ ପ୍ରୟୋଜନ ତାହା ସେମାନଙ୍କୁ ବୁଝାଇ ଦେବାକୁ ହୁଏ। ଗୋଟାଏ ବିଶେଷ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ମଣିଷର ସମସ୍ତ ବିଷୟ-ଆଶୟ ନଷ୍ଟ ହୋଇ ଯାଇପାରେ, ବ୍ୟବସାୟ-ବାଣିଜ୍ୟ କ୍ଷତିଗ୍ରସ୍ତ ହୋଇ ଯାଇପାରେ, ଏହିପରି ଦୁର୍ଘଟଣା କେତେ ବ୍ୟକ୍ତି, ପରିବାର ଓ ଜାତିର ଜୀବନରେ ଘଟିଛି। କିନ୍ତୁ ସବୁ ବିପର୍ଯ୍ୟୟ ସତ୍ତ୍ୱେ କାଳ ବକ୍ଷରେ ଜୟଯୁକ୍ତ ହୁଅନ୍ତି ସେମାନେ, ଯେଉଁମାନେ ସୁକେନ୍ଦ୍ରିକ, ସୁନିୟନ୍ତ୍ରିତ, ସୁଯୋଗ୍ୟ ଓ ସୁସଂହତ। ଏଇ କଥାଟା ଅନୁଭବ ଭିତରେ ଆଣିଦେବାକୁ ହୁଏ। ମଣିଷ ଏକକ ଭାବରେ ଭଲ ରହିପାରେ ନାହିଁ, ଭଲ ରହିବାପାଇଁ ପରିବେଶକୁ ମଧ୍ୟ ଭଲ ରଖିବାକୁ ହୁଏ ଏବଂ ପରିବେଶର ଭଲ କରିବାକୁ ଗଲେ, ସେମାନଙ୍କର ଯୋଗ୍ୟତା ବଢ଼ାଇବାକୁ ହେଲେ ତାଙ୍କ ମଧ୍ୟରେ ଧର୍ମଦାନ ପ୍ରୟୋଜନ ଏବଂ ଏଇ ଧର୍ମର ମୂଳସ୍ତମ୍ଭ ଯେ ଇଷ୍ଟପ୍ରାଣତା, ଏବଂ ଅନ୍ୟକୁ ଇଷ୍ଟପ୍ରାଣ କରି ତୋଳିବାକୁ ଗଲେ ପ୍ରଥମେ ନିଜକୁ ଇଷ୍ଟପ୍ରାଣ ହେବାକୁ ହୁଏ,—ଏଇ ଦିଗରୁ ବୁଝାଇବାକୁ ଚେଷ୍ଟା କରି ପାର। ମଣିଷର ସୁଖ-ସ୍ୱାଚ୍ଛନ୍ଦ୍ୟର ସମସ୍ତ ଉପକରଣ ଥିବା ସତ୍ତ୍ୱେ ମଧ୍ୟ ପ୍ରବୃତ୍ତି-ବଶତା ଯେ କେତେ ପରିମଣରେ ଅସ୍ୱସ୍ତି, ଅଶାନ୍ତି, ଓ ଜ୍ୱାଳା-ଯନ୍ତ୍ରଣାମୟ ବିପାକ ସୃଷ୍ଟି କରିପାରେ ଏଗୁଡ଼ିକର ଜୀବନ୍ତ ଓ ଜ୍ୱଳନ୍ତ ଚିତ୍ର ତା ସାମନାରେ ଆଙ୍କିଦେଇ ପାର। ଏବଂ ଏକମାତ୍ର ଇଷ୍ଟାନୁଗତ୍ୟ ମାଧ୍ୟମରେ ଏଥିରୁ ନିଷ୍କୃତି ମିଳିପାରେ, ତାହା factfully

(ତଥ୍ୟପୂର୍ଣ୍ଣଭାବରେ) discuss (ଆଲୋଚନା) କରିପାର। ଯେତେକଥା ଯାହା ସହିତ ଆଲୋଚନା କରନା କାହିଁକି, ତା'ର ଅନ୍ତରତମ ଚାହିଦା, ଯାହା ତା'ର ପରିଚାଳକ ପ୍ରବୃତ୍ତି, ସେଥିପ୍ରତି ନଜର ରଖି କଥା କହିବ। ତତ୍ ସଙ୍ଗେ ସଙ୍ଗେ ଉଚ୍ଚତର, ସାର୍ଥକତାର ଜୀବନ ପ୍ରତି, ବିବର୍ଦ୍ଧନ ପ୍ରତି ଲୋଭ ଜନ୍ମାଇଁ ଦେବାକୁ ହୁଏ, ଯେପରି ସେ ସେଥିପ୍ରତି ଅନିବାର୍ଯ୍ୟ ଆକର୍ଷଣ ଅନୁଭବ କରେ। ଇଷ୍ଟପ୍ରତି ଆମର ଆକର୍ଷଣ ଯେତେ ସଭାଗତ ହୁଏ, ଏଇ ଆକର୍ଷଣ ଯେତେ ଆମର, ଚଳନ-ଚରିତ୍ରର ନିୟାମକ ହୁଏ, ଆମେ ଇଷ୍ଟଙ୍କଠାରେ ଯେତେ ସକ୍ରିୟ ଭାବରେ ମୁଗ୍ଧ ଓ ବୁଦ୍ଧ ହୋଇ, ନିରବଚ୍ଛିନ୍ନ ଭାବରେ ଚଳୁ, ସେତେହିଁ ଆମର ସ୍ପର୍ଶରେ ମଣିଷର ଅନ୍ତର୍ନିହିତ ସ୍ୱଚ୍ଛ ଓ ନିର୍ମଳ ବୁଦ୍ଧି ଫୁଟିଉଠେ ଏବଂ ସେହି ବୁଦ୍ଧି ବଳରେ ସେ ସବୁ ବୁଝିପାରେ ଅପେକ୍ଷାକୃତ ଶୀଘ୍ର ଓ ସହଜ ଭାବରେ। ତୁମ ଚରିତ୍ର ଓ ବ୍ୟକ୍ତିତ୍ୱର ସେଇ radiation (ବିକିରଣ) ଯଦି ନଥାଏ, ତେବେ ଲକ୍ଷ ଲକ୍ଷ କଥା କହି ତୁମେ ମଣିଷର ମନକୁ କିଣି ପାରିବ ନାହିଁ।

ପ୍ରଶ୍ନ—ଶ୍ରେଷ୍ଠ ପ୍ରତି ସକ୍ରିୟ ଆନୁଗତ୍ୟ ଯାହାର ନାହିଁ, ତା'ର ଯେ ଅବନତି ହେଉଛି, ତା ତ ସେ ସଙ୍ଗେ ସଙ୍ଗେ ବୁଝିପାରେ ନାହିଁ, ଯେତେବେଳେ ଧକ୍କା ଖାଏ ସେତେବେଳେ କହିଲେ ହୁଏତ ଖିଆଲ ହୁଏ, ସେପରି ଅବସ୍ଥା ଆସୁ ଆସୁ ତ ସମୟ ଚାଲିଯାଏ। ଶ୍ରେଷ୍ଠ ପ୍ରତି ଆନୁଗତ୍ୟ ନଥାଇ ମଧ୍ୟ ତ ମଣିଷ ବହୁଦିନ ମୋଟାମୋଟି ବଞ୍ଚି ରହିପାରେ ?

ଶ୍ରୀଶ୍ରୀଠାକୁର—ଫଳ ହାତେ ହାତେ ପାଏ। କିନ୍ତୁ ସାଧାରଣତଃ ମଣିଷ ଯେଉଁଠି ଝୁଲିଥାଏ, ଅର୍ଥାତ୍ ଯାହା ଉପରେ ଟାଣ ଥାଏ, ତା'ର ହୁଏତ ଉନ୍ନତ ଟାଣ କିଛି ଥାଏ, ସେ ତା'ରି ଟାଣର ବଳରେ ଯୁକ୍ତ ଥାଏ ବୋଲି ବଞ୍ଚିଥାଏ। ତୁଳସୀଦାସ ତ ସ୍ତ୍ରୀ-ପାଗଳା ଥିଲେ, ସେଇ ସ୍ତ୍ରୀ କଥାରେ ପୁଣି ରାମଭକ୍ତ ହୋଇ ଉଠିଲେ। ଏଇ ପ୍ରକାର transference (ପରିବର୍ତ୍ତନ) ମଧ୍ୟ ହୁଏ। ମୋଟକଥା, ମଣିଷ ଯଦି ପ୍ରତିଲୋମଦୁଷ୍ଟ, କୃତଘ୍ନ ଓ distorted (ବିକୃତ) ନ ହୁଏ ତେବେ ତା'ର ପଥ ସବୁବେଳେ ପ୍ରଶସ୍ତ। ଯେ କୌଣସି obsession (ଅଭିଭୂତି) ମଣିଷର ହେଉନା କାହିଁକି, ତାକୁ ଅତିକ୍ରମ କରି ଶ୍ରେୟପନ୍ଥୀ ହେବା ତା ପକ୍ଷେ କଷ୍ଟକର କିଛି ନୁହଁ, ବଞ୍ଚିବା-ବଢ଼ିବାର ତାଡ଼ନାରେ ସେ ତାହା କରିଥାଏ। ତେଣୁ ନିଜର ଇଷ୍ଟାନୁଗ ଭାସ୍ୱର ଚରିତ୍ରର ପ୍ରଭାବ, ମଣିଷର obsession (ଅଭିଭୂତି) କୁ ଶିଥିଳ କରିଦିଏ, ତା'ର ବଞ୍ଚିବା-ବଢ଼ିବାର will (ଇଚ୍ଛା) କୁ keen (ତୀବ୍ର) କରି ତୋଳିବାହିଁ ଯାଜନର ପ୍ରଧାନ କାମ। ଉପଯୁକ୍ତ ଯାଜକ ପାଇଲେ, ଦୁନିଆରେ ପାପତାପ ଅନେକ ହ୍ରାସ କରି ଦିଆଯାଇ ପାରେ। ଯାଜନମୟ ହୋଇ ରହିଲେ ମଣିଷର ଅନ୍ତର୍ନିହିତ ଦେବଭାବକୁ ଅନେକ ପରିମାଣରେ ଜାଗ୍ରତ କରି ଦିଆଯାଇ ପାରେ। କିନ୍ତୁ ପ୍ରତିଲୋମଜାତକ ଯେଉଁମାନେ, କୃତଘ୍ନ ଯେଉଁମାନେ, distorted (ବିକୃତ) ଯେଉଁମାନେ, ଯାଜନ ସେମାନଙ୍କ ଅନ୍ତରକୁ ଖୁବ୍ କମ ସ୍ପର୍ଶ କରିପାରେ, ଦେହ-ମନର ଯେଉଁ ରାସ୍ତା ଦେଇ ଏହା ପହଞ୍ଚିବ, ସେ ରାସ୍ତା



ଅନେକ ସ୍ଥାନରେ ମଝିରୁ କଟି ଯାଇଥାଏ, ଅନେକ ସ୍ଥାନରେ କଣ୍ଟାଝୁଣ୍ଟା ପଡ଼ିଥାଏ, ଅନେକ ପ୍ରକାର ବିପରୀତ ସମାବେଶ ହୋଇଥାଏ। ସେମାନଙ୍କ ପାଇଁ କିଛି କରିବାକୁ ଗଲେ, ସେମାନଙ୍କ ପିଛା ଅନେକ ଖଟଣି ଦରକାର, ଖଟିଲେ ମଧ୍ୟ ସ୍ଥାୟୀଫଳ କିଛି ହୁଏ କି ନାହିଁ ତାହା କହିବା କଷ୍ଟକର। Distorted (ବିକୃତ) ଯେଉଁମାନେ, ସେମାନଙ୍କର ସଂଶୋଧନ ବରଂ ସମ୍ଭବ କିନ୍ତୁ ପ୍ରତିଲୋମଜ ଓ ବିଶ୍ୱାସଘାତକର ସଂଶୋଧନ ପ୍ରାୟ ଅସମ୍ଭବ। ବିଶ୍ୱାସଘାତକତା ପୁଣି ପ୍ରତିଲୋମଜ-ସଂଶ୍ରବ ସଙ୍ଗେ ଜଡ଼ିତ, ସୁତରାଂ ପ୍ରତିଲୋମଜଜାତକ ଯେଉଁମାନେ ଦୁନିଆରେ, ସେମାନଙ୍କର ପ୍ରତିଲୋମଜ ଦୋଷ ସଂଶୋଧନର କୌଣସି ଉପାୟ ଯଦି ବାହାରେ, ତେବେ ବିଶ୍ୱାସଘାତକତାକୁ ମଧ୍ୟ ଦୁନିଆରୁ ହୁଏତ ନିଶ୍ଚିହ୍ନ କରିବା ସମ୍ଭବ ହୋଇପାରେ। ଏହାର ସମାଧାନ ଶାସ୍ତ୍ରରେ ଅଛି ଲେଖା ନାହିଁ। ତେବେ ମୋର ମନେହୁଏ ପ୍ରତିଲୋମଜାତ କନ୍ୟାକୁ ବଂଶପରମ୍ପରା କ୍ରମେ ଉଚ୍ଚ ଘରେ ବିବାହ ଦେଇ ଉନ୍ନତତର ବୀଜ-ପ୍ରଭାବରେ ସେମାନଙ୍କର ସନ୍ତାନ-ସନ୍ତତିକୁ ବହୁ ପୁରୁଷଧରି କ୍ରମଶଃ ଦୋଷମୁକ୍ତ କରି ତୋଳାଯାଇ ପାରେ।

ଭୂଦେବ ଭାଇ (ମୁଖୋପାଧ୍ୟାୟ)—ଭଗବାନ କାହିଁକି ମଣିଷକୁ ତାଙ୍କଆଡ଼େ ଟାଣି ରଖୁ ନାହାନ୍ତି।

ଶ୍ରୀଶ୍ରୀଠାକୁର—ସେ ତ ଜାବୁଡ଼ି ଧରିଛନ୍ତି ନ ହେଲେ ମଣିଷ ବଞ୍ଚିଛି କିପରି ? ତା'ର ପ୍ରାଣ ଶକ୍ତି ସେ ପାଇଲା କେଉଁଠୁ ? କାହା ବଳରେ ସେ ଚାଲୁଛି, ବୁଲୁଛି, କରାମତି ଦେଖାଉଛି ? ଏପରି କି, ସେ ଯେ ଖିଆଲ ଖୁସିରେ ଚଳୁଛି ତା ମଧ୍ୟ ସମ୍ଭବ ହୁଅନ୍ତା ନାହିଁ ଯଦି ପରମପିତା ତା ମଧ୍ୟରେ ଜୀବନ-ସ୍ୱରୂପ ହୋଇ ନ ଥାନ୍ତେ। କିନ୍ତୁ ପରମପିତାହିଁ ଯେ ମଣିଷର ଅସ୍ତିତ୍ୱର ଉପାଦାନ, ସେହିଁ ତା'ର ସବୁକିଛି, ତାହା ସେ ଉପଲବ୍ଧି କରି ପାରେ ନାହିଁ—ଯେତେ ଦିନ ପର୍ଯ୍ୟନ୍ତ ସେ ତା ନିଜ ତରଫରୁ ତାଙ୍କୁ ବରଣ ନ କରିଛି। ଏଇଥିପାଇଁ ରାମକୃଷ୍ଣଦେବ କହିଛନ୍ତି—କୃପାର ବତାସ ତ ବହୁଛି, ତୁ ପାଲ ତୋଳି ଦେ ନା। ବିଦେହ ପରମପିତାଙ୍କୁ ମଣିଷ ଧରି ପାରେ ନାହିଁ, ତେଣୁ ସେ ବାରମ୍ବାର ନର-ବିଗ୍ରହରେ ଆସନ୍ତି।

ଶ୍ରୀଶ୍ରୀଠାକୁର କଥା କହୁଛନ୍ତି, ଏବଂ ମଝିରେ ମଝିରେ ତମାଖୁ ମାଗି ଖାଉଛନ୍ତି। ହରିପଦ ଭାଇ ତମାଖୁ ସଜାଇ ଦେଉଛନ୍ତି। ତମାଖୁ ଖାଇ ପୁଣି ଗାମୁଛାରେ ମୁହଁ ପୋଛୁଛନ୍ତି। ଧୀରେ ଧୀରେ ସୂର୍ଯ୍ୟୋଦୟ ହେଲା, ଅନ୍ଧକାର ଭେଦ କରି ଉଦ୍ଭିନ୍ନ ହୋଇ ଉଠିଲା ଆଲୋକ, ଦୂର ବନାନୀର ଅସ୍ପଷ୍ଟ କାଳିମା ବର୍ଣ୍ଣାଢ୍ୟ ହୋଇ ଉଠିଲା। ତାଙ୍କର ପ୍ରତ୍ୟେକଟି ଜିନିଷ ଲକ୍ଷଣୀୟ—ଖାଇବା, ପିନ୍ଧିବା, ଶୋଇବା, ବସିବା, ଚାଲିବା, କାର୍ଯ୍ୟକର୍ମ, ଆଳାପ, ବ୍ୟବହାର—ଯାବତୀୟ ଯାହାକିଛି। ମଶାରିଟା କିପରି ନିଖୁଣ ଭାବରେ ଟଙ୍ଗା, ଚାରିପାଖ ଟଣାଟଣି ହେଉଛି, କେଉଁଠି ଟିକିଏ ଲୋଚା-କୋଚା ହୋଇ ନାହିଁ, ବିଛଣାଟା

ପରିଷ୍କାର-ପରିଚ୍ଛନ୍ନ, ବଗ ପର ପରି ଧଳା ପରିଷ୍କାର, ବସିବାର ଭଙ୍ଗୀଟି ବି ଅନବଦ୍ୟ ଅପୂର୍ବ ; ତାଙ୍କର ସବୁ କିଛି ଭିତରେ ଗୋଟିଏ ତ୍ରୁଟିହୀନ ସୁଷମ ସୌନ୍ଦର୍ଯ୍ୟ—ପ୍ରକୃତି ପରି ତାହା ସହଜ, ଅନାଡ଼ମ୍ବର, ସୁସମଞ୍ଜସ, ସୁଠାମ ଓ ମନୋରମ।

କ୍ରମେ ଭାଇମାନଙ୍କ ମଧ୍ୟରୁ ଆହୁରି ଅନେକେ ଆସିଲେ। ମାନଦାମା, ଦୁଲାଳୀମା, କାଳିଷଷ୍ଠୀମା ଏବଂ ଅନ୍ୟାନ୍ୟ-ମା'ମାନେ ମଧ୍ୟ ଆସିଲେ।

ବିଶ୍ୱରୂପ ଓ ବିଷ୍ଣୁରୂପ ସମ୍ବନ୍ଧରେ କଥା ଉଠିଲା।

ଶ୍ରୀଶ୍ରୀଠାକୁର—ବିଶ୍ୱରୂପରେ ଅଛି ବହୁ ଯେ ଏକ। ଏଇ ବୋଧ ଏବଂ ବିଷ୍ଣୁରୂପରେ ଅଛି—ଏକ ଯେ ବହୁ, ଏଇ ବୋଧ। ବିଶ୍ୱ ଆସିଛି ବିଶ୍ ଧାତୁରୁ। ବିଶ୍-ଧାତୁର ଅର୍ଥ ପ୍ରବେଶ। ବିଶ୍ୱରୂପ ମାନେ ସେଇ ରୂପ ଯେଉଁଠି ଯାବତୀୟ ରୂପ ଅନୁପ୍ରବିଷ୍ଟ ହୋଇ ସଂହତ ହୋଇ ରହିଛି। ଏବଂ ବିଷ୍ଣୁମାନେ ସେ, ଯେ ସର୍ବ ଓ ପ୍ରତ୍ୟେକଙ୍କ ଭିତରେ ବିଶେଷ ଭାବରେ ପରିବ୍ୟାପ୍ତ।

ଏହାପରେ ଶ୍ରୀଶ୍ରୀଠାକୁର ପ୍ରାତଃକୃତ୍ୟାଦି ପାଇଁ ଉଠି ପଡ଼ିଲେ।

SATSANG PUBLISHING HOUSE
SATSANG